*Approved by Text Book Committee, Orissa.*

# ଭାରତ ଇତିହାସ

ଶ୍ରୀ ଶିବପ୍ରସାଦ ଦାଶ, ଏମ୍. ଏଡ୍.

୧।୯।୩୯ ତାରଖ ଗେଜେଟ୍‌ରେ ଓଡ଼ିଶା ଶିକ୍ଷାବିଭାଗୀୟ ଡିରେକ୍ଟର
ମହୋଦୟଙ୍କ ୨୧।୧୧।୩୯ ତାରିଖର ୫ ନମ୍ବର ନୋଟିଫିକେସନ୍‌ରେ
ପାଠ୍ୟପୁସ୍ତକରୂପେ ଅନୁମୋଦିତ

# ଭାରତ ଇତିହାସ

(ଷଷ୍ଠ ଓ ସପ୍ତମ ଶ୍ରେଣୀ ନିମନ୍ତେ)


ଲେଖକ

**ଶ୍ରୀ ଶିବପ୍ରସାଦ ଦାଶ, ଏମ୍. ଏଡ୍.**

ହେଡ୍ ମାଷ୍ଟର ବାଲେଶ୍ୱର ଏକାଡେମୀ ଟ୍ରେନିଂ ସ୍କୁଲ



ନବମ ମୁଦ୍ରଣ

୧ [illegible]

[illegible]

**ପଣ୍ଡିତ ଶ୍ରୀ ଆକୁଳ ମିଶ୍ର କାବ୍ୟତୀର୍ଥ**

କଟକ ପ୍ରେଣ୍ଟିଂ କମ୍ପାନୀ

କଟକ

ମୂଲ୍ୟ ବାର ଅଣା ମାତ୍ର — ମୂଲ୍ୟ ଠ ୦ ୯ ମାତ୍ର

# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| ୧ । ଭାରତବର୍ଷର ଐତିହାସିକ ପରିସ୍ଥିତି | ୧ |
| ୨ । ଭାରତବର୍ଷର ଆଦିମ ଅଧିବାସୀ ଦ୍ରାବିଡ଼ ଜାତି ଓ ସିନ୍ଧୁ ସଭ୍ୟତା | ୮ |
| ୩ । ଆର୍ଯ୍ୟ ଜାତି ବସତି ସ୍ଥାପନ, ଧର୍ମ, ସମାଜ ଓ ସଭ୍ୟତା, ଜାତିବିଭାଗ ଓ ଶାସନପ୍ରଣାଳୀ | ୧୪ |
| ୪ । ରାମାୟଣ ଓ ମହାଭାରତ | ୨୩ |
| ୫ । ମହାବୀର ଜିନ ଓ ଜୈନଧର୍ମ | ୩୨ |
| ୬ । ଗୌତମ ବୁଦ୍ଧ ଓ ବୌଦ୍ଧଧର୍ମ, ବୌଦ୍ଧଧର୍ମର ଶିକ୍ଷା ଓ ପ୍ରଭାବ, ଜୈନ ଓ ବୌଦ୍ଧଧର୍ମର ତୁଳନା | ୩୪ |
| ୭ । ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀଠାରୁ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ଅବସ୍ଥା - ପ୍ରାଚୀନ ରାଜବଂଶ— ଶିଶୁନାଗବଂଶ ଓ ନନ୍ଦବଂଶ | ୩୯ |
| ୮ । ମହାବୀର ଅଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ | ୪୫ |
| ୯ । ମୌର୍ଯ୍ୟବଂଶ – ଚନ୍ଦ୍ରଗୁପ୍ତ | ୪୬ |
| ମେଗାସ୍ଥିନିସଙ୍କ ଭାରତ ବିବରଣ | ୫୨ |
| ପ୍ରିୟଦର୍ଶୀ ରାଜା ଅଶୋକ, ଅଶୋକଙ୍କ କାର୍ଯ୍ୟ | ୫୦ |
| ୧୦ । ଅଶୋକଙ୍କ ପରବର୍ତ୍ତୀ ଭାରତ, ସୁଙ୍ଗ-କାଣ୍ୱ-ଚୈତ୍ରବଂଶ, ଖାରବେଳ ଅନ୍ଧ୍ରବଂଶ — ଗ୍ରୀକ୍, ଶକ ଓ କୁଶାଣ ବଂଶ—କନିଷ୍କ | ୬୨ |
| ୧୧ । ନବୀନ ହିନ୍ଦୁ ରାଜବଂଶ, ଗୁପ୍ତବଂଶ—ଫାହିୟାନ୍ ମାଳବ ରାଜବଂଶ—ଯଶୋଧର୍ମ ଦେବ | ୬୮ |
| ୧୨ । ହର୍ଷବର୍ଦ୍ଧନ—ହୁଏନ୍‌ସାଂ | ୭୬ |

ବିଷୟ ପୃଷ୍ଠା


୧୩ । ହର୍ଷବର୍ଦ୍ଧନଙ୍କ ପରେ ଭାରତର ଅବସ୍ଥା, ରାଜପୁତ ଜାତି,
ଗୁର୍ଜର ପ୍ରତିହାର, ଦକ୍ଷିଣ ଭାରତ, ଭାରତର
ସାମାଜିକ ଅବସ୍ଥା—ଧର୍ମପ୍ରଚାରକ ୮୫
୧୪ । ଇସଲାମ ଧର୍ମ—ଭାରତର ପ୍ରଥମ ମୁସଲମାନ ଆକ୍ରମଣ —
ସବକ୍ତଗିନ ଓ ସୁଲତାନ ମାମୁଦ ୯୬
୧୫ । ମହମ୍ମଦ ଘୋରୀ ଓ ତରୋରୀ ଯୁଦ୍ଧ ୧୦୪
୧୬ । ଦାସବଂଶ ୧୦୯
ଖିଲିଜି ବଂଶ ୧୧୫
ତୋଗଲକ ବଂଶ ୧୨୨
ସୈୟଦ ଓ ଲୋଦୀବଂଶ ୧୨୬
୧୭ । ୧୫୨୬ ପର୍ଯ୍ୟନ୍ତ ମୁସଲମାନ ରାଜାମାନଙ୍କ ଅମଳରେ
ଭାରତର ଅବସ୍ଥା ୧୨୭
ଦାକ୍ଷିଣାତ୍ୟର କଥା—ବିଜୟ ନଗର ୧୨୯
ବାହମନୀ ରାଜ୍ୟ ଓ ଓଡ଼ିଶା ୧୩୨
ଭାରତର ଧର୍ମ ଓ ସମାଜ ୧୩୩
ହିନ୍ଦୁଧର୍ମ ପ୍ରଚାରକ ୧୩୪
୧୮ । ବାବର ୧୩୮
ହୁମାୟୁନ ୧୪୩
ଶେରଶାହ ୧୪୪
ଅକବର ୧୫୦
ଜାହାଙ୍ଗୀର ୧୫୯
ଶାହାଜାହାନ ୧୬୩
ଅଓରଙ୍ଗଜେବ ୧୬୮

| ବିଷୟ | ପୃଷ୍ଠା |
| --- | --- |
| ମହାରାଷ୍ଟ୍ର ଜାତି ଓ ଛତ୍ରପତି ଶିବାଜୀ | ୧୭୪ |
| ଶିଖଶକ୍ତିର ଉତ୍ଥାନ | ୧୮୪ |
| ୧୯ । ଇଉରୋପୀୟମାନଙ୍କର ଜଳପଥ ଆବିଷ୍କାର ଓ ଭାରତକୁ ଆଗମନ | ୧୯୧ |
| ଇଂରେଜ ଓ ଫରାସୀମାନଙ୍କର ଯୁଦ୍ଧ | ୧୯୭ |
| ଦାକ୍ଷିଣାତ୍ୟ ଓ ବଙ୍ଗଳାରେ ଇଂରେଜ ଶକ୍ତିର ପ୍ରତିଷ୍ଠା | ୨୦୦ |
| ହାଇଦର ଅଲ୍ଲୀ ଓ ଟିପୁ ସୁଲତାନ | ୨୦୫ |
| ୨୦ । ୱାରେନ ହେଷ୍ଟିଂସ—ଇଣ୍ଡିଆ ବିଲ୍ | ୨୦୯ |
| ୨୧ । କର୍ଣ୍ଣୱାଲିସ—ଚିରସ୍ଥାୟୀ ବନ୍ଦୋବସ୍ତ | ୨୧୭ |
| ୨୨ । ୱେଲେସ୍‌ଲୀ ଓ ପରିଚିତ ସାହାଯ୍ୟମୂଳକ ସନ୍ଧି | ୨୧୯ |
| ୨୩ । ମିଣ୍ଟୋ ଓ ଶିଖଜାତି | ୨୨୩ |
| ହେଷ୍ଟିଂସ୍ ଓ ଗୁର୍ଖା ଜାତି | ୨୨୫ |
| ୨୪ । ବେଣ୍ଟିଙ୍କ ଓ ଭାରତର ବିବିଧ ସଂସ୍କାର | ୨୨୮ |
| ୨୫ । ଅଫଗାନ ସମର ଓ ସିନ୍ଧୁ ଦେଶର ଅଧିକାର | ୨୩୧ |
| ୨୬ । ଶିଖଜାତି ଓ ଶିଖଯୁଦ୍ଧ | ୨୩୩ |
| ୨୭ । ଡେଲ୍‌ହାଉସୀ ଓ ରାଜ୍ୟବିସ୍ତାର | ୨୩୫ |
| ୨୮ । ସିପାହୀ ବିଦ୍ରୋହ | ୨୩୮ |
| ୨୯ । ମହାରାଣୀ ଭିକ୍ଟୋରିଆ, କ୍ୟାନିଙ୍ଗ୍, ଲରେନ୍‌ସ, ରିପନ୍, | ୨୪୪ |
| ୩୦ । ସପ୍ତମ ଏଡୱାର୍ଡ଼, କର୍ଜନ ଓ ମିଣ୍ଟୋ | ୨୫୨ |
| ୩୧ । ପଞ୍ଚମ ଜର୍ଜ, ହାର୍ଡିଞ୍ଜ୍, ଚେମସ୍‌ଫୋର୍ଡ଼, ରେଡ଼ିଙ୍ଗ, ଆରୱିନ, ଉଇଲିଙ୍ଗ୍‌ଡନ | ୨୫୭ |
| ୩୨ । ବର୍ତ୍ତମାନ ଶାସନ—ହିବାକ, ଲିନ୍‌ଲିଥ୍‌ଗୋ, ଷଷ୍ଠ ଜର୍ଜ | ୨୭୭ |

# ଭାରତ ଇତିହାସ

## ପ୍ରଥମ ଅଧ୍ୟାୟ

---

### ଭାରତବର୍ଷର ଐତିହାସିକ ପରିସ୍ଥିତି

**ଭାରତର ଅବସ୍ଥାନ**—ଏସିଆ ପୃଥିବୀର ସବୁଠୁଁ ବଡ଼ ମହାଦେଶ । ଆମ୍ଭମାନଙ୍କ ଜନ୍ମଭୂମି ଭାରତବର୍ଷ ସେହି ମହାଦେଶର ଗୋଟିଏ ପ୍ରକାଣ୍ଡ ଉପଦ୍ୱୀପ । ହିମାଳୟ ପର୍ବତ ଭାରତକୁ ଏସିଆ ମହାଦେଶରୁ ପୃଥକ୍ କରି ଦେଇଅଛି । ଏହି ହିମାଳୟ ପର୍ବତ ଭାରତର ଉତ୍ତର ଭାଗରେ ୧୯୦୦ ମାଇଲ ବ୍ୟାପି ରହିଅଛି । ଏହାର ଉଚ୍ଚତା ଏତେ ଅଧିକ ଯେ, ତହିଁର ଶିଖରଦେଶରେ ସବୁଦିନ ବରଫ ଜମିଥାଏ ଏବଂ ଶିଖରଦେଶରେ ବାୟୁ ଏତେ ପତଳା ଯେ, ସେଠାରେ ମନୁଷ୍ୟ କିମ୍ବା ଅନ୍ୟ ପ୍ରାଣୀ ବଞ୍ଚି ରହି ପାରିବ ନାହିଁ; ସୁତରାଂ ମନୁଷ୍ୟ ହିମାଳୟକୁ ଅତିକ୍ରମ କରି ଅନ୍ୟ ଦେଶରୁ ଭାରତକୁ ଆସି ପାରିବ ନାହିଁ । ଯଦି ହିମାଳୟର କେତେକ ସ୍ଥାନରେ ସଙ୍କୀର୍ଣ୍ଣ କେତୋଟି ବାଟ ନ ଥାନ୍ତା, ସ୍ଥଳପଥରେ କେହି ଅନ୍ୟ ଦେଶରୁ ଭାରତକୁ ଆସି ପାରନ୍ତେ ନାହିଁ ।

ଭାରତର ଉତ୍ତରରେ ହିମାଳୟ, ପୂର୍ବରେ ପାଟକୋଇ, ଲୁସାଇ ପର୍ବତ ଓ ବଙ୍ଗୋପସାଗର, ଦକ୍ଷିଣରେ ଭାରତ ମହାସମୁଦ୍ର ଏବଂ ପଶ୍ଚିମରେ ହିନ୍ଦୁକୁଶ, କାରାକୋରମ, ସୁଲେମାନ, କିରଥର ପର୍ବତ ଓ ଆରବ ସାଗର । ସୁତରାଂ ଭଗବାନ୍ ଭାରତକୁ ଶତ୍ରୁର ଆକ୍ରମଣରୁ ପ୍ରାକୃତିକ ବାଧାଦ୍ୱାରା ରକ୍ଷା କରିଥିଲେ । କେବଳ ଖାଇବର, ଗୋମାଲ, ବୋଲାନ


ପ୍ରାକୃତିକ ଭାରତ
ଆରବସାଗର
ବଙ୍ଗୋପସାଗର
ଭାରତ ମହାସାଗର

ପ୍ରଭୃତି ପୂର୍ବୋକ୍ତ ଗିରିବର୍ତ୍ମମାନ ଓ ଜଳଯାନର ଅବସ୍ଥାର ସେହି ବାଧା-ଗୁଡ଼ିକୁ ଅତିକ୍ରମ କରିଅଛି । ଫଳରେ ଦ୍ରାବିଡ଼, ଆର୍ଯ୍ୟ, ପାରସିକ, ଗ୍ରୀକ୍, ଶକ, ପହ୍ଲବ, କୁଶାଣ, ହୁନ୍; ମୁସଲମାନ, ୟୁରୋପୀୟ ପ୍ରଭୃତି ଜାତିମାନେ ଏକାଦିକ୍ରମେ ଭାରତରେ ପ୍ରବେଶ କରିବାକୁ ସମର୍ଥ ହୋଇଅଛନ୍ତି ।

**ଭାରତର ବିଭବ:**—ଭାରତ ଗୋଟିଏ ବଡ଼ ଦେଶ । ଏହାର ବିସ୍ତାର ୧୨ ଲକ୍ଷ ବର୍ଗ ମାଇଲ । ସ୍ଥଳ ସୀମା ମାପିଲେ ୨୨,୦୦୦ ମାଇଲ ହେବ । ହିମାଳୟଠାରୁ ଦକ୍ଷିଣ ସୀମା କୁମାରିକା ୧୯୦୦ ମାଇଲ ଦୂର । ଭାରତରେ ୩୫ କୋଟି ଲୋକ ରହନ୍ତି । ଏହାର ବିଭବ ମହତ୍ । ଏହାର ଜଳବାୟୁ ଅତି ଶୀତଳ, ପୁଣି ଅତି ଗରମ; ତେଣୁ ଗ୍ରୀଷ୍ମପ୍ରଧାନ ଓ ଶୀତ-ପ୍ରଧାନ ବିଭିନ୍ନ ଦେଶରେ ଯେ ଯେ ଉଦ୍ଭିଦ୍, ଜୀବଜନ୍ତୁ, ପଦାର୍ଥ ଓ ଫସଲ ଦେଖିବାକୁ ମିଳେ, ଏଠାରେ ସେ ସମସ୍ତ ଅଛି । ବହୁ ଅରଣ୍ୟ, ଦୀର୍ଘ ନଦୀ, ଖଣି ପ୍ରଭୃତି ରହି ଏହାର ମୂଲ୍ୟକୁ ଅଧିକ ବଢ଼ାଇ ଦେଇଅଛି । ଏହାର ମାଟି ଅତି ଉର୍ବର ଏବଂ ସେଥିରେ ବିଶେଷ ଫସଲ ହୁଏ । ମନୁଷ୍ୟର ବଞ୍ଚିବା ସକାଶେ ଅବଶ୍ୟକ କିଛି ଜିନିଷ ଭାରତରେ ମିଳେ ନାହିଁ, ଏ କଥା ଶୁଣା ନାହିଁ । ଭାରତକୁ ପୃଥିବୀର ସାରସଂଗ୍ରହ କହାଯାଇ ପାରେ ।

ଭାରତର ମଝିରେ ବିନ୍ଧ୍ୟପର୍ବତ । ଏହି ପର୍ବତ ଓ ହିମାଳୟ ମଧ୍ୟରେ ଥିବା ଅଞ୍ଚଳକୁ ଆର୍ଯ୍ୟାବର୍ତ୍ତ ଓ ହିନ୍ଦୁସ୍ଥାନ ବା ଉତ୍ତର ଭାରତ କହନ୍ତି । ପଞ୍ଜାବ, ସିନ୍ଧୁ, ରାଜପୁତାନା, ଆଗ୍ରା ଅଯୋଧ୍ୟା ପ୍ରଦେଶ, ମଧ୍ୟ-ପ୍ରଦେଶ, ବିହାର, ବଙ୍ଗ, ଓଡ଼ିଶା ପ୍ରଭୃତି ପ୍ରଦେଶ ଏହି ଅଞ୍ଚଳରେ ଅବସ୍ଥିତ । ଗଙ୍ଗା, ସିନ୍ଧୁ, ବ୍ରହ୍ମପୁତ୍ର ପ୍ରଭୃତି ନଦୀ ଏବଂ ତାହାର ଉପନଦୀଗୁଡ଼ିକ ହିମାଳୟ ପର୍ବତରୁ ବାହାରି ଏହି ଅଞ୍ଚଳରେ ପ୍ରବାହିତ ହେଉଅଛନ୍ତି । ଗ୍ରୀଷ୍ମକାଳରେ ହିମାଳୟର ବରଫ ତରଳି ଏହି ନଦୀମାନଙ୍କୁ ଜଳପୂର୍ଣ୍ଣ

ଙ୍କରେ ଏବଂ ବର୍ଷତମାମ ଏହି ନଦୀଗୁଡ଼ିକରେ ପ୍ରଚୁର ଜଳ ଥାଏ । କୃଷି ଓ ବାଣିଜ୍ୟ ପାଇଁ ଏହି ନଦୀଗୁଡ଼ିକ ବିଶେଷ ଉପଯୋଗୀ; ତେଣୁ ଧନଜନ-ପୂର୍ଣ୍ଣ ବଡ଼ ବଡ଼ ନଗର ଏହି ନଦୀମାନଙ୍କର କୂଳରେ ବହୁ ପୁରାକାଳରୁ ରହିଅଛି । ହିମାଳୟ ଅଞ୍ଚଳରୁ ପଟୁ ମାଟି ଆଣି ବନ୍ୟାବେଳେ ଏହି ନଦୀମାନ ଉତ୍ତର ଭାରତରେ ଢାଳିଦେବାରୁ ନଦୀକୂଳବର୍ତ୍ତୀ ପ୍ରଦେଶମାନ ବିଶେଷ ଉର୍ବର ଓ ଶସ୍ୟଶାଳୀ ହୋଇଅଛି । ଭାରତ ମହାସମୁଦ୍ରରୁ ବହୁ-ଥିବା ମୌସୁମୀ ବାୟୁ ହିମାଳୟ ଡେଇଁ ଭାରତ ବାହାରକୁ ଯାଇ ପାରେ ନାହିଁ; ତେଣୁ ଭାରତରେ ବିଶେଷ ବର୍ଷା ହୁଏ । ପ୍ରଚୁର ବର୍ଷା ଓ ଦୂରବାହୀ ନଦୀମାନଙ୍କ ଯୋଗୁଁ ଉତ୍ତର ଭାରତ ଧନଶାଳୀ ହୋଇଅଛି । ଦୀର୍ଘକାଳ ଧନ ଓ ଶାନ୍ତି ଭୋଗ କରିବା ହେତୁ ଉତ୍ତର ଭାରତରେ ସଭ୍ୟତା ଶୀଘ୍ର ପ୍ରସାର ଲାଭ କରିଥିଲା ।

ବିନ୍ଧ୍ୟପର୍ବତ ଓ ତୁଙ୍ଗଭଦ୍ରା ନଦୀ ମଧ୍ୟରେ ଥିବା ଅଞ୍ଚଳକୁ ଦକ୍ଷିଣା ବା ଦକ୍ଷିଣାପଥ ବା ଦାକ୍ଷିଣାତ୍ୟ କହନ୍ତି । ଏହା ପର୍ବତ ଓ ଜଙ୍ଗଲରେ ପୂର୍ଣ୍ଣ ଏବଂ ଉତ୍ତର ଭାରତ ପରି ଉର୍ବର ନୁହେ । ଏ ଅଞ୍ଚଳରେ ନଦୀ-ଗୁଡ଼ିକ ଦୀର୍ଘ ନୁହେ ଏବଂ ଖରଦିନେ ଶୁଖିଯାଏ; ତେଣୁ ଦାକ୍ଷିଣାତ୍ୟ ଉତ୍ତର ଭାରତ ପରି ଉନ୍ନତ ହୋଇ ପାରି ନାହିଁ ।

ତୁଙ୍ଗଭଦ୍ରା ନଦୀର ଦକ୍ଷିଣକୁ ଯେଉଁ ଭୂଖଣ୍ଡ ଅଛି, ତାହାର ନାମ ତାମିଲକ୍କ ବା ତାମିଲ ଦେଶ । ଦାକ୍ଷିଣାତ୍ୟ ଓ ତାମିଲକ୍କ ଅଞ୍ଚଳର ଦୁଇ ପାର୍ଶ୍ୱରେ ଉତ୍ତର-ଦକ୍ଷିଣ ହୋଇ ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତ ରହି-ଅଛି । ବଙ୍ଗୋପସାଗର ଓ ଆରବସାଗର ଆଡ଼ୁ ଆସୁଥିବା ମୌସୁମୀ ବାୟୁ ଏହି ଦୁଇ ପର୍ବତରେ ବାଧା ପାଇ ସମୁଦ୍ର କୂଳେ କୂଳେ ଥିବା ଅଞ୍ଚଳରେ ଝଣା ଅଧିକରେ ବର୍ଷା କରେ । ଏହି ବର୍ଷା ଓ ସମୁଦ୍ର ସୁବିଧା ନେଇ ସେହି ଅଞ୍ଚଳରେ ବୋମ୍ବେଇ, ଗୋଆ, ମାନ୍ଦ୍ରାଜ ପ୍ରଭୃତି କେତେକ ବଡ଼ ସହର

ରହିଅଛି । ଦାକ୍ଷିଣାତ୍ୟ ପାର୍ବତ୍ୟ ଅଞ୍ଚଳ । ସେଠାରେ ବର୍ଷାର ପରିମାଣ ଅଳ୍ପ । ଫସଲ ଅପେକ୍ଷାକୃତ ଅଳ୍ପ ଉତ୍ପନ୍ନ ହୁଏ । ହେଲେହେଁ ସୁନା, ରୁପା, ଲୁହା, ହୀରା ପ୍ରଭୃତିର ଅନେକ ବହୁମୂଲ୍ୟ ଖଣି ସେଠାରେ ରହିଅଛି ।

**ଓଡ଼ିଶା**—ଆମ୍ଭମାନଙ୍କର ଓଡ଼ିଶା ପ୍ରଦେଶ ଦାକ୍ଷିଣାତ୍ୟ ମାଳଭୂମି ମଧ୍ୟରେ ଅଛି । ଏହାର ପର୍ବତ ପ୍ରଣାଳୀ ବିନ୍ଧ୍ୟପର୍ବତର ଶାଖାବିଶେଷ । ଏହାର ନଦୀଗୁଡ଼ିକ ବିନ୍ଧ୍ୟ ବା ବିନ୍ଧ୍ୟପର୍ବତ ପ୍ରଣାଳୀର ଶାଖାଗୁଡ଼ିକରୁ ନିଃସୃତ । ଉତ୍ତର ଭାରତରେ ଥିବା ଗୋଟିଏ ସୁଦ୍ଧା ନଦୀ ଓଡ଼ିଶା ଦେଇ ବହି ଯାଇ ନାହିଁ । ପୁଣି ଓଡ଼ିଶାରେ ଥିବା ନଦୀମାନଙ୍କର ଉତ୍ତରଭାରତ ସଙ୍ଗେ କୌଣସି ସମ୍ପର୍କ ନାହିଁ; ତେଣୁ ଓଡ଼ିଶାର ଦାକ୍ଷିଣାତ୍ୟ ସଙ୍ଗେ ଅଧିକ ସମ୍ପର୍କ ରହିଅଛି । ହେଲେହେଁ ଓଡ଼ିଶା ଉତ୍ତରଭାରତ ଓ ଦାକ୍ଷିଣାତ୍ୟ ମଧ୍ୟରେ ରହିଥିବାରୁ ଏହାର ଶିକ୍ଷା, ସଭ୍ୟତା ଉଭୟ ଖଣ୍ଡର ଶିକ୍ଷା ଓ ସଭ୍ୟତାଦ୍ୱାରା ପ୍ରଭାବିତ ।

**ବ୍ରହ୍ମ ଓ ସିଂହଳ**—ବ୍ରହ୍ମଦେଶ ଓ ସିଂହଳ ଭାରତର ଅନ୍ତର୍ଗତ ନୁହେଁ, କିନ୍ତୁ ଭାରତ ସହସ୍ର ସହସ୍ର ବର୍ଷ ଅଖଣ୍ଡ ଶାନ୍ତି ଭୋଗ କରି ଶିକ୍ଷା, ସଭ୍ୟତା ଓ ସମୃଦ୍ଧିରେ ଏତେ ଉନ୍ନତି କରିଥିଲା ଯେ ବ୍ରହ୍ମଦେଶ, ଯବ, ସୁମାତ୍ରା, ବାଲି, ସିଂହଳ ପ୍ରଭୃତି ଅଞ୍ଚଳ ଭାରତ ନିକଟରେ ରହି ସେହି ଉନ୍ନତିଦ୍ୱାରା ପ୍ରଭାବିତ ହୋଇଥିଲା ।

**ଇତିହାସ ଉପରେ ପରିସ୍ଥିତିର ପ୍ରଭାବ**—ଇତିହାସ ଉପରେ ଦେଶର ଭୌଗୋଳିକ ପରିସ୍ଥିତି ବିଶେଷ ପ୍ରଭାବ ବିସ୍ତାର କରେ । ଅଫ୍ରିକା ପରି ତମସାଚ୍ଛନ୍ନ, ମରୁଭୂମିପ୍ରଧାନ ଓ ଅସ୍ୱାସ୍ଥ୍ୟକର ସ୍ଥାନ ପ୍ରତି କିମ୍ବା ମେରୁ ଅଞ୍ଚଳ ପ୍ରତି ବାହାର ଶତ୍ରୁ ଯେତେ ଶୀଘ୍ର ଆକୃଷ୍ଟ ହେବ,

ଭାରତ ପରି ଉର୍ବର ଓ ଶସ୍ୟଶାଳୀ ଦେଶ ପ୍ରତି ତାହା ଅପେକ୍ଷା ଅଧିକ ଶୀଘ୍ର ଅକୃଷ୍ଟ ହେବ । ଇଂଲଣ୍ଡ ପରି ଦେଶରେ ଲୋକେ ଜଳଯାନ ନ ହେଲେ ଚଳି ପାରିବେ ନାହିଁ, ତେଣୁ ସେମାନେ ନୌବିଦ୍ୟାରେ ଅଧିକ ପ୍ରବୀଣ ହେବେ ଏବଂ ସାହସିକତା ଶିକ୍ଷା କରିବେ । ଜାପାନର ଲୋକେ ଭୂମିକମ୍ପର କ୍ଷତିରୁ ନିଜକୁ ରକ୍ଷା କରିବା ନିମନ୍ତେ ନିଷ୍ଠୟ ଶିକ୍ଷା କରିବେ । ଦେଶର ଭୌଗୋଳିକ ଅବସ୍ଥିତି ଅନୁସାରେ ଜାତି ଗଠିତ ହୁଏ ଏବଂ ଇତିହାସ ପ୍ରଭାବିତ ହୁଏ ।

ଚତୁର୍ଦ୍ଦିଗରେ ପ୍ରାକୃତିକ ପରିଖାଦ୍ୱାରା ବହିଃସମ୍ପର୍କରୁ ବିଚ୍ଛିନ୍ନ ହୋଇ ଭାରତର ଶିକ୍ଷା ସଭ୍ୟତା, ଭାଷା ଓ ଧର୍ମ ନିଜର ବୈଶିଷ୍ଟ୍ୟ ରକ୍ଷା କରିଅଛି । ଏକାଦିକ୍ରମେ ଜାତି ପରେ ଜାତି ଆସି ଭାରତରେ ବାସ କରି-ଥିଲେ ମଧ୍ୟ ଏବଂ ଭାରତୀୟ ଶିକ୍ଷା ସଭ୍ୟତାକୁ ସେମାନେ ଗ୍ରାସ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା, ଭାରତୀୟ ଶିକ୍ଷା ସଭ୍ୟତା ଆଗରେ ପରାଜିତ ହୋଇଅଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ଓ ପୁଷ୍କଳ ଶସ୍ୟ ଭାରତବାସୀମାନଙ୍କୁ ଅଧ୍ୟବସାୟୀ ହେବାରେ ବାଧା ଦେଇଅଛି । ପ୍ରଚୁର ଉତ୍ପନ୍ନ ଦ୍ରବ୍ୟ ଓ ଖନିଜ ଭାରତକୁ ଆକ୍ରମଣ ଓ ଲୁଣ୍ଠନର ରଙ୍ଗଭୂମିରେ ପରିଣତ କରିଅଛି । ଭାରତର ସ୍ନିଗ୍ଧଶ୍ୟାମା ବନଲକ୍ଷ୍ମୀ ଭାରତରେ ମହାକବି, ଭାବୁକ ଓ ଚିନ୍ତାଶୀଳ ସାଧକ ଓ ଦାର୍ଶନିକମାନଙ୍କୁ ଜନ୍ମ ଦେଇଅଛି । ଏମାନେ ଐହିକ ଅପେକ୍ଷା ପାରତ୍ରିକ ଉନ୍ନତିକୁ ଜୀବନର ଅଧିକ ଆଦରଣୀ ସାମଗ୍ରୀ ବୋଲି ଗ୍ରହଣ କରିଅଛନ୍ତି । ତୁଙ୍ଗ-ଶିଖର ହିମାଳୟ ଓ ଅଗାଧ ମହାସମୁଦ୍ର ଭାରତୀୟ ମହାପୁରୁଷର ଚିନ୍ତାଧାରାକୁ ଉନ୍ନତ ଓ ଗମ୍ଭୀର କରିଅଛି ଏବଂ ଭାରତୀୟ ଭାବୁକକୁ ନିଜକୁ ଅତି କ୍ଷୁଦ୍ର ବୋଲି ବିଚାର କରିବା ନିମନ୍ତେ ବାଧ୍ୟ କରିଅଛି । ସୁଦୂରବାହୀ ନଦୀବୃନ୍ଦ ଓ ତିନି ଦିଗରେ ସମୁଦ୍ର ରହି ଭାରତବାସୀମାନଙ୍କୁ ବିଶାଳ ପୋତ ନିର୍ମାଣରେ ଦକ୍ଷ କରିଅଛନ୍ତି ଏବଂ ସୁଦୂର ଯବ, ସୁମାତ୍ରା,

ବୋର୍ଣ୍ଣିଓ ଓ ଶ୍ୟାମ ସାମ୍ରାଜ୍ୟରେ ବାଣିଜ୍ୟ ବ୍ୟବସାୟ କରିବାରେ ସମର୍ଥ କରିଅଛନ୍ତି । ସପ୍ତଦଶ ଶତାବ୍ଦୀରେ ୟୁରୋପୀୟମାନେ ପୋତ-ନିର୍ମାଣ-କାର୍ଯ୍ୟରେ ଭାରତୀୟ ଶିଳ୍ପୀମାନଙ୍କର ଆଶ୍ରୟ ନେବାକୁ ବାଧ୍ୟ ହେଉଥିଲେ । ଏଥିରୁ ବୁଝାପଡ଼େ, ପୋତନିର୍ମାଣ କାର୍ଯ୍ୟରେ ଭାରତୀୟ-ମାନେ କେତେଦୂର ଉନ୍ନତି କରିଥିଲେ ।

ପରିସ୍ଥିତି ମନୁଷ୍ୟକୁ, ଜାତିକୁ ଓ ତାହାର ଇତିହାସକୁ ଏକ ବିଶିଷ୍ଟ ଛାଞ୍ଚରେ ଗଠନ କରେ । ଇତିହାସ ଉପରେ ପରିସ୍ଥିତିର ପ୍ରଭାବ ଅତି ପ୍ରବଳ ଅଟେ; ସୁତରାଂ କୌଣସି ଦେଶର ଇତିହାସ ପଢ଼ିବା ବେଳେ, ସେହି ଦେଶର ଭୌଗୋଳିକ ପରିସ୍ଥିତି ସର୍ବଦା ବୁଝିବା ଓ ମନେ ରଖିବା ଉଚିତ । ଦେଶର ପରିସ୍ଥିତି ତାହାର ଇତିହାସ ଉପରେ କିପରି କାର୍ଯ୍ୟ କରି ଆସୁଅଛି ଏବଂ କାର୍ଯ୍ୟ କରିବ, ତାହା ମଧ୍ୟ ଜାଣିବା ଆବଶ୍ୟକ ।

## ଅନୁଶୀଳନୀ

୧ । ଭାରତର ପ୍ରାକୃତିକ ପରିସ୍ଥିତି ତାହାର ଇତିହାସକୁ କିପରି ଭାବରେ ପ୍ରଭାବିତ କରିଅଛି, କହ ।

୨ । ଅବସ୍ଥିତି, ଲୋକସଂଖ୍ୟା ଓ ଶିକ୍ଷାସଭ୍ୟତା ଦେଇ ଭାରତକୁ ଇଂଲଣ୍ଡ, ଜର୍ମାନୀ, ଯୁକ୍ତରାଜ୍ୟ, କାନାଡ଼ା ଓ ୟୁରୋପ ସଙ୍ଗେ ତୁଳନା କର ।

୩ । ଭାରତକୁ ଗୋଟିଏ ମହାଦେଶ ବୋଲି କାହିଁକି କହାଯାଇ ପାରେ ?

୪ । ଦାକ୍ଷିଣାତ୍ୟ ଓ ଉତ୍ତରଭାରତର ଇତିହାସ ପରସ୍ପର ଯେତିକି ସମ୍ପୃକ୍ତ ତହିଁରୁ ବଳ ରହିନ, ଏଥିର କାରଣ କଣ ହୋଇ ପାରେ ?

୫ । ଐତିହାସିକମାନେ ଭାରତକୁ କେତେ ଭାଗରେ ବିଭକ୍ତ କରନ୍ତି ? ସେପରି ବିଭାଗ କରିବାର କାରଣ ତୁମ୍ଭେ କିଛି ଅନୁମାନ କରି ପାରୁଛ କି ?

---

# ଦ୍ୱିତୀୟ ଅଧ୍ୟାୟ

## ଭାରତବର୍ଷର ଆଦିମ ଅଧିବାସୀ

**ନେଗ୍ରିଟୋ**—ଭାରତବର୍ଷରେ ସର୍ବପ୍ରଥମେ କେଉଁମାନେ ବାସ କରୁଥିଲେ ଏବଂ ସେମାନେ କେତେ ଦିନରୁ ବାସ କରୁଥିଲେ, କେଉଁଠାରୁ ବା ଭାରତକୁ ଆସିଲେ, ତାହା କହିହେବ ନାହିଁ। ଆଫ୍ରିକା ମହାଦେଶରେ ନିଗ୍ରୋମାନେ ବାସ କରନ୍ତି । ଏହି ନିଗ୍ରୋ ଜାତିର ଏକ ଶାଖା "ନେଗ୍ରିଟୋ" ମାନେ ଭାରତରେ ସର୍ବପ୍ରଥମେ ବାସ କରୁଥିଲେ ବୋଲି ପଣ୍ଡିତମାନେ କହନ୍ତି । ଏହିମାନେ ଏକ ସମୟରେ ଆସିଆ ମହାଦେଶର ସମଗ୍ର ଦକ୍ଷିଣ ଅଞ୍ଚଳରେ ବାସ କରୁଥିଲେ ବୋଲି ଅନୁମାନ କରାଯାଏ । ଏମାନେ ଅଧୁନା ସୁଦ୍ଧା ଆଣ୍ଡାମାନ, ମାଲୟ, ଫିଲିପାଇନ୍ ଦ୍ୱୀପପୁଞ୍ଜରେ ଦେଖାଯାନ୍ତି । ନେଗ୍ରିଟୋମାନେ ଦେଖିବାକୁ କଳା ଓ ଖର୍ବ, ସେମାନେ ଗଛର କଞ୍ଚା ଫଳମୂଳ, ପଶୁପକ୍ଷୀମାନଙ୍କର କଞ୍ଚା ମାଂସ ଓ ମାଛ ଖାଇ ବଞ୍ଚୁଥିଲେ । ନିଆଁର ବ୍ୟବହାର ଜାଣୁ ନ ଥିଲେ । ଧାତୁରେ ବାସନ ବା ହତିଆର ତିଆରି କରୁ ନ ଥିଲେ । ପର୍ବତଗୁମ୍ଫାରେ ବା ପଥରକୁଡ଼ିଆରେ ରହୁଥିଲେ । ଲଙ୍ଗଳା ରହୁଥିଲେ କିମ୍ବା ଗଛର କେତୋଟି ପତ୍ର ବା ବକଳା ଅଣ୍ଟା ତଳେ ଆଗ ପାଖରେ ଝୁଲାଇ ରଖୁଥିଲେ । ସେମାନଙ୍କ ମଧ୍ୟରେ ବ୍ରତ, ଉତ୍ସବ, ପୂଜା, ଉପାସନା, ବିବାହ ସମ୍ବନ୍ଧ ପ୍ରଭୃତିର ପ୍ରଚଳନ ନ ଥିଲା । ସେମାନେ ଶିକାର

କରିବା ସମୟରେ ପଥରରେ ହାତିଆର ତିଆରି କରୁଥିଲେ । ଏହି ହାତିଆରମାନ ଶାଣିତ (ମୁନିଆଁ) ନ ଥିଲା । ପଥରର ବ୍ୟବହାର ଯୋଗୁଁ ପଣ୍ଡିତମାନେ ଏମାନଙ୍କୁ **ପ୍ରାଚୀନ ପ୍ରସ୍ତରଯୁଗ**ର ଲୋକ ବୋଲି କହନ୍ତି ।

**କୋଲ ବା ଦକ୍ଷିଣୀ :—** ନେଗ୍ରିଟୋମାନଙ୍କ ପରେ ଦକ୍ଷିଣରୁ ଏକ ନୂଆ ଜାତି ଭାରତକୁ ଆସିଥିଲେ । ଏମାନଙ୍କୁ ଦକ୍ଷିଣୀ ଜାତି (Austric race) କହାଯାଏ । ଏମାନେ ନେଗ୍ରିଟୋମାନଙ୍କଠାରୁ ଅଧିକ ସଭ୍ୟ ଥିଲେ ଏବଂ ପଥରର ଅଧିକ ଚିକ୍କଣ, ସୁନ୍ଦର ଓ ମୁନିଆଁ ହାତିଆର ତିଆରି କରୁଥିଲେ । ତେଣୁ ପଣ୍ଡିତମାନେ ଏମାନଙ୍କୁ **ନବୀନ ପ୍ରସ୍ତରଯୁଗ**ର ଲୋକ ବୋଲି କହନ୍ତି । ସେମାନେ ଧନୁଶର, ବର୍ଚ୍ଛା ପ୍ରଭୃତିର ବ୍ୟବହାର ଜାଣିଥିଲେ ବୋଲି ଅନୁମାନ କରାଯାଏ । କୁମ୍ଭାର-ମାନଙ୍କ ପରି ଏମାନେ ଚକରେ ପାତ୍ର ନିର୍ମାଣ କରୁଥିଲେ ଏବଂ କେତେକ ଧାତୁର ମଧ୍ୟ ବ୍ୟବହାର ଜାଣିଥିଲେ । ସେମାନେ ପାହାଡ଼ମାନଙ୍କ ଗୁମ୍ଫା ଦେହରେ ଛବିମାନ ଖୋଳୁଥିଲେ । ସାନ୍ତାଳ, ହୋ, କୋଲ, ମୁଣ୍ଡା, ଶବର ( ସୌରା ବା ସଅର ), ଆସାମର ଖାସି ଏବଂ ନିକୋବର ଦ୍ୱୀପର ଅଧିବାସୀମାନେ ଏମାନଙ୍କର ବଂଶଧର । ଏମାନଙ୍କୁ ସାଧାରଣରେ **କୋଲ** ଜାତି ବୋଲି କହାଯାଏ ଏବଂ ଆଜି ପର୍ଯ୍ୟନ୍ତ ଏମାନେ ଜଙ୍ଗଲରେ ରହୁଛନ୍ତି । କୋଲମାନେ ନେଗ୍ରିଟୋମାନଙ୍କୁ ଉର୍ବର ଅଞ୍ଚଳରୁ ତଡ଼ି ଦେଇଥିଲେ ଏବଂ କାଳକ୍ରମେ ସେମାନଙ୍କ ସଙ୍ଗେ ବିବାହ ସମ୍ବନ୍ଧ ମଧ୍ୟ କରିଥିଲେ ।

**ଦ୍ରାବିଡ଼—** କୋଲମାନଙ୍କ ପରେ ଦ୍ରାବିଡ଼ମାନେ ଉତ୍ତର-ପଶ୍ଚିମ ଗିରିସଙ୍କଟ ବାଟେ ଉତ୍ତରରୁ ଭାରତକୁ ଆସିଲେ । ସେମାନେ ଆସିବା ଖ୍ରୀଷ୍ଟଙ୍କ ଜନ୍ମ ପୂର୍ବେ ଚାରି ହଜାର ବର୍ଷରୁ କିଛି ଅଧିକ ଦିନର କଥା ।

ଏମାନେ ପ୍ରଥମେ ସିନ୍ଧୁ ନଦୀର ଅବବାହିକାରେ ବାସ କଲେ । ଅନୁମାନ କରାଯାଏ, ଏମାନେ ଭୂମଧ୍ୟସାଗରର ପୂର୍ବ ଉପକୂଳରୁ ଆସିଥିଲେ ଏବଂ ମେସୋପଟେମିଆଁରେ ବାସ କରୁଥିବା ସୁମେରମାନଙ୍କର ବଂଶଧର ଥିଲେ । ଦାକ୍ଷିଣାତ୍ୟରେ ଆଜିକାଲି ତେଲେଙ୍ଗା, ତାମିଲ, ତୁଳୁ ପ୍ରଭୃତି ଅନେକ ଦ୍ରାବିଡ଼ ଅଛନ୍ତି ।

ଦ୍ରାବିଡ଼ମାନଙ୍କର ମସ୍ତକ ଦୀର୍ଘ ଓ ଦେହ ଗୌରବର୍ଣ୍ଣ । ଏମାନେ ଭୂମଧ୍ୟସାଗରରୁ ସିନ୍ଧୁ ଅବବାହିକାକୁ ଆସିବା ବାଟରେ ଅନେକ ଅନ୍ୟ ଜାତି ସଙ୍ଗେ ମିଶିଥିଲେ ଏବଂ ସେମାନଙ୍କ ସଙ୍ଗେ ବିବାହ ସମ୍ବନ୍ଧ କରିଥିଲେ । ଏହାର ଫଳରେ ସେମାନଙ୍କର ସଭ୍ୟତା ଉଚ୍ଚ ଧରଣର ହୋଇଥିଲା । କିନ୍ତୁ ସେହିପ୍ରକାର ବିବାହଦ୍ୱାରା ଏବଂ ଭାରତର ଉଷ୍ଣ ଜଳବାୟୁଦ୍ୱାରା ଏମାନଙ୍କର ଶରୀରର ବର୍ଣ୍ଣ କ୍ରମେ କଳା ହୋଇ ଯାଇଥିଲା ।

ଦ୍ରାବିଡ଼ମାନେ ଧାତୁର ବ୍ୟବହାର ଜାଣୁଥିଲେ ଏବଂ ତମ୍ବାରେ ଅସ୍ତ୍ରଶସ୍ତ୍ର ତିଆରି କରୁଥିଲେ । ସେମାନେ ସୁନା ଓ ରୁପାରେ ସୁନ୍ଦର ସୁନ୍ଦର ଅଳଙ୍କାର ଏବଂ ତମ୍ବାରେ ମୁଦ୍ରା ନିର୍ମାଣ କରୁଥିଲେ । ସେମାନେ ଛବି ସାହାଯ୍ୟରେ ଏକ ଲିପିର ଆବିଷ୍କାର କରିଥିଲେ । ସେଥିରେ ଅକ୍ଷର ନ ଥିଲା । ଗୋଟିଏ ଛବିରେ ଗୋଟିଏ ଅକ୍ଷର ସୂଚିତ ହେଉଥିଲା । ପରସ୍ପର ସମ୍ମୁଖୀନ ଦୁଇଟି ଶରକୋରି ଚିହ୍ନରୁ "ଯୁଦ୍ଧ" ବୋଲି ବୁଝା ପଡୁଥିଲା । ମିଶର ମେସୋପଟେମିଆ ଦେଶରେ ଏପରି ଛବିଲିପି ଆଜି-କାଲି ମଧ୍ୟ ମିଳୁଅଛି ।

ଏହି ଦ୍ରାବିଡ଼ମାନେ ଅତ୍ୟନ୍ତ ସଭ୍ୟ ଥିଲେ । ସେମାନେ ଜାହାଜ ନିର୍ମାଣ କରୁଥିଲେ ଏବଂ ଆସିଆର ସମସ୍ତ ଦ୍ୱୀପପୁଞ୍ଜରେ ଉପନିବେଶ ସ୍ଥାପନ କରିଥିଲେ । ସେମାନେ ଶବକୁ ପୋଡ଼ୁ ନ ଥିଲେ, କିନ୍ତୁ ଅଣ୍ଡାକୃତି ବା ବର୍ତ୍ତୁଳାକାର ଶବାଧାର ଭିତରେ ଶବକୁ ରଖି ମାଟି ଭିତରେ

ପୋତୁଥିଲେ । ଶବ ସଙ୍ଗେ ମୃତବ୍ୟକ୍ତି ସକାଶେ ଅଳଙ୍କାର, ଅସ୍ତ୍ରଶସ୍ତ୍ର ଓ ଖାଦ୍ୟ ମଧ୍ୟ ପୋତା ଯାଉଥିଲା । ଏମାନଙ୍କର ଭାଷା ଭଣା ଅଧିକରେ ଆଧୁନିକ ତେଲଗୁ ଭାଷା ପରି ଏକ ଭାଷା ଥିଲା ଏବଂ ଏମାନଙ୍କର ଏକ ଉନ୍ନତ ଧରଣର ସାହିତ୍ୟ ମଧ୍ୟ ଥିଲା ।

ଦ୍ରାବିଡ଼ମାନେ ଈଶ୍ୱରବିଶ୍ୱାସ କରୁଥିଲେ ଏବଂ ଉପାସନା ନିମନ୍ତେ ଦେଉଳ ତୋଳାଉଥିଲେ । ଠାକୁର, ଠାକୁରାଣୀ (ଦୁର୍ଗା,ଅମ୍ବା, ଚଣ୍ଡୀ), ନାଗ, ଯକ୍ଷ, ଲିଙ୍ଗ ଆଦି ପୂଜା କରୁଥିଲେ ସ୍ତ୍ରୀମାନେ ସମାଜରେ ଉଚ୍ଚ ସ୍ଥାନ ଅଧିକାର କରୁଥିଲେ । ଧନ ସମ୍ପତ୍ତି ପିତା ପରେ ପୁତ୍ର ପାଉ ନ ଥିଲେ,କିନ୍ତୁ ମାତା ପରେ କନ୍ୟା ଅଧିକାରିଣୀ ହେଉଥିଲା । ଏମାନଙ୍କ ମଧ୍ୟରେ ଜାତିବିଭାଗ ଥିବାର କୌଣସି ସୂଚନା ମିଳେ ନାହିଁ । ଏମାନେ ଯୁଦ୍ଧବିଦ୍ୟାରେ ପ୍ରବୀଣ ଥିଲେ, କୋଲମାନଙ୍କୁ ଯୁଦ୍ଧରେ ହରାଇ ଦେଇ-ଥିଲେ ଏବଂ ଆର୍ଯ୍ୟମାନଙ୍କ ସଙ୍ଗେ ପରବର୍ତ୍ତୀ କାଳରେ ବହୁକାଳ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ସମର୍ଥ ହୋଇଥିଲେ । ସାମ୍ୟନୀତି ପ୍ରୟୋଗ କରି ଦ୍ରାବିଡ଼ମାନଙ୍କୁ ନିଜ ଭିତରେ ମିଶାଇ ନେବା ସକାଶେ ଆର୍ଯ୍ୟମାନେ ସେମାନଙ୍କର କେତେକ ଦେବଦେବୀଙ୍କୁ ମାନିବାକୁ, କେତେକ ଆଚାର ବ୍ୟବହାର ଓ ରୀତିନୀତି ଗ୍ରହଣ କରିବାକୁ ଏବଂ ଶିକ୍ଷା ସଭ୍ୟତା ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ଏ ସମସ୍ତ ଫଳରେ ଭାରତୀୟ ଆର୍ଯ୍ୟ-ମାନଙ୍କର ସମାଜ, ଧର୍ମ ଓ ଶିକ୍ଷା ସଭ୍ୟତାରେ ବିଶେଷ ପରିବର୍ତ୍ତନ ଘଟିଥିଲା ।

ଅଳ୍ପ ଦିନ ହେଲା ସିନ୍ଧୁ ନଦୀର କୂଳେ କୂଳେ ପଞ୍ଜାବ ପ୍ରଦେଶର ହରପ୍ପାରେ ଏବଂ ସିନ୍ଧୁ ପ୍ରଦେଶର ମହେଞ୍ଜୋଦାରୋରେ ମାଟି ଭିତରୁ ଖୋଳା ହୋଇ କେତେକ ପୁରୁଣା ଘର, କୋଠା, ବାସନ, ଅଳଙ୍କାର, ହତିଆର, ମୁଦ୍ରା, ମୋହର ପ୍ରଭୃତି ବାହାରିଅଛି । ସେଥିରୁ ବୁଝାପଡ଼େ, ଛଅ ସାତ ହଜାର ବର୍ଷ ପୂର୍ବେ ସିନ୍ଧୁ ଅବବାହିକା ଉଚ୍ଚ ସଭ୍ୟତାର

ଅଗ୍ନିସ୍ଥାନ ଥିଲା । ପୋଡ଼ା ଇଟାର ଘର, ତହିଁ ମଧ୍ୟରେ ସ୍ନାନାଗାର, ସୁନ୍ଦର ପଯ୍ୟଃପ୍ରଣାଳୀ, ମନୁଷ୍ୟ, ସ୍ତ୍ରୀ, ପଶୁ ପ୍ରଭୃତିର ମୂର୍ତ୍ତି, ସୁନ୍ଦର କାରୁ-କାର୍ଯ୍ୟର ବାସନ, ସୁନା ଓ ରୁପାର ଅଳଙ୍କାର, ମୁଦ୍ରା, ଛବିଲିପି ଥାଇ ମୋହର (ସିଲ୍) ଇତ୍ୟାଦି ଦେଖି ପଣ୍ଡିତମାନେ କହୁଅଛନ୍ତି, ଛଅ ସାତ



ହଜାର ବର୍ଷ ପୂର୍ବେ ସିନ୍ଧୁ ଅବବାହିକାରେ ଏକ ଉନ୍ନତ ଓ ସଭ୍ୟଜାତି ବାସ କରୁଥିଲେ । ମୋହର ଓ ମୁଦ୍ରାର ଛବିଲିପିରେ ଅନେକ କଥା ଲେଖା ଅଛି । କେତେକ ଛବିରେ ଯୋଗୀ ଶିବ, ପଶୁପତି ନାଥ, ନଟରାଜ ଶିବ, ଲିଙ୍ଗ ଓ ଦେବୀଙ୍କର ମୂର୍ତ୍ତିମାନ ଅଙ୍କିତ ହୋଇଅଛି । ଏ ସମସ୍ତ ଦେଖି ପଣ୍ଡିତମାନେ କହନ୍ତି, ଅତି ପ୍ରାଚୀନକାଳରୁ ଭାରତରେ ଶିବ ଓ ଦେବୀପୂଜା ଚଳି ଆସୁଅଛି ଏବଂ ଏ ସମସ୍ତ ଦ୍ରାବିଡ଼ମାନଙ୍କର କାର୍ଯ୍ୟ । ଏପରି ଏକ ଜାତି ସବୁଠାରୁ ପୂର୍ବରୁ ଆସିବା ନିମନ୍ତେ ଭାରତକୁ

ଯେ ଆହୁରି ଅନେକ ହଜାର ବର୍ଷ ଲାଗିଥିବ ଏବଂ ଭାରତ ଅନେକ ହଜାର ବର୍ଷ ପର୍ଯ୍ୟନ୍ତ ଶାନ୍ତି ଭୋଗ କରିଥିବ, ଏଥିରେ ସନ୍ଦେହ ନାହିଁ । ଅର୍ଥାତ୍ ଖ୍ରୀଷ୍ଟଙ୍କ ଜନ୍ମର ଅନ୍ତତଃ ଦଶ ହଜାର ବର୍ଷ ପୂର୍ବରୁ ଭାରତୀୟ ଜାତିମାନେ ସଭ୍ୟତା ପାଇବାକୁ ଆରମ୍ଭ କରିଛନ୍ତି, ଏ କଥା ଅନୁମାନ କରାଯାଇ ପାରେ ।

ଦ୍ରାବିଡ଼ମାନଙ୍କ ପରେ ଆର୍ଯ୍ୟମାନେ ଭାରତକୁ ଆସିଥିଲେ । ଆର୍ଯ୍ୟମାନଙ୍କ ପରେ ଉତ୍ତର-ପୂର୍ବଦିଗରୁ ମଙ୍ଗୋଲ ଜାତି ଭାରତକୁ ଆସିଲେ । ଅନେକ କାଳ ପରେ ହୁଣ, ଶକ ପ୍ରଭୃତି ଜାତି ମଧ୍ୟ ଭାରତକୁ ଆସିଥିଲେ ।

ଆର୍ଯ୍ୟମାନେ ନିଜର ରକ୍ତଗତ ପବିତ୍ରତା ବିଶୁଦ୍ଧ ରଖିବାକୁ ଚେଷ୍ଟା କରିଥିଲେ ମଧ୍ୟ, ଆର୍ଯ୍ୟ ଓ ଅନ୍ୟାନ୍ୟ ଜାତି ମଧ୍ୟରେ ବିବାହ ବନ୍ଦ କରି ପାରି ନ ଥିଲେ । ଆଦିମ ଜାତି, ଆର୍ଯ୍ୟ ଓ ପରବର୍ତ୍ତୀ ଆଗନ୍ତୁକମାନଙ୍କ ସଙ୍ଗେ ଅନେକ ସ୍ଥଳରେ ବିବାହ ସମ୍ପର୍କ ଚାଲିଥିଲା । ଆର୍ଯ୍ୟମାନେ ଅନ୍ୟ ଜାତିମାନଙ୍କୁ ନିଜ ଭିତରେ ମିଶାଇ ନେଲେ । ବିଶେଷତଃ ଦ୍ରାବିଡ଼ମାନେ ଆର୍ଯ୍ୟମାନଙ୍କ ରୀତି ନୀତି, ଆଚାର ବ୍ୟବହାର, ଧର୍ମ ଗ୍ରହଣ କରି ସେମାନଙ୍କ ସମାଜର ଅନ୍ତର୍ଭୁକ୍ତ ହେଲେ ।

## ଅନୁଶୀଳନୀ

୧ । ଅପୂର୍ଣ୍ଣ ସ୍ଥାନମାନ ପୂରଣ କର :—

——ଭାରତର ସର୍ବ ପ୍ରଥମ ଅଧିବାସୀ । ଦକ୍ଷିଣୀମାନେ—— ଦିଗରୁ ଭାରତକୁ ଆସିଥିଲେ । ——କେତେକ ଭଗ୍ନାବଶେଷ ମାଟି ଭିତରୁ——ଓ——ଠାରେ ମିଳିଅଛି ।

୨ । 'କ' ପୁଞ୍ଜରୁ ଗୋଟିଏ ଶବ୍ଦ ଏବଂ 'ଖ' ପୁଞ୍ଜରୁ ଗୋଟିଏ ଶବ୍ଦ ନେଇ ବାକ୍ୟ ଗଠନ କର :—

(କ) ନେଗ୍ରିଟୋ, ଦକ୍ଷିଣୀ, ଦ୍ରାବଡ଼, ମଙ୍ଗୋଲ, ମହେଞ୍ଜୋଦାରୋ ଛବିଲିପି, ଶବାଧାର ।

(ଖ) ଅଫ୍ରିକା, ଖାଦ୍ୟ, ମୈାହର (ସିଲ୍), ଚେପ୍ଟା ନାକ, କୋଲ, ଭୂମଧ୍ୟସାଗର, ସିନ୍ଧୁ ପ୍ରଦେଶ ।

୩ । 'ଛଅ ସାତ ହଜାର ବର୍ଷ ପୂର୍ବେ ଭାରତରେ ଏକ ଉନ୍ନତ ଜାତି ବାସ କରୁଥିଲେ'—ଏହି ବିଷୟକୁ ଅବଲମ୍ବନ କରି ଗୋଟିଏ ପ୍ରବନ୍ଧ ଲେଖ ।

୪ । ପ୍ରତ୍ନବିଭାଗ, ହରପ୍ପା ଓ ମହେଞ୍ଜୋଦାରୋର ନୂଆ ଆବିଷ୍କାର ଭାରତ ଇତିହାସରେ କି ପରିବର୍ତ୍ତନ ଆଣିଅଛି ?

୫ । ବର୍ତ୍ତମାନ ଦକ୍ଷିଣୀ ଜାତି ଭାରତର କେଉଁ କେଉଁ ଠାରେ ଅଧିକ ସଂଖ୍ୟାରେ ରହନ୍ତି ? ସେମାନଙ୍କର ଆଧୁନିକ ଅବସ୍ଥା ଓ ପ୍ରାଚୀନ ଅବସ୍ଥା ମଧ୍ୟରେ ତୁମ୍ଭେ କି ପାର୍ଥକ୍ୟ ଦେଖ ?

---

# ତୃତୀୟ ଅଧ୍ୟାୟ

## ଆର୍ଯ୍ୟଜାତି

**ବସତି ସ୍ଥାପନ :**—ଆଜିକାଲି ଭାରତରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନେ ଅଛନ୍ତି । ଏମାନଙ୍କୁ ଆର୍ଯ୍ୟ କହନ୍ତି । ଏମାନଙ୍କ ପୂର୍ବ ପୁରୁଷମାନେ ଭାରତକୁ କିପରି ଆସିଲେ, ସେ ସମ୍ବନ୍ଧରେ ମତଭେଦ ଦେଖାଯାଏ । କେହି କେହି କହନ୍ତି, ଆର୍ଯ୍ୟମାନେ ପ୍ରଥମରୁ ଭାରତରେ ଥିଲେ ଏବଂ ସେମାନଙ୍କ ଭିତରୁ ଅଧେ ଉତ୍ତର ଅଞ୍ଚଳକୁ ଯାଇ ପାରସ୍ୟ, ଗ୍ରୀସ, ଇଟାଲି, ଜର୍ମାନୀ, ଇଂଲଣ୍ଡ ପ୍ରଭୃତି ଦେଶରେ ବିସ୍ତାର ଲାଭ କଲେ । ଅନ୍ୟ କେହି କେହି କହନ୍ତି, ଆର୍ଯ୍ୟମାନେ ସର୍ବପ୍ରଥମେ ଉତ୍ତର ମେରୁ

ପ୍ରଦେଶରେ ଥିଲେ । ସେଠାରୁ କ୍ରମେ ଦକ୍ଷିଣକୁ ଆସି ଭାରତ ପର୍ଯ୍ୟନ୍ତ ଅଞ୍ଚଳରେ ବସତି ସ୍ଥାପନ କରିଅଛନ୍ତି । ଆଉ କେହି କେହି କହନ୍ତି, ମଧ୍ୟ-ଏସିଆର କାସ୍ପିୟାନ ହ୍ରଦ ଚତୁଃପାର୍ଶ୍ୱବର୍ତ୍ତୀ ପ୍ରଦେଶ ଆର୍ଯ୍ୟମାନଙ୍କର ଆଦିମ ବାସଭୂମି ଅଟେ । ସେଠାରେ ସେମାନେ କୃଷି କରି ଓ ପଶୁ ପାଳି ବଞ୍ଚୁଥିଲେ । କାଳକ୍ରମେ ସେମାନଙ୍କର ବଂଶବୃଦ୍ଧି ହେଲା ଏବଂ ଗୋଚାରଣ ଓ କୃଷିଭୂମିର ଅଭାବ ହେଲା; ସୁତରାଂ ସେମାନେ ଦୁଇ ଭାଗରେ ବିଭକ୍ତ ହୋଇ ଦଳେ ଉତ୍ତରମୁଖରେ ୟୁରୋପକୁ ଗଲେ ଏବଂ ଗ୍ରୀସ, ରୋମ, ଜର୍ମାନୀ, ଇଂଲଣ୍ଡ ପ୍ରଭୃତି ଦେଶରେ ବାସ କଲେ । ଅନ୍ୟ ଦଳ ଦକ୍ଷିଣମୁଖରେ ଆସି ଅଧେ ପାରସ୍ୟ ଅଞ୍ଚଳରେ ରହିଲେ ଏବଂ ଅନ୍ୟ ଅଧିକ ହିନ୍ଦୁକୁଶ ପାରି ହୋଇ ଭାରତକୁ ଆସିଲେ । ଖ୍ରୀଷ୍ଟଜନ୍ମର ୬୦୦୦ ବା ୪୦୦୦ ବର୍ଷ ପୂର୍ବେ ଏ ଘଟଣା ଘଟିଥିବ ।

ଭାରତକୁ ଆସି ଆର୍ଯ୍ୟମାନେ ପ୍ରଥମେ ପଞ୍ଜାବରେ ବାସ କଲେ । ପଞ୍ଜାବକୁ ସେମାନେ ବ୍ରହ୍ମାବର୍ତ୍ତ କହୁଥିଲେ । ବ୍ରହ୍ମାବର୍ତ୍ତ ସରସ୍ୱତୀ ଓ ଦୃଷଦ୍ୱତୀ ଦୁଇ ନଦୀର ମଧ୍ୟରେ ଅବସ୍ଥିତ ଥିଲା । ବ୍ରହ୍ମାବର୍ତ୍ତ ଶବ୍ଦର ଅର୍ଥ ବ୍ରାହ୍ମଣମାନଙ୍କର ଦେଶ । ପଞ୍ଜାବରେ ସେମାନେ ଦଳ ଦଳ ହୋଇ ବାସ କରୁଥିଲେ । ଦଳର ନେତାଙ୍କ ନାମ ଅନୁସାରେ ପ୍ରତିଦଳର ନାମ ହେଉଥିଲା । ଏହି ଦଳମାନଙ୍କ ମଧ୍ୟରେ ଭରତ, ତ୍ରିତ୍ସୁ, ପୁରୁ, ଯଦୁ ପ୍ରଭୃତି ଦଳ ପ୍ରଧାନ ଥିଲେ ।

ଯେତେବେଳେ ବ୍ରହ୍ମାବର୍ତ୍ତ ଖଣ୍ଡରେ ଆର୍ଯ୍ୟମାନଙ୍କୁ ସ୍ଥାନ ହେଲା ନାହିଁ, ସେମାନେ କୁରୁକ୍ଷେତ୍ର, ମତ୍ସ୍ୟ, ପଞ୍ଚାଳ ଓ ଶୂରସେନକୁ ବସତି ବିସ୍ତାର କଲେ । ବ୍ରହ୍ମାବର୍ତ୍ତକୁ ମିଶାଇ ଏହି ନୂତନ ପ୍ରଦେଶର ନାମ "ବ୍ରହ୍ମର୍ଷିଦେଶ" (ଅର୍ଥାତ୍ ବ୍ରାହ୍ମଣ ଋଷିଙ୍କର ଦେଶ) ହେଲା । ଏହା ପରେ ଆର୍ଯ୍ୟମାନେ "ମଧ୍ୟଦେଶ"ରେ ବାସ କଲେ । ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟ, ପୂର୍ବରେ ପ୍ରୟାଗ ଓ ପଶ୍ଚିମରେ ବିନଶନ

(ଅର୍ଥାତ୍ ସରସ୍ୱତୀ ଅନ୍ତର୍ଦ୍ଧାନ ସ୍ଥାନ) ମଧ୍ୟବର୍ତ୍ତୀ ପ୍ରଦେଶକୁ 'ମଧ୍ୟଦେଶ' କୁହାଯାଉଥିଲା । ଏହା ପରେ ଆର୍ଯ୍ୟମାନେ ସମଗ୍ର ଆର୍ଯ୍ୟାବର୍ତ୍ତରେ ବାସ କଲେ । ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟ, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ଆରବସାଗରର ମଧ୍ୟବର୍ତ୍ତୀ ଭୂଭାଗକୁ "ଆର୍ଯ୍ୟାବର୍ତ୍ତ" କୁହାଯାଏ । ଆର୍ଯ୍ୟାବର୍ତ୍ତ ବାହାରେ ଯେଉଁ ପ୍ରଦେଶ ରହିଲା, ତାକୁ ସେମାନେ "ମ୍ଳେଚ୍ଛଦେଶ" (ଅପବିତ୍ର ଲୋକର ନିବାସ) ବୋଲି କହୁଥିଲେ । ସେହି ପ୍ରଦେଶକୁ ଅର୍ଥାତ ଆଧୁନିକ ଦାକ୍ଷିଣାତ୍ୟକୁ ଆର୍ଯ୍ୟମାନେ ଯାଉ ନ ଥିଲେ । ଯଦି କେହି ଯାଉଥିଲା, ସେ ଅନ୍ୟ ଆର୍ଯ୍ୟମାନଙ୍କ ଚକ୍ଷୁରେ ଅପବିତ୍ର ହୋଇ ଯାଉଥିଲା ଏବଂ ଫେରିଲା ପରେ ତାକୁ ସେଥି ସକାଶେ ପ୍ରାୟଶ୍ଚିତ୍ତ କରିବାକୁ ହେଉଥିଲା ।

ଆର୍ଯ୍ୟମାନେ ଯେଉଁ ପ୍ରଦେଶମାନଙ୍କରେ ବାସ କରୁଥାନ୍ତି, ସେଠାକୁ ଆଦିମବାସୀମାନଙ୍କୁ ତଡ଼ୁଥାନ୍ତି । ସେମାନେ ଅନେକ କାଳ ପରେ ଦାକ୍ଷିଣାତ୍ୟରେ ବାସ କଲେ । ରାମାୟଣରୁ ବୁଝାପଡ଼େ, ଆର୍ଯ୍ୟଋଷି ଅଗସ୍ତି ଏବଂ ବ୍ରାହ୍ମଣବୀର ପରଶୁରାମ ଦାକ୍ଷିଣାତ୍ୟରେ ପ୍ରଥମେ ବସତି ସ୍ଥାପନ କରିଥିଲେ ।

**ଧର୍ମ** :—ଆର୍ଯ୍ୟମାନଙ୍କର ମୂଳ ଧର୍ମଗ୍ରନ୍ଥ **ବେଦ** । ବେଦକୁ ଆର୍ଯ୍ୟମାନେ ଚାରି ଭାଗରେ ବିଭକ୍ତ କରିଅଛନ୍ତି – ଋକ, ସାମ, ଯଜୁଃ ଓ ଅଥର୍ବ । ଚାରି ବେଦ ମଧ୍ୟରେ ଋକ୍ ପ୍ରଧାନ ଓ ପ୍ରାଚୀନ । ଆର୍ଯ୍ୟମାନେ ପଞ୍ଜାବରେ ବାସ କରୁଥିବା ବେଳେ ଋକ୍ ବେଦ ରଚିତ ହୋଇଥିଲା । ଆର୍ଯ୍ୟମାନେ ସେତେବେଳେ ବେଦକୁ ଲେଖି ରଖି ନ ଥିଲେ । ସେମାନେ ତାହା ମୁଖେ ମୁଖେ ରଚନା କରିଥିଲେ ଏବଂ ଶୁଣି ଶୁଣି ପୁରୁଷାନୁକ୍ରମେ କଣ୍ଠସ୍ଥ କରୁଥିଲେ ବୋଲି ବେଦର ଆଉ ଗୋଟିଏ ନାମ **ଶ୍ରୁତି** । ବେଦ ଏଡ଼େ ପ୍ରାଚୀନ ଗ୍ରନ୍ଥ ଯେ, ତାହାର ରଚନା ବିଷୟରେ

କିଛି ଜଣା ନାହିଁ । ଏଣୁ ହିନ୍ଦୁମାନଙ୍କର ବିଶ୍ୱାସ ଯେ, ଜଗତ୍ ବ୍ରହ୍ମା ବେଦର ରଚୟିତା । ବେଦମାନଙ୍କରେ ଋକ୍ ବା ମନ୍ତ୍ର ଏବଂ ଈଶସ୍ତୁତି ଥାଏ । ସେଥିରେ ଗଦ୍ୟ ଓ ପଦ୍ୟ ଉଭୟ ପ୍ରକାର ଲେଖା ଅଛି । ହିନ୍ଦୁମାନଙ୍କର ଯେତେ ସାହିତ୍ୟ ବା ଗ୍ରନ୍ଥ ଅଛି, ତନ୍ମଧ୍ୟରେ ବେଦ ସବୁଠାରୁ ପୁରୁଣା ।

ଆର୍ଯ୍ୟମାନେ ଏକ ଈଶ୍ୱରଙ୍କୁ ପୂଜା କରୁଥିଲେ । ସେମାନେ ମନେ କରୁଥିଲେ, ଈଶ୍ୱର ପ୍ରକୃତିରୂପରେ ନିଜକୁ ପ୍ରକାଶ କରନ୍ତି । ତେଣୁ ସେମାନେ ପ୍ରକୃତିର ବିଭିନ୍ନ ଶକ୍ତିରୂପରେ ଈଶ୍ୱରଙ୍କ ପୂଜା କରୁଥିଲେ । ଏହି ଶକ୍ତିସମୂହ ମଧ୍ୟରେ ଇନ୍ଦ୍ର, ଅଗ୍ନି, ବାୟୁ, ଯମ, ବରୁଣ, ସୂର୍ଯ୍ୟ, ଉଷା ପ୍ରଭୃତି ପ୍ରଧାନ । ଋକ୍‌ବେଦରେ ୩୩ ଗୋଟି ଦେବତାଙ୍କ ନାମ ମିଳେ ।

ଈଶ୍ୱରଙ୍କ ସମ୍ବନ୍ଧରେ ଆର୍ଯ୍ୟମାନଙ୍କର କି ପ୍ରକାର ଧାରଣା ଥିଲା, ବେଦର ଗୋଟିଏ ସ୍ତବ ବା ଶ୍ଳୋକରୁ ସ୍ପଷ୍ଟ ବୁଝା ପଡ଼ିବ ।

"ଯେ ଆମ୍ଭମାନଙ୍କୁ ଜୀବନ ଦେଇଅଛନ୍ତି, ଯେ ଆମ୍ଭମାନଙ୍କର ସୃଷ୍ଟିକର୍ତ୍ତା, ଯେ ବିଶ୍ୱଚରାଚରର ପ୍ରତ୍ୟେକ ସ୍ଥାନ ଜାଣନ୍ତି, ସେ ଅନେକ ଦେବତାରୂପରେ ନାମ ଧାରଣ କରିଥିଲେହେଁ ଏକ ଓ ଅଦ୍ୱିତୀୟ ଅଟନ୍ତି । ସମସ୍ତେ ତାଙ୍କୁ ଜାଣିବାକୁ ଇଚ୍ଛା କରୁଛନ୍ତି ।"

ଆର୍ଯ୍ୟମାନେ ଏହି ଦେବତାମାନଙ୍କର ପ୍ରୀତିଲାଭ ସକାଶେ ଏବଂ ପରଲୋକରେ ମଙ୍ଗଳଲାଭ ସକାଶେ ସବୁବେଳେ ଇଚ୍ଛା କରୁଥିଲେ । ସେଥିସକାଶେ ସେମାନେ ଦେବତାଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରୁଥିଲେ । ଯଜ୍ଞ ନିମନ୍ତେ ଗୋଟିଏ ବେଦୀ ପ୍ରସ୍ତୁତ ହେଉଥିଲା । ବେଦୀରେ ବେଦମନ୍ତ୍ର ପଢ଼ି ଯଜ୍ଞରେ ଦେବତାମାନଙ୍କ ସକାଶେ ଆହୁତି ଦିଆଯାଉଥିଲା ।

ଯଜ୍ଞରେ ଗୋରୁ, ଘୋଡ଼ା, ଘୃତ, ସୋମରସ ପ୍ରଭୃତି ବଳି ଓ ଅହୁତି ଦିଆଯାଉଥିଲା । ଆର୍ଯ୍ୟମାନେ ଯାହା ଯଜ୍ଞରେ ଅର୍ପଣ କରୁଥିଲେ, ସେଥିର ଶେଷାଂଶ ପ୍ରସାଦରୂପେ ସେବନ କରୁଥିଲେ । ଆର୍ଯ୍ୟମାନେ ଭଗବାନ୍ଙ୍କୁ ବା ପରମାତ୍ମାଙ୍କ ନିକଟରେ ଶତ ବର୍ଷ ପରମାୟୁ ପ୍ରାର୍ଥନା କରୁଥିଲେ ।

**ସମାଜ ଓ ସଭ୍ୟତା**—ଆର୍ଯ୍ୟମାନେ ଦଳ ଦଳ ହୋଇ ବାସ କରୁଥିଲେ । ପ୍ରତି ଦଳର ଜଣେ ରାଜା ଥାନ୍ତି । ପ୍ରତି ପରିବାରର ପ୍ରଧାନ ବ୍ୟକ୍ତି ସେହି ପରିବାରର ପୁରୋହିତ କାର୍ଯ୍ୟ କରୁଥିଲେ ଏବଂ ଶାସନକାର୍ଯ୍ୟରେ ରାଜାଙ୍କୁ ସାହାଯ୍ୟ କରୁଥିଲେ । କେତୋଟି ପରିବାର ନେଇ ଗୋଟିଏ ଗ୍ରାମ ବସୁଥିଲା । ଗ୍ରାମର ପ୍ରଧାନ ବ୍ୟକ୍ତିଙ୍କୁ ଗ୍ରାମଣୀ ( ଗ୍ରାମନେତା ) କୁହା ଯାଉଥିଲା ।

ଆର୍ଯ୍ୟମାନେ ଦେଖିବାକୁ ସୁନ୍ଦର, ଗୌରବର୍ଣ୍ଣ ଓ ଉଚ୍ଚ (ଡେଙ୍ଗା) ଥିଲେ । ସେମାନେ ବଳିଷ୍ଠଶରୀର ଥିଲେ । ସେମାନଙ୍କ ପ୍ରକୃତି ଅତି ସରଳ ଥିଲା ଏବଂ ସେମାନେ ପବିତ୍ରଭାବରେ ଜୀବନଯାପନ କରୁଥିଲେ । ସେମାନେ ଗୋରୁ, ଘୋଡ଼ା, କୁକୁର ଓ ମେଣ୍ଢା ପାଳୁଥିଲେ ଏବଂ ସୂତା ଓ ରେଶମରେ ତିଆରି ଲୁଗା ପିନ୍ଧୁଥିଲେ । ସେମାନେ ଜଙ୍ଗଲ କାଟି ଅନେକ ଗ୍ରାମ ଓ ନଗର ବସାଇଥିଲେ । ପ୍ରତି ଗ୍ରାମର ଚାରିଆଡ଼େ ବିଶାଳ କୃଷିକ୍ଷେତ୍ରମାନ ଥିଲା । କୃଷି ଓ ପଶୁପାଳନ ସେମାନଙ୍କର ପ୍ରଧାନ ଜୀବିକା ଥିଲା । ସେମାନେ ପଶୁମାନଙ୍କ ପାଇଁ ବଡ଼ ବଡ଼ ଓ ପ୍ରଶସ୍ତ ଗୋଚରଭୂମି ରଖିଥିଲେ । ସେମାନେ କୃଷି ଭଲରୂପେ ଜାଣିଥିଲେ ଏବଂ ଯବ, ଗହମ, ଧାନ ପ୍ରଭୃତି ଶସ୍ୟ ଉତ୍ପନ୍ନ କରୁଥିଲେ । ଏହି ଶସ୍ୟକୁ ସିଦ୍ଧ କରି ସେମାନେ ଭୋଜନ କରୁଥିଲେ । କୂଅ, ପୋଖରୀ, ନଦୀରୁ ଡେଣ୍ଡା ପ୍ରଭୃତି ଦ୍ୱାରା କୃଷିକ୍ଷେତ୍ରକୁ ଜଳ ଯୋଗା ଦିଆଯାଉଥିଲା ।

କୃଷି ଓ ପଶୁପାଳନ ବ୍ୟତୀତ ସେମାନେ ବାଣିଜ୍ୟ ଓ ଶିଳ୍ପ ମଧ୍ୟ କରୁଥିଲେ । ନଦୀ ଓ ସମୁଦ୍ରରେ ନୌକା ଯୋଗେ ସେମାନେ ଦେଶ-ବିଦେଶକୁ ଯାଇ ବାଣିଜ୍ୟ କରୁଥିଲେ । ପଶମ ଓ ତୁଳାରେ ସୁନ୍ଦର ସୁନ୍ଦର ବସ୍ତ୍ର, ସୁନା ଓ ରୁପାରେ ସୁନ୍ଦର ସୁନ୍ଦର ଅଳଙ୍କାର, ଲୌହ ପ୍ରଭୃତି ଧାତୁରେ ନାନାପ୍ରକାର ଅସ୍ତ୍ରଶସ୍ତ୍ର ଓ ବ୍ୟବହାର୍ଯ୍ୟ ପଦାର୍ଥ ପ୍ରସ୍ତୁତ କରୁଥିଲେ । ବଜାରରେ ମୁଦ୍ରାର ପ୍ରଚଳନ ଥିଲା ବୋଲି ଜଣାଯାଏ ନାହିଁ । ବସ୍ତୁର ଅଦଳବଦଳରେ ବାଣିଜ୍ୟ ବ୍ୟବସାୟ ଚଳୁଥିଲା ।

ଦସ୍ୟୁ ଓ ଚୋର ସମାଜରେ କ୍ୱଚିତ୍ ଦେଖା ଯାଉଥିଲେ । କୃଷି, ସଙ୍ଗୀତ, ବାଦ୍ୟ, ନୃତ୍ୟ, ପଶାଖେଳ ମୃଗୟା (ଶିକାର) ପ୍ରଧାନ ଆମୋଦ ଥିଲା । ହେଲେହେଁ ପଶା ବା ଜୁଆଖେଳକୁ ସେମାନେ ପାପ ବୋଲି ବିଚାର କରୁଥିଲେ । ଯବ, ଗହମ, ଚାଉଳ, ଦୁଧ, ଘିଅ, ମାଂସକୁ ସେମାନେ ଆଦର୍ଶ ଖାଦ୍ୟ ବୋଲି ଭାବୁଥିଲେ । ସୋମରସ ପ୍ରଭୃତି ନିଶାଦ୍ରବ୍ୟ ମଧ୍ୟ ସେମାନେ ବ୍ୟବହାର କରୁଥିଲେ ।

ଆର୍ଯ୍ୟମାନଙ୍କର ଗୃହସ୍ଥଜୀବନ ଅତି ପବିତ୍ର ଥିଲା । ସ୍ତ୍ରୀମାନେ ପଣ୍ଡିତା ଥିଲେ ଏବଂ ସମାଜରେ ଉଚ୍ଚସ୍ଥାନ ପାଉଥିଲେ । ପତି ସେମାନଙ୍କ ଚକ୍ଷୁରେ ଦେବତା ପରି ଥିଲେ । ସେମାନେ ପରଦା ଭିତରେ ଲୁଚି ରହୁନ ଥିଲେ । ସେମାନେ ବେଦ ଅଧ୍ୟୟନ କରୁଥିଲେ ଏବଂ ଯଜ୍ଞରେ ପତିଙ୍କ ସଙ୍ଗେ ସମାନ ଭାବରେ ଯୋଗ ଦେଉଥିଲେ । ବିଶ୍ୱବାରା, ଲୋପାମୁଦ୍ରା ଆଦି ସ୍ତ୍ରୀମାନେ ବେଦମନ୍ତ୍ର ରଚନା କରିଥିଲେ । ବାଲ୍ୟବିବାହ-ପ୍ରଥା ପ୍ରଚଳିତ ନ ଥିଲା । କନ୍ୟା ବଡ଼ ହେଲେ ଏବଂ ଶିକ୍ଷାକାର୍ଯ୍ୟ ଶେଷ କଲେ, ପିତା ତାହାକୁ ଉପଯୁକ୍ତ ବରହାତରେ ପ୍ରଦାନ କରୁଥିଲେ । କନ୍ୟାମାନେ ନିଜେ ମଧ୍ୟ ବର ବାଛି ବିବାହ କରୁଥିଲେ । କେବେ କେବେ ବିଧବା ସ୍ତ୍ରୀମାନେ ଅନ୍ୟ ପତି ଗ୍ରହଣ କରୁଥିଲେ । ସାଧାରଣତଃ

ପୁରୁ ପତ୍ନୀଙ୍କ ଭାଇଙ୍କୁ ବିବାହ କରୁଥିଲେ । ସ୍ତ୍ରୀମାନଙ୍କୁ ଗୃହଲକ୍ଷ୍ମୀ ବୋଲି ବୁହା ଯାଉଥିଲା ଏବଂ ରୋଷେଇ, ଅତିଥିସେବା, ସନ୍ତାନପାଳନ, ଗୃହର ଓ ପଶୁମାନଙ୍କ ପାଳନର ଭାର ସେମାନଙ୍କ ହାତରେ ନ୍ୟସ୍ତ ଥିଲା । ମୋଟ ଉପରେ ପାରିବାରିକ ଜୀବନ ସୁଖମୟ ଥିଲା । ଲୋକ ମରିଯିବା ପରେ ତାହାର ଶବକୁ ପୋଡ଼ି ଦିଆଯାଉଥିଲା ଏବଂ ଚିତାଭସ୍ମକୁ ଭୂମିରେ ପୋତି ଦିଆଯାଉଥିଲା । କେହି କେହି ଶବକୁ ପୋତି ଦେଉଥିଲେ ।

ଆର୍ଯ୍ୟମାନଙ୍କର ବିଭିନ୍ନ ଦଳଗୁଡ଼ିକ ନିଜ ନିଜ ମଧ୍ୟରେ କଳହ ଓ ଯୁଦ୍ଧ କରୁଥିଲେ । ଅଦମମାନଙ୍କ ସଙ୍ଗରେ ଯୁଦ୍ଧ କରିବାକୁ ହେଲେ, ସବୁ ଦଳ ଏକାଠି ମିଶି ଯାଉଥିଲେ । ସେମାନେ ମନେ କରୁଥିଲେ ଯେ, ଅଦମମାନେ ସେମାନଙ୍କର ସାଧାରଣ ଶତ୍ରୁ । ଯୁଦ୍ଧ କରିବାକୁ ଆର୍ଯ୍ୟମାନେ ଅତି ପ୍ରିୟ ମଣୁଥିଲେ । ଘୋଡ଼ା ଓ ରଥ ଉପରେ ଚଢ଼ି ସେମାନେ ଯୁଦ୍ଧ କରୁଥିଲେ । ରାଜା ଓ ସେନାପତିମାନେ ହାତୀରେ ଚଢ଼ି ଯୁଦ୍ଧ କରୁଥିଲେ । ଯୁଦ୍ଧରେ ଧନୁଶର, ଖଡ୍ଗ, ବର୍ଚ୍ଛା, ଗଦା, ଭଲ୍ଲ ପ୍ରଭୃତି ଅସ୍ତ୍ର ବ୍ୟବହୃତ ହେଉଥିଲା । ଶତ୍ରୁର ଅସ୍ତ୍ରଶସ୍ତ୍ରରୁ ନିଜକୁ ରକ୍ଷା କରିବା ନିମନ୍ତେ ଯୋଦ୍ଧାମାନେ ଶରୀରରେ ବର୍ମ ଏବଂ ମସ୍ତକରେ ଶିରସ୍ତ୍ରାଣ ବ୍ୟବହାର କରୁଥିଲେ । ସୈନ୍ୟମାନେ କୃଷକ ବା କୃଷିର କିଛି କ୍ଷତି କରୁ ନ ଥିଲେ । ସେମାନେ ଧର୍ମଯୁଦ୍ଧ କରୁଥିଲେ । ପଳାତକ, ଭୀତ, ଶରଣାଗତ, [illegible] ଶତ୍ରୁକୁ ଆକ୍ରମଣ କରୁ ନ ଥିଲେ । ଶତ୍ରୁ ପ୍ରସ୍ତୁତ ନ ଥିବା ବେଳେ କିମ୍ବା ରାତିରେ ସେମାନେ ତାହାକୁ ଆକ୍ରମଣ କରୁ ନ ଥିଲେ ।

**ଜାତିବିଭାଗ**—ଆର୍ଯ୍ୟମାନଙ୍କ ମଧ୍ୟରେ ଜାତିଭେଦ ବା ବ୍ୟବସାୟଭେଦ ପ୍ରଥା ନ ଥିଲା । ଯେ ଯେଉଁ ବ୍ୟବସାୟକୁ ଭଲ ପାଉଥିଲା ସେ ତାହା ଗ୍ରହଣ କରି ପାରୁଥିଲା । ପଞ୍ଜାବରେ ବାସ କରିବା ବେଳେ

ଆର୍ଯ୍ୟମାନଙ୍କୁ ସବୁବେଳେ ଆଦିମମାନଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପଡ଼ିଲା । ସେଥିରେ ସେମାନଙ୍କର ଧର୍ମ ଓ କୃଷି ବାଣିଜ୍ୟରେ ବାଧା ଘଟିଲା, ତେଣୁ ସେମାନେ ଆପଣା ମଧ୍ୟରେ ତିନିଭାଗରେ ବିଭକ୍ତ ହେଲେ । ଅଧେ ପୁରୋହିତ ଓ ଧର୍ମଚର୍ଚ୍ଚା କରି ବ୍ରାହ୍ମଣ ହେଲେ, ଅଧେ ଯୁଦ୍ଧ ଓ ଶାସନକାର୍ଯ୍ୟ ପାଇଁ ଅଲଗା ରହି କ୍ଷତ୍ରିୟ ହେଲେ ଏବଂ ଅବଶିଷ୍ଟ ଆର୍ଯ୍ୟମାନେ କୃଷି, ବାଣିଜ୍ୟ ଓ ବ୍ୟବସାୟ କରି ବୈଶ୍ୟ ହେଲେ । ଯେଉଁ ଆଦିମମାନେ ଆର୍ଯ୍ୟମାନଙ୍କର ଗୋଲାମ ହୋଇ ରହିଲେ, ସେମାନେ ଶୂଦ୍ର ହେଲେ । ଏହି ଚାରି ବର୍ଣ୍ଣରୁ କ୍ରମେ ନାନା କାରଣରୁ ଅନେକ ଜାତିର ସୃଷ୍ଟି ହୋଇଅଛି ।

**ଶାସନ ପ୍ରଣାଳୀ** – ଆର୍ଯ୍ୟମାନେ ଦଳ ଦଳ ହୋଇ ବାସ କରୁଥିଲେ । ପ୍ରତି ପରିବାରର କର୍ତ୍ତା ବା ପ୍ରଧାନ ବ୍ୟକ୍ତି ସେହି ପରିବାରର ମାଲିକ ଥିଲେ । କେତୋଟି ପରିବାର ମିଶି ଗୋଟିଏ ଗ୍ରାମ ଗଠିତ ହେଉଥିଲା । ଗ୍ରାମଣୀ ଗ୍ରାମର ମାଲିକ ଥିଲେ । କେତେଗୁଡ଼ିଏ ଗ୍ରାମ ମିଶି ଏକ ବିଷୟ ହେଉଥିଲା । ବିଷୟପତି ନିଜ ବିଷୟର ଶାସନକାର୍ଯ୍ୟ ତୁଲାଉଥିଲେ । କେତୋଟି ବିଷୟ ଉପରେ ଜଣେ ରାଜା ରହୁଥିଲେ । ରାଜା ଗୋଟିଏ ଦଳର ଅଧିପତି ବା ପ୍ରଧାନ ବ୍ୟକ୍ତି ଥିଲେ । ରାଜା ନିଜ ରାଜ୍ୟ ମଧ୍ୟରେ ଗୋଟିଏ ମନ୍ତ୍ରିସଭା ରଖନ୍ତି ଏବଂ ସେହି ମନ୍ତ୍ରିସଭାର ପରାମର୍ଶ ଅନୁସାରେ ଶାସନକାର୍ଯ୍ୟ ଚଳାନ୍ତି । ପରିବାରମାନଙ୍କରେ ଥିବା କେତେଜଣ ସବୁଠୁଁ ବୁଦ୍ଧିମାନ୍ ବୃଦ୍ଧବ୍ୟକ୍ତି ମନ୍ତ୍ରୀ କାର୍ଯ୍ୟ କରନ୍ତି । ବେଳେବେଳେ ପରିବାରର ପ୍ରଧାନ ବ୍ୟକ୍ତିମାନେ ରାଜା ବାଛନ୍ତି । କୌଣସି କୌଣସି ଦଳରେ ରାଜା କେହି ନ ଥିଲେ କେବଳ ମନ୍ତ୍ରିସଭା ରାଜ୍ୟ ଚଳାଉଥିଲେ ଏବଂ ନିଜ ଭିତରୁ ଜଣକୁ ସଭାପତି ବାଛୁଥିଲେ । ଶାସନ ଦୃଢ଼ କରିବା ସକାଶେ ବେଳେବେଳେ

ଦୁଇ ବା ଅଧିକ ଦଳ ମିଶି ଗୋଟିଏ ଦଳ ହେଉଥିଲେ । ପ୍ରଜାମାନଙ୍କୁ ଭଲ ଶାସନରେ ରଖିବା ରାଜାଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା । କେଉଁ ପ୍ରଜା କେତେ କର ଦେବ, ସେ ସମ୍ବନ୍ଧରେ କୌଣସି ବ୍ୟବସ୍ଥା ନ ଥିଲା । ପ୍ରଜାମାନେ ନିଜ ଇଚ୍ଛା ଓ ଶକ୍ତି ଅନୁସାରେ ରାଜାଙ୍କୁ ନିଜ ଉତ୍ପନ୍ନ ଶସ୍ୟରୁ କିଛି କିଛି କରସ୍ୱରୂପ ଦାନ କରୁଥିଲେ । ରାଜା ସେଥିରେ ନିଜର ଓ ରାଜ୍ୟର ଖର୍ଚ୍ଚ ଚଳାଉଥିଲେ । ଭିନ୍ନ ଭିନ୍ନ ରାଜାଙ୍କ ତଳେ ଥିବା ଭିନ୍ନ ଦଳ ନିଜ ଭିତରେ କଳି କରୁଥିଲେ ଏବଂ ବେଳେବେଳେ ଜଣେ ରାଜା ଅନ୍ୟ ରାଜାମାନଙ୍କୁ ଜୟ କରି ନିଜ ରାଜ୍ୟ ଓ ଶକ୍ତିବୃଦ୍ଧି କରୁଥିଲେ । ଏପରି ରାଜା ଅତ୍ୟନ୍ତ ପରାକ୍ରାନ୍ତ ହେଲେ ତାହାଙ୍କୁ ଚକ୍ରବର୍ତ୍ତୀ ବା ସମ୍ରାଟ୍ କୁହାଯାଉଥିଲା ।

ଏହିପରି ପରାକ୍ରାନ୍ତ ରାଜବଂଶ ମଧ୍ୟରେ ସୂର୍ଯ୍ୟ ଓ ଚନ୍ଦ୍ରବଂଶୀୟ ରାଜାମାନେ ବିଖ୍ୟାତ ଥିଲେ । ସୂର୍ଯ୍ୟବଂଶୀୟ ରାଜାମାନେ ସାକେତ ବା ଅଯୋଧ୍ୟାରେ ଏବଂ ଚନ୍ଦ୍ରବଂଶୀୟ ରାଜାମାନେ ହସ୍ତିନାପୁରରେ ବିଶେଷ ଶକ୍ତିଶାଳୀ ହୋଇଥିଲେ ।

## ଅନୁଶୀଳନୀ

୧ । ଆର୍ଯ୍ୟମାନଙ୍କର ବସତିସ୍ଥାପନର କ୍ରମ ଅନୁସାରେ ନିମ୍ନଲିଖିତ ନାମଗୁଡ଼ିକ ସଜାଇ ଲେଖ :—

ବଙ୍ଗ, କର୍ଣ୍ଣାଟ, ପଞ୍ଜାବ, ବିହାର, ଅଙ୍ଗ, ଯୁକ୍ତପ୍ରଦେଶ, ମାଳବ, ମଧ୍ୟପ୍ରଦେଶ, ମହୀସୁର, ସୁରାଷ୍ଟ୍ର, ଦିଲ୍ଲୀ, ମହାରାଷ୍ଟ୍ର, ଆସାମ, ସିନ୍ଧୁ ।

୨ । ଆର୍ଯ୍ୟମାନଙ୍କର ମୂଳ ବାସସ୍ଥାନ ସମ୍ବନ୍ଧରେ ଯେଉଁ ଭିନ୍ନ ମତ ଦେଖାଯାଏ, ସେଥି ସମ୍ବନ୍ଧରେ ତୁମ୍ଭେ କେଉଁଟାକୁ ଠିକ୍ ବୋଲି ମନେ କର ଓ କାହିଁକି ?

୩ । ମ୍ଲେଚ୍ଛ ଦେଶ (କ) ଭାରତ ବାହାରେ ଥିଲା । (ଖ) ବ୍ରହ୍ମାବର୍ତ୍ତରେ ଥିଲା । (ଗ) ଦାକ୍ଷିଣାତ୍ୟରେ ଥିଲା । (ଘ) ବିନ୍ଧ୍ୟର ଉତ୍ତରରେ ନ ଥିଲା । (ଙ) ଆର୍ଯ୍ୟାବର୍ତ୍ତ ବାହାରେ ଥିଲା ।

ଏହି ପାଞ୍ଚ କଥା ମଧ୍ୟରୁ ସମ୍ପୂର୍ଣ୍ଣ ଠିକ୍ ଥିବା କଥାରେ ଟିକ୍ (✓) ଚିହ୍ନ ଦିଅ ।

୪ । ବୈଦିକ ଯୁଗରେ ରାଜାଙ୍କର ଶାସନ—ଏହି ବିଷୟରେ ନେଇ ଗୋଟିଏ ପ୍ରବନ୍ଧ ଲେଖ ।

୫ । ବୈଦିକ ଯୁଗର ସ୍ତ୍ରୀଶିକ୍ଷା ଓ ସ୍ତ୍ରୀସଭ୍ୟତା ସମ୍ବନ୍ଧରେ କଣ ଜାଣ ?

୬ । ତୁମ୍ଭେ ବୈଦିକ ଯୁଗର ଜଣେ ସୈନିକ ହୋଇଥିଲେ, କି କି ଯୁଦ୍ଧୋପକରଣ ବ୍ୟବହାର କରିଥାନ୍ତ ?

୭ । ଆର୍ଯ୍ୟମାନଙ୍କର ଧର୍ମ ସମ୍ବନ୍ଧରେ ତୁମର ଧାରଣା କଣ ? ପ୍ରକୃତି ଉପାସନା ବୋଇଲେ ତୁମ୍ଭେ କଣ ବୁଝ ?

---

# ଚତୁର୍ଥ ଅଧ୍ୟାୟ

## ରାମାୟଣ ଓ ମହାଭାରତ

**ରାମାୟଣ**—ବେଦ ରଚନାରେ ଅନେକ ଦିନ ପରେ ଆର୍ଯ୍ୟମାନେ ସଂସ୍କୃତ ଭାଷାରେ ରାମାୟଣ ଓ ମହାଭାରତ ନାମକ ଦୁଇଟି ମହାକାବ୍ୟ ଲେଖିଥିଲେ । ଏହି ଦୁଇ ମହାକାବ୍ୟ ମଧ୍ୟରୁ ରାମାୟଣ ଆଗେ ଲେଖା ହୋଇଥିଲା । ମହାକବି ବାଲ୍ମୀକି ରାମାୟଣର ଲେଖକ୍।

ରାମାୟଣ ସାତ କାଣ୍ଡରେ ବିଭକ୍ତ । କେହି କେହି କହନ୍ତି, ଆଦି ଓ ଉତ୍ତର-କାଣ୍ଡ ବାଲ୍ମୀକିଙ୍କ ନିଜ ଲିଖିତ ମୂଳ ରାମାୟଣରେ ନ ଥିଲା, ଅର୍ଥାତ୍ ବାଲ୍ମୀକି ରାମଚନ୍ଦ୍ରଙ୍କ ଜନ୍ମଠାରୁ ଆରମ୍ଭ କରି ତାହାଙ୍କ ଦ୍ୱାରା ରାବଣବଧ ପର୍ଯ୍ୟନ୍ତ କାବ୍ୟ ଇତିହାସ ଆକାରରେ ଲେଖିଥିଲେ । ତାଙ୍କ ପରବର୍ତ୍ତୀ କାଳରେ ଅନ୍ୟ କବିମାନେ ସୂର୍ଯ୍ୟବଂଶୀୟ ଦଶରଥଙ୍କ ପୂର୍ବପୁରୁଷମାନଙ୍କ ଜୀବନଚରିତକୁ କାବ୍ୟାକାରରେ ଲିପିବଦ୍ଧ କରିଥିଲେ । ରାମଚନ୍ଦ୍ରଙ୍କ ସୀତାନିର୍ବାସନ ଓ ପରବର୍ତ୍ତୀ ଜୀବନଚରିତ ମଧ୍ୟ ସେମାନେ ସେହିପରି ଲିପିବଦ୍ଧ କରିଥିଲେ । ଏଥି ମଧ୍ୟରୁ ପ୍ରଥମ ଅଂଶ ଆଦିକାଣ୍ଡରୂପେ ଏବଂ ଶେଷ ଅଂଶ ଉତ୍ତରକାଣ୍ଡରୂପେ ବାଲ୍ମୀକିଙ୍କ ମୂଳ ପାଞ୍ଚକାଣ୍ଡିଆ ରାମାୟଣରେ ସଂଯୋଜିତ ହୋଇଥିଲା । ପ୍ରକୃତ କଥା କହିବାକୁ ହେଲେ ପଣ୍ଡିତମାନଙ୍କର ଏହି ଯୁକ୍ତିରେ କେତେକ ସତ୍ୟ ଥିବା ପରି ଜଣାଯାଏ । ରାମାୟଣର ମୌଳିକ ରାମଚନ୍ଦ୍ରଙ୍କ କଥା ସଙ୍ଗେ ଆଦିକାଣ୍ଡର ବିଷୟ ଅବାନ୍ତର ବା ଅସମ୍ପୃକ୍ତ ଅଟେ । ରାମଚନ୍ଦ୍ରଙ୍କ ବିଶୁଦ୍ଧ ଆଦର୍ଶ ଚରିତ୍ରରେ ନିର୍ଦ୍ଦୋଷ ସୀତାଙ୍କର ନିର୍ବାସନ ଏକ କଳଙ୍କ ପରି ଜଣାପଡ଼େ । ବାଲ୍ମୀକିଙ୍କ ପରି ସିଦ୍ଧହସ୍ତ କବିଙ୍କ ଲେଖନୀରେ ଏପରି ଦୋଷାବହ ଚରିତ୍ରଚିତ୍ରଣ ଅସମ୍ଭବ ଅଟେ ।

ଅଯୋଧ୍ୟା ପୂର୍ବୋକ୍ତ କୋଶଳ ରାଜ୍ୟର ରାଜଧାନୀ ଥିଲା । ସେଠାରେ ସୂର୍ଯ୍ୟବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ସେହି ବଂଶରେ ଦଶରଥ ବୋଲି ଜଣେ ପରାକ୍ରମୀ ରାଜା ଥିଲେ । ତାଙ୍କ ବଡ଼ ପୁଅ ରାମଚନ୍ଦ୍ର ବିଦେହରାଜା ଜନକଙ୍କ ରୂପବତୀ କନ୍ୟା ସୀତାଙ୍କୁ ବିବାହ କରିଥିଲେ । ଦଶରଥଙ୍କର ତିନି ରାଣୀ—କୌଶଲ୍ୟା, କୈକେୟୀ ଓ ସୁମିତ୍ରା । ରାମଚନ୍ଦ୍ର କୌଶଲ୍ୟାଙ୍କ ପୁଅ । କୈକେୟୀଙ୍କ ପୁଅର ନାମ ଭରତ । ସୁମିତ୍ରାଙ୍କର ଦୁଇ ପୁଅ—ଲକ୍ଷ୍ମଣ ଓ ଶତ୍ରୁଘ୍ନ ।

ଦଶରଥ ବୁଢ଼ା ହୋଇଯିବାରୁ ରାମଚନ୍ଦ୍ରଙ୍କୁ ରାଜା କରିବେ ବୋଲି ଇଚ୍ଛା କଲେ । ଇତିପୂର୍ବେ ସେ କୈକେୟୀଙ୍କୁ ଦୁଇଟି ବର ଦେବେ ବୋଲି



ଅଙ୍ଗୀକାର କରିଥିଲେ । ରାମ ରାଜା ହେବେ ବୋଲି ଶୁଣି କୈକେୟୀ ସେହି ଦୁଇ ବର ମାଗି ବସିଲେ । ରାଜା ସତ୍ୟ ଲଙ୍ଘି ପାରିଲେ ନାହିଁ;

ସୁତରାଂ କୈକେୟୀଙ୍କ ପ୍ରାର୍ଥନା ଅନୁସାରେ ରାମ ୧୪ ବର୍ଷ ସକାଶେ ବନକୁ ଗଲେ ଏବଂ ଭରତ ଅଯୋଧ୍ୟାର ରାଜା ହେଲେ । ଲକ୍ଷ୍ମଣ ଓ ସୀତା ରାମଙ୍କୁ ଛାଡ଼ି ଘରେ ରହିଲେ ନାହିଁ ଏବଂ ତାଙ୍କ ସଙ୍ଗେ ବନକୁ ଗଲେ । ପୁତ୍ରଶୋକରେ ବୃଦ୍ଧ ଦଶରଥ ପ୍ରାଣତ୍ୟାଗ କଲେ ।

ବନବାସ କାଳରେ ଲଙ୍କାଦ୍ୱୀପର ରାଜା ରାକ୍ଷସ ସୀତାଙ୍କୁ ଚୋରି କରି ନେଇଗଲା । ରାମଚନ୍ଦ୍ର କିଷ୍କିନ୍ଧ୍ୟାର ରାଜା ସୁଗ୍ରୀବଙ୍କ ସଙ୍ଗେ ମିତ ହୋଇ ସମୁଦ୍ରରେ ଗୋଟିଏ ସେତୁ ବାନ୍ଧିଲେ ଏବଂ ଲଙ୍କାକୁ ଯାଇ ରାବଣକୁ ସବଂଶ ବଧ କଲେ । ସୀତାଙ୍କୁ ଲଙ୍କାରୁ ଉଦ୍ଧାର କରି ରାମଚନ୍ଦ୍ର ୧୪ ବର୍ଷ ପରେ ଅଯୋଧ୍ୟାକୁ ଫେରି ଆସିଲେ ଏବଂ ଭରତଙ୍କ ହାତରୁ ପୁଣି ରାଜ୍ୟର ଭାର ବୁଝିନେଲେ ।

**ମହାଭାରତ**—ମହାକବି ବ୍ୟାସ ମହାଭାରତ କାବ୍ୟ ରଚନା କରିଥିଲେ । ଏହା ୧୮ ପର୍ବ ବା ଖଣ୍ଡରେ ବିଭକ୍ତ ।

ମହାଭାରତ ପରି ବୃହତ୍ କାବ୍ୟଗ୍ରନ୍ଥ ଆଉ ଦ୍ୱିତୀୟ ନାହିଁ । କୁରୁକ୍ଷେତ୍ର ଯୁଦ୍ଧକୁ ମୂଳରୂପେ ଅବଲମ୍ବନ କରି ଏହି କାବ୍ୟ ରଚିତ ହୋଇଥିଲା । ପରବର୍ତ୍ତୀ କାଳରେ କବିମାନେ ଏଥିରେ ନାନାପ୍ରକାର ଗଳ୍ପ ଓ ଉପାଖ୍ୟାନ ଅନେକ ଭରିଦେଇ କରି ଦେଇଅଛନ୍ତି; ସୁତରାଂ କାବ୍ୟର କଳେବର ବହୁତ ବଢ଼ି ଯାଇଅଛି । ଏହି ସମସ୍ତ ଅବାନ୍ତର ଗଳ୍ପରେ ଦେବତା, ରାଜା, ଋଷି ଓ ବୀରମାନଙ୍କ ବିଷୟ ବର୍ଣ୍ଣିତ ହୋଇଅଛି । ସୃଷ୍ଟି, ଧର୍ମ, ଆଚାର, ବ୍ୟବହାର ଯୋଦ୍ଧାର କର୍ତ୍ତବ୍ୟ ଇତ୍ୟାଦି ନାନା କଥା ମହାଭାରତରେ ବର୍ଣ୍ଣିତ ହୋଇଅଛି; ଏଣୁ ଲୋକେ କହିଥାନ୍ତି, "ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ ।" ବ୍ୟାସ ଏପରି ବଡ଼ କବି ଯେ, ପରବର୍ତ୍ତୀ କବିମାନେ ନିଜ ଗ୍ରନ୍ଥ ଚଳାଇବା ନିମନ୍ତେ ସେଗୁଡ଼ିକ ବ୍ୟାସ ଲେଖିଅଛନ୍ତି ବୋଲି ପ୍ରଚାର କରିଥିଲେ ।

ଅତି ପ୍ରାଚୀନକାଳରେ ଚନ୍ଦ୍ରବଂଶରେ ଭରତ ନାମରେ ଜଣେ ପରାକ୍ରାନ୍ତ ରାଜା ଥିଲେ । ତାଙ୍କ ନାମାନୁସାରେ ଏହି ଦେଶର ନାମ "ଭାରତବର୍ଷ" ହୋଇଅଛି । "ଭାରତବର୍ଷ" ଶବ୍ଦର ଅର୍ଥ "ରାଜା ଭରତଙ୍କ ଦେଶ ।" ଭରତଙ୍କ ବଂଶରେ କୁରୁ ନାମରେ ଜଣେ ରାଜା ଥିଲେ । କୁରୁଙ୍କ ବଂଶଧରମାନେ କୌରବ ନାମରେ ପରିଚିତ । ସେମାନେ ହସ୍ତିନାରେ ରାଜଧାନୀ କରିଥିଲେ । କୌରବବଂଶର ରାଜା ବିଚିତ୍ରବୀର୍ଯ୍ୟଙ୍କର ଦୁଇ ପୁତ୍ର—ଧୃତରାଷ୍ଟ୍ର ଓ ପାଣ୍ଡୁ । ଧୃତରାଷ୍ଟ୍ର ଜ୍ୟେଷ୍ଠ ହେଲେ ମଧ୍ୟ ଜନ୍ମାନ୍ଧ ବୋଲି ରାଜ୍ୟରୁ ବଞ୍ଚିତ ହୋଇଥିଲେ ଏବଂ ପାଣ୍ଡୁ ରାଜା ହୋଇଥିଲେ । ପାଣ୍ଡୁଙ୍କ ମୃତ୍ୟୁ ପରେ ଧୃତରାଷ୍ଟ୍ର କିଛିକାଳ ନିମନ୍ତେ ରାଜ୍ୟ ଶାସନ କରିଥିଲେ । ଧୃତରାଷ୍ଟ୍ରଙ୍କ ଶହେ ପୁଅ । ସେମାନଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ଜ୍ୟେଷ୍ଠ । ପାଣ୍ଡୁଙ୍କର ପାଞ୍ଚ ପୁଅ—ଯୁଧିଷ୍ଠିର; ଭୀମ, ଅର୍ଜ୍ଜୁନ, ନକୁଳ ଓ ସହଦେବ ।

କୁରୁବଂଶରେ ଜାତ ବୋଲି ଏବଂ ବଡ଼ ଭାଇର ପୁଅ ବୋଲି ଦୁର୍ଯ୍ୟୋଧନ ଆଦି ଶହେ ଭାଇଙ୍କୁ ପ୍ରଧାନତଃ କୌରବ ବୋଲି କହୁଥିଲେ । ପାଣ୍ଡୁଙ୍କ ପାଞ୍ଚପୁଅ ପାଣ୍ଡବ ବୋଲି କଥିତ ହେଉଥିଲେ । କୌରବ ଭାଇମାନେ ବଡ଼ ଦୁଷ୍ଟ ଓ କୁଟିଳପ୍ରକୃତିର ଥିଲେ । ପାଣ୍ଡବମାନେ ଶିଷ୍ଟ ଓ ଧାର୍ମିକ ଥିଲେ । ଲୋକେ ପାଣ୍ଡବଙ୍କୁ ଭଲ ପାଉଥିଲେ ଓ ପ୍ରଶଂସା କରୁଥିଲେ । ଦୁର୍ଯ୍ୟୋଧନ ତାହା ସହ୍ୟ କରି ପାରୁ ନ ଥିଲେ । ସେ ସର୍ବଦା ସେମାନଙ୍କର ଅନିଷ୍ଟ ଚିନ୍ତା କରୁଥିଲେ ।

ଥରେ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଗୋଟିଏ ଜଉଘରେ ରଖାଇ ରାତିରେ ସେହି ଘରେ ନିଆଁ ଲଗାଇ ଦେଲେ । କିନ୍ତୁ ପାଣ୍ଡବମାନେ ସେ କଥା ଆଗରୁ ଜାଣି ପାରି ସେ ଘର ଛାଡ଼ି ପଳାଇ ଯାଇଥିଲେ । ଏହା ପରେ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଆହୁରି ନାନାପ୍ରକାର ବିପଦରେ

ଦେଖାଇଥିଲେ; କିନ୍ତୁ ଦେଶରେ ସେମାନଙ୍କର କିଛି ଯଶ ହୋଇ ନ ଥିଲା । ଶେଷରେ ଦୁର୍ଯ୍ୟୋଧନ କପଟ ଜୁଆଖେଳରେ ପାଣ୍ଡବମାନଙ୍କ ନିକଟରୁ ରାଜ୍ୟ ଆଦି ସବୁ ଜିଣି ନେଇଗଲେ ଏବଂ ସେମାନଙ୍କୁ ବାରବର୍ଷ ବନବାସ ଓ ଏକବର୍ଷ ଅଜ୍ଞାତବାସ କରିବା ସକାଶେ ରାଜ୍ୟରୁ ତଡ଼ିଦେଲେ ।

ଏହି ତେର ବର୍ଷ ପରେ ପାଣ୍ଡବମାନେ ବନରୁ ଫେରି ନିଜ ରାଜ୍ୟ ଦାବି କଲେ । ରାଜ୍ୟ ତ ରାଜ୍ୟ, ଦୁର୍ଯ୍ୟୋଧନ ପାଞ୍ଚଖଣ୍ଡ ଗାଁ ସୁଦ୍ଧା ଦେଲେ ନାହିଁ । ଫଳରେ କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ କୁରୁକ୍ଷେତ୍ରଠାରେ ଭୀଷଣ ଯୁଦ୍ଧ ହେଲା । ଏହି ଯୁଦ୍ଧ ଅଠର ଦିନ ଚାଲିଲା । ସେଥିରେ ଭାରତର ଯେତେବଡ଼ ବୀର ପ୍ରାୟ ସମସ୍ତେ ନିହତ ହେଲେ । କଥିତ ଯୁଦ୍ଧଶାଳୀ ଯେତେ ପ୍ରକାର ବୈଜ୍ଞାନିକ ଉନ୍ନତି ଓ ଅସ୍ତ୍ରଶସ୍ତ୍ର ଏହି ଯୁଦ୍ଧରେ ନଷ୍ଟ ହୋଇଥିଲା । ଉପଯୁକ୍ତ ବୀରର ଅଭାବରୁ ଭବିଷ୍ୟତରେ ତାହାର ଆଲୋଚନା ବା ପୁନରୁଦ୍ଧାର ପୁଣି ହୋଇ ପାରିଲା ନାହିଁ । ମହାଭାରତ ଯୁଦ୍ଧ ଭାରତର ଏହି ପ୍ରାଚୀନ ସଭ୍ୟତା ଲୋପ ପାଇବାର ପ୍ରଥମ ଓ ଏକ ପ୍ରଧାନ କାରଣ ଅଟେ ।

ଯୁଦ୍ଧରେ ଦୁର୍ଯ୍ୟୋଧନ ଭାଇମାନଙ୍କ ସଙ୍ଗେ ନିହତ ହେଲେ ଏବଂ ପାଣ୍ଡବମାନେ ଯୁଧିଷ୍ଠିର ଜୟଲାଭ କରି ରାଜ୍ୟ ଅଧିକାର କଲେ । ହେଲେହେଁ ଭାରତର ଏତେ ବୀରଙ୍କ ରକ୍ତପାତ କରି, ଭାଇମାନଙ୍କୁ ବଧ କରି, ଭାରତର ବିଦ୍ୟା, ବୁଦ୍ଧି, ବୀର୍ଯ୍ୟ, କଳା, ସଭ୍ୟତା ସମସ୍ତ ନାଶ କରି ଭାରତର ପତନର ସୂତ୍ରପାତ କରି ଅଧୋଗତ ରାଜ୍ୟଭୋଗ କରିବା ନିମନ୍ତେ ତାହାଙ୍କୁ ଆଉ ଅଧିକ ଦିନ ଭଲ ଲାଗିଲା ନାହିଁ । ସେ ଅଳ୍ପ କେତେକ ଦିନ ପରେ ନାତି ପରୀକ୍ଷିତଙ୍କୁ ନିଜ ସିଂହାସନ ପ୍ରଦାନ କଲେ ଏବଂ ପାଞ୍ଚ ଭାଇଙ୍କ ସଙ୍ଗେ ରାଜ୍ୟ, ଘରଦ୍ୱାର ଛାଡ଼ି ଚାଲିଗଲେ ।

## ରାମାୟଣ ଓ ମହାଭାରତର ସମସାମୟିକ ଅବସ୍ଥା :—

ରାମାୟଣ ଓ ମହାଭାରତ ଗ୍ରନ୍ଥଦ୍ୱୟରୁ ସେକାଳର ଇତିହାସ ଓ ସାମାଜିକ ଅବସ୍ଥା କିଛି କିଛି ଜଣାଯାଏ । ଉଭୟ ଗ୍ରନ୍ଥରେ କବିଙ୍କ ସମୟର ପ୍ରଚଳିତ ରୀତିନୀତି, ଆଚାର ବ୍ୟବହାର, ସାମାଜିକ ବିଧିବ୍ୟବସ୍ଥା ପ୍ରଭୃତି ବର୍ଣ୍ଣିତ ହୋଇଅଛି ।

ରାମାୟଣ-ମହାଭାରତ ଯୁଗରେ ଆର୍ଯ୍ୟମାନେ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ସ୍ଥାପନ କରିଥିଲେ । ଏ ସମସ୍ତ ରାଜ୍ୟ ମଧ୍ୟରେ କୋଶଳ, ବିଦେହ, କୁରୁ, ପଞ୍ଚାଳ, କାଶୀ, ଅବନ୍ତୀ, ମଗଧ, ଅଙ୍ଗ, ବଙ୍ଗ, କଳିଙ୍ଗ, ପ୍ରଭୃତି ପ୍ରଧାନ ଥିଲା । ଦେଶର ଅଧିକାଂଶ ଜଙ୍ଗଲରେ ପୂର୍ଣ୍ଣ ଥିଲା ।

ରାମାୟଣ ରଚିତ ହେବା କାଳରେ ଦାକ୍ଷିଣାତ୍ୟର ଲୋକେ ଅନୁନ୍ନତ କିମ୍ବା ଅଧମ ଥିବାରୁ ସେମାନଙ୍କୁ ବାନର, ଭଲ୍ଲୁକ ବୋଲି ବର୍ଣ୍ଣନା କରାଯାଇଅଛି । ତଥାପି ରାମାୟଣ-ଯୁଗରେ ଆର୍ଯ୍ୟମାନେ ଦାକ୍ଷିଣାତ୍ୟରେ ବସତି ଆରମ୍ଭ କରୁଥିଲେ । ଆର୍ଯ୍ୟଋଷି ଅଗସ୍ତି ଓ ବ୍ରାହ୍ମଣ-ବୀର ପରଶୁରାମ ଦାକ୍ଷିଣାତ୍ୟରେ ପ୍ରଥମେ ବସତି କରିଥିଲେ ।

ମହାଭାରତ ରଚିତ ହେବା କାଳରେ ଆର୍ଯ୍ୟମାନେ ଦାକ୍ଷିଣାତ୍ୟରେ ବସତି ସ୍ଥାପନ କରି ସାରିଥିଲେ । ଆର୍ଯ୍ୟ ଅଧ୍ୟୁଷିତ ଅଞ୍ଚଳ ଭିତରେ କାଶୀ, ମଥୁରା, ହସ୍ତିନା, ଇନ୍ଦ୍ରପ୍ରସ୍ଥ, ଦ୍ୱାରକା, ଗିରିବ୍ରଜ ପ୍ରଭୃତି ସମୃଦ୍ଧିଶାଳୀ ନଗରୀ ଥିଲା ।

ବର୍ଣ୍ଣିତ କାଳରେ ରାଜାମାନେ କ୍ଷମତାଶାଳୀ ହେଲେ ଅଶ୍ୱମେଧ ଯଜ୍ଞ କରି ରାଜଚକ୍ରବର୍ତ୍ତୀ ଉପାଧି ଗ୍ରହଣ କରୁଥିଲେ ଏବଂ ତାଙ୍କୁ ଅନ୍ୟ ରାଜାମାନେ ରାଜାଧିରାଜ ବୋଲି ସ୍ୱୀକାର କରୁଥିଲେ । ଏପରି ଚକ୍ରବର୍ତ୍ତିତ୍ୱ ଲାଭ କରିବା ନିମନ୍ତେ ହସ୍ତିନା ଓ ଗିରିବ୍ରଜ ମଧ୍ୟରେ କଳହ ଲାଗି

ରହିଥିବାର ମହାଭାରତରେ ବର୍ଣ୍ଣିତ ଅଛି । ହେଲେହେଁ ଭାରତରେ ଏକଚ୍ଛତ୍ର ସମ୍ରାଟ୍ ନ ଥିଲେ, କିନ୍ତୁ ବାହାରବେ ବୋଲି ଜଣାଯାଉଥିଲା ଏବଂ ରାଜାମାନଙ୍କ ମଧ୍ୟରେ ବରାବର କଳହ ଲାଗି ରହିଥିଲା ।

ରାଜାମାନେ ରାଜ୍ୟରକ୍ଷା ଓ ପ୍ରଜାପାଳନକୁ ପରମ ଧର୍ମ ଓ ଜୀବନର ଏକମାତ୍ର କାର୍ଯ୍ୟ ବୋଲି ବିଚାର କରୁଥିଲେ । ଯୁଦ୍ଧ ଓ ରାଜକାର୍ଯ୍ୟ ପରିଚାଳନପ୍ରଣାଳୀ ସରଳ ଓ ଆଡ଼ମ୍ବରଶୂନ୍ୟ ଥିଲା । ଲୋକଙ୍କ ମନରେ କପଟ ବା କୁଟିଳତା ସ୍ଥାନ ପାଇ ନ ଥିଲା । ଅନ୍ୟାୟ ଯୁଦ୍ଧକୁ ସେମାନେ ଘୃଣା କରୁଥିଲେ ।

ସ୍ତ୍ରୀମାନେ ସତୀ ଓ ସଚ୍ଚରିତ୍ରା ଥିଲେ । ସ୍ୱୟମ୍ବର, ବହୁବିବାହ, ବିଧବାବିବାହ, ସତୀଦାହ ପ୍ରଭୃତି ପ୍ରଥା ପ୍ରଚଳିତ ଥିଲା ।

ସମାଜରେ ଜାତିବିଭାଗ ପୂର୍ଣ୍ଣମାତ୍ରାରେ ସ୍ଥାନ ପାଇଥିଲା । ତଥାପି କେହି କେହି ନିଜ ଇଚ୍ଛା ଅନୁସାରେ ପୈତୃକ ବ୍ୟବସାୟ ଛାଡ଼ି ଅନ୍ୟ ଜାତିର ବ୍ୟବସାୟ ଗ୍ରହଣ କରି ପାରୁଥିଲେ ।

ବେଦର ଧର୍ମ କ୍ରମେ ପରିବର୍ତ୍ତିତ ହେଉଥିଲା । ବେଦୋକ୍ତ ଦେବତାମାନଙ୍କ ବ୍ୟତୀତ ବ୍ରହ୍ମା, ବିଷ୍ଣୁ, ଶିବ, ଗଣେଶ, ଦୁର୍ଗା, ପାର୍ବତୀ ପ୍ରଭୃତି ନୂଆ ଦେବଦେବୀଙ୍କର ଉପାସନା ଚଳିବାକୁ ବସିଥିଲା ।

## ଅନୁଶୀଳନୀ

୧ । ରାମାୟଣ ଓ ମହାଭାରତରୁ ଇତିହାସ ଲେଖକମାନେ କି ଉପକାର ପାଇଛନ୍ତି ?

୨ । ସୂର୍ଯ୍ୟବଂଶର ପ୍ରସିଦ୍ଧ ରାଜା କିଏ ? ତାଙ୍କ ସମ୍ବନ୍ଧରେ କଣ ଜାଣ ?

୩ । ଚନ୍ଦ୍ରବଂଶର ଦୁଇଜଣ ପ୍ରସିଦ୍ଧ ରାଜାଙ୍କର ନାମ କହ । ମହାଭାରତ ଯୁଦ୍ଧର କାରଣ କଣ ? ଯୁଦ୍ଧଦ୍ୱାରା ଭାରତର କି ଲାଭ ବା କ୍ଷତି ହୋଇଥିଲା ?

୪ । 'କ' ଓ 'ଖ' ପ୍ରତିପୁଞ୍ଜରୁ ଗୋଟିଏ ଲେଖାଏଁ ଦୁଇଟି ଶବ୍ଦ ନେଇ ପ୍ରତି ଯୋଡ଼ାକୁ ଗୋଟିଏ ବାକ୍ୟରେ ରଖ ।

(କ) ରାମାୟଣ, ବାଲ୍ମୀକି, ବ୍ୟାସ, ମହାଭାରତ, ରାବଣ, ହସ୍ତିନା, ଇନ୍ଦ୍ରପ୍ରସ୍ଥ ।

(ଖ) ଲଙ୍କା, କୁରୁ, ସାତକାଣ୍ଡ, ଅଠରପର୍ବ, ପାଣ୍ଡବ, ସଙ୍କଳନ, ଅହଙ୍କର ।

୫ । ନିମ୍ନଲିଖିତ ନାମଗୁଡ଼ିକ ମଧ୍ୟରୁ ଯେଉଁମାନେ ରାମାୟଣ ଯୁଦ୍ଧରେ ଯୋଗ ଦେଇଥିଲେ, ସେମାନଙ୍କର ନାମ ଗୋଟିଏ ସ୍ଥାନରେ ଏବଂ ଯେଉଁମାନେ ମହାଭାରତ ଯୁଦ୍ଧରେ ଯୋଗ ଦେଇଥିଲେ, ସେମାନଙ୍କ ନାମ ଅଉ ଗୋଟିଏ ସ୍ଥାନରେ ଲେଖ । ଯେଉଁମାନେ କୌଣସି ଯୁଦ୍ଧରେ ଯୋଗ ଦେଇ ନ ଥିଲେ, ସେମାନଙ୍କ ନାମ ବନ୍ଧନୀ ମଧ୍ୟରେ ଅନ୍ୟତ୍ର ଲେଖ ।

ବ୍ୟାସ, ରାମଚନ୍ଦ୍ର, ଯୁଧିଷ୍ଠିର, ଧୃତରାଷ୍ଟ୍ର, କୁରୁ, ଦଶରଥ, ଶକୁନି, ଦ୍ରୋଣ, ଭରତ, କର୍ଣ୍ଣ, ସହଦେବ, ବାଲ୍ମୀକି, ଲକ୍ଷ୍ମଣ, ଭୀମ, ଅର୍ଜୁନ, ଶତ୍ରୁଘ୍ନ, ବିଭୀଷଣ, ନକୁଳ, ଦୁର୍ବାସା, ବଶିଷ୍ଠ, ସୀତା, ଦ୍ରୌପଦୀ, ପାଣ୍ଡୁ, ତାଡ଼କା, ହନୁମାନ୍, ଅଙ୍ଗଦ, ବାଳି ।

୬ । ବୈଦିକ-ଶାସନ, ଧର୍ମ, ସମାଜ ଓ ସଭ୍ୟତା ସଙ୍ଗେ ମହାକାବ୍ୟ ରଚନାକାଳର ଶାସନ, ଧର୍ମ, ସମାଜ ଓ ସଭ୍ୟତାର ତୁଳନା କର ।

# ପଞ୍ଚମ ଅଧ୍ୟାୟ

## ମହାବୀର ଜିନ ଓ ଜୈନଧର୍ମ

ପାଟଣାର ୨୭ ମାଇଲ ଉତ୍ତରକୁ ବୈଶାଳୀ ବୋଲି ଗୋଟିଏ ରାଜ୍ୟ ଥିଲା । ବୈଶାଳୀରେ ଲିଚ୍ଛବୀ ବୋଲି ଏକ ରାଜବଂଶ ଥିଲେ । ଏହି ବଂଶରେ ବର୍ଦ୍ଧମାନ ନାମରେ ଜଣେ ରାଜପୁତ୍ର ଜାତ ହୋଇଥିଲେ । ବର୍ଦ୍ଧମାନ ଗୃହ ଛାଡ଼ି ପ୍ରଥମେ ପାର୍ଶ୍ୱନାଥ ନାମକ ଏକ ମହାପୁରୁଷଙ୍କ ସ୍ଥାପିତ ସନ୍ନ୍ୟାସୀସଂଘରେ ଯୋଗ ଦେଇଥିଲେ । କିନ୍ତୁ ସେହି ସଂଘର କାର୍ଯ୍ୟରେ ସନ୍ତୁଷ୍ଟ ନ ହୋଇ ୪୦ ବର୍ଷ ବୟସରେ ଏକ ନୂଆ ଧର୍ମ ପ୍ରଚାର କଲେ । ଏହି ଦିନଠାରୁ ସେ ଆପଣାକୁ ଜିନ (ଜିତେନ୍ଦ୍ରିୟ) ନାମରେ ଏବଂ ନିଜ ଧର୍ମକୁ ଜୈନଧର୍ମ ବୋଲି ପରିଚିତ କରାଇଥିଲେ । ତାଙ୍କ ଶିଷ୍ୟମାନେ ତାଙ୍କୁ ମହାବୀର କହୁଥିଲେ । ସେ ଜୀବନର ଅବଶିଷ୍ଟ ତିରିଶ ବର୍ଷ ମଗଧ ବିଦେହ ବା ମିଥିଳା ଏବଂ ଅଙ୍ଗରେ ଅର୍ଥାତ ଆଧୁନିକ ଦକ୍ଷିଣ ବିହାର, ତିରହୁତ ଓ ଭାଗଲପୁରରେ ବୁଲି ବୁଲି ନିଜ ଧର୍ମ ପ୍ରଚାର କରୁଥିଲେ । ଖ୍ରୀ: ପୂ: ୫୨୭ ରେ ସେ ଦେହ ଛାଡ଼ିଥିଲେ ।

ଆଜିକାଲି ଭାରତରେ ଅନେକ ଜୈନଧର୍ମାବଲମ୍ବୀ ଦେଖାଯାଆନ୍ତି । ଏମାନେ ଦୁଇ ଭାଗରେ ବିଭକ୍ତ — ଶ୍ୱେତାମ୍ବର ଓ ଦିଗମ୍ବର । ଶ୍ୱେତାମ୍ବର-ମାନେ ଧଳା ବସ୍ତ୍ର ପିନ୍ଧନ୍ତି ଏବଂ ଦିଗମ୍ବରମାନେ ଲଙ୍ଗଳା ରହନ୍ତି । ଜୈନମାନେ ବେଦରୁ ଅନେକ ନୀତି ଗ୍ରହଣ କରିଅଛନ୍ତି, ହିନ୍ଦୁ ଦେବଦେବୀ ପୂଜା କରନ୍ତି, ଜାତିଭେଦ ମାନନ୍ତି, ଏବଂ ଆଦିରେ ହିନ୍ଦୁ ପୁରୋହିତ ନିଯୋଗ କରନ୍ତି ସତ, କିନ୍ତୁ ବେଦ ସ୍ୱୀକାର କରନ୍ତି ନାହିଁ ଏବଂ ବ୍ରହ୍ମାଙ୍କ ଥିବା ସ୍ୱୀକାର କରନ୍ତି ନାହିଁ । 'ଜୀବରେ ଦୟା କରିବା ଏବଂ ତାହାରକୁ ହିଂସା ନ କରିବା' ଏମାନଙ୍କ ଧର୍ମର ମୂଳନୀତି । ଏମାନେ ପୂର୍ବଜନ୍ମ ଓ

କର୍ମଫଳ ମାନନ୍ତି । ରାଜପୁତାନାର ଆବୁ ପର୍ବତ ଏବଂ ହଜାରିବାଗର ପରେଶନାଥ ପାହାଡ଼ ଏମାନଙ୍କର ପ୍ରଧାନ ତୀର୍ଥ । ଆବୁ ପର୍ବତ ଉପରେ ଦୁଇଟି ଜୈନମନ୍ଦିର ଅଛି । ଏହି ଦୁଇଟି ମନ୍ଦିର କେବଳ ଧଳା ମଲମଲ ପଥରରେ ନିର୍ମିତ ଓ ଅତିସୁନ୍ଦର । ଦାକ୍ଷିଣାତ୍ୟର ଦକ୍ଷିଣ କାନଡ଼ା ଅଞ୍ଚଳରେ କାର୍କଲ ନାମକ ସ୍ଥାନରେ ଗୋଟିଏ ପଥରରେ ଖୋଦିତ ୪୨ ଫୁଟ ଉଚ୍ଚ ଜିନଙ୍କର ଗୋଟିଏ ମୂର୍ତ୍ତି ଅଛି । ଉତ୍ତରଭାରତର ଅନେକ ବିଖ୍ୟାତ ଧନବାନ୍ ଶେଠ ଆଜିକାଲି ଜୈନ ଅଟନ୍ତି ।

ଓଡ଼ିଶାର ଖଣ୍ଡଗିରି ଓ ଉଦୟଗିରିରେ କେତେକ ଜୈନକୀର୍ତ୍ତି ଅଛି । ସେହି ଦୁଇ ପାହାଡ଼ରେ ଜୈନ ସନ୍ନ୍ୟାସୀମାନଙ୍କ ସକାଶେ କେତେକ ଗୁମ୍ଫା ଖୋଳାଯାଇଅଛି ।

ଜୈନମାନେ ଅହିଂସାର ଶେଷ ସୀମାରେ ପହଞ୍ଚିଥିଲେ । କେବଳ ମନୁଷ୍ୟ ପ୍ରତି ପ୍ରେମ କଲେ ଯଥେଷ୍ଟ ହେଲା ନାହିଁ । ଅଜ୍ଞାତସାରରେ ସୁଦ୍ଧା ମନୁଷ୍ୟ ପ୍ରାଣିହତ୍ୟା କରିବା ଉଚିତ ନୁହେଁ, ଏଥି ସକାଶେ ନିଆଁରେ କୀଟ ପଶି ମରିଯିବେ ଭାବି ରାତିରେ ସେମାନେ ଦୀପ ଜାଳୁ ନ ଥିଲେ ଏବଂ ନାକରେ ଲୁଗା ବାନ୍ଧି ବସୁଥିଲେ । ପଶୁମାନଙ୍କ ଚିକିତ୍ସା ପାଇଁ ଜୈନମାନେ ପଶୁଚିକିତ୍ସାଳୟ ବସାଉଥିଲେ । ଆଜିପର୍ଯ୍ୟନ୍ତ ସେମାନେ ଗୋଶାଳା ଓ ଧର୍ମଶାଳାରେ ବହୁ ଅର୍ଥବ୍ୟୟ କରୁଅଛନ୍ତି । ସେମାନଙ୍କ ମତରେ ମାନବଜୀବନ ଭୋଗବିଳାସ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । କଠୋର ସାଧନା ଓ ସଂଯମ ନ ହେଲେ ମନୁଷ୍ୟର ମୁକ୍ତି ହୋଇ ନ ପାରେ ।

# ଷଷ୍ଠ ଅଧ୍ୟାୟ

## ଗୌତମ ବୁଦ୍ଧ ଓ ବୌଦ୍ଧଧର୍ମ

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଅଧୁନିକ ନେପାଳ ରାଜ୍ୟର ସୀମାନ୍ତରେ ହିମାଳୟ ପର୍ବତର ପାଦଦେଶରେ ଶାକ୍ୟ ନାମକ ଏକ କ୍ଷତ୍ରିୟବଂଶ ରାଜତ୍ୱ କରୁଥିଲେ । କପିଳବାସ୍ତୁ ସେମାନଙ୍କର ରାଜଧାନୀ ଥିଲା । କପିଳବାସ୍ତୁ ରୋହିଣୀ ନାମକ ଏକ ନଦୀକୂଳରେ ଥିଲା । ଏହି ଶାକ୍ୟବଂଶରେ ଶୁଦ୍ଧୋଦନ ବୋଲି ଜଣେ ରାଜା ଥିଲେ । ମାୟା ତାଙ୍କ ପତ୍ନୀ ଏବଂ ଗୌତମ ତାଙ୍କ ପୁତ୍ର ଥିଲେ । ଗୌତମ ଖ୍ରୀଷ୍ଟପୂର୍ବ ୫୬୭ ରେ ଜନ୍ମଗ୍ରହଣ କରିଥିଲେ ।

ଗୌତମ ବାଲ୍ୟକାଳରୁ ବଡ଼ ଦୟାଳୁ ଓ ଚିନ୍ତାଶୀଳ ଥିଲେ । ପ୍ରାଣୀମାନଙ୍କ ଦୁଃଖ ଦେଖିଲେ ତାଙ୍କ ହୃଦୟ କାନ୍ଦୁଥିଲା । ମନୁଷ୍ୟ-ଜୀବନ ଦୁଃଖପୂର୍ଣ୍ଣ, ସେ ଏହା ଭଲରୂପେ ବୁଝିଥିଲେ ଏବଂ ଲୋକ କିପରି ଜୀବନର ଦୁଃଖରୁ ମୁକ୍ତି ପାଇବ ଏ ବିଷୟରେ ସବୁବେଳେ ଭାବୁଥିଲେ ।

ଶୁଦ୍ଧୋଦନ ବଡ଼ ଯତ୍ନରେ ଗୌତମଙ୍କୁ ଶାସ୍ତ୍ର, ରାଜନୀତି ଓ ଯୁଦ୍ଧ-ବିଦ୍ୟା ଶିକ୍ଷା ଦେଇଥିଲେ । ପୁତ୍ରର ମନର ଅବସ୍ଥା ଦେଖି ସେ ବଡ଼ ଭୟ କରୁଥିଲେ, କାଳେ ପୁତ୍ର ସଂସାରବିରାଗୀ ହୋଇଯିବ । ସେ ଏକ ପରମା ସୁନ୍ଦରୀ ରାଜକନ୍ୟା ସଙ୍ଗେ ପୁତ୍ରର ବିବାହ କରାଇଦେଲେ । ତାଙ୍କୁ ନାନାପ୍ରକାର ଭୋଗବିଳାସରେ ବୁଡ଼ାଇ ରଖିଲେ ଏବଂ ସଂସାରର ଦୁଃଖ ଯନ୍ତ୍ରଣା ଯେପରି ପୁଅର ଚକ୍ଷୁରେ ନ ପଡ଼େ, ସେଥିପ୍ରତି ବଡ଼ ଯତ୍ନ ନେଲେ । ଗୌତମଙ୍କର ଗୋଟିଏ ପୁଅ ମଧ୍ୟ ହେଲା । କିନ୍ତୁ ଗୌତମଙ୍କ ମନ କାହିଁରେ ବଦଳିଲା ନାହିଁ । ସେ ଜଣେ ବୁଢ଼ାକୁ, ଗୋଟିଏ ଶବକୁ ଏବଂ

ଜଣେ ସନ୍ନ୍ୟାସୀଙ୍କୁ ଦେଖି ବଡ଼ ଚଞ୍ଚଳ ହେଲେ । ସେ ଦିନକୁ-ଦିନ ଅଧୀର ହୋଇଲେ ଏବଂ ସ୍ଥିର କଲେ, ଆଉ ସଂସାର ଭିତରେ ରହିବେ ନାହିଁ ।

ଦିନେ ରାତିରେ ସେ ଲୁଚି ଛପି ରାଜପ୍ରାସାଦରୁ ବାହାରିଗଲେ ଏବଂ କପିଳବାସ୍ତୁର ବହୁଦୂରକୁ ଚାଲିଗଲେ । ଏହାପରେ ସେ ପ୍ରଥମେ ବୈଶାଳୀରେ ଓ ତା ପରେ ରାଜଗୃହରେ ଦୁଇ ଜଣ ପଣ୍ଡିତଙ୍କର ଶିଷ୍ୟ ହେଲେ, କିନ୍ତୁ ସେମାନଙ୍କ ଶିକ୍ଷାରେ ତାଙ୍କ ମନ ମାନିଲା ନାହିଁ ।



ତହୁଁ ସେ ଗୟା ନିକଟରେ ଏକ ନିବିଡ଼ ଅରଣ୍ୟରେ ଛଅ ବର୍ଷ କଠିନ ତପସ୍ୟା କଲେ । ତାଙ୍କ ତପସ୍ୟା ସ୍ଥାନରେ ଆଜିକାଲି "ବୁଦ୍ଧ ଗୟା" ମନ୍ଦିର ଅଛି । ନ ଖାଇ ନ ପିଇ ତପସ୍ୟାରେ ତାଙ୍କ ଶରୀର ଶୁଖି ଗଲା, ଦେହରେ କେବଳ ହାଡ଼ ରହିଲା, ପ୍ରାଣକୁ ବଡ଼ କଷ୍ଟ ହେଲା । ସେ

ବୁଝି ପାରିଲେ, ଦେହକୁ ଏପରି କଷ୍ଟ ଦେଇ ତାଙ୍କର ଲାଭ କିଛି ହୋଇ ନାହିଁ । ସେ ତପସ୍ୟା ତ୍ୟାଗ କଲେ ଏବଂ ଜୀବନଯନ୍ତ୍ରଣା ମରଣ ବିଷୟରେ ଗୋଟିଏ ପିପ୍ପଳଗଛ ତଳେ ବହୁଦିନ ବସି ଧ୍ୟାନ କଲେ । ଏହି ପିପ୍ପଳଗଛକୁ ଆଜିକାଲି 'ବୋଧିଦ୍ରୁମ' କହନ୍ତି । ଏହି ଧ୍ୟାନରେ ତାଙ୍କର ଜ୍ଞାନୋଦୟ ହେଲା । ସେ ମନେ କଲେ ଯେ, ମୁକ୍ତିର ଠିକ୍ ଉପାୟ ତାଙ୍କୁ ମିଳିଅଛି । ଏହି ଉପାୟ ମନୁଷ୍ୟମାନଙ୍କୁ ଶିକ୍ଷା ଦେବାକୁ ସେ ବାହାରିଲେ । ଏହି ଦିନଠୁଁ ସେ ଆପଣାକୁ "ବୁଦ୍ଧ" ବୋଲି ପରିଚିତ କରାଇଲେ ଏବଂ ତାଙ୍କ ପ୍ରାପ୍ତ ଜ୍ଞାନ "ବୌଦ୍ଧଧର୍ମ" ଆକାରରେ ଲୋକଙ୍କୁ ଶିକ୍ଷା ଦେଲେ ।

ଦେଖୁଁ ଦେଖୁଁ ସହସ୍ର ସହସ୍ର ଲୋକ ତାଙ୍କ ଧର୍ମ ଶିକ୍ଷା କଲେ । କାଶୀ, ରାଜଗୃହ ପ୍ରଭୃତି ନଗରରେ ତାଙ୍କର ଅନେକ ଶିଷ୍ୟ ହେଲେ । ମଗଧର ରାଜା ବିମ୍ବିସାର ଓ ଅଜାତଶତ୍ରୁ ତାଙ୍କ ଧର୍ମରେ ଦୀକ୍ଷିତ ହେଲେ । ତାଙ୍କ ନିଜ ଶାକ୍ୟବଂଶ ମଧ୍ୟ ସେହି ଧର୍ମ ଗ୍ରହଣ କଲେ । ଏହିପରି ଅସଂଖ୍ୟ ଶିଷ୍ୟ ସଂଗ୍ରହ କରି ବୁଦ୍ଧ ୮୦ ବର୍ଷ ବୟସରେ କୁଶୀ ନଗରରେ ପ୍ରାଣ-ତ୍ୟାଗ କଲେ ।

ବୁଦ୍ଧଙ୍କ ଜୀବଦ୍ଦଶାରେ ତାଙ୍କ ଧର୍ମ ନେପାଳରୁ ଗୟା ଓ କାଶୀରୁ ମୁଙ୍ଗେର ମଧ୍ୟରେ ଆବଦ୍ଧ ଥିଲା, କିନ୍ତୁ ତାଙ୍କ ମୃତ୍ୟୁ ପରେ ବୌଦ୍ଧଧର୍ମର ବିଶେଷ ପ୍ରଚାର ହୋଇଥିଲା । ମୌର୍ଯ୍ୟବଂଶର ସମ୍ରାଟ୍ ଅଶୋକ ଓ ଶକରାଜ କନିଷ୍କ ଏହି ଧର୍ମ ଗ୍ରହଣ କରିଥିଲେ । ସେମାନେ ବୌଦ୍ଧଧର୍ମକୁ ତିନି ମହାଦେଶରେ (ଆସିୟା, ଆଫ୍ରିକା ଓ ଇଉରୋପରେ) ପ୍ରଚାର କଲେ । ଆଜିକାଲି ପୃଥିବୀର ଏକଚତୁର୍ଥାଂଶ ଲୋକ ବୌଦ୍ଧଧର୍ମାବଲମ୍ବୀ । ବଡ଼ ଦୁଃଖର କଥା, ବୌଦ୍ଧଧର୍ମ ଭାରତରେ ଜାତ ହୋଇଥିଲା, ଭାରତରୁ ଅନ୍ୟ ଦେଶକୁ ପ୍ରସାର ଲାଭ କରିଥିଲା, ବର୍ତ୍ତମାନ ପୃଥିବୀର ଏକ-

ଅତ୍ରତ୍ୟାଂଶ ଲୋକ ବୌଦ୍ଧଧର୍ମାବଲମ୍ବୀ, କିନ୍ତୁ ସେହି ଧର୍ମ ଭାରତରୁ ଲୋପ ପାଇଅଛି, ଭାରତରେ ବୌଦ୍ଧ କେହି ନାହାନ୍ତି । ଅଧିକାଂଶ ଚୀନ, ଜାପାନରେ ଏହି ଧର୍ମ ପ୍ରବଳ ହୋଇଅଛି । ତିବ୍ବତ, ବ୍ରହ୍ମଦେଶ, ସିଂହଳ ପ୍ରଭୃତିରେ ମଧ୍ୟ ବହୁସଂଖ୍ୟାରେ ବୌଦ୍ଧ ଅଛନ୍ତି ।

ବୁଦ୍ଧଙ୍କ ମୃତ୍ୟୁ ପରେ ତାଙ୍କ ଶିଷ୍ୟମାନେ ବୁଦ୍ଧଙ୍କ ଉପଦେଶମାନ ଗୋଟିଏ ଗ୍ରନ୍ଥରେ ସଂଗ୍ରହ କଲେ । ଏହାର ନାମ **ତ୍ରିପିଟକ** । ତ୍ରିପିଟକ ବା ବୌଦ୍ଧଧର୍ମ ତିନି ଭାଗରେ ବିଭକ୍ତ । ଏଥିରେ ବୁଦ୍ଧଙ୍କ ଉପଦେଶ, ଶ୍ରମଣ ବା ଭିକ୍ଷୁକ ସମ୍ବନ୍ଧରେ ବ୍ୟବସ୍ଥା ଏବଂ ବୌଦ୍ଧଧର୍ମର ତତ୍ତ୍ୱ ଲିଖିତ ହୋଇଅଛି ।

ଜୈନଧର୍ମ ପରି ବୌଦ୍ଧଧର୍ମ ମଧ୍ୟ ହିନ୍ଦୁଧର୍ମର ଏକ ଅଙ୍ଗ । ହିନ୍ଦୁ ଧର୍ମର ବାହାରେ ବୁଦ୍ଧ ନୂତନ କିଛି ଶିକ୍ଷା ଦେଇ ନ ଥିଲେ । ବୁଦ୍ଧଙ୍କ ଧର୍ମରେ ଜାତିଭେଦ ନ ଥିଲା । କି ଉଚ୍ଚ, କି ନୀଚ, କି ଧନୀ, କି ନିର୍ଦ୍ଧନ ସମସ୍ତେ ତାଙ୍କ ଧର୍ମ ଗ୍ରହଣ କରି ପାରୁଥିଲେ । ଜୀବରେ ଦୟା, ଅହିଂସା, ସତ୍ୟବାଦିତା, ନିଷ୍ପାପ ଜୀବନଯାପନ ଓ ଗୁରୁଭକ୍ତି ଏହି ଧର୍ମର ସାର ଧର୍ମ ।

ବୌଦ୍ଧଧର୍ମାବଲମ୍ବୀମାନେ କେତେ ଘରଦ୍ୱାର କରି ସଂସାରରେ ରହି ପାରନ୍ତି । ସେମାନେ ଗୃହୀ । ଅନ୍ୟ କେତେକ ଘରଦ୍ୱାର ଆଦୌ କରନ୍ତି ନାହିଁ କିମ୍ବା କରିଥିଲେ ସଂସାର ଛାଡ଼ନ୍ତି । ଏମାନଙ୍କୁ ଭିକ୍ଷୁ କହନ୍ତି । ଭିକ୍ଷୁମାନେ ମଠ ବା ବିହାରରେ ରହି ଶିଷ୍ୟମାନଙ୍କୁ ଧର୍ମଶିକ୍ଷା ଦିଅନ୍ତି ।

ବୁଦ୍ଧଙ୍କ ମୃତ୍ୟୁର କିଛିଦିନ ପରେ ବୌଦ୍ଧମାନେ ଦୁଇ ଭାଗରେ ବିଭକ୍ତ ହୋଇଥିଲେ—**ହୀନଯାନ ଓ ମହାଯାନ** । ନେପାଳ ମହାଯାନ ବୌଦ୍ଧମାନଙ୍କର ଏବଂ ସିଂହଳ ହୀନଯାନ ବୌଦ୍ଧମାନଙ୍କର ପ୍ରଧାନ ପୀଠ । ଅଶୋକ ହୀନଯାନପନ୍ଥୀ ବୌଦ୍ଧଧର୍ମର ଏବଂ କନିଷ୍କ ମହାଯାନପନ୍ଥୀ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ ।

ହିନ୍ଦୁମାନେ ଆଜିକାଲି ବୁଦ୍ଧଙ୍କୁ ବିଷ୍ଣୁଙ୍କ ଅବତାର ବୋଲି ବିଶ୍ୱାସ କରନ୍ତି ସତ, କିନ୍ତୁ ନାନା କାରଣରୁ ବୌଦ୍ଧଧର୍ମ ଭାରତରୁ ଲୋପ ପାଇ ଅଛି । ଏହି କାରଣସବୁର ମଧ୍ୟରେ ବ୍ରାହ୍ମଣ ପଣ୍ଡିତମାନଙ୍କ ଧର୍ମପ୍ରଚାର ଏବଂ ବୌଦ୍ଧ ସନ୍ୟାସୀମାନଙ୍କ ଶିଥିଳ ଚରିତ୍ର ତଥା ହୀନଯାନପନ୍ଥୀ ଓ ମହାଯାନପନ୍ଥୀମାନଙ୍କର ପରସ୍ପର ମଧ୍ୟରେ କଳହ ପ୍ରଧାନ ଅଟେ ।

## ଅନୁଶୀଳନୀ

୧ । ନିମ୍ନଲିଖିତ ଉକ୍ତି ମଧ୍ୟରୁ ଯେଉଁ ଗୋଟିକ ଠିକ୍, ତାହାର ତଳେ ଗାର ଦେବ ।

(କ) ବୈଶାଳୀ କି ପ୍ରକାର ରାଜ୍ୟ ଥିଲା ?

ରାଜତନ୍ତ୍ର, ନିଯୁମତନ୍ତ୍ର, ଗଣତନ୍ତ୍ର ।

(ଖ) ଶୁଦ୍ଧୋଦନ କିଏ ?

କପିଳବାସ୍ତୁର ରାଜା, ସେହିଁର ଗଣତନ୍ତ୍ର ସଭାପତି, ସେହିଁର ଜଣେ ଭୂମ୍ୟଧିକାରୀ ।

(ଗ) ଭିକ୍ଷୁ କାହାକୁ କହାଯାଏ ?

ବୌଦ୍ଧଧର୍ମାବଲମ୍ବୀ, ବୌଦ୍ଧ-ଗୃହୀ, ବୌଦ୍ଧ-ସନ୍ୟାସୀ, ବୌଦ୍ଧ-ସଙ୍ଘ ।

୨ । ନିମ୍ନଲିଖିତ ଅଂଶରେ ଦୁଇ ଦୁଇଟି ଉକ୍ତି ଏକ ସଙ୍ଗରେ ଅଛି । ତନ୍ମଧ୍ୟରୁ ଯେଉଁଟା କାରଣ, ତାହାକୁ (କ) ଏବଂ ଯେଉଁଟା କାର୍ଯ୍ୟ ବା ଫଳ ତାହାକୁ (ଖ) ରୂପେ ଯୋଡ଼ା ଯୋଡ଼ା କରି ଏକାଠି ଲେଖ ।

(କ) ଶୁଦ୍ଧୋଦନ ପୁତ୍ରଙ୍କୁ ବିବାହବନ୍ଧନରେ ବାନ୍ଧିଲେ ।

ବୁଦ୍ଧଦେବ ସବୁବେଳେ ଭାବୁଥିଲେ ।

(ଖ) ବୁଦ୍ଧଦେବ ଗୃହ ଛାଡ଼ିଲେ ।
ବୁଦ୍ଧଦେବ ଗୋଟିଏ କରୁଣ ଦୃଶ୍ୟ ଦେଖିଲେ ।
(ଗ) ବୁଦ୍ଧଦେବଙ୍କ ମନ ବ୍ରାହ୍ମଣ ପଣ୍ଡିତଙ୍କ ଉପଦେଶରେ ସନ୍ତୁଷ୍ଟ ହେଲା ନାହିଁ ।
ସେ ବୋଧିଦ୍ରୁମ ତଳେ ଧ୍ୟାନରେ ମଗ୍ନ ହେଲେ ।

୩ । ବୌଦ୍ଧଧର୍ମ ପ୍ରସାରର କାରଣମାନ ଲେଖ ।

୪ । ବୌଦ୍ଧଧର୍ମ କାହିଁକି ଭାରତରୁ ଲୋପ ପାଇଲା ?

୫ । ଜୈନଧର୍ମ ଓ ବୌଦ୍ଧଧର୍ମର ତୁଳନା କର ।

୬ । ବୌଦ୍ଧଧର୍ମର ପ୍ରସାର ଦେଖାଇବା ନିମନ୍ତେ ଶତାବ୍ଦୀ ଅନୁଯାୟୀ ଗୋଟିଏ ଗ୍ରାଫ୍ ଅଙ୍କନ କର ।

# ସପ୍ତମ ଅଧ୍ୟାୟ

(ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରୁ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ)

## ଭାରତର ଅବସ୍ଥା

ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀର ପୂର୍ବବର୍ତ୍ତୀ ଭାରତର ଲିଖିତ ଇତିହାସ ମିଳେ ନାହିଁ । ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀ ଅର୍ଥାତ୍ ବୌଦ୍ଧଧର୍ମର ପ୍ରବୃତ୍ତି ସମୟରୁ ଭାରତର ପ୍ରକୃତ ଲିଖିତ ଇତିହାସର ଆରମ୍ଭ ହୋଇଅଛି ।

ବୌଦ୍ଧ ବିବରଣୀମାନଙ୍କରୁ ଜଣାପଡ଼େ, ଖ୍ରୀ: ପୂ: ୭ମ ଶତାବ୍ଦୀରେ ଭାରତ ଅରଣ୍ୟପୂର୍ଣ୍ଣ ଥିଲା । ସେହି ଜଙ୍ଗଲମାନଙ୍କରେ କେବଳ ହିଂସ୍ର ପଶୁ ଓ ଅସଭ୍ୟ ଜାତି ବାସ କରୁଥିଲେ; କିନ୍ତୁ ସିନ୍ଧୁ ଓ ଗଙ୍ଗାର

କୂଳବର୍ତ୍ତୀ ପ୍ରଦେଶମାନଙ୍କରେ ଅନେକ ସଭ୍ୟ ଆର୍ଯ୍ୟ ବାସ କରୁଥିଲେ । ସେତେବେଳେ ଭାରତରେ କାଶୀ, ମାୟା ( ହରଦ୍ୱାର ), କାଞ୍ଚୀ ( କାଞ୍ଜିବରମ୍ ), ଅଯୋଧ୍ୟା, ଦ୍ୱାରବତୀ (ଦ୍ୱାରକା), ମଥୁରା ଓ ଉଜ୍ଜୟିନୀ (ଅବନ୍ତିକା) ଏହି ସାତୋଟି ପବିତ୍ର ନଗରୀ ଥିଲା ଏବଂ ଉତ୍ତରଭାରତରେ ୧୬ ଗୋଟି ଛୋଟ ଛୋଟ ସ୍ୱାଧୀନ ରାଜ୍ୟ ଥିଲା । ଯଥା—ଗାନ୍ଧାର, କୁରୁକ୍ଷେତ୍ର, ଶୁରସେନ, ପଞ୍ଚାଳ, ମତ୍ସ୍ୟ, କୋଶଳ, କାଶୀ, ବିଦେହ, ମଗଧ, ଅଙ୍ଗ, ବଙ୍ଗ, କଳିଙ୍ଗ, ବୈଶାଳୀ, ବତ୍ସ, ଅବନ୍ତୀ (ମାଳବ) ଓ ସୌରାଷ୍ଟ୍ର । ଏହି ରାଜ୍ୟମାନଙ୍କ ମଧ୍ୟରୁ କେତେକ ରାଜ୍ୟରେ ରାଜା ଥିଲେ, ଅନ୍ୟ କେତେକ ରାଜ୍ୟରେ ରାଜା ନ ଥିଲେ । ଯେଉଁ ରାଜ୍ୟସବୁରେ ରାଜା ନ ଥିଲେ, ସେଥିରେ ଦେଶପକ୍ଷରୁ ଗୋଟିଏ ଗୋଟିଏ ସଂଘ ବା ସଭା ଥିଲା । ସଭାରେ ଜଣେ ନାୟକ ବା ସଭାପତି ରହୁଥିଲେ । ସେ ସଭା ପକ୍ଷରୁ ରାଜ୍ୟ ଚଳାଉଥିଲେ । ଲିଚ୍ଛବୀମାନଙ୍କର ରାଜ୍ୟ ଏହି ଶ୍ରେଣୀର ରାଜ୍ୟ ଥିଲା । ଭାରତରେ ଏତେବେଳେ ଚକ୍ରବର୍ତ୍ତୀ ବା ରାଜାଙ୍କ ଉପରେ ରାଜା କେହି ନ ଥିଲେ; କିନ୍ତୁ ଅଳ୍ପଦିନ ମଧ୍ୟରେ ସେପରି ରାଜା ବାହାରିବା କଥା ଜଣା ପଡ଼ୁଥିଲା । ଏହି ସମୟର ଦାକ୍ଷିଣାତ୍ୟର ଅବସ୍ଥା କିଛି ଜଣାଯାଏ ନାହିଁ ।

**ପ୍ରାଚୀନ ରାଜବଂଶ:—**ପୂର୍ବୋକ୍ତ ଷୋଳଟି ରାଜ୍ୟ ମଧ୍ୟରେ କୋଶଳ ଓ ମଗଧ ପ୍ରଧାନ ଥିଲା । ଶ୍ରାବସ୍ତି କୋଶଳର ରାଜଧାନୀ ଥିଲା । ସେଠାରେ ପ୍ରସେନଜିତ୍ ବୋଲି ଜଣେ ରାଜା ଥିଲେ । ତାଙ୍କ ଭଉଣୀଙ୍କୁ ମଗଧର ରାଜା ବିମ୍ବିସାର ବିବାହ କରିଥିଲେ । ବିମ୍ବିସାରଙ୍କ ପରେ ତାଙ୍କ ପୁତ୍ର ଅଜାତଶତ୍ରୁ ମଗଧର ରାଜା ହେଲେ । ଅଜାତଶତ୍ରୁ ଓ ପ୍ରସେନଜିତଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଯୁଦ୍ଧରେ ସନ୍ଧି ହେଲା ଏବଂ ଅଜାତଶତ୍ରୁ ପ୍ରସେନଜିତଙ୍କ କନ୍ୟାଙ୍କୁ ବିବାହ କଲେ ।




ପ୍ରସେନଜିତଙ୍କ ପରେ ତାଙ୍କ ପୁଅ ବିରୁଧକ କୋଶଳର ରାଜା ହେଲେ । ବିରୁଧକଙ୍କ ପରେ କୋଶଳର ଶ୍ରୀ ଲୁଚିଗଲା । ମଗଧର ରାଜା କୋଶଳକୁ ନିଜ ରାଜ୍ୟରେ ମିଶାଇ ନେଇଗଲେ ।

ମଗଧର ଅଧିକାଂଶ ନାମ ବିହାର । ମହାଭାରତରୁ ଜଣାଯାଏ, ଜରାସନ୍ଧ ମଗଧର ରାଜା ଥିଲେ । ରାଜାଗୃହ ବା ଗିରିବ୍ରଜ ( ଅଧୁନିକ ରାଜଗିର ) ତାଙ୍କ ରାଜଧାନୀ ଥିଲା । ଜରାସନ୍ଧ ଅନେକ ରାଜାଙ୍କୁ ଜୟ କରି ଚକ୍ରବର୍ତ୍ତୀ ହୋଇଥିଲେ ।

**ଶିଶୁନାଗବଂଶ:**—ସପ୍ତମ ଶତାବ୍ଦୀରେ ଶିଶୁନାଗ ବୋଲି ଜଣେ ଲୋକ ମଗଧରେ ଏକ ନୂତନ ବଂଶ ସ୍ଥାପନ କଲେ । ଏହି ବଂଶକୁ ଶିଶୁନାଗବଂଶ କୁହାଯାଏ । ଶିଶୁନାଗ ପ୍ରଥମେ ବାରାଣସୀର ଜଣେ ସେନାପତି ଥିଲେ । ପରେ ସେ ଗିରିବ୍ରଜ ବା ରାଜଗୃହ ଅଧିକାର କରି ମଗଧର ରାଜା ହୋଇଥିଲେ (ଖ୍ରୀ: ପୂ: ୬୪୨) । ତାଙ୍କ ରାଜ୍ୟ ଅଧୁନିକ ପାଟଣା ଓ ଗୟା ଜିଲ୍ଲାରୁ ଅଧିକ ନ ଥିଲା ।

ଏହି ବଂଶର ପଞ୍ଚମ ରାଜା ବିମ୍ବିସାର ରାଜଗୃହ ନଗର ନିର୍ମାଣ କରିଥିଲେ । ସେ ମଗଧ ରାଜ୍ୟର ସୀମା ଅନେକ ଦୂରକୁ ବଢ଼ାଇଥିଲେ ଏବଂ ଅଙ୍ଗଦେଶ (ଭାଗଲପୁର) ଜୟ କରିଥିଲେ । ବିମ୍ବିସାର କୋଶଳ ଓ ବୈଶାଳୀର ରାଜକନ୍ୟାମାନଙ୍କୁ ବିବାହ କରିଥିଲେ । ଜୈନ ଓ ବୁଦ୍ଧ ଏହାଙ୍କ ରାଜ୍ୟରେ ଧର୍ମ ପ୍ରଚାର କରିଥିଲେ ଏବଂ ବିମ୍ବିସାର ପରମ ଭକ୍ତିରେ ସେମାନଙ୍କୁ ଗ୍ରହଣ କରିଥିଲେ । ସେ ଖ୍ରୀଷ୍ଟଙ୍କ ଜନ୍ମର ୫୮୨ ବର୍ଷ ପୂର୍ବେ ରାଜା ହୋଇ ୨୮ ବର୍ଷ ମାତ୍ର ରାଜତ୍ୱ କରିଥିଲେ । ଏହାଙ୍କ ସମୟରେ ପାରସ୍ୟର ରାଜା ଡେରାୟୁସ୍ ସୈନ୍ଧବ ପ୍ରଦେଶ ଜୟ କରିଥିଲେ ଏବଂ ଭାରତରୁ ଅନେକ ଟଙ୍କା କରରୂପେ ଗ୍ରହଣ କରିଥିଲେ । ଏହା ଭାରତର ପ୍ରଥମ ବୈଦେଶିକ ଆକ୍ରମଣ ।

ବିମ୍ବିସାରଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଅଜାତଶତ୍ରୁ ୨୭ ବର୍ଷ ରାଜତ୍ୱ କଲେ । (ଖ୍ରୀ: ପୂ: ୫୫୪—୫୨୭) । ସେ କୋଶଳ ଓ ବୈଶାଳୀ ଜୟ

କରିଥିଲେ ଏବଂ ଶୋଣ ଓ ଗଙ୍ଗାର ସଙ୍ଗମରେ ପାଟଳୀ ବୋଲି ଏକ ଦୁର୍ଗ ନିର୍ମାଣ କରିଥିଲେ । ସେ ରାଜଗୃହରୁ ପାଟଳୀକୁ ରାଜଧାନୀ ଉଠାଇ ଆଣିଥିଲେ । ଏହି ଦୁର୍ଗ କ୍ରମେ କ୍ରମେ ପାଟଳୀପୁତ୍ର ନାମରେ ଏକ ବିଖ୍ୟାତ ଦୁର୍ଗ ନଗରୀରେ ପରିଣତ ହୋଇଥିଲା । ଆଜିକାଲି ପାଟନା ନଗର ସେହିଠାରେ ଅଛି । ଅଜାତଶତ୍ରୁ ମଧ୍ୟ ପିତାଙ୍କ ପରି ବୁଦ୍ଧଙ୍କୁ ବଡ଼ ସମାଦରସହକାରେ ଗ୍ରହଣ କରିଥିଲେ ଏବଂ ସମ୍ଭବତଃ ବୌଦ୍ଧ ହୋଇଥିଲେ । ତାଙ୍କ ପରେ ଏହି ବଂଶର ଆଉ ଚାରି ଜଣ ରାଜା ହେଲେ । ଶେଷରେ ନନ୍ଦବଂଶ ମଗଧ ଅଧିକାର କଲେ (ଖ୍ରୀ: ପୂ: ୪୧୩) ।

**ନନ୍ଦବଂଶ**—ମହାପଦ୍ମ ନନ୍ଦବଂଶର ପ୍ରଥମ ରାଜା । ସେ ଉତ୍ତର ଭାରତର ସମସ୍ତ ରାଜାଙ୍କୁ ଜୟ କରି ଗୋଟିଏ ବଡ଼ ସାମ୍ରାଜ୍ୟ ସ୍ଥାପନ କଲେ ଏବଂ ସମ୍ରାଟ୍ ଉପାଧି ଗ୍ରହଣ କଲେ । ମହାପଦ୍ମଙ୍କ ପରେ ତାଙ୍କ ଆଠ ପୁଅ ଏକାଦିକ୍ରମେ ରାଜା ହୋଇଥିଲେ । ସେମାନେ ସର୍ବସମେତ ପ୍ରାୟ ଶହେ ବର୍ଷ ରାଜତ୍ୱ କରିଥିଲେ । ନନ୍ଦମାନଙ୍କ ଅମଳରେ ମଗଧ ବଡ଼ ଉନ୍ନତି କରିଥିଲା ଏବଂ ଭାରତର ଶ୍ରେଷ୍ଠ ରାଜ୍ୟ ହୋଇଥିଲା ।

ନନ୍ଦବଂଶର ରାଜାମାନେ ଜାତିରେ ଶୂଦ୍ର ଏବଂ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କର ବିରୋଧୀ ଥିଲେ । ସେମାନେ ବଡ଼ ପରାକ୍ରମୀ ଓ ଲୋଭୀ ଥିଲେ । ସେମାନଙ୍କର ବହୁତ ଧନ ଓ ଏକ ପ୍ରକାଣ୍ଡ ସେନା ଥିଲା; କିନ୍ତୁ ସେମାନେ ସୁଶାସକ ନ ଥିଲେ । ଲୋକେ ସେଥିଲାଗି ସେମାନଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ନନ୍ଦମାନଙ୍କ ରାଜତ୍ୱରେ ଅଲେକ୍‌ଜାଣ୍ଡର ଭାରତ ଆକ୍ରମଣ କରିଥିଲେ ।

## ଅନୁଶୀଳନୀ

୧ । 'ମଗଧ ସାମ୍ରାଜ୍ୟର ଅଭ୍ୟୁଦୟ' ବିଷୟରେ ଗୋଟିଏ ପ୍ରବନ୍ଧ ଲେଖ ।

୨ । ଭାରତର ମାନଚିତ୍ର ଅଙ୍କନ କରି ତହିଁରେ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀର ବିଖ୍ୟାତ ନଗରୀ ଓ ରାଜ୍ୟମାନ ଦେଖାଅ ।

୩ । କୋଶଳ ଓ ମଗଧ କାହିଁକି ଯୁଦ୍ଧ କଲେ ? ଦୁଇ ରାଜ୍ୟ ମଧ୍ୟରେ ଯୁଦ୍ଧର ବିବରଣ ଲେଖ । ଯୁଦ୍ଧର ଫଳ କଣ ହେଲା ?

୪ । ହର୍ଯ୍ୟଙ୍କ ବଂଶ ମଗଧରେ ରାଜତ୍ୱ କରୁଥିବାବେଳେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ଭାରତ ଆକ୍ରମଣ କରିଥିଲେ ?

ସାଇରସ୍, ସ୍କାଏଲେକ୍ସ, ଡେରାୟୁସ, ଅଲେକଜାଣ୍ଡର, କନିଷ୍କ ।

୫ । ନିମ୍ନଲିଖିତ ଉପାୟ ମଧ୍ୟରୁ ଯେଉଁ ଯେଉଁ ଉପାୟଦ୍ୱାରା ବିମ୍ବିସାର ନିଜ କ୍ଷମତା ବୃଦ୍ଧି କରିଥିଲେ, ତାହାର ଆଗରେ ଛକ (×) ଚିହ୍ନ ଦିଅ ।

—ଯୁଦ୍ଧ

—ଦୁର୍ଗନିର୍ମାଣ

—ବିବାହ ସମ୍ବନ୍ଧ

—ଧର୍ମପ୍ରଚାର

—ଉପନିବେଶ ସ୍ଥାପନ

—ପ୍ରକାଣ୍ଡ ସେନା

—ବାଣିଜ୍ୟ ଓ ଧନସଞ୍ଚୟ

# ଅଷ୍ଟମ ଅଧ୍ୟାୟ

## ମହାବୀର ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ

ଆଲେକ୍‌ଜାଣ୍ଡର ଜଣେ ପ୍ରସିଦ୍ଧ ମହାବୀର ଥିଲେ । ତାଙ୍କ ପିତା ଫିଲପ୍ ମାସିଡନ ଦେଶର ରାଜା ଥିଲେ । ପିତାଙ୍କ ପରେ ଆଲେକ୍‌ଜାଣ୍ଡର୍ ମାସିଡନର ରାଜା ହେଲେ । ରାଜା ହୋଇ ସେ ମାସିଡନରୁ ହିନ୍ଦୁକୁଶ ପର୍ଯ୍ୟନ୍ତ ସମଗ୍ର ଦେଶ ଜୟ କଲେ ଏବଂ ଭାରତ ଜୟ କରିବା ନିମନ୍ତେ ଖାଇବାର ପାର ହୋଇ ପଞ୍ଜାବରେ ପ୍ରବେଶ କଲେ ।

ଏତେବେଳେ ପଞ୍ଜାବରେ ଅନେକ ଛୋଟ ଛୋଟ ରାଜ୍ୟ ଥିଲା । ସେଥିମଧ୍ୟରୁ ତକ୍ଷଶିଳା ଗୋଟିଏ । ଆଲେକ୍‌ଜାଣ୍ଡର ପ୍ରଥମେ ତକ୍ଷଶିଳାରେ ପ୍ରବେଶ କଲେ । ତକ୍ଷଶିଳାର ରାଜା ଅମ୍ଭି ସେତେବେଳେ ଅନ୍ୟ ରାଜାମାନଙ୍କ ସଙ୍ଗେ ଯୁଦ୍ଧରେ ଲିପ୍ତ ଥିବାରୁ ଆଲେକ୍‌ଜାଣ୍ଡରଙ୍କ ନିକଟରେ ଶରଣ ପଶିଲେ ଏବଂ ତାଙ୍କୁ ସୈନ୍ୟ ଓ ଧନ ଦେଇ ଭାରତ ଜୟ କରିବା ସକାଶେ ସାହାଯ୍ୟ କଲେ ।

ସେଠାରୁ ଆଲେକ୍‌ଜାଣ୍ଡର ଝିଲମ ଓ ଚନାବ ନଦୀ ମଧ୍ୟରେ ଥିବା ପୁରୁଙ୍କ ରାଜ୍ୟ ଆକ୍ରମଣ କଲେ । ପୁରୁ ସେତେବେଳେ ଭାରତର ଜଣେ ପ୍ରଧାନ ରାଜା ଓ ବିଖ୍ୟାତ ବୀର ଥିଲେ । ସେ ସାଢ଼େ ଛଅ ଫୁଟ ଉଚ୍ଚ ଥିଲେ । ତାଙ୍କର ତିରିଶ ହଜାର ପଦାତି, ଚାରି ହଜାର ଅଶ୍ୱ, ତିନିଶ ରଥ ଓ ଦୁଇଶ ଗଜ ଥିଲେ । ଦୁଇ ପକ୍ଷ ମଧ୍ୟରେ ଏକ ଅତି ଭୟଙ୍କର ଯୁଦ୍ଧ ହେଲା । ପୁରୁ ଯୁଦ୍ଧରେ ବଡ଼ ବୀରତ୍ୱ ଦେଖାଇଲେ । ସେ ଦେହର ନଅ ସ୍ଥାନରେ ଆଘାତ ପାଇ ମଧ୍ୟ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଯୁଦ୍ଧ କରିଥିଲେ । ତାଙ୍କ ବୀରତ୍ୱ ଦେଖି ଆଲେକ୍‌ଜାଣ୍ଡରଙ୍କ ପରି ବୀର ମଧ୍ୟ

ବସ୍ତ୍ରିତ ହୋଇଥିଲେ । ଯାହା ହେଉ, ଶେଷରେ ପୁରୁ ପରାସ୍ତ ହୋଇ ବନ୍ଦୀ ବେଶରେ ଅଲେକ୍‌ଜାଣ୍ଡରଙ୍କ ନିକଟକୁ ନୀତ ହେଲେ ।



ପୁରୁଙ୍କୁ ଦେଖି ଅଲେକ୍‌ଜାଣ୍ଡର କହିଲେ, "ଆପଣ ଆମ୍ଭ ନିକଟରୁ କି ପ୍ରକାର ବ୍ୟବହାର ଚାହାନ୍ତି ?" ପୁରୁ ଗର୍ବିତସ୍ୱରରେ ଉତ୍ତର କଲେ, "ରାଜା ପ୍ରତି ରାଜାର ବ୍ୟବହାର ।" ଅଲେକ୍‌ଜାଣ୍ଡର ମୋହିତ ହେଲେ ଏବଂ ନିଜ ଜିଣିଥିବା କେତେକ ରାଜ୍ୟ ସହିତ ତାଙ୍କ ରାଜ୍ୟ ତାଙ୍କୁ ଫେରାଇ ଦେଲେ । ଏହାର ଫଳରେ ଅଲେକ୍‌ଜାଣ୍ଡର ଓ ପୁରୁ ପରମ ବନ୍ଧୁରେ ପରିଣତ ହେଲେ ।

ପୁରୁଙ୍କୁ ପରାସ୍ତ କରି ଅଲେକ୍‌ଜାଣ୍ଡର ପଞ୍ଜାବର ଅଧିକ କେତେକ ରାଜ୍ୟ ଜିଣିଲେ । ସେ ପଞ୍ଜାବର ଅଧିକ ପୂର୍ବକୁ ରାଜ୍ୟ ଜିଣିବା ଉଦ୍ଦେଶ

ଯାଇଥାଆନ୍ତେ, କିନ୍ତୁ ତାଙ୍କ ସୈନିକମାନେ ବହୁ ଯୁଦ୍ଧ କରି ଥକି ଯାଇଥିଲେ । ସେମାନେ ଆଉ ଭିତରକୁ ଯିବାକୁ ମଙ୍ଗିଲେ ନାହିଁ । ଅଲେକଜାଣ୍ଡର ବାଧ୍ୟ ହୋଇ ଆରବ ସମୁଦ୍ର ବାଟେ ନିଜ ରାଜ୍ୟକୁ ଫେରିଗଲେ । ବାଟରେ ଖ୍ରୀ: ପୂ: ୩୨୩ ରେ ବେବିଲନ୍‌ଠାରେ ଜ୍ୱର-ରୋଗରେ ତାଙ୍କର ମୃତ୍ୟୁ ହେଲା ।

ଭାରତରୁ ଫେରିଯିବାବେଳେ ଅଲେକ୍‌ଜାଣ୍ଡର ତାଙ୍କ ଜିଣିଥିବା ପଞ୍ଜାବ ପ୍ରଦେଶରୁ ଅଧେ ପୁରୁଙ୍କୁ ଓ ଅଧେ ତକ୍ଷଶିଳାର ରାଜା ଅମ୍ଭିଙ୍କୁ ଦେଇ ଯାଇଥିଲେ । ସେମାନଙ୍କୁ ସାହାଯ୍ୟ କରିବା ସକାଶେ ଗ୍ରୀସର କେତେକ ସୈନ୍ୟ ରହିଥିଲେ । ଅଲେକ୍‌ଜାଣ୍ଡାର ମନେ କରିଥିଲେ, ସେ ପୁଣି ଭାରତକୁ ଆସିବେ ଏବଂ ମଗଧ ସହିତ ସମଗ୍ର ଭାରତ ଜିଣିବେ, ସେତେବେଳେ ପୁରୁ ଓ ଅମ୍ଭି ତାଙ୍କୁ ସାହାଯ୍ୟ କରିବେ ।

ଅଲେକ୍‌ଜାଣ୍ଡରଙ୍କ ମୃତ୍ୟୁ ପରେ ତାଙ୍କ ସାମ୍ରାଜ୍ୟ ତାଙ୍କ ସେନାପତି-ମାନଙ୍କ ମଧ୍ୟରେ ବିଭକ୍ତ ହୋଇଥିଲା । ସିଲିଉକସ୍ ବୋଲି ତାଙ୍କର ଜଣେ ସେନାପତି ଏସିଆଖଣ୍ଡ ରାଜ୍ୟ ପାଇଥିଲେ ।

**ଗ୍ରୀକ୍ ଆକ୍ରମଣର ପରିଣାମ**—ଅଲେକ୍‌ଜାଣ୍ଡରଙ୍କ ଆକ୍ରମଣ ଅଳ୍ପକ୍ଷଣସ୍ଥାୟୀ ଥିଲା ଏବଂ ଅଳ୍ପ ଦିନ ପରେ ତାଙ୍କ ମୃତ୍ୟୁ ଘଟିବାରୁ ଗ୍ରୀକ୍ କ୍ଷମତା ଭାରତରେ ଚିରସ୍ଥାୟୀ ହୋଇ ପାରିଲା ନାହିଁ । ଅତ୍ୟଳ୍ପ କାଳ ମଧ୍ୟରେ ଗ୍ରୀକ୍‌ମାନେ ଭାରତରୁ ବିତାଡ଼ିତ ହେଲେ ସତ୍ୟ, କିନ୍ତୁ ତାଙ୍କ ଆକ୍ରମଣ ଦିନଠାରୁ ଗ୍ରୀସ୍ ଓ ଭାରତ ଦୁଇ ଉନ୍ନତ ଓ ସଭ୍ୟ ଦେଶ ମଧ୍ୟରେ ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇଥିଲା । ଗ୍ରୀକ୍‌ମାନେ ଭାରତରୁ ଦର୍ଶନ, ଗଣିତ, ଚିକିତ୍ସା ପ୍ରଭୃତି ଶାସ୍ତ୍ର ସମ୍ବନ୍ଧରେ ଜ୍ଞାନ ନେଇ ନିଜ ଦେଶରେ ବିସ୍ତାର କଲେ । ଭାରତବାସୀ ସେମାନଙ୍କଠାରୁ ଶିଳ୍ପ,

ଚାରୁକାର୍ଯ୍ୟ, ସଭ୍ୟତା ପ୍ରଭୃତି ଶିଖ କଲେ । ଅନେକ ଗ୍ରୀକ୍ ବୀର ଭାରତ ପୁଣି ଜୟ କରିବାକୁ ଚେଷ୍ଟା କଲେ । ଗ୍ରୀକ୍ ରାଜା ସେଲ୍ୟୁକସ୍ ଭାରତ ରାଜସଭାକୁ ଦୂତ ପଠାଇଲେ ଏବଂ ଏହି ଦୂତ ମେଗାସ୍ଥିନିସ୍ ଭାରତ ସମ୍ବନ୍ଧରେ ଏକ ବିବରଣୀ ଲେଖିଥିଲେ । ଅନେକ ଗ୍ରୀକ୍ ହିନ୍ଦୁ ଓ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ।

## ଅନୁଶୀଳନୀ

୧ । ଅପୂର୍ଣ୍ଣ ସ୍ଥାନମାନ ପୂରଣ କର :—

ଅଲେକ୍‌ଜାଣ୍ଡର———ର ରାଜା ଥିଲେ । ସେ ଗ୍ରୀସ୍‌ରୁ——— ପର୍ଯ୍ୟନ୍ତ ଭୂଖଣ୍ଡ ଜୟ କରିଥିଲେ । ଅମ୍ଭି———ର ରାଜା ଥିଲେ । ସେ———ଙ୍କ କ୍ଷମତା ଚୂର୍ଣ୍ଣ କରିବା ନିମନ୍ତେ ଅଲେକ୍‌ଜାଣ୍ଡରଙ୍କ ସଙ୍ଗେ———କଲେ ।

ପୁରୁଙ୍କ ରାଜ୍ୟ———ଓ———ନଦୀଦ୍ୱୟ ମଧ୍ୟରେ ଥିଲା । ତାଙ୍କ———ଉତ୍ତରରେ———ଚମତ୍କୃତ ହୋଇଥିଲେ ।

୨ । ନିମ୍ନଲିଖିତ ଉକ୍ତିମାନଙ୍କର କାରଣ ନିର୍ଦ୍ଦେଶ କର ।

(କ) ଅମ୍ଭି ଅଲେକ୍‌ଜାଣ୍ଡରଙ୍କ ସଙ୍ଗେ ସନ୍ଧି କଲେ ।

(ଖ) ପୁରୁ ହାଇଡାସ୍‌ପିସ୍ ଯୁଦ୍ଧରେ ପରାସ୍ତ ହେଲେ ।

(ଗ) ଅଲେକ୍‌ଜାଣ୍ଡର ପୁରୁଙ୍କୁ ତାଙ୍କ ରାଜ୍ୟ ଫେରାଇ ଦେଲେ ।

(ଘ) ଅଲେକ୍‌ଜାଣ୍ଡର ମଗଧ ଆକ୍ରମଣ କରି ନ ଥିଲେ ।

୩ । ଅଲେକ୍‌ଜାଣ୍ଡରଙ୍କ ଭାରତବିଜୟର ପରିଣାମ କଣ ହୋଇଥିଲା ?

# ନବମ ଅଧ୍ୟାୟ

## ମୌର୍ଯ୍ୟବଂଶ

**ଚନ୍ଦ୍ରଗୁପ୍ତ**—ବୌଦ୍ଧ ବିବରଣରୁ ଜଣାଯାଏ, 'ପିପ୍ପଲିବନ' ନାମକ ସ୍ଥାନରେ ମୌର୍ଯ୍ୟ (ମୋରିୟ) ନାମରେ ଏକ କ୍ଷତ୍ରିୟବଂଶ ଥିଲେ । ଏହି ବଂଶରେ ଚନ୍ଦ୍ରଗୁପ୍ତ ନାମରେ ଜଣେ ରାଜା ଥିଲେ । କୌଣସି କାରଣବଶତଃ ଯୁବକ ଚନ୍ଦ୍ରଗୁପ୍ତଙ୍କ ଉପରେ ନନ୍ଦ ସମ୍ରାଟ୍ ଅସନ୍ତୁଷ୍ଟ ହୋଇ ତାହାଙ୍କୁ ନିଜ ସାମ୍ରାଜ୍ୟରୁ ତଡ଼ି ଦେଇଥିଲେ । ଚନ୍ଦ୍ରଗୁପ୍ତ ପଞ୍ଜାବକୁ ଯାଇ ଅଲେକ୍‌ଜାଣ୍ଡରଙ୍କ ଶିବିରରେ କିଛିକାଳ କଟାଇଲେ ଏବଂ ସେଠାରେ ଗ୍ରୀକ୍ ଯୁଦ୍ଧପ୍ରଣାଳୀ ଶିକ୍ଷା କଲେ ।

ମଗଧର ନନ୍ଦରାଜାମାନେ ସୁଶାସକ ନ ଥିଲେ ଏବଂ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଥିଲେ, ତେଣୁ ଲୋକେ ସେମାନଙ୍କ ଉପରେ ଅସନ୍ତୁଷ୍ଟ ଥିଲେ । ନନ୍ଦରାଜା ଚାଣକ୍ୟ ବା କୌଟିଲ୍ୟ ନାମକ ଜଣେ ବ୍ରାହ୍ମଣ ପଣ୍ଡିତଙ୍କୁ କୁଳୀନ ବ୍ରାହ୍ମଣ ନୁହନ୍ତି ବୋଲି କହି ବିଶେଷ ଅପମାନ ଦେଇଥିଲେ । ଚାଣକ୍ୟ ଅତି ବିଦ୍ୱାନ୍ ଥିଲେ ଏବଂ କୂଟ ରାଜନୀତି ତାଙ୍କୁ ଭଲରୂପେ ଜଣାଥିଲା । ଏହି ବ୍ରାହ୍ମଣଙ୍କ ସାହାଯ୍ୟରେ ଚନ୍ଦ୍ରଗୁପ୍ତ ମଗଧରେ ଗୋଟିଏ ବିଦ୍ରୋହ ଆରମ୍ଭ କଲେ । ସେ ନନ୍ଦ ରାଜାଙ୍କୁ ବଧ କରି ମଗଧ ସିଂହାସନ ଅଧିକାର କଲେ (ଖ୍ରୀ: ପୂ: ୩୨୪) ।

ଅଲେକ୍‌ଜାଣ୍ଡାର ଘରକୁ ଫେରିଯିବା ବାଟରେ ବେବିଲନ୍‌ଠାରେ ତାଙ୍କର ମୃତ୍ୟୁ ହେଲା । ସେହି ସମ୍ବାଦ ପାଇ ଚନ୍ଦ୍ରଗୁପ୍ତ ଗ୍ରୀକ୍‌ମାନଙ୍କୁ ଆକ୍ରମଣ କରି ପଞ୍ଜାବରୁ ତଡ଼ିଦେଲେ ଏବଂ ପଞ୍ଜାବକୁ ନିଜ ରାଜ୍ୟର ଅନ୍ତର୍ଭୁକ୍ତ କଲେ (ଖ୍ରୀ: ପୂ: ୩୨୨) ।

ଅଲେକ୍‌ଜାଣ୍ଡାରଙ୍କ ସେନାପତି ସିଲିଉକସ ଅସିଅଖଣ୍ଡ ରାଜ୍ୟ ଭାଗ ପାଇଥିଲେ । ସେ ପଞ୍ଜାବକୁ ପୁଣି ଜୟ କରିବା ନିମନ୍ତେ ବାହାରିଲେ । କିନ୍ତୁ ଚନ୍ଦ୍ରଗୁପ୍ତ ତାଙ୍କୁ ଯୁଦ୍ଧରେ ହରାଇ ଦେଲେ । (ଖ୍ରୀ: ପୂ: ୩୦୫ ) । ସିଲିଉକସ ବାଧ୍ୟ ହୋଇ ସନ୍ଧି କଲେ । ହିନ୍ଦୁକୁଶ ପର୍ବତର ପୂର୍ବକୁ ତାଙ୍କର ଯେତେ ରାଜ୍ୟ ଥିଲା, ସେ ସମସ୍ତ ସେ ଚନ୍ଦ୍ରଗୁପ୍ତଙ୍କୁ ଛାଡ଼ିଦେଲେ । ଚନ୍ଦ୍ରଗୁପ୍ତଙ୍କୁ ଗୋଟିଏ ଝିଅ ଦେଲେ ଏବଂ ମଗଧ ରାଜଦରବାରକୁ ମେଗାସ୍ଥିନିସ୍ ବୋଲି ଜଣେ ଦୂତ ପଠାଇଲେ ।

ତିନୋଟି ବଡ଼ ପ୍ରଦେଶ ଜୟ କରିବା ପରେ ଚନ୍ଦ୍ରଗୁପ୍ତ ଛୋଟ ଛୋଟ ରାଜାମାନଙ୍କୁ ଅତି ସହଜରେ ହାତ କରି ନେଲେ । ତାଙ୍କ ମୃତ୍ୟୁ ବେଳକୁ ଦେଖାଗଲା, ସେ ଜଣେ ବଡ଼ ସମ୍ରାଟ ହୋଇଅଛନ୍ତି ଏବଂ ତାଙ୍କ ରାଜ୍ୟ ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ ବିନ୍ଧ୍ୟ ପର୍ଯ୍ୟନ୍ତ, ପୁଣି ପଶ୍ଚିମରେ ହିନ୍ଦୁକୁଶଠାରୁ ପୂର୍ବରେ ବ୍ରହ୍ମପୁତ୍ର ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି ।

**ମେଗାସ୍ଥିନିସ୍**—ଗ୍ରୀକ୍ ରାଜା ସିଲିଉକସ୍ ମଗଧର ରାଜଦରବାରକୁ ଜଣେ ଦୂତ ପଠାଇଥିବା କଥା ତୁମ୍ଭେମାନେ ଜାଣିଅଛ । ଏହି ଦୂତ ମେଗାସ୍ଥିନିସ୍ ଭାରତରେ ଅନେକ ଦିନ ପର୍ଯ୍ୟନ୍ତ ରହିଥିଲେ ଏବଂ ଭାରତର ଅବସ୍ଥା ଓ ରୀତିନୀତି ସମ୍ବନ୍ଧରେ ଗୋଟିଏ ପୋଥି ଲେଖିଥିଲେ । ସେହି ପୋଥି ଏବେ ନଷ୍ଟ ହୋଇ ଯାଇଅଛି । ସେହି ପୋଥିର କେତେକ ମାତ୍ର ବିବରଣ ଆମ୍ଭମାନଙ୍କୁ ମିଳୁଅଛି । ମେଗାସ୍ଥିନିସ୍ ମଗଧର ରାଜଧାନୀ ପାଟଳିପୁତ୍ର ଓ ଚନ୍ଦ୍ରଗୁପ୍ତଙ୍କ ଶାସନ ସମ୍ବନ୍ଧରେ ନିମ୍ନମତେ ବର୍ଣ୍ଣନା କରିଅଛନ୍ତି :—

ତିନୋଟି ବଡ଼ ପ୍ରଦେଶ ଜୟ କରି ଚନ୍ଦ୍ରଗୁପ୍ତ ଛୋଟ ଛୋଟ ରାଜାମାନଙ୍କୁ ବଡ଼ ସହଜରେ ଅଧୀନ କରିନେଲେ । ତାଙ୍କ ମୃତ୍ୟୁବେଳକୁ

ଦେଖାଗଲା ଯେ, ସେ ଜଣେ ବଡ଼ ସମ୍ରାଟ୍ ହୋଇଅଛନ୍ତି ଏବଂ ତାଙ୍କ ରାଜ୍ୟ ହିମାଳୟରୁ ବିନ୍ଧ୍ୟ ପର୍ଯ୍ୟନ୍ତ ଏବଂ ହିନ୍ଦୁକୁଶରୁ ବ୍ରହ୍ମପୁତ୍ର ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି ।

ଆଜିକାଲି ଯେଉଁଠାରେ ପାଟନା ଅଛି, ସେହିଠାରେ ଚନ୍ଦ୍ରଗୁପ୍ତଙ୍କ ରାଜଧାନୀ ପାଟଳିପୁତ୍ର ଅବସ୍ଥିତ ଥିଲା । ପାଟଳିପୁତ୍ର ନଅ ମାଇଲ ଦୀର୍ଘ ଓ ଦେଢ଼ ମାଇଲ ଓସାର ଥିଲା । ତାର ଚାରିପାଖରେ ଗୋଟିଏ ଉଚ୍ଚ, ଦୃଢ଼ ଓ ପ୍ରକାଣ୍ଡ ପ୍ରାଚୀର ଥିଲା । ପ୍ରାଚୀର ବାହାରେ ପ୍ରଶସ୍ତ ତିରିଶ ଫୁଟ ଗଭୀର ଏକ ଖାଇ ଥିଲା । ଏହି ଖାଇ ସବୁବେଳେ ଜଳପୂର୍ଣ୍ଣ ରହୁଥିଲା । ନଗର ମଧ୍ୟକୁ ଯିବାଲାଗି ପ୍ରାଚୀର ଦେହରେ ୬୦ ଗୋଟି ଦ୍ୱାର ଥିଲା । ସେହି ପ୍ରାଚୀରରେ ୫୭୦ଟି ଗମ୍ବୁଜ ଥିଲା ।

ରାଜାଙ୍କର ଗୋଟିଏ ପ୍ରକାଣ୍ଡ କୋଠା ଥିଲା । ତାଙ୍କ ସଭାର ଆଡ଼ମ୍ବର ଚମତ୍କାର ଥିଲା । ସୁନାର ଲତାମାନ ସଭାଗୃହର କାନ୍ଥରେ ଖଞ୍ଜା ହୋଇ ଥିଲା । ଲତାଗୁଳ୍ମକଟରେ ନାନାରତ୍ନରେ ନିର୍ମିତ ପକ୍ଷୀସବୁ ଖଞ୍ଜା ହୋଇଥିଲା । ରାଜାଙ୍କ ଭୋଜନପାତ୍ର ଓ ପାନପାତ୍ର ସବୁ ସୁନାରେ ନିର୍ମିତ ହୋଇଥିଲା । ରାଜାଙ୍କ ପିନ୍ଧିବା ଲୁଗାରେ ସୁନାର ଜରିକାମ ହୋଇଥିଲା । ରାଜା ସୁନାର ପାଲିଙ୍କିରେ ଯାଆସ କରୁଥିଲେ ଏବଂ ସେହି ପାଲିଙ୍କିରେ ମୁକ୍ତାର ମାଳାମାନ ଝୁଲୁଥିଲା । ସ୍ତ୍ରୀମାନେ ଶସ୍ତ୍ରହସ୍ତରେ ରାଜାଙ୍କର ଶରୀର ରକ୍ଷା କରୁଥିଲେ । ରାଜା ଏହି କାର୍ଯ୍ୟ ସକାଶେ ପୁରୁଷ ପ୍ରହରୀମାନଙ୍କୁ ବିଶ୍ୱାସ କରୁ ନ ଥିଲେ । ବୃଷ, ହସ୍ତୀ, ଗଣ୍ଡାର ଓ ମେଷମାନଙ୍କର ଯୁଦ୍ଧ ଏବଂ ମୃଗୟା ରାଜାଙ୍କର ବଡ଼ ପ୍ରିୟ ବ୍ୟସନ ଥିଲା ।

ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀ ହୋଇଥିଲେ । ମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ରାଜା ରାଜଧାନୀରେ ଗୋଟିଏ ନାଗରିକ ସଭା (ମ୍ୟୁନିସିପାଲ୍

କମିଟି) ରଖିଥିଲେ । ଏହି ଭାବରେ ତିରିଶ ଜଣ ସଭ୍ୟ ଥିଲେ । ସେମାନେ ପାଞ୍ଚ ଜଣ କରି ଛଅଟା ଶାଖା ସମିତି ବା ପଞ୍ଚାୟତରେ ବିଭକ୍ତ ହୋଇ-ଥିଲେ । ପ୍ରତି ପଞ୍ଚାୟତର କାର୍ଯ୍ୟ ନିରୂପିତ ହୋଇଥିଲା । ସେମାନେ ରାଜଧାନୀର ସମସ୍ତ ବିଷୟର ବ୍ୟବସ୍ଥା କରୁଥିଲେ । ସହରର ସ୍ୱାସ୍ଥ୍ୟ, ମନ୍ଦିର, ଧର୍ମଶାଳା ଗୃହ, ପଥ, ଜନ୍ମମୃତ୍ୟୁ, ଶିଳ୍ପ, ବାଣିଜ୍ୟ ଇତ୍ୟାଦି ବିଷୟ ଏମାନଙ୍କର ଅଧୀନ ଥିଲା ।

ଚନ୍ଦ୍ରଗୁପ୍ତଙ୍କର ଏକ ପ୍ରକାଣ୍ଡ ସେନା ଥିଲା । ତାଙ୍କର ହସ୍ତୀ, ଅଶ୍ୱ, ରଥ ପଦାତି ମିଶି ପ୍ରାୟ ସାତ ଲକ୍ଷ ସୈନ୍ୟ ଥିଲେ । ଏହି ସେନାର ପରିଚାଳନା ସକାଶେ ଛଅଟା ସମିତି ଥିଲା । ସୈନ୍ୟମାନେ ଉତ୍ତମ ବେତନ ପାଉଥିଲେ ଏବଂ ରାଜାଙ୍କ ଖର୍ଚ୍ଚରୁ ଖାଦ୍ୟ, ପରିଧେୟ, ଅସ୍ତ୍ରଶସ୍ତ୍ର, ଅଶ୍ୱ ଇତ୍ୟାଦି ପାଉଥିଲେ । ସେମାନେ ତରବାରି, ବର୍ଚ୍ଛା ଓ ଧନୁଶର ନେଇ ଯୁଦ୍ଧ କରୁଥିଲେ ।

ଚନ୍ଦ୍ରଗୁପ୍ତଙ୍କ ଶାସନ ବଡ଼ କଠୋର ଥିଲା । ଚୋରି, ଡକାୟତି, ହାଣକାଟ, ମିଥ୍ୟାସାକ୍ଷ୍ୟ ପ୍ରଭୃତି ଅନ୍ୟାୟ କାର୍ଯ୍ୟ ଦେଖିଲେ ରାଜା କଠୋର ଦଣ୍ଡ ଦେଉଥିଲେ; ତେଣୁ ରାଜ୍ୟରେ ଶାନ୍ତି ଥିଲା । ଚୋରି ହେଉ ନ ଥିଲା । କେହି ବିଚାରାଳୟକୁ ଯାଉ ନ ଥିଲେ । ଲୋକେ ସତ୍ୟନିଷ୍ଠ ଓ ସାହସୀ ଥିଲେ । ସ୍ତ୍ରୀମାନେ ସତୀ ଓ ସଚ୍ଚରିତ୍ରା ଥିଲେ । ସମସ୍ତେ ସୁଖସ୍ୱାଚ୍ଛନ୍ଦ୍ୟରେ କାଳ କଟାଉଥିଲେ ।

ରାଜ୍ୟରେ ଅନେକ ସଡ଼କ ପ୍ରସ୍ତୁତ ହୋଇଥିଲା । ସଡ଼କର ପ୍ରତି ଅର୍ଦ୍ଧକୋଶରେ ମାଇଲ ପଥରମାନ ଥିଲା । ଭାରତର ଉତ୍ତର-ପଶ୍ଚିମ ସୀମାନ୍ତରୁ ପାଟଳୀପୁତ୍ର ପର୍ଯ୍ୟନ୍ତ ଗୋଟିଏ ଦୀର୍ଘ ସୁପ୍ରଶସ୍ତ ରାଜପଥ ଥିଲା ।

ଚନ୍ଦ୍ରଗୁପ୍ତଙ୍କ ଏହି ସମସ୍ତ ସୁକୀର୍ତ୍ତି ଓ ସୁଶୃଙ୍ଖଳାର ମୂଳକାରଣ ତାଙ୍କ ମନ୍ତ୍ରୀ ଚାଣକ୍ୟ । ଚନ୍ଦ୍ରଗୁପ୍ତ ପ୍ରାଚୀନ ଭାରତର ଜଣେ ପ୍ରଧାନ ରାଜା । ଖ୍ରୀ: ପୂ: ୨୯୮ ରେ ତାଙ୍କ ମୃତ୍ୟୁ ହୁଅନ୍ତେ ତାଙ୍କ ପୁତ୍ର ବିନ୍ଦୁସାର ରାଜା ହେଲେ । ବିନ୍ଦୁସାରଙ୍କ ରାଜ୍ୟ କଳିଙ୍ଗ ଛଡ଼ା ଦାକ୍ଷିଣାତ୍ୟର ପେନ୍ନାର ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ଦାକ୍ଷିଣାତ୍ୟ ଚନ୍ଦ୍ରଗୁପ୍ତ ଜୟ କରିଥିଲେ କି ବିନ୍ଦୁସାର ଜୟ କରିଥିଲେ, ତାହା ଏପର୍ଯ୍ୟନ୍ତ ଜଣାଯାଇ ନାହିଁ । ତାଙ୍କ ପରେ ତାଙ୍କ ପୁଅ ଅଶୋକ ମଗଧର ରାଜା ହୋଇଥିଲେ ।

## ଅନୁଶୀଳନୀ

୧ । ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟ ସ୍ଥାପନରେ ଅନୁକୂଳ ଅବସ୍ଥାମାନ ବର୍ଣ୍ଣନା କର ।

୨ । ଅପୂର୍ଣ୍ଣ ସ୍ଥାନମାନ ପୂରଣ କର :—

—ପ୍ରଭୃଙ୍କ ବିଜିତ—ପ୍ରଦେଶ ପୁନରଧିକାର କରିବା ଚେଷ୍ଟା କରି—ପରାସ୍ତ ହେଲେ । ସେ ତାଙ୍କୁ—ପ୍ରଦେଶ ଛାଡ଼ିଦେଲେ ଏବଂ ବିଜେତାଙ୍କ ଦରବାରକୁ—ଦୂତରୂପେ ପଠାଇଲେ । ଦୂତ—ଦରବାରରେ—ରହିଥିଲେ ଏବଂ—ସମ୍ବନ୍ଧରେ ଗୋଟିଏ —ଲେଖି ଯାଇଥିଲେ ।

୩ । ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟରେ ନିମ୍ନଲିଖିତ ପ୍ରଦେଶ ମଧ୍ୟରୁ କେଉଁଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା ?

ସୁବର୍ଣ୍ଣ, ତିବ୍ବତ, ସିନ୍ଧୁ, ଅଫଗାନିସ୍ଥାନ, କଳିଙ୍ଗ, ହୈଦରାବାଦ, କେରଳ, କର୍ଣ୍ଣାଟ, ବ୍ରହ୍ମଦେଶ, ଆସାମ, ଦାକ୍ଷିଣାତ୍ୟ, ପାରସ୍ୟ, ଆରବ, ବଙ୍ଗ, ବିହାର, ମାଳବ, ରାଜପୁତାନା, ପଞ୍ଜାବ, ସିଂହଳ, ଚୋଳ, ପାଣ୍ଡ୍ୟ ।

[ଅନ୍ତର୍ଭୁକ୍ତ ଥିଲେ ∠ (ଟିକ) ଚିହ୍ନ, ନ ଥିଲେ × (ଛକ) ଚିହ୍ନ, ସନ୍ଦେହ ଥିଲେ ? (ପ୍ରଶ୍ନ) ଚିହ୍ନ ଦେବ]

୪ । ମେଗାସ୍ଥିନିସଙ୍କ ବିବରଣୀରୁ ମଗଧ ସମ୍ବନ୍ଧରେ କଣ କଣ ଜଣାଯାଏ ?

୫ । ଚାଣକ୍ୟ କିଏ ଥିଲେ ?

—ସେନାପତି, —ଦୂତ,
—ରାଜା, —ଚିତ୍ରକର,
—ମନ୍ତ୍ରୀ, —ଶିଳ୍ପୀ ।

୬ । ନିମ୍ନଲିଖିତ ଘଟଣାମାନଙ୍କ ମଧ୍ୟରୁ କେଉଁ ଘଟଣା ଖ୍ରୀ: ପୂ: ୩୨୨ ରେ ଘଟିଥିଲା ?

—ଅଲେକଜାଣ୍ଡାରଙ୍କ ଭାରତ ଆକ୍ରମଣ,
—ମୌର୍ଯ୍ୟମାନଙ୍କର ମଗଧ ଅଧିକାର,
—ଚନ୍ଦ୍ରଗୁପ୍ତ-ମେଗାସ୍ଥିନିସ ଯୁଦ୍ଧ,
—ଚନ୍ଦ୍ରଗୁପ୍ତଙ୍କ ମୃତ୍ୟୁ ।

---

# ଅଶୋକ

ବିନ୍ଦୁସାର ମରିବା ପୂର୍ବରୁ ଅଶୋକଙ୍କୁ ରାଜ୍ୟ ଦେଇ ଯାଇଥିଲେ । କିନ୍ତୁ ତାଙ୍କ ମୃତ୍ୟୁ ପରେ ଅଶୋକଙ୍କ ଭାଇମାନେ ରାଜ୍ୟ ପାଇବା ଲାଗି କଳହ କଲେ । ଯାହାହେଉ ଶେଷରେ ଅଶୋକ କଳହରେ ଜିଣିଲେ । ବିନ୍ଦୁସାରଙ୍କ ମୃତ୍ୟୁର ଚାରି ବର୍ଷ ପରେ ଖ୍ରୀ: ପୂ: ୨୬୯ ରେ ତାଙ୍କର ଅଭିଷେକ ହେଲା ।

ହିମାଳୟରୁ ପେନାର ମଧ୍ୟରେ କେବଳ କଳିଙ୍ଗ ବା ଓଡ଼ିଶା ରାଜ୍ୟ ମୌର୍ଯ୍ୟରାଜ୍ୟ ଭିତରେ ନ ଥିଲା । ଅଭିଷେକର ଆଠ ବର୍ଷ ପରେ ଅଶୋକ ସେହି ରାଜ୍ୟ ଜୟ କରିବା ଲାଗି ବାହାରିଲେ । କଳିଙ୍ଗବାସୀ ବଡ଼ ବୀର ଓ ଉନ୍ନତ ଜାତି ଥିଲେ । ମଗଧକୁ ଛାଡ଼ିଦେଲେ କଳିଙ୍ଗ ପରି ବଳଶାଳୀ ରାଜ୍ୟ ସେତେବେଳେ ଭାରତରେ ନ ଥିଲା । କଳିଙ୍ଗର ଲୋକେ ବୋଇତରେ ଯାଇ ଯବ, ସୁମାତ୍ରା, ବ୍ରହ୍ମଦେଶ ପ୍ରଭୃତି ସହିତ ବାଣିଜ୍ୟ କରୁଥିଲେ । ଅଶୋକ ଏକ ପ୍ରକାଣ୍ଡ ସେନା ଆଣିଥିଲେ । କଳିଙ୍ଗବାସୀମାନେ ତାଙ୍କ ସଙ୍ଗେ ତିନି ବର୍ଷ ପର୍ଯ୍ୟନ୍ତ ଏକ ଭୀଷଣ ଯୁଦ୍ଧ କଲେ । ଯୁଦ୍ଧରେ କଳିଙ୍ଗର ଦେଢ଼ଲକ୍ଷ ଲୋକ ବନ୍ଦୀ ହେଲେ, ଲକ୍ଷେ ନିହତ ହେଲେ ଏବଂ ରୋଗରେ, ଅନାହାରରେ ଅସଂଖ୍ୟ ଲୋକ ମଲେ । ସେହି ଦୃଶ୍ୟ ବଡ଼ ବିକଟ ହୋଇଥିଲା । ଅଶୋକଙ୍କ ପରି ବୁଦ୍ଧିମାନ୍ ରଜା ତାହା ଦେଖି କପରି ହୃଦୟ ଧରନ୍ତେ । ଦୟାରେ ତାଙ୍କ ହୃଦୟ ତରଳିଗଲା । ତାଙ୍କ ମନରେ ବଡ଼ ଅନୁତାପ ହେଲା । ସେ ସେହିକ୍ଷଣି ପ୍ରତିଜ୍ଞା କଲେ ଯେ, ଜୀବନରେ ଆଉ ଦିନେ ଯୁଦ୍ଧ କରିବେ ନାହିଁ । ତାଙ୍କର ଏହି ଅନୁତାପ କଥା ସେ ଗୋଟିଏ ପଥର ଦେହରେ ଖୋଳାଇ ଯାଇଛନ୍ତି ।



**ଅଶୋକ ଓ ବୌଦ୍ଧଧର୍ମ**—ଅଶୋକ ନିଜ ପ୍ରଥମେ ପାଳନ କରୁଥିଲେ । ଏହି କଳିଙ୍ଗ ଯୁଦ୍ଧ ପରେ ସେ ଉପଗୁପ୍ତ ନାମକ ଜଣେ ବୌଦ୍ଧସନ୍ନ୍ୟାସୀଙ୍କ ନିକଟରୁ ଧର୍ମ ଉପଦେଶ ଶୁଣିଲେ ଏବଂ ବୌଦ୍ଧଧର୍ମ ଗ୍ରହଣ କଲେ । ବୌଦ୍ଧଧର୍ମ ପ୍ରତି ତାଙ୍କ ମନ ଏପରି ଆକୃଷ୍ଟ ହୋଇପଡ଼ିଲା ଯେ, ସେ ସେହି ଧର୍ମକୁ ରାଜ୍ୟର ପ୍ରଧାନ ଧର୍ମରେ ପରିଣତ କଲେ ଏବଂ ସମଗ୍ର ଭାରତରେ ସେହି ଧର୍ମ ପ୍ରଚାର କଲେ ।

ଅଶୋକ ବର୍ତ୍ତମାନ ଭାରତ ବାହାରେ ବୌଦ୍ଧଧର୍ମ ପ୍ରଚାର କଲେ ଏବଂ ସେହି କାର୍ଯ୍ୟ ସକାଶେ ବୌଦ୍ଧ ସନ୍ନ୍ୟାସୀ ଓ ଶ୍ରମଣ ନିଯୁକ୍ତ କଲେ । ଏମାନେ ବୁଲି ବୁଲି ନାନା ଦେଶରେ ଧର୍ମ ପ୍ରଚାର କଲେ । କ୍ରମେ ସମଗ୍ର ଭାରତ, ସିଂହଳ, ବ୍ରହ୍ମଦେଶ, ଅଫଗାନିସ୍ଥାନ, ଏସିଆ ମାଇନର, ମିଶର, ସିରିଆ, ମାସିଡନ ଇତ୍ୟାଦି ଦେଶରେ ବୌଦ୍ଧଧର୍ମ ପ୍ରସାର ଲାଭ

କଲେ । ଅଳ୍ପ କଥାରେ କହିଲେ, ଅଶୋକ ବୌଦ୍ଧଧର୍ମକୁ ଆସିଆ, ଆଫ୍ରିକା ଓ ଇଉରୋପ ତିନିଗୋଟି ମହାଦେଶର ଧର୍ମରେ ପରିଣତ କରିଥିଲେ । ସେ ନିଜେ ମଧ୍ୟ ବୁଲି ବୁଲି ଧର୍ମ ପ୍ରଚାର କରୁଥିଲେ । ବୁଦ୍ଧଙ୍କର ଓ ବୌଦ୍ଧଧର୍ମର ସମ୍ପର୍କରେ ଯେତେ ସ୍ଥାନ ଥିଲା, ସେ ସବୁ ସ୍ଥାନ ଦର୍ଶନ କରିଥିଲେ ଏବଂ ସମସ୍ତଙ୍କୁ ତୀର୍ଥରେ ପରିଣତ କରିଥିଲେ ।

ଧର୍ମ ପ୍ରକାଶେ ଅଶୋକ ରାସ୍ତାକଡ଼ରେ ଛାୟାଗଛ ଓ ଫଳଗଛ ରୋପିଥିଲେ, କୂପ ଓ ପୋଖରୀ ଖୋଳାଇଥିଲେ, ଜଳଛତ୍ର ରଖିଥିଲେ ଏବଂ ପାନ୍ଥଶାଳା ( ସରାଇଘର ) ନିର୍ମାଣ କରିଥିଲେ । ରାଜ୍ୟ ମଧ୍ୟରେ ଅନେକ ଔଷଧାଳୟ ପ୍ରତିଷ୍ଠା କରିଥିଲେ । ରୋଗୀମାନେ ସେଠାରୁ ବିନା ମୂଲ୍ୟରେ ବିନା କଷ୍ଟରେ ଔଷଧ ପାଉଥିଲେ । ନାନା ଦେଶରୁ ଔଷଧଗଛମାନ ଅଣାଇ ଅଶୋକ ନିଜ ରାଜ୍ୟରେ ଲଗାଇଥିଲେ ।

ଅଶୋକ ନିଜ ରାଜ୍ୟ ମଧ୍ୟରେ ଜୀବହତ୍ୟା ସମ୍ପୂର୍ଣ୍ଣରୂପେ ନିଷେଧ କରିଥିଲେ । ପଥିକମାନେ ଧର୍ମୋପଦେଶ ପଢ଼ି ପାରିବେ ବୋଲି ସେ ଭାରତର ଚାରିଆଡ଼େ ପର୍ବତ ଓ ପଥର ଦେହରେ ବୌଦ୍ଧଧର୍ମ-ନୀତିମାନ ଖୋଳାଇଥିଲେ । ଏହି ଖୋଦିତ ଲିପିଗୁଡ଼ିକୁ ଅନୁଶାସନ କୁହାଯାଏ । ସେଗୁଡ଼ିକ ଆଜିପର୍ଯ୍ୟନ୍ତ ଅଛି । ଦୁଇ ହଜାର ବର୍ଷ ପରେ ମଧ୍ୟ ସେଗୁଡ଼ିକ ଅତିକାରି ପରିଷ୍କାର ପଢ଼ି ହେଉଅଛି । ସେହି ଅନୁଶାସନଗୁଡ଼ିକର ଏକ ଆଦର୍ଶ ତଳେ ଦଆଗଲା :—

"ଧର୍ମ କାହାକୁ କହନ୍ତି ?—ପାପକାର୍ଯ୍ୟ କରିବ ନାହିଁ, ସତ୍‌କାର୍ଯ୍ୟ କରିବ, ଷଡ଼୍‌ରିପୁ ଦମନ କରିବ, ମିତବ୍ୟୟୀ ହେବ, ଦୟା, ଦାନ, ସତ୍ୟନିଷ୍ଠା ଓ ପବିତ୍ରତା ଏହାହିଁ ଧର୍ମ । ପିତାମାତାଙ୍କ କଥା ମାନିବ, ସମସ୍ତଙ୍କୁ ଦାନ ଦେବ, ହିଂସାଶୂନ୍ୟ, ସରଳ ଓ ମିତବ୍ୟୟୀ ହେବ,

ଗୁରୁଜନମାନଙ୍କୁ ଭକ୍ତି କରିବ, ନିଜଠାରୁ ସାନ ଓ ଅଧୀନ ଲୋକଙ୍କୁ ଦୟା କରିବ, ଅନ୍ୟ ଧର୍ମର ନିନ୍ଦା କରିବ ନାହିଁ, ସବୁ ଧର୍ମରେ କିଛି ନା କିଛି ଭଲ ଅଛି ।"



ପ୍ରିୟଦର୍ଶୀ ଅଶୋକ

ଅଶୋକ ବୌଦ୍ଧଧର୍ମ ସମ୍ବନ୍ଧରେ ଯାହା କରି ଯାଇଅଛନ୍ତି, ପୃଥିବୀର ଆଉ କୌଣସି ରାଜା କୌଣସି ଧର୍ମ ସମ୍ବନ୍ଧରେ ସେପରି କରି ନାହାନ୍ତି । ବୌଦ୍ଧଧର୍ମ ପ୍ରତି ତାଙ୍କର ଏହି ଆସ୍ଥା ଓ କାର୍ଯ୍ୟ ସମ୍ବନ୍ଧରେ ସେ ଏବେ·

ଥିବାର ଜଣେ ସର୍ବଶ୍ରେଷ୍ଠ ରାଜା ହୋଇଛନ୍ତି । ବୌଦ୍ଧଧର୍ମ ଲାଗି ସେ 'ଦେବାନାଂ ପିୟ ପିୟଦର୍ଶୀ ରାଜା ଅଶୋକ' ଉପାଧି ପାଇଛନ୍ତି ।

**ଶାସନ ପ୍ରଣାଳୀ—** ଅଶୋକ ପ୍ରଜାମାନଙ୍କୁ ପୁଅ ପରି ଦେଖୁଥିଲେ । ସେମାନଙ୍କ ସୁଖ ଓ ଉନ୍ନତି କଥା ସବୁବେଳେ ଭାବୁଥିଲେ । ପ୍ରଜାମାନେ ଯେ କୌଣସି ସମୟରେ ତାଙ୍କ ନିକଟକୁ ଯାଇ ନିଜ ଦୁଃଖ ଗୁହାରି ଜଣାଇ ପାରୁଥିଲେ । ସେ ନିଜକୁ ପ୍ରଜାଙ୍କର ଋଣୀ ଓ ସେବକ ବୋଲି ମନେ କରୁଥିଲେ ଏବଂ ନିଜେ ବୁଲି ବୁଲି ସେମାନଙ୍କ ଅବସ୍ଥା, ଅଭାବ ଓ ଦୁଃଖ ବୁଝୁଥିଲେ । କୁମାରିକା ଅନ୍ତରୀପ ନିକଟରେ ଚୋଳ, କେରଳ, ପାଣ୍ଡ୍ୟ ଓ ସତ୍ୟପୁତ୍ର ତାଙ୍କ ଘର ପଡ଼ୋଶୀ ରାଜ୍ୟ ଥିଲା । ଅଶୋକ ଘୋଷଣା କରିଥିଲେ ଯେ ସେହି ରାଜାମାନେ ତାଙ୍କୁ ଭୟ କରିବେ ନାହିଁ । ସେମାନଙ୍କ ପ୍ରତି ଅଶୋକ ସର୍ବଦା ଦୟାଳୁ ଥିଲେ ।

ଅଶୋକ ଚାଳିଶବର୍ଷ କାଳ ଶାନ୍ତିରେ ରାଜତ୍ୱ କରିଥିଲେ । ଚନ୍ଦ୍ରଗୁପ୍ତଙ୍କ ଶାସନପ୍ରଣାଳୀ ଓ ତାଙ୍କ ଶାସନପ୍ରଣାଳୀ ମଧ୍ୟରେ କିଛି ପାର୍ଥକ୍ୟ ନ ଥିଲା । ଚନ୍ଦ୍ରଗୁପ୍ତଙ୍କ ପରି ସେ ବିଭିନ୍ନ ବିଭାଗ ପାଇଁ ମନ୍ତ୍ରିସଭା ରଖିଥିଲେ ଏବଂ ସେହି ସଭାର ପରାମର୍ଶ ଅନୁସାରେ ଶାସନ କରୁଥିଲେ । ନିଜ ପ୍ରକାଣ୍ଡ ସାମ୍ରାଜ୍ୟ ଶାସନ କରିବା ସକାଶେ ସେ ଚାରିଜଣ ପ୍ରତିନିଧି ନିଯୁକ୍ତ କରିଥିଲେ—ଜଣେ ତକ୍ଷଶିଳାରେ, ଜଣେ ଉଜ୍ଜୟିନୀରେ, ଜଣେ ତୋଷଳୀରେ ଏବଂ ଚତୁର୍ଥ ବ୍ୟକ୍ତି ସୁବର୍ଣ୍ଣଗିରିରେ ରହୁଥିଲେ ।*

---

* ତୋଷଳୀ—ଭୁବନେଶ୍ୱର ନିକଟରେ ଅବସ୍ଥିତ ଓ କଳିଙ୍ଗର ରାଜଧାନୀ ଥିଲା । ସୁବର୍ଣ୍ଣଗିରି—ଦାକ୍ଷିଣାତ୍ୟର ଏକ ନଗର ଥିଲା ।

ରାଜା ନିଜେ ପାଂଚଳୀଂ ସ୍ୱରେ ଗ୍ରହୁଥିଲେ । ପ୍ରେମର ଶାସନ ତାଙ୍କ ଶାସନର ମୂଳମନ୍ତ୍ର ଥିଲା ।

ବୁଦ୍ଧଦେବଙ୍କ ଜନ୍ମସ୍ଥାନ ଲୁମ୍ବିନୀଠାରେ ଅଶୋକ ଗୋଟିଏ ସ୍ତମ୍ଭ ନିର୍ମାଣ କରାଇଥିଲେ । ଏହି ସ୍ତମ୍ଭ ଅଦ୍ୟ ପର୍ଯ୍ୟନ୍ତ ରହିଅଛି ।

ଜୀବନର ଶେଷ କେତେକ ବର୍ଷ ଅଶୋକ ରାଜ୍ୟ,ଗୃହ-ତ୍ୟାଗ କରି ବୌଦ୍ଧ ସନ୍ନ୍ୟାସୀ ଭାବରେ ଏକ ପର୍ବତଗୁମ୍ଫାରେ ତପସ୍ୟା କରୁଥିଲେ ଏବଂ ସେହିଠାରେ ତାଙ୍କର ମୃତ୍ୟୁ ଘଟି-ଥିଲା (ଖ୍ରୀ:ପୂ: ୨୩୨) । ସେ ହୀନଯାନପନ୍ଥୀ ବୌଦ୍ଧ ଥିଲେ ।



ଅଶୋକସ୍ତମ୍ଭ

## ଅନୁଶୀଳନୀ

୧ । ନିମ୍ନଲିଖିତ ବକ୍ତବ୍ୟମାନଙ୍କର ଉକ୍ତି ମଧ୍ୟରୁ କେଉଁ ଉକ୍ତି ଠିକ୍ ?

(କ) ଅଶୋକ କଳିଙ୍ଗ ଜୟ କରିଥିବାରୁ ବିଖ୍ୟାତ । ସେ ଅହିଂସା ବା ପ୍ରେମର ଜୟ ହେତୁରୁ ବିଖ୍ୟାତ । ସେ ବୌଦ୍ଧଧର୍ମର

ପ୍ରସାର କରି ନଥିଲେ । ସେ ପିତୃ ପିତାମହଙ୍କ ରାଜ୍ୟରେ ସୁଶାସନ ପ୍ରଚଳନ କରି ନଥିଲେ ।

(ଖ) ଅଶୋକ ବାଲ୍ୟକାଳରେ ନିଷ୍ଠୁର ଥିଲେ । ସେ ରାଜା ହେବା ପରେ ଭ୍ରାତା ଭଗିନୀମାନଙ୍କର ଯତ୍ନ ନେଉଥିଲେ । ସେ ଦାକ୍ଷିଣାତ୍ୟ ଜୟ କରିଥିଲେ । ସେ ଗ୍ରୀସ୍ ପର୍ଯ୍ୟନ୍ତ ରାଜ୍ୟ ବଢ଼ାଇଥିଲେ ।

୨ । ନିମ୍ନଲିଖିତ ପ୍ରଦେଶ ମଧ୍ୟରୁ ଯେଉଁ ଯେଉଁଠାରେ ଅଶୋକ ଧର୍ମ ପ୍ରଚାର କରିଥିଲେ, ତହିଁରେ ନିମ୍ନଗାର ଦିଅ ।

ପାଣ୍ଡ୍ୟ, ସିଂହଳ, ଅଫଗାନିସ୍ଥାନ, ବ୍ରହ୍ମଦେଶ, ଯାବା, ଶ୍ୟାମ, ଗ୍ରୀସ୍, ମିଶର, ଚୀନ୍, ମଧ୍ୟଅସିଆ, ତିବ୍ବତ ।

୩ । "କଳିଙ୍ଗ ଦୁର୍ବଳ ରାଜ୍ୟ ଥିବାରୁ ଅଶୋକ ତାହାକୁ ଜୟ କରିଥିଲେ"—ଏ ଉକ୍ତି ଠିକ୍ ନା ଭୁଲ ? ଉତ୍ତରର ଯୁକ୍ତି ଦିଅ ।

୪ । "ଅଶୋକଙ୍କ ସାଧାରଣ ହିତକର କାର୍ଯ୍ୟ", "ପ୍ରଜାମାନଙ୍କ ପ୍ରତି ବ୍ୟବହାର' ଓ "ଅହିଂସା ଓ ପ୍ରେମର ଜୟ" ସମ୍ବନ୍ଧରେ ପ୍ରବନ୍ଧ ଲେଖ ।

# ଦଶମ ଅଧ୍ୟାୟ

## ଅଶୋକଙ୍କ ପରେ ଭାରତର ଅବସ୍ଥା

**ସୁଙ୍ଗବଂଶ**—ଅଶୋକଙ୍କ ପରେ ତାଙ୍କ ବଂଶଧରମାନେ ଦୁର୍ବଳ ହୋଇ ପଡ଼ିଲେ । ମୌର୍ଯ୍ୟବଂଶର ଶେଷ ରାଜା ବୃହଦ୍ରଥଙ୍କୁ ବଧ କରି ତାଙ୍କ ସେନାପତି ପୁଷ୍ପମିତ୍ର ସିଂହାସନ ଅଧିକାର କଲେ (ଖ୍ରୀ: ପୂ: ୧୮୫) । ପୁଷ୍ପମିତ୍ରଙ୍କ ବଂଶକୁ ମିତ୍ର ବା ସୁଙ୍ଗବଂଶ କହନ୍ତି । ଏମାନେ ୧୧୨ ବର୍ଷ ରାଜତ୍ୱ କରିଥିଲେ ।

**କାଣ୍ୱବଂଶ**—ମିତ୍ରବଂଶର ଶେଷ ରାଜାଙ୍କୁ ନିହତ କରାଇ ତାଙ୍କ ବ୍ରାହ୍ମଣ ମନ୍ତ୍ରୀ ବାସୁଦେବ ମଗଧରେ କାଣ୍ୱବଂଶ ସ୍ଥାପନ କଲେ । ଏହି ବଂଶର ଚାରିଜଣ ରାଜା ଖ୍ରୀ: ପୂ: ୭୩ ରୁ ଖ୍ରୀ: ପୂ: ୨୮ ପର୍ଯ୍ୟନ୍ତ ୪୫ ବର୍ଷ ରାଜତ୍ୱ କରିଥିଲେ । ଏମାନଙ୍କ ପରେ ଅନ୍ଧ୍ରବଂଶ ମଗଧ ଅଧିକାର କଲେ ।

**ଚୈତ୍ରବଂଶ**—ଅଶୋକ କଳିଙ୍ଗ ଜୟ କରିଥିଲେହେଁ, କଳିଙ୍ଗର ରାଜବଂଶକୁ ଧ୍ୱଂସ ବା ଅଧୀନ କରି ପାରି ନ ଥିଲେ । କଳିଙ୍ଗର ପୂର୍ବ ରାଜବଂଶ ଦକ୍ଷିଣ କୋଶଳ ଅନ୍ତଃପାତୀ ପାର୍ବତ୍ୟ ଅରଣ୍ୟ ଅଞ୍ଚଳକୁ ପଳାୟନ କରି ସେଠାରେ ପ୍ରଭୁବବସ୍ଥାପୂର୍ବକ ଏକପ୍ରକାର ଗୁପ୍ତ ସ୍ୱାଧୀନତାରେ ରହିଥିଲେ । ଅଶୋକଙ୍କ ମୃତ୍ୟୁ ପରେ ଯେତେବେଳେ କଳିଙ୍ଗରେ ମଗଧର କେନ୍ଦ୍ରିକ ଶକ୍ତି ଦୁର୍ବଳୀକୃତ ହେଲା, ସେତେବେଳେ ଚୈତ୍ର ନାମରେ ଏକ ନୂତନ ରାଜଶକ୍ତି ସେଠାରେ ସହସା ଅବତୀର୍ଣ୍ଣ ହେଲା । ଏହି ଚୈତ୍ରବଂଶର ପଞ୍ଚମ ରାଜା ଖାରବେଳ । ଭୁବନେଶ୍ୱର ନିକଟବର୍ତ୍ତୀ ତୋଷଳୀ ତାଙ୍କର ରାଜଧାନୀ ଥିଲା । ସେ ଖ୍ରୀ: ପୂ: ୧୮୮ରୁ ପ୍ରାୟ ୧୪ ବର୍ଷ ରାଜତ୍ୱ କରିଥିଲେ । ସେ ଜୈନଧର୍ମାବଲମ୍ବୀ ଥିଲେ ଏବଂ ଜୈନଧର୍ମର ଉନ୍ନତି କରିଥିଲେ । ଖଣ୍ଡଗିରି ଓ ଉଦୟଗିରିରେ

ତାଙ୍କ ଖୋଦିତ କେତେକ ଗୁମ୍ଫା ଅଛି ଏବଂ ତନ୍ମଧ୍ୟରୁ ହାତୀଗୁମ୍ଫା ନାମକ ଗୋଟିଏ ଗୁମ୍ଫାର ଗାତ୍ରରେ ତାଙ୍କର ଖୋଦିତ ଏକ ବିସ୍ତୃତ ଶିଳାଲିପି ଅଛି । ଏହି ଶିଳାଲିପିକୁ **ହାତୀଗୁମ୍ଫା ଶିଳାଲିପି** କହନ୍ତି । ଏହି ଶିଳାଲିପିରୁ ଖାରବେଳଙ୍କ ଇତିହାସର ପୁନରୁଦ୍ଧାର ହୋଇଅଛି ।

ଖାରବେଳ ଜଣେ ପରାକ୍ରମଶାଳୀ ରାଜା ଥିଲେ । ସେ ଦିଗ୍‌ବିଜୟରେ ବାହାରି ମଥୁରା ପର୍ଯ୍ୟନ୍ତ ଅଞ୍ଚଳ ଓ ପଞ୍ଜାବ ଜୟ କରିଥିଲେ । ଅଙ୍ଗ ଓ ମଗଧର ରାଜା ବୃହସ୍ପତି ମିତ୍ରଙ୍କୁ ଦୁଇଥର ପରାସ୍ତ କରିଥିଲେ ଏବଂ ପାଟଳୀପୁତ୍ରରୁ କଳିଙ୍ଗ ଜିନମୂର୍ତ୍ତି ନେଇ ଆସିଥିଲେ । ଦକ୍ଷିଣରେ ସେ ଅନ୍ଧ୍ର ରାଜା ଶାତକର୍ଣ୍ଣିଙ୍କୁ ପରାସ୍ତ କରିଥିଲେ ଏବଂ ପାଣ୍ଡ୍ୟ ରାଜ୍ୟର ରାଜାଙ୍କୁ ତାଙ୍କ ପ୍ରାଧାନ୍ୟ ସ୍ୱୀକାର କରିବା ନିମନ୍ତେ ବାଧ୍ୟ କରିଥିଲେ ।

ଖାରବେଳଙ୍କ ପରି ପରାକ୍ରାନ୍ତ ଜୈନନୃପତି ଭାରତରେ ଆଉ କେହି ନ ଥିଲେ ଏବଂ ତାଙ୍କ ପରି ଦିଗ୍‌ବିଜୟୀ ସମ୍ରାଟ୍ ଓଡ଼ିଶାରେ ଅନ୍ୟ କେହି ଥିଲେ ବୋଲି ଏପର୍ଯ୍ୟନ୍ତ ଜଣାଯାଇ ନାହିଁ ।

**ଆନ୍ଧ୍ରବଂଶ**—ଅନ୍ଧ୍ରମାନେ ଦ୍ରାବିଡ଼ବଂଶୀୟ ଥିଲେ ଏବଂ କୃଷ୍ଣା ଓ ଗୋଦାବରୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ରାଜତ୍ୱ କରୁଥିଲେ । ସିମୁକ ନାମକ ଏକ ବ୍ୟକ୍ତି ଖ୍ରୀ: ପୂ: ପ୍ରାୟ ୨୩୦ ରେ ଅନ୍ଧ୍ରବଂଶ ସ୍ଥାପନ କରିଥିଲେ । ଯେତେବେଳେ ଅଶୋକ ବିନ୍ଧ୍ୟାଞ୍ଚଳର ଦକ୍ଷିଣକୁ ସାମ୍ରାଜ୍ୟ ବିସ୍ତାର କଲେ, ଏମାନେ ତାହାଙ୍କର ଅଧୀନ ରାଜା ହୋଇ ରହିଲେ । ଅଶୋକଙ୍କ ମୃତ୍ୟୁ ପରେ ଏମାନେ ନିଜ ସ୍ୱାଧୀନତା ଘୋଷଣା କରି ଆରବ ସାଗରଠାରୁ ବଙ୍ଗୋପସାଗର ମଧ୍ୟବର୍ତ୍ତୀ ସମସ୍ତ ଦାକ୍ଷିଣାତ୍ୟର

ଅଧିପତି ହେଲେ । ଖ୍ରୀ: ପୂ: ୨୮ ରେ ଏହି ବଂଶର ଚତୁର୍ଦ୍ଦଶ ରାଜା ପୁଲୋମାୟି ମଗଧର ରାଜାଙ୍କୁ ବଧ କରି ମଗଧ ପର୍ଯ୍ୟନ୍ତ ଅନ୍ଧ୍ରରାଜ୍ୟ ବିସ୍ତାର କଲେ । ପ୍ରାଚୀନ ଇତିହାସରେ ଆର୍ଯ୍ୟମାନଙ୍କ ଉପରେ ଦ୍ରାବିଡ଼-ମାନଙ୍କର ଏହି ପ୍ରଥମ ବିଜୟ ଓ ବୈଶିଷ୍ଟ୍ୟ ବିସ୍ତାର ଅଟେ । ସିମୁକ, ପୁଲୋମାୟି, ବିଲିବାୟୁକୁର, ଗୌତମୀପୁତ୍ର, ଶାତକର୍ଣ୍ଣୀ ଓ ଯଜ୍ଞଶ୍ରୀ ଶାତକର୍ଣ୍ଣୀ ଏହି ବଂଶର ଶ୍ରେଷ୍ଠ ରାଜା । ଗୌତମୀପୁତ୍ର ବୌଦ୍ଧଧର୍ମର ଓ ଯଜ୍ଞଶ୍ରୀ ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକ ଥିଲେ । ଧାନକଟକ(ଅମରାବତୀ) ଏମାନଙ୍କର ରାଜଧାନୀ ଥିଲା ଏବଂ ଏହି ବଂଶର ୩୦ ଜଣ ରାଜା ଖ୍ରୀଷ୍ଟାବ୍ଦ ୨୨୫ ପର୍ଯ୍ୟନ୍ତ ବା ୪୦୦ ବର୍ଷ ରାଜତ୍ୱ କରିଥିଲେ ।

ଅନ୍ଧ୍ରମାନେ ମହାଶାଳୀ ଥିବାବେଳେ ଶକମାନେ ଭାରତ ଆକ୍ରମଣ କରିଥିଲେ ଏବଂ ଶକ ଓ ଅନ୍ଧ୍ରମାନଙ୍କ ମଧ୍ୟରେ ବରାବର ବଳ କଷାକଷି ଚାଲିଥିଲା ।

**ଗ୍ରୀକ୍**—ଅଶୋକଙ୍କ ମୃତ୍ୟୁ ପରେ ଗ୍ରୀକ୍‌ମାନେ ପୁଣି ଭାରତ ଆକ୍ରମଣ କଲେ । ଦିମାଟ୍ରିୟସ୍ ନାମକ ଜଣେ ଗ୍ରୀକ୍ ରାଜା ପଞ୍ଜାବ ଓ ସିନ୍ଧୁ ପ୍ରଦେଶ ଅଧିକାର କଲେ । ପଞ୍ଜାବର ଶାକଲ (ସିଆଲକୋଟ ବା ଶେଲକୋଟ) ନଗରର ଗ୍ରୀକ୍ ରାଜା ମିଳିନ୍ଦ (ମିନେଣ୍ଡର୍) ଖ୍ରୀ: ପୂ: ୧୪୧ ରେ ଅଯୋଧ୍ୟା ପର୍ଯ୍ୟନ୍ତ ଭୂଖଣ୍ଡ ଜୟ କରିଥିଲେ । ତକ୍ଷଶିଳା, ମଥୁରା ଓ ଉଜ୍ଜୟିନୀରେ ଗ୍ରୀକ୍‌ମାନେ ଅନେକ ଦିନ ପର୍ଯ୍ୟନ୍ତ ବାସ କରିଥିଲେ ।

**ଶକ**—ଶକ ନାମକ ଅନ୍ୟ ଏକ ଜାତି ମଧ୍ୟଏସିଆ ଅଞ୍ଚଳରୁ ଭାରତ ଆକ୍ରମଣ କରିଥିଲେ ଏବଂ ମଥୁରା, ଉଜ୍ଜୟିନୀ ଓ ଭୃଗୁକଚ୍ଛ (ବ୍ରୋଚ୍) ରେ ଅନେକ ଦିନ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ରୁଦ୍ରଦାମନ ଏମାନଙ୍କର ଶ୍ରେଷ୍ଠ ରାଜା ଥିଲେ । ମାଳବର ବିକ୍ରମାଦିତ୍ୟ ଏମାନଙ୍କୁ

ପର୍ଯ୍ୟନ୍ତ କରି ଶକାର୍ ଉପାଧି ଗ୍ରହଣ କରିଥିଲେ ଏବଂ ବିକ୍ରମାବ୍ଦ ଚଳାଇ-ଥିଲେ । (ଖ୍ରୀ: ପୂ: ୫୭ ଅବ୍ଦ) ।

**କୁଶାଣବଂଶ**—କୁଶାଣମାନେ ଶକମାନଙ୍କ ପରି ଏକ ଜାତି ଏବଂ ମଧ୍ୟ-ଅସିଆରୁ ଭାରତକୁ ଆସିଥିଲେ । ଏମାନେ ଭାରତର ଉତ୍ତର ପଶ୍ଚିମରେ ଥିବା ବକ୍ଟ୍ରିୟା (ବଲଖ) ପ୍ରଦେଶରେ ରାଜତ୍ୱ କରୁଥିଲେ । କୁଶାଣବଂଶର ରାଜା ପ୍ରଥମ କାଡ଼ଫିସେସ୍ ହିନ୍ଦୁକୁଶ ଅତିକ୍ରମ କରି ତକ୍ଷଶିଳା ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କଲେ । ତାଙ୍କ ସହିତ ଏହି ବଂଶର ପାଞ୍ଚ ଜଣ ରାଜା ରାଜତ୍ୱ କରିଥିଲେ ।

୧ । ପ୍ରଥମ କାଡ଼ଫିସେସ୍ (ମୃତ୍ୟୁ ଖ୍ରୀ: ଅ: ୭୭)
୨ । ଦ୍ୱିତୀୟ କାଡ଼ଫିସେସ୍
୩ । କନିଷ୍କ (ଖ୍ରୀ: ଅ: ୧୨୦—୧୬୨)
୪ । ହୁବିଷ୍କ
୫ । ବାସୁଦେବ (ମୃତ୍ୟୁ ଖ୍ରୀ: ଅ: ୨୨୦)

କନିଷ୍କ ଏହି ବଂଶର ଶ୍ରେଷ୍ଠତମ ସମ୍ରାଟ୍ । ତାଙ୍କ ସାମ୍ରାଜ୍ୟ ଅଲଟାଇ ପର୍ବତଠାରୁ ନର୍ମଦା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପୁରୁଷପୁର ବା ଆଧୁନିକ ପେଶାବାର ତାଙ୍କ ରାଜଧାନୀ ଥିଲା । ସେ ସେଠାରେ ଏକ ବୃହତ୍ ଓ ଚମତ୍କାର ଚୈତ୍ୟ ନିର୍ମାଣ କରିଥିଲେ । ସେ ଚୀନ୍ ସମ୍ରାଟଙ୍କ ସଙ୍ଗେ ଯୁଦ୍ଧ କରିଥିଲେ ।

କନିଷ୍କ ମହାଯାନ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ ଏବଂ ସେଥି ସକାଶେ ସେ ଖ୍ୟାତିଲାଭ କରି ଯାଇଅଛନ୍ତି । ତାଙ୍କ ସମୟରୁ ବୌଦ୍ଧ-ଧର୍ମର ପତନ ଘଟିଥିଲା । ସେ ତାହାର ଉନ୍ନତି ଓ ପ୍ରସାର କରି ବୌଦ୍ଧ-ଧର୍ମକୁ ଚୀନ, ଜାପାନ, ମଧ୍ୟ-ଅସିଆ, ମଙ୍ଗୋଲିଆ, ତିବ୍ବତ ଓ କାଶ୍ମୀର

ପର୍ଯ୍ୟନ୍ତ ବିସ୍ତାର କରିଥିଲେ । ସେ ନିଜେ ବୌଦ୍ଧ ଥିଲେ । ସେ ଶେଷ ବୌଦ୍ଧସଭା ଆହ୍ୱାନ କରିଥିଲେ ଏବଂ ବୌଦ୍ଧ ଧର୍ମଗ୍ରନ୍ଥର ଟୀକା ଲେଖାଇଥିଲେ ।

କନିଷ୍କଙ୍କ ସଭାରେ ଚରକ ବୋଲି ଜଣେ ବଡ଼ ବୈଦ୍ୟ ଥିଲେ । ସେ 'ଚରକ ସଂହିତା' ବୋଲି ଖଣ୍ଡେ ଅତି ଉତ୍କୃଷ୍ଟ ଆୟୁର୍ବେଦଗ୍ରନ୍ଥ




କନିଷ୍କଙ୍କ ସାମ୍ରାଜ୍ୟ

ଲେଖି ଯାଇଅଛନ୍ତି । ଏହି ଗ୍ରନ୍ଥ ଭାରତର ବୈଦ୍ୟମଣ୍ଡଳୀରେ ବଡ଼ ଆଦର ପାଉଅଛି । କନିଷ୍କ କଳା ଓ ସାହିତ୍ୟର ଆଦର କରୁଥିଲେ । ସେ ଅନେକ ଚୈତ୍ୟ, ମଠ ଓ ସ୍ତୂପ ନିର୍ମାଣ କରିଥିଲେ । ତାଙ୍କ ସଭାରେ ଅଶ୍ୱଘୋଷ ନାମରେ ଜଣେ ବଡ଼ ପଣ୍ଡିତ କବି ଥିଲେ । ଏହା ବାହାରେ କେତେକ ବୈଜ୍ଞାନିକ ପଣ୍ଡିତ ମଧ୍ୟ ସେହି ସଭାରେ ଥିଲେ । ନାଗାର୍ଜ୍ଜୁନ ସେହି ସଭାର ଦାର୍ଶନିକ ପଣ୍ଡିତ ଥିଲେ ।

କନିଷ୍କଙ୍କ ପରେ ହୁବିଷ୍କ ଓ ବାସୁଦେବ ରାଜା ହୋଇଥିଲେ । ବାସୁଦେବ ବୌଦ୍ଧଧର୍ମ ତ୍ୟାଗ କରି ଶୈବଧର୍ମ ଗ୍ରହଣ କରିଥିଲେ । ତାଙ୍କ ଅମଳରେ ହୂଣମାନେ ଦଳ ଦଳ ହୋଇ ଆସି କୁଶାଣ ସାମ୍ରାଜ୍ୟର ଧ୍ୱଂସରେ ବ୍ୟାପୃତ ହେଲେ । କୁଶାଣ ଅମଳରେ କୋଟି କୋଟି ଟଙ୍କାର ମୋତି, ରେଶମୀ ଲୁଗା ଓ କାର୍ପାସ ବସ୍ତ୍ର ଭାରତରୁ ବିଦେଶକୁ ରପ୍ତାନି ହେଉଥିଲା । ବାଣିଜ୍ୟ ସକାଶେ ଭୃଗୁକଚ୍ଛ (ବ୍ରୋଚ୍ ବା ବରୋଚ) ବନ୍ଦର ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିଥିଲା ।

## ଅନୁଶୀଳନୀ

୧ । ନିମ୍ନଲିଖିତ ଦୁଇ ବିଭାଗ ମଧ୍ୟରେ ଗୋଟିଏ ବିଭାଗର ଯେଉଁ ଶବ୍ଦ ସହିତ ଅନ୍ୟ ବିଭାଗର ଯେଉଁ ଶବ୍ଦର ସମ୍ପର୍କ ଅଛି, ସେହି ଦୁଇ ଶବ୍ଦକୁ ଗୋଟିଏ ଧାଡ଼ିରେ ସଜାଇ ଲେଖ (ଦୁଇ ବିଭାଗର ପ୍ରଥମ ଶବ୍ଦଦ୍ୱୟ ପ୍ରଶ୍ନମଧ୍ୟେ ସଜାଇ ଲେଖା ଯାଇଅଛି । )

| (କ) | (ଖ) |
|---|---|
| ପୁଷ୍ପମିତ୍ର | ସୁଙ୍ଗବଂଶର ସ୍ଥାପୟିତା |
| ବାସୁଦେବ | ଅଶ୍ୱମେଧ ଯଜ୍ଞ |

| (କ) | (ଖ) |
|---|---|
| ଯଜ୍ଞଶ୍ରୀ | ହାତୀଗୁମ୍ଫା ଅନୁଶାସନ |
| ଖାରବେଳ | ଧାନ୍ୟ କଟକ |
| ମିନେଣ୍ଡାର | ପେଶାବାର |
| ଅନ୍ଧ୍ରବଂଶର ରାଜଧାନୀ | ଅନ୍ଧ୍ରରାଜା |
| କନିଷ୍କ ରାଜଧାନୀ | ଶାକଳ |
| କନିଷ୍କ | କବିରାଜ |
| ଚରକ | କବି |
| ଅଶ୍ୱଘୋଷ | ବୌଦ୍ଧସଭା |

୨ । କନିଷ୍କଙ୍କୁ କାହିଁକି ଜଣେ ପ୍ରସିଦ୍ଧ ରାଜାରୂପେ ଗଣନା କରାଯାଏ ?

---

# ଏକାଦଶ ଅଧ୍ୟାୟ

## ନବୀନ ହିନ୍ଦୁ ରାଜବଂଶ

କୁଶାଣ ଓ ଅନ୍ଧ୍ରମାନଙ୍କ ପତନଠାରୁ ଭାରତରେ ଅନ୍ଧକାର ବ୍ୟାପି ରହିଥିଲା । ଶକ, ପହ୍ଲବ, ହୂଣ ପ୍ରଭୃତି ବୈଦେଶିକ ଜାତିମାନେ ଆସି ଭାରତରେ ଆକ୍ରମଣ, ଲୁଣ୍ଠନ ଓ ରାଜ୍ୟସ୍ଥାପନ ଆରମ୍ଭ କରିଥିଲେ । ଭାରତରେ ଅନେକଗୁଡ଼ିଏ ଛୋଟ ଛୋଟ ରାଜ୍ୟ ସ୍ଥାପିତ ହୋଇଥିଲା । ସେହି ସବୁ ଛୋଟ ରାଜ୍ୟରେ କେହି ଜଣେ ହେଲେ ବଳବାନ୍ ରାଜା ନ ଥିଲେ । ସେହି ରାଜ୍ୟମାନଙ୍କର ନିଜ ମଧ୍ୟରେ ସର୍ବଦା କଳହ ଓ ଯୁଦ୍ଧ ଲାଗି ରହିଥିଲା । ଏହି ଅବସ୍ଥାରେ ଦେଶର ଅବସ୍ଥା ଶୋଚନୀୟ ହୋଇଥିଲା । କନିଷ୍କଙ୍କ ଅମଳରେ ବୌଦ୍ଧଧର୍ମର ବିଶେଷ

ଉନ୍ନତି ହୋଇଥିଲା । ତାଙ୍କ ପରେ କେହି ରାଜା ବୌଦ୍ଧ, କେହି ରାଜା ହିନ୍ଦୁ ଧର୍ମର ପୃଷ୍ଠପୋଷକ ହୋଇ ଧର୍ମଜଗତରେ ବିପ୍ଳବର ସୃଷ୍ଟି କରିଥିଲେ । ଏପରି ଅବସ୍ଥାରେ ଦେଶର ଶିଳ୍ପ, ବାଣିଜ୍ୟ, ସାହିତ୍ୟ, କଳା ଓ ଧର୍ମର ଉନ୍ନତି ଆଶା କରାଯାଇ ନ ଥିଲା ।

**ଗୁପ୍ତବଂଶ**—ମଗଧରେ ଗୁପ୍ତନାମରେ ଏକ ବଂଶ ଗୋଟିଏ କ୍ଷୁଦ୍ର ଭୂଖଣ୍ଡରେ ରାଜତ୍ୱ କରୁଥିଲେ । ଏହି ବଂଶରେ ଚନ୍ଦ୍ରଗୁପ୍ତ ନାମରେ ଜଣେ ରାଜା ଥିଲେ । ସେ ମିଥିଳାର ଲିଚ୍ଛବୀ ରାଜକୁମାରୀ କୁମାରୀ ଦେବୀଙ୍କ ସଙ୍ଗେ ବିବାହ କରି ମଗଧ ଓ ମିଥିଳା ଉଭୟ ପ୍ରଦେଶର ରାଜା ହେଲେ । ଲିଚ୍ଛବୀମାନେ ଏକ ବଳବାନ୍ ଜାତି ଥିଲେ; ସୁତରାଂ ସେମାନଙ୍କ ସାହାଯ୍ୟ ପାଇବାରୁ ଚନ୍ଦ୍ରଗୁପ୍ତଙ୍କ କ୍ଷମତା ବଢ଼ିଗଲା । ସେ ଅଳ୍ପ ଦିନ ଭିତରେ ଏକ କ୍ଷମତାଶାଳୀ ରାଜା ହୋଇ ଉଠିଲେ ଏବଂ ଗାଙ୍ଗେୟ ପ୍ରଦେଶର କେତେକ ରାଜାଙ୍କୁ ଜୟ କରି 'ସମ୍ରାଟ୍' ଉପାଧି ଗ୍ରହଣ କଲେ । ଏହାଙ୍କ ଅମଳରୁ ତାଙ୍କ ବଂଶ 'ଗୁପ୍ତବଂଶ' ବୋଲି କଥିତ ହୁଅନ୍ତି । ଚନ୍ଦ୍ରଗୁପ୍ତ ଏହି ବଂଶର ପ୍ରଥମ ରାଜାରୂପେ ପରିଗଣିତ ହୋଇଛନ୍ତି । ସେ ୩୨୦ ରୁ ୩୩୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦଶ ବର୍ଷ ରାଜତ୍ୱ କରିଥିଲେ ଏବଂ ରାଜତ୍ୱର ପ୍ରଥମ ବର୍ଷରୁ ଗୁପ୍ତାବ୍ଦର ପ୍ରଚଳନ କରିଥିଲେ । ପାଟଳୀପୁତ୍ର ଚନ୍ଦ୍ରଗୁପ୍ତଙ୍କ ରାଜଧାନୀ ଥିଲା

**ସମୁଦ୍ରଗୁପ୍ତ**:—ସମୁଦ୍ରଗୁପ୍ତ ଏହି ବଂଶର ଜଣେ ବିଖ୍ୟାତ ଯୋଦ୍ଧା ଓ ବୀର ଥିଲେ । ସେ ଇତିହାସରେ **ଭାରତର ନେପୋଲିୟନ** ଆଖ୍ୟା ପାଇଅଛନ୍ତି । ସେ ପଞ୍ଜାବ ଛଡ଼ା ସମସ୍ତ ଉତ୍ତର ଭାରତ ବାହୁବଳରେ ଜୟ କରି ନିଜ ରାଜ୍ୟର ସୀମା ହିମାଳୟଠାରୁ ନର୍ମଦା ପର୍ଯ୍ୟନ୍ତ ଏବଂ ଚନ୍ଦ୍ରଭାଗା—ଚମ୍ବଲଠାରୁ ବ୍ରହ୍ମପୁତ୍ର ପର୍ଯ୍ୟନ୍ତ ବିସ୍ତାର କରିଥିଲେ ।


ଗୁପ୍ତ ସାମ୍ରାଜ୍ୟ
ସମୁଦ୍ର ଗୁପ୍ତଙ୍କ ଦିଗ୍ବିଜୟ
ଚିହ୍ନ → → →
ମଥୁରା
ପାଟଳିପୁତ୍ର
ବଙ୍ଗ
ପଲ୍ଲବ
ଚୋଳ
ପାଣ୍ଡ୍ୟ
ଆରବ ସାଗର
ବଙ୍ଗୋପସାଗର

ଉତ୍ତରଭାରତ ଜୟ କରି ସାରି ସେ ଦାକ୍ଷିଣାତ୍ୟ ଦିଗ୍‌ବିଜୟରେ ବାହାରିଲେ । ରାଜଧାନୀ ପାଟଳୀପୁତ୍ରରୁ ବାହାରି, ଭାରତର ପୂର୍ବ ଉପକୂଳରେ ଥିବା କୋଶଳ, ଉତ୍କଳ, କଳିଙ୍ଗର ରାଜାମାନଙ୍କୁ ପରାସ୍ତ କରି ସେ କାଞ୍ଚିରେ ପହଞ୍ଚିଲେ । ତହିଁର ରାଜାଙ୍କୁ ପରାସ୍ତ କରି ସେ କାଞ୍ଚିରୁ ନାସିକ ବାଟେ ନିଜ ରାଜଧାନୀକୁ ଫେରି ଆସିଲେ । ପଥରେ ଭେଟିବା ରାଜାମାନଙ୍କୁ ମଧ୍ୟ ପରାସ୍ତ କରିଥିଲେ । ଅନ୍ୟ ଦିଗ୍‌ବିଜୟରେ ବାହାରି ସେ ବଙ୍ଗ, ଆସାମ ଓ ନେପାଳ ରାଜାମାନଙ୍କୁ ତଥା ପଞ୍ଜାବର ଶକ ଓ କୁଶାଣମାନଙ୍କୁ ମଧ୍ୟ ହରାଇ ଦେଇଥିଲେ । ଏହାପରେ ସେ ସମଗ୍ର ଭାରତ ଜୟ କରି ଏକ ଅଶ୍ୱମେଧ ଯଜ୍ଞ କରିଥିଲେ ଏବଂ ପ୍ରୟାଗରେ ଥିବା ଅଶୋକସ୍ତମ୍ଭରେ ତାଙ୍କ ରାଜତ୍ୱର କୀର୍ତ୍ତି ବା ଇତିହାସ ଲେଖାଇଥିଲେ । ସମୁଦ୍ରଗୁପ୍ତ ବିଜିତ ରାଜାମାନଙ୍କର ରାଜ୍ୟ ଅପହରଣ କରି ନ ଥିଲେ, ସେମାନଙ୍କଠାରୁ କେବଳ କର ଓ ଉପଢୌକନ ଗ୍ରହଣ କରି ସନ୍ତୁଷ୍ଟ ହୋଇଥିଲେ । ଏଥିରୁ ତାହାଙ୍କର ବୀରତ୍ୱ ଓ ଉଦାରତାର ପରିଚୟ ମିଳୁଅଛି ।

ଚନ୍ଦ୍ରଗୁପ୍ତ ପାଟଳୀପୁତ୍ର ଛଡ଼ା ଅଯୋଧ୍ୟା ଓ କୌଶାମ୍ବୀରେ ଆଉ ଦୁଇ ଗୋଟି ରାଜଧାନୀ ନିର୍ମାଣ କରିଥିଲେ । ତାଙ୍କ ବଂଶଧରମାନେ ପାଟଳୀପୁତ୍ର ଏକାବେଳେ ପରିତ୍ୟାଗ କରିଥିଲେ । ସମ୍ଭବତଃ ଗଙ୍ଗାନଦୀ ରାଜଧାନୀ ଉପରକୁ ମାଡ଼ି ଆସିବାରୁ ସେମାନେ ଏ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥିଲେ । ବାସ୍ତବରେ କ୍ରମେ ପାଟଳୀପୁତ୍ର ନଦୀର ପଙ୍କରେ ପୋତି ହୋଇ ପଡ଼ିଥିଲା । ଇଂରେଜ ସରକାର ଏବେ ସେହି ପୁରାତନ ପାଟଳୀପୁତ୍ରକୁ ମାଟି ତଳୁ ଖୋଳିବାରେ ଲାଗିଅଛନ୍ତି ।

ସମୁଦ୍ରଗୁପ୍ତ ନିଜେ କବି ଓ ପଣ୍ଡିତ ଥିଲେ ଏବଂ ସଙ୍ଗୀତବିଦ୍ୟା ଭଲରୂପେ ଜାଣୁଥିଲେ । ତାଙ୍କର ଗୋଟିଏ ମୁଦ୍ରାରେ ସେ ବୀଣା

ବଜାଉଥିବାର ଚିହ୍ନ ଦେଖାଯାଏ । ସେ ହିନ୍ଦୁ ଥିଲେ ଏବଂ ହିନ୍ଦୁ ଧର୍ମର ବିଶେଷ ଉନ୍ନତି କରିଥିଲେ । ତାଙ୍କ ଅଶ୍ୱମେଧ ଯଜ୍ଞ ହିନ୍ଦୁ ଧର୍ମର ପୁନରୁତ୍ଥାନର ବିଜୟଘୋଷଣା ବଜାଇଥିଲା । ହେଲେହେଁ ସେ ବୌଦ୍ଧଧର୍ମ ପ୍ରତି ବନ୍ଧୁତା ଓ ଆଦର ଦେଖାଉଥିଲେ । ବୌଦ୍ଧମଠ ଓ ଶିକ୍ଷାଗାର-ମାନଙ୍କୁ ଅନେକ ଦାନ କରିଥିଲେ । ଲଙ୍କାର ବୌଦ୍ଧ ରାଜା ମେଘବର୍ଣ୍ଣଙ୍କୁ ବୁଦ୍ଧଗୟାଠାରେ ଏକ ମଠ ନିର୍ମାଣ କରିବାକୁ ଅନୁମତି ଦେଇଥିଲେ । ଏ ସବୁ କାର୍ଯ୍ୟଦ୍ୱାରା ସେ ବୌଦ୍ଧମାନଙ୍କର ପ୍ରେମଭାଜନ ହୋଇ ପାରିଥିଲେ । ସେ ୩୩୦ ରୁ ୩୭୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୪୫ ବର୍ଷ ରାଜତ୍ୱ କରିଥିଲେ ।

**ଦ୍ୱିତୀୟ ଚନ୍ଦ୍ରଗୁପ୍ତ (ବିକ୍ରମାଦିତ୍ୟ)**—ଚନ୍ଦ୍ରଗୁପ୍ତ ସମୁଦ୍ରଗୁପ୍ତଙ୍କ ପୁତ୍ର ଓ ପ୍ରଥମ ରାଜାଙ୍କ ନାତି ଥିଲେ । ସେ ୩୭୫ ଖ୍ରୀ: ଅ: ରୁ ୪୧୩ ଖ୍ରୀ: ଅ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଏବଂ ମାଳବ, ଗୁଜୁରାଟ ଓ କାଥିଆବାଡ଼ ଜୟ କରିଥିଲେ । ହିନ୍ଦୁମାନେ ଏହାଙ୍କୁ **ରାଜା ବିକ୍ରମ** ନାମ ଦେଇଥିଲେ । ଏହାଙ୍କ ବିଷୟରେ ଅନେକ କିମ୍ବଦନ୍ତୀ ଅଛି । ବିକ୍ରମାଦିତ୍ୟଙ୍କ ଅମଳରେ ଗୁପ୍ତରାଜ୍ୟ ସବୁ ଦିଗରେ ବିଶେଷ ଉନ୍ନତି କରିଥିଲା । ତାଙ୍କ ସଭାରେ 'ନବରତ୍ନ' ବୋଲି ନଅ ଜଣ ପଣ୍ଡିତ ଥିଲେ । ସେମାନଙ୍କ ମଧ୍ୟରେ କାଳିଦାସ ପ୍ରଧାନ । ବରାହମିହିର, ଘଟକର୍ପର, ଧନ୍ୱନ୍ତରୀ, ଶଙ୍କୁ, କ୍ଷପଣକ, ଅମରସିଂହ, ବେତାଳଭଟ୍ଟ ଓ ବରରୁଚି ଅନ୍ୟ ଆଠ ପଣ୍ଡିତ ଥିଲେ । ଏମାନେ ସଂସ୍କୃତ ସାହିତ୍ୟରେ ଗୋଟିଏ ନବଯୁଗ ଆଣିଥିଲେ । କାଳିଦାସଙ୍କ "ଶକୁନ୍ତଳା" ନାଟକ ପୃଥିବୀରେ ପ୍ରସିଦ୍ଧ ହୋଇଅଛି । ବିକ୍ରମାଦିତ୍ୟ ଶକମାନଙ୍କୁ ପରାସ୍ତ କରି "ଶକାରି" ଉପାଧି ଗ୍ରହଣ କରିଥିଲେ । ପଣ୍ଡିତମାନେ ଅନୁମାନ କରନ୍ତି, ସେ ପାଟଳୀପୁତ୍ରରୁ ଅଯୋଧ୍ୟାକୁ ରାଜଧାନୀ ଉଠାଇ ନେଇଥିଲେ । ତାଙ୍କ ପରେ ଏହି ବଂଶର ଆଉ ଦୁଇ ଜଣ ରାଜା

ହେବା ପରେ ହୂଣମାନେ ଗୁପ୍ତରାଜ୍ୟ ଆକ୍ରମଣ କରି ଛାରଖାର କରି ପକାଇଲେ ।

**ଫାହିଆନ୍**—ଫାହିଅନ୍ ଚୀନ ଦେଶର ଲୋକ । ସେ ବୌଦ୍ଧଧର୍ମାବଲମ୍ବୀ ଥିଲେ । ବୌଦ୍ଧ ଧର୍ମଗ୍ରନ୍ଥ ସଂଗ୍ରହ କରିବା ସକାଶେ ସେ ୪୦୧ ଖ୍ରୀ: ଅ: ରେ ଭାରତକୁ ଆସି ପନ୍ଦର ବର୍ଷ ଉତ୍ତରଭାରତରେ ବୁଲିଥିଲେ । ସେ ଭାରତରେ ଯାହା ଦେଖିଲେ, ତାହାଁର ଅନେକ କଥା ଗୋଟାଏ ପୋଥିରେ ଲେଖି ଯାଇଛନ୍ତି ।

ଫାହିଅନଙ୍କ ଲେଖାରୁ ଜଣାଯାଏ, ପାଟଳୀପୁତ୍ର ଗୁପ୍ତମାନଙ୍କର ରାଜଧାନୀ ହୋଇ ନ ଥିଲେ ମଧ୍ୟ ଏକ ସୁନ୍ଦର ଧନଜନପୂର୍ଣ୍ଣ ନଗରୀ ଥିଲା । ସେଠାରେ ଅଶୋକଙ୍କର ସୁନ୍ଦର ରାଜପ୍ରାସାଦ ବିଦ୍ୟମାନ ଥିଲା । ଉତ୍ତରଭାରତରେ ଅନେକ ବୌଦ୍ଧମଠ, ଚିକିତ୍ସାଳୟ ଓ ବଡ଼ ବଡ଼ ସହର ଥିଲା । ଭାରତବାସୀ ବଡ଼ ସୁଖରେ କାଳ କଟାଉଥିଲେ । ରାଜା ପ୍ରଜାମାନଙ୍କୁ କଷ୍ଟ ଦେଉ ନ ଥିଲେ । ଲୋକେ ଇଚ୍ଛାନୁସାରେ ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ଯାଇ ପାରୁଥିଲେ । ଭୂମିକର ଛଡ଼ା ଅନ୍ୟ କର ଆଦାୟ ହେଉ ନ ଥିଲା । ଦୋଷୀକୁ କଠୋର ଦଣ୍ଡ ଦଆଯାଉ ନ ଥିଲା । ଫାସୀ ଦଣ୍ଡ ନ ଥିଲା । ଦସ୍ୟୁ ତସ୍କରଙ୍କ ଭୟ ନ ଥିଲା ।

ବୌଦ୍ଧ ଓ ହିନ୍ଦୁମାନେ ଭାଇ ଭାଇ ପରି ଏକତ୍ର ରହୁଥିଲେ । ଲୋକେ ଜୀବବଧ କରୁ ନ ଥିଲେ । ମଦ୍ୟ, ପିଆଜ, ରସୁଣ ପ୍ରଭୃତି କେହି ଖାଉ ନ ଥିଲେ । କେବଳ ଚଣ୍ଡାଳମାନେ ମାଂସ ଖାଉଥିଲେ ଓ ବିକୁଥିଲେ । ସେମାନେ ଗ୍ରାମର ବାହାରେ ଘର କରି ରହୁଥିଲେ ଏବଂ ଗ୍ରାମକୁ ଆସିଲେ ଦୁଇ ଖଣ୍ଡ କାଠି ବଜାଇ ଗ୍ରାମ ଭିତରେ ପଶୁଥିଲେ, ଯେପରି ଲୋକେ ସାବଧାନ ହୋଇ ସେମାନଙ୍କୁ ଛୁଇଁବେ ନାହିଁ ।

କରିଡ଼ ଯୋଗେ ବିକାକଣା ଚଳୁଥିଲା । ତାମ୍ରଲିପ୍ତି (ମେଦିନୀପୁର ଜିଲ୍ଲାର ତମଲୁକ) ଓଡ଼ିଶା ସମୁଦ୍ରକୂଳରେ ଏକ ଧନଜନପୂର୍ଣ୍ଣ ବିଖ୍ୟାତ ବନ୍ଦର ଥିଲା । ସେଠାରୁ ଚୀନ, ବ୍ରହ୍ମଦେଶ, ଯବ, ସୁମାତ୍ରା, ବାଲି, ବୋର୍ଣ୍ଣିଓ ପ୍ରଭୃତି ଅଞ୍ଚଳ ସଙ୍ଗେ ବିଶେଷ ବାଣିଜ୍ୟ ଚଳୁଥିଲା । ଫାହିୟାନ୍ ତାମ୍ରଲିପ୍ତିରେ ଏକ ବୋଇତ ଚଢ଼ି ଚୀନ ଦେଶକୁ ଫେରି ଯାଇଥିଲେ ।

**କୁମାରଗୁପ୍ତ ଓ ସ୍କନ୍ଦଗୁପ୍ତ**—ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର କୁମାରଗୁପ୍ତ ଓ କୁମାରଗୁପ୍ତଙ୍କ ପରେ ସ୍କନ୍ଦଗୁପ୍ତ ରାଜତ୍ୱ କରିଥିଲେ । ଶେଷ ରାଜାଙ୍କ ଅମଳରେ ହୂଣମାନେ ଭାରତ ଆକ୍ରମଣ କଲେ । ସ୍କନ୍ଦଗୁପ୍ତ ହୂଣମାନଙ୍କୁ ପରାସ୍ତ କରି ତଡ଼ି ଦେଇଥିଲେ, କିନ୍ତୁ ହୂଣମାନେ ପୁନଃ ପୁନଃ ଆକ୍ରମଣ କରି ସ୍କନ୍ଦଗୁପ୍ତଙ୍କ ପରେ ଗୁପ୍ତସାମ୍ରାଜ୍ୟକୁ ଛାରଖାର ଓ ଖଣ୍ଡ ଖଣ୍ଡ କରି ଦେଇଥିଲେ । ସ୍କନ୍ଦଗୁପ୍ତ ୪୬୭ ଖ୍ରୀ: ଅ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

**ଗୁପ୍ତଯୁଗରେ ଭାରତର ଅବସ୍ଥା**—ଗୁପ୍ତମାନେ ରାଜା ହେବା ପୂର୍ବରୁ ଭାରତ ଅନେକଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇଥିଲା । ସେ ସମସ୍ତ ରାଜ୍ୟକୁ ଏକତ୍ର କରି ଗୁପ୍ତମାନେ ପୁଣି ଗୋଟିଏ ସାମ୍ରାଜ୍ୟ ଗଠନ କରିଥିଲେ । ସେମାନେ ଗ୍ରୀକ୍, ଶକ, କୁଶାଣ ପ୍ରଭୃତି ବିଦେଶୀୟ ଶତ୍ରୁମାନଙ୍କ ହସ୍ତରୁ ଭାରତକୁ ଉଦ୍ଧାର କରିଥିଲେ । ସେମାନେ ହିନ୍ଦୁ ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକ ଥିଲେ ଏବଂ ସେହି ଧର୍ମର ପୁନରୁଦ୍ଧାର ଓ ବିଶେଷ ଉନ୍ନତି ବିଧାନ କରିଥିଲେ । ବ୍ରାହ୍ମଣ୍ୟଧର୍ମ ସଙ୍ଗେ ସଂସ୍କୃତ ସାହିତ୍ୟର ପୁନରୁଦ୍ଧାର ହୋଇଥିଲା ଏବଂ ଶତ ଶତ ଉତ୍କୃଷ୍ଟ ଗ୍ରନ୍ଥ ସେହି ଭାଷାରେ ଲିଖିତ ହୋଇଥିଲା । କାଳିଦାସ, ଘଟକର୍ପର, ବରାହମିହିର, ଆର୍ଯ୍ୟଭଟ୍ଟ ପ୍ରଭୃତି ପ୍ରସିଦ୍ଧ ପଣ୍ଡିତମାନେ ଏମାନଙ୍କ ରାଜତ୍ୱରେ ଆବିର୍ଭୂତ ହୋଇଥିଲେ ଏବଂ ଗୁପ୍ତମାନେ ଏପରି ପଣ୍ଡିତମାନଙ୍କୁ ନିଜ ରାଜସଭାରେ

ତାଙ୍କ ଯଥେଷ୍ଟ ପୃଷ୍ଠପୋଷକତା ଓ ଆଦର କରୁଥିଲେ । ସେମାନଙ୍କ ଯୋଗୁଁ ସଂସ୍କୃତ ସାହିତ୍ୟ ଅପୂର୍ବ ଉନ୍ନତିଲାଭ କରିଥିଲା ଏବଂ ନବକଳେବର ଗ୍ରହଣ କରିଥିଲା । କାଳିଦାସଙ୍କ ଶକୁନ୍ତଳା ନାଟକ ପୃଥିବୀର ସାହିତ୍ୟରେ ଏକ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି । କେତେ କେତେ ପୁରାଣ, କାବ୍ୟ, ନାଟକ, ଶିଳାଲିପି, ତମ୍ରଶାସନ ଗୁପ୍ତରାଜତ୍ୱରେ ସଂସ୍କୃତରେ ଲିଖିତ ହୋଇଥିବାର ପ୍ରମାଣ ଏପର୍ଯ୍ୟନ୍ତ ରହିଅଛି । ସାହିତ୍ୟ ବ୍ୟତୀତ ଶିଳ୍ପକଳାମଧ୍ୟ ଅଦ୍ଭୁତ ଉନ୍ନତିଲାଭ କରିଥିଲା । ଅଜନ୍ତା ଗୁମ୍ଫାରେ ଖୋଳା ହୋଇଥିବା ମୂର୍ତ୍ତିଗୁଡ଼ିକ ଜୀବନ୍ତ ମୂର୍ତ୍ତି ପରି ଦେଖାଯାଏ ଏବଂ ତହିଁର କାରୁକାର୍ଯ୍ୟ ପୃଥିବୀବିଖ୍ୟାତ ଓ ଆଦରଣୀୟ ହୋଇଅଛି । ଗୁପ୍ତମାନଙ୍କ ଅମଳରେ ଭାରତୀୟମାନେ ଦେଶବିଦେଶରେ ବାଣିଜ୍ୟ କରୁଥିଲେ । ବୋଇତରେ ଚଢ଼ି ସେମାନେ ବ୍ରହ୍ମଦେଶ, ଶ୍ୟାମ, କମ୍ବୋଡିୟା, ଯବ, ସୁମାତ୍ରା, ବାଲି, ବୋର୍ଣ୍ଣିଓ ପ୍ରଭୃତିରେ ବାଣିଜ୍ୟ କରୁଥିଲେ ଏବଂ ସେଠାରେ ବସତି ଓ ରାଜ୍ୟ ସ୍ଥାପନ କରିଥିଲେ । ସେହି ଅଞ୍ଚଳମାନଙ୍କରେ ହିନ୍ଦୁ ଓ ବୌଦ୍ଧଧର୍ମ ପ୍ରଚାର କରି ସେହି ଦେଶବାସୀମାନଙ୍କୁ ସଭ୍ୟତା-ଆଲୋକ ପ୍ରଦାନ କରିଥିଲେ । ସେହି ଦେଶମାନଙ୍କରେ ଏପର୍ଯ୍ୟନ୍ତ ହିନ୍ଦୁ ଓ ବୌଦ୍ଧ ଶିଳ୍ପ-କଳା ରହିଅଛି ଏବଂ ଭାରତୀୟମାନଙ୍କର ଅତୀତ ଗୌରବର ପ୍ରମାଣ ଦେଉଅଛି । ଏହି ସମସ୍ତ କାରଣ ହେତୁ ପଣ୍ଡିତମାନେ ଗୁପ୍ତ ରାଜତ୍ୱ-କାଳକୁ **ଗୁପ୍ତ ସୁବର୍ଣ୍ଣଯୁଗ** ନାମ ଦେଇଅଛନ୍ତି ।

**ମାଳବ ରାଜବଂଶ**—ମଧ୍ୟ ଭାରତବର୍ଷରେ ହୁଣମାନେ ପରାହତ ହୋଇଥିଲେ । ସେମାନଙ୍କର ଏକ ଶାଖା ମାଳବରେ ରାଜତ୍ୱ କରୁଥିଲେ । ପ୍ରାୟ ୫୦୦ ଖ୍ରୀଷ୍ଟାବ୍ଦରେ ତୋରମାଣ ପୂର୍ବ ରାଜବଂଶଠାରୁ ମାଳବ ଅଧିକାର କଲେ । ତାଙ୍କ ପରେ ତାଙ୍କ ପୁତ୍ର ମିହିରକୁଳ ୫୦୨ ଖ୍ରୀଷ୍ଟାବ୍ଦରେ ମାଳବ ସିଂହାସନ ଅଧିକାର କଲେ । ତାଙ୍କ ରାଜ୍ୟ ଗା

ପଞ୍ଜାବ ଅନ୍ତଃପାତୀ ଶାକଳ ( ଶୈଳକୋଟ ) ଥିଲା । ସେ ନିଷ୍ଠୁର ରାଜା ଥିଲେ ଏବଂ ଗୁପ୍ତବଂଶକୁ ଧ୍ୱଂସ କରିଥିଲେ । ଶେଷରେ ୫୨୮ ଖ୍ରୀଷ୍ଟାବ୍ଦରେ ମାଳବର ପୂର୍ବ ରାଜବଂଶର ଯଶୋଧର୍ମ ଦେବ ଏବଂ ମଗଧର ଗୁପ୍ତବଂଶର ରାଜା ନରସିଂହ ଗୁପ୍ତ ବାଳାଦିତ୍ୟ ମିଶି କହରୁର ନାମକ ଯୁଦ୍ଧ-କ୍ଷେତ୍ରରେ ମିହିରକୁଳଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ ଓ ବନ୍ଦୀ କଲେ । ଯଶୋଧର୍ମଦେବ ଦୟା କରି ମିହିରକୁଳଙ୍କୁ ଛାଡ଼ି ଦିଅନ୍ତେ ସେ ପଶ୍ଚିମାଭିମୁଖରେ ପଳାୟନ କଲେ । ଏହି ଯୁଦ୍ଧ ଫଳରେ ହୂଣପ୍ରାଧାନ୍ୟ ଭାରତରୁ ସମ୍ପୂର୍ଣ୍ଣରୂପେ ଲୋପ ପାଇଲା । ଯେଉଁ ହୂଣମାନେ ଭାରତରେ ରହିଲେ, ସେମାନେ ହିନ୍ଦୁଧର୍ମ ଗ୍ରହଣ କରି ହିନ୍ଦୁସମାଜ ଭିତରେ ପୂର୍ଣ୍ଣରୂପେ ମିଶିଗଲେ । ସେମାନଙ୍କର ଆଉ ପୃଥକ୍ ସତ୍ତା ରହିଲା ନାହିଁ । ଯଶୋଧର୍ମ ଦେବଙ୍କ ପରେ ଆଉ କେତେକ ରାଜା ମାଳବ ସିଂହାସନ ଅଧିରୋହଣ କରିଥିଲେ ।

## ଅନୁଶୀଳନୀ

୧ । ନିମ୍ନରେ କେତେଗୁଡ଼ିଏ ଅବ୍ଦ ଏବଂ ଘଟଣାର ନାମ ଦିଆଯାଇ ଅଛି । ଅବ୍ଦ ସଙ୍ଗେ ଉପଯୁକ୍ତ ଘଟଣାକୁ ସଜାଇ ଲେଖ ।

| | |
|---|---|
| ୩୨୦ | ଯଶୋଧର୍ମ-ମିହିରକୁଳ ଯୁଦ୍ଧ |
| ୩୭୫ | ଫାହିଅନଙ୍କ ଭାରତ ଆଗମନ |
| ୪୦୧ | ଗୁପ୍ତ ସାମ୍ରାଜ୍ୟ ସ୍ଥାପନ |
| ୪୧୩ | ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟଙ୍କ ମୃତ୍ୟୁ |
| ୫୩୩ | ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟଙ୍କ ସିଂହାସନ ଅଧିରୋହଣ |

୨ । ବାକ୍ୟାଂଶମାନ ପୂର୍ଣ୍ଣ କର :—

(କ) ସମୁଦ୍ରଗୁପ୍ତ ରାଜଧାନୀ ପାଟଳିପୁତ୍ରରୁ ବାହାରି,... ....... ।

(ଖ) ସେ ବିଜିତ ରାଜାମାନଙ୍କ ରାଜ୍ୟ ନ ନେଇ,............ ।

(ଗ) ତାଙ୍କ ମୁଦ୍ରାରେ............... ।

(ଘ) ଗୁପ୍ତ ସାମ୍ରାଜ୍ୟରେ ଚୋରି, ଡକାୟତି କମିଲେ,............ ।

(ଙ) ଫାହିୟାନ ୧୫ ବର୍ଷକାଳ ଉତ୍ତରଭାରତରେ ବୁଲି...... ।

(ଚ) ଗୁପ୍ତ ରାଜତ୍ୱରେ ପାଟଳୀପୁତ୍ର ଭାରତର ରାଜଧାନୀ ନ ଥିଲେ ମଧ୍ୟ...................................... ।

(ଛ) ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ, କାରଣ ...................................... ।

(ଜ) ଗୁପ୍ତ ରାଜତ୍ୱରେ ସଂସ୍କୃତ ସାହିତ୍ୟର ଉନ୍ନତି ହୋଇଥିଲା, କାରଣ.............................. ।

---

## ଦ୍ୱାଦଶ ଅଧ୍ୟାୟ

## ବର୍ଦ୍ଧନବଂଶ ଅମଳରେ ଭାରତ

ହୂଣମାନେ ଗୁପ୍ତ ସାମ୍ରାଜ୍ୟକୁ ଧ୍ୱଂସ କରି ପକାଇଥିଲେ । ଭାରତ ପୁଣି ଅନେକ ସାନ ସାନ ରାଜ୍ୟରେ ପରିଣତ ହୋଇଥିଲା । ଚତୁର୍ଦ୍ଦିଗରେ ଅଶାନ୍ତି ଓ ଦୁରବସ୍ଥା ଦେଖା ଯାଇଥିଲା । ହୂଣ, ମୌଖାରି, ଗୁପ୍ତ ପ୍ରଭୃତି ଶକ୍ତିମାନେ ସେହି ଛୋଟ ଛୋଟ ଭୂଖଣ୍ଡରେ ରାଜତ୍ୱ କରୁଥିଲେ । ଥାନେଶ୍ୱରରେ ବର୍ଦ୍ଧନ ନାମରେ ଏକ ବଂଶ ରାଜତ୍ୱ କରୁଥିଲେ । ପ୍ରଭାକର ବର୍ଦ୍ଧନ ଷଷ୍ଠ ଶତାବ୍ଦୀର ଶେଷଭାଗରେ ଥାନେଶ୍ୱରର ରାଜା ଥିଲେ । ତାଙ୍କ ପରେ ତାଙ୍କ ପୁଅ ରାଜ୍ୟବର୍ଦ୍ଧନ ରାଜା ହେଲେ । କିନ୍ତୁ-

ଗୌଡ଼ ବା ବଙ୍ଗ ଦେଶର ରାଜା ଶଶାଙ୍କ ତାଙ୍କୁ ଦୁଇ ବର୍ଷ ପରେ ମାରି ପକାଇଲେ, ତେଣୁ ୬୦୬ ଖ୍ରୀଷ୍ଟାବ୍ଦରେ ପ୍ରଭାକରଙ୍କ ଦ୍ୱିତୀୟ ପୁତ୍ର ହର୍ଷବର୍ଦ୍ଧନ ବା ଶ୍ରୀହର୍ଷ ରାଜା ହୋଇ **ହର୍ଷାବ୍ଦ** ନାମରେ ଏକ ନୂତନ ଅବ୍ଦ ଚଳାଇଲେ । ରାଜା ହୋଇ ହର୍ଷ ଶଶାଙ୍କଙ୍କୁ ପ୍ରତିଶୋଧ ନେବାକୁ ବାହାରିଲେ ଏବଂ କାମରୂପ ବା ଆସାମର ରାଜା ଭାସ୍କର ବର୍ମାଙ୍କ ସାହାଯ୍ୟରେ ବଙ୍ଗଦେଶର ରାଜା ଶଶାଙ୍କଙ୍କୁ ପରାସ୍ତ କରି ତାଙ୍କ ଭଉଣୀ ରାଜ୍ୟଶ୍ରୀଙ୍କୁ ମୃତ୍ୟୁମୁଖରୁ ରକ୍ଷା କଲେ । ଏହା ପରେ ସେ ସମଗ୍ର ଉତ୍ତର ଭାରତ ଜୟ କରିବା ନିମନ୍ତେ ବାହାରିଲେ । ଏହି କାର୍ଯ୍ୟ କରିବାକୁ ତାଙ୍କୁ ଛଅ ବର୍ଷ ଲାଗିଲା । ରାଜତ୍ୱର ପ୍ରଥମ ଛଅ ବର୍ଷ ମଧ୍ୟରେ ସେ ଦିନକ ସକାଶେ ଯୁଦ୍ଧ ବନ୍ଦ କରି ନ ଥିଲେ । ଏହି ଛଅ ବର୍ଷ ପରେ (୬୧୨ ଖ୍ରୀଃ ଅଃ ରେ) ଦେଖାଗଲା, ସେ ସମଗ୍ର ଉତ୍ତର ଭାରତ ଜୟ କରିଅଛନ୍ତି ଏବଂ ତାଙ୍କ ରାଜ୍ୟ ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ ନର୍ମଦା ପର୍ଯ୍ୟନ୍ତ ଏବଂ ପଶ୍ଚିମରେ ଶତଦ୍ରୁ, ଚମ୍ବଲ ଓ ଗୁଜରାଟଠାରୁ ପୂର୍ବରେ ବ୍ରହ୍ମପୁତ୍ର ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି । ଏହି ବିଶାଳ ସାମ୍ରାଜ୍ୟ ଜୟ କରି ସେ ନିଜ ରାଜଧାନୀକୁ ଫେରି ଆସିଲେ । ଏପର୍ଯ୍ୟନ୍ତ ତାଙ୍କର ଅଭିଷେକ ହୋଇ ନ ଥିଲା, ତେଣୁ ସେ ବର୍ତ୍ତମାନ ବିଧିମତେ ନିଜର ଅଭିଷେକ କରାଇଲେ ।

ନିଜ ଅଭିଷେକ ପରେ ହର୍ଷବର୍ଦ୍ଧନ ଦାକ୍ଷିଣାତ୍ୟ ଜୟ କରିବାକୁ ବାହାରିଲେ । କିନ୍ତୁ ଦାକ୍ଷିଣାତ୍ୟରେ ଚାଲୁକ୍ୟମାନେ ଏକ ପରାକ୍ରାନ୍ତ ଶକ୍ତି ଥିଲେ । ଚାଲୁକ୍ୟବଂଶୀୟ ରାଜା ଦ୍ୱିତୀୟ ପୁଲକେଶୀ ହର୍ଷବର୍ଦ୍ଧନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କଲେ । ନର୍ମଦା ନଦୀରୁ ଆଉ ଦକ୍ଷିଣକୁ ଅଗ୍ରସର ହେବେ ନାହିଁ ବୋଲି ହର୍ଷ ବାଧ୍ୟହୋଇ ସ୍ୱୀକାର କଲେ (୬୨୦ ଖ୍ରୀଷ୍ଟାବ୍ଦ) ହର୍ଷବର୍ଦ୍ଧନଙ୍କ ଜୀବନରେ ଏହା ପ୍ରଥମ ପରାଜୟ ।


ଗୁପ୍ତ ସାମ୍ରାଜ୍ୟ
ଗୁର୍ଜର
ମାଳବା
କଳିଙ୍ଗ
ଚୋଳ
ଆରବ
ସାଗର

ଶାସନର ସୁବିଧା ସକାଶେ ହର୍ଷବର୍ଦ୍ଧନ ଥାନେଶ୍ୱରରୁ କନୌଜକୁ ରାଜଧାନୀ ଉଠାଇ ନେଇଥିଲେ । ୬୪୨ ଖ୍ରୀଷ୍ଟାବ୍ଦରେ ସେ ଓଡ଼ିଶା ଜୟ କରିବା ନିମନ୍ତେ ବାହାରିଲେ ଏବଂ ଓଡ଼ିଶାର ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ ମଧ୍ୟ ଓଡ଼ିଶା ତାଙ୍କର ସମ୍ପୂର୍ଣ୍ଣ ଅଧୀନ ହୋଇ ନ ଥିଲା ।

ହର୍ଷବର୍ଦ୍ଧନ ୬୦୬ ଖ୍ରୀ: ଅ: ରୁ ୬୪୬ ଖ୍ରୀ: ଅ: ପର୍ଯ୍ୟନ୍ତ ଏକଚାଳିଶ ବର୍ଷ ରାଜତ୍ୱ କରିଥିଲେ । ସେ ଭାରତର ଶେଷ ହିନ୍ଦୁ ସମ୍ରାଟ୍ ଥିଲେ । ତାଙ୍କ ପରେ ଦେଶରେ ପୁଣି ଅନ୍ଧକାର ବ୍ୟାପିଗଲା ଏବଂ ଭାରତ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ପରିଣତ ହେଲା ।

ହର୍ଷବର୍ଦ୍ଧନଙ୍କ ଏକ ପ୍ରକାଣ୍ଡ ସେନା ଥିଲା । ତାଙ୍କର ପଚାଶ ହଜାର ପଦାତି, କୋଡ଼ିଏ ହଜାର ଅଶ୍ୱାରୋହୀ ଓ ପାଞ୍ଚ ହଜାର ହସ୍ତୀ ଥିଲେ । ଶାସନ ଭଲ କରିବା ଲାଗି ହର୍ଷ ସ୍ୱୟଂ ସମସ୍ତ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରୁଥିଲେ । ତାଙ୍କ ଶାସନ କଠୋର ଥିଲା । ସେ ପ୍ରଜାମାନଙ୍କୁ ବେଠି ବେଗାର ସକାଶେ ବାଧ୍ୟ କରୁ ନ ଥିଲେ । ଭୂମିର ଆୟର ଏକଷଷ୍ଠାଂଶ କର ଧାର୍ଯ୍ୟ ହେଉଥିଲା ।

ହର୍ଷ ନିଜେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ମଧ୍ୟ ଶିବ ଓ ସୂର୍ଯ୍ୟଙ୍କୁ ପୂଜା କରୁଥିଲେ ଏବଂ କୌଣସି ଧର୍ମ ଉପରେ ଅତ୍ୟାଚାର କରୁ ନ ଥିଲେ । ସେ ପତନଶୀଳ ବୌଦ୍ଧଧର୍ମକୁ ରକ୍ଷା କରିଥିଲେ । ସେ ପ୍ରତି ପାଞ୍ଚ ବର୍ଷରେ ଗୋଟିଏ ବୌଦ୍ଧସଭା ଆହ୍ୱାନ କରୁଥିଲେ । ସମସ୍ତଙ୍କୁ ଧର୍ମ ଉପଦେଶ ଦେବା ଏହି ସଭାର ଉଦ୍ଦେଶ୍ୟ ଥିଲା । ଏହି ସଭାରେ ଭାରତର ବହୁ ରାଜା ଓ ଲୋକ ସମବେତ ହେଉଥିଲେ । ହର୍ଷ ନିଜ ରାଜ୍ୟ ଓ ସେନା ଛଡ଼ା ସମସ୍ତ ଏହି ସଭା ଶେଷରେ ଦାନ କରୁଥିଲେ । ଷଷ୍ଠ ସଭାରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ଉପସ୍ଥିତ ଥିଲେ ।

ହର୍ଷ ନିଜେ ଜଣେ ଉଚ୍ଚ ଧରଣର କବି ଥିଲେ ଏବଂ ବିଦ୍ୟାର ଓ ବିଦ୍ୱାନମାନଙ୍କର ଆଦର କରୁଥିଲେ । ସେ ଗଦ୍ୟ ଓ ପଦ୍ୟରେ କେତେକ ଉତ୍ତମ ଗ୍ରନ୍ଥ ଲେଖି ଯାଇଅଛନ୍ତି । ତାଙ୍କ ସଭାରେ ଅନେକ ପଣ୍ଡିତ ଥିଲେ । ସେମାନଙ୍କ ମଧ୍ୟରେ ବାଣଭଟ୍ଟ ବୋଲି ଜଣେ ବଡ଼ କବି ଥିଲେ । ବାଣଭଟ୍ଟ ଜାତିରେ ବ୍ରାହ୍ମଣ ଥିଲେ ଏବଂ ସେ **ଶ୍ରୀହର୍ଷଚରିତ** ଓ **କାଦମ୍ବରୀ** ବୋଲି ଦୁଇଖଣ୍ଡ କାବ୍ୟ ଲେଖି ଯାଇଛନ୍ତି । କାଦମ୍ବରୀ ପରି ଗଦ୍ୟକାବ୍ୟ ସଂସ୍କୃତରେ ଆଉ ନାହିଁ

**ହୁଏନ୍‌ସାଂ**—ହର୍ଷବର୍ଦ୍ଧନଙ୍କ ରାଜତ୍ୱରେ ଚୀନ ଦେଶରୁ ହୁଏନ୍‌ସାଂ ବୋଲି ଜଣେ ବୌଦ୍ଧଧର୍ମାବଲମ୍ବୀ ପରିବ୍ରାଜକ ଭାରତକୁ ଆସିଥିଲେ । ସେ ୬୩୯ ଖ୍ରୀଷ୍ଟାବ୍ଦରୁ ୬୫୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୫ ବର୍ଷ ଭାରତରେ ରହି ଭାରତର ସମସ୍ତ ବଡ଼ ବଡ଼ ସ୍ଥାନ ତଥା ବୌଦ୍ଧ-ପୀଠମାନ ପରିଦର୍ଶନ କରିଥିଲେ ଏବଂ ଭାରତରେ ଥିବା ବୌଦ୍ଧ ଧର୍ମଗ୍ରନ୍ଥମାନ ଅଧ୍ୟୟନ କରିଥିଲେ । ସେ ହର୍ଷଙ୍କ ରାଜସଭାରେ କିଛି କାଳ କଟାଇଥିଲେ ଏବଂ ଭାରତ ବିଷୟରେ ଏକ ବିସ୍ତୃତ ବିବରଣୀ ଲେଖି ଯାଇଅଛନ୍ତି । ସେଥିରୁ ହର୍ଷବର୍ଦ୍ଧନ ଓ ଭାରତ ସମ୍ବନ୍ଧରେ ଅନେକ କଥା ଜଣାଯାଏ । ହୁଏନ୍‌ସାଂ ହର୍ଷଙ୍କର ଜଣେ ପରମ ବନ୍ଧୁ ଥିଲେ ।

**ହୁଏନସାଂଙ୍କ ବର୍ଣ୍ଣିତ ଭାରତ ବିବରଣ**—ହର୍ଷବର୍ଦ୍ଧନ ଦୟାଳୁ ଓ ଧର୍ମପରାୟଣ ଥିଲେ । ସେ ବୌଦ୍ଧଧର୍ମାବଲମ୍ବୀ ଥିଲେ ମଧ୍ୟ ଅନ୍ୟ ଧର୍ମ ପ୍ରତି ଶତ୍ରୁତା ବା ଅନାଦର ଦେଖାଉ ନ ଥିଲେ । ହର୍ଷବର୍ଦ୍ଧନ ପ୍ରୟାଗରେ ଏକ ପଞ୍ଚବାର୍ଷିକ ବୌଦ୍ଧମେଳାର ଅନୁଷ୍ଠାନ କରୁଥିଲେ । ଏହି ମେଳା ଛଅ ମାସ ପର୍ଯ୍ୟନ୍ତ ବସୁଥିଲା । ମେଳାରେ ଧର୍ମାଲୋଚନା ହେଉଥିଲା ଏବଂ ଲୋକମାନଙ୍କୁ ଧର୍ମୋପଦେଶ ଦିଆ-ଯାଉଥିଲା । ହର୍ଷଙ୍କ ଅଧୀନସ୍ଥ ସମସ୍ତ ରାଜା ମେଳାରେ ଯୋଗ ଦେଉଥିଲେ ।

ହୁଏନ୍‌ସାଂ ନିଜେ ଷଷ୍ଠ ମେଳାରେ ଉପସ୍ଥିତ ଥିଲେ । ମେଳା ଶେଷରେ ହର୍ଷ ରାଜ୍ୟ ଓ ସେନା ଛଡ଼ା ନିଜ ରାଜକୋଷର ସମସ୍ତ ଧନରତ୍ନ ବୌଦ୍ଧ-ସନ୍ନ୍ୟାସୀ ଓ ଦରିଦ୍ରମାନଙ୍କୁ ଦାନ କରୁଥିଲେ । ଏପରି କି ତାଙ୍କର ପିନ୍ଧିଥିବା ପୋଷାକ ସୁଦ୍ଧା ବାକି ରହୁ ନ ଥିଲା । ସେ ନିଜ ଭଉଣୀଙ୍କ-ଠାରୁ ଖଣ୍ଡିଏ ଲୁଗା ଭିକ୍ଷା କରି ମେଳାର ଶେଷରେ ପିନ୍ଧୁଥିଲେ ।

ହର୍ଷବର୍ଦ୍ଧନଙ୍କର ଏକ ପ୍ରକାଣ୍ଡ ସେନା ଏବଂ ପଞ୍ଚାଶ ହଜାର ପଦାତି, କୋଡ଼ିଏ ହଜାର ଅଶ୍ୱାରୋହୀ ଓ ପାଞ୍ଚ ହଜାର ହସ୍ତୀ ଥିଲେ । ସେ ସ୍ୱୟଂ ରାଜ୍ୟର ସମସ୍ତ କାର୍ଯ୍ୟ ବୁଝୁଥିଲେ ଏବଂ ରାଜ୍ୟର ଅବସ୍ଥା ବୁଝିବା ଲାଗି ରାଜ୍ୟରେ ବୁଲି ବୁଲି ଗସ୍ତ କରୁଥିଲେ । ପ୍ରଜାମାନଙ୍କୁ ବେଠି ବେଗାରି ଲାଗି ବାଧ୍ୟ କରୁ ନ ଥିଲେ । ଭୂମିର ଆୟର ଏକଷଷ୍ଠାଂଶ କର-ରୂପେ ଧାର୍ଯ୍ୟ ହୋଇଥିଲା । ତାଙ୍କ ଶାସନ କଠୋର ଥିଲା ଏବଂ ପ୍ରଜା-ମାନେ ସୁଖଶାନ୍ତିରେ ଥିଲେ ।

ହର୍ଷ ନିଜେ ବୌଦ୍ଧ ଥିଲେ ମଧ୍ୟ ଶିବ ଓ ସୂର୍ଯ୍ୟଙ୍କୁ ପୂଜା କରୁଥିଲେ ଏବଂ କୌଣସି ଧର୍ମ ଉପରେ ଅତ୍ୟାଚାର କରୁ ନ ଥିଲେ । ସେ ପତନ-ଶୀଳ ବୌଦ୍ଧଧର୍ମକୁ ରକ୍ଷା କରିଥିଲେ । ହେଲେହେଁ ବୌଦ୍ଧଧର୍ମର ଅବନତି ଏବଂ ହିନ୍ଦୁଧର୍ମର ଉନ୍ନତି ଘଟିଥିଲା । ହିନ୍ଦୁ ଓ ବୌଦ୍ଧଧର୍ମ-ମଧ୍ୟରେ ବିଦ୍ୱେଷଭାବ ନ ଥିଲା । ଜାତିବିଭାଗ ଓ ସାମାଜିକ ବନ୍ଧନ ବିଶେଷ ଦୃଢ଼ ଥିଲା । ଦେଶ ସର୍ବତୋଭାବରେ ଉନ୍ନତିଶାଳୀ ଥିଲା । ହିନ୍ଦୁମାନେ ଶାନ୍ତ, ସତ୍ୟବାଦୀ ଓ ଧାର୍ମିକ ଥିଲେ ।

ପାଟଳୀପୁତ୍ର ଧ୍ୱଂସପ୍ରାପ୍ତ ହୋଇଥିଲା । ହର୍ଷଙ୍କ ରାଜଧାନୀ କନୌଜ ଗୋଟିଏ ଶ୍ରେଷ୍ଠ ନଗରୀ ଥିଲା । ନାଳନ୍ଦ ପାଟଳୀପୁତ୍ରରୁ ୧୭ କୋଶ ଦକ୍ଷିଣରେ ଥିଲା । ଏହା ଗୋଟିଏ ପ୍ରସିଦ୍ଧ ବିଦ୍ୟାପୀଠ ବା ବିଶ୍ୱବିଦ୍ୟାଳୟ ଥିଲା । ଦଶ ହଜାର ଛାତ୍ରଙ୍କ ରହିବା ଲାଗି ସେଠାରେ ବସାର ସୁବିଧା

ଥିଲା । ଭାରତର ସବୁ ସ୍ଥାନରୁ ଏବଂ ଚୀନ, ଜାପାନ ପ୍ରଭୃତି ଦୂର ଦେଶରୁ ଛାତ୍ର ଆସି ସେଠାରେ ପାଠ ପଢୁଥିଲେ । ଛାତ୍ରମାନଙ୍କୁ ଦରମା ଦେବାକୁ ପଡ଼ୁ ନ ଥିଲା । ରାଜାମାନେ ଏହି ବିଶ୍ୱବିଦ୍ୟାଳୟକୁ ଭୂମିବୃତ୍ତି ଓ ବିଶେଷ ଧନ ଦାନ କରୁଥିଲେ । ସେଥିରୁ ଛାତ୍ରମାନଙ୍କୁ ଖାଦ୍ୟ ଓ ପରିଧେୟ ଯୋଗାଇ ଦିଆଯାଉଥିଲା । ଭାରତର ପ୍ରସିଦ୍ଧ ପଣ୍ଡିତମାନେ ଖାଦ୍ୟ ପରିଧେୟ ନେଇ ସେଠାରେ ଶିକ୍ଷା ଦେଉଥିଲେ । ସେଠାରେ ବଡ଼ ବଡ଼ ପୁସ୍ତକାଗାର ବା ଲାଇବ୍ରେରି ଥିଲା । ଛାତ୍ରମାନେ ସେଠାରେ ପାଠ ପଢ଼ି ବଡ଼ ବିଦ୍ୱାନ୍ ହେଉଥିଲେ । ଭର୍ତ୍ତି କରିବା ଆଗରୁ ପଣ୍ଡିତ-ମାନେ ସେମାନଙ୍କୁ ପରୀକ୍ଷା କରୁଥିଲେ । ମେଧାହୀନ ଛାତ୍ରମାନଙ୍କୁ ପ୍ରବେଶ କରାଯାଉ ନ ଥିଲା । ପରୀକ୍ଷା ପରେ କେଉଁ ବିଭାଗରେ କାହାକୁ ଭର୍ତ୍ତି କରାଯିବ, ତାହା ସେହି ପରୀକ୍ଷକ ପଣ୍ଡିତମାନେ ସ୍ଥିର କରୁଥିଲେ । ଶିକ୍ଷା ପାଇଁ ବିଭିନ୍ନ ବିଭାଗ ଥିଲା ଏବଂ ପ୍ରତି ବିଭାଗରେ ବିଶେଷଜ୍ଞ ପଣ୍ଡିତମାନେ ଅଧ୍ୟାପନା କରୁଥିଲେ । ପ୍ରଧାନ ଅଧ୍ୟାପକଙ୍କୁ **କୁଳପତି** କହୁଥିଲେ । ନାଳନ୍ଦା ପରି ବିଶ୍ୱବିଦ୍ୟାଳୟ ଆଜିକାଲି ସମଗ୍ର ପୃଥିବୀରେ ଗୋଟିଏ ହେଲେ ନାହିଁ ।

ଓଡ଼ିଶାରେ ଉତ୍କଳ, କୋଙ୍ଗଦ, କଳିଙ୍ଗ ଓ କୋଶଳ ଚାରି ବିଭାଗ ଥିଲା । କଟକ ଜିଲ୍ଲାରେ ପୁଷ୍ପଗିରି (ଲଳିତଗିରି) ଏବଂ କୋଶଳରେ (ସମ୍ବଲପୁର) ପରିମଳଗିରି ଦୁଇଟି ପ୍ରସିଦ୍ଧ ବୌଦ୍ଧପୀଠ ଥିଲା । ସମୁଦ୍ର କୂଳରେ ଚେଲିତାଲୋ ନାମକ ଗୋଟିଏ ପ୍ରସିଦ୍ଧ ବନ୍ଦର ଥିଲା ।

## ଅନୁଶୀଳନୀ

୧ । ହର୍ଷବର୍ଦ୍ଧନଙ୍କ ରାଜତ୍ୱରେ ଯୁଦ୍ଧମାନ ବର୍ଣ୍ଣନ କର ।

୨ । ବର୍ଦ୍ଧନବଂଶର ଶାସନପ୍ରଣାଳୀ ସଙ୍ଗେ ଗୁପ୍ତବଂଶର ଶାସନପ୍ରଣାଳୀ ତୁଳନା କର ।

୩ । ଶୂଲୁକ୍ୟ ରାଜା ପୁଲକେଶୀ ନ ଥିଲେ, କିମ୍ବା ସେ ହର୍ଷଙ୍କଦ୍ୱାରା ପରାସ୍ତ ହୋଇଥିଲେ, କଣ ପରିବର୍ତ୍ତନ ତୁମ୍ଭ ମତରେ ହୋଇ-ଥାନ୍ତା ?

୪ । ଭାରତର ଗୋଟିଏ ମାନଚିତ୍ର ଅଙ୍କନ କରି ତହିଁରେ ହର୍ଷବର୍ଦ୍ଧନଙ୍କ ରାଜ୍ୟ ଦେଖାଅ ଏବଂ ତାଙ୍କ ସମୟରେ ଅନ୍ୟ ଯେଉଁ ସ୍ୱାଧୀନ ରାଜ ମାନ ଥିଲା, ତହିଁର ନାମମାନ ମାନଚିତ୍ରରେ ଯଥାସ୍ଥାନରେ ଲେଖ ।

୫ । ଅପୂର୍ଣ୍ଣ ସ୍ଥାନମାନ ପୂରଣ କର :—

ହର୍ଷବର୍ଦ୍ଧନଙ୍କ— ପଦାତି, — ଅଶ୍ୱ ଓ — ହସ୍ତୀ ଥିଲେ । ସେ ଭୂମିର ଅୟର — କରରୂପେ ଗ୍ରହଣ କରୁଥିଲେ । ସେ — ଗ୍ରହଣ କରିଥିଲେ ମଧ୍ୟ——ଓ —— ପୂଜା କରୁଥିଲେ । ସେ ଗୋଟିଏ ——ବୌଦ୍ଧମେଳା ଆହ୍ୱାନ କରି ତହିଁରେ ] ସମସ୍ତଙ୍କୁ —— ଦେଉଥିଲେ । ଏହି ସଭାରେ ଭାରତର ବହୁ—ଓ — ଯୋଗ ଦେଉଥିଲେ । —ମେଳାରେ ପରିବ୍ରାଜକ——ଉପସ୍ଥିତ ଥିଲେ । ମେଳା ଶେଷରେ ହର୍ଷ— ଓ — ଛଡ଼ା — ଦାନ କରୁଥିଲେ । ସେ — ପରବର୍ତ୍ତିରେ — ରାଜଧାନୀ କରିଥିଲେ । ତାଙ୍କ ରାଜସଭାର କବି — ଉଲ୍ଲେଖ ଗ୍ରନ୍ଥ — ଓ — ଲେଖି-ଅଛନ୍ତି ।

# ତ୍ରୟୋଦଶ ଅଧ୍ୟାୟ

## ହର୍ଷବର୍ଦ୍ଧନଙ୍କ ପରେ ଭାରତର ଅବସ୍ଥା

ହର୍ଷବର୍ଦ୍ଧନଙ୍କ ପରେ ତାଙ୍କ ବଂଶଧର କେହି ନ ଥିଲେ । ସୁତରାଂ ତାଙ୍କ ସାମ୍ରାଜ୍ୟ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହେଲା । ଏହି ସବୁ ରାଜ୍ୟ ଭିତରେ ଏକତା ନ ଥିଲା ଏବଂ ସେମାନେ ପରସ୍ପର ମଧ୍ୟରେ କଳହ କରି ଦୁର୍ବଳ ହେଉଥିଲେ ।

**ରାଜପୁତ ଜାତି**—ପଶ୍ଚିମ ଭାରତବର୍ଷରେ ରାଜପୁତ ନାମକ ଏକ ନୂଆ ଜାତିର ଅଭ୍ୟୁଦୟ ହୋଇଥିଲା । 'ରାଜପୁତ' ଶବ୍ଦର ଅର୍ଥ ରାଜପୁତ୍ର ବା ରାଜବଂଶୀୟ । ଏମାନେ ସମସ୍ତେ ନିଜକୁ କ୍ଷତ୍ରିୟ ବୋଲି ଦାବୀ କରନ୍ତି । ରାଜପୁତମାନେ ନିଜକୁ ସୂର୍ଯ୍ୟ ବା ଚନ୍ଦ୍ରବଂଶରୁ ସମ୍ଭୂତ ବୋଲି ପରିଚୟ ଦଅନ୍ତି । ମିବାରର ଶିଶୋଦୀୟ ରାଜପୁତମାନେ ସୂର୍ଯ୍ୟ-ବଂଶରୁ ବା ଅଯୋଧ୍ୟାର ରାମଚନ୍ଦ୍ରଙ୍କ ବଂଶରୁ ସମ୍ଭୂତ । କନୌଜର ରାଠୋରମାନେ ଚନ୍ଦ୍ରବଂଶୀୟ ଅର୍ଥାତ୍ ହସ୍ତିନାର ଯୁଧିଷ୍ଠିରଙ୍କ ବଂଶରୁ ସମ୍ଭୂତ । କେତେକ ପଣ୍ଡିତ କହନ୍ତି, ଶକ, ପହ୍ଲବ, ହୁଣ ପ୍ରଭୃତି ଜାତିମାନେ ଭାରତକୁ ଆସି ହିନ୍ଦୁଧର୍ମ ଗ୍ରହଣ କରିଥିଲେ । ଏମାନେ ରଣପ୍ରିୟ ଜାତି ଥିବାରୁ କ୍ଷତ୍ରିୟ ନାମରେ ନିଜର ପରିଚୟ ଦେଇଥିଲେ । ହିନ୍ଦୁମାନେ ସେମାନଙ୍କୁ କ୍ଷତ୍ରିୟ ବୋଲି ସ୍ୱୀକାର କଲେ ଏବଂ ସେମାନଙ୍କୁ 'ଅଗ୍ନିକୁଳ ରାଜପୁତ' ଆଖ୍ୟା ଦେଲେ । ସୁତରାଂ ଭାରତରେ ତିନି ପ୍ରକାର ରାଜପୁତ ହେଲେ—ସୂର୍ଯ୍ୟକୁଳ, ଚନ୍ଦ୍ରକୁଳ ଓ ଅଗ୍ନିକୁଳ । ଅନହିଲବାଡ଼ର ଶୋଲଙ୍କିମାନେ ଅଗ୍ନିକୁଳ ରାଜପୁତ ଥିଲେ ।

ରାଜପୁତମାନେ ଏକ ରଣପ୍ରିୟ, ସମରକୌଶଳ, ବୀର ଓ ଯୋଦ୍ଧା ଜାତି ଥିଲେ । ଯୁଦ୍ଧରେ ପଛଘୁଞ୍ଚା ଦେବା ଅପେକ୍ଷା ସେମାନେ ମୃତ୍ୟୁକୁ ଆଦର କରୁଥିଲେ । ଶତ୍ରୁ ରାଜଧାନୀ ନେବା ଉପରେ ବସିଲେ, ପୁରୁଷମାନେ ଅସ୍ତ୍ରହସ୍ତରେ ଜଣ ଜଣ ହୋଇ ଯୁଦ୍ଧକ୍ଷେତ୍ରରେ ପ୍ରାଣ ଦେଉଥିଲେ ଏବଂ ସ୍ତ୍ରୀମାନେ ଅଗ୍ନିକୁଣ୍ଡରେ ଜୋହର ଅଗ୍ନି ଜାଳି ଜଣ ଜଣ ହୋଇ ସେଥିରେ ପ୍ରବେଶ କରି ପ୍ରାଣ ବିସର୍ଜନ କରୁଥିଲେ । ଜଣେ ରାଜପୁତ ଜୀବିତ ଥିବା ପର୍ଯ୍ୟନ୍ତ ଶତ୍ରୁ ଦୁର୍ଗମଧ୍ୟରେ ପ୍ରବେଶ କରି ପାରୁ ନ ଥିଲା । ବେଳେ ବେଳେ ସ୍ତ୍ରୀମାନେ ମଧ୍ୟ ଯୋଦ୍ଧୃବେଶରେ ନିଜକୁ ସାଜି ଶତ୍ରୁସଙ୍ଗେ ଭୀଷଣ ଯୁଦ୍ଧ କରୁଥିଲେ । ସ୍ୱାଧୀନତା ସେମାନଙ୍କର ଏପରି ଆଦରର ଧନ ଥିଲା ।

ହର୍ଷବର୍ଦ୍ଧନଙ୍କ ମୃତ୍ୟୁ ପରେ ଯେତେବେଳେ ଭାରତବର୍ଷ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହେଲା, ରାଜପୁତମାନେ ଅନେକଗୁଡ଼ିଏ ରାଜ୍ୟରେ ସ୍ୱାଧୀନଭାବରେ ରାଜତ୍ୱ କରିବାକୁ ଲାଗିଲେ । ଏହି ରାଜ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ, ଅଜମୀର, କନୌଜ, ମାଳବ, ସିନ୍ଧୁ, ଗୁଜରାଟ, ମିବାର, ଅନହଲବାଡ଼, ବୁନ୍ଦେଲଖଣ୍ଡ ପ୍ରଭୃତି ପ୍ରଧାନ ଥିଲା । ଏହି ଦିଲ୍ଲୀ, ଅଜମିର, କନୌଜ ଓ ମିବାର ବିଶେଷ ଖ୍ୟାତିଲାଭ କରିଥିଲା ।

**ଦିଲ୍ଲୀ**—ମହାଭାରତ ଯୁଦ୍ଧ ପରେ ଯୁଧିଷ୍ଠିରଙ୍କ ରାଜଧାନୀ ଇନ୍ଦ୍ରପ୍ରସ୍ଥ ବିନଷ୍ଟ ହୋଇଥିଲା । ତୋମରବଂଶର ବୀଲଣଦେବ ଠାକୁର ନାମକ ଜଣେ କ୍ଷତ୍ରିୟ ତାହାର ପୁନରୁଦ୍ଧାର କଲେ । ସେ ସେଠାରେ ଦିଲ୍ଲୀ (ଦେହଲୀ) ନାମରେ ଏକ ନୂଆ ନଗର ଓ ରାଜ୍ୟ ସ୍ଥାପନ କଲେ । ଅଙ୍ଗବିହୀନ ଅର୍ଥାତ୍ ବିଧ୍ୱସ୍ତ ନଗରୀକୁ ନୂତନ ନିର୍ମାଣ କରି ପାଳନ କଲେ ବୋଲି ସେ **ଅନଙ୍ଗପାଳ** ଉପାଧି ଗ୍ରହଣ କଲେ । ତାଙ୍କ

ପରେ ତାଙ୍କ ବଂଶର ସମସ୍ତେ ସେହି ଉପାଧି ଗ୍ରହଣ କରିଥିଲେ । ତାଙ୍କ ବଂଶର ତୋମରବଂଶ ଅନଙ୍ଗପାଳଙ୍କର ପୁତ୍ର ନ ଥିଲେ । ତାଙ୍କର ଦୁଇ ଝିଅ ମଧ୍ୟରୁ ଜଣେ ଅଜମୀରର ରାଜାଙ୍କୁ ଏବଂ ଅନ୍ୟ ଜଣେ କନୌଜ ରାଜାଙ୍କୁ ବିବାହ କରିଥିଲେ । ଏହି ଅଜମୀର ରାଜାଙ୍କ ପୁଅର ନାମ ପୃଥ୍ୱୀରାଜ ଏବଂ କନୌଜ ରାଜାଙ୍କ ପୁଅର ନାମ ଜୟଚନ୍ଦ୍ର । ତୋମରବଂଶ ଅନଙ୍ଗପାଳ ଦୌହିତ୍ର ପୃଥ୍ୱୀରାଜଙ୍କୁ ଅଧିକ ସ୍ନେହ କରୁଥିଲେ । ସେ ମୃତ୍ୟୁ ପୂର୍ବରୁ ପୃଥ୍ୱୀରାଜଙ୍କୁ ନିଜ ଦିଲ୍ଲୀ ସିଂହାସନ ଦାନ କରିଗଲେ; ସୁତରାଂ ତାଙ୍କଠାରୁ ତୋମରବଂଶର ଲୋପ ହେଲା ।

**ଗୁର୍ଜର ପ୍ରତିହାର**—ପ୍ରତିହାରମାନେ କନୌଜରେ ରାଜତ୍ୱ କରୁଥିଲେ । ପ୍ରଥମ ଭୋଜ ପ୍ରତିହାର ୮୩୬ ରୁ ୮୯୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜପଣ କରୁଥିଲେ ଏବଂ ଅତ୍ୟନ୍ତ ପରାକ୍ରମଶାଳୀ ହୋଇ ପଞ୍ଜାବଠାରୁ ବଙ୍ଗଳା ପର୍ଯ୍ୟନ୍ତ ନିଜ ରାଜ୍ୟ ବିସ୍ତାର କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ମହେନ୍ଦ୍ରପାଳ ୯୦୭ ପର୍ଯ୍ୟନ୍ତ ୧୮ ବର୍ଷ ରାଜତ୍ୱ କରିଥିଲେ ଏବଂ ଏହି ବଂଶର ଶ୍ରେଷ୍ଠ ରାଜା ଥିଲେ । ସେ ଗୁଜରାଟ ଓ ବଙ୍ଗକୁ ନିଜ ରାଜ୍ୟ ଅନ୍ତର୍ଭୁକ୍ତ କରିଥିଲେ । ବିଖ୍ୟାତ କବି ରାଜଶେଖର ତାଙ୍କର ସଭାପଣ୍ଡିତ ଥିଲେ । ମହେନ୍ଦ୍ରପାଳଙ୍କ ଉତ୍ତାରୁ ପ୍ରତିହାରବଂଶ ନିଜ କ୍ଷମତା ହରାଇଥିଲା ।

**ଚୌହାନ**—ଚୌହାନମାନେ ଅଜମୀରରେ ରାଜତ୍ୱ କରୁଥିଲେ । ଚୌହାନ ରାଜା ଦିଲ୍ଲୀ ସମ୍ରାଟ୍ ଅନଙ୍ଗପାଳଙ୍କ କନ୍ୟାଙ୍କୁ ବିବାହ କରିଥିଲେ ଏବଂ ନିଜ କନ୍ୟାଙ୍କୁ ମିବାରର ରାଣା ଅମର ସିଂହଙ୍କୁ ପ୍ରଦାନ କରିଥିଲେ । ଏହି ଅନଙ୍ଗପାଳଙ୍କ କନ୍ୟାର ପୁଅ ପୃଥ୍ୱୀରାଜ ଚୌହାନ ମାତାମହଙ୍କ ନିକଟରୁ ଦିଲ୍ଲୀ ସିଂହାସନ ପାଇବାରୁ ଚୌହାନମାନେ ଭାରତର ଚକ୍ରବର୍ତ୍ତୀ ବା ଚଳୁଅ ଏବଂ ଶ୍ରେଷ୍ଠ ଶକ୍ତି ହୋଇଥିଲେ । ପୃଥ୍ୱୀରାଜ ଭାରତର ଶେଷ ହିନ୍ଦୁ ସମ୍ରାଟ୍ । ସେ କନୌଜର ରାଠୋର ରାଜକନ୍ୟା ସଂଯୁକ୍ତାଙ୍କୁ ବିବାହ କରିଥିଲେ । ତାହାଙ୍କ

ଦରବାରର ଯୋଦ୍ଧା କବି ଚାନ୍ଦ ସମ୍ରାଟ୍ ପୃଥ୍ୱୀରାଜଙ୍କ ଅମର କାହାଣୀ କାବ୍ୟାକାରରେ **ପୃଥ୍ୱୀରାଜ ରାସୋ** ବା **ଚାନ୍ଦରାଇସା** ନାମକ ଗ୍ରନ୍ଥରେ ଲେଖି ଯାଇଅଛନ୍ତି । ପୃଥ୍ୱୀରାଜଙ୍କୁ ତରେଣ-ଯୁଦ୍ଧରେ ପରାସ୍ତ କରି ମହମ୍ମଦ ଘୋରୀ ଦିଲ୍ଲୀ ଅଧିକାର କରିଥିଲେ (୧୧୯୨ ଖ୍ରୀଃ ଅଃ) ।

**ରାଠୋର**—ରାଠୋରମାନେ ଗୁର୍ଜର ପ୍ରତିହାରମାନଙ୍କର ଏକ ଶାଖା । ସେମାନେ କନୌଜରେ ଏକ କ୍ଷୁଦ୍ର ରାଜ୍ୟ ଶାସନ କରୁଥିଲେ । ଜୟଚନ୍ଦ୍ରଙ୍କ ପିତା ଦିଲ୍ଲୀର ଅନଙ୍ଗପାଳଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ଜୟଚନ୍ଦ୍ର ଏହି ବଂଶର ଶ୍ରେଷ୍ଠ ରାଜା । ଅନଙ୍ଗପାଳ ଦିଲ୍ଲୀ ରାଜ୍ୟ ପୃଥ୍ୱୀରାଜଙ୍କୁ ଦେଇଦେବାରୁ ସେ ଈର୍ଷାପରବଶ ହୋଇ ନିଜକୁ ଭାରତର ଚକ୍ରବର୍ତ୍ତୀ ରୂପେ ଘୋଷଣା କରିବା ଲାଗି ଏକ ରାଜସୂୟ ଯଜ୍ଞର ଅନୁଷ୍ଠାନ କରିଥିଲେ । ଏହି ଯଜ୍ଞହିଁ ତାଙ୍କର ସର୍ବନାଶ ସାଧନ କରିଥିଲା ଏବଂ ମହମ୍ମଦ ଘୋରୀ କନୌଜ ଅଧିକାର କରିଥିଲେ ।

**ଶିଶୋଦୀୟ**—ବାପ୍ପା ରାଓ ମିବାରରେ ଶିଶୋଦୀୟ ରାଜପୁତ ବଂଶ ସ୍ଥାପନ କରିଥିଲେ । ଚିତୋର ସେମାନଙ୍କର ରାଜଧାନୀ ଥିଲା । ଏମାନେ ବଡ଼ ଉଦାର ଓ ବୀର ଥିଲେ ଏବଂ ସ୍ୱାଧୀନତା ଓ ସତୀତ୍ୱକୁ ପ୍ରାଣଠାରୁ ବଡ଼ ବୋଲି ବିଚାର କରୁଥିଲେ । ଦିଲ୍ଲୀର ଖିଲିଜି ସମ୍ରାଟ୍ ଅଲ୍ଲାଉଦ୍ଦିନ ୧୩୦୩ ରେ ରାଣା ଭୀମସିଂହଙ୍କ ପତ୍ନୀ ସୁନ୍ଦରୀ ପଦ୍ମିନୀଙ୍କୁ ପାଇବା ଲୋଭରେ ଚିତୋର ଆକ୍ରମଣ କରି ବିଫଳ ହୋଇଥିଲେ । ରାଣା ପ୍ରତାପସିଂହଙ୍କ ଅମଳରେ ମୋଗଲ ସମ୍ରାଟ୍ ଅକବର ମିବାର ରାଜ୍ୟ ଅଧିକାର କରିବା ନିମନ୍ତେ ନାନା ଚକ୍ରାନ୍ତ କରି ସୁଦ୍ଧା ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ ।

**ଚାଲୁକ୍ୟ**—ଚାଲୁକ୍ୟମାନଙ୍କର ଦୁଇ ଶାଖା ଥିଲେ । ଏକ ଶାଖା ଅନହଲବାର ପତ୍ତନରେ ଏବଂ ଅନ୍ୟ ଶାଖା ବିଜାପୁର ଜିଲ୍ଲାର ବାଦାମୀଠାରେ ରାଜତ୍ୱ କରୁଥିଲେ ।

**ଚନ୍ଦେଲ**—ଚନ୍ଦେଲମାନେ ଜେଜାକଭୁକ୍ତ ବା ବୁନ୍ଦେଲଖଣ୍ଡର ମାଲିକ ଥିଲେ । ଏହି ବଂଶର ରାଣୀ ଦୁର୍ଗାବତୀ ଅକବରଙ୍କ ପରି ପ୍ରତାପ-ଶାଳୀ ରାଜାଙ୍କ ସଙ୍ଗେ ଯୁଦ୍ଧ କରିଥିଲେ ।

**ବଙ୍ଗ ଓ ବିହାରର ରାଜବଂଶ**—ହର୍ଷବର୍ଦ୍ଧନଙ୍କ ମୃତ୍ୟୁ ପରେ ବଙ୍ଗ ଓ ବିହାରରେ ଶୂରବଂଶୀୟ ରାଜାମାନେ ପ୍ରଥମେ ରାଜତ୍ୱ କରିଥିଲେ । ବୌଦ୍ଧଧର୍ମର ପ୍ରସାର ଲୋପ କରି ହିନ୍ଦୁଧର୍ମର ପ୍ରାଧାନ୍ୟ ସ୍ଥାପନ କରିବା ସକାଶେ ଶୂରବଂଶର ପ୍ରସିଦ୍ଧ ରାଜା ଆଦିଶୂର କାନ୍ୟକୁବ୍ଜରୁ ୫ ଜଣ ବ୍ରାହ୍ମଣ ଓ ୫ ଜଣ କାୟସ୍ଥ ଅଣାଇ କୌଳୀନ୍ୟପ୍ରଥା ସ୍ଥାପନ କରିଥିଲେ ।

୭୫୦ ଖ୍ରୀଷ୍ଟାବ୍ଦରେ ଗୋପାଳ ନାମକ ଏକ ବ୍ୟକ୍ତି ବଙ୍ଗ ସିଂହାସନ ଅଧିକାର କରି ପାଳବଂଶ ସ୍ଥାପନ କଲେ । ଧର୍ମପାଳ ତାଙ୍କ ବଂଶର ଜଣେ ପ୍ରସିଦ୍ଧ ରାଜା ଥିଲେ ଏବଂ ୮୨୦ ଖ୍ରୀଷ୍ଟାବ୍ଦରେ କାନ୍ୟକୁବ୍ଜ ଜୟ କରି ସେ ସେଠାରେ ନିଜ ଲୋକଙ୍କୁ ରାଜା କରାଇଲେ । ଧର୍ମପାଳ ବୌଦ୍ଧ ଥିଲେ ଏବଂ ବିକ୍ରମଶିଳାରେ ଏକ ବୌଦ୍ଧମଠ ସ୍ଥାପନ କରିଥିଲେ ।

ଦେବପାଳ ପାଳବଂଶର ଶ୍ରେଷ୍ଠ ରାଜା ଥିଲେ । ସେ ଆସାମ, କାମ୍ବୋଜ ଓ କଳିଙ୍ଗ ଜୟ କରି ନିଜ ରାଜ୍ୟରେ ମିଶାଇଥିଲେ । ତାଙ୍କ ପରବର୍ତ୍ତୀ ରାଜା ମହୀପାଳ ଓଡ଼ିଶା ଜୟ କରିଥିଲେ ।

୧୦୫୦ ଖ୍ରୀଷ୍ଟାବ୍ଦରେ ପାଳରାଜାମାନଙ୍କୁ ବଙ୍ଗଦେଶରୁ ବିତାଡ଼ିତ କରି ସେନମାନେ ବଙ୍ଗ ଅଧିକାର କଲେ । ପାଳମାନେ ବିହାରରେ ଅଳ୍ପ କିଛିଦିନ ରାଜତ୍ୱ କଲେ । ପାଳମାନେ ବୌଦ୍ଧ ଓ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ ।

କର୍ଣ୍ଣାଟ ଦେଶର ସାମନ୍ତ ସେନ ନାମକ ଏକ ବ୍ୟକ୍ତି ଓଡ଼ିଶାର ଜଣେ ସର୍ଦ୍ଦାର ଥିଲେ । ସେ ବଙ୍ଗର ସେନବଂଶର ପ୍ରତିଷ୍ଠାତା । ସେନ-ବଂଶର ବଲ୍ଲାଳ ସେନ ଏକ ପ୍ରସିଦ୍ଧ ରାଜା । ଏହି ବଂଶର ଶେଷ ରାଜା ଲକ୍ଷ୍ମଣ ସେନଙ୍କୁ ପରାସ୍ତ କରି ମୁସଲମାନମାନେ ବଙ୍ଗ ଦେଶ ଅଧିକାର

କରିଥିଲେ । ନଦୀୟା ଓ ଗୌଡ଼ (ଲକ୍ଷଣାବତୀ) ଏମାନଙ୍କର ରାଜଧାନୀ ଥିଲା ।

**ଓଡ଼ିଶା**—ସପ୍ତମ ଶତାବ୍ଦୀରେ ଛତିଶଗଡ଼ ଅଞ୍ଚଳ ସୋମବଂଶୀ କେଶରୀ ରାଜାମାନେ ଦକ୍ଷିଣକୋଶଳ ବା ସମ୍ବଲପୁରକୁ ଆସି ସେଠାରେ ଉତ୍କଳର ଅଞ୍ଚଳ ଜୟ କଲେ ଏବଂ ସୋନପୁର ବା ବିନୀତାପୁରକୁ ନିଜ ରାଜଧାନୀ କଲେ । ଯଜାତି କେଶରୀ ଏହି କେଶରୀବଂଶର ପ୍ରଥମ ରାଜା । ସେ ସୋନପୁରଠାରୁ କଟକ ପର୍ଯ୍ୟନ୍ତ ଦେଶ ଜୟ କଲେ ଏବଂ ତାଙ୍କ ବଂଶଧରମାନେ ସମଗ୍ର ଓଡ଼ିଶାର ରାଜା ହେଲେ । ଏହି ବଂଶର ଉଦ୍ୟୋତକେଶରୀ ତ୍ରୈଲ, ବଙ୍ଗ ଓ ଗୁଜରାଟ ଜୟ କରିଥିଲେ ।

କେଶରୀମାନେ ଶିବ ଉପାସନା କରୁଥିଲେ ଏବଂ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ନିର୍ମାଣ କରିଥିଲେ



ଲିଙ୍ଗରାଜ ମନ୍ଦିର

କେଶରୀମାନଙ୍କ ପୂର୍ବରୁ ଷଷ୍ଠ ଶତାବ୍ଦୀରୁ ଗଙ୍ଗବଂଶ କଳିଙ୍ଗ ବା ଗଞ୍ଜାମ-ଭିଜାଗ ଅଞ୍ଚଳରେ ରାଜତ୍ୱ କରୁଥିଲେ । ଏହି ବଂଶର ଚୋଡ଼ଗଙ୍ଗଦେବ ୧୧୩୨ ରେ କେଶରୀମାନଙ୍କ ହାତରୁ ଓଡ଼ିଶା ଅଧିକାର କରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ନିଜ ରାଜ୍ୟ ବିସ୍ତାର କଲେ ।

**ଦାକ୍ଷିଣାତ୍ୟ—** ବିନ୍ଧ୍ୟ ଓ କୃଷ୍ଣାର ମଧ୍ୟବର୍ତ୍ତୀ ପ୍ରଦେଶକୁ ଦାକ୍ଷିଣାତ୍ୟ ଏବଂ କୃଷ୍ଣାର ଦକ୍ଷିଣକୁ 'ତାମିଲକମ୍' ବା ତାମିଲ ଦେଶ କହନ୍ତି । ପୂର୍ବକାଳରେ ଦାକ୍ଷିଣାତ୍ୟରେ ଚାଲୁକ୍ୟମାନେ ଓ ପଲ୍ଲବମାନେ ବିଶେଷ ଶକ୍ତିଶାଳୀ ହୋଇଥିଲେ ଏବଂ ତାମିଲ ଦେଶରେ ଚେର, ଚୋଳ, ଓ ପାଣ୍ଡ୍ୟ ବୋଲି ତିନୋଟି ରାଜ୍ୟ ଥିଲା ।

**ଚାଲୁକ୍ୟ—**ମହାରାଷ୍ଟ୍ର ଦେଶ ଚାଲୁକ୍ୟମାନଙ୍କର ରାଜ୍ୟ । ପୁଲକେଶୀ ଚାଲୁକ୍ୟବଂଶର ଜଣେ ପ୍ରଧାନ ନରପତି । ତାଙ୍କ ରାଜଧାନୀ ବିଜାପୁର ନିକଟବର୍ତ୍ତୀ ବାତାପୀ ବା ବାଦାମୀ ଥିଲା । ତାଙ୍କ ନାତି ଦ୍ୱିତୀୟ ପୁଲକେଶୀ ହର୍ଷଙ୍କୁ ପରାସ୍ତ କରିଥିଲେ । ସେ ନାସିକକୁ ରାଜଧାନୀ କରିଥିଲେ ।

ଚୀନ-ପରିବ୍ରାଜକ ହୁଏନ୍‌ସାଂ ଚାଲୁକ୍ୟ ରାଜ୍ୟ ପରିଭ୍ରମଣ କରିଥିଲେ । ସେ ଚାଲୁକ୍ୟମାନଙ୍କର ଯୁଦ୍ଧପ୍ରିୟତା ଓ ସାହସକୁ ବଡ଼ ପ୍ରଶଂସା କରିଥିଲେ । ସେ ଚାଲୁକ୍ୟ ରାଜ୍ୟରେ ଶହେରୁ ଅଧିକ ବୌଦ୍ଧମଠ ଦେଖିଥିଲେ । ସେତେବେଳେ ସେଠାରେ ବିଦ୍ୟାର ଆଦର ଥିଲା । ଦ୍ୱିତୀୟ ପୁଲକେଶୀ କୌଣସି ରାଜାଙ୍କୁ ଖାତିର କରୁ ନ ଥିଲେ । ତାଙ୍କ ଖ୍ୟାତି ପାରସ୍ୟ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପାରସ୍ୟରାଜା ତାଙ୍କ ସଭାକୁ ଦୂତ ପଠାଉଥିଲେ ।

**ପଲ୍ଲବ—**କାଞ୍ଚୀ ବା କାଞ୍ଜିବରମ୍ ପଲ୍ଲବମାନଙ୍କର ରାଜଧାନୀ ଥିଲା । ୫୫୦ ରୁ ୭୫୦ ପର୍ଯ୍ୟନ୍ତ ୨୦୦ ବର୍ଷ ପଲ୍ଲବମାନେ ତାମିଲଖଣ୍ଡର ଶ୍ରେଷ୍ଠ ଶକ୍ତି ଥିଲେ । ସେମାନଙ୍କ ରାଜ୍ୟ ନର୍ମଦା ଓ ଓଡ଼ିଶାରୁ ପେନାର ନଦୀ ପର୍ଯ୍ୟନ୍ତ ବେଳେବେଳେ ବିସ୍ତୃତ ହେଉଥିଲା । ପଲ୍ଲବମାନେ ଅନେକ ମନ୍ଦିର ଓ ଗୁମ୍ଫା ନିର୍ମାଣ କରିଥିଲେ । ସେ ସବୁ ବଡ଼ ସୁନ୍ଦର ଓ ଆଶ୍ଚ-

ପର୍ଯ୍ୟନ୍ତ ଦେଖିବାର ଉତ୍କଣ୍ଠ ହୋଇ ରହିଅଛି ! ଏହି ବଂଶର ଶ୍ରେଷ୍ଠ ରାଜା ନରସିଂହ ବର୍ମା ଯୁଦ୍ଧରେ ଦ୍ୱିତୀୟ ପୁଲକେଶୀଙ୍କୁ ବଧ କରିଥିଲେ ।

**ଚେର, ଚୋଳ ଓ ପାଣ୍ଡ୍ୟ**—ପାଣ୍ଡ୍ୟ, ଚେର ଓ ଚୋଳ କୁମାରିକା ଅନ୍ତରୀପ ନିକଟରେ ଥିଲା । ମଦୁରା ପାଣ୍ଡ୍ୟ ରାଜଧାନୀ ଥିଲା । ପାଣ୍ଡ୍ୟ ସଙ୍ଗେ ରୋମର ବାଣିଜ୍ୟ ଓ ଦୂତ ସମ୍ପର୍କ ଥିଲା । ଚେର ଓ ଚୋଳ ଉଭୟ ରାଜ୍ୟର ପ୍ରତି ଗ୍ରାମରେ ଗୋଟିଏ ଗୋଟିଏ ସଭା ରହିଥିଲା । ସେହି ସଭାମାନ ଗ୍ରାମର ଶାସନକାର୍ଯ୍ୟରେ ବିଶେଷ ସାହାଯ୍ୟ କରୁଥିଲେ ।

ଦାକ୍ଷିଣାତ୍ୟର ଲୋକେ ସଭ୍ୟ ଓ ଉନ୍ନତ ଥିଲେ । ବାଣିଜ୍ୟ, ଯୁଦ୍ଧ, ଶିଳ୍ପ, ବିଦ୍ୟା, ସାହିତ୍ୟ, ଧର୍ମ ସବୁ ଦିଗରେ ସେମାନେ ଉନ୍ନତି କରି-ଥିଲେ । ରୋମ, ପାରସ୍ୟ ପ୍ରଭୃତି ଦେଶ ସଙ୍ଗେ ବାଣିଜ୍ୟ କରି ସେମାନେ ବହୁ ଧନ ଅର୍ଜନ କରିଥିଲେ । ପ୍ରସିଦ୍ଧ ବୈଷ୍ଣବ ଧର୍ମପ୍ରଚାରକ ରାମାନୁଜ ଏବଂ ଭାରତରେ ଜ୍ୟୋତିର୍ବିଦ୍ ଭାସ୍କରାଚାର୍ଯ୍ୟ ଦାକ୍ଷିଣାତ୍ୟରେ ଜନ୍ମଗ୍ରହଣ କରିଥିଲେ ।

**ଭାରତର ସାମାଜିକ ଅବସ୍ଥା**—ଅଶୋକ, କନିଷ୍କ ଓ ହର୍ଷବର୍ଦ୍ଧନ ପ୍ରସିଦ୍ଧ ସମ୍ରାଟ୍ ଥିଲେ । ସେମାନେ ବୌଦ୍ଧଧର୍ମର ବିଶେଷ ଉନ୍ନତି କରିଥିଲେ । ସେମାନେ ସନାତନ ବୈଦିକ ଧର୍ମ ଉପରେ କୌଣସି ଅତ୍ୟାଚାର କରୁ ନ ଥିଲେ ମଧ୍ୟ ବୈଦିକ ଧର୍ମ ବିଶେଷ ଦୁର୍ବଳ ଓ କ୍ଷୀଣ ହୋଇଥିଲା । ତଥାପି ସେହି ଧର୍ମ ନିଜର ଅସ୍ତିତ୍ୱ ରକ୍ଷା କରିବାକୁ ସମର୍ଥ ହୋଇଥିଲା ।

ବୌଦ୍ଧମାନେ ହୀନଯାନ ଓ ମହାଯାନ ଦୁଇ ଶାଖାରେ ବିଭକ୍ତ ହୋଇ ପରସ୍ପର ମଧ୍ୟରେ ବିବାଦ ଆରମ୍ଭ କଲେ । ଅଶୋକ ହୀନଯାନ-ପନ୍ଥୀ ଏବଂ କନିଷ୍କ ମହାଯାନପନ୍ଥୀ ଥିଲେ । ମହାଯାନପନ୍ଥୀମାନେ

ବୁଦ୍ଧଦେବଙ୍କୁ ସ୍ୱୟଂ ଈଶ୍ୱର ବୋଲି ମାନନ୍ତି ଏବଂ ତାଙ୍କ ମୂର୍ତ୍ତି ପୂଜା କରନ୍ତି ।

ବୌଦ୍ଧଧର୍ମର ପ୍ରଭାବ ସତ୍ତ୍ୱେ ବ୍ରାହ୍ମଣ୍ୟଧର୍ମ ବଞ୍ଚି ରହିଥିଲା ଏବଂ ସେହି ଧର୍ମକୁ ଉଠାଇବା ଲାଗି ବ୍ରାହ୍ମଣମାନଙ୍କ ଭିତରେ ଏପରି ପ୍ରତିଭାଶାଳୀ ଲୋକେ ବାହାରିଲେ ଯେ ଦ୍ୱାଦଶ ଶତାବ୍ଦୀ ବେଳକୁ ବୌଦ୍ଧଧର୍ମ ଚିରଦିନ ସକାଶେ ଭାରତରୁ ଲୋପ ପାଇଲା ।

ଯାହା ହେଉ, ଅଶୋକ ଓ କନିଷ୍କଙ୍କ ଧର୍ମ ପ୍ରଚାରରେ ଭାରତ ଦେଶ ବିଦେଶରେ ପ୍ରସିଦ୍ଧ ହୋଇଥିଲା । ଭାରତବାସୀ ଚୀନ, ଯାପାନ, ଗ୍ରୀସ୍ ପର୍ଯ୍ୟନ୍ତ ସଭ୍ୟତାଲୋକ ବିସ୍ତାର କରିଥିଲେ ।

ନିଜ ଭାରତରେ ବୌଦ୍ଧମାନେ ଅସଂଖ୍ୟ ମଠ ସ୍ଥାପନ କରି ପ୍ରତି ମଠରେ ଅଧ୍ୟୟନ, ଅଧ୍ୟାପନା ଓ ଧର୍ମାଲୋଚନା କରୁଥିଲେ । ଏହା ଛଡ଼ା ନାଲନ୍ଦା, ତକ୍ଷଶିଳା ବିକ୍ରମଶିଳା ଓ ସାରନାଥରେ ଗୃହେଟି ବଡ଼ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା ।

ଦେଶର ସର୍ବତ୍ର ନାନାପ୍ରକାର ଉନ୍ନତି ଦେଖା ଯାଉଥିଲା । ଭାରତବାସୀ ଦେଶ ବିଦେଶରେ ସ୍ଥଳ ଓ ଜଳ ବାଣିଜ୍ୟ ଚଳାଉଥିଲେ । ଚୀନ, ଯବ, ସୁମାତ୍ରା, ବ୍ରହ୍ମଦେଶ, ଶ୍ୟାମ ଓ ଗ୍ରୀସ-ରୋମ ପର୍ଯ୍ୟନ୍ତ ଭାରତୀୟ ବାଣିଜ୍ୟ ବିସ୍ତୃତ ହୋଇଥିଲା ଏବଂ କେତେକ ସ୍ଥାନରେ ଉପନିବେଶ ସ୍ଥାପିତ ହୋଇଥିଲା । ଶିଳ୍ପକଳାର ଉନ୍ନତି ମଧ୍ୟ ଶେଷ ସୀମାରେ ପହଞ୍ଚିଥିଲା । ଅଜନ୍ତା ଗୁମ୍ଫାର ଶିଳ୍ପ ତହିଁର ଉଦାହରଣ । ସଂସ୍କୃତ ଓ କଥିତ ସାହିତ୍ୟରେ ନାନାବିଧ ସାହିତ୍ୟ ଓ ବିଜ୍ଞାନଗ୍ରନ୍ଥ ଲିଖିତ ହୋଇଥିଲା । ନିଜ ଦେଶର ବୈଦ୍ୟମାନଙ୍କୁ ଶିକ୍ଷା ଦେବା

ସକାଶେ ଏବଂ ଶିକ୍ଷାଳୟମାନ ଖୋଲିବା ସକାଶେ ବାଗଦାଦର କାଲିଫ୍ ଭାରତରୁ ବୈଦ୍ୟମାନଙ୍କୁ ଡାକି ନେଇଥିଲେ ।

**ବ୍ରାହ୍ମଣ୍ୟଧର୍ମ ପ୍ରଚାରକ** — ବୁଦ୍ଧଦେବ ଈଶ୍ୱରଙ୍କ ବିଷୟରେ ଏକାବେଳକେ ନୀରବ ଥିଲେ । ସେ କେବଳ ଧର୍ମ ନିଷ୍ପାପ ଜୀବନ ଯାପନକୁ ଶ୍ରେଷ୍ଠ ବୋଲି ପ୍ରଚାର କରିଥିଲେ । ଭାରତବାସୀ ଏକ ଦାର୍ଶନିକ ଜାତି । ସେମାନେ ନିରବଲମ୍ବ ବୌଦ୍ଧଧର୍ମ ସମ୍ବନ୍ଧରେ ନାନା ଯୁକ୍ତି କରିବାକୁ ଲାଗିଲେ । ବଡ ବଡ ବିଦ୍ୱାନ୍ ଓ ପଣ୍ଡିତମାନେ ବାହାରି ବ୍ରାହ୍ମଣ୍ୟ ଧର୍ମକୁ ସରଳ ଓ ସହଜ ଆକାରରେ ପ୍ରଚାର କରିବାକୁ ଲାଗିଲେ । ଏହି ସରଳତା ଆଣିବା ନିମନ୍ତେ ସେମାନେ ବୌଦ୍ଧଧର୍ମରୁ ନୀତିମାନ ଗ୍ରହଣ କଲେ ଏବଂ ମୂର୍ତ୍ତିପୂଜାର ବହୁଳ ପ୍ରଚାର କଲେ । ବିଷ୍ଣୁଙ୍କର ବିଭିନ୍ନ ଅବତାର କଳ୍ପନା କଲେ, ମଠ ଓ ସନ୍ନ୍ୟାସୀ ସଂଘ ସ୍ଥାପନ କଲେ । ବୌଦ୍ଧମାନଙ୍କୁ ଆକର୍ଷଣ କରିବା ସକାଶେ ବୁଦ୍ଧଙ୍କୁ ମଧ୍ୟ ବିଷ୍ଣୁଙ୍କର ଏକ ଅବତାର ବୋଲି ପ୍ରଚାର କଲେ । ବ୍ରାହ୍ମଣମାନଙ୍କ ପ୍ରଚାରରେ ଅନେକେ ବୌଦ୍ଧଧର୍ମ ଛାଡ଼ି ହିନ୍ଦୁଧର୍ମ ଗ୍ରହଣ କଲେ । ଏହି ପ୍ରଚାରକମାନଙ୍କ ମଧ୍ୟରେ କୁମାରିଲ, ଶଙ୍କରାଚାର୍ଯ୍ୟ ଓ ରାମାନୁଜ ପ୍ରଧାନ ଥିଲେ ।

**କୁମାରିଲ ଭଟ୍ଟ**—ଏ ଜଣେ ଆସାମ ଦେଶର ବ୍ରାହ୍ମଣ ଏବଂ ଅଷ୍ଟମ ଶତାବ୍ଦୀର ଲୋକ । ଯୁକ୍ତିବଳରେ ସେ ଅନେକ ବୌଦ୍ଧ ପଣ୍ଡିତଙ୍କୁ ପରାସ୍ତ କରିଥିଲେ । ଏହାଙ୍କ ପ୍ରଚାରରେ ବୌଦ୍ଧମାନେ ନିଜ ଧର୍ମ ହିନ୍ଦୁଧର୍ମ ଗ୍ରହଣ କରିଥିଲେ ।

**ଶଙ୍କରାଚାର୍ଯ୍ୟ**—ଏ ଦାକ୍ଷିଣାତ୍ୟର ମାଲବାର ଉପକୂଳରେ କାଲଡ଼ି ଗ୍ରାମରେ ନମ୍ବୁରିଯ୍ ବା ନମ୍ବୁଦ୍ରି ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରିଥିଲେ । ସେ ବେଦାନ୍ତମତ ପ୍ରଚାର କରିଥିଲେ । ତାଙ୍କ ପର

ପଣ୍ଡିତ ଆଜି ପର୍ଯ୍ୟନ୍ତ ଭାରତରେ ଜନ୍ମଗ୍ରହଣ କରି ନାହାନ୍ତି । ସେ ୩୨ ବର୍ଷ ମାତ୍ର ବଞ୍ଚିଥିଲେ, କିନ୍ତୁ ସେହି ଅଳ୍ପକାଳ ମଧ୍ୟରେ ସମସ୍ତ ଆର୍ଯ୍ୟଶାସ୍ତ୍ର ଏବଂ ବୌଦ୍ଧଗ୍ରନ୍ଥମାନ ପଢ଼ି ଆୟତ୍ତ କରିଥିଲେ । ସେ ବେଦ, ବେଦାନ୍ତ ପ୍ରଭୃତି କଠିନ ଶାସ୍ତ୍ରମାନ ଏପରି ଆୟତ୍ତ କରିଥିଲେ ଯେ ପ୍ରତି ଗ୍ରନ୍ଥ ଉପରେ ଭାଷ୍ୟମାନ ଲେଖି ଯାଇଅଛନ୍ତି । ସେ ନବମ ଶତାବ୍ଦୀରେ ସମଗ୍ର ଭାରତ ବୁଲି ହିନ୍ଦୁଧର୍ମ ପ୍ରଚାର କରିଥିଲେ । ତାଙ୍କ ଯୁକ୍ତିରେ ଅନେକ ବୌଦ୍ଧ ପଣ୍ଡିତ ପରାସ୍ତ ହୋଇ ଆତ୍ମହତ୍ୟା କରିଥିଲେ । ବୌଦ୍ଧମାନଙ୍କ ଦେଖାଦେଖିରେ ସେ ମହୀଶୂରର ଶୃଙ୍ଗେରୀ, ଓଡ଼ିଶାର ପୁରୀ, ଗୁଜରାଟର ଦ୍ୱାରକା ଏବଂ ହିମାଳୟର ବଦ୍ରୀନାଥରେ ଚାରି ପ୍ରଧାନ ମଠ ସ୍ଥାପନ କରିଥିଲେ । ତାଙ୍କ ମତରେ ଏକମାତ୍ର ବ୍ରହ୍ମଜ୍ଞାନଦ୍ୱାରା ମୁକ୍ତି ହୋଇ ପାରେ । ସେ ୮୨୦ ଖ୍ରୀ: ଅ: ରେ ହିମାଳୟ ଅନ୍ତଃପାତୀ କେଦାରନାଥ ଠାରେ ଦେହତ୍ୟାଗ କରିଥିଲେ ।

**ରାମାନୁଜ**—ଏ ମାନ୍ଦ୍ରାଜର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରି ବୈଷ୍ଣବଧର୍ମ ପ୍ରଚାର କରିଥିଲେ । କାଞ୍ଚୀ ଓ ଶ୍ରୀରଙ୍ଗପତ୍ତନ ତାଙ୍କର ପ୍ରଧାନ କର୍ମକ୍ଷେତ୍ର ଥିଲା । ସେ ଓଡ଼ିଶାରେ ମଧ୍ୟ ଧର୍ମପ୍ରଚାର କରିଥିଲେ । ପୁରୀର ଏମାର ମଠ ତାଙ୍କର ଜଣେ ଶିଷ୍ୟ ସ୍ଥାପନ କରିଛନ୍ତି । ସେ ନିଜେ କେତେକ ବୈଷ୍ଣବ ମଠ ସ୍ଥାପନ କରିଥିଲେ ଏବଂ ୧୧୩୭ ଖ୍ରୀ: ଅ: ରେ ଶ୍ରୀରଙ୍ଗଠାରେ ଦେହତ୍ୟାଗ କରିଥିଲେ ।

# ଚତୁର୍ଦ୍ଦଶ ଅଧ୍ୟାୟ

## ଇସଲାମଧର୍ମ ଓ ମୁସଲମାନ ଆକ୍ରମଣ

ଆରବ ଦେଶର ମକ୍କା ସହରରେ ୫୭୦ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଜନ୍ମଗ୍ରହଣ କରିଥିଲେ । ସେ ସଂସାରସୁଖ ଛାଡ଼ି ଦେଇ ସବୁବେଳେ ଧର୍ମଚର୍ଚ୍ଚା କରୁଥିଲେ ଏବଂ ମକ୍କା ନିକଟରେ ଏକ ପର୍ବତଗୁମ୍ଫାରେ ବସି ଦୀର୍ଘକାଳ ଧର୍ମ ବିଷୟରେ ଧ୍ୟାନ କରିଥିଲେ । ବହୁଦିନ ଧ୍ୟାନ କରିବା ପରେ ସେ ଏକ ଜ୍ଞାନ ପାଇଲେ ଏବଂ "ଈଶ୍ୱର ଏକ" ବୋଲି ପ୍ରଚାର କଲେ । ସେତେବେଳେ ତାଙ୍କ ବୟସ ୪୦ ବର୍ଷ । ସେ ଯେଉଁ ନୂତନ ଧର୍ମ ପ୍ରଚାର କଲେ, ତାହାର ନାମ ଇସଲାମ୍ । ଇସଲାମ୍‌ର ପ୍ରକୃତ ତଥ୍ୟ, ଈଶ୍ୱର ଏକ, ଦ୍ୱିତୀୟ ନାହିଁ, କେବଳ ତାଙ୍କର ପୂଜା କର, ପ୍ରତିମା ପୂଜା କର ନାହିଁ । ଏହି ଧର୍ମରେ ଜାତିଭେଦ ନାହିଁ, ଛୁଆଁ ଅଛୁଆଁ ବିଚାର ନାହିଁ । ମନୁଷ୍ୟ ମାନେ ଭାଇ ଭାଇ ପରି ।

ଆରବର ଲୋକମାନେ ସେତେବେଳେ ପ୍ରତିମାପୂଜାର ଆଦର କରୁଥିଲେ । ସେମାନଙ୍କ ଚରିତ୍ର ବଡ଼ କୁତ୍ସିତ ଥିଲା ଏବଂ ସେମାନଙ୍କ ମଧ୍ୟରେ ଅନେକ କୁସଂସ୍କାର ଥିଲା । ମହମ୍ମଦ ନୂଆ ପ୍ରଚାର କରୁଥିବା ଧର୍ମର ତତ୍ତ୍ୱ ଶୁଣି ସେମାନେ ଖୁବ ଚିଡ଼ିଗଲେ ଏବଂ ମହମ୍ମଦଙ୍କ ଉପରେ ନାନାପ୍ରକାର ଅତ୍ୟାଚାର ଆରମ୍ଭ କଲେ । ମହମ୍ମଦ ମକ୍କାରେ ରହି ପାରିଲେ ନାହିଁ ଏବଂ ପ୍ରାଣଭୟରେ ମଦିନାକୁ ପଳାଇଗଲେ (୬୧୦ ଖ୍ରୀ:ଅ:) । ଏହି ୬୧୦ ଖ୍ରୀଷ୍ଟାବ୍ଦରୁ ମୁସଲମାନଙ୍କ ହିଜରୀ ଅବ୍ଦର ଗଣନା ହୁଏ । 'ହିଜ୍' ଶବ୍ଦର ଅର୍ଥ ପଳାୟନ ।

ମଦିନାର ଲୋକେ ମହମ୍ମଦଙ୍କର ନୂଆ ଧର୍ମତତ୍ତ୍ୱ ଶୁଣି ତାହା ଆଦରରେ ଗ୍ରହଣ କଲେ । ମଦିନାରେ "ଏକ ଈଶ୍ୱର"ଙ୍କ ଉପାସନା ନିମନ୍ତେ ଏକ ମସ୍‌ଜିଦ୍ ବା ପ୍ରାର୍ଥନାଗୃହ ନିର୍ମିତ ହେଲା । ସେହି ମସଜିଦରେ କୌଣସି ମୂର୍ତ୍ତି ରଖାଯାଇ ନ ଥିଲା । ମହମ୍ମଦ ମଦିନାରେ ଅନେକ ଶିଷ୍ୟ ସଂଗ୍ରହ କଲେ । ଏହି ଶିଷ୍ୟମାନେ ସୈନ୍ୟ ସଂଗ୍ରହ କରି ମକ୍କା ଆକ୍ରମଣ କଲେ । ମକ୍କାର ଲୋକେ ସେମାନଙ୍କଦ୍ୱାରା ପରାସ୍ତ ହେଲେ ଏବଂ ଇସଲାମ ଧର୍ମ ସ୍ୱୀକାର କରିବାକୁ ବାଧ୍ୟ ହେଲେ । ମହମ୍ମଦ ନିଜ ଧର୍ମର ତଥ୍ୟମାନ ସଂଗ୍ରହ କରି ପୁସ୍ତକାକାରରେ ମୁସଲମାନ ଧର୍ମଶାସ୍ତ୍ର **କୋରାନ** ଲେଖି ପକାଇଲେ । କ୍ରମେ ଇସଲାମ ଧର୍ମ ସମଗ୍ର ଆରବ ଦେଶରେ ବ୍ୟାପିଗଲା । ମହମ୍ମଦ ୬୨ ବର୍ଷ ବୟସରେ ୬୩୨ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ ।

ମହମ୍ମଦଙ୍କ ମୃତ୍ୟୁ ପରେ ତାଙ୍କ ଶିଷ୍ୟମାନଙ୍କ ହୃଦୟରେ ଏକ ନୂତନ ଉତ୍ସାହ ଖେଳିଥିଲା । ସେମାନେ ପ୍ରତିମାପୂଜକ ଜାତିମାନଙ୍କୁ ଶତ୍ରୁ ବୋଲି ଜ୍ଞାନ କଲେ ଏବଂ ପୃଥିବୀପୃଷ୍ଠରୁ ପ୍ରତିମାପୂଜା ଶେଷ କରିବେ ବୋଲି ବସିଲେ । ଯୁଦ୍ଧ ଓ ପ୍ରଚାରଦ୍ୱାରା ସେମାନେ ଦେଶବିଦେଶରେ ଇସଲାମ ଧର୍ମ ପ୍ରଚାର କଲେ । ସେମାନେ ମନେ କରୁଥିଲେ, ଧର୍ମ ସକାଶେ ଯୁଦ୍ଧ କଲେ ପୁଣ୍ୟ ହୁଏ । ଅଳ୍ପ ଦିନ ମଧ୍ୟରେ ଦେଖାଗଲା, ଅଫଗାନିସ୍ଥାନଠାରୁ ସ୍ପେନ ପର୍ଯ୍ୟନ୍ତ ଭୂଖଣ୍ଡରେ ଇସଲାମ ଧର୍ମ ବ୍ୟାପି ଯାଇଅଛି । ଏହି ବିଶାଳ ଭୂଖଣ୍ଡ ଶାସନ କରିବା ସକାଶେ ବାଗଦାଦଠାରେ ଜଣେ ଖଲିଫା ରହିଲେ । ଖଲିଫା ମହମ୍ମଦଙ୍କ ପ୍ରତିନିଧି ଓ ଇସଲାମ ଧର୍ମର ଧର୍ମଗୁରୁ ବୋଲି ବିବେଚିତ ହେଲେ । ମକ୍କା ଓ ମଦିନା ମୁସଲମାନଙ୍କର ପ୍ରଧାନ ଧର୍ମସ୍ଥାନରୂପେ ପରିଗଣିତ ହୁଏ ।

**ଇସଲାମ ଧର୍ମର ତଥ୍ୟ**—ମହମ୍ମଦ କୌଣସି ନୂଆ ତଥ୍ୟ ପ୍ରଚାର କରି ନ ଥିଲେ । ସେ ଦେଖିଲେ, ଦେଶବାସୀ ଅନ୍ଧକାର ଓ କୁସଂସ୍କାର ମଧ୍ୟରେ ପଡ଼ିଅଛନ୍ତି । ସେମାନଙ୍କ ମଧ୍ୟରେ ସଭ୍ୟତା ବିସ୍ତାର କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ସେ ନିଜ ଧର୍ମକୁ ଈଶ୍ୱରଙ୍କ ଅନ୍ତିମ ଆଜ୍ଞା ବୋଲି କହିଛନ୍ତି । ତାଙ୍କ ମତରେ ଈଶ୍ୱର ଏକ ଏବଂ ବିଭିନ୍ନ ଦେବ ଦେବୀଙ୍କ ପୂଜା ଅଧର୍ମ ଅଟେ । ପ୍ରତିଦିନ ସେହି ଈଶ୍ୱରଙ୍କୁ ସାତମତ ପୂଜା କରିବା ଉଚିତ । ସେ ଏଥିସଙ୍ଗେ ତୀର୍ଥ, ବ୍ରତ ଓ ଉପବାସର ମଧ୍ୟ ବ୍ୟବସ୍ଥା କରିଥିଲେ ଏବଂ କେତେକ ସାମାଜିକ ବିଧି ପ୍ରଣୟନ କରିଥିଲେ । ଏହି ସମସ୍ତ ବିଧିବ୍ୟବସ୍ଥା ସେ ନିଜ ଧର୍ମଗ୍ରନ୍ଥ କୋରାନରେ ଲିପିବଦ୍ଧ କରିଥିଲେ । ମୁସଲମାନମାନେ କୋରାନକୁ ଈଶ୍ୱରଙ୍କ ଆଜ୍ଞା ବୋଲି ମାନନ୍ତି । ସେମାନେ ପୁନର୍ଜନ୍ମ ବିଶ୍ୱାସ କରନ୍ତି ନାହିଁ ଏବଂ ପ୍ରତି ମନୁଷ୍ୟର ସମାନ ଅଧିକାର ଥିବା ସ୍ୱୀକାର କରନ୍ତି ।

**ଭାରତର ପ୍ରଥମ ମୁସଲମାନ ଆକ୍ରମଣ**—ଭାରତ ଓ ଆରବ ମଧ୍ୟରେ ସମୁଦ୍ର-ବାଣିଜ୍ୟ ଚାଲୁଥିଲା । ୭୧୨ ଖ୍ରୀଷ୍ଟାବ୍ଦରେ କେତେକ ସମୁଦ୍ରଦସ୍ୟୁ ସିନ୍ଧୁ ଦେଶର 'ଦେବଲ' ନାମକ ବନ୍ଦର ନିକଟରେ ଆରବ ଦେଶର ଗୋଟିଏ ବାଣିଜ୍ୟ-ଜାହାଜ ଲୁଣ୍ଠନ କଲେ । ବାଗଦାଦର ଖଲିଫା ସିନ୍ଧୁ ଦେଶର ହିନ୍ଦୁ ରାଜା ଦାହିରଙ୍କୁ ଏହାର ପ୍ରତିକାର କରିବା ନିମନ୍ତେ ଜଣାଇଲେ ଏବଂ ତାହାର କ୍ଷତିପୂରଣ ଦାବୀ କଲେ । ଦାହିର କହିଲେ, ତାହା ଜଳଦସ୍ୟୁମାନଙ୍କର କାର୍ଯ୍ୟ, ସୁତରାଂ ସେ ତାହାର କ୍ଷତି ପୂରଣ ଦେବେ ନାହିଁ; ତେଣୁ ଖଲିଫା ଯୁଦ୍ଧ ଘୋଷଣା କଲେ । ପ୍ରଥମ ଦୁଇ ଆକ୍ରମଣରେ ମୁସଲମାନମାନେ ସମ୍ପୂର୍ଣ୍ଣରୂପେ ପରାସ୍ତ ହେଲେ । ଶେଷରେ ଖଲିଫାଙ୍କ ସେନାପତି ମହମ୍ମଦ ବିନ କାସିମ ତୃତୀୟ ଥର ଆକ୍ରମଣ କଲେ । ସେ ଅସଂଖ୍ୟ ସୈନ୍ୟ ନେଇ ସିନ୍ଧୁଦେଶର କେତେକ

ସ୍ଥାନ ଅଧିକାର କଲେ ଏବଂ ରାଜଧାନୀ ଏଲୋର ନିକଟରେ ପହଞ୍ଚିଲେ । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହେଲା । ଦାହିର ଯୁଦ୍ଧରେ ନିହତ ହେଲେ । ତାଙ୍କ ବୀରପତ୍ନୀ ଦୁର୍ଗରକ୍ଷାର ଭାର ନେଲେ । ଦୁର୍ଗର ଖାଦ୍ୟସାମଗ୍ରୀ ଶେଷ ହେଲା । ହିନ୍ଦୁମାନେ ଆତ୍ମରକ୍ଷାର ଆଶା ନ ଦେଖି ଶେଷ ଯୁଦ୍ଧ ସକାଶେ ପ୍ରସ୍ତୁତ ହେଲେ । ରାଣୀ ରାଜପୁତ ରମଣୀମାନଙ୍କ ସଙ୍ଗେ ପ୍ରକାଣ୍ଡ ଜୋହର ଅଗ୍ନି ଜାଳି ତହିଁରେ ପ୍ରବେଶ କରିବାକୁ ଆରମ୍ଭ କଲେ । ପୁରୁଷମାନେ ଦୁର୍ଗରୁ ବାହାରି ଜଣ ଜଣ ହୋଇ ଯୁଦ୍ଧରେ ପ୍ରାଣ ଦେବାକୁ ଲାଗିଲେ । ମୁସଲମାନମାନେ ବିଜୟୀ ହୋଇ ସିନ୍ଧୁ ଓ ମୁଲତାନ ପ୍ରଦେଶ ଖଲିଫାଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କଲେ । କିନ୍ତୁ ସେମାନଙ୍କ ଭାରତ ଅଧିକାର ଆଶା ଫଳବତୀ ହୋଇ ପାରିଲା ନାହିଁ । ରାଜପୁତମାନେ ସେମାନଙ୍କର ପ୍ରବଳ ପ୍ରତିରୋଧ କଲେ । ମୁସଲମାନମାନେ ହିନ୍ଦୁମାନଙ୍କଠାରୁ ବୈଦ୍ୟଶାସ୍ତ୍ର, ଦର୍ଶନ, ଗଣିତ, ଜ୍ୟୋତିଷ ପ୍ରଭୃତି ସମ୍ବନ୍ଧରେ ଅନେକ ନୂଆ କଥା ଶିଖିଲେ । ହିନ୍ଦୁ ଓ ମୁସଲମାନ ସଭ୍ୟତା ଭିତରେ ଏକ ନୂଆ ସମ୍ପର୍କ ପ୍ରତିଷ୍ଠିତ ହେଲା । ହେଲେ ଖଲିଫା କାସିମଙ୍କ ଉପରେ ଅସନ୍ତୁଷ୍ଟ ହେଲେ ଏବଂ ତାଙ୍କର ପ୍ରାଣଦଣ୍ଡ କରାଇଲେ । କାସିମଙ୍କ ପରେ ସିନ୍ଧୁଦେଶ ଶାସନ କରିବା ନିମନ୍ତେ କେହି ଉପଯୁକ୍ତ ବ୍ୟକ୍ତି ନ ଥିଲେ । ରାଜପୁତମାନେ ମୁସଲମାନମାନଙ୍କର ଭାରତର ବିଜିତ ପ୍ରଦେଶ ପୁଣି ଅଧିକାର କରି ନେଲେ । ମୁସଲମାନ-ବିଜୟ ନିଷ୍ଫଳ ହେଲା ଏବଂ ଏହା ପରେ ୩୦୦ ବର୍ଷ ପର୍ଯ୍ୟନ୍ତ ସେମାନେ ଭାରତ ଆକ୍ରମଣ କରିବା ନିମନ୍ତେ ସାହସ କରି ନ ଥିଲେ ।

**ସବକ୍ତଗୀନ୍ ଓ ସୁଲତାନ ମାମୁଦ୍**—ଗଜନୀ ଅଫଗାନିସ୍ଥାନର ଗୋଟିଏ ସହର । ସିବାର ବଂଶୀଙ୍କ ଏକ ବଂଶଧର ଗଜସିଂହ ଗଜନୀ ସ୍ଥାପନ କରିଥିଲେ । ଗଜସିଂହଙ୍କ ବଂଶଧରମାନେ ଇସଲାମ ଧର୍ମ

ଗ୍ରହଣ କରିଥିଲେ । ୯୬୨ ଖ୍ରୀଷ୍ଟାବ୍ଦରେ ତୁରସ୍କ ଦେଶର ଅଲପ୍ତଗିନ୍ ନାମକ ଏକ ବ୍ୟକ୍ତି ଗଜନୀ ଅଧିକାର କଲେ । ତାଙ୍କ ପରେ ତାଙ୍କ ଜ୍ୱାଇଁ ସବକ୍ତଗିନ ଗଜନୀର ସୁଲତାନ ହେଲେ ।

ଗଜନୀରେ ମୁସଲମାନ ରାଜ୍ୟ ସ୍ଥାପିତ ହେବା ଦେଖି ସିନ୍ଧୁନଦୀ କୂଳବର୍ତ୍ତୀ ଉଦଭାଣ୍ଡ ବା ଭଣ୍ଡର ରାଜା ଜୟପାଳ ଗଜନୀ ଆକ୍ରମଣ କଲେ । ତାଙ୍କ ରାଜ୍ୟ ହିନ୍ଦୁକୁଶ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଜୟପାଳଙ୍କ ସୈନ୍ୟମାନେ ଅଫଗାନିସ୍ଥାନର ପ୍ରବଳ ଶୀତ ସହ୍ୟ କରି ପାରିଲେ ନାହିଁ ଏବଂ ୫୦ ଗୋଟି ହସ୍ତୀ ଓ ଏକ ଲକ୍ଷ ଟଙ୍କା ଦେବାକୁ ସ୍ୱୀକୃତ ହୋଇ ଜୟପାଳ ଗଜନୀରୁ ଫେରି ଆସିଲେ ।

ଜୟପାଳ ନିଜ ଅଙ୍ଗୀକାର ରକ୍ଷା ନ କରିବାରୁ ସବକ୍ତଗିନ ଭଣ୍ଡ ଆକ୍ରମଣ କଲେ । ଜୟପାଳ ଅନେକ ହିନ୍ଦୁରାଜାଙ୍କ ସାହାଯ୍ୟରେ ପ୍ରବଳ ଯୁଦ୍ଧ କଲେ, କିନ୍ତୁ ହାରିଗଲେ । ମୁସଲମାନମାନେ ସିନ୍ଧୁନଦୀର ପଶ୍ଚିମ ପାଖରେ ଥିବା ପେଶାବର ପ୍ରଦେଶ ହସ୍ତଗତ କଲେ । ଫଳରେ ମୁସଲମାନମାନଙ୍କ ଭାରତ ଆକ୍ରମଣ ପଥ ଖୋଲିଗଲା । ସବକ୍ତଗିନ ୯୯୭ ଖ୍ରୀଷ୍ଟାବ୍ଦରେ ମଲେ । ତାଙ୍କ ପରେ ତାଙ୍କ ପୁତ୍ର ମାମୁଦ ଗଜନୀର ସୁଲତାନ ହେଲେ ।

**ସୁଲତାନ ମାମୁଦ**—ଭାରତର ବାଣିଜ୍ୟ ପାରସ୍ୟ ଓ ଅଫଗାନିସ୍ଥାନ ବାଟେ ଇଉରୋପକୁ ଯାଉଥିଲା । ମାମୁଦ ଏହି ବଣିକମାନଙ୍କଠାରୁ ଭାରତର ଧନରତ୍ନ, ନଗର ଓ ଦେଉଳମାନଙ୍କ ସମ୍ବନ୍ଧରେ ରାଜା ହେବା ଆଗରୁ ଅନେକ କଥା ଶୁଣିଥିଲେ । ସେ ନିଜେ ଗୋଟିଏ ଗରିବ ଦେଶର ମାଲିକ ଥିଲେ ଏବଂ ଐଶ୍ୱର୍ଯ୍ୟଶାଳୀ ଭାରତର ଧନରତ୍ନ ଲୁଣ୍ଠନ କରି ଧନୀ ହେବେ ବୋଲି ଠିକ୍ କଲେ । ଭାରତର

ଦେଉଳ ଭାଙ୍ଗି ଓ ପ୍ରତିମା ପୂଜା ବନ୍ଦ କରି ସେଠାରେ ଇସଲାମ୍ ପ୍ରଚାର କରିବେ ବୋଲି ମଧ୍ୟ ସେ ଠିକ୍ କଲେ । ଭାରତରେ ରାଜ୍ୟ ସ୍ଥାପନ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । ସେ ନିଜେ ଖୁବ ବୀର ଓ ଅତ୍ୟନ୍ତ ସାହସୀ ଥିଲେ ଏବଂ ଭଲରୂପେ ଜାଣିଥିଲେ ଯେ, ହିନ୍ଦୁମାନେ ତାଙ୍କର ସୁଶିକ୍ଷିତ ଘୋଡ଼ାଚଢ଼ା ବଳିଷ୍ଠ ମୁସଲମାନ ସୈନିକମାନଙ୍କ ଆଗରେ ଯୁଦ୍ଧ କରି ପାରିବେ ନାହିଁ ।

ରାଜା ହୋଇ ମାମୁଦ ସତର ଥର ଭାରତ ଆକ୍ରମଣ ଓ ଲୁଣ୍ଠନ କଲେ ଏବଂ ପିତୃଶତ୍ରୁ ଜୟପାଳଙ୍କୁ ପ୍ରଥମେ ଆକ୍ରମଣ କଲେ । ପେଶାବରଠାରେ ଉଭୟ ସେନା ମଧ୍ୟରେ ତୁମୁଳ ଯୁଦ୍ଧ ହେଲା । ମୁସଲମାନମାନେ ଜୟପାଳଙ୍କ ହସ୍ତୀମାନଙ୍କୁ ଖଣ୍ଡା ଓ ଶରରେ ବିଦ୍ଧ କରିବାରୁ ହସ୍ତୀମାନେ ମାହୁନ୍ତଙ୍କୁ ନ ମାନି ପଳାୟନ କଲେ । ପଛକୁ ପଳାଇବା ବେଳେ ପଛରେ ଥିବା ନିଜ ପକ୍ଷର ସୈନିକମାନଙ୍କୁ ପାଦରେ ଦଳି ପକାଇବାକୁ ଲାଗିଲେ । ଜୟପାଳ ପୁତ୍ରମାନଙ୍କ ସଙ୍ଗେ ବନ୍ଦୀ ହେଲେ । କିନ୍ତୁ ମାମୁଦ ତାଙ୍କୁ ପଛକୁ ମୁକ୍ତ ଦେଇଥିଲେ । ଜୟପାଳ ଏ ଲଜ୍ଜା ସହି ନ ପାରି ନିଆଁରେ ପଶି ମଲେ (୧୦୦୧ ଖ୍ରୀ: ଅ:) ।

ଜୟପାଳଙ୍କ ପୁଅ ଅନନ୍ଦପାଳ ବଡ଼ ବୀର ଥିଲେ ଏବଂ ପିତାଙ୍କ ଅପମାନ ଓ ମୃତ୍ୟୁର ପ୍ରତିଶୋଧ ନେବା ସକାଶେ ପ୍ରସ୍ତୁତ ହେଲେ । ସେ ଏତେ ସୈନ୍ୟ ସଂଗ୍ରହ କରିଥିଲେ ଯେ, ମାମୁଦ ଭୟରେ ତାଙ୍କୁ ଆକ୍ରମଣ ନ କରି ଲୁଚି ରହିଲେ । ରାଜପୁତମାନେ ପ୍ରଥମେ ଆକ୍ରମଣ କଲେ ଏବଂ ମୁସଲମାନମାନଙ୍କୁ ହରାଇବାକୁ ବସିଲେ । ଠିକ ଏପରି ସମୟରେ ସମସ୍ତଙ୍କ ଆଗରେ ଥିବା ଅନନ୍ଦପାଳଙ୍କ ହସ୍ତୀ ଦେହରେ ଗୋଟିଏ ଶର ବାଜିବାରୁ ସେ ଅଙ୍କୁଶ ନ ମାନି ପଳାୟନ କଲା । ସେନାପତି ପଳାୟନ କଲେ ବୋଲି ଭୁଲ୍ ବୁଝି ହିନ୍ଦୁ ସୈନିକମାନେ ମଧ୍ୟ ପଳାୟନ କଲେ ।

ମୁସଲମାନମାନେ ସେମାନଙ୍କର ଅନୁଧାବନ କରି ସେମାନଙ୍କୁ ପରାସ୍ତ କଲେ । ମାମୁଦ ଦୁଇ ଦିନ ଦୁଇରାତି ଧରି ଅନେକ ହିନ୍ଦୁଙ୍କୁ ନିଷ୍ଠୁର ଭାବରେ ହତ୍ୟା କଲେ ଏବଂ ବହୁ ଧନରତ୍ନ ଲୁଣ୍ଠନ କଲେ । ମୁଲତାନ ରାଜ୍ୟ ତାଙ୍କର ହସ୍ତଗତ ହେଲା । ଏହି ଦୁଇ ଯୁଦ୍ଧର ଫଳରେ ତାଙ୍କର ସାହସ ବଢ଼ିଗଲା ଏବଂ ସେ କ୍ରମେ ଭାରତର ଅଧିକ ଅଧିକ ଭିତରକୁ ପଶିଲେ । ମୁଲତାନ, ଲାହୋର, ଥାନେଶ୍ୱର, ନଗରକୋଟ, କାଶ୍ମୀର କନୌଜ, ମଥୁରା, କାଲଞ୍ଜର, ସୋମନାଥ ପ୍ରଭୃତି କୌଣସି ସ୍ଥାନ ତାଙ୍କ ଲୁଣ୍ଠନରୁ ରକ୍ଷା ପାଇ ନ ଥିଲା । ଅସଂଖ୍ୟ ମନ୍ଦିର ଓ ଦେବମୂର୍ତ୍ତି ତାଙ୍କ ହାତରେ ବିନଷ୍ଟ ହୋଇଥିଲା । ଜଣେ ଐତିହାସିକ କହନ୍ତି, ଲାହୋର ଆକ୍ରମଣରୁ ତାଙ୍କୁ ଅକଳନ ଧନ ମିଳିଥିଲା । ପ୍ରତି ଆକ୍ରମଣରେ ସେ ଅସଂଖ୍ୟ ହିନ୍ଦୁଙ୍କୁ ବଳପୂର୍ବକ ମୁସଲମାନ କରିଥିଲେ ।

ମାମୁଦ ଷୋଡ଼ଶ ଆକ୍ରମଣରେ ଗୁଜରାଟର ସୋମନାଥ ମନ୍ଦିର ଆକ୍ରମଣ କରିଥିଲେ (୧୦୨୪ ଖ୍ରୀ:ଅ:) । ସମୁଦ୍ରକୂଳରେ ସୋମନାଥ ଭାରତର ଗୋଟିଏ ପ୍ରଧାନ ତୀର୍ଥ ଏବଂ ଅସୀମ ଧନସମ୍ପତ୍ତିର ସ୍ଥାନ ଥିଲା । ସୋମନାଥ ଆକ୍ରମଣ ତାଙ୍କର ସର୍ବପ୍ରସିଦ୍ଧ ଆକ୍ରମଣ ଅଟେ । ସ୍ୱର୍ଣ୍ଣନିର୍ମିତ ୮୦ ମହଣ ଓଜନର ଗୋଟିଏ ସୁନା ଶିକୁଳିଦ୍ୱାରା ଅନେକ ମହଣ ଓଜନ ସୁନାର ଗୋଟିଏ ବଡ଼ ଘଣ୍ଟା ମନ୍ଦିର ଦ୍ୱାରରେ ଝୁଲୁଥିଲା । ମନ୍ଦିର ଖରଚ ଚଳିବା ନିମନ୍ତେ ଦୁଇ ହଜାର ଗ୍ରାମ ଲଗା ଥିଲା ।

ସୋମନାଥ ତୀର୍ଥର ସେହି ଐଶ୍ୱର୍ଯ୍ୟ କଥା ଶୁଣି ମାମୁଦ ରାଜପୁତାନାର ମରୁଭୂମି ମଧ୍ୟ ଦେଇ ୩୦୦ ମାଇଲ ପଥ ବହୁ କଷ୍ଟରେ ଅତିକ୍ରମ କରି ସେଠାରେ ପହଞ୍ଚିଲେ । ମନ୍ଦିର ଦେବତା ସୋମନାଥ ବା ଶିବଙ୍କ ମୂର୍ତ୍ତି ରକ୍ଷା କରିବା ଲାଗି ଅନେକ ହିନ୍ଦୁ ରାଜା ସୈନ୍ୟ ସହ ଆସି ଯୁଦ୍ଧ କଲେ; କିନ୍ତୁ ଯୁଦ୍ଧରେ ପରାସ୍ତ ହେଲେ । ମାମୁଦ ମନ୍ଦିର ମଧ୍ୟକୁ ପ୍ରବେଶ କରି ଶିବଙ୍କ

ମୂର୍ତ୍ତି ଭାଙ୍ଗିବାକୁ ଆରମ୍ଭ କଲେ । ଶିବଙ୍କ ଲିଙ୍ଗ ନ ଭାଙ୍ଗିବା ସକାଶେ ପଣ୍ଡା ମାମୁଦଙ୍କୁ ବହୁ ଅର୍ଥ ଦେବାକୁ ଚାହିଁଲେ । କିନ୍ତୁ ମାମୁଦ କହିଲେ, "ମୁଁ ପ୍ରତିମା ଭାଙ୍ଗିବା ଲୋକ, ବିକିବା ଲୋକ ନୁହେଁ" । ଏହା କହି ସେ ନିଜ ହାତର ଲୌହଦଣ୍ଡରେ ଶିବଙ୍କ ବିଶାଳ ସୁନ୍ଦର ବିଗ୍ରହ ଭାଙ୍ଗି ଚୂନା କରିଦେଲେ । ମୂର୍ତ୍ତି ମଧ୍ୟରୁ ବହୁ ଲକ୍ଷ ଟଙ୍କାର ମଣିମୁକ୍ତା ମିଳିଥିଲା । ପଣ୍ଡାମାନେ ତାଙ୍କୁ ଯେତେ ଟଙ୍କା ଲାଞ୍ଚ ଦେବେ ବୋଲି କହିଥିଲେ, ମାମୁଦ ତାହାର ଅନେକ ଗୁଣ ଅର୍ଥ ମନ୍ଦିର ମଧ୍ୟରୁ ପାଇଥିଲେ । ହଜାର ହଜାର ଓଟ ପିଠିରେ ସମ୍ପତ୍ତି ବୋଝାଇ କରି ଗଜନୀକୁ ନେଲେ । ଫେରିଯିବା ବେଳେ ମରୁଭୂମି ପଥରେ ତାଙ୍କର ବହୁ ସୈନ୍ୟ ମରି ଯାଇଥିଲେ ଏବଂ ସେ ନିଜେ ବହୁ କଷ୍ଟ ଭୋଗ କରିଥିଲେ ।

ମାମୁଦ ରାଜ୍ୟସ୍ଥାପନ ସକାଶେ ଭାରତକୁ ଆସି ନ ଥିଲେ । କେବଳ ଦେଶଲୁଣ୍ଠନ, ହିନ୍ଦୁର ଧର୍ମ ବିନାଶ ଓ ଇସଲାମର ପ୍ରଚାର ତାଙ୍କ ଆକ୍ରମଣର ଉଦ୍ଦେଶ୍ୟ ଥିଲା । ସେ ଭାରତରୁ ଯେଉଁ ଅର୍ଥ ଲୁଣ୍ଠନ କରି ନେଇଥିଲେ, ସେଥିରେ ଗଜନୀର ଅନେକ ସୁନ୍ଦର ଅଟ୍ଟାଳିକା ନିର୍ମାଣ କରିଥିଲେ । କେତେକ କାରିଗରଙ୍କୁ ସେ ଭାରତରୁ ବନ୍ଦୀ କରି ନେଇ-ଥିଲେ । ସେମାନେ ଗଜନୀକୁ ସୁନ୍ଦର ସୁନ୍ଦର କାରୁକାର୍ଯ୍ୟରେ ପୂର୍ଣ୍ଣ କରି ଦେଇଥିଲେ ।

୧୦୩୦ରେ ମାମୁଦ ପ୍ରାଣତ୍ୟାଗ କରିଥିଲେ । ମରିବା ପୂର୍ବରୁ ସେ ସମସ୍ତ ଲୁଣ୍ଠିତ ଅର୍ଥ ମୁଣ୍ଡ ପାଖରେ ଜମା କରାଇଲେ ଏବଂ ସେ ସବୁକୁ ଦେଖି ଦେଖି, ହାୟ ହାୟ କରି ଜୀବନ ଛାଡ଼ିଲେ । ତାଙ୍କର ଦୁଃଖର କାରଣ ଏହି ଯେ, ସେ ଯେଉଁ ଅର୍ଥ ଏତେ କଷ୍ଟରେ ଲୁଣ୍ଠନଦ୍ୱାରା ସଂଗ୍ରହ କରିଥିଲେ ତାଙ୍କୁ ତାହା ଛାଡ଼ି ଯିବାକୁ ହେଲା ।

ମାମୁଦ ଶୂର ଓ ବୀର ଥିଲେ ଏବଂ ଜୀବନରେ କୌଣସି ଯୁଦ୍ଧରେ ହାରି ନ ଥିଲେ । ସେ ବାହୁବଳରେ ଏକ ବିଶାଳ ରାଜ୍ୟ ସ୍ଥାପନ କରି-ଥିଲେ । କିନ୍ତୁ ସେ ବଡ଼ ଲୋଭୀ ଥିଲେ ଏବଂ ଧନ ସକାଶେ ବହୁ ସୁନ୍ଦର ନଗର ଓ ରାଜ୍ୟ ଛାରଖାର କରିଥିଲେ । ସେ ପାରସିକ ସାହିତ୍ୟର ବଡ଼ ପ୍ରିୟ ଥିଲେ । ତାଙ୍କ ଦରବାରରେ ଫର୍ଦୌସୀ ବୋଲି ଜଣେ ବିଖ୍ୟାତ କବି ଏବଂ ଅଲବରୁଣୀ ବୋଲି ଜଣେ ବିଖ୍ୟାତ ଐତିହାସିକ ଥିଲେ । ଅଲବରୁଣୀ ମାମୁଦଙ୍କ ସଙ୍ଗେ ଭାରତକୁ ଆସିଥିଲେ ଏବଂ ଭାରତ ବିଷୟରେ କେତେକ ଐତିହାସିକ କଥା ଲେଖିଯାଇଅଛନ୍ତି । ଅନସାରି ମାମୁଦଙ୍କ ଅନ୍ୟତମ ସଭାପଣ୍ଡିତ ଥିଲେ ।

---

## ପଞ୍ଚଦଶ ଅଧ୍ୟାୟ

### ମହମ୍ମଦ ଘୋରୀ ଓ ତରୋରୀ ଯୁଦ୍ଧ

ତୁମେମାନେ ପୂର୍ବେ ପଢ଼ିଅଛ, ହିନ୍ଦୁ ଯୁଗ ସମୟରେ ଉତ୍ତର-ଭାରତରେ ଦିଲ୍ଲୀ, ଆଜମୀର ଓ କନୌଜ ଏହି ତିନୋଟି ପ୍ରଧାନ ରାଜ୍ୟ ହୋଇଥିଲା । ଦିଲ୍ଲୀ ସମ୍ରାଟ ଅନଙ୍ଗପାଳଙ୍କ ବଡ଼ ଝିଅ କନୌଜ ରାଜାଙ୍କ ସଙ୍ଗେ ଏବଂ ସାନ ଝିଅ ଆଜମୀର ରାଜାଙ୍କ ସଙ୍ଗେ ବିବାହିତା ହୋଇଥିଲେ । ଅନଙ୍ଗପାଳଙ୍କର ପୁଅ ନ ଥିଲେ । ସେ ମୃତ୍ୟୁବେଳେ ଦୌହିତ୍ର ଆଜମୀରର ରାଜା ପୃଥ୍ୱୀରାଜଙ୍କୁ ନିଜ ଦିଲ୍ଲୀ ରାଜ୍ୟ ପ୍ରଦାନ କରି ପ୍ରାଣତ୍ୟାଗ କଲେ । ଅନଙ୍ଗପାଳଙ୍କ ଏହି କାର୍ଯ୍ୟ ଦିଲ୍ଲୀ, ଆଜମୀର ଓ କନୌଜ ତିନି ରାଜ୍ୟର ଏବଂ ତାହି ସଙ୍ଗେ ସଙ୍ଗେ ସମଗ୍ର ଭାରତର ଧ୍ୱଂସର କାରଣ ହୋଇଥିଲା ।

ତୋମର ଅନଙ୍ଗପାଳ ପୃଥ୍ୱୀରାଜ ଚୌହାନଙ୍କୁ ଦିଲ୍ଲୀ ସିଂହାସନ ପ୍ରଦାନ କରନ୍ତେ, ପୃଥ୍ୱୀରାଜ ଦିଲ୍ଲୀ ଆଜମୀଢ଼ ଉଭୟ ରାଜ୍ୟର ଅଧିକାରୀ ହେଲେ । ଅନଙ୍ଗପାଳ ଭାରତର ସମ୍ରାଟ୍ ଥିଲେ, ତେଣୁ ପୃଥ୍ୱୀରାଜ ବର୍ତ୍ତମାନ ଭାରତର ସମ୍ରାଟ ହେଲେ । କିନ୍ତୁ କନୋଜର ରାଜା ଜୟଚନ୍ଦ୍ର ପୃଥ୍ୱୀରାଜଙ୍କ ଶ୍ରୀ ଦେଖି ସହି ପାରିଲେ ନାହିଁ । ସେ ମନେ କଲେ, ସେ ଅନଙ୍ଗପାଳଙ୍କ ବଡ଼ ନାତି, ସୁତରାଂ ଦିଲ୍ଲୀ ସିଂହାସନ ପାଇଁ ପୃଥ୍ୱୀରାଜଙ୍କ ଅପେକ୍ଷା ତାଙ୍କର ଦାବି ଅଧିକ । ସେ ପୃଥ୍ୱୀରାଜଙ୍କୁ ସମ୍ରାଟ ବୋଲି ସ୍ୱୀକାର କଲେ ନାହିଁ ଏବଂ ନିଜକୁ ଭାରତର ସମ୍ରାଟ ବୋଲି ଘୋଷଣା କରିବା ସକାଶେ ଗୋଟିଏ ରାଜସୂୟ ଯଜ୍ଞ କଲେ ।

ରାଜସୂୟ ଯଜ୍ଞକୁ ଅଧୀନ ରାଜା ସମସ୍ତେ ଆସନ୍ତି ଏବଂ ଯଜ୍ଞଗୃହରେ ଅଧୀନତା-ସୂଚକ କିଛି ନା କିଛି କାର୍ଯ୍ୟ କରନ୍ତି । କିଏ ଦ୍ୱାର ଜଗେ, କିଏ ଅଇଁଠ ପକାଏ, କିଏ ଚାମର ଢାଳେ, କିଏ ଫୁଲ ଦିଏ, କିଏ ବା ଚନ୍ଦନ ଦିଏ । ଯେଉଁ ରାଜା ଯଜ୍ଞକୁ ନ ଆସନ୍ତି, ସମ୍ରାଟ୍ ତା ସଙ୍ଗେ ଯୁଦ୍ଧ କରି ତାକୁ ସେଠାକୁ ଆସିବାକୁ ବାଧ୍ୟ କରନ୍ତି । ଏଥି ସଙ୍ଗରେ ତ ପୃଥ୍ୱୀରାଜ ମିଶିବାର କଥା ନୁହେଁ । ପୃଥ୍ୱୀରାଜଙ୍କ ଭଗିନୀପତି ମେବାରର ରାଣା ଅମରସିଂହ ମଧ୍ୟ ପୃଥ୍ୱୀରାଜଙ୍କ ପକ୍ଷ ନେଇ ସେହି ଯଜ୍ଞକୁ ଆସିଲେ ନାହିଁ । ଜୟଚନ୍ଦ୍ର ସେମାନଙ୍କ ସଙ୍ଗେ ଯୁଦ୍ଧ କରିବାକୁ ସାହସ କଲେ ନାହିଁ । କାରଣ ସେ ଦୁହେଁ ବଡ଼ ବୀର ଓ ଅତି ପରାକ୍ରାନ୍ତ ଥିଲେ । ଜୟଚନ୍ଦ୍ର ସେ ଦୁହିଙ୍କ ସୁନାର ପ୍ରତିମୂର୍ତ୍ତି ନିର୍ମାଣ କଲେ ଏବଂ ସେହି ଦୁଇ ପ୍ରତିମୂର୍ତ୍ତି ଦ୍ୱାରଦେଶରେ ଦ୍ୱାରୀବେଶରେ ସ୍ଥାପନ କରି ଯଜ୍ଞ ଆରମ୍ଭ କଲେ । ଉପସ୍ଥିତ ରାଜାମାନେ ମନେ କଲେ ଏହି ବଡ଼ ଅପମାନ ପୃଥ୍ୱୀରାଜ ଓ ଅମରସିଂହ କେବେ ସହିବେ ନାହିଁ ।

ଯଜ୍ଞ ଶେଷ ହେଲା । ଯଜ୍ଞ ଶେଷରେ ଜୟଚନ୍ଦ୍ରଙ୍କ ଝିଅ ସଂଯୁକ୍ତାଙ୍କର ସ୍ୱୟମ୍ବର ହେଲା । ସଂଯୁକ୍ତା ଅନ୍ୟ କୌଣସି ରାଜାଙ୍କୁ ମନ କଲେ ନାହିଁ ।



ସେ ପୃଥ୍ୱୀରାଜଙ୍କୁ ସ୍ୱାମୀରୂପେ ପାଇବାକୁ ଇଚ୍ଛା କଲେ ଏବଂ ତାଙ୍କ ମୂର୍ତ୍ତିର ଗଳାରେ ବରଣମାଳା ଦେଲେ । ପୃଥ୍ୱୀରାଜ ଓ ତାଙ୍କ ସୈନ୍ୟମାନେ ନିକଟରେ ଲୁଚି ରହିଥିଲେ । ସଂଯୁକ୍ତା ବରଣମାଳା ଦଅନ୍ତେ ପୃଥ୍ୱୀରାଜ ତାଙ୍କୁ ନିଜ ଘୋଡ଼ା ଉପରେ ବସାଇ ଦିଲ୍ଲୀକୁ ପଳାଇଗଲେ । ଯଜ୍ଞ ସଭାରେ ହୁଲସ୍ଥୂଳ ପଡ଼ିଗଲା । ପୃଥ୍ୱୀରାଜଙ୍କୁ ଗୋଡ଼ାଇବା ଲାଗି ଜୟଚନ୍ଦ୍ର ନିଜ ସୈନ୍ୟମାନଙ୍କୁ ଆଦେଶ ଦେଲେ । କିନ୍ତୁ ପୃଥ୍ୱୀରାଜଙ୍କ ସୈନ୍ୟମାନେ

ସେମାନଙ୍କ ସଙ୍ଗେ ଯୁଦ୍ଧ କଲେ । ଭୟଙ୍କର ଯୁଦ୍ଧ ହେଲା । ଇତିମଧ୍ୟରେ ପୃଥ୍ୱୀରାଜ ନିର୍ବିଘ୍ନରେ ଦିଲ୍ଲୀରେ ପହଞ୍ଚି ସଂଯୁକ୍ତାଙ୍କୁ ବିବାହ କଲେ ।

ଜୟଚନ୍ଦ୍ର ଏପରି ଅପମାନ କିପରି ସହୁଛନ୍ତି ? କିନ୍ତୁ, ପୃଥ୍ୱୀରାଜଙ୍କ ପରି ବୀର ସଙ୍ଗେ ଯୁଦ୍ଧ କରିବାକୁ ତାଙ୍କର ସାହସ କାହିଁ ? ତାଙ୍କ ହୃଦୟ ଈର୍ଷାରେ ପୋଡ଼ିବାକୁ ଲାଗିଲା; ତେଣୁ ସେ ଜଣେ ଭାରତର ଶତ୍ରୁକୁ ପୃଥ୍ୱୀରାଜଙ୍କ ରାଜ୍ୟ ଆକ୍ରମଣ କରିବା ସକାଶେ ଡାକିଲେ ।

ଏହି ଶତ୍ରୁ ଘୋରଦେଶର ରାଜା ସିହାବୁଦ୍ଦିନ ମହମ୍ମଦ । ଏହାଙ୍କୁ ଲୋକେ ମହମ୍ମଦ ଘୋରି କହନ୍ତି । ଏ ନଅ ଥର ଭାରତ ଆକ୍ରମଣ କରିଥିଲେ ଏବଂ ପୃଥ୍ୱୀରାଜଙ୍କ ସଙ୍ଗେ ଯୁଦ୍ଧ କରିବା ପୂର୍ବରୁ ଅନେକଥର ଭାରତ ଆକ୍ରମଣ କରି ପଞ୍ଜାବ ଅଧିକାର କରିଥିଲେ ।

ସାହାବୁଦ୍ଦିନ ମହମ୍ମଦ ଘୋରିଙ୍କ ବଡ଼ ଭାଇ ଗିଆସୁଦ୍ଦିନ ଘୋର ଦେଶର ରାଜା ଥିଲେ ଏବଂ ସାହାବୁଦ୍ଦିନ ତାଙ୍କ ତଳେ ସେନାପତି କାର୍ଯ୍ୟ କରୁଥିଲେ । ସେ ଜଣେ ବିଖ୍ୟାତ ସେନାପତି ଥିଲେ । ମାମୁଦଙ୍କ ପରେ ତାଙ୍କ ବଂଶଧରମାନେ ତାଙ୍କ ସାମ୍ରାଜ୍ୟକୁ କେତେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ କରି ଶାସନ କରୁଥିଲେ । ସାହାବୁଦ୍ଦିନ ସେ ସମସ୍ତ ଜୟ କରିବାରୁ ଗିଆସୁଦ୍ଦିନ ତାଙ୍କୁ ଗଜନୀର ରାଜା କରିଥିଲେ ଗିଆସୁଦ୍ଦିନଙ୍କ ମୃତ୍ୟୁ ପରେ ସାହାବୁଦ୍ଦିନ ଘୋର ଦେଶର ମଧ୍ୟ ରାଜା ହୋଇଥିଲେ । ମାମୁଦ କେବଳ ଧନ ଲୁଣ୍ଠନ ଓ ଧର୍ମ ପ୍ରଚାର ସକାଶେ ଭାରତ ଆକ୍ରମଣ କରିଥିଲେ; କିନ୍ତୁ ସାହାବୁଦ୍ଦିନ ମହମ୍ମଦ ଘୋରିଙ୍କର ସେପରି ଅଭିପ୍ରାୟ ନ ଥିଲା । ଭାରତରେ ମୁସଲମାନ ରାଜ୍ୟ ସ୍ଥାପନ କରିବେ ବୋଲି ତାଙ୍କର ମୂଳରୁ ସ୍ଥିରସଂକଳ୍ପ ଥିଲା ।

ପୃଥ୍ୱୀରାଜଙ୍କୁ ଯୁଦ୍ଧରେ ଏକାକୀ ପାରିଲେ ନାହିଁ ବୋଲି ଜାଣି ଯେତେବେଳେ ଜୟଚନ୍ଦ୍ର କାପୁରୁଷ ହୋଇ ମହମ୍ମଦ ଘୋରୀଙ୍କ ସାହାଯ୍ୟ ପ୍ରାର୍ଥନା କଲେ, ଘୋରୀଙ୍କୁ ସୁବିଧା ମିଳିଗଲା । ପୃଥୀରାଜ ବହୁ ସୈନ୍ୟ ସଂଗ୍ରହ କରି ମହମ୍ମଦଙ୍କ ସଙ୍ଗେ ପ୍ରସିଦ୍ଧ **ତିରୋରୀ** କ୍ଷେତ୍ରରେ ଭୀଷଣ ଯୁଦ୍ଧ କଲେ (୧୧୯୧) । ପୃଥ୍ୱୀରାଜଙ୍କ ଭାଇ ଦ୍ୱନ୍ଦ୍ୱ ଯୁଦ୍ଧରେ ମହମ୍ମଦଙ୍କୁ ଭୀଷଣ ଭାବରେ ଆଘାତ କଲେ । ମହମ୍ମଦ ସୈନ୍ୟମାନଙ୍କ ସହିତ ପରାସ୍ତ ହୋଇ ପଳାୟନ କଲେ । ହିନ୍ଦୁମାନେ ପଳାଇବା ଶତ୍ରୁର ପଛରେ ଗୋଡ଼ାଇ ମାରନ୍ତି ନାହିଁ । ମହମ୍ମଦ ସେ ଥରକ ପ୍ରାଣ ବଞ୍ଚାଇ ପଳାଇଗଲେ । କିନ୍ତୁ ବୀର ମହମ୍ମଦଙ୍କୁ ଏପରି ପଳାଇ ଯାଇ ପ୍ରାଣ ବଞ୍ଚାଇବା ବଡ଼ ଲଜ୍ଜା ବୋଧ ହେଲା । ସେ ସୈନ୍ୟମାନଙ୍କୁ ଗଧ ଘୋଡ଼ା ପରି ବେକରେ ମୁଣା ବାନ୍ଧି ଖାଇବାକୁ ଦେଲେ । ସୈନ୍ୟମାନେ ନିଜକୁ ମନୁଷ୍ୟ ବୋଲି ଯୁଦ୍ଧରେ ପ୍ରମାଣ ଦେବାକୁ ବ୍ୟାକୁଳ ହେଲେ ।

୧୧୯୨ ରେ ତରୋରୀ କ୍ଷେତ୍ରରେ ପୁଣି ଯୁଦ୍ଧ ହେଲା । ମହମ୍ମଦ ପ୍ରାଣପଣେ ଯୁଦ୍ଧ କରି ମଧ୍ୟ ରାଜପୁତମାନଙ୍କୁ ହରାଇ ପାରିଲେ ନାହିଁ, ତେଣୁ ସେ ପଳାଇଯିବାର ଛଳନା କଲେ, କିନ୍ତୁ ସୈନ୍ୟମାନଙ୍କୁ ଯୁଦ୍ଧ ନିୟମରେ ସଜାଇ ରଖିଥାନ୍ତି । ରାଜପୁତମାନେ ମନେ କଲେ, ପୂର୍ବବତ ପରି ମହମ୍ମଦ ହାରିଯାଇ ପଳାଇଗଲେ । ସେମାନେ ନିଜର ଧାଡ଼ିମାନ ଭାଙ୍ଗି ବିଶୃଙ୍ଖଳ ହେଲେ । ଏହା ଦେଖି ମହମ୍ମଦ ପିଠି ଓଲଟାଇ ସେମାନଙ୍କୁ ପୁଣି ଆକ୍ରମଣ କଲେ । ରାଜପୁତମାନେ ଆଉ ପାରିଲେ ନାହିଁ । ପୃଥ୍ୱୀରାଜ ବନ୍ଦୀ ହେଲେ । ମହମ୍ମଦ ତାଙ୍କର ପ୍ରାଣଦଣ୍ଡ ବିଧାନ କଲେ । ଦିଲ୍ଲୀ ଓ ଅଜମୀର ମହମ୍ମଦଙ୍କର ହସ୍ତଗତ ହେଲା ।

୧୧୯୩ ରେ ମହମ୍ମଦ କନୌଜ ଆକ୍ରମଣ କଲେ । ଜୟଚନ୍ଦ୍ର ପରାସ୍ତ ଓ ନିହତ ହେଲେ ।

ମହମ୍ମଦ ନିଜ ସେନାପତି କୁତବୁଦ୍ଦିନଙ୍କୁ ଦିଲ୍ଲୀ, ଆଜମୀର ଓ କନୌଜର ଶାସନଭାର ଦେଇ ନିଜ ଦେଶକୁ ଫେରିଗଲେ ।

ଯେଉଁ ରାଜପୁତମାନେ ମୁସଲମାନମାନଙ୍କ ଦ୍ୱାରା ପରାସ୍ତ ହୋଇ ଗାଙ୍ଗେୟ ସମତଳଭୂମିରୁ ତାଡ଼ିତ ହୋଇଥିଲେ, ସେମାନେ ଦଳବଳ ନେଇ ରାଜପୁତାନାର ମରୁଭୂମିରେ ନୂତନ ରାଜ୍ୟ ସ୍ଥାପନ କରିବାକୁ ଆରମ୍ଭ କଲେ । ଜୟଚନ୍ଦ୍ରଙ୍କ ବଂଶୀୟ ରାଠୋରମାନେ ଏହାର ପ୍ରଧାନ ଦୃଷ୍ଟାନ୍ତ । ସେମାନେ ରାଜପୁତାନାକୁ ଆସି ମାରବାର ରାଜ୍ୟ ସ୍ଥାପନ କଲେ । ଏହି ମରୁପ୍ରଦେଶକୁ ମୁସଲମାନମାନେ ସହଜରେ ପଶି ପାରୁ ନ ଥିଲେ । ମରୁଭୂମିର କଷ୍ଟ ସହି କରିବାକୁ ସେମାନଙ୍କର ସାହସ ନ ଥିଲା ।

---

## ଷୋଡ଼ଶ ଅଧ୍ୟାୟ

## ମୁସଲମାନ ରାଜତ୍ୱକାଳ

### ଦାସବଂଶ (୧୨୦୬—୧୨୯୦)

**କୁତବୁଦ୍ଦିନ**—ମହମ୍ମଦ ଘୋରୀଙ୍କ ମୃତ୍ୟୁ ପରେ କୁତବୁଦ୍ଦିନ ନିଜକୁ ଦିଲ୍ଲୀର ସମ୍ରାଟ ବୋଲି ଘୋଷଣା କଲେ (୧୨୦୬) । ସେ ଭାରତବର୍ଷର ପ୍ରଥମ ମୁସଲମାନ ବାଦଶାହ । ଏହାଙ୍କଠାରୁ ଦାସବଂଶର ଆରମ୍ଭ ହେଲା । କୁତବୁଦ୍ଦିନ ନିଜେ ଦାସ ଥିଲେ । ତାଙ୍କ ପରେ ଦାସବଂଶରେ ଆଉ ଯେତେ ଜଣ ରାଜା ହୋଇଥିଲେ, ସମସ୍ତେ କ୍ରୀତଦାସ କିମ୍ବା କ୍ରୀତଦାସଙ୍କ ବଂଶଧର ଥିଲେ, ତେଣୁ ଏହି ବଂଶକୁ ଦାସବଂଶ କୁହାଯାଏ ।

କୁତବୁଦ୍ଦିନ ତୁର୍କ ଦେଶର ଲୋକ । ପିଲାଦିନରେ ତାଙ୍କୁ ଜଣେ ବଣିକ୍ କିଣି ନେଇ ବହୁତ ଲାଭରେ ମହମ୍ମଦ ଘୋରୀଙ୍କଠାରେ ବିକି ଦେଇଥିଲା । କୁତବୁଦ୍ଦିନ ବଡ଼ ବୁଦ୍ଧିମାନ୍ ଓ ପ୍ରଭୁଭକ୍ତ ଥିଲେ । ତାଙ୍କ କାମରେ ମହମ୍ମଦ ବଡ଼ ସନ୍ତୁଷ୍ଟ ଥିଲେ, ତେଣୁ ସେ କ୍ରମେ ବଡ଼ ବଡ଼ ପଦ ପାଇ ଶେଷରେ ମହମ୍ମଦଙ୍କ ସେନାପତି ହୋଇଥିଲେ ଏବଂ ମହମ୍ମଦଙ୍କ ମୃତ୍ୟୁ ପରେ ଦିଲ୍ଲୀର ବାଦଶାହ ହେଲେ ।

କୁତବ ସାହସୀ, ଯୋଦ୍ଧା, ଚତୁର ସେନାପତି ଓ ଗୁଣଗ୍ରାହକ ଥିଲେ । ସେ ଦିଲ୍ଲୀରେ ଗୋଟିଏ ପ୍ରକାଣ୍ଡ ମସଜିଦ୍ ଓ ଗୋଟିଏ ପ୍ରକାଣ୍ଡ ସ୍ତମ୍ଭ ନିର୍ମାଣ କରିଥିଲେ । ଖ୍ୱାଜା କୁତବୁଦ୍ଦିନ ନାମକ ଜଣେ ମୁସଲମାନ ଫକୀରଙ୍କ ସ୍ମୃତିରକ୍ଷା ପାଇଁ ଏହି ମସଜିଦ୍ ଓ ସ୍ତମ୍ଭ ନିର୍ମିତ ହୋଇଥିଲା । ସେହି ମସଜିଦକୁ 'କୁତବ ମସଜିଦ' ଓ ସ୍ତମ୍ଭକୁ 'କୁତବ ମିନାର' କହନ୍ତି ।



କୁତବ ମିନାର

କୁତବମିନାର ଦେଖିବାକୁ ବଡ଼ ସୁନ୍ଦର । ଏହା ୨୩୮ ଫୁଟ ଉଚ ଏବଂ ପୃଥିବୀର ଗୋଟିଏ ଉଚ୍ଚତମ ସ୍ତମ୍ଭ । ଭୂପୃଷ୍ଠରେ ଏହାର ବ୍ୟାସ ୪୭ ଫୁଟ । ଏହା କ୍ରମେ ସରୁ ହୋଇ ଉପରକୁ ଯାଇଅଛି । ସବା ଉପରେ ଏହାର ବ୍ୟାସ ୯ ଫୁଟ ମାତ୍ର । ଏହି ସ୍ତମ୍ଭ ଆଜିପର୍ଯ୍ୟନ୍ତ ଅଛି । କୁତବ ଏହି ସ୍ତମ୍ଭର ନିର୍ମାଣକାର୍ଯ୍ୟ ଆରମ୍ଭ କରିଥିଲେ ସତ, କିନ୍ତୁ ଶେଷ କରି ପାରି ନ ଥିଲେ । ପରେ ସେ ପୋଲୋ ଖେଳ ଖେଳୁ ଖେଳୁ ଘୋଡ଼ା ଉପରୁ ପଡ଼ି ପ୍ରାଣତ୍ୟାଗ କରିଥିଲେ (୧୨୧୦—୧୧) । ତାଙ୍କ ପରେ ତାଙ୍କ ପୁଅ ଆରାମ ରାଜା ହୋଇଥିଲେ । କିନ୍ତୁ ଇଲତୁତମିସ ବୋଲି କୁତବଙ୍କର ଜଣେ ଦାସ ତାଙ୍କୁ ତଡ଼ି ଦେଇ ସିଂହାସନ ଅଧିକାର କଲେ ଇଲ୍‌ତୁତମିସ୍ କୁତବଙ୍କ ଝିଅକୁ ବିବାହ କରିଥିଲେ । ସେ କୋଡ଼ିଏ ବର୍ଷ ରାଜତ୍ୱ କରିଥିଲେ ଏବଂ 'କୁତବମିନାର'ର ନିର୍ମାଣକାର୍ଯ୍ୟ ଶେଷ କରିଥିଲେ । କେହି କେହି କହନ୍ତି, ଦିଲ୍ଲୀର ଚୌହାନ ସମ୍ରାଟଙ୍କ ନିର୍ମିତ ସ୍ମୃତିସ୍ତମ୍ଭ ଭାଙ୍ଗି ତହିଁର ଉପକରଣରେ କୁତବମିନାର ନିର୍ମିତ ହୋଇଥିଲା ।

**ଇଲତୁତମିସ୍**—ଇଲତୁତମିସ୍ ଜଣେ ଯୋଗ୍ୟ ବ୍ୟକ୍ତି ଥିଲେ । ମଧ୍ୟଆସିଆର ଜଣେ ପ୍ରବଳ ଲୁଣ୍ଠନକାରୀ ମୋଗଲ ଚେଙ୍ଗିଜ୍ ଖାଁ ଏହାଙ୍କ ରାଜତ୍ୱରେ ଭାରତ ଆକ୍ରମଣ କରିଥିଲେ । ତାହାଙ୍କର ଏକ ପ୍ରକାଣ୍ଡ ସେନା ଥିଲା ଏବଂ ସେ ଯେଉଁଆଡ଼େ ଯାଉଥିଲେ, ଗ୍ରାମମାନ ପୋଡ଼ି ଦେଉଥିଲେ ଓ ଲୁଣ୍ଠନ କରୁଥିଲେ । ସେ ଅତି ରକ୍ତପିପାସୁ ଥିଲେ ଏବଂ ଲୋକମାନଙ୍କୁ ହାଣି ପକାଇବାରେ ଟିକିଏ ସୁଦ୍ଧା ଦୟା ବା ଘୃଣା ପ୍ରକାଶ କରୁ ନ ଥିଲେ । ତାଙ୍କର ନାମ ଶୁଣିଲେ ଲୋକେ କଦଳୀପତ୍ର ପରି ଥରୁଥିଲେ । ସେ ଯେତେବେଳେ ଭାରତର ସୀମାନ୍ତରେ ଉପସ୍ଥିତ ହେଲେ, ଭାରତର ଲୋକେ ପ୍ରମାଦ ଗଣିଲେ । ଯାହାହେଉ, ଚେଙ୍ଗିଜ୍

ସିନ୍ଧୁନଦ ପର୍ଯ୍ୟନ୍ତ ଅଗ୍ରସର ହୋଇ ସେଠାରୁ ନିଜ ଦେଶକୁ ବାହୁଡ଼ି ଗଲେ ।

ଆରମଙ୍କ ରାଜତ୍ୱରେ ସିନ୍ଧୁ ଓ ବଙ୍ଗଳାର ଶାସନକର୍ତ୍ତାମାନେ ସ୍ୱାଧୀନ ହୋଇଥିଲେ । ଇଲତୁତମିସ୍ ସେମାନଙ୍କୁ ବଧ କରି ସେହି ଦୁଇ ପ୍ରଦେଶକୁ ନିଜ ଅଧୀନକୁ ଆଣିଲେ । ସେ ମାଳବ ଅଧିକାର ନିମନ୍ତେ କେତେ ବର୍ଷ ଯୁଦ୍ଧ କଲେ । ମାଳବ ରାଜା ଶେଷରେ ପରାସ୍ତ ହୋଇ ଅଧୀନତା ସ୍ୱୀକାର କଲେ । ମାଳବ ରାଜଧାନୀର ଉଜ୍ଜୟିନୀ ନଗରୀରେ ମହାକାଳଙ୍କ ପ୍ରସିଦ୍ଧ ଶିବମନ୍ଦିର ଥିଲା । ଇଲତୁତମିସ୍ ସେହି ମନ୍ଦିର ଭାଙ୍ଗି ଧ୍ୱଂସ କରି ଦେଇଥିଲେ । ସେ ୧୨୩୬ ଖ୍ରୀ: ଅ: ରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ରାଜତ୍ୱରେ ଦିଲ୍ଲୀ ମୁସଲମାନ ଶିକ୍ଷା ଓ ସଭ୍ୟତାର ଗୋଟିଏ କେନ୍ଦ୍ର ହୋଇଥିଲା ।

**ରେଜିୟା ବୁଦ୍ଦିନ**—ଇଲତୁତମିସଙ୍କ ପୁଅମାନେ ଅଯୋଗ୍ୟ ଥିଲେ; ତେଣୁ ସେ ଯୁଦ୍ଧରେ ସ୍ଥାନାନ୍ତର ଯିବାବେଳେ ନିଜ ଝିଅ ରେଜିୟାଙ୍କୁ ରାଜକାର୍ଯ୍ୟର ଭାର ଦେଇ ଯାଉଥିଲେ । ପିତାଙ୍କ ଅନୁପସ୍ଥିତିରେ ରେଜିୟା ପୁରୁଷବେଶରେ ସୁନ୍ଦରରୂପେ ରାଜକାର୍ଯ୍ୟ ନିର୍ବାହ କରୁଥିଲେ । ସେ ଘୋଡ଼ାପିଠିରେ ବର୍ଷା ସାଙ୍କୁ ଧରି ଯୁଦ୍ଧ-କ୍ଷେତ୍ରକୁ ଯାଇ ଯୁଦ୍ଧ ମଧ୍ୟ କରୁଥିଲେ । ସେ ଏପରି ସୁନ୍ଦରୀ ଥିଲେ ଯେ, ତାଙ୍କ ଦେହ ତରଳ ସୁନା ପରି ହଳଦିଆ ଥିଲା । ରୂପ-ଗୁଣ କାହିଁରେ ସେ ଊଣା ନ ଥିବାରୁ ଇଲତୁତମିସ୍ ମୃତ୍ୟୁ ପୂର୍ବରୁ ତାଙ୍କୁ ନିଜ ସିଂହାସନ ଦେଇ ମଲେ ।

ରେଜିୟା ୧୨୩୬ ଖ୍ରୀ: ଅ:ରୁ ୧୨୪୦ ପର୍ଯ୍ୟନ୍ତ ଚାରି ବର୍ଷ ସୁନ୍ଦରରୂପେ ରାଜତ୍ୱ କଲେ । କିନ୍ତୁ ସେ ଜଣେ କାଫ୍ରି ଦାସକୁ ଅତ୍ୟନ୍ତ

ସ୍ନେହ କରୁଥିଲେ ଏବଂ ତାଙ୍କୁ କ୍ରମେ ଉଚ୍ଚ ଉଚ୍ଚ ପଦକୁ ଉନ୍ନୀତ କଲେ । ଶେଷରେ ରେଜିୟାତ୍ ସେହି ଦାସଙ୍କୁ ବିବାହ କରିବାରୁ ତାଙ୍କ ଅମୀରମାନେ ଈର୍ଷାପରବଶ ହୋଇ ବିଦ୍ରୋହ କଲେ ଏବଂ ତାଙ୍କ ସ୍ୱାମୀଙ୍କୁ ବଧ କରି ରେଜିୟାତ୍‌ଙ୍କୁ ସିଂହାସନରୁ ତଡ଼ିଦେଲେ । ଏହି ଅପମାନ ସହି ନ ପାରି ନାରୀ ରେଜିୟାତ୍ ପ୍ରାଣତ୍ୟାଗ କଲେ । ଏହି ଭାଗ୍ୟବତୀଙ୍କ ଛଡ଼ା ଅନ୍ୟ କୌଣସି ରମଣୀ ଦିଲ୍ଲୀର ସିଂହାସନରେ ବସି ନାହାନ୍ତି ।



ରେଜିୟାତ୍ ବେଗମ

**ନାସିରୁଦ୍ଦିନ—(୧୨୪୬—୧୨୬୬)**—ନାସିରୁଦ୍ଦିନ ନିତାନ୍ତ ସରଳ ଓ ରାଜା ହେବାର ଅଯୋଗ୍ୟ ବ୍ୟକ୍ତି ଥିଲେ, ତଥାପି ସେ ମନ୍ତ୍ରୀ ବଲ୍‌ବନଙ୍କ ହେତୁ ୨୦ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଅତିଶୟ ଧର୍ମପରାୟଣ ଓ ଚରିତ୍ରବାନ୍ ଲୋକ ଥିଲେ । ସେ ଏପରି ସୌଜନ୍ୟଶୀଳ ବ୍ୟକ୍ତି ଥିଲେ ଯେ, ସେ ସମ୍ବନ୍ଧରେ ଗୋଟିଏ ଗଳ୍ପ ପ୍ରଚଳିତ ଅଛି । ଥରେ ସେ ତାଙ୍କର ନିଜ ଲିଖିତ କୋରାନ ପୋଥି ଜଣେ ବନ୍ଧୁଙ୍କୁ ଦେଖାଉଥିଲେ । ବନ୍ଧୁ ସମ୍ରାଟ୍‌ଙ୍କ ଲେଖାରେ ଗୋଟିଏ ଭୁଲ ଦେଖାଇ ଦେଲେ । ସମ୍ରାଟ୍ ସେହିକ୍ଷଣି ବନ୍ଧୁଙ୍କ ଆଗରେ ତାଙ୍କ କହିବା ମତେ ଭୁଲ ସ୍ଥାନଟି ପେନ୍‌ସିଲରେ ସଂଶୋଧନ କରିଦେଲେ । ବନ୍ଧୁ ଚାଲିଯିବା ପରେ ପେନ୍‌ସିଲ ଲେଖାଟି ପୁଣି ଲିଭାଇ ଦେଲେ । ରାଜପରିବାରର କେହି ବ୍ୟକ୍ତି ଏଥିର କାରଣ ପଚାରିବାରୁ ସେ କହିଲେ, "ତାହା ପ୍ରକୃତରେ ଭୁଲ ନ ଥିଲା, କିନ୍ତୁ ବନ୍ଧୁଙ୍କୁ ଏହା ଭୁଲ ନୁହେଁ ବୋଲି କହିଥିଲେ, ସେ ମନରେ

କଷ୍ଟ କରିଥାନ୍ତେ; ଏଣୁ ମୁଁ ତାଙ୍କ ଆଗରେ ପେନ୍‌ସିଲ ଟଙ୍କା ଦେଇଥିଲି ।" ନସିରୁଦ୍ଦିନ କୌଣସି ପ୍ରକାର ଭୋଗବିଳାସରେ ଆସକ୍ତ ରହୁ ନ ଥିଲେ ଏବଂ ନିତାନ୍ତ ଦରିଦ୍ର ପରି ବାସ କରୁଥିଲେ । ସେ କହୁଥିଲେ ଯେ, ରାଜା ପ୍ରଜାର ଅର୍ଥ ଖର୍ଚ୍ଚ କରିବା ଅନୁଚିତ । ସେ କୋରାନ ପୋଥି ଲେଖି ସେଥିରୁ ଯାହା ଉପାର୍ଜନ କରୁଥିଲେ, ତଦ୍ଦ୍ୱାରା ନିଜ ଜୀବିକା ଚଳାଉଥିଲେ ଏବଂ ରାଜକୋଷରୁ ପଇସା ଖର୍ଚ୍ଚ କରୁ ନ ଥିଲେ । ସେ ଦାସ ଦାସୀ କିଛି ରଖି ନ ଥିଲେ ଏବଂ ନିଜର ସବୁ କାର୍ଯ୍ୟ ସେ ଓ ତାଙ୍କ ରାଣୀ ନିଜ ହାତରେ କରୁଥିଲେ । ତାଙ୍କ ମନ୍ତ୍ରୀ ଗିୟାସୁଦ୍ଦିନ ବଲ୍‌ବନ୍ ରାଜ୍ୟର ସମସ୍ତ କାର୍ଯ୍ୟ ଚଳାଉଥିଲେ ।

**ବଲ୍‌ବନ୍** – ବଲ୍‌ବନ୍ ପ୍ରଥମେ ଇଲତୁତ୍‌ମିସଙ୍କର ଦାସ ଥିଲେ । ସେ ପରେ ତାଙ୍କ ଝିଅକୁ ବିବାହ କରିଥିଲେ । ନସିରୁଦ୍ଦିନଙ୍କ ପରେ ତାଙ୍କର ପୁଅ ନ ଥିବାରୁ ବଲ୍‌ବନ୍ ୧୨୬୬ ରେ ରାଜା ହେଲେ । ସେ ବଡ଼ ଚତୁର ଓ କାର୍ଯ୍ୟଦକ୍ଷ ଥିଲେ । ରାଜା ହୋଇ ସେ ବଡ଼ ସୁନ୍ଦର ଭାବରେ ରାଜ୍ୟ ଚଳାଇଥିଲେ । ସେ ଜଣେ କଠୋର ଶାସନକର୍ତ୍ତା ଥିଲେ । ତାଙ୍କୁ ଦେଖିଲେ ଲୋକେ ଥରି ଯାଉଥିଲେ । ତାଙ୍କ ଶାସନରେ ଶାନ୍ତି ବିରାଜିତ ଥିଲା । ସେ ରାଜ୍ୟର ସୀମା ବଢ଼ାଇଥିଲେ । ତାଙ୍କ ଅମଳରେ ବଙ୍ଗଳାର ଶାସନକର୍ତ୍ତା ତୁଗ୍ରଲ ଖାଁ ବିଦ୍ରୋହୀ ହୋଇଥିଲେ । ବଲ୍‌ବନ୍ ନିଜେ ଯାଇ ବିଦ୍ରୋହ ଦମନ କଲେ ଏବଂ ବିଦ୍ରୋହୀମାନଙ୍କର ଶବ ରାଜଧାନୀ ଲକ୍ଷଣାବତୀର ରାଜଦାଣ୍ଡରେ ଝୁଲାଇ ଦେଲେ । ତତ୍ପରେ ସେ ନିଜ ପୁଅ ମାମୁଦଙ୍କୁ ବଙ୍ଗର ଶାସନକର୍ତ୍ତା ପଦରେ ନିଯୁକ୍ତ କଲେ ଏବଂ ଝୁଲା ହୋଇଥିବା ଶବମାନ ତାଙ୍କୁ ଦେଖାଇ କହିଲେ, "ମାମୁଦ ! ଦେଖ, ବିଦ୍ରୋହ କଲେ ତୁମ୍ଭେ ମଧ୍ୟ ଏପରି ଦଣ୍ଡ ପାଇବ ।" ପୁତ୍ର, ଭାଇ, ବନ୍ଧୁ, ବଡ଼, ଛୋଟ, ସମସ୍ତଙ୍କ ପ୍ରତି ସେ ସମାନ ବିଚାର କରୁଥିଲେ ଏବଂ ଗୁପ୍ତଚର ରଖି ରାଜ୍ୟର ଖବର ବୁଝୁଥିଲେ ।

ବାଲ୍‌ବନ୍‌ଙ୍କ ରାଜତ୍ୱରେ ମୋଗଲମାନେ ପୁଣି ଭାରତ ଆକ୍ରମଣ କଲେ । ଦାରୁଣ ଯୁଦ୍ଧ ପରେ ସେମାନେ ପରାସ୍ତ ହୋଇଥିଲେ । ବଲ୍‌ବନ୍‌ ମିବାର ଓ ମାଳବର ରାଜପୁତମାନଙ୍କୁ ନୃଶଂସଭାବରେ ହତ୍ୟା କରିଥିଲେ । ସେ ପାରସ୍ୟ ସାହିତ୍ୟର ବିଶେଷ ଆଦର କରୁଥିଲେ ।

ଅମୀର୍‌ ଖୁସ୍ରୁ ତାଙ୍କ ରାଜସଭାରେ କବି ଥିଲେ । ବଲ୍‌ବନ୍‌ ୮୦ ବର୍ଷ ବୟସରେ ୧୨୮୬ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

**କୈକୋବାଦ (୧୨୮୬—୧୨୯୦)**—ବଲ୍‌ବନଙ୍କ ପରେ ତାଙ୍କ ନାତି କୈକୋବାଦ ସମ୍ରାଟ୍‌ ହେଲେ । ସେ ଭଲରୂପେ ରାଜ୍ୟ ଶାସନ ନ କରିବାରୁ ନାନା ବିଶୃଙ୍ଖଳା ଘଟିଲା; ତେଣୁ ଅମୀରମାନେ ତାଙ୍କୁ ମାରି ତାଙ୍କ ମନ୍ତ୍ରୀ ଜଲାଲୁଦ୍ଦିନ ଖିଲ୍‌ଜିଙ୍କୁ ସମ୍ରାଟ୍‌ ଗାଦିରେ ବସାଇଲେ ।

---

## ଖିଲ୍‌ଜିବଂଶ

(୧୨୯୦—୧୩୨୦)

**ଜଲାଲୁଦ୍ଦିନ ଖିଲିଜି**—ଜଲାଲୁଦ୍ଦିନ ୭୦ ବର୍ଷ ବୟସରେ ୧୨୯୦ ଖ୍ରୀଷ୍ଟାବ୍ଦରେ ସମ୍ରାଟ୍‌ ହୋଇ ଖିଲ୍‌ଜିବଂଶ ସ୍ଥାପନ କଲେ । ତାଙ୍କର ପୁଅ ନ ଥିବାରୁ ସେ ତାଙ୍କ ଭାଇର ପୁଅ ଆଲାଉଦ୍ଦିନଙ୍କୁ ନିଜ ଝିଅଙ୍କ ସଙ୍ଗେ ବିବାହ କରାଇଥିଲେ ଏବଂ ତାଙ୍କୁ ବଡ଼ ସ୍ନେହ କରୁଥିଲେ ।

ଦାସବଂଶ ଅମଳରେ ଉତ୍ତର ଭାରତରେ ମୁସଲମାନ ରାଜ୍ୟ ସ୍ଥାପିତ ହୋଇଥିଲା, କିନ୍ତୁ ସମଗ୍ର ଦାକ୍ଷିଣାତ୍ୟ, ଓଡ଼ିଶା, ରାଜପୁତାନା ଓ ଆସାମରେ ହିନ୍ଦୁ ରାଜାମାନେ ଶାସନ କରୁଥିଲେ । ଆଜିପର୍ଯ୍ୟନ୍ତ

କୌଣସି ମୁସଲମାନ ରାଜା ବିନ୍ଧ୍ୟର ଦକ୍ଷିଣରେ ଥିବା ଅଂଶକୁ ଅଗ୍ରସର ହୋଇ ନ ଥିଲେ । ଜଲାଲୁଦ୍ଦିନ ମାଲବ ଜୟ କରିବା ନିମନ୍ତେ ଆଠ ହଜାର ସୈନ୍ୟ ସହ ତାଙ୍କ ପୁତୁରା ଅଲ୍ଲାଉଦ୍ଦିନଙ୍କୁ ପଠାଇଥିଲେ । ଅଲ୍ଲାଉଦ୍ଦିନ ମାଲବ ଜୟ କରି, ବିନ୍ଧ୍ୟ ପର୍ବତ ପାରି ହେଲେ ଏବଂ ସାତ ଶହ ମାଇଲ ଦୂରବର୍ତ୍ତୀ ଯାଦବମାନଙ୍କର ଦେବଗିରି ରାଜ୍ୟ ଆକ୍ରମଣ କଲେ । ଦେବଗିରିକୁ ଆଜିକାଲି ଦୌଲତାବାଦ କହନ୍ତି । ଦୌଲତାବାଦ ଏବେ ନିଜାମଙ୍କ ରାଜ୍ୟରେ ଅଛି । ସେତେବେଳେ ଦେବଗିରିର ରାଜା ରାମଚନ୍ଦ୍ର ଦେବ ଅଲ୍ଲାଉଦ୍ଦିନଙ୍କ ଆକ୍ରମଣ ସକାଶେ ଆଦୌ ପ୍ରସ୍ତୁତ ନ ଥିଲେ । ସେ ସହଜରେ ପରାସ୍ତ ହେଲେ ଏବଂ ଅଲ୍ଲାଉଦ୍ଦିନଙ୍କୁ ବହୁ ଧନରତ୍ନ ଓ ଇଲିଚପୁର ନଗର ପ୍ରଦାନ କଲେ ।

ବିଜୟୀ ଅଲ୍ଲାଉଦ୍ଦିନ ଦିଲ୍ଲୀକୁ ଫେରି ଆସିଲେ । ସେହି ସମ୍ବାଦ ପାଇ ବୃଦ୍ଧ ପିତୃବ୍ୟ ଜଲାଲୁଦ୍ଦିନ ତାଙ୍କୁ କୁଣ୍ଢାଇବାକୁ ଗଲେ । ଅଲ୍ଲାଙ୍କ ପୂର୍ବ କୁମନ୍ତ୍ରଣା ଅନୁସାରେ କେତେକ ସିପାହୀ ବୃଦ୍ଧ ରାଜାଙ୍କ ବକ୍ଷରେ ଛୁରୀ ଭୁଷି ଦେଇ ମାରି ପକାଇଲେ । ନିଷ୍ଠୁର ଅଲ୍ଲା ୧୨୯୬ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନ ଆରୋହଣ କଲେ । ରାଜବଂଶୀୟ କେହି ବଞ୍ଚିଥିଲେ କାଳେ ତାଙ୍କ ସିଂହାସନ ସକାଶେ ବିବାଦ କରିବେ ବୋଲି ଅଲ୍ଲା ରାଜବଂଶର ସମସ୍ତଙ୍କୁ ମଧ୍ୟ ବଧ କରିଥିଲେ ।

**ଆଲ୍ଲାଉଦ୍ଦିନ ଖିଲିଜି** (୧୨୯୬—୧୩୧୬) ଅଲ୍ଲାଉଦ୍ଦିନ ଜଣେ ଦିଗ୍ବିଜୟୀ ସମ୍ରାଟ୍, କଠୋର ଶାସକ ଏବଂ ଖିଲିଜିବଂଶର ବିଖ୍ୟାତ ରାଜା ଥିଲେ । ମାଲିକ କଫୁର ନାମରେ ତାଙ୍କର ଜଣେ ସୁଦକ୍ଷ ସେନାପତି ଥିଲେ । ମାଲିକ ପ୍ରଥମେ ହିନ୍ଦୁ ଥିଲେ, କିନ୍ତୁ ପରେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ । ସେ ମଧ୍ୟ ଜଣେ କ୍ରୀତଦାସ ଥିଲେ ।



ଅଲ୍ଲାଉଦ୍ଦିନ

ଅଲ୍ଲାଉଦ୍ଦିନ୍ ଖଲଜୀର ସର୍ବପ୍ରଥମେ ଗୁଜରାଟ ଆକ୍ରମଣ କଲେ ଏବଂ ରାଜାଙ୍କୁ ପରାସ୍ତ କରି ତାଙ୍କ ରାଣୀ କମଳା ଦେବୀଙ୍କୁ ବଳପୂର୍ବକ ବିବାହ କଲେ । ଇତି ମଧ୍ୟରେ ଦେବଗିରିର ରାଜା ରାମଚନ୍ଦ୍ରଦେବ ବିଦ୍ରୋହ କରିଥିଲେ । ତେଣୁ ଅଲ୍ଲା ପୂର୍ବୋକ୍ତ ପ୍ରଧାନ ସେନାପତି ମାଲିକ କଫୁରଙ୍କୁ ପୁଣି ଥରେ ଦାକ୍ଷିଣାତ୍ୟକୁ ପଠାଇ ଯାଦବମାନଙ୍କର ଦେବଗିରି ରାଜ୍ୟ, ହୟଶାଳାମାନଙ୍କର ଦ୍ୱାରସମୁଦ୍ର (ମହୀସୁର) ରାଜ୍ୟ ଓ କାକତୀୟମାନଙ୍କର ବାରଙ୍ଗଲ ରାଜ୍ୟ ଜୟ କଲେ ଏବଂ ଆହୁରି ଦକ୍ଷିଣକୁ ଅଗ୍ରସର ହୋଇ ତାମିଲ ରାଜ୍ୟମାନ ମଧ୍ୟ ଅଧିକାର କଲେ । ଫଳରେ ଅଲ୍ଲାଉଦ୍ଦିନଙ୍କର ରାଜ୍ୟ ଉତ୍କଳ ଛଡ଼ା କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ।

କଫୁର ଦାକ୍ଷିଣାତ୍ୟରୁ ପର୍ବତାକାର ସୁନା ଦିଲ୍ଲୀକୁ ନେଇ ଯାଇଥିଲେ । ଅଲ୍ଲା ଯେତେବେଳେ ବୁଢ଼ା ହୋଇଗଲେ, ମାଲିକ କଫୁର ନିଜେ ରାଜା ହେବାକୁ ଚେଷ୍ଟା କଲେ । ତାଙ୍କ କୁପରାମର୍ଶରେ ପଡ଼ି ବୁଢ଼ା ରାଜା ପୁତ୍ରମାନଙ୍କୁ ବନ୍ଦୀ କରିଥିଲେ । । ଅଲ୍ଲାଙ୍କ ମୃତ୍ୟୁ ପରେ କଫୁର ପୁତ୍ରଙ୍କର ଜଣେ ଶିଶୁ ପୁତ୍ରକୁ ସିଂହାସନରେ ବସାଇ ନିଜେ ଶାସନକାର୍ଯ୍ୟ ଚଳାଇଲେ । କିନ୍ତୁ କଫୁରଙ୍କୁ ବଧ କରି ମୁବାରକ ନିଜେ ରାଜା ହୋଇଥିଲେ ।

**ଚିତୋର ଜୟ**—୧୩୦୦ ଖ୍ରୀଷ୍ଟାବ୍ଦରେ ଅଲ୍ଲା ରେନ୍ଥାମ୍ବର ଦୁର୍ଗ ଜୟ କରିଥିଲେ । ତାଙ୍କ ରାଜ୍ୟବିଜୟ ମଧ୍ୟରେ "ଚିତୋର ବିଜୟ" ପ୍ରସିଦ୍ଧ ଅଟେ । ଚିତୋରର ରାଣା ଭୀମସିଂହଙ୍କର ପତ୍ନୀ ପଦ୍ମିନୀ ଅତି ସୁନ୍ଦରୀ ଓ ଗୁଣବତୀ ଥିଲେ । ଅଲ୍ଲା ତାଙ୍କ ସୌନ୍ଦର୍ଯ୍ୟକଥା ଶୁଣି ତାଙ୍କୁ ପାଇବା ଆଶାରେ ଚିତୋର ଆକ୍ରମଣ କଲେ (୧୩୦୩) । ଚିତୋରର ଲୋକେ ବଡ଼ ବୀର ଥିଲେ । ଅଲ୍ଲା ଯେତେ ଚେଷ୍ଟା କଲେ ମଧ୍ୟ ସେମାନଙ୍କୁ ହରାଇ ପାରିଲେ ନାହିଁ । ଶେଷରେ ସେ କହିଲେ ଯେ ଦର୍ପଣରେ ପଦ୍ମିନୀଙ୍କ ମୁଖ ଦେଖିଲେ ସେ ଫେରିଯିବେ । ରାଣା ତାଙ୍କୁ ଦୁର୍ଗ ମଧ୍ୟକୁ ଡାକି ନେଇ, ତାଙ୍କ ଅନୁରୋଧ ରକ୍ଷା କଲେ । ଅଲ୍ଲା ବାହୁଡ଼ି ଆସିବାବେଳେ ଭୀମସିଂହ ତାଙ୍କ ସଙ୍ଗରେ ଦୁର୍ଗ ବାହାରକୁ ଗଲେ । ସେହି ସମୟରେ ଅଲ୍ଲାଙ୍କର ଲୁଚିଥିବା ସୈନ୍ୟମାନେ ଭୀମସିଂହଙ୍କୁ ବନ୍ଦୀ କଲେ । ଅଲ୍ଲା ବର୍ତ୍ତମାନ କହି ପଠାଇଲେ ଯେ ପଦ୍ମିନୀଙ୍କୁ ନ ପାଇଲେ ସେ ଭୀମସିଂହଙ୍କୁ ଛାଡ଼ିଦେବେ ନାହିଁ ।

ପଦ୍ମିନୀ ବଡ଼ ଚତୁରୀ ଥିଲେ । ସେ ଏହି ବିପଦରେ ହାରିବାର ସ୍ତ୍ରୀ ନ ଥିଲେ । ସେ ଅଲ୍ଲାଙ୍କର ପ୍ରସ୍ତାବରେ ସମ୍ମତା ହେଲେ ଏବଂ ସାତଶ ସବାରିରେ ତାଙ୍କ ନିକଟକୁ ଯିବେ ବୋଲି ସମ୍ବାଦ ଦେଲେ । ଏହା ଶୁଣି ଅଲ୍ଲା ବଡ଼ ଖୁସି ହେଲେ । କିନ୍ତୁ ପଦ୍ମିନୀ ନିଜେ ନ ଯାଇ ପ୍ରତି ସବାରିରେ ଜଣେ ଜଣେ ବଡ଼ ଯୋଦ୍ଧାଙ୍କୁ ସ୍ତ୍ରୀବେଶରେ ବସାଇଲେ । ପ୍ରତି ସବାରି ଛଅ ଜଣ ଯୋଦ୍ଧା ବାହକ ବେଶରେ ବୋହିଲେ ।

ପଦ୍ମିନୀଙ୍କ ସଙ୍ଗେ ଶେଷ ଦେଖା କରିବା ନିମନ୍ତେ ଅଲ୍ଲା ଭୀମସିଂହଙ୍କୁ ଛାଡ଼ିଦେଲେ । ଏହି ସୁଯୋଗରେ ଭୀମସିଂହ ଚିତୋରକୁ ପଳାୟନ କଲେ । ପଦ୍ମିନୀଙ୍କ ଆଗମନରେ ବିଳମ୍ବ ଦେଖି, ଅଲ୍ଲା ଲୋକ ପଠାଇଲେ । କିନ୍ତୁ ସେତେବେଳେ ଭୀମସିଂହ ଖଲାସ, ପଦ୍ମିନୀ ତ ଆସି

ନ ଥିଲେ । ପଠାଣ ସୈନ୍ୟମାନେ ଭୀମସିଂହଙ୍କୁ ଘୋଡ଼ାଇବାର ଚେଷ୍ଟା କଲେ । ଗୋରାବାଦଲମାନେ ସେମାନଙ୍କୁ ବାଧା ଦେଲେ । ଭୀଷଣ ଯୁଦ୍ଧ ହେଲା । ବହୁତ ସୈନ୍ୟ ଯୁଦ୍ଧରେ ପ୍ରାଣ ଦେଲେ ।

ଜଣେ ସ୍ତ୍ରୀର ବୁଦ୍ଧିରେ ଏପରି ପରାସ୍ତ ହୋଇ ଅଲ୍ଲାଙ୍କ ପ୍ରାଣରେ ବଡ଼ ଲଜ୍ଜା ଓ ଅପମାନ ହେଲା । ସେ ଦିଲ୍ଲୀକୁ ଫେରିଯାଇ ନୂତନ ସୈନ୍ୟ ନେଇ ପୁଣି ଚିତୋର ଆକ୍ରମଣ କଲେ । ରାଜପୁତମାନେ ଆଉ କେତେ ଦିନ ଦମ୍ଭ ଧରିବେ ! ସେମାନେ ଏଥର ପରାସ୍ତ ହେଲେ ଏବଂ ଯୁଦ୍ଧରେ ସମସ୍ତେ ପ୍ରାଣ ଦେଲେ । ପଦ୍ମିନୀ ଓ ଚିତୋରର ଅନ୍ୟ ସ୍ତ୍ରୀମାନେ ଅଗ୍ନିରେ ଝାସ ଦେଲେ । ସ୍ତ୍ରୀମାନଙ୍କର ଏପରି ନିଆଁରେ ଝାସ ଦେବାକୁ **ଜୋହର** କହନ୍ତି । ଅଲ୍ଲା ଚିତୋରକୁ ପଶି ଦେଖିଲେ, ସେଠାରେ କେହୁ ନାହିଁ, ଚିତୋର ଶ୍ମଶାନ ହୋଇଅଛି ।

**ମୋଗଲ ଆକ୍ରମଣ**—ଅଲ୍ଲାଙ୍କ ଅମଳରେ ମୋଗଲମାନେ ୧୫।୬ ଥର ଭାରତ ଆକ୍ରମଣ କରି ପ୍ରତିଥର ପରାସ୍ତ ହୋଇଥିଲେ । ଶେଷ ଆକ୍ରମଣ ବେଳେ ଦୁଇ ମାସ ପର୍ଯ୍ୟନ୍ତ ସେମାନେ ଦିଲ୍ଲୀ ଅବରୋଧ କରି ଥିଲେ । ଶେଷରେ ବିଫଳ ହୋଇ ଫେରିଗଲେ । ଜଲାଲଙ୍କ ଅମଳରେ ମୋଗଲମାନେ ଦିଲ୍ଲୀର ଏକ ପ୍ରାନ୍ତରେ ମୋଗଲପୁର ସ୍ଥାପନ କରି ସେଠାରେ ବାସ କରିଥିଲେ । ଶେଷ ମୋଗଲ ଆକ୍ରମଣ ଓ ଦିଲ୍ଲୀ ଅବରୋଧରେ ଅଲ୍ଲା ଏପରି ବିରକ୍ତ ହେଲେ ଯେ, ମୋଗଲପୁରର ସମସ୍ତ ମୋଗଲ ଅଧିବାସୀଙ୍କୁ ନିଷ୍ଠୁରଭାବରେ ପଶୁ ପରି ବଧ କରିଥିଲେ ।

ଅଲ୍ଲାଉଦ୍ଦିନ ୧୩୧୬ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

**ଶାସନ ପ୍ରବନ୍ଧ**—ଅଲ୍ଲା ଜଣେ ପ୍ରବୀଣ ଶାସକ ଥିଲେ । ପ୍ରଜାମାନେ ତାଙ୍କ ନାମ ଶୁଣିଲେ ଥରୁଥିଲେ । ରାଜ୍ୟରେ ଶାନ୍ତି ଥିଲା ।

ଶେର ଦସ୍ୟୁଙ୍କର ଭୟ ନ ଥିଲା । ସେ ନିଷ୍ଠୁର ଓ ଗର୍ବିତ ଥିଲେ ଏବଂ ଲୋକମାନଙ୍କୁ ନୃଶଂସଭାବରେ ବଧ କରୁଥିଲେ ।

ସେ ଦୁର୍ଦ୍ଦାନ୍ତ ଅମୀରମାନଙ୍କୁ ଆୟତ୍ତ କରି ରଖିଥିଲେ । କେହି ଯେପରି ଅତ୍ୟନ୍ତ ପରାକ୍ରମଶାଳୀ ନ ହୁଅନ୍ତି, ସେଥିଲାଗି ସେ ସବୁବେଳେ ମନୋଯୋଗୀ ଥିଲେ । କେହି ବେଶୀ ଧନ ସଞ୍ଚୟ କଲେ, କାଳେ ପଛେ ବିଦ୍ରୋହ କରିବ, ସେଥିଲାଗି ସେ ତାଠାରୁ ଅଧିକା ଧନ ଛଡ଼ାଇ ନେଉଥିଲେ । ଦୋକାନସବୁ କେତେବେଳେ ଖୋଲା ରହିବ, କେତେ ବେଳେ ବନ୍ଦ ରହିବ, ଜିନିଷ କ୍ରୟ ବିକ୍ରୟ, ମୂଲ୍ୟ ଓ ଓଜନ ସେ ସବୁ ଠିକ୍ କରିଥିଲେ । ଖାଇବା ଜିନିଷ ଖାଣ୍ଟି ନ ହେଲେ ଦୋକାନୀ କଡ଼ା ଦଣ୍ଡ ପାଉଥିଲା । ହିନ୍ଦୁମାନଙ୍କ ପ୍ରତି ସେ ନିଷ୍ଠୁର ବ୍ୟବହାର ଓ ଅତ୍ୟାଚାର କରୁଥିଲେ ଏବଂ ହିନ୍ଦୁମାନଙ୍କ ନିକଟରୁ ଉତ୍ପନ୍ନ ଶସ୍ୟର ଅଧେ କର ନେଉଥିଲେ । ତାଙ୍କ ଶାସନରେ କର ଦେଇ ଦେଇ ହିନ୍ଦୁମାନେ ଉଚ୍ଛନ୍ନ ହୋଇ ଯାଇଥିଲେ ।

ଏହି ବଂଶର ଆଉ ଦୁଇ ଜଣ ରାଜା ଥିଲେ । ଶେଷ ରାଜାଙ୍କୁ ବଧ କରି ଗିୟାସୁଦ୍ଦିନ ତୋଗଲକ ଦିଲ୍ଲୀ ଅଧିକାର କରିଥିଲେ (୧୩୨୦ ଖ୍ରୀ: ଅ:) ।

## ଅନୁଶୀଳନୀ

୧ । କ ଓ ଖ ବିଭାଗର ପରସ୍ପର ସମ୍ପୃକ୍ତ ଶବ୍ଦ ଯୋଡ଼ିମାନଙ୍କୁ ସଜାଇ ଲେଖ ।

| (କ) | (ଖ) |
|---|---|
| ତୁଗ୍ରଲ ଖାଁ | କୁତବ ମୀନାର |
| ଇଲତୁତମିସ୍ | ପୋଥି ଲେଖିବା |
| ନସିରୁଦ୍ଦିନ | ବଙ୍ଗବିଦ୍ରୋହ |
| ଚେଙ୍ଗିଜ୍ ଖାଁ | ପୋଲୋଖେଳ |
| କୁତବୁଦ୍ଦିନ | ମୋଗଲ ସେନାପତି |

୨। କ ବିଭାଗରେ କେତେକ ରାଜ୍ୟର ନାମ ଏବଂ ଖ ବିଭାଗରେ କେତେକ ରାଜାଙ୍କର ନାମ ଅଛି। କେଉଁ ରାଜାଙ୍କ ନାମ ସମ୍ମୁଖରେ ବିଜିତ ରାଜ୍ୟର ନାମ ସଜାଇ ଲେଖ।

(କ) କାଲିଞ୍ଜର, ବିହାର, ଗୁଆଲିଅର, ମାଳବ, ଦେବଗିରି, ଚିତୋର, ରେନ୍ଥାମ୍ବର, ଦ୍ୱାରସମୁଦ୍ର।

(ଖ) ଅଲ୍ଲାଉଦ୍ଦିନ, ଜଲାଲୁଦ୍ଦିନ, ମହମ୍ମଦ।

୩। ରାଜାମାନଙ୍କ ନାମ ସଙ୍ଗେ କେତେକ ବିଶେଷଣ ଶବ୍ଦ ରହିଅଛି। ଯେଉଁ ବିଶେଷଣଟି ଯେଉଁ ରାଜାଙ୍କ ପ୍ରତି ଅଧିକ ପ୍ରଯୁଜ୍ୟ, ତହିଁରେ ନିମ୍ନ ଗାର ଦିଅ।

କୁତବୁଦ୍ଦିନ୍—ଚତୁର, ବୁଦ୍ଧିମାନ, ପ୍ରଭୁଭକ୍ତ, ସାହସୀ, ସୁଶାସକ, ସୁଯୋଦ୍ଧା, ଖେଳପ୍ରିୟ।

ରେଜିୟାତ୍—ବୁଦ୍ଧିମତୀ, ଦାସପ୍ରିୟା, ବଳବତୀ, ଦାମ୍ଭିକା, ନ୍ୟାୟପରାୟଣା, ଚଣ୍ଡୀ।

ନସିରୁଦ୍ଦିନ୍—ସରଳ, କର୍ତ୍ତବ୍ୟନିଷ୍ଠ, ପ୍ରଜାପାଳକ, ପରିଶ୍ରମୀ।

ବଲ୍‌ବନ୍—ଚତୁର, କାର୍ଯ୍ୟଦକ୍ଷ, ସୁଯୋଦ୍ଧା, ନିଷ୍ଠୁର, ନିଷ୍ପକ୍ଷପାତ।

ଅଲ୍ଲାଉଦ୍ଦିନ୍—କୃତଘ୍ନ, ନିଷ୍ଠୁର, ବିଶ୍ୱାସଘାତକ, ପ୍ରବୀଣ ରାଜା, ଅର୍ଥଗୃଧ୍ନୁ, ସୁଶାସକ।

୪। ଅଲ୍ଲାଉଦ୍ଦିନ ଖିଲିଜିଙ୍କ ରାଜ୍ୟଶାସନ ପ୍ରବନ୍ଧ ବର୍ଣ୍ଣନା କର।

୫। ଭାରତର ଗୋଟିଏ ମାନଚିତ୍ର ଅଙ୍କନ କରି ତହିଁରେ ଜଲାଲୁଦ୍ଦିନ୍ ଓ ଅଲ୍ଲାଉଦ୍ଦିନଙ୍କ ରାଜତ୍ୱରେ ବିଜିତ ରାଜ୍ୟମାନ ପୃଥକ୍ ରୂପେ ଦେଖାଅ।

# ତୋଗଲକ ବଂଶ

(୧୩୨୦—୧୪୧୪)

**ଗିୟାସୁଦ୍ଦିନ—**ଗିୟାସୁଦ୍ଦିନ ଖିଲିଜିବଂଶର ଶେଷ ସୁଲତାନଙ୍କୁ ବଧ କରି ୧୩୨୦ରେ ତୋଗଲକ ବଂଶ ସ୍ଥାପନ କରିଥିଲେ । ସେ ଚାରି ବର୍ଷକାଳ ଭଲରୂପେ ରାଜ୍ୟ ଶାସନ କରିଥିଲେ ।

ଗିୟାସ୍ ଥରେ ବଙ୍ଗଳାରୁ ଫେରୁଥିଲେ । ତାଙ୍କ ପୁତ୍ର ଫକରୁଦ୍ଦିନ ଜୁନା ତାଙ୍କ ଅଭ୍ୟର୍ଥନା ସକାଶେ ଗୋଟିଏ କାଠର ଘରଦୁଆର ନିର୍ମାଣ କରିଥିଲେ । ଗିୟାସ୍ ଯେତେବେଳେ ସେଠାରେ ପହଞ୍ଚିଲେ, ସେହି ଘରଦୁଆର ତାଙ୍କ ମୁଣ୍ଡ ଉପରେ ମାଡ଼ି ପଡ଼ିଲା । ସେ ମରିଗଲେ । ଜୁନା ଦିଲ୍ଲୀର ସୁଲତାନ ହେଲେ । ବର୍ତ୍ତମାନ ତାଙ୍କ ନାମ ହେଲା—ମହମ୍ମଦ ଆଦଲ୍ ଶାହ ।

**ମହମ୍ମଦ ତୋଗଲକ—**(୧୩୨୫-୧୩୫୧)—ମହମ୍ମଦ ଭାରି ପଣ୍ଡିତ ଥିଲେ । ସେ ଅନେକ ଶାସ୍ତ୍ର ପଢ଼ିଥିଲେ । ତାଙ୍କ ଦରବାରରେ ଅନେକ ପଣ୍ଡିତ ଥିଲେ । କବି ଓ ପଣ୍ଡିତମାନେ ତାଙ୍କ ନିକଟରୁ ବିଶେଷ ଦାନ ପାଉଥିଲେ । ତାଙ୍କ ପରି ପଣ୍ଡିତ ଆଉ କେବେ ଦିଲ୍ଲୀ ସିଂହାସନରେ ବସି ନ ଥିଲେ । ସେ ଉଚ୍ଚାକାଂକ୍ଷୀ ଥିଲେ ଏବଂ ସବୁବେଳେ ବଡ଼ ବଡ଼ କଥା ଭାବୁଥିଲେ । ତାଙ୍କର ଗୋଟିଏ ଖୁବ୍ ବଡ଼ ରାଜ୍ୟ ଥିଲା । ତାଙ୍କ ପୂର୍ବେ କୌଣସି ମୁସଲମାନ୍ ରାଜା ଏତେ ବଡ଼ ସାମ୍ରାଜ୍ୟ ଶାସନ କରି ନ ଥିଲେ ।

ମହମ୍ମଦଙ୍କର ଦୁଇଟି ଦୋଷ ଥିଲା, ସେ ଅପରାଧୀମାନଙ୍କୁ କଠିନ ଦଣ୍ଡ ଦେଉଥିଲେ ଏବଂ ତାଙ୍କର ଯାହା କରିବାକୁ ଇଚ୍ଛା ହୁଏ, ସେ

ତାହା ନ କରି ଛାଡ଼ି ନ ଥିଲେ । ସେଥି ହେତୁରୁ ତାଙ୍କ ଶାସନର ଫଳ ଭଲ ହୋଇ ନ ଥିଲା । ତାଙ୍କର ସବୁ ପାଣ୍ଡିତ୍ୟ ବୁଦ୍ଧି ଅକାରଣ ହୋଇଥିଲା ।

ମହମ୍ମଦ ସିଂହାସନରେ ବସିବାର ଅଳ୍ପଦିନ ପରେ ମୋଗଲମାନେ ଦିଲ୍ଲୀ ଆକ୍ରମଣ କଲେ । ମହମ୍ମଦ ସେମାନଙ୍କ ସଙ୍ଗେ ଯୁଦ୍ଧ ନ କରି, ରାଜଭଣ୍ଡାରର ସବୁ ଅର୍ଥ ଲାଞ୍ଚ ଦେଇ ସେମାନଙ୍କୁ ଫେରାଇଦେଲେ । ପାରସ୍ୟ ଜୟ କରିବେ ବୋଲି ସେ ଏକ ବଡ଼ ସେନା ସଂଗ୍ରହ କରିଥିଲେ । ସେହି ସୈନ୍ୟମାନେ ଦରମା ନ ପାଇବାରୁ ମହମ୍ମଦଙ୍କ ନିଜ ରାଜ୍ୟ ଲୁଣ୍ଠନ କରିଥିଲେ ।

ଦିଲ୍ଲୀ ଅପେକ୍ଷା ଦୌଲତାବାଦ ମହମ୍ମଦଙ୍କ ରାଜ୍ୟର ମଝିରେ ଥିଲା । ଖାଇବର ବାଟେ ଶତ୍ରୁମାନେ ଭାରତ ଆକ୍ରମଣ କରିବାକୁ ଆସି ହଠାତ୍ ଦିଲ୍ଲୀରେ ପହଞ୍ଚି ଯାଉଥିଲେ । ଦିଲ୍ଲୀ ଅପେକ୍ଷା ଦୌଲତାବାଦ ଖାଇବରଠାରୁ ବେଶୀ ଦୂରରେ ଥିଲା ଏବଂ ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ ଭଲ ଥିଲା; ତେଣୁ ମହମ୍ମଦ ଦିଲ୍ଲୀରୁ ଦୌଲତାବାଦକୁ ରାଜଧାନୀ ପରିବର୍ତ୍ତନ କରିବାକୁ ଇଚ୍ଛା କରି ଢେଣ୍ଡୁରା ଦେଲେ । ଦିଲ୍ଲୀବାସୀଙ୍କୁ ନୂତନ ରାଜଧାନୀକୁ ଯିବାକୁ ବାଧ୍ୟ କରାଗଲା । ଏହି ଆଦେଶ ଏପରି କଡ଼ାଭାବରେ କାର୍ଯ୍ୟରେ ପରିଣତ କରାଗଲା ଯେ ଦିଲ୍ଲୀରେ କୁକୁର ବିଲେଇ ମଧ୍ୟ ରହି ପାରିଲେ ନାହିଁ । ଦିଲ୍ଲୀ ଶ୍ମଶାନ ହେଲା । ଦିଲ୍ଲୀରୁ ଦୌଲତାବାଦ ୭୦୦ ମାଇଲ ବାଟ । ବାଟରେ ପ୍ରଜାମାନେ ବଡ଼ କଷ୍ଟ ପାଇଲେ । ଅନେକେ ନ ଖାଇ ନ ପିଇ ମଲେ । ନୂତନ ରାଜଧାନୀରେ ରହିବାକୁ ଘର ନାହିଁ, ଖାଦ୍ୟ ନାହିଁ । ଏଥିରେ କେତେ ଲୋକ ମଲେ । ମହମ୍ମଦ ନିଜ ଭୁଲ ବୁଝି ପାରିଲେ । ସେ ପ୍ରଜାଙ୍କୁ ପୁଣି ଦିଲ୍ଲୀକୁ ଫେରି ଯିବାକୁ କହିଲେ । ସେ ଦୁଇଥର ଏପରି କରିଥିଲେ । ଏଥିରେ ତାଙ୍କର ବିଶେଷ ଅର୍ଥ ମଧ୍ୟ ଖର୍ଚ୍ଚ ହୋଇଥିଲା ।

ଏପରି କେତେକ କାର୍ଯ୍ୟ କରି ମହମ୍ମଦଙ୍କର ଟଙ୍କାର ଅଭାବ ପଡ଼ିଲା । ତହୁଁ ସେ ରୂପା ଟଙ୍କା ପରିବର୍ତ୍ତେ ତମ୍ବା ଓ ପିତଳର ଟଙ୍କା ଚଳାଇଲେ । ପ୍ରଜାମାନଙ୍କୁ ସେହି ଟଙ୍କା ନେବାକୁ ବାଧ୍ୟ କଲେ । କିନ୍ତୁ ବିଦେଶୀ ବଣିକ୍‌ମାନେ ସେହି ଟଙ୍କା ନେଲେ ନାହିଁ । ବାଣିଜ୍ୟରେ କ୍ଷତି ଘଟିଲା । ମହମ୍ମଦ ବାଧ୍ୟ ହୋଇ ସେହି ଆଦେଶ ବନ୍ଦ କଲେ ।

କୌଣସି ପ୍ରକାରେ ଭଣ୍ଡାରରେ ଅଭାବ ଗଲା ନାହିଁ । ମହମ୍ମଦ କର ବଢ଼ାଇଲେ । ଏପରି ସମୟରେ ରାଜ୍ୟରେ ଦୁର୍ଭିକ୍ଷ ହେଲା । ପ୍ରଜାମାନେ ଆଉ କର ଦେବେ କଣ ? ରାଜ୍ୟ ଛାଡ଼ି ସମସ୍ତେ ବଣକୁ ପଳାଇଲେ । ରାଜଭଣ୍ଡାରର ଅଭାବ ଅଧିକ ବଢ଼ିଲା । ମହମ୍ମଦ ସୈନ୍ୟ ନେଇ ପ୍ରଜାମାନଙ୍କୁ ଅରଣ୍ୟରେ ଘେରି ବନ୍ୟ ଜନ୍ତୁ ପରି ବଧ କଲେ କିମ୍ବା ରାଜଧାନୀକୁ ପୁଣି ତଡ଼ି ଆଣିଲେ ।

ଏହି ସବୁ କାର୍ଯ୍ୟରେ ରାଜ୍ୟରେ ବିଶୃଙ୍ଖଳା ପଡ଼ିଗଲା । ରାଜା ଦୁର୍ବଳ ହୋଇ ପଡ଼ିଲେ । ସମସ୍ତେ ରାଜାଙ୍କ ପ୍ରତି ବିରକ୍ତ ହେଲେ । ଚାରିଆଡ଼େ ବିଦ୍ରୋହ ଜମିଗଲା । ଅଧୀନ ଶାସନକର୍ତ୍ତାମାନେ ନିଜ ନିଜ ପ୍ରଦେଶରେ ସ୍ୱାଧୀନ ହେଲେ । କର୍ଣ୍ଣାଟର ହିନ୍ଦୁ ରାଜା ବିଜୟନଗରର ସ୍ୱାଧୀନ ହିନ୍ଦୁ ରାଜ୍ୟ ସ୍ଥାପନ କଲେ । ହାସାନଗାଙ୍ଗୁ ନାମକ ଏକ ମୁସଲମାନ ଦାକ୍ଷିଣାତ୍ୟର ବାହମନୀ ରାଜ୍ୟ ସ୍ଥାପନ କଲେ । ମାଳବ ଓ ସିନ୍ଧୁ ମଧ୍ୟ ବିଦ୍ରୋହୀ ହେଲା । ସେହି ବିଦ୍ରୋହ ଦମନ କରିବାକୁ ଯାଇ ମହମ୍ମଦ ଉତ୍କଟ ଜ୍ୱରରୋଗରେ ୧୩୫୧ରେ ପ୍ରାଣତ୍ୟାଗ କଲେ ।

**ଫିରୋଜସାହ ତୋଗଲକ** (୧୩୫୧-୧୩୮୮ :— ମହମ୍ମଦଙ୍କ ପରେ ତାଙ୍କ ଭାଇ ଫିରୋଜସାହ ସୁଲତାନ ହେଲେ । ସେ ନୈଷ୍ଠିକ ମୁସଲମାନ ଥିବାରୁ ମୁସଲମାନମାନେ ତାଙ୍କର ବଡ଼ ପ୍ରଶଂସା

କରିଅଛନ୍ତି ଏବଂ ତାଙ୍କ ବିଷୟରେ ଅନେକ ଅତିରଞ୍ଜିତ ବର୍ଣ୍ଣନା କରିଅଛନ୍ତି ।

ଫିରୋଜ ଅନେକ ପୋଲ, ମସଜିଦ୍, ଶିକ୍ଷାଗାର ସରାଇଘର, ଚିକିତ୍ସାଳୟ ନିର୍ମାଣ କରିଥିଲେ । ସେ ୨୦୦ ମାଇଲ ଲମ୍ବ ପୁରାତନ ଯମୁନା କେନାଲ ଖୋଲାଇଥିଲେ ଏବଂ ଦିଲ୍ଲୀରେ ଫିରୋଜାବାଦ ସହର ନିର୍ମାଣ କରିଥିଲେ ।

ସେ ହିନ୍ଦୁମାନଙ୍କ ପ୍ରତି ବଡ଼ ଅତ୍ୟାଚାର କରୁଥିଲେ ଏବଂ ଅନେକ ହିନ୍ଦୁମନ୍ଦିର ଭାଙ୍ଗି ଦେଇଥିଲେ । ଜଣେ ବ୍ରାହ୍ମଣକୁ ସେ ଜୀଅନ୍ତା ପୋଡ଼ି ଦେଇଥିଲେ । ହିନ୍ଦୁ କେହି ମୁସଲମାନ ହେଲେ, ସେ ତାକୁ ଜିଜିୟା-କରରୁ ଛାଡ଼ି ଦେଉଥିଲେ ।

ଫିରୋଜଙ୍କ ନିଜ ଚରିତ୍ର ଭଲ ଥିଲା । ତାଙ୍କ ରାଜତ୍ୱରେ କୌଣସି ବଡ଼ ଘଟଣା ଘଟି ନ ଥିଲା ।

ଫିରୋଜଙ୍କ ପରେ ଏହି ବଂଶର ଆଉ କେତେଜଣ ରାଜା ହୋଇଥିଲେ । ଶେଷରେ ସୟଦ ଓ ଲୋଦୀବଂଶ ଯଥାକ୍ରମେ ଦିଲ୍ଲୀ ଶାସନ କରିଥିଲେ ।

**ତିମୁରଲଙ୍ଗ**—ତୋଗଲକ ବଂଶର ଶେଷ ସୁଲତାନ ମାମୁଦଙ୍କ ଅମଳରେ ବୋଖାରାର ତୁର୍କି ସୁଲତାନ ତିମୁରଲଙ୍ଗ ଦିଲ୍ଲୀ ଆକ୍ରମଣ କରିଥିଲେ (୧୩୯୮) ସେ ଦିଲ୍ଲୀକୁ ଆସିବା ବାଟରେ ନଗରମାନ ଲୁଣ୍ଠନ କରି ବହୁ ଲୋକଙ୍କୁ ବନ୍ଦୀ କରିଥିଲେ । ସେ ଯେତେବେଳେ ଦିଲ୍ଲୀରେ ପହଞ୍ଚିଲେ, ସେତେବେଳେ ତାଙ୍କ ନିକଟରେ ଲକ୍ଷାଧିକ ବନ୍ଦୀ ଥିଲେ ।

ଏତେ ଲୋକଙ୍କୁ ଜଗିବା କଠିନ ହେବ ବୋଲି ସେ ତାଙ୍କର ଅଧୀନ ହିନ୍ଦୁ ଓ ଭାରତୀୟ ମୁସଲମାନଙ୍କୁ ବଧ କଲେ । ଲୁଣ୍ଠନ କରି ସାରି ସେ ଗ୍ରାମମାନ ପୋଡ଼ି ଦେଉ-ଥିଲେ । ଏହି ଭୀଷଣ ଖବର ପାଇ ଲୋକେ ଭୀତ ହେବାକୁ ଲାଗିଲେ । ତାଙ୍କ ଆସିବା ଖବର ପାଇ ମାମୁଦ ଦିଲ୍ଲୀରୁ ପଳାୟନ କଲେ । ଦିଲ୍ଲୀ ସହଜରେ ତାଙ୍କର ହସ୍ତଗତ ହେଲା । ତାଙ୍କ ସୈନ୍ୟମାନେ ପାଞ୍ଚ ଦିନ



ତୈମୁର ।

ପର୍ଯ୍ୟନ୍ତ ନଗର ଲୁଣ୍ଠନ କଲେ, ଲୋକମାନଙ୍କୁ ବଧ କଲେ ଏବଂ ଘରମାନ ପୋଡ଼ିଦେଲେ । ଶେଷରେ ତୈମୁର ଅନେକ ବନ୍ଦୀ ଓ ପ୍ରଚୁର ଧନରତ୍ନ ନେଇ ଭାରତ ତ୍ୟାଗ କଲେ । ସେ ରାଜ୍ୟସ୍ଥାପନ ଘଚାଣେ ଭାରତକୁ ଆସି ନ ଥିଲେ ।

ସୈୟଦବଂଶ—ତୈମୁରଲଙ୍ଗ ଭାରତରୁ ଫେରିବା ବେଳେ ଖିଜର ଖାଁ ନାମକ ଏକ ସୈୟଦ ମୁସଲମାନଙ୍କୁ ମୁଲତାନ ଓ ଲାହୋର ପ୍ରଦେଶର ଶାସନକର୍ତ୍ତା ରୂପେ ନିଯୁକ୍ତ କରି ଯାଇଥିଲେ । ମାମୁଦ ତୋଗଲକଙ୍କ ମୃତ୍ୟୁ ପରେ ଖିଜର ଖାଁ ଦିଲ୍ଲୀ ଅଧିକାର କରି ଆପଣାକୁ ସମ୍ରାଟ ବୋଲି ଘୋଷଣା କଲେ ଏବଂ ସୈୟଦବଂଶ ସ୍ଥାପନ କଲେ । ତାଙ୍କ ପରେ ଏହି ବଂଶର ଆଉ ତିନି ଜଣ ରାଜା ହୋଇଥିଲେ । ଏମାନଙ୍କ ରାଜତ୍ୱକାଳରେ ଦିଲ୍ଲୀ ସାମ୍ରାଜ୍ୟ କ୍ରମଶଃ ସଙ୍କୁଚିତ ହୋଇ ଶେଷ ରାଜାଙ୍କ ଅମଳରେ ଦିଲ୍ଲୀ ନଗରର ଚତୁଃସୀମାରେ ନିବଦ୍ଧ ହୋଇ-

ଥିଲି । ୧୪୫୧ ଖ୍ରୀଷ୍ଟାବ୍ଦରେ ଲାହୋରର ଶାସନକର୍ତ୍ତା ବହଲୋଲ୍‌ଲୋଦୀ ସୈୟଦବଂଶର ଲୋପ ସାଧନ କଲେ ।

**ଲୋଦୀବଂଶ**—ଏହି ବଂଶର ପ୍ରଥମ ସମ୍ରାଟ ବହଲୋଲ ଲୋଦୀ ୧୪୫୧ରୁ ୧୪୮୯ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ପଞ୍ଜାବ ଓ ଜୌନ-ପୁରକୁ ଦିଲ୍ଲୀର ଅନ୍ତର୍ଭୁକ୍ତ କରିଥିଲେ । ତାଙ୍କ ପୁତ୍ର ସିକନ୍ଦର ଲୋଦୀ ବଙ୍ଗଳା ପର୍ଯ୍ୟନ୍ତ ଦିଲ୍ଲୀ ସାମ୍ରାଜ୍ୟର ସୀମା ବଢ଼ାଇଥିଲେ । ସିକନ୍ଦର ଲୋଦୀଙ୍କ ପୁତ୍ର ଇବ୍ରାହିମ ଲୋଦୀ ୧୫୧୭ ରେ ସମ୍ରାଟ ହେଲେ । ତାଙ୍କ ରାଜତ୍ୱ ସଙ୍ଗେ ସଙ୍ଗେ ଚତୁର୍ଦ୍ଦିଗରେ ବିଦ୍ରୋହର ଚିହ୍ନ ଦେଖାଗଲା । ସେ ରାଗୀ ଓ ଅତ୍ୟାଚାରୀ ଥିଲେ । ଏପରି କି ରାଜସଭାରେ ତାଙ୍କ ସମ୍ମୁଖରେ କେହି ଅମୀର ବା ସର୍ଦ୍ଦାର ବସିବା ନିମନ୍ତେ ଅନୁମତି ପାଇ ନ ଥିଲେ । ଏଥିରେ ସମସ୍ତେ ତାଙ୍କ ଉପରେ ଅସନ୍ତୁଷ୍ଟ ରହିଥିଲେ । ଶେଷରେ ପଞ୍ଜାବର ଶାସନକର୍ତ୍ତା ଦୌଲତଖାଁ ତାଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ନିମନ୍ତେ କାବୁଲର ରାଜା ବାବରଙ୍କୁ ଭାରତ ଆକ୍ରମଣ କରିବା ନିମନ୍ତେ ଆହ୍ୱାନ କଲେ । ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ପାଣିପଥ ଯୁଦ୍ଧରେ ଇବ୍ରାହିମ ଲୋଦୀଙ୍କୁ ନିହତ କରି ଦିଲ୍ଲୀର ସିଂହାସନ ଅଧିକାର କଲେ । ଲୋଦୀ-ବଂଶର ଲୋପ ହେଲା ।

---

## ସପ୍ତଦଶ ଅଧ୍ୟାୟ

## ୧୫୨୬ ପର୍ଯ୍ୟନ୍ତ ମୁସଲମାନ ରାଜାମାନଙ୍କ ଅମଳରେ ଭାରତର ଅବସ୍ଥା

ଦାସ, ଖିଲିଜି, ତୋଗଲକ, ସୈୟଦ ଓ ଲୋଦୀ ପାଞ୍ଚ ମୁସଲମାନ ଶକ୍ତି ମଧ୍ୟରୁ କୌଣସି ଜାତିର ଶକ୍ତି ନ ଥିଲା । ରାଜାଙ୍କ ବ୍ୟକ୍ତିଗତ ଶକ୍ତି ଓ ପ୍ରତିଭା ଉପରେ ସାମ୍ରାଜ୍ୟର ଭିତ୍ତି ଓ ଦୃଢ଼ତା ନିର୍ଭର କରୁଥିଲା । ରାଜା ନିଜେ ପରାକ୍ରମୀ ହେଲେ, ସାମ୍ରାଜ୍ୟ ବଢ଼ାଇ ପାରୁଥିଲେ ଏବଂ ତହିଁରେ ଶାନ୍ତି ପ୍ରତିଷ୍ଠା କରି ପାରୁଥିଲେ । ଖିଲିଜି ଜାତି ବା ତୋଗଲକ ଜାତି ବା

ଅନ୍ୟମାନେ ଭାରତକୁ ଶାସନ କରୁ ନ ଥିଲେ, ଶାସନ କରୁଥିଲେ ଅଲ୍ଲାଉଦ୍ଦିନ ଖିଲଜି ବା ମହମ୍ମଦ ତୋଗଲକ ବା ଇବ୍ରାହିମ ଲୋଦୀ। ସେମାନଙ୍କର ଶାସନ ସେନା ଶାସନର ରୂପାନ୍ତର ଥିଲା, ପ୍ରଜାମାନଙ୍କର ପ୍ରୀତି—ସହଯୋଗ ଉପରେ ପ୍ରତିଷ୍ଠିତ ଥିଲା। ରାଜାମାନେ ସ୍ୱେଚ୍ଛାଚାରୀ, ନିଷ୍ଠୁର, ଏକଦେଶଦର୍ଶୀ ଏବଂ ହିନ୍ଦୁମାନଙ୍କ ରାଜା ଥାଇ ମଧ୍ୟ ହିନ୍ଦୁ ଧର୍ମର ବିରୋଧୀ ଥିଲେ। ସେମାନେ ରାଜ୍ୟରେ ସୁଶାସନ ପ୍ରତିଷ୍ଠା ଅପେକ୍ଷା ରାଜ୍ୟବୃଦ୍ଧି, କୋଷବୃଦ୍ଧି ଓ ନିଜ ସୁଖକୁ ଅଧିକ ପ୍ରିୟ ମଣୁଥିଲେ। ବିଦେଶୀ ଆକ୍ରମଣ ସେମାନଙ୍କ ରାଜ୍ୟର ଶାନ୍ତିକୁ ଅଧିକାଂଶ ସମୟରେ ସନ୍ଦେହରେ ବିସ୍ତ କରି ପକାଇଥିଲା ଏବଂ ରାଜ୍ୟର ଗ୍ରନ୍ଥିକୁ ଦୁର୍ବଳ କରି ଦେଇଥିଲା।

ଫଳରେ ସୁବିଧା ପାଇଲା ମାତ୍ରକେ ସେନାପତି ବା ଅନ୍ୟମାନେ ସ୍ୱାଧୀନ ରାଜ୍ୟ ସ୍ଥାପନ କରୁଥିଲେ। ରାଜଶକ୍ତି ସେନାଶକ୍ତି ଉପରେ ଏକାନ୍ତ ନିର୍ଭର କରୁଥିବାରୁ ଏହା ସେନାପତି ବା ତଦ୍‌ବିଧ ଲୋକଙ୍କ ପକ୍ଷରେ ଅତି ସହଜସାଧ୍ୟ ହୋଇଥିଲା।

ରାଜ୍ୟରେ ଶାସନ ସୁଗଠିତ ଓ ସୁଶୃଙ୍ଖଳିତ ନ ଥିବାରୁ ଦୁର୍ବଳ ରାଜାମାନେ ଏବଂ ବେଳେବେଳେ ବଳିଷ୍ଠ ରାଜାମାନେ ମଧ୍ୟ ଦୂରବର୍ତ୍ତୀ ପ୍ରଦେଶମାନଙ୍କରେ ଶାନ୍ତି ଶୃଙ୍ଖଳା ରକ୍ଷା କରି ପାରୁ ନ ଥିଲେ। ପ୍ରାଦେଶିକ ଶାସନକର୍ତ୍ତାମାନେ ବାରମ୍ବାର ବିଦ୍ରୋହ କରୁଥିଲେ ଏବଂ କେବଳ ଯୁଦ୍ଧଯାତ୍ରା, ହତ୍ୟା ଓ ଫାସିଦ୍ୱାରା ଏପରି ବିଦ୍ରୋହ ଦମନ କରାଯାଉଥିଲା। ବିଦ୍ରୋହୀ ରାଜାଙ୍କର ପ୍ରତିପକ୍ଷ ହୋଇ ପାରିଲେ ନିଜ ସ୍ୱାଧୀନତା ଘୋଷଣା ଓ ସ୍ୱାଧୀନ ରାଜ୍ୟସ୍ଥାପନ କରିବାକୁ ସମର୍ଥ ହେଉଥିଲେ। ଏହିପରି ଭାବରେ ଦାକ୍ଷିଣାତ୍ୟର ବାହମନୀ ପ୍ରଭୃତି ରାଜ୍ୟ ସ୍ଥାପିତ ହୋଇଥିଲା।

ମୁସଲମାନ ଶାସନକାଳରେ ହିନ୍ଦୁଧର୍ମ ବଡ଼ ବିପଦରେ ପଡ଼ିଥିଲା । ହିନ୍ଦୁଧର୍ମର ରକ୍ଷା ସକାଶେ ହିନ୍ଦୁମାନଙ୍କୁ ବିଶେଷ ଚେଷ୍ଟା ଓ କଷ୍ଟ କରିବାକୁ ପଡ଼ିଥିଲା । ହିନ୍ଦୁରାଜ୍ୟର ପ୍ରତିଷ୍ଠାଦ୍ୱାରା ମୁସଲମାନ ଧର୍ମାବଲମ୍ବୀଙ୍କ ସଙ୍ଗେ ଯୁଦ୍ଧ କରି ହିନ୍ଦୁଧର୍ମକୁ ରକ୍ଷା କରିବା ନିମନ୍ତେ ହିନ୍ଦୁମାନେ ସବୁବେଳେ ଜାଗ୍ରତ ଥିଲେ ।

ମୁସଲମାନ ଶାସନ ଚାଲୁଥିବା ବେଳେ ସମ୍ରାଟ ଓ ସେନାପତିମାନଙ୍କ ଅମଳରେ ବଙ୍ଗଳା, ଜୌନପୁର, ଗୁଜରାଟ, ସିନ୍ଧୁ, ପଞ୍ଜାବ, କାଶ୍ମୀର ପ୍ରଭୃତି ଅଞ୍ଚଳରେ ସ୍ୱାଧୀନ ମୁସଲମାନ ରାଜ୍ୟ ସ୍ଥାପିତ ହୋଇଥିଲା ।

ମହମ୍ମଦ ଘୋରୀଙ୍କ ରାଜତ୍ୱ ସମୟରେ ରାଜପୁତମାନେ ଗାଙ୍ଗେୟ ପ୍ରଦେଶରୁ ବିତାଡ଼ିତ ହୋଇ ରାଜପୁତାନାର ମରୁଭୂମିରେ ସ୍ୱାଧୀନ ରାଜପୁତ ରାଜ୍ୟ ସ୍ଥାପନ କରିଥିଲେ ଏବଂ ସେହି ସମୟରୁ ନିଜ ସ୍ୱାଧୀନତା ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ବାରମ୍ବାର ଚେଷ୍ଟା କରି କୃତକାର୍ଯ୍ୟ ହୋଇଥିଲେ । ଓଡ଼ିଶାରେ ଗଙ୍ଗବଂଶ ରାଜାମାନେ ପ୍ରବଳ ପ୍ରତାପଶାଳୀ ସାମ୍ରାଜ୍ୟ ସ୍ଥାପନ କରିଥିଲେ ଏବଂ ଉତ୍ତର ଭାରତ ସଙ୍ଗେ ସେମାନଙ୍କର ଯେତେ ସମ୍ପର୍କ ଥିଲା, ତହିଁରୁ ଅଧିକ ଦକ୍ଷିଣ ଭାରତ ସଙ୍ଗେ ଥିଲା । ମୁସଲମାନମାନଙ୍କ ସଙ୍ଗେ ଯୁଦ୍ଧ କରି ସେମାନେ ପ୍ରାୟ ସର୍ବଦା ଜୟୀ ହୋଇଥିଲେ ।

ମହମ୍ମଦ ତୋଗଲକଙ୍କ ଅମଳରେ ଦାକ୍ଷିଣାତ୍ୟରେ ବାହମନୀ ଏବଂ ବିଜୟନଗରରେ ରାଜ୍ୟଦ୍ୱୟ ସ୍ଥାପିତ ହୋଇଥିଲା । ଏଥି ମଧ୍ୟରୁ ବାହମନୀ ମୁସଲମାନ ରାଜ୍ୟ ଏବଂ ବିଜୟନଗର ହିନ୍ଦୁରାଜ୍ୟ ଥିଲା ।

**ବିଜୟନଗର ରାଜ୍ୟ**—ହରିହର (ହରିହର) ଓ ବୁକ୍କା (ବୁକ୍କା ରାୟ) ନାମରେ ଦୁଇ ଭାଇ ବିଜୟନଗରରେ ଏକ ହିନ୍ଦୁରାଜ୍ୟ

ସ୍ଥାପନ କଲେ (୧୩୩୬ ଖ୍ରୀ: ଅ:) । ବିଜୟନଗର ତୁଙ୍ଗଭଦ୍ରା ନଦୀର ଦକ୍ଷିଣରେ ଅବସ୍ଥିତ । ସେ ଦୁହିଙ୍କ ପରେ ସେହି ବଂଶର ଆଠ ଜଣ ରାଜା ହୋଇଥିଲେ । ବାହ୍ମନୀ ରାଜ୍ୟର ରାଜାମାନଙ୍କ ସଙ୍ଗେ ଏମାନଙ୍କର ଅନେକ ଥର ଯୁଦ୍ଧ ହୋଇଥିଲା ।

ବିଜୟନଗର ରାଜଧାନୀ ବିଜୟନଗର ସହର ବିସ୍ତାରରେ ଅତି ପ୍ରକାଣ୍ଡ ଥିଲା । ତାହାର ଚାରି ପାଖର ବେଢ଼ (ପରିଧି) ଛତିଶ କୋଶ ଥିଲା । ସେତେବେଳର ରୋମନଗର ଓ ବିଜୟ ନଗର ବିସ୍ତାରରେ ସମାନ ଥିଲା । ଗୋଟିକ ପରେ ଗୋଟିଏ ହୋଇ ସାତ ଗୋଟି ପ୍ରାଚୀର ରାଜଧାନୀକୁ ଘୂଡ଼ାଇବାରେ ଘେରିଥିଲା । ସପ୍ତମ ବା ସବୁଠାରୁ ଛୋଟ ପ୍ରାଚୀର ମଧ୍ୟରେ ରାଜାଙ୍କର ପ୍ରାସାଦ ଅବସ୍ଥିତ ଥିଲା । ରାଜପ୍ରାସାଦ ଦେଖିବାକୁ ବଡ଼ ସୁନ୍ଦର ଥିଲା । ନଗରବାସୀ ସମସ୍ତେ ଧନୀ ଥିଲେ ଏବଂ ନାନା ଅଳଙ୍କାର ପିନ୍ଧୁଥିଲେ । ଲୋକେ ସବୁବେଳେ ସୁଗନ୍ଧ ଫୁଲ ବ୍ୟବହାର କରୁଥିଲେ । ଖାଇବାକୁ ସେମାନଙ୍କର ଯଥେଷ୍ଟ ଥିଲା । ବଣିକମାନେ ହୀରା, ମଣି, ମୁକ୍ତା ପ୍ରଭୃତି ବହୁମୂଲ୍ୟ ପଥରର କାରବାର କରୁଥିଲେ ।

ନରସିଂହ ଶାଳୁଙ୍କ ଅମଳରେ ବିଜୟନଗର ରାଜ୍ୟର ଶ୍ରୀ ବିଶେଷ ବୃଦ୍ଧି ପାଇଥିଲା । ତାଙ୍କ ରାଜ୍ୟର ଶାସନ ଆଦର୍ଶ ଥିଲା; ତେଣୁ ଇଉରୋପର କେତେକ ପରିବ୍ରାଜକ ତାଙ୍କ ଶାସନକୁ **ନରସିଂହ ରାଜ୍ୟ** ବୋଲି କହିଅଛନ୍ତି ।

କୃଷ୍ଣଦେବ ରାୟ ବିଜୟନଗରର ଅନ୍ୟ ଜଣେ ବିଖ୍ୟାତ ରାଜା । ସେ ୧୫୦୯ ରୁ ୧୫୨୯ ପର୍ଯ୍ୟନ୍ତ ୨୦ ବର୍ଷ ରାଜତ୍ୱ କରିଥିଲେ । ସେ କଳିଙ୍ଗଦେଶର ଗଜପତି ରାଜାଙ୍କ ନିକଟରୁ ନେଲୋର ଜିଲ୍ଲାରେ ଅବସ୍ଥିତ ଉଦୟଗିରି ଦୁର୍ଗ ଅଧିକାର କରି ନେଇଥିଲେ । ଗଜପତି ତାଙ୍କୁ ଯୁଦ୍ଧରେ

ନ ପାରି ସନ୍ଧି କରିଥିଲେ ଏବଂ କୃଷ୍ଣାନଦୀର ଦକ୍ଷିଣକୁ ଥିବା ସମସ୍ତ ପ୍ରଦେଶ ତାଙ୍କୁ ଛାଡ଼ି ଦେଇଥିଲେ । କୃଷ୍ଣରାୟ ଗଜପତିଙ୍କ ତନୟାଙ୍କୁ ବିବାହ କରିଥିଲେ । ସେ ୧୫୨୦ ରେ ବିଜାପୁର ସୁଲତାନଙ୍କୁ ଯୁଦ୍ଧରେ ହରାଇ ତାଙ୍କଠାରୁ ରାୟଚୁର ଦୁର୍ଗ ଛଡ଼ାଇ ନେଇଥିଲେ ।

୧୫୬୫ ଖ୍ରୀ: ଅ: ରେ ବିଜାପୁର, ଅହମ୍ମଦନଗର, ଗୋଲକୁଣ୍ଡା ଓ ବିଦରର ମୁସଲମାନ ରାଜାମାନେ ମିଳିତ ହୋଇ ତାଲିକୋଟ ଯୁଦ୍ଧ-କ୍ଷେତ୍ରରେ ବିଜୟନଗର ରାଜ୍ୟକୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କଲେ ।

**ବାହମନୀ ରାଜ୍ୟ**—ମହମ୍ମଦ ତୋଗଲକଙ୍କ ଅତ୍ୟାଚାର ସହି ନ ପାରି ତାଙ୍କ ଅଫଗାନ କର୍ମଚାରୀ ହାସାନ ବା ଜାଫର ଖାଁ ଦାକ୍ଷିଣାତ୍ୟରେ ଏକ ସ୍ୱାଧୀନ ମୁସଲମାନ ରାଜ୍ୟ ସ୍ଥାପନ କଲେ (୧୩୪୭ ଖ୍ରୀ: ଅ:) । ହାସାନଙ୍କର ଜଣେ ପୂର୍ବପୁରୁଷ ପାରସ୍ୟର ରାଜା ଥିଲେ । ତାଙ୍କ ନାମ ବାହମନ । ତାଙ୍କ ନାମ ଅନୁସାରେ ହାସାନ ନୂତନ ସ୍ଥାପିତ ରାଜ୍ୟର ନାମ 'ବାହମନୀ' ଦେଇଥିଲେ । **କଲବର୍ଗା** ଏହି ବାହମନୀ ରାଜ୍ୟର ରାଜଧାନୀ ଥିଲା । ଏହି ରାଜ୍ୟ ୨୦୦ ବର୍ଷ ପର୍ଯ୍ୟନ୍ତ ଦାକ୍ଷିଣାତ୍ୟର ପ୍ରଧାନ ରାଜ୍ୟ ହୋଇଥିଲା । ଏହି ବଂଶରେ ୧୪ ଜଣ ରାଜା ଥିଲେ । ବାହମନୀ ରାଜ୍ୟର ରାୟଚୁର ଓ ମୁଦ୍‌ଗଲ ଦୁର୍ଗଦ୍ୱୟ ପାଇବା ସକାଶେ ବିଜୟନଗରର ହିନ୍ଦୁ ରାଜାମାନେ ଏହି ରାଜ୍ୟ ସଙ୍ଗେ ଅନେକଥର ଯୁଦ୍ଧ କରିଥିଲେ ।

ବାହମନୀ ରାଜ୍ୟର ନବମ ସୁଲତାନ ଅହମ୍ମଦ ସାହା କଲବର୍ଗାରୁ ବିଦରକୁ ରାଜଧାନୀ ପରିବର୍ତ୍ତନ କରିଥିଲେ । ବିଦର ଦାକ୍ଷିଣାତ୍ୟର ଏକ ସ୍ୱାସ୍ଥ୍ୟକର ସ୍ଥାନ । ଏହା କଲବର୍ଗାଠାରୁ ୬୦ ମାଇଲ ଦୂରରେ ଅବସ୍ଥିତ ।

ବାହମନୀ ରାଜାର ସୁଲତାନ ନିଜ ରାଜ୍ୟକୁ ଚାରି ଖଣ୍ଡରେ ବିଭକ୍ତ କରି ପ୍ରତି ଖଣ୍ଡରେ ଜଣେ ଜଣେ ଶାସନକର୍ତ୍ତା ନିଯୁକ୍ତ କରି-

ଥିଲେ । ବାହମନୀ ବଂଶର ଚତୁର୍ଦ୍ଦଶ ରାଜା ମାମୁଦ ୧୨ ବର୍ଷ ବୟସରେ ରାଜା ହୋଇଥିଲେ । ସେ ୧୦୮୨ ଖ୍ରୀଷ୍ଟାବ୍ଦରୁ ୧୫୧୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୩୬ ବର୍ଷ ରାଜତ୍ୱ କରିଥିଲେ । ସେ ନିତାନ୍ତ ଦୁର୍ବଳ ହେବାରୁ ପ୍ରାଦେଶିକ ଶାସନ କର୍ତ୍ତାମାନେ ନିଜ ନିଜ ପ୍ରଦେଶରେ ସ୍ୱାଧୀନତା ଘୋଷଣା କରିଥିଲେ । ମାମୁଦ କେବଳ ରାଜଧାନୀ ବିଦରର ଚତୁଃପାର୍ଶ୍ୱରେ ଥିବା ଏକ କ୍ଷୁଦ୍ର ଭୂଖଣ୍ଡର ରାଜା ହୋଇ ରହିଲେ । ବାହମନୀ ରାଜ୍ୟ ଏହାପରେ ପାଞ୍ଚଗୋଟି ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେଲା । (୧) ବେରାର—ଇମାଦସାହୀ ବଂଶ, (୨) ଅହମ୍ମଦନଗର – ନିଜାମସାହୀ ବଂଶ, (୩) ବିଦର—ବରିଦସାହୀ ବଂଶ, (୪) ଗୋଲକୁଣ୍ଡା—କୁତବସାହୀ ବଂଶ ଓ (୫) ବିଜାପୁର—ଅଦଲସାହୀ ବଂଶ । ଏହି ପାଞ୍ଚ ଶାଖା ମଧ୍ୟରେ ବିଜାପୁର ଶ୍ରେଷ୍ଠ ଥିଲା । ବିଜାପୁରର ରାଜା ଆଲି ଅଦଲସାହି ୧୫୬୫ ଖ୍ରୀଷ୍ଟାବ୍ଦରେ 'ତାଲିକୋଟ' କ୍ଷେତ୍ରରେ ବିଜୟ ନଗର ରାଜ୍ୟର ଧ୍ୱଂସସାଧନ କରିଥିଲେ । ଅନ୍ୟ ଚାରି ମୁସଲମାନ ରାଜା ତାଙ୍କୁ ସେଥିରେ ସାହାଯ୍ୟ କରିଥିଲେ ।

**ଓଡ଼ିଶା**—କେଶରୀବଂଶ ପରେ ଗଙ୍ଗବଂଶ ଓଡ଼ିଶାରେ ରାଜତ୍ୱ କରିଥିଲେ । ଏହି ବଂଶର ଚୋଳଗଙ୍ଗ ଦେବ ଗୋଦାବରୀଠାରୁ ଗଙ୍ଗା ପର୍ଯ୍ୟନ୍ତ ଓଡ଼ିଶାର ସୀମା ବିସ୍ତାର କରିଥିଲେ । ଅଲ୍ଲାଉଦ୍ଦିନ କୁମାରିକା ପର୍ଯ୍ୟନ୍ତ ଖିଲିଜି ସାମ୍ରାଜ୍ୟ ବିସ୍ତାର କରିଥିଲେ, କିନ୍ତୁ ଓଡ଼ିଶା ଆକ୍ରମଣ କରି ନ ଥିଲେ । ଓଡ଼ିଶା ଗଜପତି ପ୍ରବଳ ପରାକ୍ରାନ୍ତ ଥିଲେ ଏବଂ ଉତ୍ତର ଓ ଦକ୍ଷିଣ ଭାରତର ମୁସଲମାନ ବା ହିନ୍ଦୁ କେହିହେଁ କାହାକୁ ଭ୍ରୂକ୍ଷେପ କରୁ ନ ଥିଲେ । ଏହି ବଂଶର ଅନଙ୍ଗଭୀମଦେବ ପୁରୀର ବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ଏବଂ ରାଜ୍ୟର ଶିଳ୍ପରେ ଅନେକ ଉନ୍ନତି କରିଥିଲେ । ଏହି ବଂଶର ସର୍ବଶ୍ରେଷ୍ଠ ନରପତି ଲାଙ୍ଗୁଲା ନରସିଂହ ଦେବ ପୃଥିବୀବିଖ୍ୟାତ କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ । ସେ ବଙ୍ଗଳାର

ମୁସଲମାନମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଥିଲେ । ଦାକ୍ଷିଣାତ୍ୟର ଅନେକ ରାଜ୍ୟ ଜୟ କରି ଏବଂ ବାହ୍ମନୀ ରାଜାଙ୍କୁ ପରାସ୍ତ କରି **ଗୌଡ଼େଶ୍ୱର କର୍ଣ୍ଣାଟ—କଲବର୍ଗେଶ୍ୱର** ଉପାଧିମାନ ଗ୍ରହଣ କରିଥିଲେ ।

୧୪୩୫ ଖ୍ରୀ: ଅ: ରେ କପିଳେନ୍ଦ୍ରଦେବ ଓଡ଼ିଶାରେ ସୂର୍ଯ୍ୟବଂଶ ସ୍ଥାପନ କଲେ । ସେ କାବେରୀ ପର୍ଯ୍ୟନ୍ତ ଓଡ଼ିଶାର ଦକ୍ଷିଣ ସୀମା ବିସ୍ତାର କରିଥିଲେ । ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ କାଞ୍ଚୀ ଜୟ କରି କାଞ୍ଚୀ-ରାଜକନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିଲେ । ପୁରୁଷୋତ୍ତମଙ୍କ ପୁତ୍ର ପ୍ରତାପରୁଦ୍ର ଚୈତନ୍ୟଙ୍କ ଭକ୍ତିଧର୍ମ ପ୍ରତି ବିଶେଷ ଆସକ୍ତ ହୋଇ ରାଜ୍ୟ ଦିଗରେ ଅଧିକ ଦୃଷ୍ଟି ଦେଲେ ନାହିଁ । ବୈଷ୍ଣବଧର୍ମ ଓଡ଼ିଶାରେ ଅତି ପ୍ରବଳ ହୋଇଥିଲା । ଫଳରେ ରାଜ୍ୟର ସେନାବଳର କ୍ଷୟ ଘଟିଲା । ବିଜୟନଗରର କୃଷ୍ଣଦେବ ରାୟ ତାଙ୍କୁ ପରାସ୍ତ କରି କୃଷ୍ଣାନଦୀ ପର୍ଯ୍ୟନ୍ତ ରାଜ୍ୟ ପୁଣି ଜୟ କରି ନେଇଗଲେ ।

ଏହା ପରେ ରାଜ୍ୟରେ ନାନା ପ୍ରକାର ଗୃହବିବାଦର ଆରମ୍ଭ ହେଲା । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କୁ ମାରି ୧୫୬୮ ଖ୍ରୀଷ୍ଟାବ୍ଦରେ କଲାପାହାଡ଼ ଓଡ଼ିଶା ଅଧିକାର କଲେ ।

**ଭାରତର ଧର୍ମ ଓ ସମାଜ**—ମୁସଲମାନମାନେ ଆସିବା ଦିନଠାରୁ ହିନ୍ଦୁମାନଙ୍କୁ ଛଳେ ବଳେ କୌଶଳେ ଇସଲାମରେ ଦୀକ୍ଷିତ କରୁଥିଲେ । ଉଚ୍ଚ ଶ୍ରେଣୀର ହିନ୍ଦୁମାନେ କୌଣସିମତେ ନିଜ ଧର୍ମ ଛାଡ଼ୁ ନ ଥିଲେ । ଧର୍ମ ଛାଡ଼ିବା ଅପେକ୍ଷା ମୃତ୍ୟୁକୁ ସେମାନେ ଶ୍ରେୟସ୍କର ମଣୁଥିଲେ । ନୀଚ ଜାତି ହିନ୍ଦୁ ମଧ୍ୟରୁ ଅତ୍ୟଧିକ ଲୋକ ଇସଲାମ ଧର୍ମ ଗ୍ରହଣ କରିଥିଲେ । ସୀମାନ୍ତ ପ୍ରଦେଶ, ପଞ୍ଜାବ, ସିନ୍ଧୁ, କାଶ୍ମୀର ଓ ବଙ୍ଗଳାରେ ଅନ୍ୟ ପ୍ରଦେଶ ଅପେକ୍ଷା ଅଧିକ ଲୋକ ମୁସଲମାନ ହୋଇଥିଲେ ।

ନୀଚ ଶ୍ରେଣୀର ହିନ୍ଦୁମାନେ ବ୍ରାହ୍ମଣ୍ୟଧର୍ମର ନୀତିଗୁଡ଼ିକ ବୁଝି ପାରୁ ନ ଥିଲେ ଏବଂ ସେମାନେ ବହୁ ସଂଖ୍ୟାରେ ମୁସଲମାନ ହେଉ-ଥିଲେ । ଏଥିରେ ହିନ୍ଦୁଧର୍ମର ଅପଚୟ ହେବା ଦେଖି କେତେକ ନୂତନ ଧର୍ମପ୍ରଚାରକ ବାହାରିଲେ । ସେମାନେ ସହଜ ଓ ବୋଧଗମ୍ୟ ଆକାରରେ ହିନ୍ଦୁଧର୍ମ ପ୍ରଚାର କଲେ । ସେମାନଙ୍କ ମଧ୍ୟରେ ରାମାନୁଜ, ରାମାନନ୍ଦ, କବୀର, ନାନକ ଓ ଚୈତନ୍ୟ ପ୍ରଧାନ ଥିଲେ ।

**ରାମାନୁଜ**—ରାମାନୁଜ ଏକାଦଶ ଶତାବ୍ଦୀର ଶେଷ ଓ ଦ୍ୱାଦଶ ଶତାବ୍ଦୀର ପ୍ରଥମ ଭାଗର ଲୋକ । ସେ ଦାକ୍ଷିଣାତ୍ୟର ଶ୍ରୀରଙ୍ଗଠାରେ ବାସ କରୁଥିଲେ । ଜାତିରେ ବ୍ରାହ୍ମଣ ଥିଲେ । କଥିତ ଭାଷାରେ ବୈଷ୍ଣବଧର୍ମ ଶିକ୍ଷା ଦେଉଥିଲେ । ସବୁ ଜାତିରୁ ଶିଷ୍ୟ ଗ୍ରହଣ କରୁଥିଲେ । ଏ ଅନେକ ବୈଷ୍ଣବ ମଠ ସ୍ଥାପନ କରିଥିଲେ । ଜାତିଧର୍ମନିର୍ବିଶେଷରେ କେବଳ ଭଜନା କଲେ ମନୁଷ୍ୟ ହରିଙ୍କି ପାଇବ, ଏହା ତାଙ୍କ ପ୍ରଚାରର ମର୍ମ ଥିଲା ।

**ରାମାନନ୍ଦ**—ରାମାନନ୍ଦ ରାମାନୁଜଙ୍କ ମତାବଲମ୍ବୀ । ଚତୁର୍ଦ୍ଦଶ ଶତାବ୍ଦୀର ଲୋକ । ଉତ୍ତରଭାରତରେ ଶ୍ରୀରାମଚନ୍ଦ୍ରଙ୍କ ଈଶ୍ୱରତ୍ୱ ପ୍ରଚାର କରିଥିଲେ । ସବୁ ଜାତିର ଲୋକେ ତାଙ୍କ ଶିଷ୍ୟ ହୋଇ ପାରୁଥିଲେ ।

**କବୀର**—ରାମାନନ୍ଦଙ୍କର ମତାବଲମ୍ବୀ । ସେ ଜାତିରେ ତନ୍ତୀ । ଏହାଙ୍କ ପ୍ରଚାରରେ ନୀଚ ଜାତିମାନଙ୍କର ଉପକାର ହୋଇଥିଲା । ଏ ବୈଷ୍ଣବ ଧର୍ମର ନୀତିରୁ କିଛି ପରିବର୍ତ୍ତିତ କରି ହିନ୍ଦୁ ଓ ମୁସଲମାନ ଉଭୟଙ୍କ ସାଧାରଣ ଉପଯୋଗୀ କରିଥିଲେ । ପଞ୍ଚଦଶ ଶତାବ୍ଦୀରେ ଧର୍ମ ପ୍ରଚାର କରିଥିଲେ । ସେ ଗୁଡ଼ିଏ ଭକ୍ତି ଚୌପଦୀ ରଚନା କରିଥିଲେ ।

**ନାନକ**—ପଞ୍ଚଦଶ ଶତାବ୍ଦୀରେ ପଞ୍ଜାବରେ ଶିଖଧର୍ମ ପ୍ରଚାର କରିଥିଲେ । ହିନ୍ଦୁ ମୁସଲମାନ ଉଭୟଙ୍କୁ ଶିଖ କରିଥିଲେ । ଶିଖମାନେ

ଅନୁଗାମୀ ଭାରତର ଏକ ଶକ୍ତିଶାଳୀ ସମ୍ପ୍ରଦାୟ ହୋଇଅଛନ୍ତି । ମୋଗଲ ସମ୍ରାଟଙ୍କ ଅତ୍ୟାଚାର ସହି ନ ପାରି ଏମାନେ ପଞ୍ଜାବରେ ଶିଖରାଜ୍ୟ ସ୍ଥାପନ କରିଥିଲେ । ସେ ପଞ୍ଜାବର ନାନକାନା ବା ତାଲବଣ୍ଡୀ ଗ୍ରାମରେ ଜନ୍ମିଥିଲେ ।

**ଚୈତନ୍ୟ** - (୧୪୮୫-୧୫୩୩) ନବଦ୍ୱୀପରେ ବ୍ରାହ୍ମଣ ଘରେ ଅବତାର ନେଇଥିଲେ । ତାଙ୍କର ଜଣେ ପୂର୍ବପୁରୁଷ ଓଡ଼ିଶାରୁ ଯାଇ ନବଦ୍ୱୀପରେ ବାସ କରିଥିଲେ । ଚୈତନ୍ୟ ଭକ୍ତିମାର୍ଗ ପ୍ରଚାର କରିଥିଲେ । ସେ ନିଜେ ଶ୍ରୀକୃଷ୍ଣଙ୍କ ପ୍ରେମରେ ମୁଗ୍ଧଥିଲେ । ମାଂସଭକ୍ଷଣ, ଜୀବବଧ, ମଦ୍ୟ ଏବଂ ଉତ୍ତେଜକଦ୍ରବ୍ୟ ବା ନିଶାସେବନ ନିଷେଧ କରିଥିଲେ । ଚୈତନ୍ୟ ଜୀବନର ଅଧିକାଂଶ କାଳ ଓଡ଼ିଶାରେ କଟାଇଥିଲେ ଏବଂ ପୁରୀଧାମରେ ଦେହତ୍ୟାଗ କରିଥିଲେ ।



ଚୈତନ୍ୟ ଯେତେବେଳେ ଓଡ଼ିଶାରେ ଧର୍ମ ପ୍ରଚାର କରୁଥିଲେ, ତାଙ୍କୁ ପାଞ୍ଚ ଜଣ ଉତ୍ତମ ମହାପୁରୁଷ ସଙ୍ଗ ମିଳିଥିଲେ । ସେମାନଙ୍କ ନାମ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ । ଏମାନେ ସମସ୍ତେ ସରଳ ଓଡ଼ିଆରେ ଧର୍ମଗ୍ରନ୍ଥମାନ ଲେଖିଥିଲେ । ଏମାନଙ୍କୁ **ପଞ୍ଚସଖା** କହନ୍ତି । ପଞ୍ଚସଖାଙ୍କ ମଧ୍ୟରେ

ଜଗନ୍ନାଥ ଦାସ ଶ୍ରେଷ୍ଠ ଏବଂ ଏ ଓଡ଼ିଆ ଭାଗବତ ଲେଖିଥିଲେ । ଏହି ଓଡ଼ିଆ ଭାଗବତ ଏବେ ଘରେ ଘରେ ପଢ଼ା ହେଉଅଛି ଏବଂ ମହାନ ଶାସ୍ତ୍ର ବୋଲି ବିଖ୍ୟାତ । ଜଗନ୍ନାଥଙ୍କ ଜ୍ଞାନ ଓ ଭକ୍ତିକଥା ଚୈତନ୍ୟ ଦେବଙ୍କୁ ଜଣା ଥିବାରୁ ସେ ତାଙ୍କୁ "ଅତିବଡ଼ ଜଗନ୍ନାଥ" ନାମ ଦେଇଥିଲେ ।

ଧର୍ମଜଗତରେ ମୁସଲମାନମାନଙ୍କ ସହିତ ହିନ୍ଦୁମାନଙ୍କର ବରାବର ସଂଘର୍ଷ ହେଉଥିଲା । ସମାଜର ଅଗ୍ରଣୀମାନେ ହିନ୍ଦୁମାନଙ୍କର ଜାତିସମ୍ବନ୍ଧୀୟ ବ୍ୟବସ୍ଥାକୁ ସଙ୍କୀର୍ଣ୍ଣ ଓ ଶିଥିଳ କରିବାକୁ ବାଧ୍ୟ ହୋଇଥିଲେ । ମୁସଲମାନ ରାଜତ୍ୱରେ ଚଣ୍ଡାଳମାନେ ଦୁଇଖଣ୍ଡ କାଠି ବଜାଇ ଉଚ୍ଚ ହିନ୍ଦୁମାନେ ସେମାନଙ୍କୁ ନ ଛୁଇଁବା ସକାଶେ ଜଣାଇ ଦେବାକୁ ବାଧ୍ୟ ହେଉଥିଲେ । ସେ ପ୍ରକାର କଠିନ ବ୍ୟବସ୍ଥାମାନ ବର୍ତ୍ତମାନ ତାମାନଙ୍କୁ ଗ୍ରାହ୍ୟ ହେଲା ।

ସମାଜ ସାଧାରଣରେ ଦୁର୍ବଳ ହୋଇଥିଲା । ସେମାନଙ୍କ ମଧ୍ୟରେ ଏକତା ଆସି ପାରିଲା ନାହିଁ ଏବଂ ପରାଧୀନତାକୁ ସଂଘବଦ୍ଧ ଚେଷ୍ଟାଦ୍ୱାରା ଦୂର କରିବା ଶକ୍ତି ସେମାନଙ୍କର ନ ଥିଲା । ସବୁ ଦିଗରେ ନାନା ପ୍ରକାର ମତଭେଦ ଦେଖାଯାଇଥିଲା ।

ମୁସଲମାନ ରାଜତ୍ୱରେ ବିଦ୍ୟା, ସାହିତ୍ୟ, କଳାକୌଶଳ, ଶିଳ୍ପ ଓ ବାଣିଜ୍ୟର ସାଧାରଣ ଅବନତି ଘଟିଥିଲା । ତେବେ ସମାଜର ସମସ୍ତ କାର୍ଯ୍ୟ ପୂର୍ବ ପରି ଚଳୁଥିଲା । ପାରସିକ ଭାଷା ଓ ହିନ୍ଦୁସ୍ଥାନୀ ଭାଷାର ସମ୍ମିଶ୍ରଣରେ ମୁସଲମାନମାନଙ୍କର ଏକ ନୂଆ ଭାଷାର ସୃଷ୍ଟି ହୋଇଥିଲା । ଏହି ନୂତନ ଭାଷାର ନାମ ଉର୍ଦ୍ଦୁ । "ଉର୍ଦ୍ଦୁ" ଶବ୍ଦର ଅର୍ଥ "ଶିବିର" । ମୁସଲମାନ ରାଜାମାନଙ୍କର ଉର୍ଦ୍ଦୁରେ (ଶିବିରରେ) ଏହି ଭାଷା ପ୍ରଚଳିତ ହୋଇଥିବାରୁ ଏହି ଭାଷାକୁ ଉର୍ଦ୍ଦୁ ନାମ ଦିଆଯାଇ ଥିଲା ।

ମୁସଲମାନମାନେ ହିନ୍ଦୁ ସମାଜର ଅଭ୍ୟନ୍ତରୀଣ ବ୍ୟବସ୍ଥା ବୁଝିପାରୁ ନ ଥିଲେ କିମ୍ବା ତହିଁରେ କୌଣସି ପ୍ରକାରେ ହସ୍ତକ୍ଷେପ କରିବାକୁ ଗୃହୁଁ ନ ଥିଲେ, କାରଣ ସେମାନଙ୍କର ପ୍ରଧାନ ଓ ଏକମାତ୍ର ଉଦ୍ଦେଶ୍ୟ ଥିଲା, ହିନ୍ଦୁମାନଙ୍କୁ ବଳପୂର୍ବକ ମୁସଲମାନ କରିବା । ସେମାନଙ୍କର କାର୍ଯ୍ୟ ଗଠନ-ମୂଳକ ନ ଥିଲା । ସେମାନେ ଯଦି ଗଠନମୂଳକ ଧର୍ମପ୍ରଚାରରେ ହସ୍ତକ୍ଷେପ କରିଥାନ୍ତେ ଏବଂ ହିନ୍ଦୁ ଧର୍ମର ବ୍ୟବସ୍ଥାଗୁଡ଼ିକର ପରିବର୍ତ୍ତନଦ୍ୱାରା ସେକାର୍ଯ୍ୟ ଅଗ୍ରସର କରାଇଥାନ୍ତେ, ତେବେ ହିନ୍ଦୁ ସଭ୍ୟତା ଉପରେ ବିଶେଷ ବାଧା ପଡ଼ିଥାନ୍ତା ଏବଂ ସେହି ସଭ୍ୟତାର ଅପଚୟ ଘଟିଥାନ୍ତା । ଅସ୍ତ୍ରର ଭୟ ଦେଖାଇ, ଦେଉଳ ଭାଙ୍ଗି ବା ମସ୍‌ଜିଦ୍ ନିର୍ମାଣ କରି କେହି ଅନ୍ୟ ଜାତିର ଧର୍ମ ବ ସଭ୍ୟତାର ମୂଳଚ୍ଛେଦ କରି ନ ପାରେ । ଫଳରେ ହିନ୍ଦୁ ଧର୍ମ ଓ ହିନ୍ଦୁ ସଭ୍ୟତା ପୂର୍ବ ପରି ଅକ୍ଷୁଣ୍ଣ ରହିଥିଲା ।

## ଅନୁଶୀଳନୀ

୧ । ବାକ୍ୟମାନ ପୂରଣ କର—

(କ) ମହମ୍ମଦ ଭାରତର ରାଜାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପଣ୍ଡିତ ଥିଲେ, କାରଣ —

(ଖ) ମହମ୍ମଦଙ୍କୁ ଅଜ୍ଞାନୀ ରାଜା କୁହାଯାଏ, କାରଣ— କିନ୍ତୁ ଏ ସବୁ କହିବା ସମ୍ପୂର୍ଣ୍ଣ ଉଚିତ ନୁହେଁ, କାରଣ—

୨ । ମହମ୍ମଦଙ୍କ ରାଜତ୍ୱରେ ବା ପରେ କେଉଁ କେଉଁ ରାଜ୍ୟ ସ୍ୱାଧୀନତା ଘୋଷଣା କରିଥିଲା ?

୩ । ବାହ୍ମନୀ ରାଜ୍ୟର ସେପରି ନାମକରଣ ହେବାର କାରଣ କଣ ?

# ଅଷ୍ଟାଦଶ ଅଧ୍ୟାୟ

## ମୋଗଲ ରାଜତ୍ୱ

### ବାବର (୧୫୨୬-୧୫୩୦ ଖ୍ରୀ: ଅ:)

ତିମୁରଙ୍କ ପରେ ତାଙ୍କ ସାମ୍ରାଜ୍ୟ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇଥିଲା । ବାବରଙ୍କ ପିତା ତିମୁରଙ୍କର ଜଣେ ବଂଶଧର ଏବଂ ଫର୍ଗନାର ରାଜା ଥିଲେ । ପିତାଙ୍କ ମୃତ୍ୟୁ ପରେ ବାବର ୧୧ ବର୍ଷ ବୟସରେ ୧୪୯୪ ଖ୍ରୀ: ଅ: ରେ ଫର୍ଗନାର ରାଜା ହେଲେ । ଦୁଇ ବର୍ଷ ପରେ ସେ ସମରକନ୍ଦ ରାଜ୍ୟ ଜୟ କଲେ, କିନ୍ତୁ ଦୁଇ ରାଜ୍ୟ ହରାଇ ଅଳ୍ପ ଅନୁଚରଙ୍କ ସଙ୍ଗେ ନିରାଶ୍ରୟ ଭାବରେ ଅରଣ୍ୟରେ ବୁଲିବାକୁ ଲାଗିଲେ ।

ଏତେବେଳେ କାବୁଲର ରାଜା ବଡ଼ ଦୁର୍ବଳ ହୋଇ ପଡ଼ିଥିଲେ । ବାବର ୧୫୦୪ ଖ୍ରୀ: ଅ: ରେ କାବୁଲ ଆକ୍ରମଣ କରି ଜୟ କଲେ । କାବୁଲରୁ ସେ ଭାରତ ଆକ୍ରମଣଦ୍ୱାରା ଦୁଇ ଥର ନିଜର ଭାଗ୍ୟ ପରୀକ୍ଷା କରିବା ଚେଷ୍ଟା କରି ବିଫଳ ହୋଇଥିଲେ ।

ଶେଷରେ ବାବରଙ୍କର ଭାରତଜୟ କରିବା ଆଶା ସଫଳ ହେଲା । ପଞ୍ଜାବର ଶାସନକର୍ତ୍ତା ଦୌଲତ୍ ଖାଁ ତାଙ୍କୁ ଇବ୍ରାହିମ ଲୋଦୀଙ୍କ ବିରୋଧରେ ଆହ୍ୱାନ କଲେ । ସେହି ଆହ୍ୱାନ ପାଇ ସେ ୧୫୨୬ ଖ୍ରୀ: ଅ: ରେ ପାନିପଥ ଯୁଦ୍ଧରେ ଇବ୍ରାହିମଙ୍କୁ ପରାସ୍ତ କରି ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କଲେ ।

'ମୋଗଲ' କୌଣସି ଜାତିବିଶେଷର ନାମ ନୁହେ । ଏହା **ମଙ୍ଗୋଲ** ଶବ୍ଦର ଅପଭ୍ରଂଶ । ତିମୁର ମଙ୍ଗୋଲର ଅଧିବାସୀ ଥିବାରୁ

ଏବଂ ବାବର ତିମୁରଙ୍କ ବଂଶଧର ଥିବାରୁ ବାବର ଓ ତାଙ୍କ ପରବର୍ତ୍ତୀ ସେହି ବଂଶର ରାଜପୁରୁଷମାନଙ୍କୁ 'ମୋଗଲ ରାଜବଂଶ' କୁହାଯାଏ ।

**ପ୍ରଥମ ପାନିପଥ ଯୁଦ୍ଧ (୧୫୨୬)**—ଇବ୍ରାହିମ ଓ ବାବରଙ୍କ ମଧ୍ୟରେ ଦିଲ୍ଲୀ ନିକଟରେ ଥିବା ପାନିପଥ, ଯୁଦ୍ଧକ୍ଷେତ୍ରରେ ଏକ ଭୀଷଣ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଇବ୍ରାହିମଙ୍କ ୧୦୦,୦୦୦ ସୈନ୍ୟ ଓ ୧୦୦ ହସ୍ତୀ ଥିଲେ । ବାବରଙ୍କ ୧୨,୦୦୦ ସୈନ୍ୟ ଥିଲେ । ତାଙ୍କର ହସ୍ତୀ ଆଦୌ ନ ଥିଲେ । କିନ୍ତୁ ୭୦୦ ତୋପ ଥିଲା । ଭାରତର ଲୋକେ ଏଥିପୂର୍ବେ ତୋପ ଦେଖି ନ ଥିଲେ । ବାବର ତୋପଗୁଡ଼ିକ ଯୁଦ୍ଧକ୍ଷେତ୍ରର ଆଗରେ ଥୋଇଥିବା ଦେଖି ସେମାନେ କଣ ବୋଲି ବୁଝି ପାରିଲେ ନାହିଁ । ସେମାନେ ଯେତେବେଳେ ଆଗକୁ ଅଗ୍ରସର ହେଲେ ବାବର ତୋପ ଚଳାଇଲେ । ଗୋଳାସବୁ ସେମାନଙ୍କ ଦେହରେ ବାଜିଲା । ଅନେକେ ମଲେ । ବାକି ଲୋକେ ପଛକୁ ଘୁଞ୍ଚି ଦେଲେ । କିନ୍ତୁ ପଛକୁ ମୁହଁ ଫେରାଇ ଦେଖିଲେ, ସେ ଆଡ଼େ ମଧ୍ୟ ଶତ୍ରୁ, ଚାରିଆଡ଼େ ଶତ୍ରୁ । କଣ କରିବେ ? କେଉଁ ଆଡ଼େ ଯିବେ ? ବାବର କୌଶଳରେ ସେମାନଙ୍କୁ ଚାରିଦଗରୁ ଘେରିଗଲେ । ତାଙ୍କ ଯୁଦ୍ଧକୌଶଳ ହେତୁରୁ ଇବ୍ରାହିମ ୬ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ପରାଜିତ ହେଲେ । ଇବ୍ରାହିମ ଯୁଦ୍ଧକ୍ଷେତ୍ରରେ ନିହତ ହେଲେ । ବାବର ଦିଲ୍ଲୀ ଓ ଆଗ୍ରା ଅଧିକାର କଲେ । ଭାରତରେ ମୋଗଲରାଜ୍ୟ ପ୍ରତିଷ୍ଠିତ ହେଲା । ବାବର ଆଗ୍ରାରୁ ଗୋଟିଏ ବହୁମୂଲ୍ୟ ହୀରା ପାଇଥିଲେ ।

**ସିକ୍ରି ଯୁଦ୍ଧ ( ୧୫୨୭ )** :—ବାବର ଯେତେବେଳେ ଦିଲ୍ଲୀର ବାଦଶାହ ହେଲେ, ସେତେବେଳେ ରାଜପୁତାନାର ମିବାର ରାଜ୍ୟରେ ସଂଗ୍ରାମ ସିଂହ ରାଣା ଥିଲେ । ସେ ଏପରି ପରାକ୍ରମୀ ଥିଲେ ଯେ ରାଜପୁତାନାର ସବୁ ରାଜା ତାଙ୍କୁ ମହାରାଜାଧିରାଜ ବୋଲି ମାନୁଥିଲେ । ସେ

ଜଣେ ପ୍ରସିଦ୍ଧ ବୀର ଥିଲେ ଏବଂ ନିଜ ଜୀବନରେ ସହସ୍ର ଯୁଦ୍ଧ କରିଥିଲେ । ବଡ଼ ବଡ଼ ବୀରମାନେ ତାଙ୍କ ଆଗରେ ହଟି ଯାଇଥିଲେ । ଯୁଦ୍ଧରେ ତାଙ୍କର ଗୋଟିଏ ଚକ୍ଷୁ, ଗୋଟିଏ ବାହୁ ଓ ଗୋଟିଏ ଗୋଡ଼ ନଷ୍ଟ ହୋଇ ଯାଇଥିଲା ଏବଂ ତାଙ୍କ ଦେହରେ ତରବାରି ଆଘାତର ୮୦ ଗୋଟି ଚିହ୍ନ ଥିଲା । ସଂଗ୍ରାମଙ୍କୁ ଲୋକେ ସଙ୍ଗ ବୋଲି ଡାକୁଥିଲେ ।

ରଣା ସଙ୍ଗ ସବୁଦିନେ ଦିଲ୍ଲୀର ଶତ୍ରୁ ଥିଲେ । ବାବରଙ୍କ ସଙ୍ଗେ ଯୁଦ୍ଧ କରି ଇବ୍ରାହିମ ମରନ୍ତୁ ବୋଲି ଇଚ୍ଛା କରି ସେ ପାନିପଥ ଯୁଦ୍ଧରେ ଭାରତର ଶତ୍ରୁ ବାବରଙ୍କ ବିପକ୍ଷରେ ଛିଡ଼ା ହୋଇ ନ ଥିଲେ । ସେ ମନେ କରିଥିଲେ ବାବର ଇବ୍ରାହିମଙ୍କୁ ଦଳିତ କରି ନିଜ ରାଜ୍ୟକୁ ଲେଉଟି ଯିବେ, ତାହାହେଲେ ପଠାଣଙ୍କ ଭାରତରୁ ଲୋପ ପାଇବ ଏବଂ ଦିଲ୍ଲୀରେ ହିନ୍ଦୁ ଅଧିକାର ଫେରି ଆସିବ । ସେ ହିନ୍ଦୁଧର୍ମର ଜଣେ ପ୍ରଧାନ ପୃଷ୍ଠ-ପୋଷକ ଥିଲେ ଏବଂ ଭାରତରୁ ପଠାଣରାଜ୍ୟ ଲୋପ କରିବାକୁ ସର୍ବଦା ଚେଷ୍ଟା କରୁଥିଲେ । ତାଙ୍କର ଏହି ଭାବନା ସ୍ୱପ୍ନ ହୋଇ ଥିଲା । ସେ ଦେଖିଲେ, ଇବ୍ରାହିମଙ୍କୁ ପରାସ୍ତ କରି ବାବର ଆଉ ଭାରତ ଛାଡ଼ି ଯାଉ ନାହାନ୍ତି, ତେଣୁ ସେ ରାଜପୁତାନାର ସମସ୍ତ ରାଜାଙ୍କୁ ଏକତ୍ର କରି ବାବରଙ୍କୁ ତଡ଼ିଦେବା ସକାଶେ ବାହାରିଲେ ।

ରଣା ସଙ୍ଗଙ୍କୁ ଯୁଦ୍ଧକ୍ଷେତ୍ରରେ ଦେଖି ବାବର କାତର ହେଲେ । ଖିଦ୍ଦିଠାରେ ତୁମୁଳ ଯୁଦ୍ଧ ହେଲା । ଯାହା ହେଉ, ଯୁଦ୍ଧକୌଶଳ ହେତୁ ବାବର ପୁଣି ଜୟୀ ହେଲେ ।

ଏହା ପରେ ବଙ୍ଗ ଓ ବିହାରର ସୁଲତାନମାନେ ବିଦ୍ରୋହ କରି ୧୫୨୯ ଖ୍ରୀ: ଅ: ରେ ଘର୍ଘରା ଯୁଦ୍ଧରେ ପରାସ୍ତ ହେଲେ । ବାବର ବିହାରକୁ

ନିଜ ରାଜ୍ୟ ସଙ୍ଗେ ମିଶାଇ ନେଲେ । ବଙ୍ଗ ସୁଲତାନ ସନ୍ଧି କଲେ । ବଙ୍ଗଳାଠାରୁ ଅକ୍ଷସ ନଦୀ ପର୍ଯ୍ୟନ୍ତ ବାବରଙ୍କ ରାଜ୍ୟ ବିସ୍ତୃତ ଥିଲା ।

ବାବରଙ୍କ ଠିକ୍ ନାମ "ଜହିରୁଦ୍ଦିନ ମହମ୍ମଦ" । "ବାବର" ଶବ୍ଦର ଅର୍ଥ ସିଂହ । ତାଙ୍କୁ "ସିଂହ" ପରି ବଳବାନ୍ ଦେଖି ତାତାରମାନେ ଏହି ନାମ ଦେଇଥିଲେ । ସେ ଦୁଇଜଣ ଦୀର୍ଘକାୟ ବ୍ୟକ୍ତିଙ୍କୁ ଦୁଇ ହାତରେ ଧରି ଉଚ୍ଚ ପ୍ରାଚୀର ଉପରେ ଦୌଡ଼ି ଦୌଡ଼ି ଯାଇ ପାରୁଥିଲେ । ସେ ଗୋଟିଏ ବଡ ନଦୀ ପହଁରି ପହଁରି ପାରି ହୋଇ ପାରୁଥିଲେ ଏବଂ ଦରକାର ବେଳେ ଶହେ ମାଇଲ ପଥ ଘୋଡ଼ା ପିଠିରେ ଭ୍ରମଣ କରି ପାରୁଥିଲେ । ବାଲ୍ୟକାଳରୁ ବିପଦର ତୀବ୍ର କଶାଘାତ ସହ୍ୟ କରି ବୀର ବାବରଙ୍କ ଚରିତ୍ର ବଡ଼ ସୁନ୍ଦର ହୋଇଥିଲା । ସେ ମୋଗଲ ସାମ୍ରାଜ୍ୟର ସ୍ଥାପୟିତା । ନଗର ଲୁଣ୍ଠନ ବା ଦେବାଳୟ ଧ୍ୱଂସ କରିବାକୁ ସେ ଭାରତକୁ ଆସି ନ ଥିଲେ । ରାଜ୍ୟ ସ୍ଥାପନ କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା । ତାଙ୍କ ହୃଦୟ ଧୀର, ନମ୍ର, ଉଦାର, ଦୃଢ଼ ଏବଂ ସ୍ନେହ ଓ ଦୟାରେ ପୂର୍ଣ୍ଣ ଥିଲା । ସେ ମିଷ୍ଟଭାଷୀ, ସାହସୀ, ଅଧ୍ୟବସାୟୀ ଓ ସାହିତ୍ୟପ୍ରିୟ ଥିଲେ ଏବଂ ସଙ୍ଗୀତବିଦ୍ୟା ଭଲ ଜାଣିଥିଲେ । ସେ ବିପଦରେ କେବେ ଅଧୀର ହୋଇ ନ ଥିଲେ । ସେ ଅଳ୍ପ ଅଳ୍ପ ମଦ ଖାଉଥିଲେ । ସେ ବିଦ୍ୟାନୁରାଗୀ ଥିଲେ ଏବଂ ତୁର୍କି ଓ ପାରସୀ ଭାଷାରେ ପଣ୍ଡିତ ଥିଲେ । ନିଜର ଦୋଷ ଗୁଣ ସେ ମୁକ୍ତକଣ୍ଠରେ ବ୍ୟକ୍ତ କରୁଥିଲେ ଏବଂ ସେହି ଭାବରେ



ବାବର

ନିଜର ଖଣ୍ଡିଏ ଆତ୍ମଚରିତ ଲେଖିଯାଇଛନ୍ତି । ବନ୍ଧୁ ଓ ଆତ୍ମୀୟମାନଙ୍କ ପ୍ରତି ସେ ଚମତ୍କାର ବ୍ୟବହାର କରୁଥିଲେ ।

## ଅନୁଶୀଳନୀ

୧ । ବନ୍ଧନୀମଧ୍ୟରୁ ଶବ୍ଦମାନଙ୍କ ମଧ୍ୟରୁ ବାଛି ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

[କ] ୧୪୯୦ ଖ୍ରୀଷ୍ଟାବ୍ଦରେ ବାବରଙ୍କ ହାତରେ କାହା ରାଜ୍ୟ ଥିଲା ?
[ଫର୍ଗଣା, ସମରକନ୍ଦ, କାବୁଲ, ଦିଲ୍ଲୀ, ଗଜନୀ]

[ଖ] ଭାରତ ଆକ୍ରମଣ କରିବା ସକାଶେ କିଏ କିଏ ବାବରଙ୍କୁ ଡ଼ାକିଥିଲେ ? [ଦୌଲତ ଖାଁ, ରାଣା ସଙ୍ଗ, ହିମୁ, ଶେର ଖାଁ, ଆଲମ ଖାଁ, ବାହାଦୁରସାହ ]

[ଗ] ବାବର ଓ ଇବ୍ରାହିମ କେଉଁଠାରେ ଯୁଦ୍ଧ କଲେ ?
[ଥାନେଶ୍ୱର, ତରେଣ୍ଣ, ପାଣିପଥ, ଦିଲ୍ଲୀ, ସିକ୍ରି ] ।

୨ । ଘଟଣାକାଳର କ୍ରମ ଅନୁସାରେ ସଜାଇ ଲେଖ :—
ଇବ୍ରାହିମ ମୋଗଲସେନାର ସଂଖ୍ୟା କଳନା ଓ ଦଳଗଠନରୂପଣ କରି ପାରିଲେ ନାହିଁ ।
ହସ୍ତୀମାନେ ପଳାୟନ କଲେ ।
ବାବର ଗୁରୁ ଦଳରୁ ଇବ୍ରାହିମଙ୍କୁ ଆକ୍ରମଣ କଲେ ।
ହସ୍ତୀମାନେ ଇବ୍ରାହିମଙ୍କ ସୈନ୍ୟମାନଙ୍କୁ ଦଳି ପଳାଇଲେ ।
ବାବର ତୋପ ଚଳାଇଲେ ।
ଇବ୍ରାହିମ ଯୁଦ୍ଧରେ ନିହତ ହେଲେ ।
ବାବର କୋହିନୁର ମଣି ଓ ବହୁତ ଧନ ପାଇଲେ ।

୩ । ତୁମ୍ଭେ ରାଣା ସଙ୍ଗ । ତୁମ୍ଭର ନିଜର ବୀରତ୍ୱ ବର୍ଣ୍ଣନା କର ।

# ହୁମାୟୁନ

ପିତାଙ୍କ ମୃତ୍ୟୁ ପରେ ହୁମାୟୁନ ବାଦଶାହ ହେଲେ (୧୫୩୦) । ସେତେବେଳେ ଅକ୍ଷସଠାରୁ ବଙ୍ଗଳାର ବ୍ରହ୍ମପୁତ୍ର ନଦୀ ପର୍ଯ୍ୟନ୍ତ ଏବଂ ହିମାଳୟଠାରୁ ନର୍ମଦା ପର୍ଯ୍ୟନ୍ତ ଭୂଖଣ୍ଡ ତାଙ୍କର ନାମମାତ୍ର ଅଧୀନ ଥିଲା ।

୧୫୩୫ ଖ୍ରୀ: ଅ:ରେ ଗୁଜରାଟର ରାଜା ବାହାଦୁର ଶାହ ବିଦ୍ରୋହୀ ହେଲେ । ବିଦ୍ରୋହ ଦମନ ସକାଶେ ହୁମାୟୁନ ଗୁଜରାଟକୁ ଗଲେ । ବିଦ୍ରୋହ ଦମନ ନ ହେଉଣୁ ଶୁଣିଲେ ଯେ ବିହାରରେ ଶେରସାହ ବିଦ୍ରୋହୀ ହୋଇଛନ୍ତି । ସେଠାରୁ ସେ ବିହାର ଅଭିମୁଖରେ ଯାତ୍ରା କଲେ ।

ଶେରଶାହ ଜଣେ ଜାଗିରଦାରର ପୁତ୍ର ଓ ଜାତିରେ ଅଫଗାନ ଥିଲେ । ବିହାର ରାଜାଙ୍କ ତଳେ ଖଣ୍ଡିଏ ଜାଗିର ଭୋଗୁଥିଲେ । ସେହି ଜାଗିରରୁ କ୍ରମେ ଉନ୍ନତି କରି ସେ ଶେଷରେ ବିହାର ରାଜାଙ୍କୁ ତଡ଼ିଦେଲେ ଏବଂ ନିଜେ ରାଜା ହେଲେ । ବିହାରର ରାଜା ପଳାଇ ଯାଇ ବଙ୍ଗରେ ଆଶ୍ରୟ ନେଲେ, ତେଣୁ ଶେରଶାହ ବଙ୍ଗର ରାଜାଙ୍କୁ ମଧ୍ୟ ପରାସ୍ତ କରି ବଙ୍ଗ ଅଧିକାର କଲେ । ଏହା ପରେ ସେ ହୁମାୟୁନଙ୍କ ବିରୋଧରେ ଠିଆ ହେଲେ । ହୁମାୟୁନ ତାଙ୍କୁ ପରାସ୍ତ କରିବାକୁ ଯାଇ ଚୌସାଠାରେ ନିଜେ ପରାସ୍ତ ହେଲେ (୧୫୩୯) । ତତ୍ପର ବର୍ଷ ହୁମାୟୁନ ପୁଣି ଯୁଦ୍ଧଯାତ୍ରା କଲେ, କିନ୍ତୁ କନୌଜଠାରେ ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇ ପଳାୟନ କଲେ । ଶେରଶାହ ଦିଲ୍ଲୀର ସମ୍ରାଟ୍ ହେଲେ ।

ହୁମାୟୁନ ନିରାଶ ହୋଇ ରାଜପୁତାନାର ମରୁଭୂମିକୁ ପଳାୟନ କଲେ । ଦିଲ୍ଲୀର ରାଜାମାନେ ରାଜ୍ୟରୁ ତାଡ଼ିତ ହେଲେ ଏହି ମରୁଭୂମିରେ ଆଶ୍ରୟ ନେବାପାଇଁ ସବୁଦିନେ ପଳାଇଥାନ୍ତି । ହୁମାୟୁନ ମଧ୍ୟ ସେହି

ମରୁଭୂମିରେ ଆଶ୍ରୟ ନେଲେ । ମରୁଭୂମିରେ ବୁଲି ବୁଲି ସେ ବହୁ କଷ୍ଟ ପାଇଲେ । ବାଟରେ ତାଙ୍କର ଗର୍ଭବତୀ ସ୍ତ୍ରୀ ସୁଲତାନା ହାମିଦା ଅମରକୋଟଠାରେ ଗୋଟିଏ ପୁତ୍ର ପ୍ରସବ କଲେ । ଏହି ପୁଅ ଜଗଦ୍‌ବିଖ୍ୟାତ **ଆକବର** । ହୁମାୟୁନ ପତ୍ନୀ ଓ ପୁତ୍ରଙ୍କୁ ଭାଇ କାମରାନଙ୍କ ହସ୍ତରେ ଦେଇ ପାରସ୍ୟକୁ ପଳାୟନ କଲେ । ପାରସ୍ୟର ରାଜା ତାଙ୍କୁ ସୈନ୍ୟ ଦେଇ ସାହାଯ୍ୟ କଲେ ।

ଶେରଶାହଙ୍କ ମୃତ୍ୟୁ ପରେ ତାଙ୍କ ବଂଶଧରମାନେ ଦୁର୍ବଳ ହୋଇ ପଡ଼ନ୍ତେ ପାରସ୍ୟ ସୈନ୍ୟ ସାହାଯ୍ୟରେ ହୁମାୟୁନ ୧୫୫୫ ଖ୍ରୀଷ୍ଟାବ୍ଦରେ ପୁଣି ଦିଲ୍ଲୀ ସିଂହାସନ ଅଧିକାର କଲେ । ଯାହା ହେଉ, ପ୍ରାୟ ଛଅ ମାସ ପରେ ୧୫୫୬ ଖ୍ରୀଷ୍ଟାବ୍ଦରେ ତାହାଙ୍କର ମୃତ୍ୟୁ ହେଲା ।

---

## ଶେରଶାହ

ବିହାର ପ୍ରଦେଶର ଆରା ଜିଲ୍ଲାରେ ସହସ୍ରାମ ବା ସାସାରାମ ସହର । ଏଠାରେ ଅଫଗାନ ଜାତିର ଫରିଦ ଖାଁଙ୍କର ଜନ୍ମ । ଫରିଦ ଖାଁଙ୍କର ପିତା ଏହି ସହର ଜାଗିର ରୂପେ ପାଇଥିଲେ । ଫରିଦ କୌଣସି କାରଣରୁ ଘରୁ ପଳାଇ ଯାଇ ଜୌନପୁରରେ ରହିଥିଲେ ଏବଂ ସେଠାରେ ବିଦ୍ୟାଶିକ୍ଷା କରୁଥିଲେ । ଥରେ ଜୌନପୁର ରାଜା ଶିକାର କରିବା ବେଳେ ଏକ ବାଘ ତାଙ୍କୁ ହଠାତ୍ ଆକ୍ରମଣ କଲା । ଫରିଦ ତରବାରିଦ୍ୱାରା ଏହି ବାଘକୁ ବଧ କରି ରାଜାଙ୍କୁ ରକ୍ଷା କଲେ । ତେଣୁ ଜୌନପୁର ରାଜା ତାଙ୍କୁ ଶେର୍ ଖାଁ ନାମ ଓ ସେନାବିଭାଗରେ ଚାକିରି ଦେଇଥିଲେ । (ଶେର୍ ଶବ୍ଦର ଅର୍ଥ ବାଘ) । ଏହା ପରେ ଚୁନାରଗଡ଼ର ବିଧବା ରାଣୀ ତାଙ୍କୁ ବିବାହ କରିବାରୁ ସେ ଚୁନାର ଦୁର୍ଗର ମାଲିକ ହେଲେ ।

ଏହି ଘଟନା ପରେ ସେ ନିଜ ମାଲିକ ବିହାର ନବାବଙ୍କୁ ସିଂହାସନରୁ ତଡ଼ି ଦେଇ ନିଜେ ବିହାରର ନବାବ ହୋଇ ବସିଲେ । ବିହାରର ନବାବ ପଳାଇ ଯାଇ ବଙ୍ଗ ନବାବଙ୍କ ଆଶ୍ରୟ ନେବାରୁ ଶେର୍ ଖାଁ ବଙ୍ଗର ନବାବଙ୍କୁ ମଧ୍ୟ ପରାସ୍ତ କରି ବଙ୍ଗଳା ଅଧିକାର କଲେ ।

ଏହି ସମୟରେ ହୁମାୟୂନ ଗୁଜରାଟ-ବିଦ୍ରୋହ ଦମନ କରିବାରେ ବ୍ୟାପୃତ ଥିଲେ । ଶେର୍ ଖାଁ ବିହାର ଓ ବଙ୍ଗଳାରେ ଏପରି କାର୍ଯ୍ୟ କରିଥିବା ଶୁଣି ସେ ଶେର୍ ଖାଁଙ୍କ ବିରୋଧରେ ଅଗ୍ରସର ହେଲେ । ଏଣେ ଶେର୍ ଖାଁ ନିଜ ସ୍ତ୍ରୀପୁତ୍ରମାନଙ୍କୁ ରୋହିତାଶ ଦୁର୍ଗରେ ନିରାପଦରେ ରଖିଲେ । ଚୁନାର ଦୁର୍ଗକୁ ପୂର୍ବାପେକ୍ଷା ଅଧିକ ସୁରକ୍ଷିତ କଲେ । ନିଜେ ଯାଇ ବଙ୍ଗ ମଧ୍ୟରେ ଲୁଚି ରହିଲେ । ହୁମାୟୂନ ବିହାରକୁ ଆସି ଅନାୟାସରେ ଚୁନାର ଦୁର୍ଗ ହସ୍ତଗତ କଲେ । ଶେର୍ ଖାଁ ଜାଣି ଶୁଣି ତାଙ୍କୁ ବାଧା ଦେଲେ ନାହିଁ । ହୁମାୟୁନ ନିଜେ ବିଜୟୀ ହୋଇଛନ୍ତି ଏବଂ ଶେର୍ ପଳାୟନ କରିଛନ୍ତି ବୋଲି ଆନନ୍ଦରେ ବଙ୍ଗଳା ଆଡ଼କୁ ଅଗ୍ରସର ହେଲେ । ହୁମାୟୂନ ବଙ୍ଗ ମଧ୍ୟରେ ପହଞ୍ଚିବା ବେଳକୁ ବର୍ଷା ଋତୁ ଆସିଲା । ନଦୀ ନାଳ ଜଳରେ ଭରିଗଲା । ହୁମାୟୁନ କୌଣସି ଆଡ଼କୁ ଯାଇ ଆସି ପାରିଲେ ନାହିଁ, ନିଜେ ଏକରକମ ଜେଲଖାନା ଭିତରେ ରହିଲେ ।

ଏଣେ ଶେର୍ ଖାଁ ଜଙ୍ଗଲରୁ ବାହାରି ରୋହିତାଶ ଗଡ଼ରେ ଶେର୍ ଶାହ ଉପାଧି ଗ୍ରହଣ କରି ନିଜକୁ ଭାରତର ସମ୍ରାଟ ବୋଲି ଘୋଷଣା କଲେ । ସେ ହୁମାୟୁନଙ୍କ ଫେରିବା ପଥର ନଦୀ, ନାଳ, ଡଙ୍ଗା ଘାଟସବୁ ହାତ କରିନେଲେ ଏବଂ ବିହାର

କାଶୀ, ଚୂନାର, ଜୌନପୁର ଆଦି ସମସ୍ତ ଅଧିକାର କରିନେଲେ । ଦିଲ୍ଲୀ ବା ଆଗ୍ରାରୁ ହୁମାୟୁନ ସାହାଯ୍ୟ ପାଇବାର ସମସ୍ତ ପଥ ରୋଧ କରିଦେଲେ । ତେଣେ ହୁମାୟୁନ ଭୋଗ ମଜଲସରେ କାଳଯାପନ କଲେ । ତାଙ୍କ ସୈନିକମାନେ କମ୍ପଜ୍ୱରରେ ପୀଡ଼ିତ ହେଲେ, ଅନେକେ ସେହି ଜ୍ୱରରେ ମଲେ ଏବଂ ହୁମାୟୁନଙ୍କ ସୈନ୍ୟସଂଖ୍ୟା ଅଳ୍ପପରିମାଣରେ କମିଗଲା । ତେଣେ ଦିଲ୍ଲୀ ବା ଆଗ୍ରାରୁ ନୂଆ ସୈନ୍ୟ ଆଣିବାର କୌଣସି ସୁବିଧା ନ ଥିଲା ।



ଶେର୍ ଶାହ

ହୁମାୟୁନ ବର୍ଷା ଶେଷରେ ବଙ୍ଗଳାରୁ ଫେରି ଚୌସାଠାରେ ଶେର୍ ଶାହଙ୍କ ସମ୍ମୁଖୀନ ହେଲେ (୧୫୩୯) । ହୁମାୟୁନ ପରାସ୍ତ ହୋଇ ପ୍ରାଣରକ୍ଷା ନିମନ୍ତେ ଗଙ୍ଗାନଦୀକୁ ଡେଇଁ ପଡ଼ିଲେ; କିନ୍ତୁ ପ୍ରାଣରକ୍ଷା କରିବାକୁ ଯାଇ ବୁଡ଼ିମରି ପ୍ରାଣ ହରାଇଥିଲେ । ଜଣେ ଭିସ୍ତି (ଜଳବାହକ) ତାହାର ମଶକ (ଜଳ ବୋହିବା ଚମଡ଼ା ମୁଣା) ସାହାଯ୍ୟରେ ତାହାଙ୍କର ପ୍ରାଣରକ୍ଷା କଲା ।

ତତ୍ପର ବର୍ଷ (୧୫୪୦) ଖ୍ରୀଷ୍ଟାବ୍ଦରେ ହୁମାୟୁନ ଏକ ଲକ୍ଷ ସୈନ୍ୟ ନେଇ ଶେରଶାହଙ୍କ ସଙ୍ଗେ କନୌଜ ଯୁଦ୍ଧକ୍ଷେତ୍ରରେ ଲଢ଼ିଲେ, କିନ୍ତୁ ଏଥର ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇ ଦିଲ୍ଲୀ ସିଂହାସନ ଛାଡ଼ି ରାଜପୁତାନା ବାଟେ ପାରସ୍ୟକୁ ପଳାୟନ କଲେ ।

ଶେରଶାହ ଭାରତବର୍ଷରେ ପୁଣି ଥରେ ୧୫୪୦ ଖ୍ରୀଷ୍ଟାବ୍ଦରେ ପଠାଣସାମ୍ରାଜ୍ୟ ସ୍ଥାପନ କଲେ ଏବଂ ୧୫୪୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ଭାରତ ଶାସନ କଲେ । ତାହାଙ୍କୁ ଓ ତାଙ୍କ ବଂଶଧରମାନଙ୍କୁ **ସୁର୍‌ବଂଶ** କହନ୍ତି ।

ଦିଲ୍ଲୀ ସିଂହାସନ ଅଧିରୋହଣ କରି ଶେରଶାହ ବଙ୍ଗଳାର ବିଦ୍ରୋହ ଦମନ କଲେ । ପରେ ମାଳବ, ଗୁଜରାଟ, ଯୋଧପୁର ଓ ଚିତୋର ଅଧିକାର କଲେ ଏବଂ କାଲଞ୍ଜର ଦୁର୍ଗ ଆକ୍ରମଣ କଲେ । ଏହି ଆକ୍ରମଣ ବେଳେ ବିପକ୍ଷ ପକ୍ଷରୁ ଏକ ଗୋଳା ଆସି ତାଙ୍କ ବାରୁଦ ଭଣ୍ଡାରରେ ପଡ଼ିବାରୁ ବାରୁଦ ଫୁଟିଗଲା ଏବଂ ତାଙ୍କର ପ୍ରାଣନାଶ ଘଟିଲା (୧୫୪୫) । ତାଙ୍କ ପରେ ତାଙ୍କ ଦୁର୍ବଳ ବଂଶଧରମାନେ ୧୫୫୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କୌଣସି ପ୍ରକାରେ ରାଜତ୍ୱ କରି ଦିଲ୍ଲୀ ସିଂହାସନ ହରାଇଲେ । ଶେରଶାହଙ୍କ ଶବ ସାସାରାମଠାରେ ପ୍ରୋଥିତ ହୋଇଥିଲା । ଏହି ସମାଧିମନ୍ଦିର ଏପର୍ଯ୍ୟନ୍ତ ଅଛି ।

**ଶେରଶାହଙ୍କ ଶାସନ**—ଶେରଶାହଙ୍କଠାରେ ସମ୍ରାଟୋଚିତ ସମସ୍ତ ଗୁଣ ଥିଲା । ସେ ଅତ୍ୟନ୍ତ କଠୋର ଓ ନ୍ୟାୟବାନ୍ ଥିଲେ ଏବଂ ବ୍ୟକ୍ତି-ନିର୍ବିଶେଷରେ ଦଣ୍ଡବିଧାନ କରୁଥିଲେ । ସେ ଅନ୍ୟାୟର ଘୋର ବିରୋଧୀ ଥିଲେ ଏବଂ ସାମାନ୍ୟ ଅପରାଧ ପାଇଁ ପ୍ରାଣଦଣ୍ଡ ବିଧାନ କରୁଥିଲେ । ସେ ଅତ୍ୟନ୍ତ ଉତ୍ସାହୀ, କର୍ମଠ ଓ ନିରଳସ ଥିଲେ । ନିଜ କାର୍ଯ୍ୟ ସର୍ବାନ୍ତଃକରଣରେ ସମ୍ପାଦନ କରୁଥିଲେ ଏବଂ ପ୍ରଜାମାନଙ୍କ ହିତସାଧନ ନିଜ ଜୀବନର ବ୍ରତ ବୋଲି ବିଚାର କରୁଥିଲେ । ରାଜ୍ୟ ମଧ୍ୟରେ ସେ ଅନେକଗୁଡ଼ିଏ ଧର୍ମଶାଳା, ମସଜିଦ୍, ମଦ୍ରାସା, ବିଦ୍ୟାଳୟ ଓ ସଡ଼କ ନିର୍ମାଣ କରାଇଥିଲେ । ସଡ଼କ ପାର୍ଶ୍ୱରେ ଛାୟାବୃକ୍ଷ, କୂପ ଓ ସରାଇଘର ମଧ୍ୟ କରାଇଥିଲେ । ବଙ୍ଗ ଦେଶରୁ ଦିଲ୍ଲୀ ପର୍ଯ୍ୟନ୍ତ ସର୍ବାପେକ୍ଷା ବଡ଼

ରାଜପଥ ବା ଅଧୁନିକ **ଗ୍ରାଣ୍ଡ ଟ୍ରଙ୍କ ରୋଡ୍** ସର୍ବପ୍ରଥମେ ତାଙ୍କଦ୍ୱାରା ନିର୍ମିତ ହୋଇଥିଲା । ଘୋଡ଼ାଦ୍ୱାରା ଡାକ ପଠାଇବା ବା **ଡାକ ଚୌକି** ପ୍ରଥା ଏହାଙ୍କଦ୍ୱାରା ପ୍ରଥମେ ଚଳିଥିଲା ।

ସର୍ବପ୍ରଥମେ ଶେରଶାହ ଟୋଡ଼ରମଲ୍ଲଙ୍କୁ ରାଜସ୍ୱମନ୍ତ୍ରୀ ରଖିଥିଲେ । ତାଙ୍କ ସାହାଯ୍ୟରେ ରାଜସ୍ୱ ସଂଗ୍ରହର ସୁବନ୍ଦୋବସ୍ତ କରିଥିଲେ । ଟୋଡରମଲ୍ଲ ପ୍ରଜାମାନଙ୍କୁ ଜମିର ପଟ୍ଟା ଦେଇଥିଲେ ଏବଂ ପ୍ରଜାମାନେ ସରକାରଙ୍କୁ ରାଜସ୍ୱ ନିୟମିତ ଦେବା ସକାଶେ କବୁଲିୟତ ଲେଖି ଦେଇଥିଲେ । ପ୍ରଜାମାନେ ଉତ୍ପନ୍ନ ଶସ୍ୟର ଏକଚତୁର୍ଥାଂଶ କରରୂପେ ଦେବାକୁ ସ୍ୱୀକାର କରିଥିଲେ । ଅକବର ଏହାଙ୍କ ପଥର ପଥିକ ଏବଂ କେବଳ ସାମାନ୍ୟ ଉନ୍ନତି କରିଥିଲେ ମାତ୍ର ।

ରାଜ୍ୟରେ ଚଳିବା ନିମନ୍ତେ ଶେରଶାହ ମୁଦ୍ରାର ବ୍ୟବସ୍ଥା କରି-ଥିଲେ ଏବଂ ଚଳନ୍ତି ମୁଦ୍ରାର ଉନ୍ନତି କରିଥିଲେ ।

ସେ ବଙ୍ଗଳା ଓ ବିହାରକୁ କେତୋଟି ଜିଲ୍ଲାରେ ବିଭକ୍ତ କରି ପ୍ରତି ଜିଲ୍ଲାରେ ଶାସନକର୍ତ୍ତା ରଖିଥିଲେ । ଅକବର ଏହି ପ୍ରଥାର ମଧ୍ୟ ଉନ୍ନତି କରିଥିଲେ । ସେ ସୈନ୍ୟ ଓ ପୋଲିସ ବିଭାଗର ମଧ୍ୟ ସଂସ୍କାର କରିଥିଲେ ।

ରାଜ୍ୟର ପ୍ରତି ବିଭାଗ ଶେରଶାହ ନିଜେ ସମୀକ୍ଷା କରୁଥିଲେ ଏବଂ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର କରୁ ନ ଥିଲେ ।

ଶେରଶାହ ପାଞ୍ଚ ବର୍ଷ ରାଜତ୍ୱରେ ବିଚକ୍ଷଣ ଶାସନଦକ୍ଷତାର ଆଦର୍ଶ ଦେଖାଇ ଯାଇଛନ୍ତି । ଏହି ଶାସନଦକ୍ଷତା ସକାଶେ ସେ ଭାରତର ଜଣେ ପ୍ରଧାନ ନରପତିରୂପେ ପରିଗଣିତ ହୋଇ ଆସୁଅଛନ୍ତି ।

# ଅନୁଶୀଳନୀ

୧। ନିମ୍ନଲିଖିତ ଉକ୍ତିମାନଙ୍କ ମଧ୍ୟରେ ଯାହା ଅଧିକ ଯୁକ୍ତିସଙ୍ଗତ ତାହିରେ ଚିହ୍ନ ଦିଅ ।

(କ) ଶେରଶାହଙ୍କ ବିଶ୍ୱାସଘାତକତା ହେତୁ ହୁମାୟୁନ ଦିଲ୍ଲୀ ସିଂହାସନ ହରାଇଲେ ।

ଭାଇମାନଙ୍କୁ ରାଜ୍ୟ ଭାଗ ଦେଇ ଅଳ୍ପବଳ ହୋଇଥିବା ହେତୁ ହୁମାୟୁନ ଦିଲ୍ଲୀ ସିଂହାସନ ହରାଇଲେ ।

ବଙ୍ଗଳାରେ ହୁମାୟୁନ ବିଳାସରେ କାଳ କଟାଇବାରୁ ଶେରଶାହ ନିଜ ବଳ ବୃଦ୍ଧି କରିଥିବା ହେତୁ ହୁମାୟୁନ ଦିଲ୍ଲୀ ସିଂହାସନ ହରାଇଲେ ।

ଶେରଶାହ ହୁମାୟୁନଙ୍କ ଅପେକ୍ଷା ବଳିଷ୍ଠ ଥିବା ହେତୁ ହୁମାୟୁନ ଦିଲ୍ଲୀ ସିଂହାସନ ହରାଇଲେ ।

୨। ଶେରଶାହଙ୍କ ପୂର୍ବରୁ ଭାରତରେ ନିମ୍ନଲିଖିତମାନ ଥିଲା । ଠିକ୍ ଥିଲେ ଟିକ୍ ଚିହ୍ନ ଦେବ ।

ନୂଆ ଦିଲ୍ଲୀ —
ସହସ୍ରାମ କବରାଳୟ—
ବଙ୍ଗପଞ୍ଜାବ ଗ୍ରାଣ୍ଡ ଟ୍ରଙ୍କ ରୋଡ୍—
ତୋପ ବାରୁଦ—
ଘୋଡ଼ା ଡାକ—
ପଟ୍ଟା କବୁଲିୟତ-ରାଜସ୍ୱ ବନ୍ଦୋବସ୍ତ
ଗ୍ରାମ୍ୟ ପଞ୍ଚାୟତପ୍ରଥା—

# ମହାବୀର ଅକବର

ପିତାଙ୍କ ମୃତ୍ୟୁବେଳକୁ ଅକବରଙ୍କୁ ତେର ବର୍ଷ ବୟସ ହୋଇଥିଲା । ହୁମାୟୁନଙ୍କର ଜଣେ ବିଶ୍ୱସ୍ତ ଭୃତ୍ୟ ଥିଲେ । ତାଙ୍କ ନାମ ବୈରାମ । ବୈରାମ ବିପଦବେଳେ ହୁମାୟୁନଙ୍କର ଶ୍ରେଷ୍ଠ ପରାମର୍ଶଦାତା ଓ ସହାୟକ ଥିଲେ । ସେ ବର୍ତ୍ତମାନ ଅକବରଙ୍କ ଅଭିଭାବକରୂପେ ତାଙ୍କ ରାଜ୍ୟ ଶାସନ କଲେ ।

ଅକବର ପିତାଙ୍କ ସିଂହାସନରେ ବସିଲେ, କିନ୍ତୁ ସେତେବେଳେ ତାଙ୍କର ରାଜ୍ୟ ନ ଥିଲା । ଶେରଶାହଙ୍କ ବଂଶଧର ରାଜାଙ୍କ ହିନ୍ଦୁ ମନ୍ତ୍ରୀ ହିମୁ ଦିଲ୍ଲୀ ଓ ଆଗ୍ରା ଅଧିକାର କରି ନେଇ "ବିକ୍ରମାଦିତ୍ୟ" ଉପାଧି ଗ୍ରହଣ କରିଥିଲେ । ଅକବରଙ୍କ ଅବସ୍ଥା ବଡ଼ ଶୋଚନୀୟ ହୋଇଥିଲା; କିନ୍ତୁ ବୈରାମ ସହଜରେ ଛାଡ଼ିବାର ପାତ୍ର ନ ଥିଲେ । ସେ ହିମୁଙ୍କ ବିରୋଧରେ ଯୁଦ୍ଧ କରିବାକୁ ଯୋଗାଡ଼ କଲେ । ପାନିପଥଠାରେ ପୁଣି ଏକ ଭୀଷଣ ଯୁଦ୍ଧ ହେଲା (୧୫୫୬) । ହିମୁଙ୍କ ଚକ୍ଷୁରେ ଗୋଟିଏ ଶର ବାଜିଲା । ସେ ମୂର୍ଚ୍ଛିତ ହେଲେ । ତାଙ୍କ ସୈନ୍ୟମାନେ ପଳାଇଗଲେ । ହିମୁ ବନ୍ଦୀ ହେଲେ । ବୈରାମଙ୍କ ଆଦେଶରେ ତାଙ୍କ ମୁଣ୍ଡକଟା ହେଲା । ଏହି ପାନିପଥଠାରେ ବାବର ଇବ୍ରାହିମ ଲୋଦୀଙ୍କୁ ପରାସ୍ତ କରି ମୋଗଲସାମ୍ରାଜ୍ୟ ସ୍ଥାପନ କରିଥିଲେ । ବର୍ତ୍ତମାନ ସେଠାରେ ବୈରାମ ହିମୁଙ୍କୁ ପରାସ୍ତ କରି ମୋଗଲସାମ୍ରାଜ୍ୟକୁ ସ୍ଥାୟୀ ଓ ଦୃଢ଼ କଲେ । ଯେଉଁ ପାନିପଥ ଭାରତରେ ମୋଗଲ ସାମ୍ରାଜ୍ୟ ସ୍ଥାପନ କରିଥିଲା, ସେହି ପାନିପଥ ଏବେ ତାକୁ ଦୃଢ଼ୀଭୂତ କଲା ।

ବୈରାମ ଓ ଅକବର ବହୁ ପରିଶ୍ରମ କରି ଅନେକ ଯୁଦ୍ଧ କଲେ ଏବଂ ରାଜ୍ୟରେ ଶାନ୍ତି ସ୍ଥାପନ କଲେ ।

ବୈରାମ ଅକବରଙ୍କର ବଡ଼ ଉପକାର କରିଥିଲେ ସତ୍ୟ, କିନ୍ତୁ ସେ ବଡ଼ ଗର୍ବୀ ଓ ଉଦ୍ଧତ ଥିଲେ । ସେ କାହାରିକି ଖାତିର କରୁ ନ ଥିଲେ ଏବଂ ଅକବରଙ୍କ ହାତରେ କୌଣସି କ୍ଷମତା ଦେବାକୁ ଇଚ୍ଛା କରୁ ନ ଥିଲେ । ଅକବର ଯେତେବେଳେ ବଡ଼ ହେଲେ, ତାହା ସହି ପାରିଲେ ନାହିଁ । ସେ ବୈରାମଙ୍କ ହାତରୁ ମୁକ୍ତି ଲଭିବାକୁ ଇଚ୍ଛା କଲେ । ତାଙ୍କ ମା ଏବଂ ଅନ୍ୟାନ୍ୟ ଲୋକେ ତାଙ୍କୁ ଏଥିରେ ଉତ୍ସାହ ଦେଲେ । ୧୫୬୦ ଖ୍ରୀଷ୍ଟାବ୍ଦରେ ସେ ବୈରାମଙ୍କ ହସ୍ତରୁ ସମସ୍ତ କ୍ଷମତା କାଢ଼ିନେଲେ । ବୈରାମ ବିଦ୍ରୋହ କଲେ, କିନ୍ତୁ କିଛି କରି ପାରିଲେ ନାହିଁ । ଅକବର ତାଙ୍କୁ କ୍ଷମା ଦେଇ ମକ୍କାତୀର୍ଥକୁ ଯିବାକୁ ଅନୁମତି ଦେଲେ । ବାଟରେ ଜଣେ ଅଫଗାନ ତାଙ୍କୁ ବଧ କଲା । ଏହି ଲୋକର ପିତାକୁ ବୈରାମ ଫାଶି ଦେଇଥିଲେ ।

ଅକବର ବର୍ତ୍ତମାନ ପିତାଙ୍କଠାରୁ ପାଇଥିବା କ୍ଷୁଦ୍ର ରାଜ୍ୟକୁ ବଢ଼ାଇବାକୁ ଚେଷ୍ଟା କଲେ । ସେ ବୁଝିଥିଲେ, ରାଜପୁତମାନେ ବୀରଜାତି । ସେ ସେମାନଙ୍କୁ କେବଳ ଯୁଦ୍ଧରେ ଅଧୀନ କରି ପାରିବେ ନାହିଁ; ତେଣୁ ସେ ସେମାନଙ୍କ ସଙ୍ଗେ ମୈତ୍ରୀଭାବ ସ୍ଥାପନ କଲେ । ଅମ୍ବର ରାଜ୍ୟର ରାଜାଙ୍କ ଝିଅ ଜିୟାଙ୍କୁ ନିଜେ ବିବାହ କଲେ । ମାରୱାର ରାଜ୍ୟର ରାଜାଙ୍କ ଝିଅ ଯୋଧବାଈଙ୍କ ସଙ୍ଗେ ତାଙ୍କ ପୁତ୍ର ସେଲିମଙ୍କୁ ବିବାହ କରାଇଲେ । ଅନେକ ରାଜପୁତ ସର୍ଦ୍ଦାରଙ୍କୁ ବଡ଼ ବଡ଼ ରାଜକାର୍ଯ୍ୟ ଦେଲେ ।


ଅକବର

ରାଜପୁତ ରାଜାମାନଙ୍କର ରାଜ୍ୟ ନେଲେ ନାହିଁ, ସେମାନଙ୍କଠାରୁ କେବଳ କିଛି କିଛି କର ନେଲେ ।

ସ୍ଥାନମାନେ ଅକବରଙ୍କ ଅଧୀନତା ସ୍ୱୀକାର କଲେ । ରାଜପୁତମାନେ ଅକବରଙ୍କ ବ୍ୟବହାରରେ ଏପରି ସନ୍ତୁଷ୍ଟ ହେଲେ ଯେ ସେମାନେ ତାଙ୍କ ପାଇଁ ଅନେକ ରାଜ୍ୟ ଜୟ କଲେ ତାଙ୍କ ସକାଶେ ପ୍ରାଣ ଦେଲେ । ସେମାନଙ୍କ ବଳରେ ଅକବର ଗୋଟିଏ ପ୍ରକାଣ୍ଡ ସାମ୍ରାଜ୍ୟ ଗଠନ କଲେ । ସେମାନେ ମୋଗଲ ସାମ୍ରାଜ୍ୟର ସ୍ତମ୍ଭସ୍ୱରୂପ ଥିଲେ ।

ରାଜପୁତାନାର ସମସ୍ତ ରାଜ୍ୟ ଅକବରଙ୍କ ଅଧୀନ ହେଲା; କିନ୍ତୁ



ମାନସିଂହ

ଅକବର ନାନା ଚେଷ୍ଟା, ନାନା ଉପାୟ କଲେ ମଧ୍ୟ ମିବାର ରାଜ୍ୟ ତାଙ୍କ ଅଧୀନତା ସ୍ୱୀକାର କଲା ନାହିଁ; ତେଣୁ ୧୫୬୭ ଖ୍ରୀଷ୍ଟାବ୍ଦରେ ଅକବର ମିବାରର ରାଜଧାନୀ ଚିତୋର ଆକ୍ରମଣ କଲେ । ବଡ଼ କଷ୍ଟରେ ଚାରି ମାସ ଅବରୋଧ ପରେ ସେ ଚିତୋର ଅଧିକାର କଲେ । ଚିତୋରର ରାଣା ଉଦୟ ସିଂହ ଆରାବଲୀ ପର୍ବତକୁ ପଳାୟନ କଲେ; କିନ୍ତୁ ତାଙ୍କ ପୁତ୍ର ପ୍ରତାପ



ରାଣା ପ୍ରତାପ


ଆକବରଙ୍କ ସାମ୍ରାଜ୍ୟ
ଲାହୋର
ଦିଲ୍ଲୀ
ଆଗ୍ରା
ଅମରକୋଟ
ମାଳବ
ଗୁଜରାଟ
ଖାନ୍ଦେଶ
ଓଡ଼ିଶା
ଆହମଦନଗର
ଆରବ ସାଗର
ବଙ୍ଗୋପ ସାଗର
ଭାରତ ମହା ସାଗର

ହୃତରାଜ୍ୟ ପୁନରୁଦ୍ଧାର କରିବାକୁ ବାହାରିଲେ । ସେ ପ୍ରାଣପଣେ ଲଢ଼ି ରାଜ୍ୟର ଅଧିକାଂଶ ପୁଣି ଛଡ଼ି ନେଇଗଲେ, କିନ୍ତୁ ରାଜଧାନୀ ଉଦ୍ଧାର କରି ପାରିଲେ ନାହିଁ ।

୧୫୭୨ ଖ୍ରୀଷ୍ଟାବ୍ଦରେ ଗୁଜୁରାଟ, ୧୫୭୬ ଖ୍ରୀଷ୍ଟାବ୍ଦରେ ବଙ୍ଗ, ୧୫୮୧ ଖ୍ରୀଷ୍ଟାବ୍ଦରେ କାବୁଲ, ୧୫୮୬ ଖ୍ରୀଷ୍ଟାବ୍ଦରେ କାଶ୍ମୀର, ୧୫୮୮ ଖ୍ରୀଷ୍ଟାବ୍ଦରେ ସିନ୍ଧୁ, ୧୫୯୪ ଖ୍ରୀଷ୍ଟାବ୍ଦରେ ବେଲୁଚିସ୍ଥାନ ଓ ୧୫୯୫ ଖ୍ରୀଷ୍ଟାବ୍ଦରେ କାନ୍ଦାହାର ଅକବରଙ୍କ ସାମ୍ରାଜ୍ୟଭୁକ୍ତ ହୋଇଥିଲା ।

ଅକବର ୧୫୯୬ ଖ୍ରୀଷ୍ଟାବ୍ଦରେ ଅହମ୍ମଦନଗର ରାଜ୍ୟ ଆକ୍ରମଣ କଲେ । ଅହମ୍ମଦନଗରର ରାଜା ଶିଶୁ ଥିଲେ । ରାଜ୍ୟର ଲୋକେ ଦୁଇଦଳ ହୋଇ କଳହ କରୁଥିଲେ । ରାଜାଙ୍କ ପିଉସୀ ଚାନ୍ଦବିବି ତାଙ୍କ ପକ୍ଷରୁ ରାଜ୍ୟ ଚଳାଉଥିଲେ । ଚାନ୍ଦବିବି ବୀରପୁରୁଷ ପରି ରାଜଧାନୀ ରକ୍ଷା କଲେ । ଅକବରଙ୍କ ସୈନ୍ୟମାନେ ତାଙ୍କୁ ହଟାଇ ନ ପାରି ସନ୍ଧି କଲେ । ସନ୍ଧିରେ ସେମାନେ ବେରାର ପ୍ରଦେଶ ପାଇଲେ । ୧୫୯୯ ଖ୍ରୀଷ୍ଟାବ୍ଦରେ ଖାନ୍ଦେସ ଅକବରଙ୍କ ଅଧୀନ ହେଲା । ୧୬୦୦ ଖ୍ରୀଷ୍ଟାବ୍ଦରେ ଅକବର ପୁଣି ଅହମ୍ମଦନଗର ଆକ୍ରମଣ କରି ଅଧିକାର କଲେ; କିନ୍ତୁ କିଛି ଦିନ ପରେ ଏହି ରାଜ୍ୟ ବିଦ୍ରୋହୀ ହୋଇଥିଲା ।

ଏହିପରି ଦେଖାଗଲା ୧୬୦୦ ଖ୍ରୀଷ୍ଟାବ୍ଦରେ ଅକବରଙ୍କ ରାଜ୍ୟ କାବୁଲରୁ ଆସାମ ପର୍ଯ୍ୟନ୍ତ ଏବଂ ହିମାଳୟରୁ ଅହମ୍ମଦନଗର ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି ।

ଅକବରଙ୍କ ଶେଷ ଜୀବନରେ ସୁଖ ନ ଥିଲା । ତାଙ୍କର ଦୁଇଗୋଟି ପୁଅ ମରି ଯାଇଥିଲେ । ଜ୍ୟେଷ୍ଠପୁତ୍ର ସେଲିମ୍ ସିଂହାସନ ପାଇବା ଲାଗି ବିଦ୍ରୋହୀ ହୋଇଥିଲେ । ସେ ୧୬୦୫ ଖ୍ରୀଷ୍ଟାବ୍ଦରେ ଦୁଃଖଜର୍ଜ୍ଜରିତ ହୋଇ ପ୍ରାଣତ୍ୟାଗ କରିଥିଲେ ।

ଆକବର ଉଦାର, ବୁଦ୍ଧିମାନ୍ ଓ ସର୍ବଶ୍ରେଷ୍ଠ ମୋଗଲ ସମ୍ରାଟ୍ ଥିଲେ । ସେ ଭଲରୂପେ ବୁଝିଥିଲେ ଯେ, ତାଙ୍କ ରାଜ୍ୟ ହିନ୍ଦୁ ଓ ମୁସଲମାନ ଉଭୟ ପ୍ରଜା ନେଇ ଗଠିତ । ସେ ଉଭୟ ଜାତି ପ୍ରତି ସମାନ ବିଚାର ନ କଲେ, ତାଙ୍କ ରାଜ୍ୟ ଦୃଢ଼ ହୋଇ ପାରିବ ନାହିଁ । ସେଥିଲାଗି ସେ ହିନ୍ଦୁମାନଙ୍କ ଉପରୁ ଜିଜିୟାକର ଉଠାଇ ଦେଲେ । କି ହିନ୍ଦୁ, କି ମୁସଲମାନ ସମସ୍ତଙ୍କୁ ଦକ୍ଷତା ଅନୁସାରେ ରାଜକାର୍ଯ୍ୟରେ ନିଯୋଗ କଲେ । ତାଙ୍କଠାରେ ପକ୍ଷପାତ ବିଚାର ନ ଥିଲା ।



ହିନ୍ଦୁବେଶରେ ଆକବର ହିନ୍ଦୁମାନଙ୍କ ସଙ୍ଗେ ବନ୍ଧନ ଦୃଢ଼ କରିବା ଲାଗି ହିନ୍ଦୁଘରୁ ଝିଅ ବିବାହ କଲେ । ହିନ୍ଦୁମାନଙ୍କୁ ରାଜ୍ୟର ସର୍ବଶ୍ରେଷ୍ଠ ଚାକିରି ଦେଲେ । ହିନ୍ଦୁମାନଙ୍କ ଉପରେ ବିଶ୍ୱାସ ରଖିଲେ । ହିନ୍ଦୁଙ୍କ ଧର୍ମରେ କେବେ ହାତ ଦେଇ ନ ଥିଲେ । ସେ କର୍ମଚାରୀମାନଙ୍କୁ ଆଦେଶ କରିଥିଲେ ଯେ, ସେମାନେ କାହାରି ଧର୍ମ ଉପରେ ଆକ୍ରୋଶ କରିବେ ନାହିଁ । ତାଙ୍କ ହିନ୍ଦୁପତ୍ନୀମାନଙ୍କ ଏବଂ ହିନ୍ଦୁ ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବା ଲାଗି ସେ ଅନେକ ସମୟରେ ନିଜକୁ ହିନ୍ଦୁବେଶରେ ସଜାଉଥିଲେ ଏବଂ ହିନ୍ଦୁ ଧର୍ମର ପାଠମାନ ଶୁଣୁଥିଲେ ।

ଆକବର ନିଜ ସାମ୍ରାଜ୍ୟକୁ ୧୬ ସୁବାରେ * ବିଭକ୍ତ କରିଥିଲେ । ପ୍ରତି ସୁବାରେ ଜଣେ ଜଣେ ସୁବାଦାର ଥିଲେ । ସୁବାଦାରଗଣ ତାଙ୍କୁ

* ସୁବାଗୁଡ଼ିକର ନାମ—କାବୁଲ, ଲାହୋର, ମୁଲତାନ, ଦିଲ୍ଲୀ, ମାଳବ, ଆଲ୍ଲାହାବାଦ, ଆଗ୍ରା, ଅଯୋଧ୍ୟା, ବିହାର, ବଙ୍ଗ, ଆଜମୀର, ଗୁଜରାଟ, ବେରାର, ଖାନ୍ଦେଶ ଓ ଆହମ୍ମଦନଗର ।

ସୈନ୍ୟ ଓ ଅର୍ଥ ଯୋଗାଉଥିଲେ । ପ୍ରତି ସୁବା ଅନେକ ସରକାର ବା ଜିଲ୍ଲାରେ ବିଭକ୍ତ ହୋଇଥିଲା । ସୁବାରୁ ଯାହା ଆୟ ହୁଏ, ତହିଁରୁ ତହିଁର ଖର୍ଚ୍ଚ ହୁଏ । ଖର୍ଚ୍ଚ ବାହାରେ ଯାହା ବଳେ, ତାହା ସମ୍ରାଟଙ୍କ ରାଜକୋଷକୁ ଯାଏ ।



ତୋଡ଼ରମଲ୍ଲ

ତୋଡ଼ରମଲ୍ଲ ଜଣେ ହିନ୍ଦୁ ରାଜା ଥିଲେ । ସେ ଅକବରଙ୍କ ରାଜସ୍ୱମନ୍ତ୍ରୀ ଥିଲେ । ରାଜ୍ୟର ସମସ୍ତ ଜମି ମାପି ସେ ଗୋଟିଏ ରାଜସ୍ୱ ବନ୍ଦୋବସ୍ତ କରିଥିଲେ । କେଉଁ ପ୍ରକାର କେତେ ଜମି ଥିଲା, ଜମିର ଆୟ କେତେ, ପ୍ରଜା କେତେ ଖଜଣା ଦେବ, ବନ୍ଦୋବସ୍ତରେ ଏ ସବୁ ନିର୍ଦ୍ଦିଷ୍ଟ କରାଯାଇଥିଲା । ପ୍ରଜାମାନେ ନଗଦ ଟଙ୍କା କିମ୍ବା ଧାନ ଉଭୟରୂପେ ଦେଇ ପାରୁଥିଲେ ।

ଅକବର ସବୁ ଧର୍ମ ପ୍ରତି ସମାନ ଭକ୍ତି ଦେଖାଉଥିଲେ । ସେ ଇସଲାମକୁ ଶ୍ରେଷ୍ଠ ଧର୍ମ ବୋଲି ବିଚାର କରୁ ନ ଥିଲେ, ସେ ବରଂ କହୁଥିଲେ ଯେ, ଇସଲାମ ସାର ଧର୍ମ ନୁହେଁ । ଧର୍ମପଣ୍ଡିତମାନଙ୍କୁ ଡକାଇ ଆଣି ସେ ଭିନ୍ନ ଧର୍ମର ମତ ଏବଂ ଉପଦେଶ ଶୁଣୁଥିଲେ । ଜଗତରେ କେଉଁ ଧର୍ମ ସାର, ସେ ତାହା ଠିକ କରି ପାରି ନ ଥିଲେ; ତେଣୁ ସବୁ ସମ୍ପ୍ରଦାୟ, ସବୁ ମତାବଲମ୍ବୀମାନଙ୍କ ଉପଯୋଗୀ ଗୋଟିଏ ନୂତନ ଧର୍ମ

ସୃଷ୍ଟି କରିଥିଲେ । ଏହି ନୂତନ ଧର୍ମର ନାମ **ଦୀନଇଲ୍ଲାହି** । ଏକେଶ୍ୱରବାଦ ଓ ସୂର୍ଯ୍ୟପୂଜା ଏହି ଧର୍ମର ପ୍ରଧାନ ଗତି । କିନ୍ତୁ ଏହି ଧର୍ମ କେହି ମାନିଲେ ନାହିଁ । ଅକବରଙ୍କ ସଙ୍ଗେ ସଙ୍ଗେ ତାହା ଲୋପ ପାଇଲା ।

ଅକବର ଲେଖାପଢ଼ା ଶିଖି ନ ଥିଲେ । ସେ ନିଜ ନାମ ମଧ୍ୟ ଲେଖି ଜାଣୁ ନ ଥିଲେ, କିନ୍ତୁ ଲେଖାପଢ଼ା ନ ଜାଣିଲେ କଣ ହେବ, ସେ ଶୁଣି ଶୁଣି ବଡ଼ ପଣ୍ଡିତ ହୋଇଥିଲେ । ତାଙ୍କର ଗୋଟିଏ ବୃହତ୍ ପାଠାଗାର ଥିଲା । ସେଥିରେ ନାନା ଭାଷାର ନାନା ଧର୍ମର ୨୦୦୦୦ ପାଣ୍ଡୁଲିପି ବା ହାତଲେଖା ପୁସ୍ତକ ଥିଲା । ସେ ପୁସ୍ତକ ସବୁର ମୋଟ ମୂଲ୍ୟ ସାଢ଼େ ୬ ନିୟୁତ ଟଙ୍କା । ତାଙ୍କ ସଭାରେ ଅନେକ କବି, ପଣ୍ଡିତ, ଚିତ୍ରକର ଥିଲେ । ସେମାନଙ୍କ ମଧ୍ୟରେ ଐତିହାସିକ ଅବୁଲଫଜଲ୍, କବି ଫାୟୁଜି, ସଙ୍ଗୀତଜ୍ଞ ତାନସେନ୍, ବିଦୂଷକ ବୀରବଲ ପ୍ରଧାନ ଥିଲେ । ଅବୁଲଫାଜଲ **ଆଇନ ଆକବରୀ** ବୋଲି ଅକବରଙ୍କ ରାଜତ୍ୱର ଖଣ୍ଡିଏ ଇତିହାସ ଲେଖି ଯାଇଅଛନ୍ତି । ଅକବର ରାମାୟଣ ଓ ମହାଭାରତକୁ ପାରସୀ ଭାଷାରେ ଅନୁବାଦ କରାଇଥିଲେ ।

ଅକବର ବଳିଷ୍ଠ ଓ ସୁନ୍ଦର ଥିଲେ । ସେ ଅଶ୍ୱାରୋହଣରେ ପଟୁ ଥିଲେ । ତାଙ୍କଠାରେ ଅନେକ ଭଲ ଗୁଣ ଥିଲା । ସେ ଅତିକେ ତିନି ଘଣ୍ଟାରୁ ବେଶୀ ସମୟ ଶୋଉ ନ ଥିଲେ । ତାଙ୍କ ପରି ରାଜା ପୃଥିବୀରେ ଖୁବ୍ ଅଳ୍ପ ଦେଖାଯାନ୍ତି । ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ଅଶୋକଙ୍କୁ ଛାଡ଼ିଦେଲେ, ଅକବରଙ୍କ ପରି ରାଜା ଭାରତରେ ଆଉ ନ ଥିଲେ ।

# ଅନୁଶୀଳନୀ

୧ । ନିମ୍ନଲିଖିତ ବ୍ୟକ୍ତିମାନଙ୍କର ପ୍ରସିଦ୍ଧ କାର୍ଯ୍ୟ ଲେଖ ।

| | |
|---|---|
| ବୈରାମ— | ଟୋଡରମଲ୍ଲ— |
| ହିମୁ— | ରାଣା ପ୍ରତାପ— |
| ଜୟ ମଲ୍ଲ— | ଚାନ୍ଦବିବି— |
| ମାନସିଂହ— | ଫାୟୁଜୀ— |
| କଲାପାହାଡ଼— | ତାନସେନ୍— |
| ଅବୁଲଫାଜଲ— | ବୀରବଲ୍— |

୨ । ନିମ୍ନଲିଖିତ ବିଷୟରେ ଯାହା ଜାଣ ଲେଖ ।

(କ) ଅକବରଙ୍କ ରାଜସ୍ୱ ବନ୍ଦୋବସ୍ତ, (ଖ) ଅକବରଙ୍କ ସାମ୍ରାଜ୍ୟର ଶାସନ ବନ୍ଦୋବସ୍ତ, (ଗ) ଅକବରଙ୍କ ସେନାବିଭାଗ, (ଘ) ଅକବରଙ୍କ ରାଜପୁତ ବଶୀକରଣ ନୀତି ।

ଅକବର ସାମ୍ରାଜ୍ୟ ବୃଦ୍ଧି ସକାଶେ ନିମ୍ନଲିଖିତ ଉପାୟର ଆଶ୍ରୟ ନେଇଥିଲେ । ସେଗୁଡ଼ିକ ସେ ଯେଉଁ କ୍ରମରେ ଅବଲମ୍ବନ କରୁଥିଲେ, ସେହି କ୍ରମରେ ୧, ୨, ୩......... ପ୍ରଭୃତି ଦେଇ ସଜାଅ ।

ଉଚ୍ଚ ଚାକିରି ଦେବା, ମିତ୍ରତାସୂତ୍ରରେ ଆବଦ୍ଧ ହେବା, ବିବାହ ସମ୍ବନ୍ଧ ସ୍ଥାପନ କରିବା, ଯୁଦ୍ଧରେ ପଇସା ଖର୍ଚ୍ଚ କରି ଦୁର୍ଗ ହସ୍ତଗତ କରିବା, ଯୁଦ୍ଧ କରିବା, ବିଧର୍ମୀମାନଙ୍କୁ ଧର୍ମର ସୁବିଧା ଦେବା, ହିନ୍ଦୁମାନଙ୍କୁ ହିନ୍ଦୁମାନଙ୍କ ବିରୋଧରେ ସେନାପତି କରିବା, ସେନାପତିମାନଙ୍କୁ ବିଶ୍ୱାସ କରିବା, ଶରଣାଗତ ଶତ୍ରୁକୁ ଗ୍ରହଣ କରି କରଦ ରାଜା କରିବା, ବୀରମାନଙ୍କୁ ସମ୍ମାନ ଦେଖାଇବା, ବିଜିତ ପ୍ରଦେଶରେ ସୁଶାସନ ପ୍ରତିଷ୍ଠା କରିବା ।

## ଜାହାଙ୍ଗୀର

ପିତାଙ୍କ ପରେ ସେଲିମ "ଜାହାଙ୍ଗୀର" ଉପାଧି ନେଇ ସିଂହାସନ ଅଧିରୋହଣ କଲେ । ତାଙ୍କ ମାତା ଜୟା ବାଈ ଅମ୍ବର ରାଜାଙ୍କ ଝିଅ ଥିଲେ । ଜାହାଙ୍ଗୀର ନିଜେ ଅନେକ ରାଜପୁତ ସ୍ତ୍ରୀ ବିବାହ କରିଥିଲେ । ମାରବାର ରାଜକନ୍ୟା ଯୋଧବାଈ ତାଙ୍କ ମହିଷୀ ଥିଲେ । ଯୋଧବାଈଙ୍କ ଗର୍ଭରୁ ସାହାଜାହାନ ଜାତ ହୋଇଥିଲେ ।

**ଖସ୍ରୁଙ୍କ ବିଦ୍ରୋହ**—ଜାହାଙ୍ଗୀରଙ୍କ ରାଜତ୍ୱର ପ୍ରାରମ୍ଭରେ ତାଙ୍କ ଜ୍ୟେଷ୍ଠ ପୁତ୍ର ଖସ୍ରୁ ସିଂହାସନ ସକାଶେ ବ୍ୟସ୍ତ ହୋଇ ବିଦ୍ରୋହ କଲେ ଏବଂ ଲାହୋର ଅଧିକାର କଲେ । ଜାହାଙ୍ଗୀର ବିଦ୍ରୋହଦମନପୂର୍ବକ ଖସ୍ରୁଙ୍କୁ ବନ୍ଦୀ କଲେ ଏବଂ ବିଦ୍ରୋହର ସାହାଯ୍ୟକାରୀମାନଙ୍କୁ ପ୍ରାଣଦଣ୍ଡ ଦେଲେ । ଶିଖଗୁରୁ ଅର୍ଜ୍ଜୁନ ବିଦ୍ରୋହ ବେଳେ ଖସ୍ରୁଙ୍କୁ ଆଶ୍ରୟ ଦେଇଥିଲେ । ସେହି ଅପରାଧରେ ଜାହାଙ୍ଗୀର ଗୁରୁଙ୍କୁ ବଧ କରାଇଥିଲେ । ଏଥିରେ ଶିଖମାନେ ଚିଡ଼ି ଯାଇଥିଲେ ।



ଜାହାଙ୍ଗୀର

**ନୁରଜାହାନ**—ପାରସ୍ୟର ତେହେରାନ ନଗରରୁ ଇତିମଦୁଦ୍ଦୌଲା ବୋଲି ଜଣେ ଲୋକ ଭାରତକୁ ପଳାଇ ଆସିଥିଲେ । ସେ ଅକବରଙ୍କ ତଳେ ଖଣ୍ଡିଏ ଚାକିରି ପାଇଥିଲେ । ତାଙ୍କର ଗୋଟିଏ ଅତି ସୁନ୍ଦରୀ ଝିଅ ଥିଲା । ତାହାର ନାମ "ମିହର ଉନ୍ନିସା" । ମିହରର ରୂପ ଦେଖି

ଜାହାଙ୍ଗୀର ଅଧୀର ହୋଇ ପଡ଼ିଥିଲେ । ଏହା ଜାଣି ପାରି ଅକବର ମିହରଙ୍କୁ ବର୍ଦ୍ଧମାନର ଶାସନକର୍ତ୍ତା ଶେର୍ ଅଫଗାନଙ୍କ ସଙ୍ଗେ ବିବାହ କରାଇଦେଲେ ।

ଜାହାଙ୍ଗୀର ରାଜା ହୋଇ ଶେର୍ ଅଫଗାନଙ୍କୁ ମରାଇ ମିହରଙ୍କୁ ନିଜ ପ୍ରାସାଦକୁ ଆଣାଇଲେ ଏବଂ ତାଙ୍କ ନାମ "ନୂରମହଲ" (ପ୍ରାସାଦ-ଜ୍ୟୋତି) ରଖିଲେ । କିନ୍ତୁ ନୂରମହଲ ଜାହାଙ୍ଗୀରଙ୍କୁ ବିବାହ କରିବାକୁ ଅସ୍ୱୀକୃତା ହେଲେ ଏବଂ ପତିଙ୍କ ହତ୍ୟାରେ ସବୁବେଳେ ଦୁଃଖ କରିବାକୁ ଲାଗିଲେ । ଯାହାହେଉ ଛଅ ବର୍ଷ ପରେ ସେ ଜାହାଙ୍ଗୀରଙ୍କୁ ବିବାହ କଲେ । ଜାହାଙ୍ଗୀର ତାଙ୍କୁ "ନୂରଜାହାନ" (ପୃଥିବୀର ଜ୍ୟୋତି) ନାମ ଦେଇ ରାଜ୍ୟର ସମସ୍ତ କ୍ଷମତା ତାଙ୍କ ହସ୍ତରେ ଅର୍ପଣ କଲେ ଏବଂ ନିଜେ କେବଳ ମଦ୍ୟ ଓ ବିଳାସରେ ଲିପ୍ତ ରହିଲେ । ଏହି ଦିନଠାରୁ ନୂରଜାହାନ ଦିଲ୍ଲୀର ପ୍ରକୃତ ସମ୍ରାଜ୍ଞୀ ହେଲେ । ସେ ବଡ଼ ବୁଦ୍ଧିମତୀ ଓ ଚତୁର ଥିଲେ । ରାଜାଜ୍ଞାପତ୍ରମାନଙ୍କରେ ତାଙ୍କର ସ୍ୱାକ୍ଷର ରହୁଥିଲା । ମୁଦ୍ରାମାନ ତାଙ୍କ ନାମରେ ଚଳୁଥିଲା । ନୂରଜାହାନ ଏପରି ୨୦ ବର୍ଷ ପର୍ଯ୍ୟନ୍ତ ନିଜେ ରାଜ୍ୟଶାସନ କରୁଥିଲେ ।



ନୂରଜାହାନ

ରାଜ୍ୟବୃଦ୍ଧି—ଅକବର ବହୁତ ଚେଷ୍ଟା କରି ମିବାର ଓ ଅହମଦନଗର ବଶୀଭୂତ କରି ପାରି ନ ଥିଲେ । ଜାହାଙ୍ଗୀରଙ୍କ ଅମଳରେ ଏହି ଦୁଇ ରାଜ୍ୟ ମୋଗଲମାନଙ୍କ ବଶତା ସ୍ୱୀକାର କରିଥିଲା ।

ମିବାରର ରାଣା ଅମର ସିଂହ ଓ ତାଙ୍କପୁତ୍ର କର୍ଣ୍ଣ ସିଂହଙ୍କର ଦୁଇଟି ମଲମଲ ପଥରର ପ୍ରତିମୂର୍ତ୍ତି ନିର୍ମାଣ କରାଇ ଜାହାଙ୍ଗୀର ଆଗ୍ରାରେ ଗୋଟିଏ ଅଦାଲତ ଝରକାରେ ରଖାଇଲେ ଏବଂ ସେହିପରି ବୀର ପ୍ରକୃତ ସମ୍ମାନ ଦେଖାଇଲେ ।

**ସର୍ ଟମାସ ରୋ :**—ଏହି ସମୟରେ ପର୍ତ୍ତୁଗୀଜମାନେ ଭାରତର ବାଣିଜ୍ୟରେ ଏକଚାଟିଆ ଅଧିକାର ପାଇଥିଲେ; ଇଂରେଜମାନେ ଭାରତରେ ବାଣିଜ୍ୟ କରିବା ସକାଶେ ମନ ବଳାଇ ୧୬୦୦ ଖ୍ରୀଷ୍ଟାବ୍ଦରେ ଭାରତକୁ ଆସିଥିଲେ । ବାଣିଜ୍ୟ କରିବାକୁ ମୋଗଲ ସମ୍ରାଟଙ୍କ ଅନୁମତି ପାଇବା ସକାଶେ ଇଂଲଣ୍ଡର ରାଜା ଜେମସ୍ ୧୬୧୫ ଖ୍ରୀଷ୍ଟାବ୍ଦରେ "ସର୍ ଟମାସ୍ ରୋ" ନାମକ ଜଣେ ଦୂତଙ୍କୁ ମୋଗଲ ଦରବାରକୁ ପଠାଇଥିଲେ । ସେ ତିନି ବର୍ଷକାଳ ମୋଗଲ ଦରବାରରେ ରହିଥିଲେ । ଜାହାଙ୍ଗୀର ତାଙ୍କୁ ବଡ଼ ଆଦର ଦେଖାଇଥିଲେ ଏବଂ ରୋ ସମ୍ରାଟଙ୍କ ନିଶାବ୍ୟସନର ଜଣେ ପ୍ରଧାନ ସଙ୍ଗୀ ଥିଲେ । ସେ ଜାହାଙ୍ଗୀରଙ୍କ ଶାସନ ସମ୍ବନ୍ଧରେ ଖଣ୍ଡିଏ ପୁସ୍ତକ ଲେଖି ଯାଇଅଛନ୍ତି ।

ରୋଙ୍କ ଇତିହାସରୁ ଜଣାଯାଏ ଯେ, ସମ୍ରାଟଙ୍କ ଜନ୍ମଦିନ ଉତ୍ସବରେ ସମ୍ରାଟଙ୍କୁ ଏକ ସୁନାର ନିକିତିରେ ବସାଇ ରୂପା, ସୁନା ନାନାପ୍ରକାର ମଣି ମୁକ୍ତାରେ ଥର ଥର କରି ଓଜନ କରାଯାଏ । ଶେଷରେ ସେହି ସୁନା ରୂପା ସବୁ ଲୋକଙ୍କୁ ବାଣ୍ଟି ଦିଆଯାଏ ।

ଇଂରେଜମାନଙ୍କର ଭାରତରେ ବାଣିଜ୍ୟ କରିବା ସକାଶେ ରୋ ସାହେବ ଜାହାଙ୍ଗୀରଙ୍କ ଅନୁମତି ପ୍ରାର୍ଥନା କଲେ । ସମ୍ରାଟ୍ ସେଥି ସକାଶେ ରାଣୀଙ୍କ ଅନୁମତି ଭିକ୍ଷା କରିବାକୁ ତାଙ୍କୁ ପରାମର୍ଶ ଦେଲେ । ରାଣୀଙ୍କ

ଭ୍ରାତା ଅସଫ୍ ଖାଁଙ୍କୁ ବହୁମୂଲ୍ୟ ରତ୍ନ ଉପହାର ଦେଇ ସେ ସେହି କ୍ଷମତା ପ୍ରାପ୍ତ ହୋଇଥିଲେ ।

**ରାଜପୁତ୍ର ଖୁରମ—**ନୁରଜାହାନ ପ୍ରଥମ ପତିଙ୍କ ଔରସଜାତ ନିଜ କନ୍ୟାଙ୍କୁ ଜାହାଙ୍ଗୀରଙ୍କ କନିଷ୍ଠ ପୁତ୍ରଙ୍କ ସଙ୍ଗେ ବିବାହିତ କରାଇ ତାଙ୍କୁ ଜାହାଙ୍ଗୀରଙ୍କ ପରେ ସମ୍ରାଟ୍ କରାଇବାକୁ ଚାହିଁବାରୁ ସେତେବେଳେ ଜୀବିତ ମଧ୍ୟରେ ଜ୍ୟେଷ୍ଠ ପୁତ୍ର ଖୁରମ ବିଦ୍ରୋହ କଲେ । ପ୍ରଧାନ ସେନାପତି ମହବତ୍ ଖାଁ । ତାଙ୍କର ଅନୁଧାବନ କରି ଶେଷରେ ତାଙ୍କୁ ଧରି ନେଇ ଜାହାଙ୍ଗୀରଙ୍କ ନିକଟରେ ଆଗତ କଲେ । ଜାହାଙ୍ଗୀର ତାଙ୍କୁ କ୍ଷମା ଦେଇ ଶାହାଜାହାନ (ପୃଥିବୀର ରାଜା) ଉପାଧି ଦେଲେ ।

**ମହବତ୍ ଖାଁଙ୍କ ବିଦ୍ରୋହ—**ମହବତ୍ ଖାଁଙ୍କ ପ୍ରତିପତ୍ତି ବଢ଼ିଯିବାରୁ ସେ ଅବାଧ ହୋଇ ପଡ଼ିଲେ; ସୁତରାଂ ନୁରଜାହାନ ତାହା ସହି ପାରିଲେ ନାହିଁ ଏବଂ ସମ୍ରାଟଙ୍କୁ ମଣାଇ ମହବତଙ୍କଠାରୁ କୈଫିୟତ ମାଗିଲେ । ଜାହାଙ୍ଗୀର ଓ ନୁରଜାହାନ କାବୁଲ ବିଦ୍ରୋହ ଦମନ କରିବାକୁ ଯିବା ବାଟରେ ସିନ୍ଧୁନଦୀ ତଟରେ ମହବତ କୈଫିୟତ ଦେବାକୁ ଆସି ଦୁହିଁଙ୍କୁ ବନ୍ଦୀ କଲେ । ବୁଦ୍ଧିମତୀ ନୁର୍ ଜେଲଖାନାର ମାଲିକମାନଙ୍କୁ ଫୁସୁଲାଇ ନିଜକୁ ଓ ସ୍ୱାମୀଙ୍କୁ ମୁକ୍ତ କଲେ । ଫଳରେ ମହବତ୍ ଦାକ୍ଷିଣାତ୍ୟକୁ ପଳାଇଗଲେ ଏବଂ ଶାହାଜାହାନଙ୍କ ସଙ୍ଗେ ମିଶି ପୁଣି ବିଦ୍ରୋହ ଆରମ୍ଭ କଲେ । ସେହି ବର୍ଷ ଅର୍ଥାତ୍ ୧୬୨୭ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀର ଶ୍ୱାସରୋଗରେ ପ୍ରାଣ ହରାଇଲେ ଏବଂ ନୁରଜାହାନ ସମସ୍ତ କ୍ଷମତା ହରାଇଲେ । ସେ ଶାହଜାହାନଙ୍କଠାରୁ କେବଳ ଗୋଟିଏ ବୃତ୍ତି ପାଉଥିଲେ ।

## ଶାହାଜାହାନ

ଏହାଙ୍କ ଠିକ୍ ନାମ "ଖୁରମ୍" କିନ୍ତୁ ସେ 'ଶାହାଜାହାନ' ଉପାଧି ଧରି ୧୬୨୭ ଖ୍ରୀଷ୍ଟାବ୍ଦରେ ସମ୍ରାଟ ହେଲେ । ଜାହାଙ୍ଗୀର ରକ୍ତରେ ଅଧା ହିନ୍ଦୁ ଥିଲେ । ଶାହାଜାହାନ ଜାହାଙ୍ଗୀରଙ୍କ ଔରସରେ ଯୋଧପୁର ରାଜକନ୍ୟା ଯୋଧବାଈଙ୍କ ଗର୍ଭରୁ ଜାତ ହୋଇଥିଲେ । ବୁଝିବାକୁ ଗଲେ ସେ ପ୍ରକୃତରେ ହିନ୍ଦୁ ଔରସରୁ ଜାତ ହୋଇ ଥିଲେ; ତଥାପି ସେ ନୈଷ୍ଠିକ ମୁସଲମାନ ଥିଲେ ଏବଂ ରାଜ୍ୟର ସମସ୍ତ ନୂତନ ହିନ୍ଦୁମନ୍ଦିର ଭଙ୍ଗି ଦେବା ସକାଶେ ଆଦେଶ ପ୍ରଚାର କରିଥିଲେ ।



ଶାହାଜାହାନ

ଶାହାଜାହାନ ବଡ଼ ଆଡ଼ମ୍ବରପ୍ରିୟ ଥିଲେ । ତାଙ୍କ ରାଜତ୍ୱରେ ମୋଗଲ ଭଣ୍ଡାରରେ ବହୁ ଅର୍ଥ ସଞ୍ଚିତ ହୋଇଥିଲା । ସେହି ଅର୍ଥରେ ସେ ଅନେକ ମସଜିଦ୍, ନଗର, ପ୍ରାସାଦ, ସମାଧି-ମନ୍ଦିର ନିର୍ମାଣ କରିଥିଲେ । ମୋଗଲମାନଙ୍କ ମଧ୍ୟରେ ସେ ସର୍ବାପେକ୍ଷା ଆଡ଼ମ୍ବରପ୍ରିୟ ଥିଲେ ।

ଶାହାଜାହାନଙ୍କ ଏକମାତ୍ର ମହିଷୀ ମମତାଜମହଲ । ମମତାଜ-ମହଲ ପରମ ରୂପବତୀ ଓ ନୁରଜାହାନଙ୍କ ଭ୍ରାତୁଷ୍ପୁତ୍ରୀ ଥିଲେ । ସେ ବିବାହ ପରେ ୧୪ ବର୍ଷ ମାତ୍ର ବଞ୍ଚିଥିଲେ ଏବଂ ଚାରି ପୁତ୍ର ଓ ତିନି

କନ୍ୟା ପ୍ରସବ କରିଥିଲେ । ସେ ଅତି ପତିପ୍ରେମଶୀଳା ଥିଲେ । ସମ୍ରାଟ୍ ତାଙ୍କୁ ବଡ଼ ସ୍ନେହ କରୁଥିଲେ । ମମତାଜ୍ ପ୍ରସୂତିଶଯ୍ୟାରେ ପ୍ରାଣତ୍ୟାଗ କରିଥିଲେ । ମଲାବେଳେ ସେ ସ୍ୱାମୀଙ୍କୁ ଦ୍ୱିତୀୟ ଦାରପରିଗ୍ରହ କରିବା ସକାଶେ ମନା କରି ଯାଇଥିଲେ ଏବଂ ତାଙ୍କ ନାମ ଚିରସ୍ମରଣୀୟ କରିବାଲାଗି ତାଙ୍କ ସମାଧିମନ୍ଦିରକୁ ସୌନ୍ଦର୍ଯ୍ୟରେ ଜଗତରେ ଅଦ୍ୱିତୀୟ କରିବେ ବୋଲି ଅନୁରୋଧ କରିଥିଲେ । ସାହାଜାହାନ ପତ୍ନୀଙ୍କ ଅନୁରୋଧ ରକ୍ଷା କରିଥିଲେ । ସେ ଅନ୍ୟ ପତ୍ନୀ ଗ୍ରହଣ କରି ନ ଥିଲେ ଏବଂ ପତ୍ନୀର ସମାଧି ସ୍ଥାନରେ ଜଗଦ୍‌ବିଖ୍ୟାତ **ତାଜମହଲ** ନିର୍ମାଣ କରିଥିଲେ ।



ମମତାଜ ବେଗମ

ତାଜମହଲ ପରି ମନୋହର ସମାଧିମନ୍ଦିର ଜଗତରେ ଅନ୍ୟ ନାହିଁ । ଏହା ଆଗ୍ରା ନଗରରେ ଯମୁନାକୂଳରେ ଅଛି । ତାକୁ ଦେଖିଲେ ମନେ ହୁଏ, ଯେପରି କାଲି ତିଆରି ହୋଇଅଛି । ଏହା କେବଳ ଧଳା ମଲମଲ ପ୍ରସ୍ତରରେ ନିର୍ମିତ ଏବଂ ବହୁମୂଲ୍ୟ ପଥରରେ ଖଚିତ । ଶାହାଜାହାନ ୩୦ କୋଟି ଟଙ୍କା ଖର୍ଚ୍ଚ କରି ୨୨ ବର୍ଷରେ ତାକୁ ନିର୍ମାଣ କରିଥିଲେ ।

୧୬୨୮ ଖ୍ରୀଷ୍ଟାବ୍ଦରେ ସାଢ଼େ ଛଅ କୋଟି ଟଙ୍କା ଖରଚ କରି ଶାହାଜାହାନ ମୟୂର ସିଂହାସନ ନିର୍ମାଣ କରିଥିଲେ । ଏହା ଅତି ସୁନ୍ଦର ଓ ବିଚିତ୍ର କାରୁକାର୍ଯ୍ୟେ ପୂର୍ଣ୍ଣ । ଏଥିରେ ଇନ୍ଦ୍ରନୀଳ, ମରକତ, ମାଣିକ୍ୟ ଓ ହୀରା ଖଞ୍ଜା ହୋଇଅଛି ।

ଶାହାଜାହାନ ଦିଲ୍ଲୀରେ ଗୋଟିଏ ବିଶାଳ ଓ ସୁନ୍ଦର ସହର ନିର୍ମାଣ କରିଥିଲେ । ତାହାକୁ ଶାହାଜାହାନାବାଦ କହନ୍ତି । ଏହି ସହରର ଅନ୍ୟ ନାମ **ନୂତନ ଦିଲ୍ଲୀ** । ଦିଲ୍ଲୀରେ ତାଙ୍କ ନିର୍ମିତ



ତାଜମହଲ

"ଜୁମାମସଜିଦ୍" ଅଛି । ଆଗ୍ରାରେ ସେ "ମୋତିମସଜିଦ୍" ନିର୍ମାଣ କରିଥିଲେ । ମୋତିମସଜିଦ୍ ପରି ସୁନ୍ଦର ଉପାସନାମନ୍ଦିର ଜଗତରେ ଆଉ କୁହାପି ନାହିଁ ।

ଶାହାଜାହାନ ୧୬୩୩ ଖ୍ରୀଷ୍ଟାବ୍ଦରେ ଆହମ୍ମଦନଗରକୁ ଜୟ କରି ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କଲେ । ବିଜାପୁର ଓ ଗୋଲକୁଣ୍ଡାର ସୁଲତାନମାନେ ବାଧ୍ୟ ହୋଇ ତାହାଙ୍କୁ ବାର୍ଷିକ କର ଦେଇ ଅଧୀନତା ସ୍ୱୀକାର କଲେ । ଏହି ସମସ୍ତ ନୂତନ ଅଧିକୃତ ପ୍ରଦେଶ ସହିତ ଦାକ୍ଷିଣାତ୍ୟ ଶାସନ କରିବା ନିମନ୍ତେ ରାଜପୁତ୍ର * ଔରଙ୍ଗଜେବ ନିଯୁକ୍ତ ହୋଇଥିଲେ

ବଙ୍ଗଦେଶର ହୁଗୁଲୀ ସହରରେ ପର୍ତ୍ତୁଗୀଜମାନେ ରହି ବାଣିଜ୍ୟ କରୁଥିଲେ । ସେମାନେ ହିନ୍ଦୁ ଓ ମୁସଲମାନମାନଙ୍କୁ ବଳପ୍ରୟୋଗଦ୍ୱାରା ଖ୍ରୀଷ୍ଟାନ କରିବାରୁ ଏବଂ ବନ୍ଦରମାନ ଲୁଣ୍ଠନ କରିବାରୁ ଶାହାଜାହାନ ସୈନ୍ୟ ପଠାଇ ସେମାନଙ୍କୁ ଦମନ କଲେ । ଡାକ୍ତର ବାଓ୍ୱଟନ ନାମକ ଜଣେ ଇଂରେଜ ସାହାଜହାନଙ୍କ ଝିଅଙ୍କୁ ଏକ ପୋଡ଼ା ଘାଆରୁ ଭଲ କରିଥିଲେ । ସେଥି ସକାଶେ ସମ୍ରାଟ୍ ଇଂରେଜମାନଙ୍କ ଉପରେ ସନ୍ତୁଷ୍ଟ ହୋଇଥିଲେ ।

**ସିଂହାସନ ସକାଶେ କଳି**—୧୬୫୮ ଖ୍ରୀଷ୍ଟାବ୍ଦରେ ଶାହାଜାହାନ କଠିନ ରୋଗରେ ପଡ଼ିଲେ । ବଡ଼ପୁଅ ଦାରା ପିତାଙ୍କ ସଙ୍ଗେ ଅଗ୍ରାରେ ରହି ରାଜଧାନୀ ନିକଟବର୍ତ୍ତୀ ପ୍ରଦେଶର ଓ କେନ୍ଦ୍ରୀକ ଶାସନର ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ସୁଜା ବଙ୍ଗଳାର, ମୁରାଦ ଗୁଜରାଟର ଓ ଅଓରଙ୍ଗଜେବ ଦାକ୍ଷିଣାତ୍ୟର ସୁବାଦାର ଥିଲେ । ଦାରା ହିନ୍ଦୁମାନଙ୍କୁ ଭଲ ପାଉଥିଲେ; ତେଣୁ, ମୁସଲମାନମାନେ ତାଙ୍କୁ ଶ୍ରଦ୍ଧା କରୁ ନ ଥିଲେ । ଶାହାଜାହାନ ବଡ଼ ପୁଅ ଦାରାଙ୍କୁ ଭାରି ଭଲ ପାଉଥିଲେ ଏବଂ ସେଥିଲାଗି ତାଙ୍କୁ ରାଜଧାନୀରେ ରଖିଥିଲେ । ସୁଜା ବିଳାସୀ ଥିଲେ । ମୁରାଦ ବିଶେଷ ମଦ ଖାଉଥିଲେ । ସମସ୍ତଙ୍କ ମଧ୍ୟରେ ଅଓରଙ୍ଗଜେବ ବୁଦ୍ଧିମାନ୍, ସାହସୀ ଓ ଅଧ୍ୟବସାୟୀ ଥିଲେ । ସେ କୁଟିଳମତି ଓ ଅତି କୌଶଳୀ ଥିଲେ । ଅଓରଙ୍ଗଜେବ ସୁନ୍ନୀ ଓ ନୈଷ୍ଠିକ ମୁସଲମାନ ଥିବାରୁ ସୁନ୍ନୀ ମୁସଲମାନମାନେ ତାଙ୍କୁ ଭାରି ଭଲ ପାଉଥିଲେ ।

ଶାହାଜାହାନ ଯେତେବେଳେ ରୋଗରେ ପଡ଼ିଲେ, ସେ ନିଜ ପୀଡ଼ାର ଖବର ଗୋପନ ରଖି, ଦାରାଙ୍କୁ ସିଂହାସନ ଦେବାର ଇଚ୍ଛା କଲେ । ମାତ୍ର ତାଙ୍କ ପୀଡ଼ାର ଖବର କୌଣସି ପ୍ରକାରେ ଅନ୍ୟ ତିନି

ପୁଅ ଜାଣି ପାରିଲେ ଏବଂ ନିଜ ପୁଅଯାକ ସମ୍ରାଟ୍ ହେବେ ବୋଲି ଚେଷ୍ଟାରେ ରହିଲେ ।

ଆଓରଙ୍ଗଜେବ ଦାକ୍ଷିଣାତ୍ୟରୁ ବାହାରି ଗୁଜରାଟରେ ମୁରାଦଙ୍କ ସୈନ୍ୟ ସଙ୍ଗେ ନିଜ ସୈନ୍ୟ ମିଶାଇ ନେଲେ । ମୁରାଦଙ୍କ ପ୍ରକୃତି ଅତି ସରଳ ଥିଲା । ଆଓରଙ୍ଗଜେବ ତାଙ୍କୁ କହିଲେ, ସେ ବିଧର୍ମୀ ଦାରାଙ୍କ ସମ୍ରାଟ୍ ହେବା ଦେଖି ପାରିବେ ନାହିଁ ଏବଂ ମୁରାଦଙ୍କୁ ସିଂହାସନରେ ବସାଇ ନିଜେ ମକ୍କାକୁ ତୀର୍ଥଯାତ୍ରା କରିବେ ।

ସୁଜା ବହୁ ସୈନ୍ୟ ଘେନି ବଙ୍ଗଳାରୁ ଅଗ୍ରସର ହେଲେ । ଦାରାଙ୍କ ସେନାପତି ଜୟସିଂହ ଓ ପୁତ୍ର ସୁଲେମାନ କାନପୁର ନିକଟରେ ତାହାଙ୍କୁ ପରାସ୍ତ କଲେ । ସୁଜା ବଙ୍ଗଳାକୁ ପଳାୟନ କଲେ ।

ଆଓରଙ୍ଗଜେବ ଓ ମୁରାଦ ଆଗ୍ରା ଆଡ଼କୁ ଅଗ୍ରସର ହେଲେ । ଦାରାଙ୍କ ସେନାପତି ଯଶୋବନ୍ତ ସିଂହ ସେମାନଙ୍କ ବିରୁଦ୍ଧରେ ପ୍ରେରିତ ହେଲେ । ଯଶୋବନ୍ତ ସିଂହ ପରାସ୍ତ ହେଲେ । ଦାରା ନିଜେ ତାଙ୍କ ସଙ୍ଗେ ଯୁଦ୍ଧ କରିବାକୁ ବାହାରିଲେ, କିନ୍ତୁ ସେ ମଧ୍ୟ ପରାସ୍ତ ହେଲେ । ସେ ଆଫଗାନିସ୍ଥାନକୁ ପଳାଇବା ବାଟରେ ଧୃତ ହୋଇ ବନ୍ଦୀ ହେଲେ । ଆଓରଙ୍ଗଜେବ ତାଙ୍କର ଦୋଷ ବିଚାର କରିବେ ବୋଲି ଭିକ୍ଷାକୁ ଏକ ବିଚାରସଭା ନିଯୁକ୍ତ କରି ତାଙ୍କୁ ପ୍ରାଣଦଣ୍ଡ ଦଆଇଲେ । ସେ ଆଗ୍ରା ଅଧିକାର କରି ବୃଦ୍ଧ ପିତାଙ୍କୁ ବନ୍ଦୀଗୃହରେ ରଖିଲେ । ମୁରାଦଙ୍କୁ ମଧ୍ୟ ଏକ ଭୋଜିରେ ବିଶେଷ ମଦ ଖୁଆଇ ବନ୍ଦୀ କଲେ ଏବଂ ୧୬୫୮ ଖ୍ରୀଷ୍ଟାବ୍ଦରେ ଆଓରଙ୍ଗଜେବ ନିଜକୁ ଦିଲ୍ଲୀର ସମ୍ରାଟ୍ ବୋଲି ଘୋଷଣା କଲେ । ସୁଜା ଆଉ ଥରେ ଆକ୍ରମଣ କଲେ । କିନ୍ତୁ ସେନାପତି ମିର୍ ଜୁମ୍‌ଲା ତାଙ୍କ ପରାସ୍ତ କରି ଆରାକାନକୁ ତଡ଼ି ଦେଲେ । ସେଠାରେ

ତାଙ୍କର କଣ ହେଲା, କେହି ଜାଣି ପାରିଲେ ନାହିଁ । ମୁରାଦ ମଧ୍ୟ ପ୍ରାଣଦଣ୍ଡ ପାଇଲେ । ଦାରାଙ୍କ ପୁତ୍ର ସୁଲେମାନ ମଧ୍ୟ ଧୃତ ହୋଇ ନିହତ ହେଲେ । ଶାହାଜାହାନ ସାତ ବର୍ଷ କାଳ ଆଗ୍ରା ଦୁର୍ଗରେ ବନ୍ଦୀ ରହି ୧୬୬୬ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ । ଅରଙ୍ଗଜେବ ଏହିପରି ସମସ୍ତଙ୍କୁ ବଧ କରି ୧୬୫୯ ଖ୍ରୀଷ୍ଟାବ୍ଦରେ ଅଲମଗିର (ଜଗଦ୍‌ବିଜେତା) ଉପାଧି ସହି ଦ୍ୱିତୀୟବାର ନିଜର ଅଭିଷେକ କରାଇଲେ ।

---

## ଅଉରଙ୍ଗଜେବ

ଆଓରଙ୍ଗଜେବ (୧୬୫୮—୧୭୦୭)—ଅଉରଙ୍ଗଜେବ ଜଣେ ନୈଷ୍ଠିକ ମୁସଲମାନ ଥିଲେ । ମୁସଲମାନମାନଙ୍କ ମଧ୍ୟରେ ଦୁଇଟି ସମ୍ପ୍ରଦାୟ—ସିଆ ଓ ସୁନ୍ନୀ । ଅଉରଙ୍ଗଜେବ ସୁନ୍ନୀ ମୁସଲମାନ ଥିଲେ । ସେ ସିଆ ମୁସଲମାନ ଧର୍ମ କିମ୍ବା ହିନ୍ଦୁଧର୍ମକୁ ସହ୍ୟ କରି ପାରୁ ନ ଥିଲେ ଏବଂ ସମସ୍ତଙ୍କୁ ସୁନ୍ନୀ ମୁସଲମାନ କରିବାକୁ ଚାହୁଁଥିଲେ । ହିନ୍ଦୁ ଓ ସିଆମାନଙ୍କୁ ସେ ନିଜ ଚାକିରିରୁ ତଡ଼ି ଦେଉଥିଲେ । ହିନ୍ଦୁମାନଙ୍କୁ ନାନା କଷ୍ଟ ଦେଉଥିଲେ । ସେମାନଙ୍କ ଉପରେ ଜିଜିୟା (ମୁଣ୍ଡ) କର ବସାଇଥିଲେ । ସେ ଥରେ ଶୁଣିଲେ ଯେ, କାଶୀର ପଣ୍ଡିତମାନେ ଧର୍ମସମ୍ବନ୍ଧୀୟ ବ୍ୟାଖ୍ୟାନ କେବଳ ହିନ୍ଦୁମାନଙ୍କୁ ନ ଶୁଣାଇ ମୁସଲମାନମାନଙ୍କୁ ମଧ୍ୟ ଶୁଣାଉଛନ୍ତି, ତେଣୁ ସେ ହିନ୍ଦୁମାନଙ୍କ ମନ୍ଦିର ଓ ମୂର୍ତ୍ତି ଭାଙ୍ଗିଦେଇ ସେହି ସ୍ଥାନରେ ମସଜିଦ୍ ନିର୍ମାଣ କରାଇବାର ଆଦେଶ ପ୍ରଚାର କଲେ । ହଜାର ହଜାର ମନ୍ଦିର ଭାଙ୍ଗି ଦିଆଯାଇ ସେହି ସ୍ଥାନରେ ମସଜିଦମାନ ନିର୍ମିତ ହେଲା । ହିନ୍ଦୁ ତୀର୍ଥ, ମେଲା, ଉତ୍ସବ ସବୁଠାରୁ ଜିଜିୟା କର ଆଦାୟ କରାଗଲା । ହିନ୍ଦୁମାନଙ୍କୁ ଘୋଡ଼ା ହାତୀ

ପାଲିକି ମଧ୍ୟ ଚଢ଼ିବା ସକାଶେ ବାରଣ ଆଦେଶ ଜାରି କଲେ । ଥରେ ପାଦଶାହ ଜୁମାମସଜିଦକୁ ଯିବାବେଳେ ଅନେକ ହିନ୍ଦୁ ମିଳିତ ହୋଇ ଜିଜିୟା କର ଉଠାଇଦେବା ନିମନ୍ତେ ପ୍ରାର୍ଥନା କଲେ । ଆଓରଙ୍ଗଜେବ ସେହି ପ୍ରାର୍ଥନା ଶୁଣିବେ କଣ, ସେମାନଙ୍କ ଉପରେ ହାତୀ ଚଳାଇ ସମସ୍ତଙ୍କୁ ମାରିଦେଲେ । ଧର୍ମମତ ସମ୍ବନ୍ଧରେ ସେ ଏହିପରି ଅନ୍ଧ ଥିଲେ ।

ଆଓରଙ୍ଗଜେବଙ୍କ ନିଜ ଚରିତ୍ର ଅତି ପବିତ୍ର ଓ ବିଶୁଦ୍ଧ ଥିଲା । ସେ ସୁରାପାନ ବା ଭୋଗବିଳାସ ଏକାବେଳକେ କରୁ ନ ଥିଲେ । ସେ ନିଜ ସୁଖ ଲାଗି ରାଜ୍ୟର ଅର୍ଥ କେବେ ଖରଚ କରୁ ନ ଥିଲେ । ଟୋପି ନିର୍ମାଣ କରି ତହିଁରୁ ମିଳିବା ପଇସାରେ ସେ ନିଜ ଖାଦ୍ୟ ଅର୍ଥ ଚଳାଉଥିଲେ । ସାମାନ୍ୟ ପରିଚ୍ଛଦରେ ସେ ଦିନ କଟାଉଥିଲେ । ଶାସନର ସମସ୍ତ ବିଷୟ ସେ ନିଜେ ପର୍ଯ୍ୟବେକ୍ଷଣ କରୁଥିଲେ । ତାଙ୍କ ଚରିତ୍ର ଆଦର୍ଶସ୍ଥାନୀୟ ଥିଲା । ଧର୍ମ ପ୍ରତି ତାଙ୍କର ଦୃଢ଼ ବିଶ୍ୱାସ ଓ ଭକ୍ତି ଥିଲା ।



ଆଓରଙ୍ଗଜେବ

ସେ ସମଗ୍ର କୋରାନ କଣ୍ଠସ୍ଥ କରିଥିଲେ । ପ୍ରତ୍ୟହ ମସଜିଦକୁ ଯାଇ ପ୍ରାର୍ଥନା କରୁଥିଲେ । ମୋଟ କଥାରେ ସେ ସମ୍ରାଟ ଥାଇ ମଧ୍ୟ ଜଣେ

ତପସ୍ୱୀ ଥିଲେ । କିନ୍ତୁ ତାଙ୍କଠାରେ ଦୟାର ଲେଶ ନ ଥିଲା । ସେ ଏତେ ନିଷ୍ଠୁର ଥିଲେ ଯେ—ଭାଇ, ବାପ, ପୁଅ କାହାରିକୁ ବଧ ବା ବନ୍ଦୀ କରିବାକୁ ଟିକେ ମାତ୍ର କୁଣ୍ଠିତ ନ ଥିଲେ ।

## ଆଓରଙ୍ଗଜେବଙ୍କ ଯୁଦ୍ଧ :—୧ ଦାକ୍ଷିଣାତ୍ୟ—

ମହାରାଷ୍ଟ୍ରନେତା ଶିବାଜୀ ହିନ୍ଦୁଧର୍ମରକ୍ଷା ଉଦ୍ଦେଶ୍ୟରେ ତୋରଣା, ପୁରନ୍ଦର, ପ୍ରଭୃତି କେତେକ ଦୁର୍ଗ ହସ୍ତଗତ କରି ମୋଗଲ-ରାଜ୍ୟରେ ଲୁଣ୍ଠନ ଆରମ୍ଭ କଲେ । ଅଓରଙ୍ଗଜେବ ତାଙ୍କ ବିରୋଧରେ ସେନାପତି ଶାୟିସ୍ତା ଖାଁଙ୍କୁ ପଠାଇଲେ । ଶିବାଜୀ ତାଙ୍କ ସଙ୍ଗେ ସମ୍ମୁଖ ଯୁଦ୍ଧ ନ କରି ତାଙ୍କୁ ରାତିରେ ଆକ୍ରମଣ କରି ଏପରି ଭାବରେ ଆହତ କଲେ ଯେ, ଶାୟିସ୍ତା ସେଠାରୁ ରାଜଧାନୀକୁ ପଳାଇଲେ । ତା ପରେ ଅନ୍ୟ ସେନାପତି ଜୟସିଂହ ଶିବାଜୀଙ୍କୁ ସନ୍ଧି ନିମନ୍ତ୍ରେ ଆଗ୍ରାକୁ ଡାକି ନେଲେ । ଅଓରଙ୍ଗଜେବ ତାଙ୍କୁ ଉଚିତ ସମ୍ମାନ ନ ଦେଖାଇ ବନ୍ଦୀ କଲେ, କିନ୍ତୁ ଶିବାଜୀ କୌଶଳରେ ସେଠାରୁ ପଳାଇଗଲେ ଏବଂ ତାହାପରେ ଏପରି ପ୍ରବଳ ଯୁଦ୍ଧ କଲେ ଯେ, ଅଓରଙ୍ଗଜେବ ତାହାଙ୍କୁ କୌଣସି ମତେ ପାରିଲେ ନାହିଁ; ତେଣୁ ସମ୍ରାଟ୍ ବାଧ୍ୟ ହୋଇ ଶିବାଜୀଙ୍କୁ ସ୍ୱାଧୀନ ରାଜା ବୋଲି ସ୍ୱୀକାର କଲେ । ୧୬୮୦ ଖ୍ରୀଷ୍ଟାବ୍ଦରେ ଶିବାଜୀଙ୍କର ମୃତ୍ୟୁ ପରେ ସମ୍ରାଟ୍ ଶିବାଜୀଙ୍କ ପୁଅ ଶମ୍ଭୁଜୀଙ୍କୁ ଡାକି ନେଇ ବନ୍ଦୀ କଲେ ଏବଂ ନୃଶଂସଭାବରେ ବଧ କଲେ । ଏହା ପରେ ମୋଗଲମାନେ ଶିବାଜୀଙ୍କ ପ୍ରଧାନ ଦୁର୍ଗ ରାୟଗଡ଼ ଅଧିକାର କରି ଶମ୍ଭୁଜୀଙ୍କ ପୁତ୍ର ସାହୁଙ୍କୁ ବନ୍ଦୀ କଲେ । କିନ୍ତୁ ମହାରାଷ୍ଟ୍ରୀୟ-ମାନେ ଏଥିରେ ଭୀତ ନ ହୋଇ ଏକାଦିକ୍ରମେ ଶିବାଜୀଙ୍କ କନିଷ୍ଠ ପୁତ୍ର ରାଜାରାମ ଓ ତାଙ୍କ ବିଧବା ରାଣୀ ତାରାବାଈଙ୍କୁ ସିଂହାସନରେ ବସାଇ ଅଓରଙ୍ଗଜେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯୁଦ୍ଧ ଚଳାଇଲେ ।

ଅଓରଙ୍ଗଜେବ ମନେ କରିଥିଲେ, ଗୋଲକଣ୍ଡା ଓ ବିଜାପୁରରୁ ସାହାଯ୍ୟ ପାଇ ଶିବାଜୀ ତାଙ୍କ ସଙ୍ଗେ ଲଢ଼ୁଛନ୍ତି; ସୁତରାଂ ସେହି ଦୁଇ ରାଜ୍ୟ ପ୍ରଥମେ ଧ୍ୱଂସ କଲେ, ଶିବାଜୀଙ୍କୁ ଧ୍ୱଂସ କରିବା ତାଙ୍କ ପକ୍ଷରେ ସହଜ ହେବ । ସେ ୧୬୮୬ ଖ୍ରୀଷ୍ଟାବ୍ଦରେ ବିଜାପୁର ଆକ୍ରମଣ କଲେ ଏବଂ ବର୍ଷକ ଯୁଦ୍ଧ ପରେ ବିଜାପୁର ଅଧିକାର କଲେ । ଏହା ପରେ ୧୬୮୭ ରେ ଗୋଲକଣ୍ଡା ଆକ୍ରମଣ କଲେ, ଗୋଲକଣ୍ଡା ଦୁର୍ଗ ସାତ ମାସ ପର୍ଯ୍ୟନ୍ତ ଅବରୋଧ କଲେ ଏବଂ ଜଣେ ପ୍ରହରୀକୁ ଉତ୍କୋଚ ଦେଇ ଦୁର୍ଗ ମଧ୍ୟରେ ପ୍ରବେଶ କଲେ । ଗୋଲକଣ୍ଡା ମୋଗଲମାନଙ୍କର ଅଧିକୃତ ହେଲା । ଗୋଲକଣ୍ଡା ଓ ବିଜାପୁର ମିଶି ଏକ ନୂତନ ସୁବା ହେଲା ।

ମରହଟ୍ଟାମାନଙ୍କୁ ବିଜାପୁର, ଗୋଲକଣ୍ଡା ଓ ମୋଗଲ ତିନି ଶତ୍ରୁ ସଙ୍ଗେ ଲଢ଼ିବାକୁ ପଡ଼ୁଥିଲା । ଏଣିକି ସେମାନଙ୍କୁ କେବଳ ମୋଗଲମାନଙ୍କ ସଙ୍ଗେ ଲଢ଼ିବା ସହଜ ହେଲା ।

ଅଓରଙ୍ଗଜେବ ୧୫ ବର୍ଷ ପର୍ଯ୍ୟନ୍ତ ଦାକ୍ଷିଣାତ୍ୟରେ ଯୁଦ୍ଧ କଲେ । ଏଥିରେ ତାଙ୍କର ବହୁତ ଖର୍ଚ୍ଚ ହୋଇଥିଲା ଏବଂ ତାଙ୍କ ସୈନ୍ୟମାନେ କ୍ଳାନ୍ତ ହୋଇଥିଲେ । ସମ୍ରାଟ ଦକ୍ଷିଣ ଭାରତରେ ବ୍ୟସ୍ତ ରହିବାରୁ ଉତ୍ତରଭାରତର ଗୃହଅନ୍ତେ ବିଦ୍ରୋହ ଦେଖାଯାଇଥିଲା । ସମ୍ରାଟ୍ ଏତେ ବିଦ୍ରୋହ ଦମନ କରି ପାରିଲେ ନାହିଁ । ଉତ୍ତର ଭାରତ ଓ ଦାକ୍ଷିଣାତ୍ୟର ଗୃହଅନ୍ତେ ଅସଂଖ୍ୟ ଯୁଦ୍ଧ ଚଳାଇବା ତାଙ୍କ ପକ୍ଷରେ ଅସମ୍ଭବ ହୋଇ ପଡ଼ିଲା । ରାଜ୍ୟର କୌଣସିଠାରେ ଶାନ୍ତି ରହିଲା ନାହିଁ । ଦିଲ୍ଲୀର କେନ୍ଦ୍ରୀୟ ଶକ୍ତି ଦୁର୍ବଳ ହୋଇ ପଡ଼ିଲା ।

**(୨) ଉତ୍ତର ଭାରତ**:—ଧର୍ମାନ୍ଧ ଅଓରଙ୍ଗଜେବ ଶିଖଗୁରୁଙ୍କ କାର୍ଯ୍ୟ ଶୁଣି ନବମ ଶିଖଗୁରୁ ତେଗ୍ ବାହାଦୁରଙ୍କୁ ଦିଲ୍ଲୀକୁ ଡକାଇ ନେଲେ

ଏବଂ ତାଙ୍କୁ ଇସଲାମ ଗ୍ରହଣ କରିବା ସକାଶେ ବାଧ୍ୟ କଲେ । ତେଗ୍ ବାହାଦୁର ମୁସଲମାନ ହେବାକୁ ଅସ୍ୱୀକାର କରିବାରୁ ପ୍ରକାଶ୍ୟ ଦରବାରରେ ଘାତକ ତାଙ୍କର ମୁଣ୍ଡ କାଟି ପକାଇଲା । ଏଥିରେ ଶିଖ-ମାନେ ଅତ୍ୟନ୍ତ ଚିଡ଼ିଗଲେ ଏବଂ ଦୁର୍ଦ୍ଧର୍ଷ 'ରଣପ୍ରିୟ ଜାତି ଆକାରରେ ଶିଖମାନଙ୍କୁ ଦଶମ ଗୁରୁ ଗୋବିନ୍ଦ ସିଂହ ଗଠନ କଲେ । ଗୁରୁ ଗୋବିନ୍ଦ ସିଂହ ପଞ୍ଜାବରେ ଶିଖମାନଙ୍କ ସାହାଯ୍ୟରେ ଭୀଷଣ ବିଦ୍ରୋହ ଓ ଯୁଦ୍ଧ ଆରମ୍ଭ କଲେ । ଶେଷରେ ଅଓରଙ୍ଗଜେବ ସେମାନଙ୍କୁ ଯୁଦ୍ଧରେ ପାରିଲେ ନାହିଁ ଏବଂ ତାଙ୍କ ପରବର୍ତ୍ତୀ ସମ୍ରାଟ୍ ବାଧ୍ୟ ହୋଇ ଶିଖମାନଙ୍କ ସଙ୍ଗେ ସନ୍ଧି କଲେ । ଫଳରେ ଶିଖମାନେ ପଞ୍ଜାବର ଏକ ପରାକ୍ରାନ୍ତ ଜାତି ହୋଇଥିଲେ ଏବଂ କିଛିଦିନ ପରେ ଏକ ଶିଖରାଜ୍ୟ ସ୍ଥାପନ କରିଥିଲେ ।

୧୬୭୮ ଖ୍ରୀଷ୍ଟାବ୍ଦରେ ମାରବାର ରାଜା ଯଶୋବନ୍ତ ସିଂହ ପ୍ରାଣତ୍ୟାଗ କଲେ । ଅଓରଙ୍ଗଜେବ ତାଙ୍କ ଦୁଇ ଶିଶୁପୁତ୍ରଙ୍କୁ ଧରି ଆଣି ନିଜ ତତ୍ତ୍ୱାବଧାନରେ ରଖିଲେ । ଯଶୋବନ୍ତଙ୍କ ରାଣୀ ଏଥିରେ ରାଜି ହେଲେ ନାହିଁ । ଯଶୋବନ୍ତଙ୍କ ମନ୍ତ୍ରୀ ଦୁର୍ଗାଦାସ କୌଶଳ କରି ରାଣୀ ଓ ଦୁଇ ରାଜପୁତ୍ରଙ୍କୁ ଆଗ୍ରାରୁ ଉଦ୍ଧାର କଲେ । ରାଣୀ ତାଙ୍କ ଭାଇ ମିବାରର ରାଣା ରାଜସିଂହଙ୍କ ଆଶ୍ରୟ ନେଇଥିଲେ । ହିନ୍ଦୁଧର୍ମ ପ୍ରତି ସମ୍ରାଟଙ୍କ ଆଚରଣ ଅତ୍ୟାଚାରରେ ରାଜପୁତମାନେ ନିତାନ୍ତ କ୍ଷୁବ୍ଧ



ବୃଦ୍ଧ ଅଓରଙ୍ଗଜେବ

ହୋଇଥିଲେ । ରାଜସିଂହ ପ୍ରବଳଭାବରେ ସମ୍ରାଟ୍‌ଙ୍କ କାର୍ଯ୍ୟର ପ୍ରତିବାଦ କଲେ । ସମ୍ରାଟ ଏକ ପ୍ରକାଣ୍ଡ ସେନା ନେଇ ରାଜପୁତମାନଙ୍କ ସମ୍ମୁଖୀନ ହେଲେ, କିନ୍ତୁ ସେମାନଙ୍କର ଉତ୍ସାହ, ବୀରତ୍ୱ ଓ ସାହସ ଦେଖି ଯୁଦ୍ଧରେ ପାରିଲେ ନାହିଁ ଏବଂ ରାଣାଙ୍କ ସଙ୍ଗେ ସନ୍ଧି କଲେ । (୧୬୮୧ ଖ୍ରୀ: ଅ:)

ଔରଙ୍ଗଜେବଙ୍କ ଅଦୂରଦର୍ଶିତାରୁ ମୋଗଲ ସାମ୍ରାଜ୍ୟର ପତନ ଆରମ୍ଭ ହେଲା । ଆକବରଙ୍କ ଉଦାରନୀତିରେ ରାଜପୁତମାନେ ମୋଗଲ ସାମ୍ରାଜ୍ୟର ସ୍ତମ୍ଭ ପରି ରହିଥିଲେ । ସେମାନେ ଅକବରଙ୍କ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ । ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର କରି ଔରଙ୍ଗଜେବ ସେମାନଙ୍କ ସାହାଯ୍ୟ ହରାଇଲେ । ରାଜପୁତମାନେ ଓଲଟି ବିଦ୍ରୋହ କଲେ । ହିନ୍ଦୁଧର୍ମର ରକ୍ଷା ଲାଗି ମହାରାଷ୍ଟ୍ର ଜାତି ଚେଇଁ ଉଠିଲା । ମହାରାଷ୍ଟ୍ରମାନଙ୍କ ମଧ୍ୟରେ ପ୍ରସିଦ୍ଧ ମହାପୁରୁଷ ଶିବାଜୀଙ୍କର ଅଭ୍ୟୁଦୟ ହେଲା । ପଞ୍ଜାବରେ ଶିଖଜାତି ବିଦ୍ରୋହ କଲେ । ଦାକ୍ଷିଣାତ୍ୟରେ ଦୀର୍ଘକାଳ ଯୁଦ୍ଧ କରି ସମ୍ରାଟ୍ କେବଳ ନିଜ ସାମ୍ରାଜ୍ୟର କ୍ଷତି କଲେ । ମୋଟ କଥାରେ ରାଜ୍ୟର ସର୍ବତ୍ର ବିଦ୍ରୋହ ଦେଖାଗଲା ଏବଂ ମୋଗଲ ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହେବାକୁ ବସିଲା । ଔରଙ୍ଗଜେବ ୧୭୦୭ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ । ସେତେବେଳେ ସେ ନିତାନ୍ତ ବୃଦ୍ଧ ଓ ଦୁର୍ବଳ ହୋଇ ପଡ଼ିଥିଲେ । ବାର୍ଦ୍ଧକ୍ୟ ସଙ୍ଗେ ନୈରାଶ୍ୟ ତାଙ୍କ ହୃଦୟକୁ ଜର୍ଜରିତ କରି ପକାଇଥିଲା । ସେ ହତହୃଦୟ ଅବସ୍ଥାରେ ମଲେ ।

# ମହାରାଷ୍ଟ୍ର ଜାତି ଓ ଛତ୍ରପତି ଶିବାଜୀ

ମହାରାଷ୍ଟ୍ର ପ୍ରଦେଶ ସାତପୁରା ପର୍ବତର ଦକ୍ଷିଣରେ ଅବସ୍ଥିତ । ଏହି ପ୍ରଦେଶବାସୀମାନଙ୍କୁ ମରହଟ୍ଟା କହନ୍ତି । ମହାରାଷ୍ଟ୍ର ପାର୍ବତ୍ୟ ଓ ଅରଣ୍ୟମୟ ପ୍ରଦେଶ । ପୁନା, ସତାରା, କୋଲପୁର, ନାସିକ ଏହାର ପ୍ରଧାନ ସହର । ଏଠାରେ ବେଶୀ ଶସ୍ୟ ହୁଏ ନାହିଁ; ତେଣୁ ମରହଟ୍ଟାମାନେ ବଡ଼ କଷ୍ଟସହିଷ୍ଣୁ । ପାର୍ବତ୍ୟ ଅଞ୍ଚଳରେ ବାସ କରି ସେମାନେ ପର୍ବତ ଅବରୋହଣରେ ଓ ଅରଣ୍ୟ ଭ୍ରମଣରେ ବଡ଼ ପଟୁ । ମାଙ୍କଡ଼ମାନଙ୍କ ଗଛ ଚଢ଼ିବା ପରି ସେମାନେ ପର୍ବତ ଆରୋହଣ କରି ପାରୁଥିଲେ । ସେମାନେ ଖର୍ବ, ଧୀର, ବଳବାନ ଅଧ୍ୟବସାୟୀ ଓ ପରିଶ୍ରମୀ । ମହାରାଷ୍ଟ୍ର ବ୍ରାହ୍ମଣମାନେ ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ । ପାହାଡ଼ିଆ ଓ ଜଙ୍ଗଲମୟ ମହାରାଷ୍ଟ୍ର ଅଞ୍ଚଳ ଶତ୍ରୁମାନଙ୍କ ପକ୍ଷରେ ବିଶେଷ ଅସୁବିଧା ଘଟାଉଥିଲା । ମହାରାଷ୍ଟ୍ରମାନଙ୍କ ନିଜ ଜନ୍ମଭୂମି ହେବାରୁ ସେମାନେ ଏହି ଅଞ୍ଚଳର ସନ୍ଧି ବିସନ୍ଧି ଜାଣିଥିଲେ । ସେମାନେ ଶତ୍ରୁମାନଙ୍କୁ ଛନ୍ନବିଚ୍ଛିନ୍ନ ଦେଖିଲେ ମାତ୍ରେ ହଠାତ୍ କେଉଁଠାରୁ ବାହାରି ସେମାନଙ୍କୁ ଆକ୍ରମଣ କରୁଥିଲେ ଏବଂ ପୁଣି କେଉଁଠାରେ ହଠାତ୍ ଲୁଚି ଯାଉଥିଲେ । ଏହିପରି ଯୁଦ୍ଧକୁ ଗରିଲା ଯୁଦ୍ଧ କହନ୍ତି । ପାହାଡ଼ମାନଙ୍କ ଉପରେ ଅବସ୍ଥିତ ମହାରାଷ୍ଟ୍ର ଦୁର୍ଗମାନଙ୍କୁ ଜୟ କରିବା ଅତି କଠିନ ଥିଲା ।

ଶିବାଜୀଙ୍କ ପୂର୍ବରୁ ମହାରାଷ୍ଟ୍ର ଜାତିର ଇତିହାସ କିଛି ଜଣାଯାଏ ନାହିଁ । ଏହି ଜାତିକୁ କେବଳ ଶିବାଜୀ ଅନ୍ଧକାର ଭିତରୁ ନେଇ ଏକ ବୀରଜାତିରେ ଗଠନ କରିଥିଲେ ।

ଶିବାଜୀଙ୍କ ପିତା ସାହାଜୀ ଭୋଁସ୍ଲା ବିଜାପୁରର ସୁଲତାନଙ୍କ ତଳେ ଚାକିରି କରୁଥିଲେ । ସେ ତାଙ୍କଠାରୁ କେତେକ ଜାୟଗିର

ପାଇଥିଲେ । ଶିବାଜୀଙ୍କ ମାତା ଅତି ବୁଦ୍ଧିମତୀ, ଶିକ୍ଷିତା ଓ ବୀରା ଥିଲେ । ସେ ପୁତ୍ରଙ୍କୁ ପ୍ରକୃତ ବୀରରୂପେ ଗଢ଼ିବାକୁ ଚେଷ୍ଟା କରିଥିଲେ ଏବଂ ହିନ୍ଦୁ-ଧର୍ମ, ଗୋ ଓ ବ୍ରାହ୍ମଣଜାତି ପ୍ରତି ତାଙ୍କ ହୃଦୟରେ ଏକ ଗଭୀର ଭକ୍ତି ଜାତ କରାଇଥିଲେ । ସେ ଶିବାଜୀଙ୍କୁ ବୁଝାଇ ଦେଇଥିଲେ ଯେ, ସେତେବେଳେ ମୁସଲମାନଙ୍କ ହସ୍ତରେ ହିନ୍ଦୁଧର୍ମ ନଷ୍ଟ ହେଉଥିଲା । ତାହାକୁ ରକ୍ଷା କରିବା ଶିବାଜୀଙ୍କର କର୍ତ୍ତବ୍ୟ । ସମର୍ଥ ରାମଦାସ ସ୍ୱାମୀ ତାଙ୍କୁ ଏ ବିଷୟରେ ଅନେକ ଶିକ୍ଷା ଦେଇଥିଲେ । ଶିବାଜୀ ଲେଖାପଢ଼ା ଶିଖି ନ ଥିଲେ ବୋଲି କେହି କେହି କହନ୍ତି, କିନ୍ତୁ ଏହା ସତ୍ୟ ନୁହେ । ଯାହାହେଉ, ସେ ରାମାୟଣ, ମହାଭାରତ ପ୍ରଭୃତି ହିନ୍ଦୁ-ଧର୍ମଗ୍ରନ୍ଥ ବିଶେଷ ଶୁଣିଥିଲେ ଏବଂ ସେହି ଗ୍ରନ୍ଥସବୁର ବୀରମାନଙ୍କ ଆଦର୍ଶରେ ନିଜ ଚରିତ୍ର ଗଢ଼ିଥିଲେ । ଅଶ୍ୱାରୋହଣ, ବନ୍ଧୁକଚାଳନା, ମଲ୍ଲଯୁଦ୍ଧ, ଅସିଚାଳନା, ବର୍ଚ୍ଛା ନିକ୍ଷେପରେ ସେ ଅତି ପ୍ରବୀଣ ଥିଲେ ।



ଶିବାଜୀ

ଶିବାଜୀ ୧୬୨୭ ଖ୍ରୀ: ଅ: ରେ ଶିନେରିସ୍ଥଳରେ ଜନ୍ମଗ୍ରହଣ କରିଥିଲେ । ପୁନା ନିକଟରେ ମାବଲେ ବୋଲି ଏକ ପାର୍ବତ୍ୟ ଜାତି ବାସ କରୁଥିଲେ । ଶିବାଜୀ ସେମାନଙ୍କୁ ଯୁଦ୍ଧଶିକ୍ଷା ଦେଇ ୧୯ ବର୍ଷ ବୟସରେ ସେମାନଙ୍କ ସାହାଯ୍ୟରେ ବିଜାପୁର ରାଜ୍ୟ ଆକ୍ରମଣ କଲେ ଏବଂ ତୋର୍ଣ୍ଣା, ରାୟଗଡ଼

ପ୍ରଭୃତି କେତେକ ପାର୍ବତ୍ୟ ଦୁର୍ଗ ଅଧିକାର କଲେ । ଏଥିରେ ରାଗିଯାଇ ବିଜାପୁର ରାଜା ଶିବାଜୀଙ୍କ ପିତାଙ୍କୁ ବନ୍ଦୀ କଲେ; କିନ୍ତୁ ତତ୍ପର ଶିବାଜୀ ଶାହାଜାହାନଙ୍କ ଶରଣାର୍ଥୀ ହେବାରୁ ବିଜାପୁର ରାଜା ଭୟରେ ସାହାଜୀଙ୍କୁ ଛାଡ଼ିଦେଲେ । ଏଥିରେ ଶିବାଜୀଙ୍କ ସାହସ ବଢ଼ିଗଲା । ସେ ବିଜାପୁର ରାଜ୍ୟରେ ଅଧିକ ଲୁଣ୍ଠନ ଆରମ୍ଭ କଲେ ।

ବିଜାପୁର ରାଜା ବାଧ୍ୟ ହୋଇ ଅନେକ ସୈନ୍ୟ ସହ ଅଫଜଲଖାଁ ନାମକ ଜଣେ ବଡ଼ ଯୋଦ୍ଧାକୁ ଶିବାଜୀଙ୍କୁ ହରାଇଦେବାକୁ ପଠାଇଲେ । ତାଙ୍କ ସଙ୍ଗେ ଯୁଦ୍ଧ କରିବାକୁ ଶିବାଜୀଙ୍କର ବଳ ନ ଥିଲା; ତେଣୁ ସେ ସନ୍ଧି କରିବେ ବୋଲି ଛଳନା କରି ଅଫଜଲଙ୍କ ସଙ୍ଗେ ନିର୍ଜନରେ ଦେଖା କଲେ ଏବଂ "ବାଘନଖ" ବୋଲି ଏକ ଗୁପ୍ତ ଅସ୍ତ୍ରରେ ତାଙ୍କୁ ବଧ କଲେ । ଏଥିରେ ବିଜାପୁର ରାଜା ବାଧ୍ୟ ହୋଇ ସନ୍ଧି କଲେ ଏବଂ ଶିବାଜୀଙ୍କ ଅଧିକୃତ ସ୍ଥାନମାନ ତାଙ୍କୁ ଛାଡ଼ିଦେଲେ ।

ଏହାପରେ ଶିବାଜୀ ମୋଗଲରାଜ୍ୟରେ ଲୁଣ୍ଠନ ଆରମ୍ଭ କଲେ । ଔରଙ୍ଗଜେବ ତାହା ଜାଣିପାରି ଶାୟିସ୍ତା ଖାଁକୁ ପଠାଇଲେ । ଦିନେ ରାତିରେ ଶାୟିସ୍ତା ଶୋଇଥିବା ବେଳେ ଶିବାଜୀ ତାଙ୍କ ଶିବିରରେ ପଶି ତାଙ୍କୁ ଆକ୍ରମଣ କଲେ । ଶାୟିସ୍ତା ନିଦଭଙ୍ଗରେ ଝରକାବାଟେ ପଳାଇ ଗଲେ । କିନ୍ତୁ ତାଙ୍କର ତିନୋଟି ଅଙ୍ଗୁଳି କଟିଗଲା । ଶାୟିସ୍ତାଙ୍କ ପୁଅ ହାଣ ଖାଇଲେ । ଶାୟିସ୍ତା ଆଉ ସେଠାରେ ରହିବାକୁ ସାହସ ସ୍ପର୍ଦ୍ଧା କଲେ ନାହିଁ, ଦିଲ୍ଲୀକୁ ପଳାଇଗଲେ ।

ଔରଙ୍ଗଜେବ ତାପରେ ଶିବାଜୀଙ୍କ ସୁରାଟ ଲୁଣ୍ଠନ ଖବର ପାଇଲେ । ତାଙ୍କ ହୃଦୟ ରାଗରେ ଜଳିଗଲା । ସେ ଜୟପୁରର ରାଜା ଜୟସିଂହଙ୍କୁ ପଠାଇଲେ । ଜୟସିଂହ ଶିବାଜୀଙ୍କ ମନ ଭୁଲାଇ ତାଙ୍କୁ ସନ୍ଧି କରାଇଲେ । ଶିବାଜୀ ମୋଗଲ ଦରବାରକୁ ଗଲେ । କିନ୍ତୁ ଔରଙ୍ଗଜେବ ସେଠାରେ ତାଙ୍କୁ ଉଚିତ ସମ୍ମାନ ଦେଖାଇଲେ ନାହିଁ ଏବଂ ଅଳ୍ପ ଦେଖା

ପରେ ତାଙ୍କୁ ବନ୍ଦୀ କଲେ । ଶିବାଜୀ କୌଶଳ କରି ବନ୍ଦୀଘରୁ ପଳାଇ ଆସିଲେ ଏବଂ ରାୟଗଡ଼ଠାରେ ରାଜାରୂପେ ନିଜର ଅଭିଷେକ କରାଇଲେ । ଏହା ପରେ ମୋଗଲମାନଙ୍କ ସଙ୍ଗେ ସେ ଏପରି ଘୋର ଯୁଦ୍ଧ କଲେ ଯେ ଔରଙ୍ଗଜେବ ବାଧ୍ୟ ହୋଇ ତାଙ୍କୁ ରାଜା ବୋଲି ସ୍ୱୀକାର କଲେ ।

୧୬୮୦ ଖ୍ରୀଷ୍ଟାବ୍ଦରେ ଶିବାଜୀ ୫୩ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ । ତାଙ୍କ ମୃତ୍ୟୁବେଳକୁ ମରହଟ୍ଟା ରାଜ୍ୟ ସାତପୁରା ପର୍ବତଠାରୁ ତୁଙ୍ଗଭଦ୍ରା ନଦୀ ପର୍ଯ୍ୟନ୍ତ ଏବଂ ଆରବ ସାଗରଠାରୁ ପେନଗଙ୍ଗା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ତାହାର ଦୈର୍ଘ୍ୟ ୪୦୦ ମାଇଲ ଏବଂ ପ୍ରସ୍ଥ ୧୨୦ ମାଇଲ ଥିଲା ।



ଅଶ୍ୱପୃଷ୍ଠରେ ଶିବାଜୀ

ଶିବାଜୀ ନୈଷ୍ଠିକ ହିନ୍ଦୁ ଥିଲେ । ତାଙ୍କ ଶାସନ ହିନ୍ଦୁ ଛାଞ୍ଚରେ ଗଠିତ ହୋଇଥିଲା । ତାଙ୍କ ଅଭିନବ ରାଷ୍ଟ୍ରତନ୍ତ୍ର ହିନ୍ଦୁଶାସ୍ତ୍ର ଅନୁଯାୟୀ ପ୍ରଣୀତ ହୋଇଥିଲା । ମୋଗଲମାନଙ୍କ ଶାସନ ଅପେକ୍ଷା ତାଙ୍କ ଶାସନ ଅନେକ ଗୁଣରେ ଭଲ ଥିଲା । ତାଙ୍କର ଆଠ ଜଣ ମନ୍ତ୍ରୀ ଥିଲେ । ପ୍ରଧାନ ମନ୍ତ୍ରୀଙ୍କୁ ପେଶବା କୁହାଯାଉଥିଲା । ଜଣେ ଜଣେ

ମନ୍ତ୍ରୀଙ୍କ ହସ୍ତରେ ଗୋଟିଏ ଗୋଟିଏ ବିଭାଗ ଥିଲା । କାହା ହାତରେ ରାଜକୋଷ, କାହା ହାତରେ ସେନା, କାହା ହାତରେ ଅଦାଲତ ଏପରି ଆଠ ମନ୍ତ୍ରୀଙ୍କ ହାତରେ ଆଠ ବିଭାଗ ଥିଲା । ରାଜା ସମସ୍ତଙ୍କ ଉପରେ ସାଧାରଣ କ୍ଷମତା ଚାଳନା କରୁଥିଲେ ।

ପ୍ରତି ଗ୍ରାମରେ ଜଣେ ପଟେଲ ବା ମାଲିକ ଥିଲେ । କେତେକ ପଟେଲଙ୍କ ଉପରେ ଜଣେ ଦେଶାଧିକାରୀ ଥିଲେ । ପଞ୍ଚାୟତମାନେ ମୋକଦ୍ଦମା ବିଚାର କରୁଥିଲେ । ପ୍ରଜାମାନେ ଭୂମିର ଅୟର ପାଞ୍ଚଭାଗରୁ ଦୁଇଭାଗ କର ଦେଉଥିଲେ ।

ଶିବାଜୀଙ୍କର ଦୁଇପ୍ରକାର ସୈନ୍ୟ ଥିଲେ । ଅଶ୍ୱାରୋହୀ ଓ ପଦାତି । ସୈନ୍ୟମାନେ ନଗଦ ଦରମା ପାଉଥିଲେ । ତାଙ୍କ ସେନାରେ ବଡ଼ ଶୃଙ୍ଖଳା ଥିଲା । ଦଶ ଜଣ ସୈନିକଙ୍କ ଉପରେ ଜଣେ ନାୟକ ଥିଲେ । ପାଞ୍ଚଜଣ ନାୟକଙ୍କ ଉପରେ ଜଣେ ହବେଲଦାର, ଦୁଇଜଣ ହବେଲଦାରଙ୍କ ଉପରେ ଜଣେ ଜୁମଲଦାର ଏବଂ ଦଶ ଜଣ ଜୁମଲଦାରଙ୍କ ଉପରେ ଜଣେ "ଏକହଜାରୀ" ସେନାପତି ଥିଲେ । ଏହିପରି ପାଞ୍ଚ ହଜାର ସୈନ୍ୟଙ୍କ ଉପରେ ଜଣେ "ସରନୌବତ୍" ବା ମୁଖ୍ୟ ଥିଲେ ।

ସୈନିକମାନେ ଶିକ୍ଷିତ ଥିଲେ । ସେମାନେ ସଙ୍କେତ ମାତ୍ରେ ଜମା ହୋଇ ଯାଉଥିଲେ ଏବଂ ପୁଣି ସଙ୍କେତ ମାତ୍ରେ କେଉଁଆଡ଼େ ଉଭେଇ ଯାଉଥିଲେ । ଶିବାଜୀଙ୍କର ଗୋଟିଏ ଯୁଦ୍ଧଜାହାଜ ମଧ୍ୟ ଥିଲା ।

## ଅନୁଶୀଳନୀ

୧ । ନିମ୍ନଲିଖିତ ଉକ୍ତି ସତ୍ୟ ହୋଇଥିଲେ, ଠିକ୍ ଚିହ୍ନ ଏବଂ ଭୁଲ ହୋଇଥିଲେ ଛକ ଚିହ୍ନ ଦେବ :—

(କ) ଔରଙ୍ଗଜେବ ଅକବରଙ୍କ ଅପେକ୍ଷା ବୃହତ୍ତର ରାଜ୍ୟ ଶାସନ କରୁଥିଲେ ।

(ଖ) ଔରଙ୍ଗଜେବ ପ୍ରଥମେ ବିଜାପୁର ଓ ଗୋଲକୋଣ୍ଡା ଧ୍ୱଂସ କରି ମରହଟ୍ଟାମାନଙ୍କୁ ହରାଇବା କାମକୁ ସହଜ କରିଥିଲେ ।

(ଗ) ଔରଙ୍ଗଜେବ ଯୋଧପୁର ଅଧିକାର କରିବା ନିମନ୍ତେ ଅଜିତ ସିଂହଙ୍କୁ ବନ୍ଦୀ କରି ପ୍ରକୃତ ବିବେଚନା କରିଥିଲେ ।

(ଘ) ଦୁର୍ଗାଦାସ ନ ଥିଲେ ଔରଙ୍ଗଜେବ ଯୋଧପୁର ଅଧିକାର କରି ପାରିଥାନ୍ତେ ।

(ଙ) ଗରିଲା ଯୁଦ୍ଧର ଆଶ୍ରୟ ନେଇ ନ ଥିଲେ ଶିବାଜୀ ମୋଗଲମାନଙ୍କ ଦ୍ୱାରା ପରାସ୍ତ ହୋଇଥାନ୍ତେ ।

(ଚ) ତେଗ୍ ବାହାଦୁରଙ୍କ ହତ୍ୟାରେ ଶିଖମାନେ ଉତ୍ତେଜିତ ହୋଇଥିଲେ ।

(ଛ) ଖାଲସା ସଂସ୍କାର ଶିଖମାନଙ୍କୁ ରଣନୀତିଜ୍ଞ ଜାତିରେ ପରିଣତ କରିଥିଲା ।

୨ । ଘଟଣାକାଳର କ୍ରମ ଅନୁସାରେ ଲେଖ ।

(କ) ସୁରାଟ ଲୁଣ୍ଠନ,
ଅଫଜଲ ବଧ,
ସିଂହଗଡ଼ ଅଧିକାର,
ଆଗ୍ରାରୁ ପଳାୟନ,
ମୋଗଲରାଜ୍ୟରୁ ଚୌଥ
ସଂଗ୍ରହ,

(ଖ) ଗୁରୁଗୋବିନ୍ଦଙ୍କର ମୋଗଲ ସଙ୍ଗେ ଯୁଦ୍ଧ,
ଖାଲସା ସଂସ୍କାର,
ତେଗଙ୍କ ପ୍ରାଣଦଣ୍ଡ

୩ । ନିମ୍ନଲିଖିତ ଉକ୍ତିମାନଙ୍କର ସତ୍ୟ ମିଥ୍ୟା ପରୀକ୍ଷା କର :—

(କ) ଔରଙ୍ଗଜେବ ମନେ କରିଥିଲେ, ଯେ ସମସ୍ତଙ୍କୁ ମୁସଲମାନ କରି ପାରିଲେ, ତାଙ୍କ ରାଜ୍ୟ ଦୃଢ଼ ହେବ ।

(ଖ) କେବଳ ଶିବାଜୀ ତାଙ୍କ ସମୟରେ ବୁଝିଥିଲେ ହିନ୍ଦୁ-ସାମ୍ରାଜ୍ୟ ସ୍ଥାପିତ ନ ହେଲେ, ହିନ୍ଦୁର ଧର୍ମ, ଗୋ ଓ ବ୍ରାହ୍ମଣମାନଙ୍କର ରକ୍ଷା ନ ଥିଲା ।

(ଗ) ଗୁରୁଗୋବିନ୍ଦ ସିଂହ ବୁଝିଥିଲେ, କେବଳ ଖାଲସା ସଂସ୍କାର-ଦ୍ୱାରା ଯେ ଶିଖମାନଙ୍କ ମଧ୍ୟରେ ଏକତା ଆଣି ପାରିବେ ଏବଂ ସେମାନଙ୍କୁ ଯୋଦ୍ଧୃଜାତିରେ ପରିଣତ କରି ପାରିବେ ।

(ଘ) ଶିବାଜୀ ମୋଗଲମାନଙ୍କୁ ଯୁଦ୍ଧରେ ମାରିବେ ନାହିଁ, ବରଂ ବଶତା ସ୍ୱୀକାର କରିବେ ବୋଲି ମୋଗଲ ଦରବାରକୁ ଯାଇଥିଲେ ।

(ଙ) ଯଶୋବନ୍ତଙ୍କ ଛଡ଼ା ଅନ୍ୟ କେହି କାବୁଲବିଦ୍ରୋହ ଦମନ କରି ପାରିବେ ନାହିଁ ବୋଲି ଏକମାତ୍ର କାରଣରୁ ଔରଙ୍ଗଜେବ ତାଙ୍କୁ କାବୁଲକୁ ପଠାଇଥିଲେ ।

୪ । ରାଜନୀତିବିଶାରଦ ଓ ଆଦର୍ଶ-ମାନବରୂପେ ଅକବର ଓ ଔରଙ୍ଗଜେବଙ୍କ ତୁଳନା କର ।

## ଶିବାଜୀଙ୍କ ପରବର୍ତ୍ତୀ ମହାରାଷ୍ଟ୍ର ଶକ୍ତି

ଶିବାଜୀଙ୍କ ବଂଶଧରମାନେ ଦୁର୍ବଳ ହୋଇ ପଡ଼ିଥିଲେ, ସୁତରାଂ ସେମାନଙ୍କ ପ୍ରଧାନ ମନ୍ତ୍ରୀ ବା ପେଶବା ବାଲାଜୀ ବିଶ୍ୱନାଥ ରାଜ୍ୟର ସମସ୍ତ କ୍ଷମତା ହସ୍ତଗତ କରି ନେଇଥିଲେ । ରାଜାମାନେ ନାମମାତ୍ର ରାଜା ହୋଇଥିଲେ । ବାଲାଜୀ ବିଶ୍ୱନାଥଙ୍କ ପରେ ପେଶବା ପଦ ପୁରୁଷାନୁକ୍ରମିକ ହୋଇଥିଲା ଏବଂ ତାଙ୍କ ପରେ ତାଙ୍କ ପୁତ୍ର ବାଜୀରାଓ ପେଶବା ହୋଇଥିଲେ । ବାଜୀରାଓ ଶିବାଜୀଙ୍କ ବଂଶୀୟ ନାମମାତ୍ର ରାଜାଙ୍କ ଅଧୀନତା ଛଡ଼ାଇ ଦେଇଥିଲେ । ବାଜୀରାଓଙ୍କ ପରେ ତାଙ୍କ ପୁତ୍ର ବାଲାଜୀ ବାଜୀରାଓ ରାଜା ହୋଇଥିଲେ । ପୁନା ତାଙ୍କର ରାଜଧାନୀ ଥିଲା ।

ପେଶବାମାନେ ମହାରାଷ୍ଟ୍ର ରାଜ୍ୟକୁ ଗୁଡ଼ିଏ ଭାଗରେ ବିଭକ୍ତ କରି ପ୍ରତି ଭାଗର ଶାସନ ସକାଶେ ଜଣେ ଜଣେ ସେନାପତି ରଖିଲେ । ଏହି ସେନାପତିମାନେ କାଳକ୍ରମେ ସ୍ୱାଧୀନ ହୋଇଥିଲେ ଏବଂ ଏହିପରି ପାଞ୍ଚଟି ମରହଟ୍ଟା ରାଜ୍ୟର ସୃଷ୍ଟି ହୋଇଥିଲା । ପେଶବାବଂଶ ପୁନାରେ, ସିନ୍ଧିଆ ବଂଶ ଗୁଆଲିଅରରେ, ହୋଲକାର ବଂଶ ଇନ୍ଦୋରରେ, ଗାଇକବାଡ଼ ବଂଶ ବରୋଦାରେ ଏବଂ ଭୋଁସଲାବଂଶ ନାଗପୁରରେ ରାଜଧାନୀ ସ୍ଥାପନ କରିଥିଲେ । ଏହି ପଞ୍ଚ ମରହଟ୍ଟାଦଳ ଶେଷରେ ଅତି ପରାକ୍ରମୀ ହୋଇ ପ୍ରାୟ ସମଗ୍ର ଭାରତରେ ଅଧିକାର ବିସ୍ତାର କରିଥିଲେ । ସେମାନଙ୍କ ନାମରେ ସମଗ୍ର ଭାରତ ଭୟରେ କମ୍ପୁଥିଲା ।

ମରହଟ୍ଟାମାନେ ଏତେବେଳେ ଭାରତର ଶ୍ରେଷ୍ଠ ଶକ୍ତି ହୋଇଥିଲେ ଏବଂ ପଞ୍ଜାବ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରି ପାରସ୍ୟର ରାଜା ଅହମ୍ମଦଶାହ ଦୁରାଣୀଙ୍କ ପୁତ୍ରଙ୍କୁ ପଞ୍ଜାବରୁ ତଡ଼ିଦେଲେ । ଏଥିରେ କ୍ରୁଦ୍ଧ ହୋଇ ଅହମ୍ମଦଶାହ ଭାରତ ଆକ୍ରମଣ କଲେ । ସେ ଏଥିପୂର୍ବେ ତିନିଥର ଭାରତ ଆକ୍ରମଣ କରିଥିଲେ । ଅହମ୍ମଦଶାହ ଓ ମରହଟ୍ଟାମାନଙ୍କ ମଧ୍ୟରେ ପାନିପଥଠାରେ ଏକ ଭୀଷଣ ଯୁଦ୍ଧ ହୋଇଥିଲା । (୧୭୬୧)

ତୁମ୍ଭେମାନେ ଏହି ପାନିପଥ କ୍ଷେତ୍ରର କଥା ପୂର୍ବେ ଦୁଇଥର ପଢ଼ିଅଛ । ପ୍ରଥମ ଥର ବାବର ଇବ୍ରାହିମଙ୍କୁ ଏଠାରେ ହରାଇ ମୋଗଲ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ଦ୍ୱିତୀୟ ଥର ଅକବର ହିମୁଙ୍କୁ ହରାଇ ମୋଗଲ ସାମ୍ରାଜ୍ୟ ସ୍ଥାୟୀ କରିଥିଲେ । ଅହମଦ ଓ ମରହଟ୍ଟାମାନଙ୍କ ମଧ୍ୟରେ ଏଠାରେ ଯେଉଁ ଯୁଦ୍ଧ ହେଲା, ତାକୁ ତୃତୀୟ ପାନିପଥ ଯୁଦ୍ଧ କହନ୍ତି ।



ଅହମ୍ମଦଶାହ ଦୁରାଣୀ

ପେଶବା ବାଲାଜୀ ବାଜୀରାଓ ନିଜେ ଯୁଦ୍ଧକୁ ଆସି ନ ଥିଲେ । ତାଙ୍କ ଭାଇ ସଦାଶିବ ରାଓ ଭାଓଙ୍କ ଉପରେ ସେ ଯୁଦ୍ଧର ସମସ୍ତ ଭାର ଦେଇଥିଲେ । 'ଭାଓ' ଶବ୍ଦର ଅର୍ଥ ଭାଇ । ସଦାଶିବ ତାଙ୍କ ପକ୍ଷରୁ ରାଜ୍ୟ ଚଳାଉଥିଲେ, ରାଜ୍ୟର ସମସ୍ତ କଥା ବୁଝୁଥିଲେ । ବାଲାଜୀ କହିବାରେ କେବଳ ବିଳାସରେ କାଳ କଟାଉଥିଲେ ।

ସଦାଶିବ ବଡ଼ ଦକ୍ଷ ଲୋକ ଥିଲେ । ସେ ନିଜ ସୈନ୍ୟମାନଙ୍କୁ ପାଶ୍ଚାତ୍ୟ ଧରଣର ଯୁଦ୍ଧବିଦ୍ୟା ଶିଖାଇଥିଲେ । ତାଙ୍କର ବହୁତ ସୈନ୍ୟ ଥିଲେ । ସଦାଶିବ ସମସ୍ତ ହିନ୍ଦୁଶକ୍ତିକୁ ଏକାଠି କରି ଯୁଦ୍ଧକ୍ଷେତ୍ରକୁ ଅଗ୍ରସର ହେଲେ ।

ସଦାଶିବଙ୍କର ୫୫,୦୦୦ ଅଶ୍ୱ, ୧୫,୦୦୦ ପଦାତି ଓ ୧୫,୦୦୦ ପିଣ୍ଡାରି ସୈନ୍ୟ ଥିଲେ । ଅହମଦଶାହଙ୍କର ୪୨,୦୦୦ ଅଶ୍ୱ ଏବଂ ୩୮,୦୦୦ ପଦାତି ଥିଲେ । ଉଭୟ ପକ୍ଷ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା ।

ଏହି ଯୁଦ୍ଧ ଛଅ ମାସ ପର୍ଯ୍ୟନ୍ତ ଚାଲିଲା । ମରହଟ୍ଟାମାନେ ଦାକ୍ଷିଣାତ୍ୟରୁ ଯାହା ଖାଦ୍ୟ ଆଣିଥିଲେ ସବୁ ସରିଗଲା । ଶେଷ ଦିନ ସକାଳୁ ସେମାନେ ଅଧପୁରି ଲେଖାଏଁ ଖାଇ ଯୁଦ୍ଧକୁ ଗଲେ । ଖୁବ୍ ସକାଳୁ ଯୁଦ୍ଧ ହେଲା । ଦିନ ଗୋଟାଏ ପର୍ଯ୍ୟନ୍ତ ମରହଟ୍ଟାମାନେ ଜିଣୁଥାନ୍ତି । ଅହମ୍ମଦଙ୍କ ସୈନ୍ୟମାନେ ହାରି ପଳାଉଥାନ୍ତି ।

ଅହମ୍ମଦଙ୍କ ସବୁ ସୈନ୍ୟ ପ୍ରଥମରୁ ଯୁଦ୍ଧ କରି ନ ଥିଲେ । ଅହମ୍ମଦ ବାଛି ବାଛି ଅଧେ ସୈନ୍ୟ ପଛକୁ ରଖିଥାନ୍ତି । ଦ୍ୱିପ୍ରହରକାଳ ମରହଟ୍ଟାମାନେ ଦିନସାରା ଯୁଦ୍ଧ କରି ଯେତେବେଳେ ଥକିଗଲେ, ଅହମ୍ମଦ ତାଙ୍କ ବାକି ଅଧିକ ସୈନ୍ୟଙ୍କୁ ଯୁଦ୍ଧ କରିବାକୁ ପଠାଇଲେ । ମରହଟ୍ଟାମାନଙ୍କ ଦେହରେ ଆଉ ବଳ କାହିଁ ଯେ ଯୁଦ୍ଧ କରିବେ ? ସେମାନେ ଆହୁରି ଘଣ୍ଟାଏ କାଳ ପ୍ରାଣପଣେ ଲଢ଼ିଲେ ।

ସଦାଶିବ ରାଓ ଏବଂ ବାଲାଜୀଙ୍କ ପୁଅ ବିଶ୍ୱାସ ରାଓ ଉଭୟେ ଯୁଦ୍ଧ-କ୍ଷେତ୍ରରେ ନିହତ ହେଲେ । ମରହଟ୍ଟା ପକ୍ଷରେ ଯେତେ ବଡ଼ ବୀର ଥିଲେ ସମସ୍ତେ ମଲେ । ୦୦,୦୦୦ ରୁ ଅଧିକ ମରହଟ୍ଟା ସୈନ୍ୟ ମଲେ । ଯାହା ବାକି ଥିଲେ ନିଷ୍ଠୁର ଅହମ୍ମଦଶାହ ସମସ୍ତଙ୍କୁ ବଧ କଲେ । ମୋଟରେ କେତେ ମରହଟ୍ଟା ମଲେ ତାହାର ହିସାବ ନାହିଁ । ସେହି ଖବର ପାଇ ହତହୃଦୟ ହୋଇ ବାଲାଜୀ ପ୍ରାଣତ୍ୟାଗ କଲେ ।

ଅହମ୍ମଦଶାହ ନିଜ ଦେଶକୁ ଫେରିଗଲେ । ଭାରତରେ ରାଜୁତି କରିବା ତାଙ୍କର ଇଚ୍ଛା ନ ଥିଲା । ଏହି ଯୁଦ୍ଧରେ ମାଡ଼ ଖାଇ ମରହଟ୍ଟାମାନେ ଆଉ ଉଠି ପାରିଲେ ନାହିଁ । ସେମାନଙ୍କ ନାମଡାକ ବୁଡ଼ିଗଲା । ଦିଲ୍ଲୀ ଉଭେଇଗଲା? ଦେଶରେ ବଳବାନ୍ ରାଜା ଆଉ କେହି ରହିଲେ ନାହିଁ । ଅନେକ ଛୋଟ ଛୋଟ ରାଜ୍ୟ ପୁଣି ଦେଖାଗଲା । ଏହି ଛୋଟ ଛୋଟ ରାଜ୍ୟ ଜିଣିବାକୁ

ଇଂରେଜମାନଙ୍କ ପକ୍ଷରେ ବଡ଼ ସହାୟ ହୋଇଥିଲା । ସେମାନେ ସମସ୍ତଙ୍କୁ ଜିଣି ସମଗ୍ର ଭାରତ ଅଧିକାର କଲେ । ଏହି ସବୁ କାରଣରୁ ଲୋକେ ତୃତୀୟ ପାନପଥ ଯୁଦ୍ଧକୁ ଗୋଟିଏ ବିଖ୍ୟାତ ଯୁଦ୍ଧ କହନ୍ତି ।

## ଶିଖଶକ୍ତି

ନାନକ ଶିଖଧର୍ମ ପ୍ରଚାର କରିଥିଲେ । ସେ ପଞ୍ଜାବରେ ନାନକାନା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ସେ ବୁଦ୍ଧଙ୍କ ପରି ଏକୁଟିଆ ବସି ଚିନ୍ତା କରୁଥିଲେ । କାଳକ୍ରମେ ସେ ଗୃହ ଛାଡ଼ି ଅନେକ ସ୍ଥାନ ବୁଲିଲେ ଏବଂ ଶେଷରେ ଶିଖଧର୍ମ ପ୍ରଚାର କଲେ । ଶିଖମାନଙ୍କ ଭିତରେ ଜାତିଭେଦ ନାହିଁ । ସବୁ ଧର୍ମର ସବୁ ଜାତିର ଲୋକ ଶିଖ ହୋଇ ପାରନ୍ତି । ଶିଖ ଶବ୍ଦର ଅର୍ଥ ଶିଷ୍ୟ ।

ଶିଖମାନେ ପ୍ରଥମେ ପ୍ରଥମେ ଶାନ୍ତିଭାବରେ ବାସ କରୁଥିଲେ । ମୋଗଲମାନେ ସେମାନଙ୍କ ପ୍ରତି ଅତ୍ୟାଚାର କରିବାରୁ ସେମାନେ ଅସ୍ତ୍ର-ଶିକ୍ଷା କଲେ । କ୍ରମେ ସେମାନେ ଏପରି ବଳବାନ୍ ହୋଇ ଉଠିଲେ ଯେ ଔରଙ୍ଗଜେବଙ୍କୁ ମଧ୍ୟ ଅଥୟ କରି ପକାଇଲେ । ଶେଷରେ ରଣଜିତ୍ ସିଂହଙ୍କ ଅମଳରେ ସେମାନେ ଏକ ପ୍ରବଳ ରାଜ୍ୟ ସ୍ଥାପନ କଲେ ।

ଶିଖଧର୍ମପ୍ରଚାରକ ନାନକ ଶିଖମାନଙ୍କର ପ୍ରଥମ ଗୁରୁ ହୋଇ-ଥିଲେ । ତାଙ୍କ ପରେ ଶିଖମାନଙ୍କର ଆଉ ନଅ ଜଣ ଗୁରୁ ଥିଲେ । ନବମ ଶିଖଗୁରୁ ତେଗ୍ ବାହାଦୁରଙ୍କୁ ଧରି ନେଇ ଔରଙ୍ଗଜେବ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କଲେ । କିନ୍ତୁ ତେଗ୍ କହିଲେ, "ପ୍ରାଣ ପଛକେ ଯିବ, ମୁଁ ନିଜ ଧର୍ମ ଛାଡ଼ିବି ନାହିଁ ।" ତହୁଁ ଔରଙ୍ଗଜେବ ତାଙ୍କୁ ବଧ କଲେ ।

୧୬୭୫ରେ ତାଙ୍କ ପୁତ୍ର ଗୋବିନ୍ଦସିଂହ ଦଶମ ଗୁରୁ ହେଲେ । ସେ ପିତାଙ୍କ ନିଷ୍ଠୁର ହତ୍ୟାର ପ୍ରତିଶୋଧ ନେବାକୁ ବାହାରିଲେ ଏବଂ ଶିଖମାନଙ୍କୁ ଅସ୍ତ୍ରଶିକ୍ଷା ଦେଇ ଗୋଟିଏ ସାମରିକ ଜାତିରୂପେ ଗଠନ କଲେ ।



ଗୁରୁ ଗୋବିନ୍ଦ ସିଂହ

ଶିଖମାନଙ୍କ ପ୍ରାଣରେ ସେ ନୂତନ ବଳ, ତେଜ ଓ ସାହସ ଆଣିଲେ । ସେମାନଙ୍କ ସ୍ୱଭାବ, ଧର୍ମ, ମତିଗତି ସମସ୍ତ ଏକାବେଳକେ ବଦଳାଇ

ହେଲେ । ସେହି ଦିନଠାରୁ ଶିଖମାନେ 'ଖାଲସା' ବୋଲି କଥିତ ହେଲେ ଏବଂ 'ସିଂହ' ଆଖ୍ୟା ଗ୍ରହଣ କଲେ । ସେହି ଦିନଠାରୁ ପ୍ରତ୍ୟେକ ଖାଲସା ପାଞ୍ଚଟି ଚିହ୍ନ ଶିଖଜାତିର ସାମ୍ପ୍ରଦାୟିକ ଚିହ୍ନରୂପେ ଗ୍ରହଣ କଲେ:—କୃପାଣ, କେଶ, କଚ୍ଛ (କାଛା), କଡ଼ (ବଳୟ) ଓ କଙ୍ଘି (ପାନିଆଁ) । ଆଜି ପୁଣି ଶିଖମାନେ ଏହି ପାଞ୍ଚଚିହ୍ନ ଧାରଣ କରୁଅଛନ୍ତି । ଏହି ଚିହ୍ନଗୁଡ଼ିକ ସେମାନଙ୍କୁ ସବୁବେଳେ ଜାତିପ୍ରେମ ମନେ କରାଇଦିଏ ଏବଂ ଏହାର ଫଳରେ ଶିଖମାନେ ଏକ ବୀରଜାତିରେ ପରିଣତ ହୋଇଥିଲେ ।

ଆଓରଙ୍ଗଜେବଙ୍କ ଅମଳରେ ଶିଖନେତା ଗୁରୁ ଗୋବିନ୍ଦ ସିଂହ ପ୍ରବଳ ବିଦ୍ରୋହ ଆରମ୍ଭ କରିଥିଲେ । ମୋଗଲ ସମ୍ରାଟ୍ ବହୁ ଚେଷ୍ଟା କରି ସେମାନଙ୍କୁ ନିବର୍ତ୍ତାଇ ପାରି ନ ଥିଲେ । ଗୋବିନ୍ଦଙ୍କ ପରେ ଶିଖମାନେ ଆଉ ଗୁରୁ ଗ୍ରହଣ କରି ନ ଥିଲେ । ଏହା ପରେ ଅନେକ ଶିଖସର୍ଦ୍ଦାର ତାହାର ଛୋଟ ଛୋଟ ଶିଖରାଜ୍ୟ ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ଏହି ସମସ୍ତ ଶିଖରାଜ୍ୟ କରଗତ କରି ରଣଜିତ୍ ସିଂହ ଗୋଟିଏ ପ୍ରବଳ ଶିଖସାମ୍ରାଜ୍ୟ ସ୍ଥାପନ କରିଥିଲେ ।

ଶିଖମାନଙ୍କର ପ୍ରଧାନ ତୀର୍ଥସ୍ଥଳ "ଅମୃତସର" । ଏଠାରେ ସେମାନଙ୍କର "ସ୍ୱର୍ଣ୍ଣମନ୍ଦିର" ଅଛି । ଶିଖମାନଙ୍କର ଧର୍ମଗ୍ରନ୍ଥକୁ **ଆଦିଗ୍ରନ୍ଥ** କହନ୍ତି । ଆଦିଗ୍ରନ୍ଥକୁ ଶିଖଗୁରୁମାନେ ନିଜ ହସ୍ତରେ ରଖିଥିଲେ ।

---

## ଆଓରଙ୍ଗଜେବଙ୍କ ପରେ ମୋଗଲ ସାମ୍ରାଜ୍ୟ

ମୋଗଲ ବଂଶରେ ୧୯ ଜଣ ସମ୍ରାଟ୍ ଥିଲେ । ସେମାନଙ୍କ ମଧ୍ୟରେ ପ୍ରଥମ ଛଅ ଜଣ ଅତି ବିଖ୍ୟାତ ଓ ପରାକ୍ରମୀ ଥିଲେ । ଅବଶିଷ୍ଟ ସମ୍ରାଟଙ୍କର

କିଛି କ୍ଷମତା ନ ଥିଲା । ମନ୍ତ୍ରୀମାନେ ରାଜ୍ୟର ସମସ୍ତ କ୍ଷମତା ହସ୍ତଗତ କରିଥିଲେ । ରାଜ୍ୟର କୌଣସି ବିଷୟରେ ସମ୍ରାଟଙ୍କ ହାତ ନ ଥିଲା । ପ୍ରାଦେଶିକ ଶାସନକର୍ତ୍ତାମାନେ ସ୍ୱାଧୀନଭାବରେ ନିଜ ନିଜ ପ୍ରଦେଶ ଶାସନ କରୁଥିଲେ । ସେମାନେ ସମ୍ରାଟଙ୍କ କର ବନ୍ଦ କଲେ ଏବଂ କ୍ରମେ ସ୍ୱାଧୀନ ହେଲେ । ଦାକ୍ଷିଣାତ୍ୟ ସୁବାର ଶାସନକର୍ତ୍ତା ଆସଫ୍ ଝା ୧୭୨୩ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦର ନିଜାମ ରାଜ୍ୟ ସ୍ଥାପନ କଲେ । ବଙ୍ଗର ସୁବାଦାର ଅଲବର୍ଦ୍ଦି ଖାଁ କର ବନ୍ଦ କରି ସ୍ୱାଧୀନ ହେଲେ । ଏହିପରି ଅନ୍ୟ କେତେକ ପ୍ରଦେଶ ମଧ୍ୟ ସ୍ୱାଧୀନ ହେଲା । ମରହଟ୍ଟାମାନେ ମୋଗଲ ସାମ୍ରାଜ୍ୟରୁ ଖଣ୍ଡିଏ ଖଣ୍ଡିଏ ନେଇଗଲେ । ରାଜପୁତମାନେ ନିଜ ନିଜ ସ୍ୱାଧୀନତା ଘୋଷଣା କଲେ । ଶିଖମାନେ ପଞ୍ଜାବରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ କଲେ । ଶେଷରେ ପାରସ୍ୟର ରାଜା ନାଦିରଶାହ ଓ ଅହମଦସାହ ଦୁରାଣୀ ଭାରତ ଆକ୍ରମଣ କରି ମୋଗଲ ସାମ୍ରାଜ୍ୟକୁ ଶେଷ କରିଦେଲେ ।

ଅଉରଙ୍ଗଜେବଙ୍କ ଅନ୍ତେ ମୋଗଲବଂଶର ନିମ୍ନଲିଖିତ ସମ୍ରାଟ୍ ଥିଲେ :—

୧ । ବାହାଦୁରଶାହ (ପ୍ରଥମ) ବା ସାହଅଲମ (ପ୍ରଥମ)
୨ । ଜାହାନ୍ଦରଶାହ
୩ । ଫରକ୍‌ଶିୟାର
୪ । ଶାହାଜାହାନ (ଦ୍ୱିତୀୟ)
। ରଫିଉଦ୍ଦୌଲତ୍
୬ । ନେକୁଶିୟାର
୭ । ମହମ୍ମଦ ଇବ୍ରାହିମ
୮ । ମହମ୍ମଦଶାହ
୯ । ଅହମ୍ମଦଶାହ
୧୦ । ଅଲମଗିର (ଦ୍ୱିତୀୟ)
୧୧ । ସାହାଅଲମ (ଦ୍ୱିତୀୟ)
୧୨ । ଅକବର (ଦ୍ୱିତୀୟ)
୧୩ । ବାହାଦୁରଶାହ(ଦ୍ୱିତୀୟ)

**ନିଜାମରାଜ୍ୟ**—ମହମ୍ମଦଶାହ ୧୭୧୯ ରୁ ୧୭୪୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ସମୟରେ ଦାକ୍ଷିଣାତ୍ୟର ସୁବାଦାର ଅସଫଜା ନିଜାମଉଲମୂଲକ ନିଜ ସ୍ୱାଧୀନତା ଘୋଷଣା କଲେ ଏବଂ ହାଇଦ୍ରାବାଦ ନିଜାମ ରାଜ୍ୟ ସ୍ଥାପନ କଲେ । ଏହାଙ୍କଦ୍ୱାରା ସ୍ଥାପିତ ପ୍ରକାଣ୍ଡ ନିଜାମ ରାଜ୍ୟ ପରବର୍ତ୍ତୀକାଳରେ ସଙ୍କୁଚିତ ହୋଇ ବର୍ତ୍ତମାନ ନିଜାମ ରାଜ୍ୟ ବାହାରିଅଛି ।

**ଅଯୋଧ୍ୟାରାଜ୍ୟ**—ଅଯୋଧ୍ୟାର ଶାସନକର୍ତ୍ତା ସଆଦତ ଅଲ୍ଲୀ ଖାଁ । ମହମ୍ମଦଙ୍କ ଶାସନକାଳରେ ନିଜର ସ୍ୱାଧୀନତା ଘୋଷଣା କଲେ । ସେହି ସମୟରୁ ସେ ଓ ତାଙ୍କ ବଂଶଧରମାନେ ଅଯୋଧ୍ୟାର ନବାବ ନାମରେ ପରିଚିତ ହେଲେ । ଲକ୍ଷ୍ନୌ ଅଯୋଧ୍ୟାର ରାଜଧାନୀ ହେଲା ।

**ବଙ୍ଗ, ବିହାର ଓ ଓଡ଼ିଶା**—ପୂର୍ବ ଅଞ୍ଚଳରେ ବଙ୍ଗଳାର ଶାସନକର୍ତ୍ତା ଅଲ୍ଲୀବର୍ଦ୍ଦି ଖାଁ । ସ୍ୱୀୟ ସ୍ୱାଧୀନତା ଘୋଷଣା କଲେ । ସେ ବଙ୍ଗ, ବିହାର ଓ ଓଡ଼ିଶାରେ ନିଜକୁ ସ୍ୱାଧୀନ ନବାବ ବୋଲି ଘୋଷଣା କଲେ ।

ତେଣେ ମରହଟ୍ଟାମାନେ ମାଳବ ନିକଟରେ କେତେକ ଅଞ୍ଚଳ ଦଖଲ କରିନେଲେ ଏବଂ ମୋଗଲ ଅଧିକାରମାନ ଲୁଣ୍ଠନ କରୁ କରୁ ଦିଲ୍ଲୀର ନିକଟବର୍ତ୍ତୀ ହେଲେ ।

**ନାଦୀରଶାହଙ୍କ ଆକ୍ରମଣ**—ପୂର୍ବୋକ୍ତ ପ୍ରକାର ଦୁରବସ୍ଥା ମଧ୍ୟରେ ୧୭୩୯ ଖ୍ରୀଃଅଃରେ ପାରସ୍ୟର ରାଜା ନାଦୀରଶାହ ଦିଲ୍ଲୀ ସାମ୍ରାଜ୍ୟ ଆକ୍ରମଣ କଲେ । ସେ ଅବାଧରେ ଯମୁନା ପର୍ଯ୍ୟନ୍ତ ଅଗ୍ରସର ହେଲେ । କର୍ଣ୍ଣେଲ ଯୁଦ୍ଧକ୍ଷେତ୍ରରେ ମହମ୍ମଦ ନାମକୁ ମାତ୍ର ତାଙ୍କୁ ବାଧା ଦେଇ ପରାସ୍ତ ହେଲେ । ସେ ପ୍ରସିଦ୍ଧ କୋହିନୁର ମଣି ତାଙ୍କୁ ଦେଇ ଏବଂ ପରସ୍ପର

ପଗଡ଼ି ବଦଳାଇ ତାଙ୍କ ସଙ୍ଗେ ସନ୍ଧି କଲେ । ଦୁଇ ଦିନ ପରେ ନାଦିର-ଶାହ ସହର ମଧ୍ୟରେ ନିଜର ମିଥ୍ୟା ମୃତ୍ୟୁସମ୍ବାଦ ପ୍ରଚାର କରାଇଲେ । ତାହାଙ୍କର ସୈନ୍ୟମାନେ ବୃଥାରେ ଦିଲ୍ଲୀବାସୀଙ୍କ ସଙ୍ଗେ କଳିଅ କଲେ । ଏଥିରେ ନାଦିରଶାହ କ୍ରୁଦ୍ଧ ହୋଇ ଶିଶୁ, ସ୍ତ୍ରୀ, ବୃଦ୍ଧନିର୍ବିଶେଷରେ ଦିଲ୍ଲୀର ସମସ୍ତଙ୍କୁ ହତ୍ୟା କରିବା ନିମନ୍ତେ ଆଦେଶ ଦେଲେ । ଦିନ ତମାମ ହତ୍ୟାକାଣ୍ଡ ଚାଲିଲା । ପରେ ଲୁଣ୍ଠନ ଓ ଘରପୋଡ଼ି ଲାଗିଲା । ବଜାର, ନଗର ଓ ସମ୍ରାଟଙ୍କ ରାଜକୋଷ ସବୁ ଲୁଣ୍ଠିତ ହେଲା । ଏ ସମସ୍ତ କାଣ୍ଡ ୫୮ ଦିନ ପର୍ଯ୍ୟନ୍ତ ବ୍ୟାପିଲା । ନଗଦ ୧୫ କୋଟି ଟଙ୍କା, ଅସଂଖ୍ୟ ବହୁମୂଲ୍ୟ ହୀରକ, ମଣିମୁକ୍ତା, ରତ୍ନ, ସ୍ୱର୍ଣ୍ଣ, ରୌପ୍ୟ ନାଦିରଙ୍କ ହସ୍ତଗତ ହେଲା । ସେ ଦିଲ୍ଲୀରୁ ପ୍ରସିଦ୍ଧ କୋହିନୁର ଓ ମୟୂରସିଂହାସନ ନେଇ ଏବଂ ସିନ୍ଧୁନଦ ପର୍ଯ୍ୟନ୍ତ ପ୍ରଦେଶ ପାରସ୍ୟର ଅନ୍ତର୍ଭୁକ୍ତ କରି ନିଜ ରାଜଧାନୀକୁ ଫେରିଗଲେ ।

**ଆହମ୍ମଦ ଶାହଙ୍କ ଆକ୍ରମଣ**—ମହମ୍ମଦ ଶାହଙ୍କ ପରବର୍ତ୍ତୀ ସମ୍ରାଟ୍ ଅହମ୍ମଦ ଶାହଙ୍କ ଅମଳରେ ଅହମ୍ମଦଶାହ ଦୁରାଣୀ ଚାରି ଥର ଭାରତ ଆକ୍ରମଣ କରିଥିଲେ । ଶେଷ ଆକ୍ରମଣ ୧୭୬୧ରେ ମହାରାଷ୍ଟ୍ରମାନେ ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇଥିଲେ । ଏ ବିଷୟ ପୂର୍ବେ ବର୍ଣ୍ଣିତ ହୋଇଅଛି ।

**ମୋଗଲସାମ୍ରାଜ୍ୟ ପତନର କାରଣ**—ଅଉରଙ୍ଗଜେବ ମୋଗଲସାମ୍ରାଜ୍ୟ ପତନର ମୂଳୀଭୂତ କାରଣ । ସେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କଲେ, ଜିଜିୟା କର ବସାଇଲେ, ସେମାନଙ୍କର ମନ୍ଦିର ଭାଙ୍ଗିଲେ, ସେମାନଙ୍କୁ ବଳପୂର୍ବକ ମୁସଲମାନ କଲେ । ଏଥିରେ ହିନ୍ଦୁମାନେ ଚାରିଆଡ଼େ ବିଦ୍ରୋହ ଜମାଇଲେ । ହିନ୍ଦୁଧର୍ମ ଯେତେବେଳେ ବିପନ୍ନ ହେଲା, ଲୋକଙ୍କ ମନରେ ହିନ୍ଦୁଧର୍ମର ଉଦ୍ଧାର ଲାଗି ଚିନ୍ତା ଓ

ଦେଖା ଉପସ୍ଥିତ ହେଲା । ଫଳରେ ଶିବାଜୀ, ଗୁରୁ ଗୋବିନ୍ଦ ସିଂହ, ରଣା ରାଜସିଂହ ଆଦି ବୀର ପୁରୁଷଙ୍କ ଆବିର୍ଭାବ ହେଲା । ସେମାନେ ହିନ୍ଦୁଧର୍ମର ରକ୍ଷା ଲାଗି ହିନ୍ଦୁରାଜ୍ୟ ସ୍ଥାପନ କଲେ ।

ଔରଙ୍ଗଜେବଙ୍କ ପୁଅନାତିମାନେ ନିତାନ୍ତ ଦୁର୍ବଳ ଥିଲେ । ସେମାନେ ପରସ୍ପର ମଧ୍ୟରେ କଳି କରି ରାଜ୍ୟକୁ ରକ୍ଷା କରି ପାରିଲେ ନାହିଁ । ରାଜ୍ୟର ସବୁ କ୍ଷମତା ସେମାନଙ୍କ ହାତରୁ ମନ୍ତ୍ରୀମାନେ କାଢ଼ିନେଲେ । ବିଭିନ୍ନ ପ୍ରଦେଶର ଶାସନକର୍ତ୍ତାମାନେ ବିଦ୍ରୋହୀ ହୋଇ ସ୍ୱାଧୀନ ରାଜ୍ୟ ସ୍ଥାପନ କଲେ । ମରହଟ୍ଟା, ଶିଖ ଓ ରାଜପୁତମାନେ ମୋଗଲସାମ୍ରାଜ୍ୟରୁ ଖଣ୍ଡିଏ ଖଣ୍ଡିଏ ନେଇ ସ୍ୱାଧୀନ ରାଜ୍ୟମାନ ସ୍ଥାପନ କଲେ ।

ନାଦିରଶାହ ଓ ଅହମ୍ମଦଶାହ ଦୁରାଣୀ ପତନଶୀଳ ମୋଗଲ ସାମ୍ରାଜ୍ୟକୁ ଆକ୍ରମଣ କରି ତାହାର ମେରୁଦାଣ୍ଡ ଭାଙ୍ଗିଦେଲେ । ଶେଷରେ ଇଂରେଜମାନେ ଏକଚ୍ଛତ୍ର ବ୍ରିଟିଶ ରାଜ୍ୟ ସ୍ଥାପନ କରି ମୋଗଲସାମ୍ରାଜ୍ୟର ଶେଷ ଚିହ୍ନ ପୋଛିଦେଲେ ।

**ମୋଗଲ ରାଜତ୍ୱକାଳରେ ଭାରତର ଅବସ୍ଥା :—** ମୋଗଲଶାସନରେ ଭାରତର ରାଜନୈତିକ, ସାମାଜିକ ଓ ଧର୍ମସମ୍ବନ୍ଧୀୟ ଅବସ୍ଥାରେ ଅନେକ ପରିବର୍ତ୍ତନ ଘଟିଲା । ମୋଗଲମାନେ ପୂର୍ବବର୍ତ୍ତୀ ଅନ୍ୟ ମୁସଲମାନ ଶାସନକର୍ତ୍ତାମାନଙ୍କ ପରି କେବଳ ରାଜସ୍ୱ ସଂଗ୍ରହ କରି ତୁନି ରହୁ ନ ଥିଲେ । ରାଜ୍ୟରେ ସୁଶାସନ ପ୍ରଚଳନ କରିବା ନିମନ୍ତେ ସେମାନେ ତତ୍ପର ଥିଲେ ।

ପ୍ରତି ଗ୍ରାମରେ ଜଣେ ଜଣେ କୋଟୁଆଳ ରହୁଥିଲେ । କେତେଗୁଡ଼ିଏ ଗ୍ରାମ ହେଲେ ଗୋଟିଏ ଥାନା ଏବଂ କେତୋଟି ଥାନା ହେଲେ

ଗୋଟିଏ କଳ୍ପା ଗଠିତ ହୋଇଥିଲା । ପୁଲିସ ଓ ବିଗ୍ଭର କାର୍ଯ୍ୟ ଗ୍ରାମ ପଞ୍ଚାୟତ ଓ ଜମିଦାରମାନଙ୍କ ହସ୍ତରେ ରହିଥିଲା ।

ଦେଶଟି ଜଣେ ଜଣେ ସୁବାଦାରଙ୍କ ଅଧୀନ କେତେକ ସୁବାରେ ବିଭକ୍ତ ହୋଇଥିଲା । ଏମାନେ ସୁବାର ରାଜସ୍ୱ ସଂଗ୍ରହ କରୁଥିଲେ ଏବଂ ସୁବାକୁ ଶାସନ କରୁଥିଲେ ।

ଦେଶରେ ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, କୃଷି ବ୍ୟବସାୟ ପ୍ରଭୃତିର ବିଶେଷ ଉନ୍ନତି ହୋଇଥିଲା । ମୋଗଲମାନେ ଉର୍ଦ୍ଦୁ ଭାଷାରେ ରାଜକାର୍ଯ୍ୟ କରୁଥିଲେ । ସୁରଦାସ, ତୁଳସୀ ଦାସ ଆଦି କବିମାନେ ଆବିର୍ଭୂତ ହୋଇ ସାହିତ୍ୟର ଉନ୍ନତି କରିଥିଲେ ।

ହିନ୍ଦୁ ଓ ମୁସଲମାନମାନେ ପରସ୍ପର ଭାବପ୍ରୀତିରେ ରହିବାକୁ ଆରମ୍ଭ କରିଥିଲେ । କେତେକ ହିନ୍ଦୁ ମୁସଲମାନମାନଙ୍କ ସଙ୍ଗେ ପାନ-ଭୋଜନ ଓ ଯୌନ ସମ୍ପର୍କ ସ୍ଥାପନ କରିଥିଲେ । ପଞ୍ଜାବ ଓ ବଙ୍ଗଳାର ଅତ୍ୟଧିକ ସଂଖ୍ୟାରେ ହିନ୍ଦୁମାନେ ଇସଲାମ ଗ୍ରହଣ କରିଥିଲେ ।

ଅଓରଙ୍ଗଜେବଙ୍କ ଅମଳରେ ହିନ୍ଦୁଧର୍ମ ଉପରେ ଅତ୍ୟାଚାର ଆରମ୍ଭ ହେବାରୁ ହିନ୍ଦୁମାନେ ଉତ୍ତ୍ୟକ୍ତ ହୋଇପଡ଼ିଲେ ଏବଂ ହିନ୍ଦୁଧର୍ମର ଅସ୍ତିତ୍ୱ ରକ୍ଷା କରିବାର କଳ୍ପନା କଲେ । ତାଙ୍କ ପରେ ପ୍ରବଳ ମୋଗଲ ସମ୍ରାଟ୍ ଆଉ କେହି ବାହାରିଲେ ନାହିଁ ଏବଂ ଦେଶରେ ଅରାଜକତାର ପ୍ରସାର ହେଲା ।

## ଅନୁଶୀଳନୀ

୧ । ପାନିପଥ କ୍ଷେତ୍ର ଭାରତର ଭାଗ୍ୟଚକ୍ରର ପରିବର୍ତ୍ତନ ଭୂମିରୂପେ ବର୍ଣ୍ଣିତ ହୋଇଅଛି । ସେଠାରେ ଘଟିଥିବା ଯୁଦ୍ଧମାନଙ୍କ ସଙ୍ଗତି ଦେଇ ଏହି ଉକ୍ତିର ସାରବତ୍ତା ପରୀକ୍ଷା କର ।

୨। ସଦାଶିବ ରାଓ ଭାଓ କିଏ ? ସେ କିପରି ଭାରତରେ ହିନ୍ଦୁମାନଙ୍କର ଶେଷ ଆଶା ଭରସା ଲୋପ କରିଥିଲେ ।

୩। ମୋଗଲ ସାମ୍ରାଜ୍ୟର ପତନ ସକାଶେ ଦାୟୀ କିଏ ଓ କାହିଁକି ?

୪। ପଞ୍ଚ ମରହଟ୍ଟା ଦଳର ସୃଷ୍ଟି କିପରି ହେଲା ?

୫। ଅହମ୍ମଦଶାହ ଦୁରାଣୀ କି ସକାଶେ ଭାରତକୁ ଆସିଥିଲେ ? ସେ ଭାରତରେ ନ ରହିବାର କାରଣ କଣ ?

୬। ବାବା ନାନକ ଓ ଗୁରୁଗୋବିନ୍ଦ ସିଂହଙ୍କ ମଧ୍ୟରେ ଶିଖଧର୍ମର ସ୍ୱରୂପେ କି ପାର୍ଥକ୍ୟ ଦେଖାଯାଏ ?

୭। ନିମ୍ନଲିଖିତ ବିଷୟରେ କଣ ଜାଣ ?

(କ) ଶିଖମାନଙ୍କର ଧର୍ମ ସଙ୍କେତ ।

(ଖ) ସେମାନଙ୍କର ଧର୍ମଗ୍ରନ୍ଥ ।

(ଗ) ସେମାନଙ୍କର ଧର୍ମ ମନ୍ଦିର ।

---

## ଊନବିଂଶ ଅଧ୍ୟାୟ

## ପାଶ୍ଚାତ୍ୟ ବାଣିଜ୍ୟ

ଇଉରୋପ ଶୀତପ୍ରଧାନ ଦେଶ । ସେଠାରେ ମରିଚ, ମସଲା, ତୂଳା, ଫଳ, ଇକ୍ଷୁ ପ୍ରଭୃତି ଜନ୍ମେ ନାହିଁ । ଶୀତ ବେଶୀ ହେଉଥିବାରୁ ମସଲା ନ ହେଲେ ଇଉରୋପ ଚଳେ ପାରେ ନାହିଁ । ଇଂଲଣ୍ଡ ପ୍ରଭୃତି ଦେଶରେ ଯେତେ ଶସ୍ୟ ହୁଏ, ସେଥିରେ ସେମାନଙ୍କର ବର୍ଷକର ଖାଦ୍ୟ ଚଳେ ନାହିଁ, ତେଣୁ ସେସବୁ ଦେଶର ଅଧିବାସୀମାନେ ବାଧ୍ୟ ହୋଇ ବାଣିଜ୍ୟ କରନ୍ତି ।

ଭାରତ ଓ ଇଉରୋପ ମଧ୍ୟରେ ପ୍ରାଚୀନକାଳରୁ ବାଣିଜ୍ୟ ଚାଲୁଛି । ଭାରତରୁ ଅନ୍ତକାଳରୁ ଗୃ, କପା, ମସଲା, ଶାଲ, ରେଶମ ଲୁଗା, ସୁଗନ୍ଧ ଦ୍ରବ୍ୟ ଇତ୍ୟାଦ ଇଉରୋପକୁ ଯାଏ ଏବଂ ଇଉରୋପରୁ ଲୁଗା, କାଚକାମ, ଲୁହା ଜିନିଷ ସବୁ ଭାରତକୁ ଆସେ । ପୂର୍ବକାଳରେ ଭଲ ଭଲ ବସ୍ତ୍ର, ହୀରା, ମଣି, ମୁକ୍ତା ଇତ୍ୟାଦ ଭାରତରୁ ଯାଉଥିଲା ।

ପୁର୍ବକାଳରେ ବାଷ୍ପୀୟ ଜାହାଜ ନ ଥିଲା । ଭେନିସ୍, ଜେନୋଆ ପ୍ରଭୃତି ସହରର ଲୋକେ ବୋଇତରେ ଏହି ବାଣିଜ୍ୟ ଚଳାଉଥିଲେ । ସେମାନେ ଇଉରୋପରୁ ବାହାରି ଭୂମଧ୍ୟସାଗର ଓ ଲୋହିତସାଗର ବାଟେ ମାଲବାର ଉପକୂଳରେ ପହଞ୍ଚୁଥିଲେ । ପାରସ୍ୟବାସୀମାନେ ସ୍ଥଳପଥରେ ଖାଇବର ଓ ବୋଲାନ ଗିରିସଙ୍କଟ ଅତିକ୍ରମ କରି ଓଟପିଠିରେ ଭାରତ ସଙ୍ଗେ ବାଣିଜ୍ୟ କରୁଥିଲେ । ସେମାନେ ଭାରତରୁ ଜିନିଷ ନେଇ ଇଉରୋପର ଲୋକମାନଙ୍କଠାରେ ବିକ୍ରୀ କରୁଥିଲେ ଏବଂ ଇଉରୋପର ଜିନିଷ ଆଣି ଭାରତରେ ବିକ୍ରୀ କରୁଥିଲେ । କେତେକ ଆରବସାଗର ଓ ପାରସ୍ୟ ଉପସାଗର ବାଟେ ମିଶରରେ ପହଞ୍ଚୁଥିଲେ ଏବଂ ସେଠାରୁ ଭୂମଧ୍ୟସାଗର-ତୀରବର୍ତ୍ତୀ ଭେନିସ୍ ସହରରେ ବାଣିଜ୍ୟ ସକାଶେ ଯୁକ୍ତ ହେଉଥିଲେ । ସେତେବେଳେ ଭେନିସ୍ ଗୋଟିଏ ପ୍ରଧାନ ବାଣିଜ୍ୟକେନ୍ଦ୍ର ଥିଲା ।

ଆରବବାସୀମାନେ ମୁସଲମାନ ଧର୍ମ ଗ୍ରହଣ କରି ସପ୍ତମ ଶତାବ୍ଦୀରେ ପ୍ରବଳ ହୋଇ ଉଠିଥିଲେ । ସେମାନେ ପାରସ୍ୟ, ମିଶର ପ୍ରଭୃତି ଦେଶ ଜୟ କରି ଇଉରୋପୀୟମାନଙ୍କର ବାଣିଜ୍ୟପଥ ରୋଧ କଲେ ଏବଂ ନିଜେ ସମସ୍ତ ବାଣିଜ୍ୟ ହସ୍ତଗତ କଲେ । ଏହିପରି କିଛିଦିନ ଚାଲିଲା । କିନ୍ତୁ ଏମାନେ ଜିନିଷସବୁର ମୂଲ୍ୟ ଏତେ ଅଧିକ ବଢ଼ାଇଦେଲେ ଯେ ଇଉରୋପର ଲୋକେ ଭାରତ ସଙ୍ଗେ ପ୍ରତ୍ୟକ୍ଷ ବାଣିଜ୍ୟ କରିବା ସକାଶେ ନୂତନ ବାଟ ଆବିଷ୍କାର କରିବାକୁ ଚେଷ୍ଟା କଲେ ।

ପଞ୍ଚଦଶ ଶତାବ୍ଦୀରେ ଇଉରୋପର କେତେକ ଲୋକ ସାଇବେରିଆ ବେଷ୍ଟନ କରି ପୂର୍ବ ସମୁଦ୍ରବାଟେ ଭାରତକୁ ଆସିବାକୁ ଚେଷ୍ଟା କରିଥିଲେ, କିନ୍ତୁ ପାରିଲେ ନାହିଁ । କଲମ୍ବସ୍ ବୋଲି ଜଣେ ପର୍ତ୍ତୁଗୀଜ ଆଫ୍ରିକା ବେଷ୍ଟନ କରି ଭାରତକୁ ଆସିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଭୁଲରେ ଆମେରିକାକୁ ଚାଲିଗଲେ । ୧୪୯୮ ଖ୍ରୀ: ଅ:ରେ ପ୍ରସିଦ୍ଧ ପର୍ତ୍ତୁଗୀଜ ନାବିକ ଭାସ୍କୋଡ଼ାଗାମା ଆଫ୍ରିକାର ଉତ୍ତମାଶା ଅନ୍ତରୀପ ବୁଲି ଜଳପଥରେ ଭାରତର କାଲିକଟ ବନ୍ଦରରେ ପହଞ୍ଚିଲେ । କାଲିକଟର ହିନ୍ଦୁରାଜା ଜାମୋରିନ୍ ତାଙ୍କୁ ଆଦର ସହିତ ଗ୍ରହଣ କଲେ । ପର୍ତ୍ତୁଗୀଜମାନେ ଶହେ ବର୍ଷ ପର୍ଯ୍ୟନ୍ତ ଭାରତରେ ଏକଚାଟିଆ ବାଣିଜ୍ୟ କରିଥିଲେ । କାଲିକଟ୍, କାନାନୋର୍, ଗୋଆ ପ୍ରଭୃତି ସ୍ଥାନରେ ସେମାନେ ବାଣିଜ୍ୟକୋଠି ଓ ଦୁର୍ଗମାନ ସ୍ଥାପନ କରିଥିଲେ ।



ଭାସ୍କୋଡ଼ାଗାମା

ପର୍ତ୍ତୁଗୀଜମାନଙ୍କ ଦେଖାଦେଖି ହଲାଣ୍ଡ ଦେଶର ଡଚ୍‌ମାନେ ବାଣିଜ୍ୟ ସକାଶେ ଭାରତକୁ ଆସିଲେ । କଲିକତା ନିକଟବର୍ତ୍ତୀ ଚିନ୍‌ସୁରା

ବା ଚୁଚୁଡ଼ା ଏମାନଙ୍କର ବାଣିଜ୍ୟକେନ୍ଦ୍ର ଥିଲା । ଏହା ପରେ ଇଂରେଜ ଓ ଫରାସୀମାନେ ମଧ୍ଯ ସେହି ବାଟେ ଭାରତକୁ ଆସି ବାଣିଜ୍ୟ କରଥିଲେ ।

ଏହି ବାଟରେ ଭାରତକୁ ଆସିବାକୁ ବହୁଦିନ ଲାଗୁଥିଲା, ତେଣୁ ଇଂରେଜମାନେ ଗୋଟିଏ ଛୋଟ ବାଟ ଖୋଜିଲେ । କିନ୍ତୁ ଜାହାଜକୁ ନ ଓହ୍ଲାଇ ଏହା ଅପେକ୍ଷା ଛୋଟ ବାଟ ଆଉ ନ ଥିଲା; ତେଣୁ ୧୮୬୯ ଖ୍ରୀଃଅଃରେ ଇଂରେଜମାନେ ଗୋଟିଏ କେନାଲ ଖୋଳି ଭୂମଧ୍ୟସାଗର ଓ ଲୋହିତ ସାଗରକୁ ମିଶାଇଦେଲେ । ଏହି କେନାଲକୁ **ସୁଏଜ କେନାଲ** କହନ୍ତି । ଏହା ଅତି ସଙ୍କୀର୍ଣ୍ଣ ଏବଂ ଜାହାଜ ଯାଆସ କରିବା ଭଳି ଓସାର ଅଛି । ଆଜିକାଲି ଜାହାଜ ଭାରତରୁ ବାହାରି ଆରବସାଗର ଲୋହିତ-ସାଗର, ସୁଏଜ୍ କେନାଲ, ଭୂମଧ୍ୟସାଗର ଓ ଇଂଲିଶ ପ୍ରଣାଳୀ ବାଟେ ବିଲାତକୁ ଯାଏ । ଏହି ବାଟରେ ଭାରତରୁ ବିଲାତ ଯିବାକୁ ବଡ଼ଜଣା ଅଧିକରେ ତିନି ସପ୍ତାହ ଲାଗେ ।

ଆମ୍ଭେମାନେ ଜାଣୁ, ଆର୍ଯ୍ୟମାନେ ଓ ମୁସଲମାନମାନେ ରାଜ୍ୟସ୍ଥାପନ ସକାଶେ ଭାରତକୁ ଆସିଥିଲେ । ସେମାନେ ଉତ୍ତରରୁ ସ୍ଥଳପଥରେ ଖାଇବର ବାଟେ ଆସି ପ୍ରଥମେ ପଞ୍ଜାବ ଅଧିକାର କଲେ । ପଞ୍ଜାବରୁ କ୍ରମେ ଦକ୍ଷିଣକୁ ଯାଇ ସେ ସବୁ ସ୍ଥାନର ଅଧିବାସୀମାନଙ୍କୁ ତଡ଼ିଦେଲେ ଏବଂ ସମଗ୍ର ଭାରତରେ ଅଧିବାସ ସ୍ଥାପନ କଲେ । ଏମାନଙ୍କର ବସତିସ୍ରୋତ ଉତ୍ତରରୁ ଦକ୍ଷିଣକୁ ଗଲିଥିଲା । କିନ୍ତୁ ଇଉରୋପୀୟମାନଙ୍କର ବାଣିଜ୍ୟହିଁ ଏକମାତ୍ର ଉଦ୍ଦେଶ୍ୟ ଥିଲା । ସେମାନେ ବାଣିଜ୍ୟ ସକାଶେ ଜଳପଥରେ ଆସିଥିଲେ । ସମୁଦ୍ରରୁ ଓହ୍ଲାଇ ସେମାନେ ସମୁଦ୍ର କିନାରରେ କେତେକ ବାଣିଜ୍ୟକୋଠି ସ୍ଥାପନ କଲେ । ରାଜ୍ୟବିଜୟ ବା ବସତି ସ୍ଥାପନ ସେମାନଙ୍କର ଆଦୌ ଉଦ୍ଦେଶ୍ୟ ନ ଥିଲା । ବାଣିଜ୍ୟ କରୁ କରୁ ଭାରତ

ସକାଶେ ସେମାନଙ୍କର ଲୋଭ ହେଲା । ସେମାନେ ରାଜ୍ୟ ଜୟ କରିବାକୁ ଆରମ୍ଭ କଲେ । ସମୁଦ୍ରକୂଳରୁ ସେମାନେ ରାଜ୍ୟ ସ୍ଥାପନ ଆରମ୍ଭ କଲେ ଏବଂ କ୍ରମେ ଉତ୍ତରକୁ ଅଗ୍ରସର ହେଲେ । ଆର୍ଯ୍ୟ ଓ ମୁସଲମାନମାନଙ୍କର ବିଜୟସ୍ରୋତଠାରୁ ଏମାନଙ୍କର ବିଜୟସ୍ରୋତ ସମ୍ପୂର୍ଣ୍ଣ ବିପରୀତ— ଅର୍ଥାତ୍ ଦକ୍ଷିଣରୁ ଉତ୍ତରକୁ ଚାଲିଥିଲା ।

ଇଉରୋପୀୟମାନଙ୍କ ମଧ୍ୟରେ ଇଂରେଜମାନେ ବୁଦ୍ଧି ଓ ବଳରେ ଶ୍ରେଷ୍ଠ ଥିବାରୁ ସେମାନେ ଅନ୍ୟମାନଙ୍କୁ ଭାରତରୁ ତଡ଼ିଦେଲେ ଏବଂ ସମଗ୍ର ଭାରତରେ ଏକଛତ୍ର ଆଧିପତ୍ୟ ସ୍ଥାପନ କଲେ ।

---

## ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ସମର

୧୬୦୦ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ବିଖ୍ୟାତ ରାଣୀ ଏଲିଜାବେଥ 'ଇଷ୍ଟ ଇଣ୍ଡିଆ କମ୍ପାନୀ' ବୋଲି ଏକ ବାଣିଜ୍ୟସଂଘକୁ ଭାରତରେ ବାଣିଜ୍ୟ କରିବାକୁ ଅନୁମତି ଦେଇଥିଲେ । ଇଂରେଜମାନେ ପ୍ରଥମେ ସୁରାଟ ନଗରରେ ବାଣିଜ୍ୟକୋଠି ସ୍ଥାପନ କରିଥିଲେ । ଏମାନେ ପର୍ତ୍ତୁଗୀଜ, ଡଚ୍ ଓ ଓଲନ୍ଦାଜମାନଙ୍କର ବାଣିଜ୍ୟ ଲୋପ କରିଥିଲେ ।

୧୬୩୯ ଖ୍ରୀଷ୍ଟାବ୍ଦରେ ଚନ୍ଦ୍ରଗିରି ରାଜାଙ୍କଠାରୁ ଖଣ୍ଡିଏ ବାଲୁକାଭୂମି ଖରିଦ କରି ଇଂରେଜମାନେ ସେଠାରେ **ସେଣ୍ଟ ଜର୍ଜ ଦୁର୍ଗ** ସ୍ଥାପନ କରିଥିଲେ । ତାହା ଆଧୁନିକ ମାନ୍ଦ୍ରାଜ ସହରରେ ପରିଣତ ହୋଇଅଛି ।

୧୬୬୧ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ରାଜା ଦ୍ୱିତୀୟ ଚାର୍ଲସ୍, ପର୍ତ୍ତୁଗୀଜ ରାଜାଙ୍କଠାରୁ ବୋମ୍ବାଇ ସହର ଯୌତୁକ ପାଇଥିଲେ । ସେ ସେହି ସହର ଇଷ୍ଟ ଇଣ୍ଡିଆ କମ୍ପାନୀଠାରେ ବିକିଦେଲେ ।

1690 ~~୧୭୦୦~~ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ୧୬୦୦୦ ଟଙ୍କା ଦେଇ ଔରଙ୍ଗଜେବଙ୍କଠାରୁ ସୁତାନଟି, ଗୋବିନ୍ଦପୁର ଓ କଲିକତା ନାମକ ତିନି ଖଣ୍ଡ ଛୋଟ ଗ୍ରାମ କିଣି ନେଲେ । ଏହିଠାରେ ସେମାନେ **ଫୋର୍ଟ ଉଇଲିୟମ୍** ଦୁର୍ଗ ସ୍ଥାପନ କରିଥିଲେ । ତାହା ଏବେ ବଢ଼ି ଆଧୁନିକ କଲିକତା ନଗରୀ ହୋଇଅଛି ।

ଇଂରେଜମାନଙ୍କ ସଙ୍ଗେ ସଙ୍ଗେ ଫରାସୀମାନେ ଆସି ଭାରତରେ ବାଣିଜ୍ୟ କଲେ । ଏହି ଦୁଇ ଜାତି ପରସ୍ପରକୁ ଭାରତରୁ ତଡ଼ିଦେବା ସକାଶେ ବହୁକାଳ ଚେଷ୍ଟା କରିଥିଲେ । ପଣ୍ଡିଚେରୀ, ଚନ୍ଦନନଗର, କାରିକଲ ଓ ମାହୀ ଫରାସୀମାନଙ୍କର ବାଣିଜ୍ୟକେନ୍ଦ୍ର ଥିଲା । ଆଜି ସୁଦ୍ଧା ସେହି ସବୁ ସ୍ଥାନ ସେମାନଙ୍କର ଅଧୀନ ଅଛି ।

ଭାରତରେ ବାଣିଜ୍ୟ କରିବା ସକାଶେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଥିଲା । ଉଭୟ ଜାତି ଚାହୁଁଥିଲେ, କିପରି ଅନ୍ୟ ଜାତିକୁ ତଡ଼ି ଦେବେ । ଏଥି ସକାଶେ ଏମାନେ ସବୁବେଳେ ଯୁଦ୍ଧର ଅବକାଶ ଖୋଜୁଥିଲେ ଏବଂ ଦେଶୀୟ ରାଜାମାନଙ୍କ କଳହରେ ପକ୍ଷ ଗ୍ରହଣ କରି ଯୁଦ୍ଧରେ ପ୍ରବୃତ୍ତ ହେଉଥିଲେ । ଶେଷରେ ଇଂରେଜ-ମାନେ ଫରାସୀମାନଙ୍କୁ ଭାରତରୁ ତଡ଼ିଦେଲେ ଏବଂ ସମସ୍ତ ଦେଶୀୟ ରାଜାଙ୍କୁ ମଧ୍ୟ ହରାଇ ସମଗ୍ର ଭାରତ ଅଧିକାର କଲେ । ଏଥି ସକାଶେ ସେମାନଙ୍କୁ ସୁବିଧା ମଧ୍ୟ ମିଳିଥିଲା ।

୧୬୪୪ ଖ୍ରୀଷ୍ଟାବ୍ଦରୁ ୧୬୪୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଇଂରେଜ ଓ ଫରାସୀମାନେ ଇଉରୋପରେ ଯୁଦ୍ଧ କଲେ; ତେଣୁ ଭାରତରେ ମଧ୍ୟ ସେମାନଙ୍କର ଯୁଦ୍ଧ ଚାଲିଲା । ଫରାସୀମାନେ ଇଂରେଜମାନଙ୍କଠାରୁ ମାନ୍ଦ୍ରାଜ

ଅଧିକାର କରି ନେଇଗଲେ । ଇଂରେଜମାନେ ଯୁଦ୍ଧରେ ଜୟୀ ହୋଇବାକୁ ବହୁତ ଚେଷ୍ଟା କଲେ, କିନ୍ତୁ ପାରିଲେ ନାହିଁ ।

କର୍ଣ୍ଣାଟର ନବାବ ଦେଖିଲେ, ଦୁଇଟି ବିଦେଶୀ ଶକ୍ତି ତାଙ୍କ ରାଜ୍ୟ ମଧ୍ୟରେ ଯୁଦ୍ଧ କରିବା ଠିକ୍ ହେଉ ନାହିଁ । ସେ ଯୁଦ୍ଧ ବନ୍ଦ କରିବା ନିମନ୍ତେ ଇଂରେଜ ଓ ଫରାସୀମାନଙ୍କୁ ଆଦେଶ କଲେ । କିନ୍ତୁ ଫରାସୀମାନଙ୍କର ବିଚକ୍ଷଣ ଶାସନକର୍ତ୍ତା ଡୁ୍ୟପ୍ଲେ ତାଙ୍କ ଆଦେଶ ମାନିଲେ ନାହିଁ । କର୍ଣ୍ଣାଟର ନବାବ ୧୦,୦୦୦ ସୈନ୍ୟ ନେଇ ଡୁ୍ୟପ୍ଲେଙ୍କ ବିରୋଧରେ ଯାତ୍ରା କଲେ । ଡୁ୍ୟପ୍ଲେ ତାଙ୍କୁ ୧୦୦୦ ସୈନ୍ୟ ସାହାଯ୍ୟରେ ସେନଥମୀ ଯୁଦ୍ଧକ୍ଷେତ୍ରରେ ପରାସ୍ତ କଲେ ।

୧୭୦୮ ଖ୍ରୀଷ୍ଟାବ୍ଦରେ ଇଯୁରୋପରେ ସନ୍ଧି ହେବାରୁ ଭାରତରେ ଯୁଦ୍ଧ ବନ୍ଦ ହେଲା । ଇଂରେଜମାନେ ମାନ୍ଦ୍ରାଜ ଫେରି ପାଇଲେ ।

ପ୍ରଥମ କର୍ଣ୍ଣାଟ ସମରରେ ଜୟୀ ହୋଇଥିବାରୁ ଡୁ୍ୟପ୍ଲେଙ୍କର ବଡ଼ ଆଶା ହେଲା, ସେ ଦାକ୍ଷିଣାତ୍ୟରେ ଏକ ରାଜ୍ୟ ସ୍ଥାପନ କରି ପାରିବେ । ହଜାରେ ସୈନ୍ୟ ସାହାଯ୍ୟରେ ସେ ଦଶ ହଜାର ସୈନ୍ୟଙ୍କୁ ଜୟ କରିଥିବାରୁ ତାଙ୍କର ସାହସ ବିଶେଷ ବଢ଼ି ଯାଇଥିଲା । ସେ ସୈନ୍ୟସଂଖ୍ୟା ବଢ଼ାଇ ସେମାନଙ୍କୁ ଭଲ କରି ଶିକ୍ଷା ଦେବାକୁ ଲାଗିଲେ ଏବଂ ଅନ୍ୟ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ରହିଲେ । ସେନଥମୀ ଯୁଦ୍ଧର ଫଳରେ ଦେଶୀୟ ରାଜାମାନେ ବିଦେଶୀ ଶକ୍ତିଙ୍କୁ ବଡ଼ ଭୟ କରିବାକୁ ଲାଗିଲେ ଏବଂ ଯୁଦ୍ଧରେ ସେମାନଙ୍କର ସାହାଯ୍ୟ ଭିକ୍ଷା କଲେ ।

୧୭୪୮ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦର ନିଜାମ ଆସଫ ଝା ମରିଗଲେ । ତାଙ୍କ ପୁଅ ନାସିରଜଙ୍ଗ ଓ ଝିଅନାତି ମୁଜାଫର ସିଂହାସନ ଲାଗି ବିବାଦ କଲେ । ଠିକ ଏହି ସମୟରେ କର୍ଣ୍ଣାଟର ନବାବ ଅନବାର ଉଦ୍ଦିନ ଖାଁ ନିହତ ହେଲେ । ତାଙ୍କ . ନବାବପଦ ପାଇଁ ତାଙ୍କ ଜାମାତା ଚନ୍ଦା ସାହେବ ଏବଂ ତାଙ୍କ ଅବୈଧ ପୁତ୍ର ମହମ୍ମଦ ଅଲି ବିବାଦ କଲେ ।

ମୁଜାଫର ଓ ଚନ୍ଦା ସାହେବ ମିଳିତ ହୋଇ ଫରାସୀମାନଙ୍କର ଏବଂ ନାସିର-ଜଙ୍ଗ ଓ ମହମ୍ମଦ ଅଲି ଇଂରେଜମାନଙ୍କର ସାହାଯ୍ୟଗ୍ରହଣ କଲେ ।

ନାସିରଜଙ୍ଗ ୧୭୫୦ ଖ୍ରୀଷ୍ଟାବ୍ଦରେ ନିହତ ହେଲେ ଏବଂ ଫରାସୀ-ମାନେ ମୁଜାଫରଙ୍କୁ ଦାକ୍ଷିଣାତ୍ୟର ନିଜାମ କଲେ । ମୁଜାଫର ଅଳ୍ପଦିନ ପରେ ହତ ହେବାରୁ ଫରାସୀମାନେ ଆସଫଝାଙ୍କ ତୃତୀୟ ପୁତ୍ର ସଲାବତଜଙ୍ଗଙ୍କୁ ଦାକ୍ଷିଣାତ୍ୟର ନିଜାମ କଲେ ।

ଫରାସୀମାନଙ୍କ ସାହାଯ୍ୟରେ ଚନ୍ଦା ସାହେବ ସମଗ୍ର କର୍ଣ୍ଣାଟ ଅଧିକାର କଲେ । ମହମ୍ମଦ ଅଲି ତ୍ରିଚିନାପଲ୍ଲୀ ଦୁର୍ଗରେ ଆଶ୍ରୟ ଗ୍ରହଣ କଲେ । ତହୁଁ ଚନ୍ଦା ସାହେବ ଫରାସୀ ସୈନ୍ୟ ନେଇ ସେହି ଦୁର୍ଗ ମଧ୍ୟ ଆକ୍ରମଣ କଲେ । ମହମ୍ମଦ ଅଲି ବଡ଼ ବିପଦରେ ପଡ଼ିଲେ ।

ଏହି ସମୟରେ ମାନ୍ଦ୍ରାଜରେ କ୍ଲାଇଭ୍ ବୋଲି ଜଣେ କର୍ମଚାରୀ ଥିଲେ । ସେ ଏହି ବିପଦରେ ସେନାପତି କାର୍ଯ୍ୟ କରିବାକୁ ବାହାରିଲେ । ସେ ଆର୍କଟ ଆକ୍ରମଣ ପ୍ରସ୍ତାବ କଲେ । ଆର୍କଟ ଚନ୍ଦା ସାହେବଙ୍କର ରାଜଧାନୀ ଥିଲା । କ୍ଲାଇଭ୍ କହିଲେ, ତ୍ରିଚିନାପଲ୍ଲୀରୁ ଚନ୍ଦା ସାହେବଙ୍କୁ ତଡ଼ିଦେବାକୁ ଚେଷ୍ଟା କଲେ ତାହା ଫଳ ହେବ ନାହିଁ । ଚନ୍ଦାସାହେବଙ୍କର ଅଧିକ ସୈନ୍ୟ ଥିବାରୁ ସେ ସହଜରେ ଇଂରେଜମାନଙ୍କୁ ହରାଇ ଦେବେ । ନିଜ ରାଜଧାନୀ ଆକ୍ରମଣ କଥା ଶୁଣିଲେ, ସେ ତ୍ରିଚିନାପଲ୍ଲୀର ଅବରୋଧ ଛାଡ଼ିଦେବେ । ତାଙ୍କ କଥା



କ୍ଲାଇଭ୍

ଆରମ୍ଭ ହେଲା । କ୍ଲାଇବ ଆର୍କଟ ଆକ୍ରମଣ କରି ଅଧିକାର କଲେ । ଚନ୍ଦା ସାହେବ ସେହି ଖବର ପାଇ ଆର୍କଟ ରକ୍ଷା ସକାଶେ ଗଲେ । କିନ୍ତୁ କ୍ଲାଇବଙ୍କୁ ଦୁର୍ଗ ମଧ୍ୟରୁ ତଡ଼ିଦେଇ ପାରିଲେ ନାହିଁ । ଶେଷରେ ୫୩ ଦିନ ପରେ କ୍ଲାଇବ ନିଜେ ଦୁର୍ଗ ମଧ୍ୟରୁ ବାହାରି ଚନ୍ଦା ସାହେବଙ୍କୁ ପରାସ୍ତ କଲେ । ଚନ୍ଦା ସାହେବ ତାଞ୍ଜୋର ରାଜାଙ୍କ ଆଶ୍ରୟ ଗ୍ରହଣ କଲେ । ମହମ୍ମଦଙ୍କ ପ୍ରରୋଚନାରେ ପଡ଼ି ତାଞ୍ଜୋର ରାଜା ତାଙ୍କୁ ବଧ କରିଥିଲେ । ମହମ୍ମଦ ଆର୍କଟର ନବାବ ହେଲେ । ଏହାକୁ **ଦ୍ୱିତୀୟ କର୍ଣ୍ଣାଟ ସମର** କହନ୍ତି ।

ଫରାସୀମାନେ ଯୁଦ୍ଧରେ ହାରିଲେ । ଡୁପ୍ଲେଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଫ୍ରାନ୍ସ ସରକାର ତାଙ୍କୁ ଫ୍ରାନ୍ସକୁ ଡାକିନେଲେ (୧୭୫୦) ।

୧୭୫୮ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ପୁଣି ଯୁଦ୍ଧ ହେଲା । ଲାଲି ମାନ୍ଦ୍ରାଜ ଓ ସେଣ୍ଟଡେଭିଡ୍ ଦୁର୍ଗ ଆକ୍ରମଣ କଲେ । ଫରାସୀମାନେ ଭାରତରେ ଆଉ ଥରେ ଭାଗ୍ୟପରୀକ୍ଷା କଲେ । ଆୟାରକୁଟ ୱାଣ୍ଡିଓ‌ାଶ ଯୁଦ୍ଧରେ ଲାଲିଙ୍କୁ ପରାସ୍ତ କଲେ । ଫରାସୀମାନେ ଏଥର ନିଧ ପରାସ୍ତ ହେଲେ । ଭାରତରୁ ସେମାନଙ୍କର ସମସ୍ତ ଆଶା ଭରସା ଲୁପ୍ତ ହେଲା । ଇଉରୋପରେ ସନ୍ଧି ହେଲା । ଇଂରେଜମାନେ ଅଧିକାର କରିଥିବା ଫରାସୀମାନଙ୍କର ପଣ୍ଡିଚେରି ଦୁର୍ଗ ସେମାନଙ୍କୁ ଫେରାଇ ଦେଲେ ।

---

## ବଙ୍ଗଳାରେ ଇଂରେଜ ଶକ୍ତିର ପ୍ରତିଷ୍ଠା

୧୭୪୦ ଖ୍ରୀଷ୍ଟାବ୍ଦରେ ଆଲବର୍ଦ୍ଦି ଖାଁ ନାମକ ଜଣେ ବ୍ୟକ୍ତି ବଙ୍ଗର ସୁବାଦାର ହେଲେ । ସେ ଦିଲ୍ଲୀ ସମ୍ରାଟଙ୍କୁ ଦୁର୍ବଳ ଦେଖି ନିଜକୁ ବଙ୍ଗର ସ୍ୱାଧୀନ ନବାବ୍ ବୋଲି ଘୋଷଣା କଲେ । ୧୭୫୬ ଖ୍ରୀଷ୍ଟାବ୍ଦରେ

ତାଙ୍କର ମୃତ୍ୟୁ ହେଲା । ତାଙ୍କ ପରେ ତାଙ୍କ ଝିଅନାତି ସିରାଜଉଦ୍ଦୌଲା ୧୮ ବର୍ଷ ବୟସରେ ନବାବ ହେଲେ ।

ସିରାଜଉଦ୍ଦୌଲା ନବାବଙ୍କ ଠିକ ନାମ ନୁହେ । ତାଙ୍କର ଠିକ ନାମ ମିର୍ଜା ମହମ୍ମଦ । ସିରାଜଉଦ୍ଦୌଲା ତାଙ୍କ ଉପାଧି । ସିରାଜଉଦ୍ଦୌଲା ଶବ୍ଦର ଅର୍ଥ ରାଜ୍ୟପ୍ରଦୀପ । ମହମ୍ମଦ ନବାବ ହୋଇ ସିରାଜଉଦ୍ଦୌଲା ଉପାଧି ଗ୍ରହଣ କରିଥିଲେ ।



ସିରାଜ ଉଦ୍ଦୌଲା

ସିରାଜ ନବାବ ଥିବାବେଳେ କୃଷ୍ଣ ଦାସ ବୋଲି ତାଙ୍କର ଜଣେ ଧନୀ ପଳାଇଯାଇ ଇଂରେଜମାନଙ୍କ ଆଶ୍ରୟରେ କଲିକତାରେ ରହିଲେ ସିରାଜ କହିଲେ ଯେ ଇଂରେଜ-ମାନେ କୃଷ୍ଣଦାସଙ୍କୁ ଫେରାଇ ଦିଅନ୍ତୁ । କିନ୍ତୁ ଇଂରେଜମାନେ ତାହା ଶୁଣିଲେ ନାହିଁ । ଏହାର ଅଳ୍ପଦିନ ପରେ ଇଂରେଜମାନେ ସେମାନଙ୍କର ଫୋର୍ଟ ଉଇଲିୟମ ଦୁର୍ଗ ସଂସ୍କାର କଲେ । ଏହା ଦେଖି ସିରାଜ ସନ୍ଦେହ କଲେ ଏବଂ ସେହି ଦୁର୍ଗର ପ୍ରାଚୀରମାନ ଭାଙ୍ଗିଦେବାକୁ କହିଲେ । ଇଂରେଜମାନେ ବିରକ୍ତ ହୋଇ କଡ଼ା ଭାଷାରେ ସିରାଜଙ୍କୁ ଉତ୍ତର ଲେଖି ପଠାଇଲେ ।

ଫଳରେ ସିରାଜ କ୍ରୁଦ୍ଧ ହୋଇ କଲିକତା ଆକ୍ରମଣ କଲେ । ଇଂରେଜମାନେ ଜାହାଜରେ ହୁଗୁଳିନଦୀବାଟେ ପଳାଇଗଲେ । ବାକି ୧୪୬ ଜଣ ଇଂରେଜ ପଳାଇ ପାରିଲେ ନାହିଁ । ସେମାନଙ୍କୁ ବନ୍ଦୀ କରି

ରଖିବା ଲାଗି ସିରାଜ ସେନାପତିଙ୍କୁ ଆଦେଶ ଦେଇ ଶୋଇବାକୁ ଗଲେ । ସେନାପତି ସେମାନଙ୍କୁ ଗୋଟିଏ ଛୋଟ ଘରେ ବନ୍ଦ କରି ରଖିଲେ । ଖରାଦିନ ରାତି ହୋଇଥିବାରୁ ଗରମରେ ସେମାନଙ୍କ ମଧ୍ୟରୁ ୧୨୩ ଜଣ ମରିଗଲେ । ଏହି ଘଟଣାକୁ **ଅନ୍ଧକୂପହତ୍ୟା** କହନ୍ତି । ଏହା ୧୭୫୬ ଖ୍ରୀଷ୍ଟାବ୍ଦର ଜୁନ ମାସର ୨୩ ତାରିଖ ଦିନ ଘଟିଥିଲା ।

ଏହି ଖବର ଯେତେବେଳେ ମାନ୍ଦ୍ରାଜରେ ପହଞ୍ଚିଲା, ଇଂରେଜମାନେ ବଡ଼ ଚଞ୍ଚଳ ହୋଇ ପଡ଼ିଲେ । କଲିକତା ପୁଣି ଅଧିକାର କରିବା ଲାଗି କ୍ଲାଇବ ଏବଂ ୱାଟସନ୍ ଆସିଲେ । କିନ୍ତୁ ସେମାନଙ୍କୁ ଯୁଦ୍ଧ କରିବାକୁ ହୋଇ ନ ଥିଲା । ସିରାଜ ନିଜ ଇଚ୍ଛାରେ ସେମାନଙ୍କୁ ଦୁର୍ଗ ଫେରାଇ ଦେଲେ ।

ସିରାଜ ଭଲ ଶାସନ କରୁ ନ ଥିଲେ । ତାଙ୍କ ରାଜ୍ୟର ବଡ଼ ବଡ଼ ଲୋକେ ତାଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ସିରାଜଙ୍କୁ ସିଂହାସନରୁ ତଡ଼ି-ଦେଇ ଅନ୍ୟ ଜଣକୁ ନବାବ କରିବା ଉଦ୍ଦେଶେ ସେମାନେ ଷଡ଼ଯନ୍ତ୍ର କଲେ । ସିରାଜଙ୍କ ପ୍ରଧାନ ସେନାପତି ମିର୍ ଜାଫର୍ ସେହି ଷଡ଼୍ଯନ୍ତ୍ରର ନେତା ହେଲେ । ସେ କ୍ଲାଇବଙ୍କୁ କହିଲେ ଯେ, କ୍ଲାଇବ ଯଦି ସିରାଜଙ୍କୁ ଆକ୍ରମଣ କରନ୍ତି, ସେ ତାଙ୍କୁ ସାହାଯ୍ୟ କରିବେ ।

କ୍ଲାଇବ ସୈନ୍ୟ ନେଇ ଯାତ୍ରା କଲେ । ତାଙ୍କର ମୋଟରେ ୩୦୦୦ ସୈନ୍ୟ ଓ ୧୦ଟି ତୋପ ଥିଲା । ସିରାଜ ୫୦,୦୦୦ ପଦାତି, ୧୮,୦୦୦ ଅଶ୍ୱ ଓ ୫୦ ଟି ତୋପ ସହିତ ପଲାସି କ୍ଷେତ୍ରରେ ତାଙ୍କୁ ଭେଟିଲେ । ମିର୍ ଜାଫର୍ କ୍ଲାଇବଙ୍କୁ ସାହାଯ୍ୟ ନ କରି କେଉଁ ପକ୍ଷ ଜିଣିବ ବୋଲି ଜଗି ବସିଲେ । ଶେଷରେ କ୍ଲାଇବ ଜିତିବା ଦେଖି ସେ ତାଙ୍କ ପକ୍ଷ ଗ୍ରହଣ କଲେ । ସିରାଜଙ୍କ ସେନାପତି ମୀର ମଦନ ନିହତ ହେବାରୁ ଏବଂ ଅସରାଏ ବର୍ଷାରେ ସିରାଜଙ୍କ ତୋପ ଭିଜି ଯିବାରୁ ସିରାଜ ପଲାୟନ




ହଲେ । ବାଟରେ ସେ ଧରା ପଡ଼ିଲେ ଏବଂ ମିର୍ ଜାଫର୍‌ଙ୍କ ପୁତ୍ର ଦ୍ୱାରା
ନିହତ ହେଲେ । ଯୁଦ୍ଧରେ ସିରାଜଙ୍କ ପକ୍ଷରୁ ୫୦୦ ଜଣ ଓ କ୍ଲାଇଭ୍‌ଙ୍କ

ପକ୍ଷରୁ ୨୨ ଜଣ ନିହତ ହୋଇଥିଲେ । ମିର୍ ଜାଫର ବଙ୍ଗ, ବିହାର ଓ ଓଡ଼ିଶାର ନବାବ ହେଲେ । ବଙ୍ଗଳା ଇଂରେଜମାନଙ୍କ ହାତମୁଠାକୁ ଆସିଲା ।

ଏହାପରେ କ୍ଲାଇବ ଦେଶକୁ ଫେରିଗଲେ । ସେଠାରେ ସେ ବିଶେଷ ସମ୍ମାନ ଓ ଲର୍ଡ଼ ଉପାଧି ପାଇଲେ ।

ମିର୍ ଜାଫର ଭଲ ଶାସନ କରି ପାରିଲେ ନାହିଁ; ତେଣୁ ଅଳ୍ପଦିନ ପରେ ତାଙ୍କୁ ବାହାର କରିଦେଇ ତାଙ୍କ ଜ୍ୱାଇଁ ମିର୍ କାସିମଙ୍କୁ ଇଂରେଜମାନେ ନବାବ କଲେ । ମିର୍ କାସିମ୍ ଭଲ ଶାସନ କଲେ । କିନ୍ତୁ ସେ ଇଂରେଜମାନଙ୍କ ସଙ୍ଗେ କଳି କରି ବକ୍ସାର କ୍ଷେତ୍ରରେ ସେମାନଙ୍କ ସଙ୍ଗେ ଯୁଦ୍ଧ କଲେ । ଇଂରେଜମାନେ ତାଙ୍କୁ ପରାସ୍ତ କରି ସିଂହାସନରୁ ତଡ଼ିଦେଲେ । ଏହି ଯୁଦ୍ଧରେ ଅଯୋଧ୍ୟାର ନବାବ ଦିଲ୍ଲୀ ସମ୍ରାଟ ସାହଅଲମ ମିର୍ କାସିମଙ୍କୁ ସାହାଯ୍ୟ କରିଥିଲେ ।

ବଙ୍ଗଳାରେ ଏହିପରି ନାନା ବିଶୃଙ୍ଖଳା ହେବା ଦେଖି ବିଲାତର ଇଷ୍ଟ୍‌ଇଣ୍ଡିଆ କମ୍ପାନି କ୍ଲାଇବଙ୍କୁ ବଙ୍ଗଳାର ଗଭର୍ଣ୍ଣର କରି ପୁଣି ପଠାଇଲେ ।

ଲର୍ଡ଼ କ୍ଲାଇବ ଭାରତକୁ ଆସି ଦିଲ୍ଲୀର ମୋଗଲ ସମ୍ରାଟ ସାହଅଲମଙ୍କ ସଙ୍ଗେ ଏକ ସନ୍ଧି କଲେ । ସେତେବେଳେ ସାହଅଲମ ନାମମାତ୍ର ସମ୍ରାଟ ଥିଲେ । ବଙ୍ଗଳା ତାଙ୍କ ଅଧୀନରେ ନ ଥିଲା; କିନ୍ତୁ ତାଙ୍କ ଛଡ଼ା ଭାରତରେ ଅଉ କେହି ସମ୍ରାଟ ନ ଥିଲେ । ବକ୍ସାର ଯୁଦ୍ଧର କ୍ଷତିପୂରଣ ସକାଶେ ସେ ଅଯୋଧ୍ୟା ନବାବଙ୍କଠାରୁ କୋରା ଓ ଅଲ୍ଲାହାବାଦ ଦୁଇ ଜିଲ୍ଲା ଆଣିଲେ ।

ଇଂରେଜମାନେ ପଲାସି ଓ ବକ୍ସାରକ୍ଷେତ୍ରରେ ବଙ୍ଗଳା ଜୟ କରିଥିଲେ । କିନ୍ତୁ ସେମାନଙ୍କୁ ରାଜା ବୋଲି ଘୋଷଣା କରାଯାଇ

ନ ଥିଲା । କ୍ଲାଇବ ସାହଆଲମଙ୍କ ସଙ୍ଗେ ସନ୍ଧି କରି ତାହାଙ୍କୁ କୋରା ଓ ଅଲ୍ଲାହାବାଦ ଜିଲ୍ଲାଦ୍ୱୟ ଛାଡ଼ିଦେଲେ ଏବଂ ବର୍ଷକୁ ତାଙ୍କୁ ୨୬ ଲକ୍ଷ ଟଙ୍କା ବୃତ୍ତି ଦେଲେ । ତହିଁ ପରିବର୍ତ୍ତିରେ କ୍ଲାଇବ୍ ସାହଆଲମଙ୍କଠାରୁ ବଙ୍ଗ, ବିହାର ଓ ଓଡ଼ିଶାର ଦେବାନି ଅଧିକାର ଲେଖାଇ ଆଣିଲେ । ଏତଦ୍ୱାରା ଇଂରେଜମାନେ ବଙ୍ଗଳାର ସର୍ବେସର୍ବା ହେଲେ । ବଙ୍ଗଳାର ନବାବ ପେନସନ୍ ପାଇଲେ ଏବଂ କେବଳ ଫୌଜଦାରୀ ମୋକଦ୍ଦମା ବୁଝିଲେ । ଇଂରେଜମାନେ ବଙ୍ଗଳାର ରାଜସ୍ୱ ଆଦାୟ କଲେ । ରାଜକୋଷ ସେମାନଙ୍କ ହାତରେ ରହିଲା । ମୋଟ କଥାରେ ସେମାନେ ବଙ୍ଗଳାର ପ୍ରକୃତ ପ୍ରଭୁ ହେଲେ ।

ପୂର୍ବୋକ୍ତ ପ୍ରଥା ଅନୁସାରେ କମ୍ପାନୀ ରାଜସ୍ୱ ଆଦାୟ କଲେ ଏବଂ ନବାବ ଫୌଜଦାରୀ ମୋକଦ୍ଦମା ବୁଝିଲେ । ଏହି ପ୍ରଥାକୁ କ୍ଲାଇବଙ୍କ **ଦ୍ୱିଶାସନ ପ୍ରଣାଳୀ** କହନ୍ତି । ଏହି ପ୍ରଥା ସୁବିଧାଜନକ ହୋଇ ନ ଥିଲା । ଏଥିରେ ନାନା ବିଶୃଙ୍ଖଳା ଘଟିଥିଲା । ଫଳରେ ଇଂରେଜମାନେ ନବାବଙ୍କ ହାତରୁ ଫୌଜଦାରୀ ବିଭାଗ କାଢ଼ିନେଲେ । ବଙ୍ଗଳାର ନବାବ ରାଜ୍ୟର ସମସ୍ତ କ୍ଷମତା ହରାଇଲେ ।

୧୭୬୭ ଖ୍ରୀଷ୍ଟାବ୍ଦରେ ଲର୍ଡ଼ କ୍ଲାଇବ ବିଲାତକୁ ଫେରିଗଲେ । ସେ ମୀର୍ ଜାଫରଙ୍କୁ ନବାବ କରି ତାଙ୍କଠାରୁ ବହୁତ ଟଙ୍କା ସଲାମୀ ନେଇ ଥିଲେ । ସେଥିଲାଗି ତାଙ୍କ ବିରୋଧରେ ବିଲାତର ପାର୍ଲମେଣ୍ଟ ମହାସଭାରେ ମୋକଦ୍ଦମା ଚାଲିଲା । ସେ ତହିଁରୁ ନିର୍ଦ୍ଦୋଷରେ ଖଲାସ ହୋଇ ଥିଲେ ସତ୍ୟ, କିନ୍ତୁ ଲଜ୍ଜା ଓ ଦୁଃଖରେ ଆତ୍ମହତ୍ୟା କରିଥିଲେ (୧୭୭୪) ।

**ହାଇଦର ଆଲୀ ଓ ପ୍ରଥମ ମହୀଶୂର ଯୁଦ୍ଧ**:— ମହୀଶୂରରେ ହିନ୍ଦୁ ରାଜାମାନେ ରାଜତ୍ୱ କରୁଥିଲେ । ସେମାନେ ବିଜୟନଗରର ରାଜାଙ୍କ

ହିନ୍ଦୁ ରାଜା ଥିଲେ । ବିଜୟ ନଗରର ଧ୍ୱଂସ ପରେ ମହୀଶୂର ସ୍ୱାଧୀନ ହୋଇଥିଲା । ୧୭୩୪ ଖ୍ରୀଷ୍ଟାବ୍ଦରେ ରାଜା କୃଷ୍ଣ ରାଜ ମହୀଶୂରର ରାଜା ହେଲେ । ତାହାଙ୍କର ମନ୍ତ୍ରୀ ହାଇଦର ଅଲି ନାମକ ଏକ ବ୍ୟକ୍ତିଙ୍କୁ କ୍ରୀତଦାସ ରଖିଥିଲେ । ହାଇଦର ଅଲି ଅତି ବୁଦ୍ଧିମାନ୍ ଥିଲେ । ସେ ମନ୍ତ୍ରୀଙ୍କୁ ନିଜ କାର୍ଯ୍ୟରେ ସନ୍ତୁଷ୍ଟ କରି ମହୀଶୂର ରାଜ୍ୟର ସେନା ବିଭାଗରେ ଏକ କାର୍ଯ୍ୟ ପାଇଲେ ଏବଂ ସେଠାରୁ କ୍ରମେ ଉନ୍ନତି କରି ପ୍ରଧାନ ସେନାପତି ହେଲେ । ସେନାପତି ହୋଇ ସେ ସୈନ୍ୟମାନଙ୍କୁ ନିଜ ହସ୍ତରେ ରଖିଲେ ଏବଂ ଶେଷରେ ରାଜାଙ୍କୁ ତଡ଼ିଦେଇ ନିଜେ ମହୀଶୂର ସିଂହାସନରେ ବସିଲେ ।

ରାଜା ହୋଇ ହାଇଦର ଅତି ପରାକ୍ରାନ୍ତ ହୋଇ ଉଠିଲେ ଏବଂ ଚତୁଃ ପାର୍ଶ୍ୱର ଦେଶମାନ ଜୟ କରିବାକୁ ଲାଗିଲେ । କୃଷ୍ଣା ନଦୀ ପର୍ଯ୍ୟନ୍ତ ସମସ୍ତ ଦେଶ ତାହାଙ୍କର କରଗତ ହେଲା । ତାହାଙ୍କର କ୍ଷମତା ବୃଦ୍ଧି ଦେଖି ଇଂରେଜ, ମରହଟ୍ଟା ଓ ନିଜାମ ଶତ୍ରୁମାନେ ଶଙ୍କିତ ହେଲେ ଏବଂ ତାହାଙ୍କୁ ଦମନ କରିବା ସକାଶେ ୧୭୬୬ ଖ୍ରୀଷ୍ଟାବ୍ଦରେ ଏକ ସନ୍ଧି କଲେ । ଏହି ତିନି ଶତ୍ରୁଙ୍କୁ ଏକା ସଙ୍ଗେ ଯୁଦ୍ଧରେ ହରାଇ ପାରିବେ ବୋଲି ହାଇଦର ସାହସ କଲେ ନାହିଁ; ତେଣୁ ସେ ୩୫ ଲକ୍ଷ ଟଙ୍କା ଲାଞ୍ଚ ଦେଇ ମରହଟ୍ଟାମାନଙ୍କୁ ପୂର୍ବୋକ୍ତ ସନ୍ଧିରୁ ବାହାର କରି ଆଣିଲେ । ନିଜାମଙ୍କୁ ବୁଝାଇ ମଣାଇ ନିଜ ଦଳରେ ମିଶାଇ ନେଲେ । ହାଇଦର ଓ ନିଜାମ ମିଶି ଇଂରେଜମାନଙ୍କ ବିରୋଧରେ ଯାତ୍ରା କଲେ,



ହାଇଦର ଅଲି

କିନ୍ତୁ କର୍ଣ୍ଣେଲ ସ୍ମିଥ୍ ସେମାନଙ୍କୁ ପରାସ୍ତ କରି ନିଜାମଙ୍କୁ ଇଂରେଜମାନଙ୍କ ପକ୍ଷକୁ ଟାଣିନେଲେ । ହାଇଦର ଏକାକୀ ଇଂରେଜମାନଙ୍କ ସଙ୍ଗେ ଅନେକ ଥର ଯୁଦ୍ଧ କରି ସେମାନଙ୍କୁ କେତେ ଥର ଜିଣିଲେ ଏବଂ କେତେଥର ନିଜେ ହାରିଲେ । ଶେଷରେ ୧୭୬୯ ଖ୍ରୀଷ୍ଟାବ୍ଦରେ ହାଇଦର ନିଜେ ମାନ୍ଦ୍ରାଜ ଆକ୍ରମଣ କଲେ । ମାନ୍ଦ୍ରାଜର ଗଭର୍ଣ୍ଣର ଯୁଦ୍ଧରେ ପରାସ୍ତ ହୋଇ ତାଙ୍କ ସଙ୍ଗେ ସନ୍ଧି କଲେ । ଏହି ସନ୍ଧିର ସର୍ତ୍ତ ଅନୁସାରେ ଉଭୟ ପକ୍ଷ ନିଜ ନିଜ ଜିଣିଥିବା ପ୍ରଦେଶ ଅନ୍ୟକୁ ଫେରାଇ ଦେଲେ ଏବଂ ଅନ୍ୟ କେହି ଶତ୍ରୁ ସେମାନଙ୍କ ମଧ୍ୟରୁ କାହାରିକୁ ଆକ୍ରମଣ କଲେ ପରସ୍ପରକୁ ସାହାଯ୍ୟ କରିବେ ବୋଲି ପ୍ରତିଜ୍ଞାବଦ୍ଧ ହେଲେ ।

୧୭୭୧ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ହାଇଦର ଅଲିଙ୍କୁ ଆକ୍ରମଣ କଲେ । ପ୍ରଥମ ମହୀଶୂର ଯୁଦ୍ଧର ସର୍ତ୍ତ ଅନୁସାରେ ହାଇଦର ଇଂରେଜମାନଙ୍କୁ ସାହାଯ୍ୟ ମାଗିଲେ । ଇଂରେଜମାନେ ଶୁଣିଲେ ନାହିଁ, ସୁତରାଂ ହାଇଦର ପରାସ୍ତ ହୋଇ ସନ୍ଧି କଲେ । ହାଇଦର ଇଂରେଜମାନଙ୍କ ଉପରେ ଭାରି ଚିଡ଼ିଗଲେ ଏବଂ ଦାଉ ସାଧିବା ନିମନ୍ତେ ପ୍ରସ୍ତୁତ ରହିଲେ ।

## ଅନୁଶୀଳନୀ

୧ । ତୁମ୍ଭକୁ ଯେଉଁ ଉକ୍ତି ଠିକ ବୋଲି ଅନୁମିତ ହେଉଅଛି ସେଥିରେ ଛକ ଚିହ୍ନ ଦିଅ ।

କ୍ଲାଇବ ଲେଖନୀ ଛାଡ଼ି ଅସି ଧାରଣ କଲେ କାରଣ—

(କ) ତାଙ୍କ ଛଡ଼ା କେହି ଇଂରେଜ ଜାତିର ମାନରକ୍ଷା କରି ପାରିବ ନାହିଁ ।

(ଖ) କେବଳ ଯୁଦ୍ଧରେ ଖ୍ୟାତି ପାଇଲେ ସେ ଜୀବନରେ ଉନ୍ନତି କରି ପାରିବେ ।

(ଗ) ଭାରତରେ ଉପଯୁକ୍ତ ଇଂରେଜ ସେନାପତି ନ ଥିବାରୁ ଇଂରେଜମାନେ ପରାଜିତ ହେଉଥିଲେ ।

(ଘ) ନୈରାଶ୍ୟ ତାଙ୍କ ଜୀବନକୁ ଜର୍ଜରିତ କରିଥିଲା ।

(ଙ) ସେ ଇଂରେଜମାନଙ୍କର ପରାଜୟ ସହ୍ୟ କରି ପାରିଲେ ନାହିଁ ।

୨ । ଇଂରେଜ ଓ ଫରାସୀମାନେ ଭାରତରେ କାହିଁକି ପରସ୍ପର ଶାନ୍ତିରେ ରହି ପାରିଲେ ନାହିଁ, ତହିଁର ଦୁଇଟି ପ୍ରଧାନ କାରଣ ଲେଖ ।

୩ । କାର୍ଯ୍ୟ କାରଣ କ୍ରମରେ ନିମ୍ନଲିଖିତ କଥାମାନ ସଜାଇ ଲେଖ :—

ବର୍ଷାରେ ତୋପ ତିନ୍ତିବା,
ମିର୍‌ମଦନଙ୍କ ମୃତ୍ୟୁ,
ଅନ୍ଧକୂପ ହତ୍ୟା,
ସିରାଜଙ୍କ କୁଶାସନ,
ବଙ୍ଗଳାରେ ଇଂରେଜମାନଙ୍କ ଆଧିପତ୍ୟ ପ୍ରତିଷ୍ଠା,
ପଲାସୀ ଯୁଦ୍ଧ,
ପ୍ରଜାମାନଙ୍କ ଷଡ଼୍‌ଯନ୍ତ୍ର ।

୪ । ନିମ୍ନଲିଖିତ ଯୁଦ୍ଧର ପରିଣାମ ଲେଖ :—
ପଲାସୀ—; ବକ୍ସାର—।

# ବିଂଶ ଅଧ୍ୟାୟ

## ୱାରେନ୍ ହେଷ୍ଟିଂସ୍

ୱାରେନ ହେଷ୍ଟିଂସ ମାଦ୍ରାଜରେ ଜଣେ ସାମାନ୍ୟ କିରାଣୀ ଥିଲେ । ତାଙ୍କ ଭଲ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ କମ୍ପାନୀ ତାଙ୍କୁ କ୍ରମେ କ୍ରମେ ବଡ଼ କାମ ଦେଲେ ଏବଂ ଶେଷରେ ବଙ୍ଗଳାର ଗଭର୍ଣ୍ଣର ପଦରେ ନିଯୁକ୍ତ କଲେ ।

**ଶାସନସଂସ୍କାର**—ହେଷ୍ଟିଂସ ଗଭର୍ଣ୍ଣର ହୋଇ ଦେଖିଲେ ଯେ ରାଜସ୍ୱ ଆଦାୟ ବିଷୟରେ ଘୋର ବିଶୃଙ୍ଖଳା ଘଟୁଅଛି । ଦେଶୀୟ କର୍ମଚାରୀମାନେ ପ୍ରଜାମାନଙ୍କୁ ରାଜସ୍ୱ ପାଇଁ ବଡ଼ ପୀଡ଼ା ଦେଉଥିଲେ ଏବଂ ସେମାନଙ୍କଠାରୁ ଲାଞ୍ଚ ନେଇ କାମରେ ଅବହେଳା କରୁଥିଲେ । ହେଷ୍ଟିଂସ୍ ପ୍ରତି ଜିଲ୍ଲାରେ ଜଣେ ଜଣେ ଗୋରା କଲେକ୍ଟର ରଖିଲେ । କଲେକ୍ଟର ଶବ୍ଦର ଅର୍ଥ ରାଜସ୍ୱସଂଗ୍ରାହକ । ଏମାନେ ମୋଟା ବେତନ ଓ ବହୁତ କ୍ଷମତା ପାଇଲେ । ଏମାନଙ୍କ ପରିଶ୍ରମରେ ରାଜସ୍ୱ ଭଲରୂପେ ଆଦାୟ ହେଲା । ସେମାନେ ଦେୱାନୀ ଓ ଫୌଜଦାରୀ ମକଦ୍ଦମା ମଧ୍ୟ ବୁଝିଲେ । ରାଜ୍ୟରେ ଶାନ୍ତି



ୱାରେନ ହେଷ୍ଟିଂସ୍

ଘଣ୍ଟରେ ଏବଂ ଠକ, ଚୋର ଡକାୟତ ସମସ୍ତଙ୍କୁ ଦଣ୍ଡ ଦେଲେ । ମୋଟ କଥାରେ ସେମାନେ ଅରାଜକତାର ଜଳ ହାକିମ କାମ କଲେ ।

ଏହି କଲେକ୍ଟରମାନଙ୍କ ନିଷ୍ପତ୍ତିରେ କେହି ଅସନ୍ତୁଷ୍ଟ ହେଲେ ତାହାର ଅପିଲ ନିମନ୍ତେ ହେଷ୍ଟିଂସ୍ କଲିକତାରେ ସଦର ନିଜାମତ ଓ ସଦର ଦେୱାନୀ ନାମକ ଦୁଇଟି ଅପିଲ ଅଦାଲତ ସ୍ଥାପନ କଲେ ।

**ନିୟାମକ ବ୍ୟବସ୍ଥା ବା ରେଗୁଲେଟିଙ୍ଗ୍ ଆକ୍ଟ—** ୧୭୭୩ ଖ୍ରୀଷ୍ଟାବ୍ଦରେ ପାର୍ଲିଆମେଣ୍ଟ ମହାସଭା କମ୍ପାନୀର ଭାରତ ଶାସନ ନିମନ୍ତେ ଏକ ନୂତନ ଆଇନ ପ୍ରଣୟନ କଲେ । ତାହାକୁ ରେଗୁଲେଟିଙ୍ଗ୍ ଆକ୍ଟ କହନ୍ତି । ଏହି ଆକ୍ଟ ଅନୁସାରେ ବଙ୍ଗଳା ଗଭର୍ଣ୍ଣର ଭାରତର ଗଭର୍ଣ୍ଣର ଜେନେରାଲ ହେଲେ । ତାଙ୍କ ତଳେ ମାନ୍ଦ୍ରାଜ ଓ ବୋମ୍ବେଇ ପ୍ରଦେଶଦ୍ୱୟ ମଧ୍ୟ ରହିଲା । ଗଭର୍ଣ୍ଣର ଜେନେରାଲଙ୍କ ସଭାରେ ଚାରିଜଣ ସଦସ୍ୟ ରହିଲେ । ସେମାନଙ୍କ ଭୋଟ ନେଇ ଶାସନକାର୍ଯ୍ୟ ଚଳିଲା । ଫ୍ରାନ୍‌ସିସ୍, କ୍ଲେଭରିଙ୍ଗ୍, ମନସନ୍ ଓ ବାର୍‌ୱେଲ୍ ହେଷ୍ଟିଂସଙ୍କ ସଭାର ପ୍ରଥମ ଚାରି ସଦସ୍ୟ ହେଲେ ।

କଲିକତାରେ ଗୋଟିଏ ସୁପ୍ରୀମ୍ କୋର୍ଟ ବା ପ୍ରଧାନ ବିଚାରାଳୟ ସ୍ଥାପିତ ହେଲା । ସେଥିରେ ଜଣେ ପ୍ରଧାନ ବିଚାରପତି ଓ ତିନି ଜଣ ଅଧସ୍ତନ ଜଜ୍ ରହିଲେ ।

ଏହି ଆକ୍ଟ ଅନୁସାରେ ଇଷ୍ଟଇଣ୍ଡିଆ କମ୍ପାନୀ ଇଂଲଣ୍ଡ ସରକାରଙ୍କ ଅଧୀନ ରହିଲେ ଏବଂ ଭାରତ ସମ୍ବନ୍ଧୀୟ ସମସ୍ତ ବିଷୟ ଇଂଲଣ୍ଡର ମନ୍ତ୍ରୀଙ୍କ ନିକଟରେ ଅବଗତ କରିବାକୁ ବାଧ୍ୟ ହେଲେ । ୧୭୭୪ ରୁ ଏହି ଆକ୍ଟ ଅନୁସାରେ କାମ ଚାଲିଲା ।

**ସାହାଆଲମଙ୍କ କର ବନ୍ଦ—** ଏହି ସମୟରେ ମରହଟ୍ଟାମାନେ ଅତ୍ୟନ୍ତ ବଳଶାଳୀ ହୋଇଥିଲେ । ସେମାନଙ୍କ ବଳ ଦେଖି ଦିଲ୍ଲୀ

ସମ୍ରାଟ ସାହଆଲମ ଇଂରେଜମାନଙ୍କ ପକ୍ଷ ତ୍ୟାଗ କରି ସେମାନଙ୍କ ଆଶ୍ରୟରେ ରହିଲେ । କ୍ଲାଇବ ସାହଆଲମଙ୍କୁ କୋରା ଓ ଅଲ୍ଲାହାବାଦ ପ୍ରଦେଶ ଦେଇଥିଲେ ଏବଂ ବର୍ଷକୁ ୨୬ ଲକ୍ଷ ଟଙ୍କା କର ଦେଉଥିଲେ । ସାହଆଲମ ମହାରାଷ୍ଟ୍ରମାନଙ୍କ ପକ୍ଷରେ ରହିବାରୁ ହେଷ୍ଟିଂସ୍ ସେହି ଦୁଇ ପ୍ରଦେଶ ଛଡ଼ାଇ ଆଣିଲେ ଏବଂ ସେହି ବାର୍ଷିକ କର ବନ୍ଦ କରିଦେଲେ ।

**ପ୍ରଥମ ମରହଟ୍ଟା ଯୁଦ୍ଧ**—ତୁମ୍ଭେମାନେ ପୂର୍ବେ ପଢ଼ିଅଛ, ତୃତୀୟ ପାନିପଥ ଯୁଦ୍ଧରେ ତୃତୀୟ ପେଶବା ବାଲାଜୀ ବାଜୀରାଓ ହତାଶହୃଦୟ ହୋଇ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ପରେ ତାଙ୍କ ପୁଅ ମାଧବରାଓ ଚତୁର୍ଥ ପେଶବା ହେଲେ । ମାଧବରାଓଙ୍କ ପରେ ୧୭୭୨ ଖ୍ରୀଷ୍ଟାବ୍ଦରେ ତାଙ୍କ ଭାଇ ନାରାୟଣ ରାଓ ପେଶବା ହେଲେ । ନଅ ମାସ ପରେ ସେ ନିହତ ହେବାରୁ ତାଙ୍କ ଖୁଡ଼ୁତା ରାଘବ ରାଓ ପେଶବା ହେଲେ । କିନ୍ତୁ ନାରାୟଣଙ୍କ ମୃତ୍ୟୁର ଅଳ୍ପ ଦିନ ପରେ ତାଙ୍କର ଗୋଟିଏ ପୁଅ ହେଲା, ତେଣୁ ପ୍ରଧାନ ମନ୍ତ୍ରୀ ନାନାଫଡ଼ନବିସ୍ ସେହି ଶିଶୁ ମାଧବରାଓ ନାରାୟଣଙ୍କୁ ପେଶବା କଲେ ।

ସିଂହାସନରୁ ତଡ଼ାଖାଇ ରାଘବ ବୋମ୍ବେଇ ଗଭର୍ଣ୍ଣରଙ୍କ ସାହାଯ୍ୟ ଲୋଡ଼ିଲେ । ଇଂରେଜମାନେ ତାଙ୍କୁ ପେଶବା କରିବେ ବୋଲି ଅଙ୍ଗୀକାର କଲେ । ରାଘବ ତତ୍ପରିବର୍ତ୍ତିରେ ବେସିନ୍ ଓ ସାଲସେଟ୍ ଦେବେ ବୋଲି ପ୍ରତିଶ୍ରୁତ ହେଲେ (୧୭୭୫) ।

ସାତ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ଚାଲିଲା । ଶେଷରେ ମହାଦଜୀ ସିନ୍ଧିଆ ମଧ୍ୟସ୍ଥ ହୋଇ ସାଲବାଇ ନାମକ ସ୍ଥାନରେ ସନ୍ଧି କରାଇଲେ । ଇଂରେଜମାନେ ସାଲସେଟ୍ ଓ ଏଲିଫାଣ୍ଟା ପାଇଲେ । ମାଧବରାଓ ନାରାୟଣ ପେଶବା

ହେଲେ । ରଘବ ପେନ୍‌ସନ୍ ପାଇଲେ (୧୭୮୨) । ଏହି ଯୁଦ୍ଧକୁ ପ୍ରଥମ ମରହଟ୍ଟା ଯୁଦ୍ଧ କହନ୍ତି ।

**ଦ୍ୱିତୀୟ ମହୀଶୂରଯୁଦ୍ଧ**—ପ୍ରଥମ ମହୀଶୂର ଯୁଦ୍ଧର ସନ୍ଧି-ସର୍ତ୍ତ ଅନୁସାରେ ହାଇଦର ମରହଟ୍ଟାମାନଙ୍କ ବିପକ୍ଷରେ ଇଂରେଜମାନଙ୍କର ସାହାଯ୍ୟ ଲୋଡ଼ିଲେ, କିନ୍ତୁ ଇଂରେଜମାନେ ଶୁଣିଲେ ନାହିଁ । ୧୭୭୮ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଫରାସୀମାନଙ୍କର ପଣ୍ଡିଚେରୀ ଓ ମାହୀ ଆକ୍ରମଣ କଲେ । ଏହି ଦୁଇ ସ୍ଥାନ ହାଇଦରଙ୍କ ରାଜ୍ୟ ମଧ୍ୟରେ ଥିଲା; ତେଣୁ ହାଇଦର ଯୁଦ୍ଧଘୋଷଣା କଲେ । ୧୭୮୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭୀଷଣ ଯୁଦ୍ଧ ଚାଲିଲା । ୧୭୮୨ ଖ୍ରୀଷ୍ଟାବ୍ଦରେ ହାଇଦର ପ୍ରାଣତ୍ୟାଗ କଲେ । ତାଙ୍କ ପୁତ୍ର ଟିପୁ ଯୁଦ୍ଧ ଚଳାଇଲେ । ଶେଷରେ ମାଙ୍ଗାଲୋର-ଠାରେ ସନ୍ଧି ହୋଇଥିଲା । ଏହା ଦ୍ୱିତୀୟ ମହୀଶୂର ଯୁଦ୍ଧ ।

**ନନ୍ଦକୁମାରଙ୍କ ଫାଶି**—ହେଷ୍ଟିଂସ୍ ଅନେକ ବଡ଼ ଭୁଲ୍ କରିଥିଲେ । ରାଜା ନନ୍ଦକୁମାର ବୋଲି ବଙ୍ଗର ଜଣେ ସମ୍ଭ୍ରାନ୍ତ ବ୍ରାହ୍ମଣ ଥିଲେ । ସେ ହେଷ୍ଟିଂସଙ୍କ ନାମରେ ଗୋଟିଏ ଉତ୍କୋଚଗ୍ରହଣ ମୋକଦ୍ଦମା ଆଣିଥିଲେ । ତେଣୁ ହେଷ୍ଟିଂସ ଉଦ୍ଦେଶ୍ୟରେ ତାଙ୍କର ଗୋଟିଏ ଜାଲ ଦଲିଲ ପ୍ରମାଣିତ କରାଇ ତାଙ୍କୁ ପ୍ରାଣଦଣ୍ଡ ଦିଆଇଲେ ଏବଂ ତଦ୍ଦ୍ୱାରା ଉତ୍କୋଚଗ୍ରହଣ ମୋକଦ୍ଦମା ବନ୍ଦ ରହିଲା ।

**ଚୈତସିଂହଙ୍କ ଦଣ୍ଡ**—ହେଷ୍ଟିଂସ୍ ଅନେକ ଯୁଦ୍ଧ କରିଥିବାରୁ ତାଙ୍କର ଟଙ୍କାର ଅଭାବ ପଡ଼ିଲା । ବନାରସର ରାଜା ଇଂରେଜମାନଙ୍କ ଅଧୀନ ଥିବାରୁ ଏହି ଯୁଦ୍ଧବ୍ୟୟରୁ ସେ କିଛି ବହନ କରିବା ଉଚିତ ବୋଲି ହେଷ୍ଟିଂସ୍ ମନେ କଲେ; ତେଣୁ ହେଷ୍ଟିଂସ୍ ବନାରସର ରାଜା ଚୈତସିଂହଙ୍କଠାରୁ ସେଥିପାଇଁ କିଛି ଅଧିକ କର ଦାବୀ କଲେ । ଚୈତସିଂହ ପୁଣି ଥରେ ସେହି ଅନୁସାରେ ଅଧିକ କର

ହେଲେ । ତୃତୀୟ ଥର ଦାବୀ ବେଳକୁ ଚୈତସିଂହ ଟଙ୍କା ଦେବାରେ ବିଳମ୍ବ କରିବାରୁ ହେଷ୍ଟିଂସ ତାଙ୍କୁ ବନ୍ଦୀ କଲେ । ଚୈତସିଂହ କୌଣସି ପ୍ରକାରେ ମୁକ୍ତିଲାଭ କରି ବିଦ୍ରୋହୀ ହେଲେ । ହେଷ୍ଟିଂସ୍ ତାଙ୍କୁ ସିଂହାସନରୁ ତଡ଼ିଦେଇ ତାଙ୍କ ବଂଶର ଅନ୍ୟ ଜଣକୁ ବନାରସର ରାଜା କଲେ ।

**ରୋହିଲା ଯୁଦ୍ଧ**—ଆଧୁନିକ ଯୁକ୍ତପ୍ରଦେଶରେ ରୋହିଲଖଣ୍ଡ ନାମକ ଏକ ଅଞ୍ଚଳ ଅଛି । ସେଠାରେ ରୋହିଲା ଜାତି ବାସ କରୁଥିଲେ । ରୋହିଲାମାନେ ରୋହିଲଖଣ୍ଡ ନାମରେ ଏକ କ୍ଷୁଦ୍ର ରାଜ୍ୟ ସ୍ଥାପନ କରିଥିଲେ । ଅଯୋଧାର ନବାବ ଏହି ରାଜ୍ୟ ଅଧିକାର କରି ଗଙ୍ଗାନଦୀ ପର୍ଯ୍ୟନ୍ତ ନିଜ ରାଜ୍ୟର ସୀମା ବଢ଼ାଇବାକୁ ଚାହିଁଲେ । ସେ ଏଥି ସକାଶେ ହେଷ୍ଟିଂସଙ୍କୁ ସୈନ୍ୟ ସାହାଯ୍ୟ ମାଗିଲେ । ହେଷ୍ଟିଂସ୍ ନବାବଙ୍କଠାରୁ ଚାଳିଶ ଲକ୍ଷ ଟଙ୍କା ନେଇ ରୋହିଲାମାନଙ୍କ ବିରୋଧରେ ତାଙ୍କୁ ସାହାଯ୍ୟ କଲେ । ରୋହିଲାମାନେ ପରାସ୍ତ ହେଲେ ଏବଂ ରୋହିଲଖଣ୍ଡ ଅଯୋଧାର ଅନ୍ତର୍ଭୁକ୍ତ ହେଲା । (୧୭୭୪) ।

**ଅଯୋଧାର ବେଗମଙ୍କ ଅର୍ଥଦଣ୍ଡ**—ପୂର୍ବୋକ୍ତ ଯୁଦ୍ଧରେ ଇଂରେଜମାନେ ଅଯୋଧା ନବାବଙ୍କୁ ସାହାଯ୍ୟ କରିଥିବାରୁ ଏବଂ କେତେକ ବର୍ଷର ବାର୍ଷିକ କର ଦେଇ ନ ଥିବାରୁ ଅଯୋଧାର ନବାବ ଇଂରେଜମାନଙ୍କର ଅନେକ ଟଙ୍କାର ବାକିଦାର ଥିଲେ । ସେହି ବାକି ଟଙ୍କା ମାଗିବାରୁ ଅଯୋଧ୍ୟା ନବାବ କହିଲେ, ସେ ତାଙ୍କ ମାତା ଓ ପିତାମହୀଙ୍କଠାରେ ଥିବା ଟଙ୍କା ନ ପାଇଲେ ଏହି ବାକି କର ଦେଇ ପାରିବେ ନାହିଁ । ତେଣୁ ହେଷ୍ଟିଂସ୍ ନବାବଙ୍କ ମାତା ଓ ପିତାମହୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ୭୬ ଲକ୍ଷ ଟଙ୍କା ବଳାତ୍କାରେ ହସ୍ତଗତ କଲେ ।

**ହେଷ୍ଟିଂସ୍‌ଙ୍କ ବିରୋଧରେ ମୋକଦ୍ଦମା**—ହେଷ୍ଟିଂସ୍ ୧୭୮୫ ଖ୍ରୀଷ୍ଟାବ୍ଦରେ ଭାରତ ତ୍ୟାଗ କଲେ । ତାଙ୍କର ଅନେକ ଶତ୍ରୁ ଥିଲେ । ଭାରତରେ ସେ ଯେଉଁସବୁ ଅନ୍ୟାୟ କାର୍ଯ୍ୟ କରିଥିଲେ, ସେ ସମସ୍ତଙ୍କ ବିରୋଧରେ ବିଲାତର ପାର୍ଲିମେଣ୍ଟ ସଭାରେ ଅଭିଯୋଗ ହେଲା । ସାତବର୍ଷ ପର୍ଯ୍ୟନ୍ତ ଏହି ମୋକଦ୍ଦମାର ବିଚାର ହେଲା । ସେଥିରେ ହେଷ୍ଟିଂସ୍ ସର୍ବସ୍ୱାନ୍ତ ହେଲେ । କିନ୍ତୁ ଶେଷରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ତାହାଙ୍କର ଶେଷ ଜୀବନ ଅତ୍ୟନ୍ତ ଦୁଃଖମୟ ହୋଇଥିଲା ଏବଂ ସେ ଅତି ଦରିଦ୍ର ଅବସ୍ଥାରେ ପ୍ରାଣତ୍ୟାଗ କରିଥିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ତାଙ୍କୁ ଦୟା କରି କିଛି କିଛି ଅର୍ଥ ସାହାଯ୍ୟ କରିଥିଲେ ।

**ପିଟ୍ ସାହେବଙ୍କ "ଇଣ୍ଡିଆ ଆକ୍ଟ" ବା "ଭାରତ ଆଇନ"**—ହେଷ୍ଟିଂସଙ୍କ ଅମଳରେ ବିଲାତର ପ୍ରଧାନ ମନ୍ତ୍ରୀ ଗୋଟିଏ ନୂଆ ଆଇନ ପ୍ରଣୟନ କରିଥିଲେ । ଏହି ଆଇନରେ ଭାରତର ଶାସନ କାର୍ଯ୍ୟରେ କମ୍ପାନୀର କ୍ଷମତା ହ୍ରାସ କରାଯାଇଥିଲା । ଏତଦନୁସାରେ ଛଅଜଣ ସଦସ୍ୟ ବିଲାତରେ ରହିଲେ । ଏମାନଙ୍କୁ "ବୋର୍ଡ ଅବ୍ କଣ୍ଟ୍ରୋଲ୍" ବା ସମୀକ୍ଷକସମିତି କହାଗଲା । ଇଂରେଜ ରାଜମନ୍ତ୍ରୀ ଏଥିରେ ସଭାପତି ହେଲେ ଏବଂ ସେ ଭାରତର ଗଭର୍ଣ୍ଣର ଜେନେରାଲଙ୍କୁ ନିଯୁକ୍ତ କରିବା କ୍ଷମତା ପାଇଲେ । ଏହି ସମିତି ଭାରତରେ କମ୍ପାନୀର କାର୍ଯ୍ୟର ଆଲୋଚନା ଓ ସମୀକ୍ଷା କଲେ । ଏହି ବ୍ୟବସ୍ଥାରେ ଗଭର୍ଣ୍ଣର ଜେନେରାଲଙ୍କ ସଭାର ସଭ୍ୟସଂଖ୍ୟା ୪ ରୁ ୩ କରି ଦିଆଗଲା ଏବଂ ଆବଶ୍ୟକ ହେଲେ ଗଭର୍ଣ୍ଣର ଜେନେରାଲ ସେହି ସଭାର ସମସ୍ତ ସଭ୍ୟଙ୍କ ମତ ବିରୋଧରେ କାର୍ଯ୍ୟ କରି ପାରିବେ ବୋଲି କ୍ଷମତା ପାଇଲେ । ପାର୍ଲିମେଣ୍ଟ ମହାସଭାର ଆଦେଶ ବିନା ସେ ଯୁଦ୍ଧ ବା ସନ୍ଧି କରି ପାରିବେ

ନାହିଁ ବୋଲି ସେଥିରେ ନିରୁପିତ ହୋଇଥିଲା । ୧୮୫୮ ଖ୍ରୀଷ୍ଟାବ୍ଦରୁ ଏହି ବ୍ୟବସ୍ଥା ଭାରତରେ ପ୍ରଚଳିତ ହେଲା ।

## ଅନୁଶୀଳନୀ

୧ । ନିମ୍ନଲିଖିତ କଥା ମଧ୍ୟରୁ ଯାହା ୧୭୭୪ ପୂର୍ବେ ଭାରତରେ ନ ଥିଲା, ତହିଁରେ ଟିକ୍ ଚିହ୍ନ ଦିଅ ।
ରେଭିନ୍ୟୁବୋର୍ଡ, ତୋପ, ଇଂରେଜ ସିପାହୀ, ଭାରତୀୟ ସିପାହୀ, ଗଭର୍ଣ୍ଣର ଜେନେରାଲ, କଲେକ୍ଟର, ଜମିଦାର, ଫୌଜଦାରି ଅଦାଲତ, ସଦର ନିଜାମତ ଅଦାଲତ, ସଦର ଦେୱାନୀ ଅଦାଲତ, ଦ୍ୱିଶାସନ ପ୍ରଣାଳୀ ।

୨ । ନିମ୍ନଲିଖିତ ବିଭାଗମାନଙ୍କର ସଂସ୍କାରରେ ହେଷ୍ଟିଂସ୍ ଯେଉଁ ନୂଆ ନୂଆ କଥା ପ୍ରୟୋଗ କରିଥିଲେ, ଖୁବ୍ ଅଳ୍ପ ଶବ୍ଦରେ ଲେଖ ।

(କ) ରାଜସ୍ୱ : (୧)—— (୨)—— (୩)——

(ଖ) ବିଚାର : (୧)—— (୨)—— (୩)——

ହେଷ୍ଟିଂସ୍ କି କି ଉପାୟରେ କମ୍ପାନୀର ଅର୍ଥାଭାବ ଦୂର କଲେ ?

(କ)——, (ଖ)——, (ଗ)——, (ଘ)—— ।

୪ । ରେଗୁଲେଟିଂ ଆକ୍ଟରେ କି କି ନୂଆ ପଦର ସୃଷ୍ଟି ହୋଇଥିଲା ?

(କ)——, (ଖ)——, (ଗ)—— ।

୫। ହେଷ୍ଟିଂସ୍‌ଙ୍କ ବିରୁଦ୍ଧ ଅଭିଯୋଗରେ ନିମ୍ନଲିଖିତ ଦୋଷ ଅଲୋଚିତ ହୋଇଥିଲା :—
(କ)——, (ଖ)——, (ଗ)——, (ଘ)——, (ଙ)——।

୬। ହେଷ୍ଟିଂସ୍ ମରହଟ୍ଟା ସମର ଓ ମହୀଶୂର ସମରରେ ବାଧ୍ୟ ହୋଇ ଯୋଗ ଦେଇଥିଲେ କିପରି ?

---

## ଏକବିଂଶ ଅଧ୍ୟାୟ

## କର୍ଣ୍ଣୱାଲିସ୍ ଓ ରାଜସ୍ୱ ବନ୍ଦୋବସ୍ତ

ହେଷ୍ଟିଂସ୍‌ଙ୍କ ପରେ ଲର୍ଡ କର୍ଣ୍ଣୱାଲିସ୍ ୧୭୮୬ ଖ୍ରୀଷ୍ଟାବ୍ଦରୁ ୧୭୯୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ଥିଲେ। ସେ ଭାରତକୁ ଆସି ଦେଖିଲେ ଯେ, କମ୍ପାନୀର କର୍ମଚାରୀମାନେ ଅଳ୍ପ ବେତନ ପାଉଥିବାରୁ ନାନାପ୍ରକାରରେ ଉତ୍କୋଚ ଗ୍ରହଣ କରୁଅଛନ୍ତି ଏବଂ ଅନ୍ୟାୟ ଉପାୟରେ ବାଣିଜ୍ୟ କରି କମ୍ପାନୀର ବାଣିଜ୍ୟରେ କ୍ଷତି କରୁଅଛନ୍ତି। ଏତଦ୍ଦ୍ୱାରା କମ୍ପାନୀର କାର୍ଯ୍ୟ ମଧ୍ୟ ସୁଚାରୁରୂପେ ସମ୍ପାଦିତ ହୋଇ ପାରୁ ନାହିଁ। ସେ କମ୍ପାନୀର କର୍ମଚାରୀମାନଙ୍କ ବେତନ ବୃଦ୍ଧି କରିଦେଲେ ଏବଂ ସେମାନଙ୍କର ଗୁପ୍ତବାଣିଜ୍ୟ ବନ୍ଦ କରି ଦେଲେ। ଉତ୍କୋଚ ନେଉଥିବା କର୍ମଚାରୀମାନଙ୍କ ସକାଶେ କଠୋର ଦଣ୍ଡର ବ୍ୟବସ୍ଥା କଲେ।

ହେଷ୍ଟିଂସ୍‌ଙ୍କ ଅମଳରେ ପ୍ରତି ଜିଲ୍ଲାର କଲେକ୍ଟରମାନେ ଦେୱାନୀ, ରାଜସ୍ୱ ଓ ଫୌଜଦାରୀ ସମସ୍ତ ବିଭାଗର ବିଗୁର କରୁଥିଲେ।



କର୍ଣ୍ଣୱାଲିସ୍

ସେଥିରେ କଲେକ୍ଟରଙ୍କ କାର୍ଯ୍ୟ ବହୁତ ବଢ଼ି ଯାଇଥିଲା ଏବଂ ଶୃଙ୍ଖଳାରେ କାର୍ଯ୍ୟ ଚଳୁ ନ ଥିଲା । କର୍ଣ୍ଣୱାଲିସ୍ ଦେବାନୀ ବିଭାଗକୁ କଲେକ୍ଟରଙ୍କ ହାତରୁ ଛାଡ଼ିନେଲେ ଏବଂ ସେଥି ସକାଶେ ପ୍ରତି ଜିଲ୍ଲାରେ ଜଣେ ଜଣେ ଜଜ୍ ବସିଲେ । ଜଜଙ୍କ ତଳେ ଛୋଟ ମୋକଦ୍ଦମା ବିଚାର କରିବା ନିମନ୍ତେ ମୁନସଫ୍-ମାନେ ରହିଲେ ।

ପ୍ରତି ଜିଲ୍ଲା କେତେଗୁଡ଼ିଏ ଥାନାରେ ବିଭକ୍ତ ହେଲା ଏବଂ ପ୍ରତି ଥାନାରେ ଜଣେ ଲେଖାଏଁ ଦାରୋଗା ରହିଲେ । ପାଟଣା, କଲିକତା, ଢାକା ଓ ମୁର୍ଶିଦାବାଦରେ ଅପିଲ ଅଦାଲତମାନ ସ୍ଥାପିତ ହେଲା ।

**ବଙ୍ଗଳାର ଚିରସ୍ଥାୟୀ ବନ୍ଦୋବସ୍ତ**:— ଏହି ସମୟ ପର୍ଯ୍ୟନ୍ତ ଜମିଦାରୀଗୁଡ଼ିକ ପ୍ରତି ୫ ବର୍ଷ ସକାଶେ ଜମିଦାରମାନଙ୍କୁ ଠିକା ଦିଆଯାଉଥିଲା । ଜମିଦାରମାନେ ପାଞ୍ଚ ବର୍ଷ ପରେ ଅନ୍ୟ ଜମିଦାର-ମାନଙ୍କୁ ଠିକା ଦିଆଯାଇ ପାରିବାର ସମ୍ଭାବନା ଦେଖି ପ୍ରଜାମାନଙ୍କଠାରୁ ନିଷ୍ଠୁରଭାବରେ କର ଆଦାୟ କରୁଥିଲେ । ନିର୍ଦ୍ଦିଷ୍ଟ କର ଅପେକ୍ଷା ଅନେକ ସ୍ଥାନରେ ଅଧିକ କର ଆଦାୟ ହେଉଥିଲେ ସୁଦ୍ଧା ଜମିଦାର-ମାନେ ନିର୍ଦ୍ଦିଷ୍ଟଭାବରେ କର ଆଦାୟ କରି ପାରୁ ନ ଥିଲେ । ସେଥି ସକାଶେ ଜମିଦାରୀମାନ ପ୍ରତିବର୍ଷ ନିଲାମ ହେଉଥିଲା । ଏଥିରେ କମ୍ପାନୀର ରାଜସ୍ୱରେ କ୍ଷତି ହେଉଥିଲା । ପ୍ରତି ବର୍ଷ ଜମିଦାରୀ ନିଲାମ

କରି ନୂଆ ଜମିଦାର ନିଯୁକ୍ତ କରିବା ଏକ କଠିନ ବ୍ୟାପାର ଥିଲା; ତେଣୁ କର୍ଣ୍ଣୱାଲିସ୍ କେତେକ ବର୍ଷର ଅଦାୟ ରାଜସ୍ୱର ଏକ ହାରାହାରି ହିସାବ କଲେ ଏବଂ ସେହି ଦରରେ ଦଶ ବର୍ଷ ସକାଶେ ଜମିଦାର ନିଯୁକ୍ତ କଲେ । ଏହି ନୂଆ ବ୍ୟବସ୍ଥାରେ ରାଜସ୍ୱ ଭଲରୂପେ ଅଦାୟ ହେବାରୁ ୧୭୯୩ ଖ୍ରୀଷ୍ଟାବ୍ଦରେ ସେହି, ରାଜସ୍ୱ ବନ୍ଦୋବସ୍ତକୁ ଚିରସ୍ଥାୟୀ କଲେ ।

ଏହି ବନ୍ଦୋବସ୍ତ ଫଳରେ ଜମିଦାରମାନେ ପୁରୁଷାନୁକ୍ରମିକ ହେଲେ ଏବଂ ଏକ ଜମିଦାରଶ୍ରେଣୀ ବାହାରିଲେ । ମାନ୍ଦ୍ରାଜ ପ୍ରଦେଶର କେତେକ ଅଞ୍ଚଳରେ ବଙ୍ଗଳା ଓ ବିହାରରେ ଏହି ଚିରସ୍ଥାୟୀ ବନ୍ଦୋବସ୍ତ ଏପର୍ଯ୍ୟନ୍ତ ରହିଅଛି । ସରକାର ଜମି ଉପରେ ଅଧିକ ରାଜସ୍ୱ ବୃଦ୍ଧି କରି ପାରୁ ନାହାନ୍ତି । ରାଜସ୍ୱ ପରିମାଣ ନିର୍ଦ୍ଦିଷ୍ଟ ହୋଇଥିବାରୁ ପ୍ରଜାମାନେ ଜମିର ଉନ୍ନତି କରି ପାରୁଅଛନ୍ତି ।

**ତୃତୀୟ ମହୀଶୂର ଯୁଦ୍ଧ :—**ଦ୍ୱିତୀୟ ମହୀଶୂର ଯୁଦ୍ଧ ଶେଷ ନ ହେଉଣୁ ହାଇଦର ଅଲି ପ୍ରାଣତ୍ୟାଗ କରିଥିଲେ । ତାଙ୍କ ପୁତ୍ର ଟିପୁ ବୀର ଓ ଯୁଦ୍ଧପ୍ରିୟ ଥିଲେ । ଇଂରେଜମାନେ ତାଙ୍କ ବୀରତ୍ୱର ପ୍ରଶଂସା କରୁଥିଲେ । ସେ ଜଣେ ଉତ୍ତମ ଶାସନକର୍ତ୍ତା ଥିଲେ । ତାଙ୍କଠାରେ ହିନ୍ଦୁ ମୁସଲମାନ ବିଚାର ନ ଥିଲା । ସେ ହିନ୍ଦୁଧର୍ମ ଓ ହିନ୍ଦୁମନ୍ଦିରମାନଙ୍କୁ ମଧ୍ୟ ସାହାଯ୍ୟ କରୁଥିଲେ ।


ଟିପୁ ସୁଲତାନ

ଦ୍ୱିତୀୟ ମହୀଶୂର ଯୁଦ୍ଧରେ ସନ୍ଧି ହୋଇଥିଲେ ମଧ୍ୟ ଟିପୁ ଇଂରେଜମାନଙ୍କ ବେଖାତିର କରୁଥିଲେ । ତେଣୁ ସେ ଇଂରେଜମାନଙ୍କର ମିତ୍ରରାଜ୍ୟ ତ୍ରିବାଙ୍କୋର

ଆକ୍ରମଣ କଲେ । ଏଥିରେ ଇଂରେଜମାନେ, ମରହଟ୍ଟାମାନେ ଓ ନିଜାମ ମିଶି ତ୍ରିବାଙ୍କୋଡ଼ ରାଜାଙ୍କୁ ସାହାଯ୍ୟ କଲେ । ସେମାନେ ୧୭୯୧ ଖ୍ରୀଷ୍ଟାବ୍ଦରେ ବାଙ୍ଗାଲୋର ଅଧିକାର କଲେ ଏବଂ ଟିପୁଙ୍କ ରାଜଧାନୀ ଶ୍ରୀରଙ୍ଗପତ୍ତନ ଆକ୍ରମଣ କଲେ । ଟିପୁ ୧୭୯୨ ଖ୍ରୀଷ୍ଟାବ୍ଦରେ ସନ୍ଧି କରିବାକୁ ବାଧ୍ୟ ହେଲେ । ସେ ଯୁଦ୍ଧ ଖର୍ଚ୍ଚ ସକାଶେ ନିଜ ରାଜ୍ୟରୁ ଅଧେ ଓ ତିନି କୋଟି ଟଙ୍କା ଦେଲେ । ନିଜାମ, ମରହଟ୍ଟା ଓ ଇଂରେଜମାନେ ସେହି ରାଜ୍ୟକୁ ତିନି ଭାଗ କରି ବାଣ୍ଟି ନେଲେ ।

**ସାର ଜନ୍ ଶୋର**—୧୭୯୩ ଖ୍ରୀ: ଅ: ରୁ ୧୭୯୮ ଖ୍ରୀ: ଅ: ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ଥିଲେ । ସେ ଭାରତୀୟ କୌଣସି ଶକ୍ତି ସହ ଯୁଦ୍ଧସନ୍ଧି ପ୍ରଭୃତିର ସମ୍ପର୍କ ନ ରଖି ନୀରବ ରହୁଥିଲେ । ଏହି ନୀତିକୁ "ଉଦାସୀନତା ନୀତି" (Policy of Nonintervention) କହନ୍ତି । ଏଥିର ଫଳରେ ମରହଟ୍ଟାମାନେ ଶକ୍ତିଶାଳୀ ହୋଇ ଦୁର୍ବଳ ନିଜାମଙ୍କ ରାଜ୍ୟରୁ ଅଧେ ଛଡ଼ାଇ ନେଇଗଲେ । ଟିପୁ ନିଜ ସୈନ୍ୟସଂଖ୍ୟା ଓ ଶକ୍ତି ବଢ଼ାଇବାରେ ଲାଗିଲେ ଏବଂ କାବୁଲ୍ ଓ ଫରାସୀମାନଙ୍କ ସଙ୍ଗେ ଷଡ଼ଯନ୍ତ୍ର କରି ଇଂରେଜମାନଙ୍କୁ ଭାରତରୁ ତଡ଼ିଦେବାର ଚେଷ୍ଟାରେ ରହିଲେ ।

---

## ଦ୍ୱାବିଂଶ ଅଧ୍ୟାୟ

**ଲର୍ଡ଼ ୱେଲେସଲି ଓ ପରସ୍ପରସାହାଯ୍ୟକୃତ ସନ୍ଧି**— ୧୭୯୮ ଖ୍ରୀଷ୍ଟାବ୍ଦରେ ଲର୍ଡ଼ ୱେଲେସଲି ଗଭର୍ଣ୍ଣର ଜେନେରାଲ ହୋଇ ଆସିଲେ । ତାଙ୍କ ପୂର୍ବେ କୌଣସି ଇଂରେଜ ସମଗ୍ର ଭାରତବର୍ଷର ମାଲିକ ହେବାର କଳ୍ପନା କରି ପାରି ନ ଥିଲେ । ୱେଲେସଲି ଅକବରଙ୍କ

ଏହି ଜଣେ ଦୂରଦର୍ଶୀ ରାଜନୀତିଜ୍ଞ ଓ କୌଶଳୀ ଲୋକ ଥିଲେ । ଅଦ୍ୟ ପର୍ଯ୍ୟନ୍ତ ବାଣିଜ୍ୟ ଇଂରେଜମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସେମାନେ ଏତେବେଳ ପର୍ଯ୍ୟନ୍ତ କେତେକ ପ୍ରଦେଶ ମାତ୍ର ହାତକୁ ଆଣିଥିଲେ । ସମଗ୍ର ଭାରତ ଅଧିକାର କରିବାର ବିସ୍ତୃତ କଳ୍ପନା ୱେଲେସଲିଙ୍କ ମନରେ ପ୍ରଥମେ ଉଦିତ ହେଲା । ସେ ଅନେକଙ୍କ ଶଠ ଛଳାବଳ, କୌଶଳ ପ୍ରୟୋଗ କରି ଭାରତରେ ବ୍ରିଟିଶ ସାମ୍ରାଜ୍ୟ ନିର୍ମାଣର ମୂଳପାତ କଲେ ।



ୱେଲେସଲି

**ସାମନ୍ତ ସନ୍ଧି**—ଏହି ସମୟରେ ଇଂରେଜମାନେ ଭାରତରେ ସର୍ବାପେକ୍ଷା ପରାକ୍ରାନ୍ତ ଶକ୍ତି ଥିଲେ । ଭାରତୀୟ ରାଜାମାନେ ଆପଣା ଆପଣା ମଧ୍ୟରେ କଳହ କରୁଥିଲେ ଏବଂ ପରସ୍ପରର ରାଜ୍ୟ ଅପହରଣ କରୁଥିଲେ । ସେମାନଙ୍କ ମଧ୍ୟରେ ମରହଟ୍ଟାମାନେ, ଟିପୁ, ନିଜାମ, ଅଯୋଧ୍ୟାର ନବାବ ଅତି ପ୍ରଧାନ ଥିଲେ । ଏମାନଙ୍କ ଉପରେ ଇଂରେଜମାନଙ୍କୁ ଅଧିକାର କରାଇବା ନିମନ୍ତେ ୱେଲେସଲି ଚେଷ୍ଟା କଲେ । ସେ ଏଥି ସକାଶେ ଗୋଟିଏ କୌଶଳ ପାଞ୍ଚିଲେ । ଏହି କୌଶଳକୁ "ସାମନ୍ତସନ୍ଧି" ବା ପରସ୍ପରସାହାଯ୍ୟକାରୀ ସନ୍ଧି ବା ସବସିଡିଏରି ଏଲାଏନ୍ସ କୁହାଯାଏ ।

ୱେଲେସଲି ଦେଶୀୟ ରାଜାମାନଙ୍କୁ ଏହି ସନ୍ଧିରେ ଆବଦ୍ଧ କରି ସେମାନଙ୍କ ରାଜ୍ୟମାନ କରଦ ବା ସାମନ୍ତ ରାଜ୍ୟରେ ପରିଣତ କରିବାକୁ

ଲାଗିଲେ । ଯେଉଁ ରାଜାମାନେ ସାମନ୍ତସନ୍ଧି ସ୍ୱୀକାର କଲେ, ସେମାନେ ଇଂରେଜମାନଙ୍କ ଅନୁମତି ବିନା କାହାରି ସହିତ ଯୁଦ୍ଧ ବା ସନ୍ଧି କରି ପାରିଲେ ନାହିଁ । କୌଣସି ବିଦେଶୀ ଲୋକଙ୍କୁ ରାଜକାର୍ଯ୍ୟରେ ରଖି ପାରିଲେ ନାହିଁ । ଗୋଟିଏ ଗୋଟିଏ ଇଂରେଜ ସେନା ରଖିଲେ ଏବଂ ସେହି ସେନାର ଖର୍ଚ୍ଚ ସକାଶେ ଇଂରେଜମାନଙ୍କୁ ନିଜ ରାଜ୍ୟରୁ ଏକ ଅଂଶ ବା ଏକ ନିର୍ଦ୍ଦିଷ୍ଟ କର ଦେଲେ । ତତ୍ପରିବର୍ତ୍ତିରେ ଇଂରେଜମାନେ ସେମାନଙ୍କୁ ଶତ୍ରୁହସ୍ତରୁ ରକ୍ଷା କରିବାର ଭାର ନେଲେ ।

ନିଜାମ ସବୁଠାରୁ ଦୁର୍ବଳ ଥିବାରୁ ପ୍ରଥମେ ସେ ଏହି ସନ୍ଧି ସ୍ୱୀକାର କଲେ (୧୭୯୮) ।

**ଚତୁର୍ଥ ମହୀଶୂର ଯୁଦ୍ଧ** —ମହୀଶୂରର ସୁଲତାନ ଟିପୁ ଏହି ସନ୍ଧି ଗ୍ରହଣ କରିବାକୁ ଅସ୍ୱୀକାର କଲେ । ଇଂରେଜମାନଙ୍କୁ ଭାରତରୁ ତଡ଼ିଦେବା ସକାଶେ ସେ ଫ୍ରାନ୍ସର ନେପୋଲିଅନଙ୍କୁ ଡାକିଥିଲେ; ସୁତରାଂ ତାଙ୍କ ସଙ୍ଗେ ଯୁଦ୍ଧ ହେଲା । ଏହାକୁ ଚତୁର୍ଥ ମହୀଶୂର ଯୁଦ୍ଧ କହନ୍ତି (୧୭୯୯) । ନିଜାମ ଓ ମରହଟ୍ଟାମାନେ ଇଂରେଜମାନଙ୍କୁ ସାହାଯ୍ୟ କଲେ । ଟିପୁ ଯୁଦ୍ଧରେ ନିହତ ହେଲେ । ଇଂରେଜମାନେ ତାଙ୍କ ରାଜ୍ୟ ଛଡ଼ାଇ ନେଇଗଲେ । ଇଂରେଜମାନେ ସେହି ରାଜ୍ୟରୁ ଅଧେ ହାଇଦରଙ୍କଦ୍ୱାରା ପଦଚ୍ୟୁତ ପୁରାତନ ହିନ୍ଦୁରାଜାଙ୍କ ଜଣେ ବଂଶଧରଙ୍କୁ ଦେଲେ ଏବଂ ଅବଶିଷ୍ଟ ରାଜ୍ୟ ଇଂରେଜ, ମରହଟ୍ଟା ଓ ନିଜାମ ବାଣ୍ଟି ନେଲେ ।

**ଦ୍ୱିତୀୟ ମରହଟ୍ଟା ଯୁଦ୍ଧ**—ମରହଟ୍ଟାମାନଙ୍କର ମଧ୍ୟରେ ପେଶବା ସବୁଠାରୁ ବଡ଼ ଦୁର୍ବଳ ଥିଲେ । ସେ ହୋଲକରଙ୍କଦ୍ୱାରା ପରାସ୍ତ ହୋଇ ଇଂରେଜମାନଙ୍କର ଶରଣ ନେଲେ ଏବଂ ବେସିନ୍ଠାରେ ସାମନ୍ତସନ୍ଧି ସ୍ୱୀକାର କଲେ (୧୮୦୨); କିନ୍ତୁ ପ୍ରତିଜ୍ଞା ଭଙ୍ଗ କରି ଯୁଦ୍ଧର ଆୟୋଜନ




କଲେ । ସିନ୍ଧିଆ ଓ ଭୋନ୍‌ସଲ ତାହାଙ୍କୁ ସାହାଯ୍ୟ କଲେ । ଏହାକୁ **ଦ୍ୱିତୀୟ ମରହଟ୍ଟା ସମର** କହନ୍ତି । ଏହି ଯୁଦ୍ଧ ୧୮୦୨ ରୁ ୧୮୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚାଲିଥିଲା । ୧୮୦୪ ଖ୍ରୀଷ୍ଟାବ୍ଦରେ ହୋଲକାର ମଧ୍ୟ

ଯୁଦ୍ଧ ଘୋଷଣା କଲେ । ସମସ୍ତ ମରହଟ୍ଟା ସର୍ଦ୍ଦାର ପରାସ୍ତ ହୋଇ ସନ୍ଧି କରିବାକୁ ବାଧ୍ୟ ହେଲେ ।

ଏହା ପରେ ଅଯୋଧ୍ୟା ଓ ଅନ୍ୟାନ୍ୟ କେତେକ ଛୋଟ ରାଜ୍ୟ ସାମନ୍ତସନ୍ଧି ସ୍ୱୀକାର କଲେ । ଏହିପରି ଭାବରେ ୧୮୦୫ ଖ୍ରୀଷ୍ଟାବ୍ଦରେ ୱେଲେସଲି ଭାରତ ତ୍ୟାଗ କଲାବେଳକୁ ଦେଖାଗଲା ଯେ, ଇଂରେଜ କ୍ଷମତା ଭାରତରେ ଚାରିଆଡ଼େ ବିସ୍ତୃତ ହୋଇଅଛି । ଇଂରେଜମାନେ ଭାରତରେ କେବଳ ସମ୍ରାଟ୍ ହେବାର ସୂତ୍ରପାତ ହୋଇଅଛି ।

---

## ତ୍ରୟୋବିଂଶ ଅଧ୍ୟାୟ

## ଲର୍ଡ଼ ମିଣ୍ଟୋ ଓ ଲର୍ଡ଼ ହେଷ୍ଟିଂସ୍

୧୮୦୭ ଖ୍ରୀଷ୍ଟାବ୍ଦରେ ଲର୍ଡ଼ ମିଣ୍ଟୋ ଭାରତର ଶାସନଭାର ଗ୍ରହଣ କଲେ । ମିଣ୍ଟୋ ମାନ୍ଦ୍ରାଜରେ କୃଷକମାନଙ୍କ ସୁବିଧା ନିମନ୍ତେ ରୟତୱାରୀ ବନ୍ଦୋବସ୍ତ ପ୍ରଚଳନ କରିଥିଲେ । କମ୍ପାନୀର ଆଦେଶ ମତେ ମିଣ୍ଟୋ ଯୁଦ୍ଧରୁ ବିରତ ହୋଇ ଶାନ୍ତି ପ୍ରତି ମନ ଦେଲେ । ଏଥିରେ ମରହଟ୍ଟା-ମାନେ ପୁଣି ନାନା ଅତ୍ୟାଚାର ଆରମ୍ଭ କଲେ । ପିଣ୍ଡାରି ନାମକ ଏକ ଲୁଣ୍ଠନକାରୀ ଦଳ ଏବଂ ଅଜ ଅଜ ଚୋର ଡକାୟତମାନେ ରାଜ୍ୟରେ ନାନା ଦୌରାତ୍ମ୍ୟ ଆରମ୍ଭ କଲେ ।

ଏହି ସମୟରେ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ଯୁଦ୍ଧ ଚାଲିଥିଲା । ଫ୍ରାନ୍ସରେ ନେପୋଲିୟନ୍ ବୋଲି ଜଣେ ଅତି ବିଖ୍ୟାତ ବୀର ଜାତ ହୋଇଥିଲା । ସେ ଜଣେ ସିପାହୀର ପୁଅ, କିନ୍ତୁ ଯୋଗ୍ୟତାବଳରେ ଫ୍ରାନ୍ସର ସମ୍ରାଟ ହୋଇଥିଲେ । ନେପୋଲିୟନ୍ କାଳେ କାବୁଲବାଟେ ଭାରତ ଆକ୍ରମଣ କରିବେ, ଏହି ଭୟରେ ମିଣ୍ଟୋ କାବୁଲର ଶାହ



ନେପୋଲିୟନ

ନିରାପଦରେ ରଖିବାର ଚେଷ୍ଟା କଲେ । ସେଥିପାଇଁ ସେ ପଞ୍ଜାବର ରାଜା ରଣଜିତ ସିଂହ, କାବୁଲର ଅମୀର ଓ ପାରସ୍ୟର ସୁଲତାନଙ୍କ ପାଖକୁ ଦୂତ ପଠାଇଲେ । ପଞ୍ଜାବ ଓ ପାରସ୍ୟ ସଙ୍ଗେ ଇଂରେଜମାନଙ୍କ ବନ୍ଧୁତା ସ୍ଥାପିତ ହେଲା । କାବୁଲକୁ ଯାଇଥିବା ଦୂତ ବିଫଳ ହୋଇ ଫେରି ଆସିଲେ ।

ଲର୍ଡ ହେଷ୍ଟିଂସ୍ ୧୮୧୩ ଖ୍ରୀଷ୍ଟାବ୍ଦରେ ଶାସନଭାର ଗ୍ରହଣ କଲେ । ଏହାର ଅଳ୍ପଦିନ ପରେ ନେପାଳ ସଙ୍ଗେ ଯୁଦ୍ଧ ହେଲା । ନେପାଳବାସୀ-ମାନଙ୍କୁ ଗୁର୍ଖା କୁହାଯାଏ । ଗୁର୍ଖାମାନେ ରାଜପୁତ ।

**ନେପାଳ ସମର :**—ନେପାଳ ରାଜ୍ୟ ଓ ଇଂରେଜ ରାଜ୍ୟ ଲଗାଲଗି ହୋଇ ରହିଥିଲା । ଦୁଇ ରାଜ୍ୟର ସୀମା ମଧ୍ୟରେ ନିବିଡ଼ ଅରଣ୍ୟ ଥିଲା । ଏହି ଅରଣ୍ୟ ଦେଇ ଗୁର୍ଖାମାନେ ଇଂରେଜମାନଙ୍କ ରାଜ୍ୟରେ ଉପଦ୍ରବ କରୁଥିଲେ । ହେଷ୍ଟିଂସ୍ ଯେତେ ମନା କଲେ ସେମାନେ ମାନିଲେ ନାହିଁ । ତେଣୁ ହେଷ୍ଟିଂସ୍ ୧୮୧୪ ଖ୍ରୀଷ୍ଟାବ୍ଦରେ ଯୁଦ୍ଧ ଘୋଷଣା କଲେ । ଏହି ଯୁଦ୍ଧକୁ ନେପାଳ ସମର କହନ୍ତି ।

ଇଂରେଜମାନେ ନେପାଳ ରାଜଧାନୀ କାଠମାଣ୍ଡୁରେ ପ୍ରବେଶ କରନ୍ତେ ନେପାଳ ରାଜା ସନ୍ଧି କଲେ (୧୮୧୬) । ଏହାକୁ **ସଗୌଲୀ** ସନ୍ଧି କହନ୍ତି । ଏହି ସନ୍ଧି ଅନୁସାରେ ଇଂରେଜମାନେ ନେପାଳ ରାଜ୍ୟରୁ କିଛି ଅଂଶ ପାଇଲେ । ସେହି ଅଂଶରେ ସିମଲା, ମସୁରି ଓ ନୈନିତାଲ ଅବସ୍ଥିତ । ଏହା ସବୁ ସ୍ୱାସ୍ଥ୍ୟକର ସ୍ଥାନ । ଇଂରେଜ କର୍ମଚାରୀମାନେ ଖରାଦିନେ ସେଠାରେ ରହନ୍ତି । ନେପାଳ ରାଜା ଏହି ସନ୍ଧି ଆଜପର୍ଯ୍ୟନ୍ତ ଭାଙ୍ଗି ନାହାନ୍ତି । ୧୯୧୪—୧୮ ଖ୍ରୀ: ଅ: ପର୍ଯ୍ୟନ୍ତ ୟୁରୋପ ମହାଯୁଦ୍ଧରେ ଗୁର୍ଖାମାନେ ଇଂରେଜ ସରକାରଙ୍କ ସକାଶେ ପ୍ରାଣପଣେ ଲଢ଼ିଥିଲେ । ଭାରତ ସୈନ୍ୟବିଭାଗରେ ଗୁର୍ଖାମାନେ ବହୁ ସଂଖ୍ୟାରେ ସୈନିକ କାର୍ଯ୍ୟ କରନ୍ତି । ସେମାନେ ବଡ଼ ରାଜଭକ୍ତ ।

**ପିଣ୍ଡାରି ଯୁଦ୍ଧ :**—ଭାରତବର୍ଷରେ ପିଣ୍ଡାରି ବୋଲି ଏକ ଦଳ ଥିଲେ । ଅଫଗାନ, ଜାଠ ଓ ମରହଟ୍ଟାମାନଙ୍କୁ ନେଇ ପିଣ୍ଡାରି ଦଳ ଗଠିତ ହୋଇଥିଲା । ଏମାନେ ପ୍ରଥମେ ଦେଶୀୟ ରାଜାମାନଙ୍କ ସେନାବିଭାଗରେ କାର୍ଯ୍ୟ କରୁଥିଲେ । 'ସାମନ୍ତସନ୍ଧି' ପରେ ଦେଶୀୟ ରାଜାମାନେ ସେମାନଙ୍କୁ କାର୍ଯ୍ୟରୁ ତଡ଼ିଦେଲେ । ପିଣ୍ଡାରିମାନେ କର୍ମହୀନ ହୋଇ ଲୁଣ୍ଠନ ଆରମ୍ଭ କଲେ । ଲୁଣ୍ଠନ ଛଡ଼ା ସେମାନଙ୍କର ଅନ୍ୟ ଜୀବିକା କିଛି ନ ଥିଲା । ଲୋକେ ପିଣ୍ଡାରି ନାମ ଶୁଣିଲେ ପବନରେ କଦଳୀ ପତ୍ର ଥରିଲା ପରି ଥରୁ

ଥିଲେ । ପିଣ୍ଡାରିମାନେ ଦଳ ଦଳ ହୋଇ ଲୋକଙ୍କର ଘର ଲୁଟୁଥିଲେ । ଗୃହସ୍ଥମାନଙ୍କୁ ପୋତିଥିବା ଟଙ୍କା ଦେଖାଇ ଦେବାକୁ ଏବଂ ସବୁ ଟଙ୍କା ଦେବାକୁ କହୁଥିଲେ । ସେମାନେ ତାହା ନ କଲେ ସେମାନଙ୍କ ଛାତିରେ ପଥର ଚପାଇ ଦେଉଥିଲେ, ମୁଣ୍ଡରେ ନିଆଁ ଜାଳି ଦେଉଥିଲେ,ଦେହରେ ଗରମ ତେଲ ଢାଳି ଦେଉଥିଲେ, ତାତିଲା ଲୁହାରେ ସେମାନଙ୍କୁ ଚିହ୍ନ କରୁଥିଲେ । ସେମାନେ ଗାଁକୁ ଗାଁ ପୋଡ଼ି ଦେଉଥିଲେ ।

ହେଷ୍ଟିଂସ୍ ଦେଖିଲେ, ସେମାନଙ୍କୁ ଦମନ ନ କଲେ ନ ଚଳେ । ସେ ନିଜେ ଯାଇ ଯୁଦ୍ଧ କଲେ । ଯୁଦ୍ଧରେ ଅନେକ ପିଣ୍ଡାରି ନିହତ ହେଲେ । ପିଣ୍ଡାରି ସର୍ଦ୍ଦାରମାନେ ଶେଷରେ ହୁଟି ଯାଇ ଆତ୍ମସମର୍ପଣ କଲେ । ଜଣେ ପିଣ୍ଡାରି ନେତା ଅମୀର ଖାଁ ଇଂରେଜମାନଙ୍କର ଅଧୀନତା ସ୍ୱୀକାର କରି ଟଙ୍କର ନବାବ ହେଲେ । ତାଙ୍କର ବଂଶଧରମାନେ ଆଜି ପର୍ଯ୍ୟନ୍ତ ଟଙ୍କର ନବାବ ଅଛନ୍ତି । ଅନ୍ୟ ଜଣେ ନେତା ଚିତୁ ପଳାଇଯାଇ ବ୍ୟାଘ୍ରଦ୍ୱାରା ଭକ୍ଷିତ ହେଲେ । ପିଣ୍ଡାରିମାନେ ଦସ୍ୟୁବୃତ୍ତି ଛାଡ଼ି କୃଷି କଲେ । ପିଣ୍ଡାରି ଦଳ ଭାଙ୍ଗିଗଲା । ଦେଶରେ ଶାନ୍ତି ସ୍ଥାପିତ ହେଲା (୧୮୧୭) ।

**ତୃତୀୟ ମରହଟ୍ଟା ସମର(୧୮୧୭—୧୮)**—ପେଶୱା ବାଜିରାଓ ସାମନ୍ତ ସନ୍ଧି ସ୍ୱୀକାର କରି ଇଂରେଜମାନଙ୍କର ଅଧୀନ ହୋଇଥିଲେ । କିନ୍ତୁ ସେ ଏଥିରେ ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ହେବାକୁ ଚେଷ୍ଟା କରୁଥିଲେ । ୧୮୧୭ ଖ୍ରୀଷ୍ଟାବ୍ଦରେ ହେଷ୍ଟିଂସ୍ ଗୋଟିଏ ନୂତନ ସନ୍ଧି ସକାଶେ ତାଙ୍କୁ ବାଧ୍ୟ କରି ତାଙ୍କର କ୍ଷମତା ଅଧିକ କ୍ଷୀଣ କରିଦେଲେ । ତେଣୁ ପେଶୱା ଯୁଦ୍ଧ ଘୋଷଣା କଲେ । ତାଙ୍କ ଦେଖାଦେଖିରେ ଭୋନ୍‌ସ୍ଲା ଓ ହୋଲକାର ମଧ୍ୟ ଯୁଦ୍ଧ ଘୋଷଣା କଲେ ।

ଯୁଦ୍ଧରେ ମରହଟ୍ଟାମାନେ ପରାସ୍ତ ହେଲେ । ହେଷ୍ଟିଂସ୍ ପେଶୱାଙ୍କୁ ସିଂହାସନରୁ ତଡ଼ିଦେଲେ ଏବଂ ତାଙ୍କ ରାଜ୍ୟରୁ ଖଣ୍ଡିଏ ଶିବାଜୀଙ୍କ ଜଣେ ବଂଶଧରଙ୍କୁ ଦେଇ ସତାରାର ରାଜା କଲେ । ଅବଶିଷ୍ଟ ରାଜ୍ୟ ବୋମ୍ବେଇ ପ୍ରଦେଶରେ ମିଶାଇ ନେଲେ । ବାଜୀରାଓ ବର୍ଷକୁ ଅଠ ଲକ୍ଷ ଟଙ୍କା ବୃତ୍ତି ପାଇଲେ । ହୋଲକାର ସାମନ୍ତ ସନ୍ଧି ସ୍ୱୀକାର କରି ଇଂରେଜମାନଙ୍କର କରଦ ରାଜା ହେଲେ । ଭୋନ୍‌ସ୍ଲା ରାଜ୍ୟ ହରାଇଲେ । ତାଙ୍କ ସିଂହାସନ ଜଣେ ନୂତନ ରାଜାଙ୍କୁ ଦିଆଗଲା । ଏହାପରେ ମରହଟ୍ଟାଶକ୍ତି ଚୂର୍ଣ୍ଣ ହେଲା ।

ୱେଲେସଲି ଯେଉଁ କାର୍ଯ୍ୟ ଆରମ୍ଭ କରିଥିଲେ, ତାହା ଏହିଠାରେ ପୂର୍ଣ୍ଣ ହେଲା । ୧୮୨୩ ଖ୍ରୀଷ୍ଟାବ୍ଦରେ ହେଷ୍ଟିଂସ୍ ଭାରତ ତ୍ୟାଗ କଲେ । ହେଷ୍ଟିଂସ୍‌ଙ୍କ ପରେ ଲର୍ଡ଼ ଆମହର୍ଷ୍ଟ ୧୮୨୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ଥିଲେ । ତାଙ୍କ ସମୟରେ ବ୍ରହ୍ମଦେଶର ରାଜା ଇଂରେଜ ରାଜ୍ୟରେ ପଶି ଉପଦ୍ରବ କରିବାରୁ ପ୍ରଥମ ବ୍ରହ୍ମସମର ହୋଇଥିଲା । ବ୍ରହ୍ମରାଜ ପରାସ୍ତ ହୋଇ ସନ୍ଧି କଲେ ଏବଂ ଇଂରେଜମାନଙ୍କ ଆସାମ, ଆରକାନ ଓ ଟେନାସେରିମ୍ ଦେଲେ ।

## ଅନୁଶୀଳନୀ

୧ । ଚିରସ୍ଥାୟୀ ବନ୍ଦୋବସ୍ତଦ୍ୱାରା କି ଉପକାର ବା ଅପକାର ହୋଇଅଛି, ବର୍ଣ୍ଣନା କର ।

୨ । ସାମନ୍ତସନ୍ଧି ସର୍ତ୍ତମାନ ଉଲ୍ଲେଖ କର ଏବଂ ପ୍ରତି ସର୍ତ୍ତର ଅଭିସନ୍ଧି ପ୍ରକାଶ କର ।

୩ । ନିମ୍ନଲିଖିତ ସମରମାନଙ୍କର ପରିଣାମ ଲେଖ ।

ଚତୁର୍ଥ ମହୀଶୂର ସମର—

ଦ୍ୱିତୀୟ ମରହଟ୍ଟା ସମର—

ନେପାଳ ସମର—

୪ । ଭାରତର ଗୋଟିଏ ମାନଚିତ୍ର ଅଙ୍କନ କରି ତହିଁରେ ବେଲେସଲିଙ୍କ ଅମଳର କମ୍ପାନିର ରାଜ୍ୟ ଦେଖାଅ । କମ୍ପାନିର ରାଜ୍ୟ ବାହାରେ ଅନ୍ୟାନ୍ୟ ଦେଶୀୟ ରାଜ୍ୟମାନଙ୍କର ନାମ ଲେଖ ।

---

## ଚତୁର୍ବିଂଶ ଅଧ୍ୟାୟ

## ଲର୍ଡ ୱିଲିୟମ ବେଣ୍ଟିଙ୍କ୍

୧୮୨୮ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଲର୍ଡ ୱିଲିୟମ ବେଣ୍ଟିଙ୍କ ଶାସନଭାର ଗ୍ରହଣ କଲେ, ସେତେବେଳେ ଇଂରେଜମାନେ ଭାରତର ଏକଚ୍ଛତ୍ର-ସମ୍ରାଟ୍ ହୋଇ ସାରିଥିଲେ । ଭାରତରେ ଚାରିଆଡ଼େ ଶାନ୍ତି-ପତାକା ଉଡ଼ୁଥିଲା । ଯୁଦ୍ଧର ଚିନ୍ତା କରିବାକୁ ବେଣ୍ଟିଙ୍କଙ୍କୁ ଆଉ ପଡ଼ି ନ ଥିଲା । କୌଣସି ରାଜା ତାହାର ସଙ୍ଗେ ଯୁଦ୍ଧ କରି ପାରୁ ନ ଥିଲେ । ପ୍ରଜାମାନେ ନିରାପଦ ଓ ସୁଖୀ ଥିଲେ । କେହି ତାହାର ଉପରେ ଅତ୍ୟାଚାର କରି ପାରୁ ନ ଥିଲେ ।

ଯୁଦ୍ଧ ହେଲେ ଶାସନକର୍ତ୍ତାଙ୍କୁ ବଡ଼ ଚିନ୍ତା ପଡ଼େ । ସୈନ୍ୟ, ଯୁଦ୍ଧସାମଗ୍ରୀ, ଅର୍ଥ ଇତ୍ୟାଦି ନାନା କଥା ଲାଗି ତାଙ୍କୁ ମୁଣ୍ଡ ଘୂରାଇବାକୁ ହୁଏ । ସେ ପ୍ରଜାଙ୍କର ସୁଖ, ଉନ୍ନତି କଥା ଭାବିବାକୁ ସମୟ ପାନ୍ତି ନାହିଁ । ବେଣ୍ଟିଙ୍କଙ୍କୁ ଯୁଦ୍ଧ କରିବାକୁ ହୋଇ ନ ଥିଲା; ତେଣୁ ସେ ପ୍ରଜାମାନଙ୍କ ହିତ ସକାଶେ ଚେଷ୍ଟା କରିବାକୁ ସମୟ ପାଇଲେ । ସେ ଭାରତର ଏତେଗୁଡ଼ିଏ ହିତକର କାର୍ଯ୍ୟ କରିଯାଇଛନ୍ତି ଯେ ସେ ଜଣେ ପ୍ରଧାନ ଗଭର୍ଣ୍ଣର ଜେନେରାଲ୍ ରୂପେ ଗଣ୍ୟ ହୋଇଅଛନ୍ତି ।

ଦସ୍ୟୁମାନେ ବହୁବର୍ଷ ପୂର୍ବରୁ ଦେଶର ଚାରିଆଡ଼େ ରାଜପଥ-ମାନଙ୍କରେ ରହି ପଥିକମାନଙ୍କର ସବୁ ଧନ ଲୁଟି ନେଉଥିଲେ ଏବଂ ସେମାନଙ୍କୁ ମାରି ପକାଉଥିଲେ । ଅନେକ ଲୋକ ଏକାଠି ନ ହେଲେ ଏବଂ ବଳବାନ ଲୋକଙ୍କ ସଙ୍ଗରେ ନ ଥିଲେ ଦସ୍ୟୁମାନଙ୍କ ଭୟରେ ଲୋକେ ଘରୁ ବାହାରୁ ନ ଥିଲେ । ଏହି ଦସ୍ୟୁମାନଙ୍କୁ "ଠଗ" କହୁଥିଲେ । ସେମାନେ ସାଧାରଣ ପଥିକବେଶରେ ବୁଲୁଥାନ୍ତି । ଲୋକମାନଙ୍କ ମନ ଭୁଲାଇ ସେମାନଙ୍କୁ ଏକ ଗୁପ୍ତ ସ୍ଥାନକୁ ନେଇ ସେଠାରେ ସେମାନଙ୍କର ସମସ୍ତ ଧନ ଲୁଟି ନଅନ୍ତି ଏବଂ ସେମାନଙ୍କୁ ବଧ କରନ୍ତି । ବେଣ୍ଟିଙ୍କ ନାନାଆଡ଼େ ଲୋକ ପଠାଇ ସେମାନଙ୍କୁ ବଡ଼ କଷ୍ଟରେ ଧରିଲେ । ଅନେକ ଠଗ ଫାଶୀ ପାଇଲେ, ଅନେକ ବନ୍ଦୀ ହେଲେ । ଅନେକ ବର୍ଷର ଚେଷ୍ଟାରେ ଠଗମାନେ ନିର୍ମୂଳ ହେଲେ ।



ଲର୍ଡ଼ ୱିଲିୟମ ବେଣ୍ଟିଙ୍କ

ହିନ୍ଦୁ ସମାଜରେ ଗୋଟିଏ ନିଷ୍ଠୁର ପ୍ରଥା ଥିଲା । କେହି ଲୋକ ମରିଗଲେ ତାର ଚିତାରେ ତାର ସ୍ତ୍ରୀ ପ୍ରବେଶ କରି ଆତ୍ମହତ୍ୟା କରୁଥିଲା । ହିନ୍ଦୁମାନେ ମନେ କରୁଥିଲେ, ପତିର ମୃତ୍ୟୁରେ ପତି ସଙ୍ଗେ ସ୍ତ୍ରୀ ଏହିପରି ମଲେ ତାର ମୁକ୍ତି ହୁଏ । ପତିର ମୃତ୍ୟୁ ପରେ ବିଧବା ହୋଇ ବଞ୍ଚି ରହିବା ବଡ଼ ଦୁଃଖକର । ଅନେକ ସ୍ତ୍ରୀ ଭକ୍ତି ଓ ଆଗ୍ରହରେ ପତିର ସହଗମନ କରୁଥିଲେ । କିନ୍ତୁ ସମସ୍ତେ ସତୀ ସାଧ୍ୱୀ ନ ଥାନ୍ତି ।

ଅନେକେ ମରିବାକୁ ଭୟ କରନ୍ତି । ଲୋକେ କଣ କହିବେ ଏହି ଭୟରେ ଅନେକେ ବାଧ୍ୟ ହୋଇ ସହ-ମରଣ କରୁଥିଲେ ।

ସେତେବେଳେ ରାଜା ରାମମୋହନ ରାୟ ବୋଲି ବଙ୍ଗ ଦେଶରେ ଜଣେ ବଡ଼ ଲୋକ ଥିଲେ । ସେ ହିନ୍ଦୁ ଥିଲେ ଏବଂ ବ୍ରାହ୍ମଧର୍ମ ସ୍ଥାପନ କରିଥିଲେ । ସେ ଅନେକ ଭାଷାରେ ପଣ୍ଡିତ ଥିଲେ ଏବଂ ଅନେକ ଧର୍ମ-ଶାସ୍ତ୍ର ଚର୍ଚ୍ଚା କରିଥିଲେ । ତାଙ୍କ ମତ ଓ ଅନ୍ୟାନ୍ୟ କେତେକ ବଡ଼ ଲୋକଙ୍କ ମତ ସଂଗ୍ରହ କରି ବେଣ୍ଟିଙ୍କ ସତୀଦାହପ୍ରଥା ନିବାରଣ କଲେ ।

ଓଡ଼ିଶା ଓ ଗଞ୍ଜାମର କନ୍ଧମାନେ ହଳଦୀ କିଆରୀରେ ମନୁଷ୍ୟବଳି ଦେଉଥିଲେ । ସେମାନେ ମନେ କରୁଥିଲେ, ମନୁଷ୍ୟବଳି ପାଇଲେ ପୃଥିବୀମାତା ଅଧିକ ଶସ୍ୟ ଦେବେ । ବେଣ୍ଟିଙ୍କ ଏହି ପ୍ରଥା ବନ୍ଦ କରିଥିଲେ ।

ପଞ୍ଜାବ, ରାଜପୁତାନା ପ୍ରଭୃତି କେତେକ ପ୍ରଦେଶର ଲୋକେ କନ୍ୟା ଜାତ ହେବା ମାତ୍ରେ ବଧ କରୁଥିଲେ କିମ୍ବା ନଦୀରେ ବୁଡ଼ାଇ ଦେଉ-ଥିଲେ । ବେଣ୍ଟିଙ୍କ ଏହି ଜଘନ୍ୟପ୍ରଥା ମଧ୍ୟ ବନ୍ଦ କରିଦେଲେ ।

ବେଣ୍ଟିଙ୍କଙ୍କ ପୂର୍ବେ ଭାରତବାସୀ ବଡ଼ ବଡ଼ ରାଜକାର୍ଯ୍ୟ ପାଉ ନ ଥିଲେ । କିନ୍ତୁ ବେଣ୍ଟିଙ୍କଙ୍କ ସମୟରୁ ସେମାନଙ୍କୁ ବଡ଼ ରାଜକାର୍ଯ୍ୟ ଦିଆଗଲା । ଭାରତବାସୀମାନେ ସେହି ଦିନଠାରୁ କ୍ରମେ କ୍ରମେ ବଡ଼ ରାଜକାର୍ଯ୍ୟରୁ ଉଠି ଆଜିକାଲି ଗଭର୍ଣ୍ଣର ପର୍ଯ୍ୟନ୍ତ ହେଲେଣି ।

ଭାରତୀୟମାନଙ୍କ ଇଂରାଜୀ ଶିକ୍ଷା ସକାଶେ ବେଣ୍ଟିଙ୍କ ସୁବ୍ୟବସ୍ଥା କରିଥିଲେ । ଏଥିପୂର୍ବେ ଅଦାଲତମାନଙ୍କରେ ପାର୍ଶୀ ଭାଷା ଚଳୁଥିଲା । ବେଣ୍ଟିଙ୍କ ତାହା ଉଠାଇ ଦେଶୀୟ ଭାଷା ଚଳାଇଲେ ।

ଏହାଙ୍କ ଅମଳରେ କାଚ୍ଛାଡ଼, କୁର୍ଗ, ମହୀଶୁର ଓ ଜୟନ୍ତୀୟ ଇଂରେଜ ରାଜ୍ୟଭୁକ୍ତ ହୋଇଥିଲା । କାଚ୍ଛାଡ଼ର ରାଜା ନିଃସନ୍ତାନ ହୋଇ ମୃତ ହୋଇଥିଲେ । କୁର୍ଗ ଓ ମହୀଶୂରର ରାଜାମାନେ ଭଲରୂପେ ରାଜ୍ୟ ଶାସନ କରି ପାରିଲେ ନାହିଁ । ଜୟନ୍ତୀୟର ରାଜା ଇଂରେଜମାନଙ୍କର ବିରୁଦ୍ଧାଚରଣ କରିଥିଲେ, ତେଣୁ ଏହି ସବୁ ରାଜ୍ୟ ଇଂରେଜ ରାଜ୍ୟଭୁକ୍ତ ହୋଇଥିଲା ।

ବେଣ୍ଟିଙ୍କ ୧୮୩୫ ଖ୍ରୀଷ୍ଟାବ୍ଦରେ ଭାରତ ତ୍ୟାଗ କଲେ ।

## ଅନୁଶୀଳନୀ

୧ । ନିମ୍ନଲିଖିତ ଉକ୍ତିମାନଙ୍କ ମଧ୍ୟରୁ ଯାହା ପ୍ରକୃତ ତହିଁରେ ଟିକ୍ ଚିହ୍ନ ଦିଅ ।

ବେଣ୍ଟିଙ୍କ ନିମ୍ନଲିଖିତ ଦେଶହିତକର କାର୍ଯ୍ୟ କରିଥିଲେ—

ଠଗଦମନ, ତାରଡାକ, ରେଲପଥ, ସତୀଦାହନିବାରଣ, ଇଂରାଜୀ ଶିକ୍ଷାର ବିସ୍ତାର, ଘୋଡ଼ା ଡାକ, ଡାକ ଘର, ସମବାୟ ଋଣସମିତି, ହସ୍ପିଟାଲ ଖୋଲ ସ୍ଥାପନ, କନ୍ଧମାନଙ୍କର ନରବଳି ପ୍ରଥା ବନ୍ଦ, ଶିଶୁକନ୍ୟାବଧ ନିବାରଣ, ଗଙ୍ଗାନଦୀରେ ଷ୍ଟିମ ବୋଟ ଚଳାଇବା, ଦେଶୀୟ ଲୋକମାନଙ୍କୁ ବଡ଼ ରାଜକାର୍ଯ୍ୟ ଦେବା, ଲୁଣକର ବନ୍ଦ, ସମ୍ବାଦପତ୍ର ପ୍ରଚାର ।

୨ । ଅପୂର୍ଣ୍ଣ ସ୍ଥାନମାନ ପୂରଣ କର :—

ରଣଜିତ ରାଜା—ମୃତ୍ୟୁ ପରେ—ନାମରେ ଏକ ଅବୈଧ ପୁତ୍ର ଶିଖମାନଙ୍କର ରାଜା ହେଲେ ।—ନଦୀ ପାର ହୋଇ ଶିଖ— ଇଂରେଜ ରାଜ୍ୟରେ—ଆରମ୍ଭ କଲେ । ତେଣୁ ଇଂରେଜ ଗଭର୍ଣ୍ଣର ଜେନେରଲ—ଯୁଦ୍ଧ ଘୋଷଣା କଲେ (—ଖ୍ରୀଃ ଅଃ) । ଶିଖମାନେ—ଖ୍ରୀଃ ଅଃ ରେ ସନ୍ଧି କଲେ ।—ସନ୍ଧିରେ ଇଂରେଜ ପକ୍ଷ—ପାଇଲେ । ଶିଖମାନେ ଯୁଦ୍ଧ ଖର୍ଚ୍ଚପାଇଁ ଇଂରେଜମାନଙ୍କୁ— ଦେଲେ ।—ଇଂରେଜମାନେ—ଟଙ୍କାରେ ବିକିଲେ ।

## ପଞ୍ଚବିଂଶ ଅଧ୍ୟାୟ

## ଅଫଗାନ ସମର ଓ ସିନ୍ଧୁଦେଶ ଅଧିକାର

୧୮୩୭ ରୁ ୧୮୪୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଲର୍ଡ ଅକ୍‌ଲଣ୍ଡ ଏବଂ ୧୮୪୨ ରୁ ୧୮୪୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଲର୍ଡ ଏଲେନବରୋ ଭାରତର ଗଭର୍ଣ୍ଣର ଜେନେରାଲ ହୋଇଥିଲେ ।

**ପ୍ରଥମ ଆଫଗାନ ସମର**—ଲର୍ଡ ଅକଲଣ୍ଡ ଅଫଗାନମାନଙ୍କ ବିରୋଧରେ ଯୁଦ୍ଧଘୋଷଣା କରିଥିଲେ । ଅଫଗାନିସ୍ଥାନ ଅଫଗାନମାନଙ୍କ ଦେଶ । ଏହି ଦେଶ ପର୍ବତମୟ । ଖାଇବର ଗିରିସଙ୍କଟ ପାର ହୋଇ ଭାରତରୁ ସେହି ଦେଶକୁ ଯିବାକୁ ହୁଏ । ତୁମ୍ଭେମାନେ ଅହମ୍ମଦସାହ ଦୁରାଣୀଙ୍କ କଥା ପୂର୍ବେ ପଢ଼ିଅଛ । ତାଙ୍କ ବଂଶର ଶାହସୁଜା ଅଫଗାନିସ୍ଥାନର ରାଜା ବା ଅମୀର ଥିଲେ । ଶତ୍ରୁମାନେ ତାଙ୍କ ସିଂହାସନ ନେଇ ଯିବାରୁ ସେ ଭାରତକୁ ପଳାଇ ଆସି ଇଂରେଜମାନଙ୍କର ଆଶ୍ରୟ ନେଲେ । ତାଙ୍କ ପରେ ଦୋସ୍ତ ମହମ୍ମଦ ଅମୀର ହେଲେ ।

ଏତେବେଳେ ରୁଷୀୟମାନେ ଭାରତ ଆଡ଼କୁ ଆସୁଥିବାରୁ ଅକଲଣ୍ଡ ଦୋସ୍ତ ମହମ୍ମଦଙ୍କ ସଙ୍ଗେ ସନ୍ଧି କରିବା ସକାଶେ ଦୂତ ପଠାଇଲେ । ଦୋସ୍ତ ମହମ୍ମଦ ଅସମ୍ମତ ହେବାରୁ ଅକଲଣ୍ଡ ଯୁଦ୍ଧ ଘୋଷଣା କଲେ (୧୮୩୮) । ଯୁଦ୍ଧରେ ଦୋସ୍ତ ବନ୍ଦୀ ହେଲେ ଏବଂ ଶାହସୁଜା ଅମୀର ହେଲେ । କିନ୍ତୁ ଏଥିରେ ଅଫଗାନମାନେ ଅସନ୍ତୁଷ୍ଟ ହୋଇ ବିଦ୍ରୋହ କଲେ । ପୁଣି ଯୁଦ୍ଧ ହେଲା । ଶାହସୁଜା ନିହତ ହେଲେ । ଇଂରେଜମାନେ କିଛି କରି ନ ପାରି ଫେରି ଆସିଲେ । ଦୋସ୍ତ ପୁଣି ଅମୀର ହେଲେ (୧୮୪୨) । ସେ ଇଂରେଜମାନଙ୍କର ଶତ୍ରୁ ହୋଇ ରହିଲେ ।

**ସିନ୍ଧୁସମର**—ଲର୍ଡ଼ ଏଲେନବରୋ ସିନ୍ଧୁ ପ୍ରଦେଶକୁ ଇଂରେଜ ରାଜ୍ୟରେ ମିଶାଇବା ସକାଶେ ଯୁଦ୍ଧର ସୁଯୋଗ ଖୋଜୁଥିଲେ । ସେ ସର୍ ଚାର୍ଲସ ନେପୀୟୁରଙ୍କୁ ଦୂତରୂପେ ସିନ୍ଧୁ ଦେଶକୁ ପଠାଇଲେ । ନେପୀୟୁର ସିନ୍ଧୁବାସୀମାନଙ୍କ ପ୍ରତି ଏପରି ଉଦ୍ଧତ ବ୍ୟବହାର କଲେ ଯେ, ସେମାନେ ଉତ୍ତେଜିତ ହୋଇ ଯୁଦ୍ଧ କଲେ । ସିନ୍ଧୁବାସୀ ପରାସ୍ତ ହେଲେ ଏବଂ ସିନ୍ଧୁ ପ୍ରଦେଶ ବୋମ୍ବେଇ ପ୍ରଦେଶ ଅନ୍ତର୍ଭୁକ୍ତ ହେଲା (୧୮୪୩) ।

---

## ଷଡ଼୍‌ବିଂଶ ଅଧ୍ୟାୟ

## ଶିଖଜାତି ଓ ଶିଖଯୁଦ୍ଧ

ଲର୍ଡ଼ ହାର୍ଡ଼ିଞ୍ଜ ୧୮୪୪ ରେ ଭାରତର ଶାସନଭାର ଗ୍ରହଣ କଲେ । ଶିଖ ସମର ତାଙ୍କ ଅମଳର ପ୍ରଧାନ ଘଟଣା ।

ତୁମ୍ଭେମାନେ ପୂର୍ବେ ଗୁରୁ ନାନକଙ୍କ କଥା ପଢ଼ିଅଛ । ସେ ପଞ୍ଜାବରେ ଶିଖଧର୍ମ ପ୍ରଚାର କରିଥିଲେ । ଶିଖଜାତିର ସେ ପ୍ରଥମ ଗୁରୁ । ତାଙ୍କ ପରେ ଶିଖମାନଙ୍କର ଆଉ ନଅ ଜଣ ଗୁରୁ ଥିଲେ । ଶିଖମାନେ ପ୍ରଥମେ ପ୍ରଥମେ ନିରୀହଭାବରେ ରହୁଥିଲେ । ଔରଙ୍ଗଜେବଙ୍କ ଅତ୍ୟାଚାର ସହି ନ ପାରି ଶିଖମାନଙ୍କର ଦଶମ ଗୁରୁ ଗୋବିନ୍ଦ ସିଂହ ଶିଖମାନଙ୍କୁ ଯୁଦ୍ଧବିଦ୍ୟା ଶିଖାଇଥିଲେ । ଗୁରୁ ଗୋବିନ୍ଦଙ୍କ ଶିକ୍ଷାରେ ଶିଖଜାତି ପରାକ୍ରମୀ ହୋଇ ଉଠିଲେ । ମୋଗଲ ସାମ୍ରାଜ୍ୟ ଦୁର୍ବଳ ହେବା ସଙ୍ଗେ ସଙ୍ଗେ ସେମାନେ ପଞ୍ଜାବରେ ଅନେକ ଛୋଟ ଛୋଟ ରାଜ୍ୟ ସ୍ଥାପନ କଲେ ।

୧୭୮୦ ଖ୍ରୀଷ୍ଟାବ୍ଦରେ ଶିଖମାନଙ୍କ ମଧ୍ୟରେ ଜଣେ ଅତି ପ୍ରତିଭାଶାଳୀ ଲୋକ ଜାତ ହୋଇଥିଲେ । ତାଙ୍କ ନାମ ରଣଜିତ୍ ସିଂହ ·

ସେ ନିରକ୍ଷର ଥିଲେ ମଧ୍ୟ ଅତିବିଚକ୍ଷଣ ଥିଲେ । କାବୁଲର ଅମୀରଙ୍କୁ ପଞ୍ଜାବ ଆକ୍ରମଣରେ ସାହାଯ୍ୟ କରି ସେ ଲାହୋରର ଶାସନକର୍ତ୍ତା ନିଯୁକ୍ତ ହୋଇଥିଲେ । ସେ ପରବର୍ତ୍ତୀ କାଳରେ ନିଜ ସ୍ୱାଧୀନତା ଘୋଷଣା କରିଥିଲେ । ଶିଖଜାତିକୁ ନବ ଜୀବନ ଦାନ କରି ଏବଂ ଛୋଟ ଛୋଟ ଶିଖ ରାଜ୍ୟମାନ ଏକତ୍ର କରି ସେ ପଞ୍ଜାବରେ ଏକ ପ୍ରବଳ ଶିଖସାମ୍ରାଜ୍ୟ ସ୍ଥାପନ କରିଥିଲେ । ତାଙ୍କ ରାଜ୍ୟ କାଶ୍ମୀରରୁ ମୁଲତାନ ପର୍ଯ୍ୟନ୍ତ ଏବଂ ପେଶବାରରୁ ଶତଦ୍ରୁ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ତାଙ୍କ ପରାକ୍ରମ ଦେଖି ଇଂରେଜମାନେ ତାଙ୍କ ସଙ୍ଗେ ସନ୍ଧି କରିଥିଲେ । ରଣଜିତ୍ ୧୮୩୯ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ ।

ରଣଜିତଙ୍କ ପରେ ପଞ୍ଜାବରେ ବିଶୃଙ୍ଖଳା ଉପସ୍ଥିତ ହେଲା । ତାଙ୍କ ପୁତ୍ରମାନେ ପରସ୍ପର ମଧ୍ୟରେ କଳହ କଲେ । କେତେକ ବର୍ଷ ପରେ ଶିଖ ସୈନ୍ୟମାନେ ରଣଜିତ୍‌ଙ୍କ ଏକ ରକ୍ଷିତା ସ୍ତ୍ରୀର ନାବାଳକ ପୁତ୍ର ଦଲୀପ ସିଂହଙ୍କୁ ସିଂହାସନରେ ବସାଇ ସମସ୍ତ କ୍ଷମତା ନିଜହାତରେ ରଖିଲେ । ଶିଖସୈନ୍ୟ ନାବାଳକ ଦଲୀପଙ୍କୁ ମାନିଲେ ନାହିଁ । ସେମାନେ ଶତଦ୍ରୁ ପାରି ହୋଇ ଇଂରେଜରାଜ୍ୟ ଆକ୍ରମଣ କଲେ । ତେଣୁ ଯୁଦ୍ଧ ହେଲା । ଏହାକୁ **ପ୍ରଥମ ଶିଖସମର** କହନ୍ତି (୧୮୪୫-୪୬) ।



ରଣଜିତ୍ ସିଂହ

ଶିଖମାନେ ବଡ଼ ପରାକ୍ରମ ଦେଖାଇଲେ, କିନ୍ତୁ ଶେଷରେ ପରାସ୍ତ ହୋଇ ସନ୍ଧି କଲେ । ସନ୍ଧିବଳରେ ଇଂରେଜମାନେ ଶତଦ୍ରୁ ଓ ବିପାଶା ନଦୀର

ମଧ୍ୟବର୍ତ୍ତୀ ଜଲନ୍ଧର ଦୋଆବ ପାଇଲେ ଏବଂ ଯୁଦ୍ଧବ୍ୟୟ ଏକ କୋଟି ଟଙ୍କା ପରିବର୍ତ୍ତରେ କାଶ୍ମୀର ରାଜ୍ୟ ପାଇଲେ । ଇଂରେଜମାନେ କାଶ୍ମୀରକୁ ଏକ କୋଟି ଟଙ୍କାରେ ଗୋଲାବସିଂହ ନାମକ ଜଣେ ରାଜପୁତଙ୍କଠାରେ ବିକିଦେଲେ । ଗୋଲାବସିଂହଙ୍କ ବଂଶଧରମାନେ ଅଦ୍ୟ ପର୍ଯ୍ୟନ୍ତ ଇଂରେଜମାନଙ୍କ ଅଧୀନତାରେ କାଶ୍ମୀର ଶାସନ କରୁଅଛନ୍ତି ।

ହାର୍ଡିଞ୍ଜଙ୍କ ପରବର୍ତ୍ତୀ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ଡେଲହାଉସୀଙ୍କ ଅମଳରେ ଶିଖମାନଙ୍କ ସଙ୍ଗେ ଦ୍ୱିତୀୟ ଯୁଦ୍ଧ ହୋଇଥିଲା । (୧୮୪୮-୪୯) । ଦଲୀପ ମୂଲତାନରେ ଜଣେ ଶିଖ ଶାସନକର୍ତ୍ତା ରଖିଥିଲେ । ତାଙ୍କୁ ଇଂରେଜମାନେ ହିସାବ ମାଗିଲେ । ସେ ଦେଲେ ନାହିଁ; ତେଣୁ କାର୍ଯ୍ୟଭାର ନେବାକୁ ଦୁଇ ଜଣ ଇଂରେଜ କର୍ମଚାରୀ ଗଲେ । ଏଥିରେ ମୂଲତାନର ବିଦ୍ରୋହ ହେଲା । ଉକ୍ତ ଦୁଇ କର୍ମଚାରୀ ନିହତ ହେଲେ । ପୁଣି ଯୁଦ୍ଧ ହେଲା । ଶିଖ ସେନାପତି ଶେରସିଂହ ଯୁଦ୍ଧରେ ଯୋଗ ଦେଲେ । ଶିଖମାନେ ଯୁଦ୍ଧରେ ହାରିଗଲେ । ପଞ୍ଜାବକୁ ଡେଲହାଉସୀ ଇଂରେଜ ରାଜ୍ୟରେ ମିଶାଇନେଲେ । ଦଲୀପ ବୃତ୍ତି ପାଇ ବିଲାତକୁ ପ୍ରେରିତ ହେଲେ । ସେ ସେଠାରେ ମୃତ୍ୟୁ ପର୍ଯ୍ୟନ୍ତ ରହିଲେ । ଶିଖଶକ୍ତି ଚୂର୍ଣ୍ଣୀଭୂତ ହେଲା ।

---

## ସପ୍ତବିଂଶ ଅଧ୍ୟାୟ

## ଲର୍ଡ଼ ଡେଲହାଉସୀ ଓ ରାଜ୍ୟବିସ୍ତାର

ଲର୍ଡ଼ ଡେଲହାଉସୀ ଅତି ଅଳ୍ପ ବୟସରେ ୧୮୪୮ ଖ୍ରୀଷ୍ଟାବ୍ଦରେ ଗଭର୍ଣ୍ଣର ଜେନେରାଲ ହେଲେ । ଦ୍ୱିତୀୟ ଶିଖସମର ଓ ଦ୍ୱିତୀୟ ବ୍ରହ୍ମସମର ତାଙ୍କ ଅମଳର ପ୍ରଧାନ ଘଟଣା । ଦ୍ୱିତୀୟ ଶିଖସମର ଏହା ପୂର୍ବେ

ବଣ୍ଟିତ ହୋଇଅଛି । ବ୍ରହ୍ମବାସୀମାନେ ଇଂରେଜ ବଣିକମାନଙ୍କ ଉପରେ ରେଙ୍ଗୁନରେ ଅତ୍ୟାଚାର କରିବାରୁ ଦ୍ୱିତୀୟ ବ୍ରହ୍ମଯୁଦ୍ଧ ହୋଇଥିଲା । ଅଳ୍ପକାଳ ଯୁଦ୍ଧ ପରେ ଇଂରେଜମାନେ ଜୟୀ ହୋଇ ପେଗୁ ପ୍ରଦେଶ ଅଧିକାର କରିଥିଲେ (୧୮୫୨) ।

**ରାଜ୍ୟସ୍ୱତ୍ୱ-ଲୋପନୀତି**—ଭାରତର ଅନେକ ରାଜା ଭଲରୂପେ ରାଜ୍ୟ ଶାସନ କରୁ ନ ଥିଲେ । ଅନେକେ ମନରେ ପ୍ରଜାହିତଚିନ୍ତା ମଧ୍ୟ କରୁ ନ ଥିଲେ ଏବଂ କେବଳ ବିଳାସରେ କାଳ କଟାଉଥିଲେ । ଡେଲହାଉସୀ ମନେ କଲେ, ଦେଶୀୟ ରାଜାମାନଙ୍କର ଶାସନ ଅପେକ୍ଷା କମ୍ପାନୀର ଶାସନ ଅନେକ ଗୁଣରେ ଭଲ; ତେଣୁ ସେ ସାମାନ୍ୟ ସୁଯୋଗ ପାଇଲେ ଦେଶୀୟ ରାଜ୍ୟମାନ କମ୍ପାନୀର ହାତକୁ ନେବାକୁ ଲାଗିଲେ । ଭାରତର ଶାସ୍ତ୍ର ଅନୁସାରେ ଯାହାର ପୁତ୍ର ନ ଥାଏ, ସେ ପୋଷ୍ୟପୁତ୍ର କରେ । ପୋଷ୍ୟପୁତ୍ର ପାଳକପିତାର ରାଜ୍ୟ ଓ ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତି ପାଏ । ରାଜାମାନେ ମଧ୍ୟ ପୋଷ୍ୟପୁତ୍ର ଗ୍ରହଣ କରୁଥିଲେ । କିନ୍ତୁ ଡେଲ୍‌ହାଉସୀ ରାଜାମାନଙ୍କର ପୋଷ୍ୟପୁତ୍ରଗ୍ରହଣପ୍ରଥା ମଞ୍ଜୁର କଲେ ନାହିଁ । ଅପୁତ୍ରକ ହୋଇ ଯେଉଁ ରାଜା ମଲେ, ସେମାନଙ୍କର ପୋଷ୍ୟପୁତ୍ରମାନଙ୍କୁ ରାଜ୍ୟ ଦେଲେ ନାହିଁ, କି ବୃତ୍ତି ଦେଲେ ନାହିଁ । ବୃତ୍ତିଭୋଗୀମାନଙ୍କର ବୃତ୍ତି ବନ୍ଦ କରିଦେଲେ ଏବଂ ମୃତ ଅପୁତ୍ରକ



ଲର୍ଡ଼ ଡେଲହାଉସୀ

ରାଜାମାନଙ୍କର ରାଜ୍ୟ କମ୍ପାନୀର ହାତକୁ ନେଇଗଲେ । ତାଙ୍କର ଏହି ନୀତିକୁ **ରାଜ୍ୟସ୍ୱତ୍ୱ-ଲୋପନୀତି** କହନ୍ତି ।

ଏହି ନୀତି ଅନୁସାରେ ସତାରା, ଝାନ୍‌ସୀ, ନାଗପୁର, ସମ୍ବଲପୁର ଏବଂ ଅନ୍ୟ କେତେକ ଛୋଟ ରାଜ୍ୟ ଇଂରେଜ ରାଜ୍ୟରେ ମିଶିଲା ଏବଂ ପେଶବା ବାଜିରାଓ, ତାଞ୍ଜୋରର ରାଜା, କର୍ଣ୍ଣାଟର ନବାବ ଆଦିଙ୍କର ବୃତ୍ତି କଟିଗଲା ।

ଅଯୋଧ୍ୟାର ନବାବ ଭଲରୂପେ ରାଜ୍ୟ ଶାସନ ନ କରିବାରୁ ଡେଲହାଉସୀ ୧୮୫୬ ଖ୍ରୀଷ୍ଟାବ୍ଦରେ ତାଙ୍କୁ ରାଜ୍ୟଚ୍ୟୁତ କରି ତାଙ୍କ ରାଜ୍ୟକୁ ବ୍ରିଟିଶ ରାଜ୍ୟଭୁକ୍ତ କଲେ ।

ରାଜ୍ୟସ୍ୱତ୍ୱ-ଲୋପନୀତି ଓ ଅଯୋଧ୍ୟା ଅଧିକାରରେ ଦେଶରେ ଅଶାନ୍ତି ଓ ଅସନ୍ତୋଷ ଦେଖାଗଲା । ଲୋକେ ମନେ କଲେ, ଭାରତରେ ଆଉ ଦେଶୀୟ ରାଜ୍ୟ ରହିବ ନାହିଁ । ଫଳରେ ଅତି ଅଳ୍ପ ଦିନ ମଧ୍ୟରେ ଭାରତରେ ସିପାହୀ-ବିଦ୍ରୋହ ଜାତ ହେଲା ।

ଡେଲହାଉସୀଙ୍କ ଅମଳରେ ଭାରତରେ ଅନେକ ଦେଶହିତକର କାର୍ଯ୍ୟ ମଧ୍ୟ ହୋଇଥିଲା । ରେଲ ଓ ତାରଡାକ ବସିଥିଲା । ଡାକଘର-ମାନ ବସିଥିଲା । ଦୁଇ ପଇସାରେ ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଚିଠି ଦେବାର ସୁବିଧା କରାଯାଇଥିଲା । ବଡ ବଡ ସଡ଼କ ଓ ନଦୀ ଉପରେ ପୋଲ ନିର୍ମାଣ କରାଯାଇଥିଲା । ଏହି ସବୁ କାର୍ଯ୍ୟ କରିବା ପାଇଁ ଏକ ପୂର୍ତ୍ତବିଭାଗ ବା ପବ୍ଲିକ୍ ୱାର୍କସ ଡିପାର୍ଟମେଣ୍ଟ ବସିଲା । ଗଙ୍ଗା ଓ ସିନ୍ଧୁ ନଦୀରେ କେତେକ କେନାଲ ମଧ୍ୟ ଖୋଳାଯାଇଥିଲା । ଡେଲହାଉସୀଙ୍କ ଅମଳରେ କଲିକତା, ମାନ୍ଦ୍ରାଜ ଓ ବୋମ୍ବାଇରେ ତିନୋଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । ମୋଟ କଥାରେ ଭାରତରେ ଏକ ନବଯୁଗ ପଡ଼ିଥିଲା ।

ଏହି ସମସ୍ତ କାର୍ଯ୍ୟ କରି ଡେଲହାଉସୀ ୧୮୫୬ ଖ୍ରୀଷ୍ଟାବ୍ଦରେ ବିଲାତକୁ ପ୍ରତ୍ୟାବର୍ତ୍ତନ କଲେ ।

# ଅଷ୍ଟାତ୍ରିଂଶ ଅଧ୍ୟାୟ

## ସିପାହୀ ବିଦ୍ରୋହ

୧୮୫୬ ଖ୍ରୀଷ୍ଟାବ୍ଦ ଫେବୃୟାରୀ ମାସରେ ଲର୍ଡ଼ କ୍ୟାନିଂ ଭାରତର ଶାସନଭାର ଗ୍ରହଣ କଲେ । ସିପାହୀ ବିଦ୍ରୋହ ଏହାଙ୍କ ଅମଳର ପ୍ରଧାନ ଘଟଣା ।

ଏହିବେଳେ ଭାରତରେ ନାନାକାରଣରୁ ଅଶାନ୍ତି ଜାତ ହୋଇ ଥିଲା । ବେଣ୍ଟିଙ୍କ ସତୀଦାହପ୍ରଥା ନିବାରଣ ପ୍ରଭୃତି କେତେକ ସାମାଜିକ ବିଷୟରେ ହାତ ଦେଇଥିଲେ । ଏଥିରେ ହିନ୍ଦୁମାନଙ୍କର ସନ୍ଦେହ ହେଲା, ଇଂରେଜ ସରକାର ସେମାନଙ୍କର ଧର୍ମ ନାଶ କରିବେ । ଡେଲହାଉସୀଙ୍କ ଅମଳରେ ସ୍କୁଲ କଲେଜ, ରେଲଗାଡ଼ି, ତାରଡାକ ପ୍ରଭୃତି ଅନେକ ନୂତନ କଥା ବସିଲା । ଲୋକେ ମନେ କଲେ, ସରକାର ଭାରତକୁ ବିଲାତ କରି ପକାଇବେ । ଡେଲହାଉସୀ ଅନେକ ଦେଶୀୟ ରାଜାଙ୍କର ରାଜ୍ୟ ଓ ବୃତ୍ତି ନେଇଗଲେ । ସେଥିରେ ଲୋକେ ଭାବିଲେ, ଆଉ ଦେଶୀୟ ରାଜ୍ୟ ରହିବ ନାହିଁ । ଯେଉଁମାନେ ରାଜ୍ୟବୃତ୍ତି ହରାଇଲେ, ସେମାନେ ଏବଂ ଅନେକ ଭୁଲ୍ ଲୋକମାନଙ୍କୁ ଇଂରେଜମାନଙ୍କ ବିପକ୍ଷରେ ମତାଇଲେ ।



ଲର୍ଡ଼ କ୍ୟାନିଂ

ଅଯୋଧ୍ୟାର ଅନେକ ଅଧିବାସୀ କମ୍ପାନୀର ସେନାବିଭାଗରେ ସିପାହୀ କାମ କରୁଥିଲେ । ଡେଲହାଉସୀ ଅନ୍ୟାୟରେ ଅଯୋଧ୍ୟା ନବାବଙ୍କୁ ରାଜ୍ୟରୁ ତଡ଼ି ଦେଇଥିବାରୁ ସେମାନେ ବଡ଼ ଅସନ୍ତୁଷ୍ଟ ହୋଇଥିଲେ ।

ଭାରତର ସୈନିକମାନେ ଜାହାଜ ଚଢ଼ି ଭାରତ ବାହାରକୁ ଯିବାକୁ ଇଚ୍ଛୁକ ନ ଥିଲେ । କାରଣ ସେମାନେ ଭାବୁଥିଲେ, ଜାହାଜରେ ଚଢ଼ି ଯିବା ବାଟରେ ସେଥିରେ ଖିଆପିଆ କରିବାଦ୍ୱାରା ଜାତି ଯାଏ । ସରକାର ଏତେବେଳେ ଗୋଟିଏ ନିୟମ କଲେ ଯେ ଯେଉଁମାନେ ଯୁଦ୍ଧ ସକାଶେ ବିଦେଶକୁ ଯିବାକୁ ଆଗରୁ ଶପଥ ନ କରିବେ, ସେମାନଙ୍କୁ ନୂତନ ସୈନିକରୂପେ ଗ୍ରହଣ କରାଯିବ ନାହିଁ । ସୈନିକମାନେ ପୁରୁଷାନୁକ୍ରମେ ସିପାହୀ କାର୍ଯ୍ୟ କରି ଆସୁଥିଲେ । ସେମାନେ ମନେ କଲେ ସରକାର ସେମାନଙ୍କଠାରୁ ପୂର୍ବୋକ୍ତ ଶପଥ ନେଇ ସେମାନଙ୍କର ଜାତି ନେବେ, ନ ହେଲେ ସେମାନଙ୍କୁ କୌଳିକ ବୃତ୍ତିରୁ ବଞ୍ଚିତ କରିବେ ।

ଠିକ୍ ଏହି ସମୟରେ ରାଇଫଲ ବୋଲି ଗୋଟିଏ ନୂତନ ବନ୍ଧୁକ ବାହାରିଲା । ତାହାର ଟୋଟାକୁ ଦାନ୍ତରେ କାଟିବାକୁ ପଡ଼ୁଥିଲା । କେହେ କହିଲେ, ସେହି ଟୋଟାରେ ଗାଈ ଓ ଘୁଷୁରିର ଚର୍ବି ଲାଗିଅଛି । ସିପାହୀମାନେ ଭାବିଲେ, ସରକାର ସେମାନଙ୍କ ଜାତି ନେବା ସକାଶେ ସେହି ବନ୍ଧୁକର ପ୍ରଚଳନ କରିଅଛନ୍ତି ।

ସିପାହୀମାନେ ସେହି ବନ୍ଧୁକର ଟୋଟାକୁ ଦାନ୍ତରେ କାଟିବାକୁ ଅସ୍ୱୀକାର କଲେ । ଯେଉଁମାନେ ଅସ୍ୱୀକାର କଲେ, ସେମାନଙ୍କୁ ବୃତ୍ତିରୁ ତଡ଼ି ଦିଆଗଲା । ଫଳରେ ସିପାହୀମାନେ ବିଦ୍ରୋହ କଲେ (୧୮୫୭, ମଇ) । କ୍ରମେ ବିଦ୍ରୋହ ସମଗ୍ର ଉତ୍ତର ଭାରତରେ ବିସ୍ତାରଲାଭ କଲା । ମୋଗଲ ସମ୍ରାଟ ବାହାଦୁରଶାହ, ମୃତ ପେଶବା ବାଜିରାଓଙ୍କ ପୋଷ୍ୟପୁତ୍ର

ନାନାସାହେବ, ଅଯୋଧ୍ୟାର ବେଗମ ଓ ଅନେକ ତାଲୁକଦାର, ମହାରାଷ୍ଟ୍ରର ବିଖ୍ୟାତ ବ୍ରାହ୍ମଣ ତାନ୍ତିଆ ଟୋପି, ଝାନ୍ସିର ରାଣୀ ଲକ୍ଷ୍ମୀବାଈ ବିଦ୍ରୋହୀମାନଙ୍କର ନେତା ହେଲେ । ଦିଲ୍ଲୀ ଓ ଲକ୍ଷ୍ନୌ, କାନପୁର, ଆଗ୍ରା,




ଅଲ୍ଲାହାବାଦ ଓ ଆଲିଗଡ଼ ବିଦ୍ରୋହର କେନ୍ଦ୍ର ହୋଇଥିଲା । ବିଦ୍ରୋହୀମାନେ ଗୋରା ଦେଖିଲାକ୍ଷଣି ମାରିଲେ, ଘର-ଦ୍ୱାର ପୋଡ଼ିଦେଲେ । ଖଜଣାଖାନା ଲୁଟି କଲେ, ସେମାନେ ଦିଲ୍ଲୀକୁ ଯାଇ ଦିଲ୍ଲୀର ନାମମାତ୍ର

ସମ୍ରାଟ୍ ବାହାଦୁରସାହଙ୍କୁ ଦିଲ୍ଲୀର ସମ୍ରାଟ୍ ବୋଲି ଘୋଷଣା କଲେ । ଇଂରେଜମାନଙ୍କର ଅବସ୍ଥା ବଡ଼ ବିଷମ ହେଲା । କମ୍ପାନୀର ରାଜ୍ୟ ଟଳମଳ ହେଲା ।

ଯାହାହେଉ, କ୍ୟାନିଙ୍ଗ୍ ସାହେବ ବଡ଼ ଧୀରସ୍ଥିରଭାବରେ ବିଦ୍ରୋହର ଦମନ ଆରମ୍ଭ କଲେ । ସେନାପତି ହାବେଲକ୍ ନାନା ସାହେବଙ୍କର ସୈନ୍ୟମାନଙ୍କୁ ପରାସ୍ତ କଲେ । ଛଅ ମାସ ଅବରୋଧ ପରେ ଦିଲ୍ଲୀ ଇଂରେଜମାନଙ୍କର ହସ୍ତଗତ ହେଲା । ବୃଦ୍ଧ ମୋଗଲ ସମ୍ରାଟ୍ ବନ୍ଦୀ ହୋଇ ରେଙ୍ଗୁନକୁ ପଠାଗଲେ । ତାଙ୍କର ଦୁଇ ପୁଅ ଓ ନାତିଙ୍କୁ ପଥରେ ଗୁଳି କରି ମାରି ଦିଆଗଲା । ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ଭୀଷଣ ଯୁଦ୍ଧ କରି ନିହତ ହେଲେ । ତାନ୍ତିଆଟୋପୀ ପୁନଃପୁନଃ ହାରିଯାଇ ପଳାଇଗଲେ । ସେ ପରେ ଧୃତ ହୋଇ ୧୮୫୯ ଖ୍ରୀଷ୍ଟାବ୍ଦରେ ଫାଶିଦଣ୍ଡ ପାଇଲେ । ଏହାପରେ କ୍ରମେ କ୍ରମେ ସବୁଆଡ଼ର ବିଦ୍ରୋହ ଶାନ୍ତ ହେଲା ।

ଇଂଲଣ୍ଡର ପାର୍ଲିମେଣ୍ଟ ମହାସଭା ବିବେଚନା କଲେ, ଇଷ୍ଟ-ଇଣ୍ଡିଆ କମ୍ପାନୀ ହାତରେ ଭାରତ ଆଉ ରହିବା ଠିକ୍ ନୁହେ, ତେଣୁ ସେମାନେ ନିଜ ହାତକୁ ଭାରତ ନେଲେ । ଭାରତର ଶାସନ ସକାଶେ ଗୋଟିଏ ନୂତନ ଆଇନ ପ୍ରଣୀତ ହେଲା । ତାହାର ନାମ **ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ବା ଭାରତ ଶାସନବିଧି** । ଏହି ଆକ୍ଟ ଅନୁସାରେ ଭିକ୍ଟୋରିଆ ଭାରତର ମହାରାଣୀ ହେଲେ । ତାଙ୍କ ପକ୍ଷରୁ ଭାରତ ଶାସନ କରିବା ସକାଶେ ଲର୍ଡ଼ କ୍ୟାନିଙ୍ଗ୍ ଗଭର୍ଣ୍ଣର ଜେନେରାଲ ଓ ଭାଇସ୍‌ରୟ ହୋଇ ରହିଲେ । ବିଲାତର ପାର୍ଲିମେଣ୍ଟ ସଭାରେ ଭାରତର କଥା ବୁଝିବା ସକାଶେ ଜଣେ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ରହିଲେ । ମହାରାଣୀ ରାଜ୍ୟଭାର ନେଇ ପ୍ରଜାମାନଙ୍କୁ ଶୁଣାଇବା ସକାଶେ ଗୋଟିଏ ଘୋଷଣାପତ୍ର ପଠାଇଲେ । ଏଲାହାବାଦଠାରେ ଗୋଟିଏ ବଡ଼ ଦରବାର ହୋଇଥିଲା । ସେହି ଦରବାରରେ କ୍ୟାନିଙ୍ଗ୍ ଉକ୍ତ ଘୋଷଣା-

ପତ୍ର ପାଠ କରିଥିଲେ । ପ୍ରତି ଜିଲ୍ଲାର ବଡ଼ ବଡ଼ ସହରରେ ମଧ୍ୟ ସେହି ଘୋଷଣାପତ୍ର ପଠିତ ହୋଇଥିଲା । (୧୮୫୮ ନଭେମ୍ବର ୧ ତାରିଖ) । ସେହି ଘୋଷଣାପତ୍ରର ସାରମର୍ମ ତଳେ ଦିଆଗଲା :—

"ମହାରାଣୀ ଭିକ୍ଟୋରିଆ ଆଜିଠାରୁ ଭାରତର ଶାସନଭାର ନିଜ ହାତରେ ଗ୍ରହଣ କଲେ । ଭାରତର ଲୋକେ ଗୁଣବାନ୍ ହେଲେ, ଜାତି ଧର୍ମ ବର୍ଣ୍ଣ ବିଚାର ନ କରି ସେମାନଙ୍କୁ ସରକାରୀ କାର୍ଯ୍ୟ ଦିଆଯିବ । କମ୍ପାନୀଙ୍କ ଅମଳରେ ଯାହାଙ୍କ ସହିତ ଯେଉଁ ସନ୍ଧି ଥିଲା, ତାହା ସେହିପରି ରହିବ । ସରକାର କାହାରି ଧର୍ମରେ ହସ୍ତକ୍ଷେପ କରିବେ ନାହିଁ । ଭାରତର ପ୍ରାଚୀନ ଆଚାର ବ୍ୟବହାର ପ୍ରତି ସମ୍ମାନ ଦେଖାଯିବ । ନ୍ୟାୟ ଉପରେ ଭାରତର ଶାସନ ଚାଲିବ । ଦେଶୀୟ ରାଜାମାନେ ପୋଷ୍ୟ-ପୁତ୍ର ଗ୍ରହଣ କରି ପାରିବେ ।"



ମହାରାଣୀ ଭିକ୍ଟୋରିଆ

## ଅନୁଶୀଳନୀ

୧ । ନିମ୍ନଲିଖିତ ଉକ୍ତିମାନଙ୍କ ମଧ୍ୟରୁ ଯାହା କାରଣ, ତାହାର ପୂର୍ବରେ (କ) ଲେଖ, ଯାହା ଫଳ ତାହାର ପୂର୍ବରେ (ଖ) ଲେଖ । ଯେଉଁଠାରେ ଦୁଇଟି ଉକ୍ତି ଅଛି ଏବଂ ଦୁଇଟିଯାକ ଭୁଲ୍ ଅଛି ଯହିଁ ତୁମକୁ ଘଟଣା ବୋଲି ଜଣାଯାଏ, ତେବେ ସେହି ଉକ୍ତିର ପୂର୍ବରେ (ଗ) ଲେଖ ।

ଇଂରେଜମାନେ ଯେତୁ ପାଇଲେ ।

ବ୍ରହ୍ମବାସୀ ଇଂରେଜ ବଣିକ୍‌ମାନଙ୍କ ଉପରେ ଅତ୍ୟାଚାର କଲେ ।

ଇଂରେଜ ଦୂତ କ୍ଷତିପୂରଣ ଦାବୀ କଲେ ।

ବ୍ରହ୍ମବାସୀ ତୋପ ଚଳାଇଲେ ।

୨ । ନିମ୍ନଲିଖିତ ଯୁଦ୍ଧ କେଉଁ ସମୟରେ ଘଟିଥିଲା ?

ଚିଲିଆନ୍‌ୱାଲା—ଗୁଜରାଟ—ଉକ୍ତ ଯୁଦ୍ଧର ଫଳ ଲେଖ ।

୧——, ୨——

୩ । ଦ୍ୱିତୀୟ ଶିଖସମରର ଦୁଇ ଜଣ ପ୍ରଧାନ ଶିଖବିଦ୍ରୋହୀଙ୍କର ନାମ ଲେଖ ।

୪ । ନିମ୍ନଲିଖିତମାନଙ୍କର ନାମ ଲେଖ ।

(କ) ସିପାହୀବିଦ୍ରୋହରେ ଯୋଗ ଦେଇ ନ ଥିବା ପ୍ରଦେଶ ।

(ଖ) ବିଦ୍ରୋହର ପ୍ରଧାନ ନେତା ।

(ଗ) ବିଦ୍ରୋହ ଦମନ କରିଥିବା ସେନାପତି ।

(ଘ) ରାଜ୍ୟସ୍ୱତ୍ୱଲୋପନୀତିରେ ମିଶିଥିବା ରାଜ୍ୟ ।

୫ । "ଡେଲହାଉସୀ ଯେତେଗୁଡ଼ିଏ ରାଜ୍ୟ କମ୍ପାନୀର ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ କରିଥିଲେ, ତନ୍ମଧ୍ୟରୁ ଅଯୋଧ୍ୟା ରାଜ୍ୟ ଅଧିକାର ସବୁଠାରୁ ଦୋଷାବହ"—କାହିଁକି ?

୬ । ରାଜ୍ୟସ୍ୱତ୍ୱଲୋପନୀତି ଅନିର୍ଦ୍ଦିଷ୍ଟ ପ୍ରଚଳିତ ଥିଲେ ତୁମ୍ଭ ମତରେ ଭାରତର କି ଉପକାର ବା ଅପକାର ହୋଇଥାନ୍ତା ?

୭ । "ଡେଲ୍‌ହାଉସୀ ଭାରତରେ ନବଯୁଗର ପ୍ରବର୍ତ୍ତନ କରିଥିଲେ"—ଏ ବିଷୟରେ ଗୋଟିଏ ପ୍ରବନ୍ଧ ଲେଖ ।

୮ । "ସିପାହୀବିଦ୍ରୋହ ଭାରତବାସୀଙ୍କ ପକ୍ଷରେ ଆଶୀର୍ବାଦ"—କିପରି ?

# ଊନବିଂଶ ଅଧ୍ୟାୟ

## ମହାରାଣୀ ଭିକ୍ଟୋରିଆ

**ଲର୍ଡ କ୍ୟାନିଙ୍ଗ୍**—ମହାରାଣୀଙ୍କ ଘୋଷଣାପତ୍ର ଅନୁସାରେ ଲର୍ଡ କ୍ୟାନିଙ୍ଗ୍ ଭାରତର ପ୍ରଥମ ଭାଇସ୍‌ରୟ ହେଲେ । 'ଭାଇସରୟ' ଶବ୍ଦର ଅର୍ଥ ରାଜପ୍ରତିନିଧି । ସିପାହୀବିଦ୍ରୋହରେ ଯୋଗ ଦେଇଥିବା ଦୋଷୀମାନଙ୍କର ଦୋଷର ଯେତେବେଳେ ବିଚାର ହେଲା, କ୍ୟାନିଙ୍ଗ୍ ସେମାନଙ୍କ ପ୍ରତି ବଡ଼ ଦୟା ପ୍ରକାଶ କରିଥିଲେ । ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବା ସକାଶେ ଅନେକେ ତାଙ୍କୁ ଉପଦେଶ ଦେଇଥିଲେ, କିନ୍ତୁ କ୍ୟାନିଙ୍ଗ୍ କାହାରି କଥା ଶୁଣିଲେ ନାହିଁ । କେହି କେହି ତାଙ୍କୁ ଏଥିସକାଶେ "ଦୟାଳୁ କ୍ୟାନିଙ୍ଗ୍" ବୋଲି ବିଦ୍ରୂପ କରୁଥିଲେ । ତାଙ୍କର ଏହି ଦୟାପୂର୍ଣ୍ଣ ବ୍ୟବହାରର ସୁଫଳ ଶୀଘ୍ର ଦେଖାଗଲା । ସେ ଯଦି ଦଣ୍ଡ ଦେବାରେ କଠୋର ହୋଇଥାନ୍ତେ, ଭାରତରେ ସମ୍ଭବତଃ ପୁଣି ବିଦ୍ରୋହ ଘଟିଥାନ୍ତା; କିନ୍ତୁ ତାଙ୍କ ଦୟା ହେତୁରୁ ଭାରତରେ ଅଖଣ୍ଡ ଶାନ୍ତି ସ୍ଥାପିତ ହେଲା । ଯେଉଁ ଲୋକମାନେ ବିଦ୍ରୋହବେଳେ କମ୍ପାନୀଙ୍କୁ ସାହାଯ୍ୟ କରିଥିଲେ, କ୍ୟାନିଙ୍ଗ ସେମାନଙ୍କୁ ନାନାପ୍ରକାର ପୁରସ୍କାର ଦେଲେ । ତାଙ୍କ ଅମଳରୁ ଅପୁତ୍ରକ ରାଜାମାନଙ୍କର ପୋଷ୍ୟପୁତ୍ରମାନେ ପାଳକ ପିତାର ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତି ପାଇଲେ ।

ସିପାହୀବିଦ୍ରୋହ ଦମନ କରିବାରେ ସରକାରଙ୍କର ବିଶେଷ ଋଣ ହୋଇ ପଡ଼ିଥିଲା । ଏହି ଅଭାବ ପୂରଣ କରିବା ସକାଶେ ଇଂଲଣ୍ଡରୁ ଜଣକ ପରେ ଜଣେ ହୋଇ ଦୁଇ ଜଣ ଅର୍ଥସଚିବ ଆସିଥିଲେ । ଏହି ସଚିବମାନେ ଆୟକର ଓ ବାଣିଜ୍ୟକର ବସାଇଲେ ଏବଂ କାଗଜର ନୋଟ ଚଳାଇଲେ । ଏଥିରେ ସରକାରଙ୍କ ଅର୍ଥର ଅଭାବ ଦୂର ହେଲା ।

ସିପାହୀବିଦ୍ରୋହ ପରେ ସେନାବିଭାଗର ଶାସନ ଓ ଶୃଙ୍ଖଳା ବିଶେଷ କଠୋର କରାଯାଇଥିଲା । ଦେଶୀୟ ସୈନିକମାନଙ୍କ ଅପେକ୍ଷା ଗୋରା ସୈନିକମାନଙ୍କ ସଂଖ୍ୟା ଅଧିକ ରଖାଗଲା । ଗୋରା ସୈନିକମାନଙ୍କୁ ଅଧିକ ଅସ୍ତ୍ରଶସ୍ତ୍ର ଓ କ୍ଷମତା ଦିଆ ଯାଇଥିଲା ।

୧୮୬୧ ଖ୍ରୀଷ୍ଟାବ୍ଦରେ ସୁପ୍ରୀମ କୋର୍ଟ, ସଦର ଦେବାନି ଓ ସଦର ନିଜାମତ ଅଦାଲତମାନ ଉଠାଇ ଦିଆଗଲା ଏବଂ ସେ ସବୁ ପରିବର୍ତ୍ତେ ପ୍ରତି ପ୍ରଦେଶରେ ହାଇକୋର୍ଟ ପ୍ରତିଷ୍ଠିତ ହେଲା । ମାକଲେ ବହୁକାଳ ଧରି ଯେଉଁ ବ୍ୟବସ୍ଥାଶାସ୍ତ୍ର ପ୍ରଣୟନ କରିଥିଲେ, ତାହା ଏହିଦିନଠାରୁ ପ୍ରଚଳିତ ହେଲା ।

୧୮୬୧ ଖ୍ରୀଷ୍ଟାବ୍ଦରେ **ଇଣ୍ଡିଆ କାଉନ୍‌ସିଲ ଆକ୍ଟ** ବା ଭାଇସରୟଙ୍କ ବ୍ୟବସ୍ଥାପକ ସଭା ବ୍ୟବସ୍ଥା ବିଧିବଦ୍ଧ ହୋଇଥିଲା । ସେହି ବ୍ୟବସ୍ଥା ଅନୁସାରେ ଭାଇସରୟଙ୍କ ବ୍ୟବସ୍ଥା ସଭାରେ ପ୍ରଜାସାଧାରଣଙ୍କ ନିର୍ବାଚିତ ପ୍ରତିନିଧିମାନେ ସ୍ଥାନ ପାଇଲେ । ଶାସନର ସୁବିଧା ସକାଶେ କେତେଗୁଡ଼ିଏ ବିଭାଗ ସୃଷ୍ଟି ହେଲା । ପ୍ରତି ବିଭାଗ ଜଣେ ଜଣେ କାଉନ୍‌ସିଲର ବା ସଭାସଦଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଲା ।

୧୮୬୨ ଖ୍ରୀଷ୍ଟାବ୍ଦରେ କ୍ୟାନିଙ୍ଗ ଅସୁସ୍ଥ ଶରୀରରେ ବିଲାତକୁ ଫେରିଗଲେ । ତିନି ମାସ ପରେ ତାଙ୍କର ମୃତ୍ୟୁ ହେଲା ।

**ଲର୍ଡ଼ ଲରେନ୍‌ସ**—ଲରେନ୍‌ସ ୧୮୬୪ ରେ ଭାଇସରୟ ହେଲେ । ସେ ପ୍ରଥମେ କମ୍ପାନୀର ଜଣେ ସାମାନ୍ୟ କର୍ମଚାରୀ ବା ସହକାରୀ ମାଜିଷ୍ଟ୍ରେଟ ଥିଲେ । କିନ୍ତୁ ସେ ବଡ଼ ବୁଦ୍ଧିମାନ୍ ଓ ଗୁଣବାନ୍ ଲୋକ ଥିବାରୁ କ୍ରମେ କ୍ରମେ ବଡ଼ ବଡ଼ ପଦକୁ ଉଠିଲେ । ଶେଷରେ ସିପାହୀବିଦ୍ରୋହ ବେଳେ ସେ ପଞ୍ଜାବର ଚିଫ୍ କମିଶନର ଥିଲେ । ସେ ପଞ୍ଜାବରେ ଏପରି ଭଲଭାବରେ ଶାସନକାର୍ଯ୍ୟ ଚଳାଇଥିଲେ ଯେ, ତାଙ୍କ

ଯୋଗୁ ପଞ୍ଜାବରେ ଶିଖମାନେ ବିଦ୍ରୋହୀ ହୋଇ ନ ଥିଲେ ଏବଂ ବିଦ୍ରୋହ ଦମନ ସକାଶେ ସରକାରଙ୍କୁ ଉତ୍କଟ ସାହାଯ୍ୟ କରିଥିଲେ । ଲରେନ୍ସଙ୍କ ଏହି କାର୍ଯ୍ୟରେ କର୍ତ୍ତୃପକ୍ଷ ବଡ଼ ସନ୍ତୁଷ୍ଟ ହୋଇ ତାଙ୍କୁ ରାଜପ୍ରତିନିଧି ପଦରେ ନିଯୁକ୍ତ କରିଥିଲେ ଏବଂ ତାଙ୍କୁ ଲର୍ଡ ଉପାଧି ଦେଇଥିଲେ ।

ଏହାଙ୍କ ସମୟରେ ୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର **ନଅଙ୍କ** ଦୁର୍ଭିକ୍ଷ ଘଟିଥିଲା । ତୁମ୍ଭେମାନେ ଆଜିକାଲି ଓଡ଼ିଶାରେ ରେଲ ଓ କେନାଲ ଦେଖୁଅଛ, କିନ୍ତୁ ସେକାଳରେ ସେସବୁ କିଛି ନ ଥିଲା । ଦେଶରେ ଯେଉଁ ଧାନ ଆଦି ଶସ୍ୟ ହେବ, ସେଥିରେ ଲୋକେ ଚଳିବେ । ଦୈବଯୋଗେ ଯେବେ ବର୍ଷା ଅଭାବରୁ ତାହା ନ ହେଲା, ଲୋକେ ମଲେ । କାରଣ ଦୂର ଦେଶରୁ ଧାନ ଚାଉଳ ବା ଅନ୍ୟାନ୍ୟ ଖାଦ୍ୟ ଆଣିଯାଇ ପାରିବାର କିଛି ସୁବିଧା ନ ଥିଲା । ଏ ବର୍ଷ ମଧ୍ୟ ବର୍ଷା ନ ହେବାରୁ ଶସ୍ୟ ହେଲା ନାହିଁ । ଖାଇବାକୁ ନ ପାଇ ଅନେକ ଲୋକ ମରିବାକୁ ଲାଗିଲେ । ଧନୀ ଲୋକଙ୍କ ଘରେ ଯେଉଁ ସବୁ ଧାନ ଚାଉଳ ପୂର୍ବ ବର୍ଷମାନଙ୍କରୁ ଥିଲା, ସେସବୁ ସେମାନେ ଦାନ କଲେ, କିନ୍ତୁ ତାହା କେତେଦିନ ଯିବ ? ଫଳରେ ଓଡ଼ିଶାର ତୃତୀୟଭାଗରୁ ଭାଗେ ଅର୍ଥାତ୍ କୋଡ଼ିଏ ଲକ୍ଷ ଲୋକ ଖାଇବାକୁ ନ ପାଇ ମଲେ । ଏହିପରି ଦୁର୍ଭିକ୍ଷ ଆଉ ଯେପରି ନ ହେବ, ସେଥି ସକାଶେ ସରକାର ସାବଧାନ ହେଲେ, ରେଲ ବସାଇଲେ ଏବଂ କେନାଲମାନ ଖୋଳାଇଲେ ।

୧୮୬୩ ଖ୍ରୀଷ୍ଟାବ୍ଦରେ କାବୁଲର ଅମୀର ଦୋସ୍ତ ମହମ୍ମଦ ମୃତ୍ୟୁମୁଖରେ ପଡ଼ିଲେ । ତାଙ୍କ ପରେ ତାଙ୍କ ସିଂହାସନ ଲାଗି ବିବାଦ ଉପସ୍ଥିତ ହେଲା । ଲରେନ୍ସ ମନେ କଲେ, କାବୁଲର ଗୋଳମାଳ ଲାଗି ଭାରତର ରାଜକୋଷରୁ ଅର୍ଥ ଖର୍ଚ୍ଚ କରି ସୈନ୍ୟ ପଠାଇବା ଅନାବଶ୍ୟକ ।

କାବୁଲ ଅମୀରବଂଶର ଉତ୍ତରାଧିକାରୀମାନେ ନିଜ ମଧ୍ୟରେ ଯୁଦ୍ଧ କରି ନିଜର ଦାବୀ ପ୍ରମାଣ କରନ୍ତୁ । ଯେ ବିଜୟୀ ହେବ, ଭାରତ ସରକାର ତାଙ୍କୁ ଅମୀର ବୋଲି ସ୍ୱୀକାର କରିବେ । ତାଙ୍କର ଏହି 'ଶାନ୍ତିନୀତି'କୁ "ବିଚକ୍ଷଣ ନିଷ୍କ୍ରିୟତା" (Masterly Inactivity) କୁହାଯାଏ । ଦୋସ୍ତ ମହମ୍ମଦଙ୍କ ପୁଅ ଶେର୍ ଅଲ୍ଲୀ ଯୁଦ୍ଧରେ ସମସ୍ତଙ୍କୁ ପରାସ୍ତ କରି କାବୁଲ ସିଂହାସନ ଅଧିକାର କଲେ । ଲରେନ୍ସ ତାହାଙ୍କୁ ଅମୀର ବୋଲି ସ୍ୱୀକାର କଲେ ।

ଲରେନ୍ସ ରୁର୍କିଠାରେ ଭାରତପ୍ରସିଦ୍ଧ ଇଞ୍ଜିନିଅରିଙ୍ଗ୍ କଲେଜ ସ୍ଥାପନ କରିଥିଲେ । ତାଙ୍କ ପରବର୍ତ୍ତୀ ଭାଇସରୟ ଲର୍ଡ ମେୟୋ ଭାରତର ରାଜପୁତ୍ରମାନଙ୍କ ଉଚ୍ଚଶିକ୍ଷା ସକାଶେ ଆଜମୀରରେ "ମେୟୋ କଲେଜ" ବସାଇଥିଲେ । ଏହି କାର୍ଯ୍ୟ ସକାଶେ ଦେଶୀୟ ରାଜାମାନେ ତାଙ୍କ ଉପରେ ବିଶେଷ ସନ୍ତୁଷ୍ଟ ହୋଇଥିଲେ ଏବଂ ତାଙ୍କୁ ସେମାନଙ୍କର "ବନ୍ଧୁ" ଆଖ୍ୟା ଦେଇଥିଲେ ।

ମେୟୋ ପ୍ରାଦେଶିକ ସରକାରମାନଙ୍କୁ ଅଭ୍ୟନ୍ତରୀଣ ଆୟ ବ୍ୟୟ ସମ୍ବନ୍ଧରେ ସ୍ୱାଧୀନତା ଦେଇଥିଲେ । ପ୍ରାଦେଶିକ ସରକାରମାନେ ନିଜ ପ୍ରଦେଶର ଆୟ ଅନୁସାରେ ବ୍ୟୟ କରିବାକୁ ବାଧ୍ୟ ହୋଇଥିଲେ ।

ମେୟୋ ଅନେକଗୁଡ଼ିଏ ରାଜପଥ, ରେଲପଥ ଓ କେନାଲ ବଢ଼ାଇଥିଲେ । ତାଙ୍କ ଅମଳରେ ସରକାରୀ କୃଷିବିଭାଗ ସ୍ଥାପିତ ହୋଇଥିଲା ଏବଂ ଅବକାରୀ ଠିକାସର ବ୍ୟବସ୍ଥା କରାଯାଇଥିଲା । ମେୟୋ ୧୮୭୨ ଖ୍ରୀଷ୍ଟାବ୍ଦରେ ଭାରତ ତ୍ୟାଗ କଲେ ।

୧୮୭୫ ଖ୍ରୀଷ୍ଟାବ୍ଦରେ ଭିକ୍ଟୋରିଆଙ୍କ ଜ୍ୟେଷ୍ଠପୁତ୍ର ତଦାନୀନ୍ତନ ପ୍ରିନ୍ସ ଅବ୍ ୱେଲ୍ସ ଓ ପରବର୍ତ୍ତୀ ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ ଭାରତଭ୍ରମଣ ସକାଶେ ଆସିଥିଲେ ।

**ଲର୍ଡ଼ ଲିଟନ୍** ୧୮୭୬ ରୁ ୧୮୮୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାଇସ୍‌ରୟ୍ ଥିଲେ । ୧୮୭୭ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀଠାରେ ଏକ ବଡ଼ ଦରବାର ହୋଇଥିଲା ଏବଂ ଭିକ୍ଟୋରିଆଙ୍କୁ ସେହି ଦରବାରରେ ଭାରତର ମହାରାଣୀ (ଭାରତସମ୍ରାଜ୍ଞୀ) ବୋଲି ଘୋଷଣା କରାଯାଇଥିଲା ।

ଲର୍ଡ଼ ଲିଟନ୍ "ଛାପାଖାନା ଆଇନ" ବା "ମୁଦ୍ରାଯନ୍ତ୍ର ଆଇନ" (ପ୍ରେସ ଅକ୍ଟ) ଜାରି କରିଥିଲେ । ଯେଉଁମାନେ ସରକାରଙ୍କ ବିରୋଧରେ ରାଜଦ୍ରୋହମୂଳକ କୌଣସି ଲେଖା ପ୍ରକାଶ କଲେ, ସେମାନେ ଏହି ଆଇନ ଅନୁସାରେ ଦଣ୍ଡିତ ହେଲେ । ଲିଟନ୍ "ଅସ୍ତ୍ରଆଇନ" ମଧ୍ୟ ଜାରି କରିଥିଲେ । ଏହାର ଫଳରେ ଭାରତୀୟମାନେ ସରକାରଙ୍କ ଅନୁମତି ବିନା ତୋପ, ବନ୍ଧୁକ ଗୋଳା, ବାରୁଦ, ଖଣ୍ଡା ପ୍ରଭୃତି ଅସ୍ତ୍ରଶସ୍ତ୍ର ଅର୍ଥାତ୍ କୃଷିବ୍ୟବହାର୍ଯ୍ୟ ଉପକରଣ ଛଡ଼ା ଅନ୍ୟ କୌଣସି ଅସ୍ତ୍ର ରଖି ପାରିଲେ ନାହିଁ । ଏହି ଆଇନ ଆଜିପର୍ଯ୍ୟନ୍ତ ଚଳୁଛି । ପରବର୍ତ୍ତୀ ଭାଇସ୍‌ରୟ୍ ରିପନ ମୁଦ୍ରାଯନ୍ତ୍ର ଆଇନକୁ ଉଠାଇ ନେଇଥିଲେ ।

**ଲର୍ଡ଼ ରିପନ୍**—ଖ୍ରୀଷ୍ଟାବ୍ଦ ୧୮୮୦ ରୁ ୧୮୮୪ ପର୍ଯ୍ୟନ୍ତ ଗଭର୍ଣ୍ଣର କାର୍ଯ୍ୟ କରିଥିଲେ । ସେ ଦ୍ୱିତୀୟ ଅଫଗାନ ସମର ଶେଷ କଲେ । ଅମୀର ପରାସ୍ତ ହୋଇ ପାରସ୍ୟକୁ ପଳାୟନ କଲେ । କାବୁଲର ପୂର୍ବତନ ଅମୀର ଦୋସ୍ତ ମହମ୍ମଦଙ୍କ ଜଣେ ଉତ୍ତରାଧିକାରୀ ଅବଦୁର ରହମନ୍ ଅମୀର ପଦ ପାଇଲେ ।

ଚତୁର୍ଥ ମହୀଶୂର ସମର ପରେ ଟିପୁଙ୍କ ବଂଶଧରମାନଙ୍କୁ ରାଜ୍ୟଚ୍ୟୁତ କରି ୱେଲେସ୍‌ଲି ମହୀଶୂରର ପୂର୍ବ ହିନ୍ଦୁ ରାଜାଙ୍କ ଜଣେ ବଂଶଧରଙ୍କୁ ମହୀଶୂର ରାଜ୍ୟ ପ୍ରତ୍ୟର୍ପଣ କରିଥିଲେ । କିନ୍ତୁ ସେ ଭଲ ଶାସନ ନ କରିବାରୁ ବେଣ୍ଟିଙ୍କ୍ ସେହି ରାଜ୍ୟର ଶାସନକାର୍ଯ୍ୟ ନିଜ ହସ୍ତକୁ ନେଇ-ଥିଲେ । ତାଙ୍କ ପୁତ୍ର ଚାମ୍ ରାଜେନ୍ଦ୍ର ଉଦେୟାରଙ୍କ ସୁଗୁଣ ଦେଖି ରିପନ୍ ତାଙ୍କ ହସ୍ତରେ ମହୀଶୂର ରାଜ୍ୟ ପୁଣି ଅର୍ପଣ କଲେ (୧୮୮୧) ।

ଭାରତବାସୀଙ୍କ ମଧ୍ୟରୁ ଅନେକେ ଏତେବେଳକୁ ଇଂରାଜୀ ଶିକ୍ଷା ପାଇଥିଲେ । ସେମାନେ ପାଶ୍ଚାତ୍ୟ ଧରଣର ସ୍ୱାୟତ୍ତଶାସନ ବିଷୟରେ ଜ୍ଞାନଲାଭ କରିଥିଲେ । ଭାରତର ଶିକ୍ଷିତ ସଂଖ୍ୟା ଅଳ୍ପ ହେଲେ ମଧ୍ୟ ସେମାନଙ୍କର ଶକ୍ତି ଓ ପ୍ରତିଷ୍ଠା ନ୍ୟୂନ ନ ଥିଲା । ସେମାନେ ପାଶ୍ଚାତ୍ୟ ଶାସନପ୍ରଣାଳୀର ଅନୁସରଣରେ ନିଜ ଦେଶର ଶାସନରେ ଅଧିକାର ଦାବୀ କଲେ । ଦେଶପ୍ରାଣ ତେଜସ୍ୱୀ କେତେକ ଭାରତବାସୀ ସମିତିମାନ ଗଠନ କରି ରିପନ୍‌ଙ୍କ ଅମଳରେ ସରକାରଙ୍କୁ ଭାରତୀୟ ଜାତିର ଆକାଂକ୍ଷା ଜଣାଇବାକୁ ଉଦ୍ୟମ କରିଥିଲେ । ଲର୍ଡ ରିପନ୍ ସେମାନଙ୍କ ଉଦ୍ୟମ ଓ ଆକାଂକ୍ଷାରେ ସହାନୁଭୂତି ଦେଖାଇଲେ । ସେ ଭାରତରେ ସ୍ୱାୟତ୍ତ-ଶାସନର ମୂଳଭିତ୍ତି ସ୍ଥାପନ କଲେ । ଭାରତର ସ୍ୱାୟତ୍ତଶାସନର ବୀଜ ପଡ଼ିଲା । ଭାରତୀୟମାନେ ସ୍ୱାୟତ୍ତଶାସନ ବିଷୟରେ ଶିକ୍ଷା ପାଇବେ ବୋଲି ରିପନ୍ ପ୍ରଥମେ ଶାସନ ସମ୍ବନ୍ଧରେ କେତେକ ପରିବର୍ତ୍ତନ ଆଣିଲେ । ତଦନୁସାରେ ଭାରତରେ ଡିଷ୍ଟ୍ରିକ୍‌ବୋର୍ଡ ଓ ମ୍ୟୁନିସିପାଲିଟିମାନ ବସିଲା । ଏହି ବୋର୍ଡମାନ ଜିଲ୍ଲାବାସୀଙ୍କ ହାତରେ ରହିଲା । ସେହି ବୋର୍ଡରେ କାର୍ଯ୍ୟ କରିବାକୁ ଜିଲ୍ଲାର ଲୋକେ ନିଜ ମଧ୍ୟରୁ ସଭ୍ୟ ବାଛିଲେ । ସଭ୍ୟମାନେ ମିଳି ଜିଲ୍ଲାର ପଥ, କୂପ, ପୋଖରୀ, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ବିଷୟରେ ବ୍ୟବସ୍ଥା କଲେ । ଫଳରେ ଭାରତବାସୀ କ୍ରମେ କ୍ରମେ ଶିକ୍ଷା ପାଇ ଆତ୍ମ-ଶାସନ ନିମନ୍ତେ ପ୍ରସ୍ତୁତ ହେଲେ । ବିଂଶ ଶତାବ୍ଦୀରେ ଲର୍ଡ ମଣ୍ଟେଗୁ ଓ ଲର୍ଡ ଚେମସ୍‌ଫୋର୍ଡଙ୍କ ଅମଳରେ ଭାରତବାସୀ ସ୍ୱାୟତ୍ତ-ଶାସନରେ ଅଧିକ କ୍ଷମତା



ଲର୍ଡ ରିପନ୍

ପାଇଲେ ଏବଂ କ୍ରମେ ପୁଣି ଅଧିକ ଅଧିକ କ୍ଷମତା ଓ ସମ୍ପୂର୍ଣ୍ଣ ସ୍ୱାୟତ୍ତ-ଶାସନ ପାଉଛନ୍ତି । ଭାରତରେ ସ୍ୱାୟତ୍ତଶାସନର ମୂଳଦୁଆ ଆରମ୍ଭ କରି ଲର୍ଡ଼ ରିପନ୍ ଭାରତବାସୀଙ୍କ ଚିରସ୍ମରଣୀୟ ହୋଇଅଛନ୍ତି । ଭାରତ-ବାସୀ ଇଂରେଜଙ୍କ ହାତରୁ ନିକଟରେ ଔପନିବେଶିକ ଶାସନ ଅଧିକାର ପାଇବେ ବୋଲି ଆଶା କରାଯାଏ ।

ଏହା ଛଡ଼ା ରିପନ୍ ଅନ୍ୟାନ୍ୟ ଅନେକ ଦେଶହିତକର କାର୍ଯ୍ୟ କରିଥିଲେ । ଦେଶବାସୀଙ୍କ ସମ୍ବନ୍ଧରେ ବିଶେଷ ବିବରଣ ଓ ସେମାନଙ୍କର ସାମାଜିକ ଅବସ୍ଥା ଜାଣିବା ସକାଶେ ସେ ୧୮୮୧ ଖ୍ରୀଷ୍ଟାବ୍ଦରେ ଏକ ଜନଗଣନା (ସେନସସ୍) ଆରମ୍ଭ କରିଥିଲେ । କାର୍ଯ୍ୟାଳୟମାନଙ୍କରେ ନିଯୁକ୍ତ ଅଳ୍ପବୟସ୍କ ବାଳକମାନଙ୍କର କାୟିକ ପରିଶ୍ରମ ବିଷୟରେ ସେ ଏକ ଆଇନ ପ୍ରଣୟନ କରିଥିଲେ । କୃଷି ଓ ରାଜସ୍ୱ ବିଭାଗର ସଂସ୍କାର କରି କୃଷକମାନଙ୍କର ଉପକାର କରିଥିଲେ । କୃଷିଜାତ ଦ୍ରବ୍ୟର ଏକ ପ୍ରଦର୍ଶନୀ ଆରମ୍ଭ କରି କୃଷିର ଉନ୍ନତି କରିଥିଲେ । ୧୮୮୨ ଖ୍ରୀ: ଅ:ରେ ଲୁଣକର ହ୍ରାସ କରି ଦରିଦ୍ରମାନଙ୍କର ବିଶେଷ ଉପକାର ସାଧନ କରିଥିଲେ । କାର୍ପାସ ଆମଦାନୀ ଶୁଳ୍କ ଉଠାଇ ଦେଇ ବାଣିଜ୍ୟର ଉନ୍ନତି କରିଥିଲେ । ମୁଦ୍ରାଯନ୍ତ୍ରକୁ କେତେକ ବିଷୟରେ ରିପନ ସ୍ୱାଧୀନତା ଦେଇଥିଲେ । ଦେଶୀୟ ବିଦ୍ୟାଳୟମାନଙ୍କୁ ସାହାଯ୍ୟ ଦେବାକୁ, ପ୍ରାଥମିକ ଶିକ୍ଷାର ବହୁଳ ବିସ୍ତାର କରିବାକୁ ଏବଂ ନିମ୍ନଶ୍ରେଣୀଙ୍କୁ ଶିକ୍ଷିତ କରିବାକୁ କି ଯତ୍ନ କରାଯିବ, ତାହା ତଦନ୍ତ କରି ରିପୋର୍ଟ ଦେବାକୁ **ହଣ୍ଟର କମିସନ** ନାମରେ ଏକ ସମିତି ବସିଥିଲା ।

ରିପନ୍ ୧୮୮୪ ଖ୍ରୀ: ଅ: ରେ କାର୍ଯ୍ୟତ୍ୟାଗ କଲେ । ସେ ପ୍ରଜାମାନଙ୍କୁ ବଡ଼ ଭଲ ପାଉଥିଲେ । ତାଙ୍କ ଯିବାବେଳେ ପ୍ରଜାମାନେ ନ କାନ୍ଦି ରହି ପାରି ନ ଥିଲେ । ଏଥିରୁ ବୁଝାଯାଏ, ତାଙ୍କ ପ୍ରତି ପ୍ରଜାମାନଙ୍କର କି ଗାଢ଼ ଅନୁରାଗ ଥିଲା ।

ସେପରି ଭାରତବାସୀମାନଙ୍କର ଆଖି ଖୋଲି ଦେଇଥିଲେ । ତାଙ୍କ ଶାସନ-ସଂସ୍କାର ଫଳରେ ଭାରତବାସୀଙ୍କ ହୃଦୟରେ ସ୍ୱାୟତ୍ତଶାସନର ଅଙ୍କୁର ଜାତ ହୋଇଥିଲା । ଶାସିତମାନେ ଶାସନ ସମ୍ବନ୍ଧରେ ନିଜ ମତ ବ୍ୟକ୍ତ କରିବେ ଏବଂ ସେହି ମତ ଅନୁସାରେ ଶାସନଗତ ବ୍ୟବସ୍ଥାମାନ ପ୍ରଣୀତ ହେବା ଉଚିତ, ଏହି ଭାବଧାରା ସେମାନଙ୍କ ପ୍ରାଣରେ ଖେଳି ଯାଇଥିଲା । ଏହି ଆଶା ଓ ଭାବକୁ ଜୀବନ ଦେବା ନିମନ୍ତେ ଭାରତୀୟ-ମାନେ ସମଷ୍ଟିଗତ ଆନ୍ଦୋଳନ କରିବାର କଳ୍ପନା କଲେ । ଭାରତର ପ୍ରଧାନ ନେତା ବାଳଗଙ୍ଗାଧର ତିଳକ ସେହି ଆନ୍ଦୋଳନ ସଙ୍କାଶେ ଏବଂ ଭାରତୀୟ ଜାତୀୟ ଆକାଂକ୍ଷାର ମୁଖ ଆକାରରେ **ଭାରତଜାତୀୟ କଂଗ୍ରେସ** ଅନୁଷ୍ଠାନର ସୃଷ୍ଟି କଲେ । ରିପନଙ୍କ ଭାରତତ୍ୟାଗର ଠିକ୍ ବର୍ଷକ ପରେ ଏହି ଅନୁଷ୍ଠାନ ୧୮୮୫ ଖ୍ରୀ:ଅ:ରେ ଦେଖାଦେଲା । ସେହି ଦିନଠାରୁ ଏହି କଂଗ୍ରେସ ବର୍ଷକେ ଥରେ ଭାରତର କୌଣସି ନା କୌଣସି ସହରରେ ବସି ଆସୁଅଛି । ୧୮୮୫ ଖ୍ରୀ: ଅ:ରୁ ଆଜି ପର୍ଯ୍ୟନ୍ତ ଭାରତର କି କି କାର୍ଯ୍ୟ ଏହି କଂଗ୍ରେସ ସାଧନ କରିଅଛି ଏବଂ ଭାରତୀୟମାନଙ୍କୁ ରାଜନୈତିକ କ୍ଷେତ୍ରରେ କେତେଦୂର ଅଗ୍ରସର କରିଅଛି, ତାହା କେବଳ କଳ୍ପନାର ବିଷୟ ଅଟେ । କଂଗ୍ରେସ ବର୍ତ୍ତମାନ ଭାରତର ସର୍ବଶ୍ରେଷ୍ଠ ଶକ୍ତି ଏବଂ ଅନୁଷ୍ଠାନରେ ପରିଣତ ହୋଇଅଛି । କଂଗ୍ରେସର ମତ ବର୍ତ୍ତମାନ ଭାରତବାସୀଙ୍କ ମତ ହୋଇ ପାରିଅଛି ।

ମହାରାଣୀ ଭିକ୍ଟୋରିଆ ୧୮୮୭ ଖ୍ରୀ: ଅ:ରେ ତାଙ୍କ ରାଜତ୍ୱର ପଚାଶ ବର୍ଷ ପୂର୍ଣ୍ଣ କଲେ; ତେଣୁ ତାଙ୍କ ସାମ୍ରାଜ୍ୟର ପ୍ରଜାମାନେ ମହାଆନନ୍ଦରେ **ସୁବର୍ଣ୍ଣ ଜୁବିଲୀ** ଆନନ୍ଦ ଉତ୍ସବ ପାଳନ କରିଥିଲେ ।

୧୮୯୭ ଖ୍ରୀଷ୍ଟାବ୍ଦରେ ସେହିପରି ମହାରାଣୀଙ୍କ ଷାଠିଏ ବର୍ଷ ରାଜତ୍ୱ ପୂର୍ଣ୍ଣ ହେବାରୁ **ହୀରକ ଜୁବିଲୀ** ଉତ୍ସବ ପାଳିତ ହୋଇଥିଲା ।

୧୯୦୧ ରେ ମହାରାଣୀ ଭିକ୍ଟୋରିଆ ତାଙ୍କ ରାଜତ୍ୱର ୬୩ ବର୍ଷ ପୂର୍ଣ୍ଣ କରି ପ୍ରଜାମାନଙ୍କୁ ଦୁଃଖସାଗରରେ ବୁଡାଇ ଦେଇ ଇହଲୀଳା ଶେଷ କଲେ ।

## ବିଂଶ ଅଧ୍ୟାୟ

## ସପ୍ତମ ଏଡ଼ୱାର୍ଡ଼

ମହାରାଣୀ ଭିକ୍ଟୋରିଆଙ୍କ ପରେ ତାଙ୍କ ଜ୍ୟେଷ୍ଠପୁତ୍ର ସପ୍ତମ ଏଡ୍ୱାର୍ଡ୍ ସମ୍ରାଟ୍ ହେଲେ । କର୍ଜନ ଏତେବେଳେ ଭାଇସ୍‌ରୟ ଥିଲେ । ସେ ୧୮୯୯ ରୁ ୧୯୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାଇସ୍‌ରୟ ଥିଲେ ।

ସମସ୍ତ ବଙ୍ଗ, ବିହାର ଓ ଓଡ଼ିଶା ଏତେବେଳେ ଜଣେ ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ଅଧୀନ ଥିଲା । କର୍ଜନ ମନେ କଲେ, ଏତେ ବଡ଼ ପ୍ରଦେଶ ଜଣେ ଲୋକଦ୍ୱାରା ଶାସିତ ହେବା କଠିନ ଅଟେ; ତେଣୁ ସେ ପୂର୍ବବଙ୍ଗକୁ କାଢ଼ିନେଇ ଆସାମ ସଙ୍ଗେ ମିଶାଇ-ଦେଲେ । ପଶ୍ଚିମ ବଙ୍ଗ, ବିହାର ଓ ଓଡ଼ିଶା ଗୋଟିଏ ପ୍ରଦେଶ ହୋଇ ରହିଲା । ଏଥିରେ ବଙ୍ଗବାସୀ ବଡ଼ ବିରକ୍ତ ହେଲେ । ସେମାନେ ମନେ-କଲେ, ଏକ ବଙ୍ଗାଳୀ ଜାତିକୁ ଦୁଇ ଶାସନରେ ରଖି ସରକାର ସେମାନଙ୍କର ଜାତୀୟତା ନାଶ କରୁଅଛନ୍ତି । ବଙ୍ଗଳାରେ



ସପ୍ତମ ଏଡ୍‌ୱାର୍ଡ

ଘୋର ଆନ୍ଦୋଳନ ହେଲା । ଏହି ଆନ୍ଦୋଳନକୁ **ବନ୍ଦେ ମାତରଂ** ଆନ୍ଦୋଳନ କହନ୍ତି । ବଙ୍ଗଳାରେ ଏକ ବିଦ୍ରୋହୀ ଅରାଜକ ଦଳ ବାହାରିଲେ । ଏମାନେ ଲୋକଙ୍କୁ ବଧ କଲେ ଏବଂ ଲୁଟ ଲୁଟ ଉପଦ୍ରବ ଆରମ୍ଭ କଲେ ।

ଶେଷରେ ସମ୍ରାଟ୍ ପଞ୍ଚମ ଜର୍ଜ ସ୍ୱୟଂ ଭାରତକୁ ଆସି ୧୯୧୧ ଡିସେମ୍ବର ୧୨ ତାରିଖ ଦିନ ଦିଲ୍ଲୀରେ ଏକ ବଡ଼ ଦରବାର କଲେ। ସେଥିରେ ସେ ଘୋଷଣା କଲେ ଯେ, ସମଗ୍ର ବଙ୍ଗ ଗୋଟିଏ ପ୍ରଦେଶ ହୋଇ ରହିବ। ବିହାର, ଛୋଟନାଗପୁର ଓ ଓଡ଼ିଶା ଏକ ଅଲଗା ପ୍ରଦେଶ ହେବ ଏବଂ ଆସାମ ପୂର୍ବପରି ଜଣେ ଚିଫ୍ କମିଶନରଙ୍କ ତଳେ ରହିବ। ସମ୍ରାଟଙ୍କ ଇଚ୍ଛାନୁସାରେ ଏହି ଦିନଠାରୁ ଇଂରେଜମାନେ କଲିକତାରୁ ପୁରାତନ ଦିଲ୍ଲୀ ନଗରକୁ ରାଜଧାନୀ ଉଠାଇ ନେଇଥିଲେ। ସମ୍ରାଟ ମହୋଦୟ ଏହି ଦିନ ଭାରତର ପ୍ରାଥମିକ ଶିକ୍ଷା ସକାଶେ ୫୦ ଲକ୍ଷ ଟଙ୍କା ଦାନ କରିଥିଲେ।

ଅନେକଗୁଡ଼ିଏ ସଂସ୍କାର ଲାଗି କର୍ଜନ ପ୍ରସିଦ୍ଧ ହୋଇଅଛନ୍ତି। ଶିକ୍ଷା, କୃଷି, ଆଇନ, ବାଣିଜ୍ୟ, ଗୃହଶିଳ୍ପ, ପୋଲିସ୍, ସେନା, ଅର୍ଥ ପ୍ରଭୃତି ସମସ୍ତ ବିଭାଗରେ ସେ କିଛି ନା କିଛି ସଂସ୍କାର କରିଥିଲେ। ଭାରତର ପୁରାତନ କୀର୍ତ୍ତିସବୁର ରକ୍ଷା ଲାଗି ସେ ଗୋଟିଏ ନୂତନ ବିଭାଗର ସୃଷ୍ଟି କରିଥିଲେ। ତାହାର ନାମ ପ୍ରତ୍ନତତ୍ତ୍ୱ ବିଭାଗ ବା ଆର୍କିଓଲଜିକେଲ ଡିପାର୍ଟମେଣ୍ଟ। ଭାରତର ପୁରାତନ ଦୁର୍ଗ, ମନ୍ଦିର, ସ୍ତୂପ, ମସଜିଦ ପ୍ରଭୃତିର ରକ୍ଷା କରିବା ଏବଂ ପୋତି ହୋଇଥିବା ବା ନଷ୍ଟ ହୋଇ ଯାଉଥିବା କୀର୍ତ୍ତିସବୁର ଉଦ୍ଧାର କରିବା ଏହି ବିଭାଗର କାର୍ଯ୍ୟ। ଏହି ବିଭାଗଦ୍ୱାରା ଭାରତର


ଲର୍ଡ଼ କର୍ଜନ

ଅଶେଷ ଉପକାର ସାଧିତ ହେଉଅଛି । କର୍ଜନଙ୍କ ଅମଳରେ ୧୯୦୪ ଖ୍ରୀଷ୍ଟାବ୍ଦରୁ ଭାରତରେ କୋ-ଅପରେଟିଭ ସୋସାଇଟିମାନ ବସିବାର ଆରମ୍ଭ ହୋଇଅଛି । ଗରିବ ପ୍ରଜାମାନେ ଏପରି ସୋସାଇଟିମାନଙ୍କରୁ ଅଳ୍ପ ସୁଧରେ ଋଣ ପାଇ ଧନୀ ଋଣଦାତାମାନଙ୍କ ହାତରୁ ରକ୍ଷା ପାଉଅଛନ୍ତି ।

କର୍ଜନ ଉତ୍କଳବାସୀମାନଙ୍କ ପ୍ରତି ବିଶେଷ ସହାନୁଭୂତି ଦେଖାଉଥିଲେ । ସେ ଭାରତରୁ ଯିବା ପରେ ଥରେ ବିଲାତର ଗୋଟିଏ ସଭାରେ କହିଥିଲେ, ଓଡ଼ିଆମାନେ ଆନ୍ଦୋଳନ କରି ଜାଣନ୍ତି ନାହିଁ । ଭାଷା ହିସାବରେ ପ୍ରଦେଶ ଗଠନ କରିବା ଭାବ ପ୍ରଥମେ ତାଙ୍କ ମୁଣ୍ଡରେ ଖେଳିଥିଲା । ଓଡ଼ିଆ ଭାଷା କହୁଥିବା ସମଗ୍ର ଅଞ୍ଚଳ ଗୋଟିଏ ପ୍ରଦେଶ ତଳେ ରଖିବାକୁ ସେ ଚାହୁଁଥିଲେ, କିନ୍ତୁ ମାନ୍ଦ୍ରାଜ ସରକାର ବାଧା ଦେବାରୁ ସେ ତାହା କରି ପାରି ନ ଥିଲେ, ତେଣୁ ସେ ମଧ୍ୟପ୍ରଦେଶରୁ ସମ୍ବଲପୁର ଜିଲ୍ଲା ଏବଂ ତାହାର ଅନ୍ତର୍ଗତ ପାଟଣା, ସୋନପୁର, ବାମଣ୍ଡା, ରାଇରାଖୋଲ, କଳାହାଣ୍ଡି ଓ ରେଢ଼ାଖୋଲ ଏହି ଛଅ ଗୋଟି ଦେଶୀୟ ରାଜ୍ୟ ଆଣି ଓଡ଼ିଶା ସଙ୍ଗେ ମିଶାଇଥିଲେ ।

ସେ ଭାରତର ସୀମାନ୍ତ ଅଞ୍ଚଳ ନିରାପଦ ରଖିବା ଲାଗି ପଞ୍ଜାବ ପ୍ରଦେଶର ପଶ୍ଚିମ ଅଂଶ ନେଇ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ ଗଠନ କରିଥିଲେ । ଏତେବେଳେ ରୁଷୀୟମାନେ ବିଶେଷ ଶକ୍ତିଶାଳୀ ହୋଇଥିଲେ । ସେମାନେ କାଳେ ଖାଇବର-ବୋଲାନ ବାଟେ ଭାରତକୁ ଆସିବାର କଳ୍ପନା କରିବେ ଏବଂ ସେହି ବିପଦ ଘଟିଲେ ପଞ୍ଜାବର ଗଭର୍ଣ୍ଣର ବଡ଼ ପ୍ରଦେଶର ଶାସନକାର୍ଯ୍ୟରେ ବ୍ୟସ୍ତ ରହି କିଛି କରି ପାରିବେ ନାହିଁ ବୋଲି ଭାବି କର୍ଜନ ଖୁଦ୍ର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ଗଠନ କରିଥିଲେ । ସେଠାରେ ଜଣେ ଚିଫ୍ କମିଶନର ରହିଲେ । ପ୍ରବଳ ରୁଷୀୟ ଜାତି ତିବବତ ସଙ୍ଗେ ଘନିଷ୍ଠ ସମ୍ପର୍କ ରଖୁଥିଲେ । ଏହି

ସ୍ୱାଧୀନତା ସଙ୍ଗ୍ରାମ ସମୟରେ ଭାରତରେ ଯେଉଁ ଜାତୀୟ ଆନ୍ଦୋଳନ ଥିଲା । ଏହା ଦେଖି କର୍ଜନ ତିବ୍ବତକୁ ଦଳେ ସୈନ୍ୟ ପଠାଇଲେ । ଏହି ସୈନ୍ୟମାନେ ତିବ୍ବତକୁ ଯାଇ ତିବ୍ବତୀୟ-ମାନଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ । ତିବ୍ବତରେ ରୁଷପ୍ରଭାବ ଶେଷ ହେଲା ଏବଂ ଇଂରେଜମାନଙ୍କର ପ୍ରଭାବ ବୃଦ୍ଧି ପାଇଲା ।

**ଲର୍ଡ଼ ମିଣ୍ଟୋ (୧୯୦୫-୧୯୧୦)**—ଲର୍ଡ଼ ମିଣ୍ଟୋ ୧୯୦୫ ଖ୍ରୀଷ୍ଟାବ୍ଦରେ ଭାଇସ୍‌ରୟ ହେଲେ । ଏହାଙ୍କ ସମୟରେ ଭାରତ-ବାସୀମାନଙ୍କୁ ଶାସନ ସମ୍ବନ୍ଧରେ ଅଧିକ କ୍ଷମତା ଦେବାର ବନ୍ଦୋବସ୍ତ ହେଲା । ସେତେବେଳେ ମର୍ଲି ସାହେବ ବିଲାତରେ ଭାରତସଚିବ (Secretary of State for India) ଥିଲେ । ସେ ଓ ମିଣ୍ଟୋ ଦୁହେଁ ମିଳି ଭାରତଶାସନ ସମ୍ବନ୍ଧରେ ଗୋଟିଏ ବ୍ୟବସ୍ଥା ପ୍ରଣୟନ କଲେ । ଏହାକୁ **ମିଣ୍ଟୋ ମର୍ଲି** ଶାସନସଂସ୍କାର କହନ୍ତି । ଏହି ବ୍ୟବସ୍ଥା ପାର୍ଲିମେଣ୍ଟ ମହାସଭା ମଞ୍ଜୁର କରିବା ପରେ ୧୯୦୯ ଖ୍ରୀଷ୍ଟାବ୍ଦରୁ ତାହା ଭାରତରେ ଚଳିଲା । ପ୍ରତି ପ୍ରଦେଶରେ ଗୋଟିଏ ଲେଖାଏଁ ବ୍ୟବସ୍ଥାପକ ସଭା ରହିଲା । ସେଥିରେ ତିନି ପ୍ରକାର ସଭ୍ୟ ରହିଲେ । ସରକାରୀ କର୍ମଚାରୀ-ମାନେ ସରକାରୀ ସଭ୍ୟ ହେଲେ । ଲୋକମାନଙ୍କ ଭିତରୁ ସରକାର କେତେକ ଭଲ ଭଲ ଲୋକ ବାଛି ସଭ୍ୟ ନିଯୁକ୍ତ କଲେ । ଏମାନଙ୍କୁ ମନୋନୀତ ସଭ୍ୟ କୁହାଗଲା । ଦେଶର ଭିନ୍ନ ଭିନ୍ନ ଗୋଷ୍ଠୀ, ସମ୍ପ୍ରଦାୟ, ଜିଲ୍ଲାବୋର୍ଡ଼, ମ୍ୟୁନିସିପାଲିଟି, ବିଶ୍ୱବିଦ୍ୟାଳୟମାନ ନିଜ ଭିତରୁ ବାଛି କେତେକ ସଭ୍ୟ ପଠାଇଲେ । ଏମାନେ ବେସରକାରୀ ସଭ୍ୟ ହେଲେ । ବେସରକାରୀ ସଭ୍ୟ ଅନ୍ୟ ଦୁଇ ଶ୍ରେଣୀର ସଭ୍ୟଠାରୁ ଅଧିକ ରହିଲେ । ବ୍ୟବସ୍ଥାପକ ସଭା ନିଜ ପ୍ରଦେଶ ସକାଶେ ଆଇନ ଗଢ଼ିଲା, ଆୟ-ବ୍ୟୟର ବିବରଣୀ ସମାଲୋଚନା କଲା ଏବଂ ତାହା ଅନୁସାରେ କିପରି ଖର୍ଚ୍ଚ କରାଯାଇ ପାରେ, ସେହି ସମ୍ବନ୍ଧରେ ମତ ଦେଲା ।

ସମଗ୍ର ଭାରତ ସକାଶେ ଭାଇସ୍‌ରୟ୍‌ଙ୍କ ବ୍ୟବସ୍ଥାପକ ସଭା ରହିଲା । ଏହି ସଭା ମଧ୍ୟ ପ୍ରାଦେଶିକ ସଭା ପରି ଗଠିତ ହୋଇଥିଲା ଏବଂ ପ୍ରାଦେଶିକ ସଭା ପରି ସମଗ୍ର ଭାରତ ସକାଶେ ଅଧିକାର ପାଇଥିଲା ।

ସଭାରେ ଯେଉଁ ଆଇନମାନ ମଞ୍ଜୁର ହେବ, ତାହାକୁ କାର୍ଯ୍ୟରେ ପରିଣତ କରିବା ସକାଶେ 'ଏକ ଏକ କାର୍ଯ୍ୟକାରିଣୀ' ସମିତି (Executive Council) ରହିଲା ।

ଏହି ଶାସନସଂସ୍କାର ଅନୁସାରେ ୧୯୨୧ ପର୍ଯ୍ୟନ୍ତ ଭାରତର ଶାସନକାର୍ଯ୍ୟ ଚାଲିଥିଲା ।

୧୯୧୦ ଖ୍ରୀଷ୍ଟାବ୍ଦରେ ମହାମାନ୍ୟ ସମ୍ରାଟ୍ ସପ୍ତମ 'ଏଡ୍‌ୱାର୍ଡ ଦଶ ବର୍ଷ ରାଜତ୍ୱ ପୂର୍ଣ୍ଣ ନ ହେଉଣୁ ଇହ ସଂସାରରୁ ବିଦାୟ ନେଇଥିଲେ । ସେ ବିଶେଷ ଶାନ୍ତିପ୍ରିୟ ଥିଲେ ଏବଂ ସମଗ୍ର ପୃଥିବୀରେ କିପରି ଯୁଦ୍ଧ ନ ହେବ, ଲୋକେ ଶାନ୍ତିରେ ରହିବେ, ସେଥିଲାଗି ବିନିରନ୍ତ ଭାବୁଥିଲେ । ତାଙ୍କ ଅମଳରେ ଯୁଦ୍ଧ ନ ଥିଲା । ସେ ଚେଷ୍ଟା କରି ଶାନ୍ତିସ୍ଥାପନ କରୁଥିଲେ; ତେଣୁ ଲୋକେ ତାଙ୍କୁ **ଶାନ୍ତିସ୍ଥାପକ** ଏଡବାର୍ଡ ବୋଲି କହୁଥିଲେ । ତାଙ୍କ ବିୟୋଗରେ ପୃଥିବୀର ଏକ କ୍ଷତି ହୋଇଥିଲା ଏବଂ ତାଙ୍କ ମୃତ୍ୟୁର ଅଳ୍ପ ଦିନ ପରେ ଏକ ପୃଥିବୀବ୍ୟାପୀ ମହାଯୁଦ୍ଧର ସୂତ୍ରପାତ ହୋଇଥିଲା ।

# ଏକବିଂଶ ଅଧ୍ୟାୟ

## ପଞ୍ଚମ ଜର୍ଜ

ସପ୍ତମ ଏଡ୍‌ୱାର୍ଡଙ୍କ ପୁତ୍ର ପଞ୍ଚମ ଜର୍ଜ ୧୯୧୦ ଖ୍ରୀଷ୍ଟାବ୍ଦରେ ସମ୍ରାଟ୍ ହୋଇଥିଲେ । ଏହିବେଳେ ଭାରତରେ ସ୍ୱଦେଶୀ ଆନ୍ଦୋଳନ ପ୍ରବଳ ହୋଇଥିଲା । ତେଣୁ ଭାରତବାସୀଙ୍କ ମନରେ ଶାନ୍ତି ଆଣିବା ସକାଶେ ସମ୍ରାଟ୍ ପଞ୍ଚମ ଜର୍ଜ ନିଜେ ସସ୍ତ୍ରୀକ ଭାରତକୁ ଆସିଥିଲେ । ୧୯୧୧ ଖ୍ରୀ: ଡିସେମ୍ବର ୧୨ ତାରିଖ ଦିନ ଦିଲ୍ଲୀରେ ଏକ ବଡ଼ ଦରବାର ହୋଇଥିଲା । ସେହି ଦରବାରରେ ଜର୍ଜଙ୍କର ଭାରତରେ ଅଭିଷେକ ମହା ସମାରୋହରେ ସମ୍ପନ୍ନ ହୋଇଥିଲା । ଏଥି ପୂର୍ବେ ବିଲାତର କୌଣସି ରାଜଦମ୍ପତି ଭାରତରେ ଅଭିଷିକ୍ତ ହୋଇ ନ ଥିଲେ । ଏହି ଦିଲ୍ଲୀରେ ସମ୍ରାଟ୍ ଯୁଧିଷ୍ଠିର ଓ ପୃଥ୍ୱୀରାଜ ପୂର୍ବେ ଅଭିଷିକ୍ତ ହୋଇଥିଲେ । ସେହିଠାରେ ସମ୍ରାଟ୍ ପଞ୍ଚମ ଜର୍ଜଙ୍କ ଅଭିଷେକ ଭାରତବାସୀଙ୍କ ମନରେ ସେହି ପୂର୍ବ ଗୌରବ ସ୍ମରଣ କରାଇ ଦେଇଥିଲା ।



ପଞ୍ଚମ ଜର୍ଜ

ସମ୍ରାଟ୍ ମହୋଦୟ ଘୋଷଣା କଲେ ଯେ ସମଗ୍ର ବଙ୍ଗଳା ଗୋଟିଏ ପ୍ରଦେଶ ହେବ। ବିହାର, ଛୋଟନାଗପୁର ଓ ଓଡ଼ିଶା ଗୋଟିଏ ପ୍ରଦେଶ ହେବ। ଆସାମ ଅଲଗା ଗୋଟିଏ ପ୍ରଦେଶ ହେବ। ଭାରତର ରାଜଧାନୀ କଲିକତାରେ ନ ରହି ଦିଲ୍ଲୀକୁ ଉଠାଇ ନିଆଯିବ। ଏହି ଦିଲ୍ଲୀ ଚିରକାଳ ଭାରତର ରାଜଧାନୀ ହୋଇ ଆସିଥିଲା। ସେ ବର୍ତ୍ତମାନ ନିଜ ପୂର୍ବ ଗୌରବ ଫେରି ପାଇଲା। ସମ୍ରାଟ୍ ଏହି ଦରବାର ଦିନ ଭାରତ ଶିକ୍ଷା ବିଭାଗକୁ ୫୦ ଲକ୍ଷ ଟଙ୍କା ଦାନ କରିଥିଲେ।

ଲର୍ଡ ହାର୍ଡିଞ୍ଜ ଏତେବେଳେ ଭାଇସରାୟ ଥିଲେ। ସେ ୧୯୧୦ ଖ୍ରୀ:ରୁ ୧୯୧୬ ଖ୍ରୀ: ପର୍ଯ୍ୟନ୍ତ ସେହି କାର୍ଯ୍ୟ କରିଥିଲେ। ସମ୍ରାଟ ପଞ୍ଚମ ଜର୍ଜଙ୍କ ଇଚ୍ଛା-ଅନୁଯାୟୀ ହାର୍ଡିଞ୍ଜ ପ୍ରାଥମିକ ବିଦ୍ୟାଳୟମାନଙ୍କ ସଂଖ୍ୟା ଦୁଇଗୁଣ କଲେ ଏବଂ ବିଶ୍ୱବିଦ୍ୟାଳୟମାନଙ୍କୁ ଏକକାଳୀନ ୭୫ ଲକ୍ଷ ଏବଂ ବାର୍ଷିକ ତିନି ଲକ୍ଷ ଦାନ କଲେ। ବନାରସ, ପାଟଣା, ମହୀଶୂର, ଢାକା ଓ ରେଙ୍ଗୁନରେ ନୂଆ ବିଶ୍ୱବିଦ୍ୟାଳୟମାନ ବସିଲା।

**ଇଉରୋପ ମହାଯୁଦ୍ଧ**—ଇଉରୋପ ମହାଦେଶରେ ଜର୍ମାନୀ ଗୋଟିଏ ପ୍ରବଳ ରାଜ୍ୟ। ସେହି ରାଜ୍ୟ ଗତ ୫୦ ବର୍ଷ ଧରି ଯୁଦ୍ଧର ଗୋଟିଏ ବଡ଼ ଆୟୋଜନ କରୁଥିଲା ଏବଂ ଯୁଦ୍ଧର ଅବସର ଖୋଜୁଥିଲା। ଏହି ସମୟରେ ଅଷ୍ଟ୍ରିଆ ରାଜ୍ୟର ଭାବୀ ସମ୍ରାଟ ସର୍ବିଆ ଦେଶରେ ନିହତ ହେଲେ। ତେଣୁ ଅଷ୍ଟ୍ରିଆ ଓ ସର୍ବିଆ ମଧ୍ୟରେ ଯୁଦ୍ଧର ଆରମ୍ଭ ହେଲା (୧୯୧୪ ଅଗଷ୍ଟ)। ରୁଷ ସର୍ବିଆକୁ ସାହାଯ୍ୟ କରନ୍ତେ ଜର୍ମାନୀ ଅଷ୍ଟ୍ରିଆକୁ ସାହାଯ୍ୟ କଲା। ଏହାପରେ କ୍ରମରେ ଇଉରୋପ ମହାଦେଶରେ ସବୁ ରାଜ୍ୟ ଯୁଦ୍ଧରେ ଯୋଗ ଦେଲେ। ଗୋଟିଏ ପକ୍ଷରେ ଅଷ୍ଟ୍ରିଆ, ଜର୍ମାନୀ, ବୁଲଗେରିଆ ଓ ତୁରସ୍କ ରହିଲେ। ଅପର ପକ୍ଷରେ ସର୍ବିଆ, ରୁଷ, ଫ୍ରାନ୍ସ, ଇଂଲଣ୍ଡ, ଇଟାଲୀ, ବେଲଜିୟମ, ଚୀନ, ଜାପାନ ପ୍ରଭୃତି

ରହିଲେ । ଶେଷରେ ଆମେରିକା ବ୍ରିଟିଶ ପକ୍ଷରେ ଯୋଗ ଦେଲା । ଆମେରିକା ଯୋଗ ଦିଅନ୍ତେ ବ୍ରିଟିଶ ପକ୍ଷର ବଳ ଅତ୍ୟନ୍ତ ଅଧିକ ହୋଇ ଉଠିଲା । ପ୍ରଥମ ପକ୍ଷ ପରାସ୍ତ ହୋଇ ସନ୍ଧି କଲେ ।

ଯୁଦ୍ଧରେ ଭାରତର ଦଶ ଲକ୍ଷ ଲୋକ ଓ ସୈନ୍ୟ ବିଶେଷ ସାହାଯ୍ୟ କରିଥିଲେ । ଅନେକ ଭାରତବାସୀ ଯୁଦ୍ଧକ୍ଷେତ୍ରରେ ନିହତ ହୋଇଥିଲେ ଏବଂ ଭାରତ କୋଟି କୋଟି ଅର୍ଥ ଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିଥିଲା । ଯୁଦ୍ଧ ଚାରି ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ଆମେରିକା ଯୁଦ୍ଧରେ ପଶିବାରୁ ଜର୍ମାନ ସମ୍ରାଟ୍ କେଶର ବାଧ୍ୟ ହୋଇ ସନ୍ଧି କଲେ (୧୯୧୮) ।

ଏହି ମହାସମର ଫଳରେ ପୃଥିବୀରେ ମହାପରିବର୍ତ୍ତନ ଘଟିଅଛି । ରୁଷ, ଜର୍ମାନୀ, ଅଷ୍ଟ୍ରେଲିଆ, ବାଭେରିଆ ପ୍ରଭୃତିର ସମ୍ରାଟମାନେ ସିଂହାସନରୁ ବିତାଡ଼ିତ ହୋଇଅଛନ୍ତି ।

**ଲର୍ଡ଼ ଚେମସ୍‌ଫୋର୍ଡ**—ହାର୍ଡିଞ୍ଜ ସାହେବ ୧୯୧୬ ଖ୍ରୀ: ଅବ୍ଦରେ ଭାରତ ତ୍ୟାଗ କଲେ । ତାଙ୍କ ପରେ ଲର୍ଡ ଚେମସ୍‌ଫୋର୍ଡ ୧୯୨୦ ଖ୍ରୀ: ପର୍ଯ୍ୟନ୍ତ ଭାଇସ୍‌ରୟ ହେଲେ । ଏହାଙ୍କ ଅମଳରେ ଭାରତରେ ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନସଂସ୍କାର ପ୍ରବର୍ତ୍ତିତ ହୋଇଥିଲା ଏବଂ ମହାତ୍ମା ଗାନ୍ଧି ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ । ସରକାରଙ୍କ ସଙ୍ଗେ ସମ୍ପର୍କ ଛୁଟାଇବା ଅର୍ଥାତ୍ ସରକାରୀ ଚାକିରି ନ କରିବା, ଓକିଲାତି ନ କରିବା, ସରକାରୀ ସ୍କୁଲ କଲେଜରେ ପାଠ ନ ପଢ଼ିବା, ବିଦେଶୀ ଦ୍ରବ୍ୟ ବ୍ୟବହାର ନ କରି ଦେଶୀ ଦ୍ରବ୍ୟ ବ୍ୟବହାର କରିବା, ସରକାରୀ କଚେରୀରେ ମାମଲା ମକଦ୍ଦମା ନ କରି ନିଜ ମଧ୍ୟରେ ଗୋଳମାଳ ତୁଟାଇବା ସକାଶେ ମହାତ୍ମା ଗାନ୍ଧି ଲୋକଙ୍କୁ ଉପଦେଶ ଦେଇଥିଲେ । ଏହାକୁ **ଅସହଯୋଗ ଆନ୍ଦୋଳନ** କହନ୍ତି । ଭାରତରେ ସ୍ୱରାଜ ସ୍ଥାପନ ଏହି ଆନ୍ଦୋଳନର ଉଦ୍ଦେଶ୍ୟ । ଗାନ୍ଧିଙ୍କୁ ଏବଂ ତାଙ୍କର ସହକାରୀମାନଙ୍କୁ ସରକାର ବନ୍ଦୀ କରିଥିଲେ ।

ଭାରତରେ କଂଗ୍ରେସର ପ୍ରଭାବରେ ଲୋକସାଧାରଣଙ୍କ ମଧ୍ୟରେ ଉତ୍ତରୋତ୍ତର ରାଜନୈତିକ ଜାଗରଣ ହେଉଥିଲା । ପ୍ରଜାମାନେ ଭାରତର ଶାସନରେ ଅଧିକ ଅଧିକାର ପାଇବା ସକାଶେ ଦାବୀ କରିବାକୁ ଲାଗିଲେ । ଭାରତସଚିବ ମଣ୍ଟେଗୁ ସାହେବ ସେହି ଦାବୀ ପୂରଣ କରିବା ନିମନ୍ତେ ବିଲାତର ପାର୍ଲିମେଣ୍ଟ ମହାସଭାରେ ଘୋଷଣା କଲେ ଯେ ଭାରତବାସୀଙ୍କୁ କ୍ରମେ ଦାୟିତ୍ୱପୂର୍ଣ୍ଣ ସ୍ୱାୟତ୍ତଶାସନ ଦିଆଯିବ (୧୯୧୭) ।

୧୯୧୮ ଖ୍ରୀଷ୍ଟାବ୍ଦରେ ସେ ଭାରତକୁ ଆସି ବଡ଼ଲାଟଙ୍କ ସଙ୍ଗେ ଗୋଟିଏ ଶାସନଖସଡ଼ା ପ୍ରସ୍ତୁତ କଲେ । ଏହି ଖସଡ଼ା ୧୯୨୧ ଖ୍ରୀଷ୍ଟାବ୍ଦରୁ ଭାରତରେ ପ୍ରଚଳିତ ହେଲା । ପ୍ରତି ପ୍ରଦେଶରେ ଜଣେ ଲେଖାଏଁ ଗଭର୍ଣ୍ଣର ରହିଲେ । ତାଙ୍କ ତଳେ ଗୋଟିଏ ଗୋଟିଏ ବ୍ୟବସ୍ଥାପକ ସଭା (ଲେଜିସ୍ଲେଟିଭ୍ କାଉନ୍‌ସିଲ୍) ଏବଂ ଗୋଟିଏ ଗୋଟିଏ କାର୍ଯ୍ୟକାରିଣୀ ସମିତି (ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍) ରହିଲା । କାର୍ଯ୍ୟକାରିଣୀ ସଭା ହାତରେ ବିଚାରବିଭାଗ, ରାଜସ୍ୱବିଭାଗ, ପୋଲିସ, ଜେଲବିଭାଗ ଆଦି ରହିଲା । ଏହି ବିଭାଗଗୁଡ଼ିକୁ ରକ୍ଷିତବିଭାଗ (ରିଜର୍ଭ ଡିପାର୍ଟମେଣ୍ଟସ୍) କହନ୍ତି । କାଉନ୍‌ସିଲର ଅଧିକାଂଶ ସଭ୍ୟ ନିର୍ବାଚିତ ହେଲେ ଏବଂ ଭୋଟଦ୍ୱାରା ପ୍ରଜାମାନେ ଏହି ନିର୍ବାଚନ କଲେ । ବାକି ଅଳ୍ପ କେତେକ ସଭ୍ୟ ସରକାର ମନୋନୀତ କଲେ । କାଉନ୍‌ସିଲର ସଭ୍ୟମାନଙ୍କ ମଧ୍ୟରୁ ସରକାର କେତେ ଜଣ ମନ୍ତ୍ରୀ ବାଛିଲେ । ସେମାନଙ୍କ ହାତରେ ସ୍ୱାୟତ୍ତଶାସନ (ମ୍ୟୁନିସିପାଲିଟି, ଡିଷ୍ଟ୍ରିକ୍ଟ ବୋର୍ଡ ପ୍ରଭୃତି), ଶିକ୍ଷା, ସ୍ୱାସ୍ଥ୍ୟ ଓ ଅବକାରୀ ବିଭାଗମାନ ରହିଲା । ଏହି ବିଭାଗଗୁଡ଼ିକୁ ହସ୍ତାନ୍ତରିତ ବିଭାଗ (ଟ୍ରାନ୍ସଫର୍ଡ ଡିପାର୍ଟମେଣ୍ଟସ୍) କହନ୍ତି । ବ୍ୟବସ୍ଥାପକ ସଭା ଆଇନ ଗଢ଼ନ୍ତି, ଆୟବ୍ୟୟ ବିଚାର କରନ୍ତି ଏବଂ ଟାକ୍ସ ଧାର୍ଯ୍ୟ କରନ୍ତି ।

ଭାଇସରୟଙ୍କ ତଳେ ସମୁଦାୟ ଭାରତ ସକାଶେ ଗୋଟିଏ ବ୍ୟବସ୍ଥାପକ ସଭା ରହିଲା । ଏହି ସଭା ଦୁଇ ଭାଗରେ ବିଭକ୍ତ—କାଉନ୍‌ସିଲ ଅବ୍ ଷ୍ଟେଟ୍ ଓ ଲେଜିସ୍ଲେଟିଭ ଅସେମ୍ବ୍ଲି । ଏମାନେ ଆଇନ ଗଢ଼ିଲେ। ଆୟବ୍ୟୟ ବିଚାର କଲେ ଓ ଟାକ୍ସ ଧାର୍ଯ୍ୟ କଲେ । ଏକ ନୂତନ ବ୍ୟବସ୍ଥା ଅସେମ୍ବ୍ଲିରେ ପ୍ରଥମେ ପଡ଼େ, ସେଠାରେ ପାସ ହେଲେ କାଉନ୍‌ସିଲ ଅବ ଷ୍ଟେଟକୁ ଯାଏ । ସେଠାରେ ପାସ୍ ହେଲେ ଏବଂ ଭାଇସରୟ ସେଥିରେ ସ୍ୱୀକାର କରି ସ୍ୱାକ୍ଷର କଲେ, ତାହା ଆଇନରେ ପରିଣତ ହୁଏ ।

ବିଲାତରେ ଭାରତସଚିବଙ୍କ ସଭାରେ ତିନି ଜଣରୁ ଅଧିକ ଭାରତୀୟ ସଭ୍ୟ ରହିଲେ । ଭାରତସଚିବ ଏହି ଦିନଠାରୁ ବିଲାତର ରାଜକୋଷରୁ ଦରମା ପାଇଲେ ।

'ଲର୍ଡ଼' ରିଡିଙ୍ଗ୍— (୧୯୨୧-୧୯୨୬) ରିଡ଼ିଙ୍ଗ୍ ମହାତ୍ମା ଗାନ୍ଧୀପ୍ରମୁଖ ନେତା ଓ କର୍ମୀମାନଙ୍କୁ ବନ୍ଦୀ କରି ଅସହଯୋଗ ଆନ୍ଦୋଳନକୁ ଅନେକ ପରିମାଣରେ ଦମନ କରିଥିଲେ । ରାଜଦ୍ରୋହୀ-ମାନଙ୍କୁ ବିନା ବିଚାରରେ ଦଣ୍ଡ ଦିଆଯାଇ ପାରିବା ପାଇଁ ସେ ଗୋଟିଏ ଆଇନ କରିଥିଲେ । ସେ ଭାରତରେ ପ୍ରସ୍ତୁତ କଲ ଲୁଗା ଉପରୁ ଶୁଳ୍କ ଉଠାଇ ଦେଇଥିଲେ; କିନ୍ତୁ ଲବଣକର



ଲର୍ଡ ରିଡ଼ିଙ୍ଗ

ବଢ଼ାଇ ଦେଇଥିଲେ । ଏଥିରେ ଶୃଙ୍ଖଳାର ଉନ୍ନତି ହେଲା । ସେ ଡେରାଡୁନ୍‌ଠାରେ ଗୋଟିଏ ମିଲିଟାରି କଲେଜ (ଯୁଦ୍ଧ ବିଦ୍ୟାଳୟ) ବସାଇଥିଲେ । ସେ ଆଇନ ଦୃଷ୍ଟିରେ କଳା ଗୋରା ପାର୍ଥକ୍ୟ ଉଠାଇ ଦେଇଥିଲେ ।

**ଲର୍ଡ ଇରଭିଇନ୍**—ଲର୍ଡ ରିଡ଼ିଙ୍ଗ୍‌ଙ୍କ ପରେ ଲର୍ଡ ଇରଭିଇନ୍ ୧୯୨୬ ଖ୍ରୀ: ଏପ୍ରିଲରେ ଭାରତର ଭାଇସ୍‌ରୟ ହେଲେ । ତାଙ୍କ ଆସିବାର ଅଳ୍ପଦିନ ପରେ କଲିକତାରେ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ଘୋର ବିବାଦ ଜାତ ହେଲା ଏବଂ ହଣାକଟା ଚାଲିଲା । ଏହି ବୈରଭାବ ଏପର୍ଯ୍ୟନ୍ତ ଦୂର ହୋଇ ନାହିଁ । ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଏ ଭାବ ଦୂର ନ ହେଲେ ଭାରତର ଉନ୍ନତି ହେବା କଠିନ ଅଟେ ।

ଭାରତରେ ପ୍ରବର୍ତ୍ତିତ ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନସଂସ୍କାର କେତେଦୂର କାର୍ଯ୍ୟକାରୀ ହୋଇଅଛି ଏବଂ ଶାସନ ବିଷୟରେ ଭାରତ ଅଧିବାସୀ ଅଧିକ କ୍ଷମତା ପାଇବାର ଯୋଗ୍ୟ କି ନା ସେ ବିଷୟ ତଦନ୍ତ କରିବା ନିମନ୍ତେ ବିଲାତର ପାର୍ଲିଆମେଣ୍ଟ ମହାସଭା ୧୯୨୮ ଖ୍ରୀଷ୍ଟାବ୍ଦରେ ଏକ ସମିତି ପଠାଇଥିଲେ । ଏଥିରେ ସାତଜଣ ସଭ୍ୟ ଥିଲେ । ସାଇମନ ବୋଲି ଜଣେ ସାହେବ ତହିଁର ପ୍ରଧାନ ସଭ୍ୟ ବା ସଭାପତି ଥିଲେ । ତାଙ୍କ ନାମ ଅନୁସାରେ ସମିତିର ନାମ **ସାଇମନ କମିଶନ** ହୋଇଥିଲା । ଏହି କମିଶନ ତଦନ୍ତ କରି ସାରି ପାର୍ଲିଆମେଣ୍ଟ ମହାସଭାରେ ଏକ ରିପୋର୍ଟ ଅଗତ କରିଥିଲେ ।

ଲର୍ଡ ଇରଭିଇନଙ୍କ ଶାସନକାଳରେ ମହାତ୍ମା ଗାନ୍ଧି ଏକ ପ୍ରବଳ ଜାତୀୟ ଅନ୍ଦୋଳନ ଆରମ୍ଭ କରିଥିଲେ । ସରକାରଙ୍କ ସଙ୍ଗେ ପୂର୍ଣ୍ଣ ଅସହଯୋଗ କରିବାକୁ ଗାନ୍ଧି ସ୍ଥିର କଲେ । ଲୋକେ ଦଳଦଳ ହୋଇ ଆଇନ ଅମାନ୍ୟ କରି ଜେଲକୁ ଗଲେ । ଅନେକ ଦିନରୁ ଭାରତ ସରକାର ଲୁଣ ମାରିବା ଅଧିକାର ନିଜ ହାତରେ ରଖିଛନ୍ତି । କେବଳ

ସାଧାରଣ ଲୋକ ଲୁଣ ମାରି ପାରନ୍ତି ନାହିଁ । ଯଦି କେହି ଲୁଣ ମାରେ, ସେ ଆଇନ ଅନୁସାରେ ଦଣ୍ଡିତ ହୁଏ । ଗାନ୍ଧି ଜୀ ଲୁଣ ମାରିଲେ, ତାଙ୍କ ସଙ୍ଗେ ଅନ୍ୟ ହଜାର ହଜାର ଲୋକ ମଧ୍ୟ ଲୁଣ ମାରିଲେ, ଫଳରେ ବହୁତ ଲୋକ ଜେଲଦଣ୍ଡ ପାଇଲେ, ଜରିମାନା ଦେଲେ ।



ଲର୍ଡ ଇରଉଇନ

ଶେଷରେ ଲର୍ଡ ଇରଉଇନ୍ ୧୯୩୧ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ଗାନ୍ଧିଙ୍କ ସଙ୍ଗେ ଏକ ସନ୍ଧି କଲେ । ଏହି ସନ୍ଧିକୁ ଗାନ୍ଧି-ଇରଉଇନ୍ ସନ୍ଧି କହନ୍ତି । ସନ୍ଧିରେ ସ୍ଥିର ହେଲା ଯେ, ଆଇନ ଅମାନ୍ୟ ଆନ୍ଦୋଳନ ବନ୍ଦ ହେବ ଏବଂ ଭାରତର ଶାସନରେ କି ପରିବର୍ତ୍ତନ କରାଯିବ ସେ ବିଷୟ ବିଚାର କରିବା ପାଇଁ ବିଲାତରେ ଏକ ଗୋଲଟେବୁଲ ବୈଠକ ବସିବ । ଏହି ବୈଠକରେ ମହାତ୍ମା ଗାନ୍ଧି ଜୀ ଯୋଗ ଦେବେ ।

ଗାନ୍ଧି-ଇରଉଇନ ସନ୍ଧି ଅନୁସାରେ ଆଇନ ଅମାନ୍ୟ ବନ୍ଦ ହେଲା । ମହାତ୍ମା ଗାନ୍ଧି ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ବିଲାତ ଗଲେ । କିନ୍ତୁ ସେହି ବୈଠକରେ ଭାରତର ଶାସନବ୍ୟବସ୍ଥା ସମ୍ବନ୍ଧରେ ବିଲାତରେ କୌଣସି ନିଷ୍ପତ୍ତି ନ କରି ଭାରତରେ ସେ ନିଷ୍ପତ୍ତି କରିବା ସ୍ଥିର ହେଲା । ମହାତ୍ମା ଗାନ୍ଧି ୧୯୩୧ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସରେ ଭାରତକୁ ଫେରି ଆସିଲେ । ଏହାଙ୍କ ଅମଳରେ ଭାରତ ଓ ବିଲାତ ମଧ୍ୟରେ ଉଡ଼ା ଜାହାଜରେ ଡାକ ଦିଆ ଆସିବା ହେଲା ।

**ଲର୍ଡ ଉଇଲିଙ୍ଗଡନ**—ଲର୍ଡ଼ ଇରଉଇନ ୧୯୩୧ ଖ୍ରୀଷ୍ଟାବ୍ଦରେ ଭାରତ ତ୍ୟାଗ କଲେ । ତାଙ୍କ ପରେ ଲର୍ଡ଼ ଉଇଲିଙ୍ଗଡନ୍ ଭାରତର ଭାଇସରୟ ହେଲେ । ସେ ଏହା ପୂର୍ବେ ବୋମ୍ବେଇ ଓ ମାନ୍ଦ୍ରାଜର ଗଭର୍ଣ୍ଣର ଥିଲେ । ତାଙ୍କ ଅମଳରେ ବିଲାତର ଦ୍ୱିତୀୟ ଗୋଲଟେବୁଲ ବୈଠକର ନିଷ୍ପତ୍ତି ଅନୁଯାରେ ସେହି ବୈଠକ ଭାରତରେ ପୁଣି ବସିଲା । ସେଥିରେ ଏକ ଖସଡ଼ା ପ୍ରସ୍ତୁତ ହେଲା, ସେହି ଖସଡ଼ାକୁ **ହ୍ୱାଇଟପେପର** ବା ଧଳା କାଗଜ କହନ୍ତି । ଏହି ଖସଡ଼ା ବିଲାତର ପାର୍ଲିଅମେଣ୍ଟ ମହାସଭାରେ ପଡ଼ିଲା । ପଚିଶ ବର୍ଷ ହେଲା ଭାରତୀୟମାନେ ଯେଉଁ ଶାସନ ଅଧିକାର ପାଇଁ ଲଢୁଥିଲେ, ଏହି ଶାସନ ଆଇନରେ ତାହା ଅଂଶିକ-ଭାବେ ପୂର୍ଣ୍ଣ ହୋଇଅଛି । ଏହି ଧଳା କାଗଜ ଅନୁସାରେ ଓଡ଼ିଶା ଓ ସିନ୍ଧୁ ଦୁଇଟି ପୃଥକ୍ ପ୍ରଦେଶ ହେଲା ।

ଓଡ଼ିଆମାନେ ଅନେକ ଦିନ ହେଲା ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଗୋଟିଏ ପ୍ରଦେଶରେ ରଖିବା ପାଇଁ ପ୍ରାର୍ଥନା କରି ଆସୁଥିଲେ । ସରକାର ସେମାନଙ୍କର ପ୍ରାର୍ଥନା ଏବେ ଶୁଣିଛନ୍ତି । ଭିନ୍ନ ଭିନ୍ନ ପ୍ରଦେଶରେ ଥିବା ଓଡ଼ିଆମାନଙ୍କଠାରୁ ମତ ସଂଗ୍ରହ କରିବା ସକାଶେ ସରକାର ୧୯୨୪ ଖ୍ରୀଷ୍ଟାବ୍ଦରେ ଫିଲିପ୍ ସାହେବ ଓ ଡଫ ସାହେବଙ୍କୁ ନେଇ ଏକ କମିଟି ନିଯୁକ୍ତ କରିଥିଲେ । ଏହି କମିଟିକୁ **ଫିଲିପ-ଡଫ କମିଟି** କହନ୍ତି । ସେମାନେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ନେଇ ଗୋଟିଏ ଉପପ୍ରଦେଶ କରିବା ପାଇଁ ମତ ଦେଲେ । ସରକାର ତାହା ଗ୍ରହଣ କରି ଓଡ଼ିଶାର ସୀମାନିରୂପଣ କରିବା ସକାଶେ ଗୋଟିଏ ବାଉଣ୍ଡରି କମିଶନ ବା ସୀମାନିରୂପଣ ସମିତି ନିଯୋଗ କଲେ । ଏହି ସମିତି ଓଡ଼ିଶାର ମଫସଲ ବୁଲି ସୀମାନିରୂପଣ କଲେ । ସେମାନଙ୍କର ରିପୋର୍ଟ ହ୍ୱାଇଟ ପେପର ବା ଧଳା କାଗଜ ସଙ୍ଗେ ବିଲାତର ପାର୍ଲିଅମେଣ୍ଟ ସଭାରେ ମଞ୍ଜୁର ହେଲା ଏବଂ ଓଡ଼ିଶା ଏକ ପୃଥକ୍ ପ୍ରଦେଶ ହେଲା ।


୧୮୭୫ ରେ ଭାରତ
ତିବ୍ବତ
ନେପାଳ
ଆସାମ
ଆରବ ସାଗର
ବଙ୍ଗୋପ ସାଗର
ନିଜାମ ରାଜ୍ୟ
ଭାରତ ମହାସାଗର
ସିଂହଳ

ମାନ୍ଦ୍ରାଜରୁ ଗଞ୍ଜାମ ଓ କୋରାପୁଟ, ମଧ୍ୟପ୍ରଦେଶରୁ ଖଡ଼ିଆଳ ଓ ପଦ୍ମପୁର ଆସି ଓଡ଼ିଶାରେ ୧୯୩୬ ଖ୍ରୀ:ରେ ମିଶିଲା । କିନ୍ତୁ ଓଡ଼ିଶା ପୂର୍ବେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଓଡ଼ିଶାର ଅନ୍ତର ଅନେକ ଅଂଶ ଏବେ ସୁଦ୍ଧା ଓଡ଼ିଶା ବାହାରେ ପଡ଼ି ରହିଅଛି । ସିଂହଭୂମ ଓ ଧଳଭୂମ ବିହାରରେ; ମେଦିନୀପୁର ବଙ୍ଗଳାରେ; ବସ୍ତର, ଫୁଲଝର, ଚନ୍ଦ୍ରା-ନୂଆଗଡ଼, ଦେବଭୋଗ, ଚନ୍ଦ୍ରପୁର ମଧ୍ୟପ୍ରଦେଶରେ; ପାରଳା, ତରଳା, ଟେକାଲି, ମଞ୍ଜୁଷା, ବଣାଖାପାଟଣା ପ୍ରଭୃତି ମାନ୍ଦ୍ରାଜରେ ଏପର୍ଯ୍ୟନ୍ତ ପଡ଼ି ରହିଅଛି । ଏ ସ୍ଥାନ ସବୁର ଲୋକେ ଘରେ ଓଡ଼ିଆ କଥା କହନ୍ତି; କିନ୍ତୁ ସ୍କୁଲ କଚେରୀରେ ବାଧ୍ୟ ହୋଇ ଅନ୍ୟ ଭାଷା ବ୍ୟବହାର କରନ୍ତି ।

୧୯୩୫ ଖ୍ରୀଷ୍ଟାବ୍ଦ ମଇ ମାସରେ ସମ୍ରାଟ୍ ପଞ୍ଚମ ଜର୍ଜଙ୍କ ୨୫ ବର୍ଷ ରାଜତ୍ୱ ପୂର୍ଣ୍ଣ ହେବାରୁ ସମଗ୍ର ବ୍ରିଟିଶସାମ୍ରାଜ୍ୟରେ **ରୌପ୍ୟଜୁବିଲୀ** ଉତ୍ସବ ପାଳିତ ହୋଇଥିଲା । ଦୁଃଖର କଥା, ରୌପ୍ୟଜୁବିଲି ପରେ ଛଅ ମାସ ନ ପାଉଣୁ ସମ୍ରାଟ ପଞ୍ଚମ ଜର୍ଜ ୧୯୩୬ ଖ୍ରୀ:ଅ: ଜାନୁଆରୀ ମାସରେ ଇହଧାମ ତ୍ୟାଗ କଲେ । ତାଙ୍କ ପରେ ତାଙ୍କ ବଡ଼ ପୁଅ ଅଷ୍ଟମ ଏଡ଼ିୱାର୍ଡ଼ ସମ୍ରାଟ ହେଲେ, କିନ୍ତୁ କେତେକ କାରଣବଶତଃ ସେ ସିଂହାସନ ତ୍ୟାଗ କରିବାରୁ ପଞ୍ଚମଜର୍ଜଙ୍କ ଦ୍ୱିତୀୟ ପୁତ୍ର ଷଷ୍ଠ ଜର୍ଜ ୧୯୩୬ ଖ୍ରୀଷ୍ଟାବ୍ଦ ଡିସେମ୍ବରରୁ ବର୍ତ୍ତମାନ ଆମ୍ଭମାନଙ୍କର ସମ୍ରାଟ୍ ଅଛନ୍ତି ।

ସମ୍ରାଟ୍ ଷଷ୍ଠ ଜର୍ଜ ସିଂହାସନରେ ବସିବା ପୂର୍ବରୁ ଲର୍ଡ଼ ଲିନଲିଥଗୋ ଭାରତର ଭାଇସରୟ ହୋଇ ଆସିଅଛନ୍ତି ।

# ବର୍ତ୍ତମାନ ଶାସନ ଅବସ୍ଥା

୧୯୩୭ ଖ୍ରୀଃଅଃ ଏପ୍ରିଲରେ ଧଳା କାଗଜ ଶାସନସଂସ୍କାର ଭାରତରେ କାର୍ଯ୍ୟକାରୀ ହେଲା । ଏହି ନୂଆ ଆଇନ ଅନୁସାରେ ଭାରତର ଅଧିକ-ସଂଖ୍ୟକ ପୁରୁଷ ଏବଂ କେତେକ ସ୍ତ୍ରୀମାନେ ମଧ୍ୟ ଭୋଟ ଦେବା ଅଧିକାର ପାଇଲେ । ନୂତନ ଶାସନସଂସ୍କାର ଅନୁସାରେ ପ୍ରତି ପ୍ରଦେଶ କେନ୍ଦ୍ର ସରକାରଙ୍କଠାରୁ ସ୍ୱତନ୍ତ୍ରତା ଲାଭ କରିଅଛି । ପ୍ରତି ପ୍ରଦେଶରେ ଗୋଟିଏ ଗୋଟିଏ ବ୍ୟବସ୍ଥାପକ ସଭା ରହିଅଛି । ଏହାକୁ ପ୍ରାଦେଶିକ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି କହନ୍ତି । ଗଭର୍ଣ୍ଣର ଏଥିରେ ସଭାପତି ହୁଅନ୍ତି ନାହିଁ । ପ୍ରତି ପ୍ରଦେଶ ନିଜ ସକାଶେ ଆଇନ ଗଢ଼େ, ଆୟବ୍ୟୟ ବିଚାର କରେ ଏବଂ କର ଧାର୍ଯ୍ୟ କରେ । ସଂଖ୍ୟା ଅଧିକ ଦଳ ସଭାର ମନ୍ତ୍ରୀ କାର୍ଯ୍ୟ କରନ୍ତି । ବର୍ତ୍ତମାନ ଓଡ଼ିଶାରେ କଂଗ୍ରେସ ଦଳର ସଂଖ୍ୟା ଅଧିକ ଥିବାରୁ ସେହି ଦଳର ତିନି ଜଣ ମନ୍ତ୍ରୀ, ଓଡ଼ିଶା ବ୍ୟବସ୍ଥାପକ ସଭାରେ ଅଛନ୍ତି ।

ଭାଇସରାୟଙ୍କ ତଳେ ଗୋଟିଏ ବ୍ୟବସ୍ଥାପକ ସଭା (ଫେଡେରେଲ୍ ଲେଜିସ୍ଲେଚର୍) ରହିଲା । ଏହି ସଭା ଦୁଇ ଭାଗରେ ବିଭକ୍ତ—ଉଚ୍ଚ ସଭା (ଅପର୍ ହାଉସ୍) ଓ ନିମ୍ନ ସଭା (ଲୋଅର ହାଉସ୍) । ସଭାରେ ଯେଉଁ ଶ୍ରେଣୀ ବା ଦଳର ସଭ୍ୟ ସଂଖ୍ୟାରେ ଅଧିକ ଥିବେ, ଭାଇସରାୟ ସେମାନଙ୍କ ମଧ୍ୟରୁ ବାଛି ଗୋଟିଏ ମନ୍ତ୍ରୀସଭା ଗଠନ କରିବେ । ମନ୍ତ୍ରୀମାନେ ସଭାର ପ୍ରସ୍ତାବ ବୁଝି ଶାସନ କାର୍ଯ୍ୟ ଚଳାଇବେ । ବ୍ୟବସ୍ଥାପକ ସଭାରେ ଭାଇସ୍‌ରାୟ ଉପସ୍ଥିତ ରହିବେ ନାହିଁ । ତେବେ ସେ ଇଚ୍ଛା କଲେ, କେବେ କେବେ ଉପସ୍ଥିତ ରହିପାରନ୍ତି । ଏଥିରୁ ବୁଝାପଡ଼େ, ମନ୍ତ୍ରୀମାନେ ନିଜ ଦାୟିତ୍ୱରେ କାର୍ଯ୍ୟ କରିବେ । ସେମାନଙ୍କ କାର୍ଯ୍ୟ ପ୍ରଜାମାନଙ୍କ ମନକୁ ନ ଆସିଲେ, ବ୍ୟବସ୍ଥାପକ ସଭା ସେମାନଙ୍କୁ ମନ୍ତ୍ରୀପଦରୁ କାଢ଼ି-

ଦେବେ । ବ୍ୟବସ୍ଥାପକ ସଭାରେ ନିଷ୍ପତ୍ତି ହୋଇଥିବା ବ୍ୟବସ୍ଥା ଭାଇସରୟଙ୍କ ନିକଟକୁ ସ୍ୱାକ୍ଷର ନିମନ୍ତେ ଯାଏ । କୌଣସି ବ୍ୟବସ୍ଥା ସାଧାରଣ ସ୍ୱାର୍ଥର ବିରୋଧୀ ହେଲେ, ଭାଇସରୟ ତାହା ନିଜର ଅତିରିକ୍ତ କ୍ଷମତା (ଭେଟୋ ପାୱାର) ବଳରେ ଅଗ୍ରାହ୍ୟ କରି ପାରନ୍ତି ।

ସମୁଦାୟ ଭାରତ ସକାଶେ ଗୋଟିଏ ଯୁକ୍ତସଙ୍ଘ ସ୍ଥାପିତ ହେବାର କଥା, କିନ୍ତୁ ଏହା ଏଯାଏଁ ସ୍ଥାପିତ ହୋଇ ନ ଥିବାରୁ ଶୀଘ୍ର ସ୍ଥାପିତ ହେବାର ଯତ୍ନ ଚାଲିଅଛି ।



ସାର୍ ଜନ୍ ଅଷ୍ଟିନ୍ ହବ ଡ୍

ବର୍ତ୍ତମାନ ବୋମ୍ବେଇ, ମାନ୍ଦ୍ରାଜ, ଯୁକ୍ତପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଓ ଓଡ଼ିଶା ଛଅଟି ପ୍ରଦେଶରେ କଂଗ୍ରେସ ଦଳ ବ୍ୟବସ୍ଥାପକ ସଭାରେ ଅଧିକ ସଂଖ୍ୟାରେ ଅଛନ୍ତି ଏବଂ ସେହି ପ୍ରଦେଶମାନଙ୍କରେ କଂଗ୍ରେସ ମନ୍ତ୍ରିପରିଷଦ୍ ଗଠିତ ହୋଇଅଛି । ଶ୍ରୀଯୁକ୍ତ ଜବାହରଲାଲ ନେହେରୁ ପ୍ରମୁଖ ଭାରତୀୟ ଜାତୀୟ କଂଗ୍ରେସର ପ୍ରଧାନ ନେତାରୂପେ ଏହି ମନ୍ତ୍ରୀମାନଙ୍କୁ ଶାସନ ସମ୍ବନ୍ଧରେ ଉପଦେଶ ଦେଉଛନ୍ତି ଏବଂ ପ୍ରଦେଶମାନଙ୍କ ମଧ୍ୟରେ ଶାସନରେ ସାମ୍ୟ ରଖିବା ନିମନ୍ତେ ଚେଷ୍ଟା କରୁଅଛନ୍ତି ।

କଂଗ୍ରେସ ଦଳର ଲୋକେ ଶିକ୍ଷା ସମ୍ବନ୍ଧରେ ବିଶେଷ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଅଛନ୍ତି । ସ୍କୁଲମାନଙ୍କରେ କିସ ପାଠ୍ୟ ହେବ, ତାହା ବିଚାର କରିବା ନିମନ୍ତେ ଅଳ୍ପ ଦିନ ତଳେ ୱାର୍ଦ୍ଧାରେ ଏକ କମିଟି ବସିଥିଲା । ସେହି କମିଟିର ରିପୋର୍ଟ ଏବେ ବାହାରିଅଛି । ବିଭିନ୍ନ ସରକାର ରିପୋର୍ଟକୁ ବିଚାର କରିବେ ଏବଂ ତଦନୁସାରେ ନିଜ ନିଜ ପ୍ରଦେଶର ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବେ ।

ବିଭିନ୍ନ ପ୍ରଦେଶର କଂଗ୍ରେସ ସରକାରମାନେ ପ୍ରଜାମାନଙ୍କର ଉପକାର କରିବା ନିମନ୍ତେ ବିଶେଷ ଉଦ୍ୟମ କରୁଅଛନ୍ତି ।

ବର୍ତ୍ତମାନ ମାନ୍ୟବର ସର ଜନ ଅଷ୍ଟିନ ହବାକ ସାହେବ ମହୋଦୟ ଆମ୍ଭମାନଙ୍କର ଗଭର୍ଣ୍ଣର । ସେ ଏଥିପୂର୍ବେ ଓଡ଼ିଶାର କମିଶନର ଥିଲେ ଏବଂ ଓଡ଼ିଶା ଦେଶମିଶ୍ରଣ ସମ୍ପର୍କରେ ତଦାରଖ କମିଟିର ସଭାପତି ଥିଲେ । ତେଣୁ ଓଡ଼ିଆ ଜାତିଙ୍କୁ ଭଲରୂପେ ଜାଣିବାକୁ ସୁବିଧା ପାଇଥିଲେ । ସେ ଓଡ଼ିଆମାନଙ୍କୁ ସ୍ନେହ ଓ ଶ୍ରଦ୍ଧା କରନ୍ତି । ତାଙ୍କଦ୍ୱାରା ପରିତ୍ୟକ୍ତ ଓଡ଼ିଆ ଅଞ୍ଚଳମାନ ଓଡ଼ିଶାରେ ମିଶିବ ବୋଲି ଆଶା କରାଯାଏ ।

ବର୍ତ୍ତମାନ ଲର୍ଡ଼ ଲିନ୍‌ଲିଥ୍‌ଗୋ ସାହେବ ଆମ୍ଭମାନଙ୍କ ଭାଇସରୟ୍‌ । ସେ ଏଥିପୂର୍ବେ ଭାରତୀୟ କୃଷିକମିଶନ ନାମକ ସମିତିର ସଭାପତି ଥିଲେ ।

ସେ ଭାରତର ଦରିଦ୍ର କୃଷକ ପ୍ରତି ବିଶେଷ ଦୟା ଓ ସହାନୁଭୂତି ପ୍ରକାଶ କରନ୍ତି । କୃଷକର ଉନ୍ନତି ସକାଶେ ସେ କୃଷି ଓ ଗୋପାଳନର ବିଶେଷ ଉନ୍ନତି କରିବାକୁ ଚାହାନ୍ତି । ଭଲ ଜାତି ଗାଈ ବଳଦମାନେ ପାଳନ କରିବାକୁ ସେ ଲୋକମାନଙ୍କୁ ବାରମ୍ବାର ଉପଦେଶ ଦେଉଅଛନ୍ତି । ଭାରତ କୃଷିପ୍ରଧାନ ଦେଶ । ସେଠାରେ କୃଷି ଓ ଗୋପାଳନର ଉନ୍ନତି ବିଶେଷ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ ।



ଲର୍ଡ଼ ଲିନ୍‌ଲିଥ୍‌ଗୋ



ବର୍ତ୍ତମାନ ଷଷ୍ଠ ଜର୍ଜ ଆମ୍ଭମାନଙ୍କର ସମ୍ରାଟ୍ । ତାଙ୍କର ଅଭିଷେକ ଉତ୍ସବ ୧୯୩୭ ଖ୍ରୀଷ୍ଟାବ୍ଦ ମଇ-ମାସରେ ସାମ୍ରାଜ୍ୟର ବୃଦ୍ଧିଅର୍ଥେ ପାଳିତ ହୋଇଥିଲା । ଏହାଙ୍କ ଶାସନ କାଳରେ ସାମ୍ରାଜ୍ୟରେ ଅଖଣ୍ଡ ଶାନ୍ତି ପ୍ରତିଷ୍ଠିତ ହେଉ ।

ଷଷ୍ଠ ଜର୍ଜ

## ଅନୁଶୀଳନୀ

୧ । ନିମ୍ନଲିଖିତ ଉକ୍ତି ମଧ୍ୟରୁ ଯେଉଁଟା ତୁମ୍ଭକୁ ଅଧିକ ସମୀଚୀନ ଜଣାଯାଏ, ତାହା ତଳେ ଗାର ଦିଅ :—

(କ) ରିପନ ସ୍ୱତଃପ୍ରବୃତ୍ତ ହୋଇ ସ୍ଥାନୀୟ ସ୍ୱାୟତ୍ତଶାସନ ଦେଇଥିଲେ ।

ରିପନ ଭାରତର କଂଗ୍ରେସ ଆକାଂକ୍ଷା ପୂରଣ କରିବା ସକାଶେ ସ୍ଥାନୀୟ ସ୍ୱାୟତ୍ତଶାସନ ଦେଇଥିଲେ ।

ରିପନ ମନେ କରିଥିଲେ, ସ୍ଥାନୀୟ ସ୍ୱାୟତ୍ତଶାସନ ପାଇଲେ ଭାରତବାସୀ ଆନ୍ଦୋଳନ ବନ୍ଦ କରିବେ ।

(ଖ) ଭାରତବାସୀ ସ୍ୱାୟତ୍ତଶାସନ ଦାବୀ କରିବାରୁ "ହଣ୍ଟର କମିସନ" ବସିଥିଲା ।

ପ୍ରାଥମିକ ଶିକ୍ଷାର ପ୍ରସାର, ଅନୁନ୍ନତ ଶ୍ରେଣୀମାନଙ୍କୁ ଶିକ୍ଷିତ କରିବା ଏବଂ ଦେଶୀୟ ଯତ୍ନରେ ପ୍ରତିଷ୍ଠିତ ସ୍କୁଲମାନଙ୍କୁ ସାହାଯ୍ୟ ଦେବାର ବ୍ୟବସ୍ଥା କରିବା ସକାଶେ ହଣ୍ଟର କମିସନ ବସିଥିଲା ।

୨ । ନିମ୍ନଲିଖିତ ଉକ୍ତିପୁଞ୍ଜ ମଧ୍ୟରୁ କାର୍ଯ୍ୟକାରଣ ନିର୍ଦ୍ଦେଶ କର :—

(କ) ବଙ୍ଗବିଚ୍ଛେଦ, ବନ୍ଦେ ମାତରଂ ଆନ୍ଦୋଳନ ।

(ଖ) ବିହାର ଓଡ଼ିଶା ପ୍ରଦେଶ ଗଠନ, ବନ୍ଦେ ମାତରଂ ଆନ୍ଦୋଳନ ।

(ଗ) କଲିକତାରୁ ଦିଲ୍ଲୀକୁ ରାଜଧାନୀ ପରିବର୍ତ୍ତନ, ବଙ୍ଗଳାରେ ରାଜଦ୍ରୋହୀ ଦଳର ସୃଷ୍ଟି ।

(ଘ) ମଣ୍ଟେଗୁ-ଚେମସ୍‌ଫୋର୍ଡ ସଂସ୍କାର, ଅସହଯୋଗ ଆନ୍ଦୋଳନ, ଜାଲିଆନାବାଲା କାଣ୍ଡ ।

(ଙ) ସାଇମନ କମିସନ, କଲାପତାକା ।

(ଚ) ଗାନ୍ଧି ଇରଉଇନ ସନ୍ଧି, ବେଆଇନ ଲୁଣମରା ।

(ଛ) ଗୋଲଟେବଲ ବୈଠକ, ସାଇମନ ରିପୋର୍ଟ ।

(ଜ) ଓଡ଼ିଶା ଦେଶମିଶ୍ରଣ ଆନ୍ଦୋଳନ, ଫିଲପ୍ ଡଫ୍ କମିଟି ।

(ଝ) ସାଇମନ ରିପୋର୍ଟ, ଓଡ଼ିଶା ପ୍ରଦେଶ ।

୩ । ବର୍ତ୍ତମାନ ଭାଇସରୟ, ଓଡ଼ିଶା ଗଭର୍ଣ୍ଣର, ଭାରତସଚିବ, ଭାରତ ସମ୍ରାଟ୍, ତୁମ ଜିଲ୍ଲା ମାଜିଷ୍ଟ୍ରେଟ କିଏ ? ସେମାନଙ୍କ ନାମ ଲେଖ ।

---

Printed by P. Kar, U. S. Press, Cuttack 28-12-39, 2000